ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ ୨୦୧୮ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଗଳ୍ପସ୍ପର୍ଧା ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସଂପାଦକ, ଆହ୍ୱାନ ଇ-ପତ୍ରିକା

Download Magazine from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ରଜ ପର୍ବ ସମସ୍ତ ଓଡ଼ିଆଙ୍କ ହୃଦୟରେ ବିଶେଷ ସ୍ଥାନ ଅକ୍ତିଆର କରେ । ଏହି ପର୍ବ ସହ ଅନେକ ରୀତିନୀତି ସଂଶ୍ଳିଷ୍ଟ ଏବଂ ସେଥିମଧ୍ୟରୁ ଗୋଟିଏ ହେଉଛି ପୋଡ଼ପିଠା । ଗ୍ରୀଷ୍ମର ନିଦାଘର ଅନ୍ତେ ବର୍ଷାର ଆଗମନରେ ସମସ୍ତ ଓଡ଼ିଆ ପରିବାରରେ ପୋଡ଼ପିଠା ହୋଇଥାଏ । ଏହି ସଂସ୍କରଣର ପ୍ରଚ୍ଛଦରେ ପୋଡ଼ପିଠା ସ୍ଥାନ ପାଇଛି ।

Download Magazine from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ୧୦ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ |


## ଗଳ୍ପ ବିଭାଗ


| | | |
|---|---|---|
| ରଜପାଗ | ୨୧ | ସୁଲଗ୍ନା ମହାନ୍ତି |
| ସୁନେଲୀ ସିଂହ (ଜୁନ୍ ୧୮) | ୩୦ | ଅଶୋକ ବିଶ୍ୱାଳ |
| ସମୟର ଅନ୍ତରାଳେ | ୩୭ | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ |
| ନିଶିଦ୍ଧ ଇଲାକା | ୪୨ | ଅନସୂୟା ପଣ୍ଡା |
| ଦେବୀ ଉଗ୍ରଚଣ୍ଡୀ ଉବାଚ | ୪୯ | ଗୁପ୍ତେଶ୍ୱର ମହାପାତ୍ର |
| ଭୁବନେଶ୍ୱରର ଅଟୋଚାଳିକା | ୫୪ | ରାଧାକାନ୍ତ ଦାସ |
| ଅଜାତଶତ୍ରୁ | ୬୦ | ଜ୍ୟୋତିରଞ୍ଜନ୍ ସାହୁ |
| ରଜ ଦଉଡ଼ି | ୬୭ | ଅନିରୁଦ୍ଧ ସାମନ୍ତରା |
| ଯନ୍ତ୍ରଣା ଜୁଇର ଶ୍ରାବଣୀ | ୭୦ | ଅରୁଣ କୁମାର ପାତ୍ର |
| ଖାଣ୍ଟି ମଣିଷ | ୮୪ | ରାଜଲକ୍ଷ୍ମୀ ସାଗଲ |
| ବିଶ୍ୱାସରେ ବିଷ | ୮୯ | ମଧୁସ୍ମିତା ପଟ୍ଟନାୟକ |
| ରାଜାର ରାଣୀ | ୯୩ | ବିନୟ ମହାପାତ୍ର |
| ସ୍ୱପ୍ନ | ୯୫ | ଅନିଲ୍ ସାହୁ |
| ପ୍ରେମିକା ନୁହେଁ ସେ ବନ୍ଧୁ ନାୟିକା | ୯୯ | କ୍ଷମାନିଧି ସାହୁ |

Download Magazine from www.aahwaan.com


| | | |
|---|---|---|
| ସାଥି | ୧୦୧ | ସୁବଳ ମହାପାତ୍ର |
| ଅର୍ଦ୍ଧାଙ୍ଗିନୀ | ୧୦୭ | ସୀମାରେଖା |
| ସଂସ୍କାର | ୧୦୮ | ସସ୍ମିତା ମହାନ୍ତି |
| ବୁଦ୍ଧିର ଅପବ୍ୟବହାର | ୧୧୨ | ସତିଶ ଚନ୍ଦ୍ର ସିଂହ |
| ଗୃହଲକ୍ଷ୍ମୀ | ୧୧୫ | ପରମିତା ମିଶ୍ର |
| ଅନ୍ଧାର ଗଳିର ଅନ୍ଧମାନେ | ୧୧୭ | ଅଭୟ କୁମାର ତ୍ରିପାଠୀ |
| ତାକୁ ପାଗଳ କଲା କିଏ ? | ୧୨୦ | ବିକେଶ ସାହୁ |
| ଏକୁଟିଆ | ୧୨୮ | ପଲ୍ଲବୀ ଦାସ |
| ଚପଳ ଚିନୁ | ୧୩୧ | ଶିଶିର କୁମାର ଚୌଧୁରୀ |
| ମୁଁ ହିଁ ପ୍ରକୃତ ବନ୍ଧୁ | ୧୪୦ | ପଲ୍ଲବୀ ପୂଜାପଣ୍ଡା |


## କବିତା ବିଭାଗ


| | | |
|---|---|---|
| ସର୍ବଶକ୍ତିମାନ କାଳ | ୧୪୩ | ପ୍ରବୋଧ ଚନ୍ଦ୍ର ମୁଦ୍ରା |
| ସକାଳ | ୧୪୫ | ନୃସିଂହଚରଣ ବେହେରା |
| ରଜାଝିଅ ସାଥେ ରଜ | ୧୪୭ | ଶୈବାଳିନୀ ସାହୁ |
| ସମୟ | ୧୪୯ | ଡି. ଶିବ ପାତ୍ର |
| ନଦୀ ଓ ନାରୀ | ୧୫୦ | ହିମାଂଶୁଭୂଷଣ ଜେନା |
| ରଙ୍ଗୀନ ଅନ୍ଧାର | ୧୫୧ | ପ୍ରତିଭା ପ୍ରିୟଦର୍ଶିନୀ |
| ପରିବାର | ୧୫୨ | ପ୍ରମୋଦ କୁମାର ପ୍ରଧାନ |

Download Magazine from www.aahwaan.com


| | | |
|---|---|---|
| ଋତୁର ପ୍ରୀତି | ୧୫୩ | ରାମ କଲତା |
| ମାତୃଭାଷା ମାଆ ଯଦି ହୁଏ | ୧୫୪ | ପ୍ରଭାତ କାନ୍ତ ଦାସ |
| ମାଆ | ୧୫୭ | ଚନ୍ଦ୍ରିକାରାଣୀ ପଣ୍ଡା |
| ମା' ପରି କେହିନାହିଁ | ୧୫୯ | ସାଗର ପ୍ରଧାନ |
| ମା' | ୧୬୦ | ସନ୍ତୋଷ ପଟ୍ଟନାୟକ |
| ମା ତୋ' ହୃଦୟ ବହୁତ ବଡ଼ | ୧୬୨ | ମନୋଜ କୁମାର ସାହୁ |
| ବାପା | ୧୬୩ | ଶିଶିର କୁମାର ପଣ୍ଡା |
| ମୋର୍ ମାଆ | ୧୬୪ | କାହ୍ନୁ ଚରଣ ସାହୁ |
| ଆମ ଗାଁର ମହେଶ ବାବୁ | ୧୬୫ | ଭରତ ମେହେର |
| ମନ୍ ସରଗର୍ ରାନି | ୧୬୬ | ଆଶୁତୋଷ ମେହେର |
| ଚଗଲି ପ୍ରେମିକା | ୧୬୭ | ସୁଦର୍ଶନ ସାହୁ |
| ନିର୍ଦ୍ଦୟୀ ପ୍ରେମିକା | ୧୬୮ | ତୁଷାରକାନ୍ତ ପ୍ରସାଦ |
| ପ୍ରେମ | ୧୬୯ | କାର୍ତ୍ତିକ ପାଣିଗ୍ରାହୀ |
| ରଜ | ୧୭୧ | କବିତା ମହାନ୍ତି |
| ସୂତାଖିଅ | ୧୭୨ | ମନୀଷା ସାହୁ |
| ଅନ୍ନ | ୧୭୩ | ଚିତ୍ତରଞ୍ଜନ ସାହୁ |
| ମନେ ପଡ଼େ | ୧୭୬ | ମମତା ଦାସ |
| ମୋ ହୃଦୟର କ୍ୟାନଭାସ | ୧୮୦ | ହରିପ୍ରିୟା ସେଠୀ |
| ତିନିଗୁଣାପାଣି | ୧୮୧ | ରାଜେନ୍ଦ୍ର ନାରାୟଣ ସେନାପତି |

Download Magazine from www.aahwaan.com


| | | |
|---|---|---|
| ହେ ପୂଣ୍ୟାତ୍ମା | ୧୮୨ | ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ |
| ଛଳିଆ କାଳିଆ | ୧୮୩ | ପ୍ରିୟଙ୍କା ସାହୁ |
| ଜୀବନର ମାନେ ଭଲପାଇବା | ୧୮୪ | କୁମାର୍ ଲୋକେଶ୍ |
| କୋଉଠୁ ଆସିଲ ! ! ! | ୧୮୫ | ସୁଦାମ ଗୌଡ଼ |
| ଉଜୁଡ଼ା ପୃଷ୍ଠା | ୧୮୬ | ଲାବଣ୍ୟ ନାୟକ |
| ମେନକାର ମନସ୍ତତ୍ତ୍ୱ | ୧୮୭ | ଅନୁସୂୟା ମିଶ୍ର |
| ମାଆ | ୧୮୯ | ପ୍ରକାଶ ଚନ୍ଦ୍ର ପଣ୍ଡା |
| କିଏ | ୧୯୦ | ଅନାମ ଚରଣ ସାହୁ |
| ନେଇଯା'ରେ ମେଘ | ୧୯୧ | ସତ୍ୟବ୍ରତ ସାହୁ |
| ମୃତ୍ୟୁ | ୧୯୨ | ସନାତନ ମହାକୁଡ଼ |
| ବରଷକ ପରେ ଆସିଛି ରଜ | ୧୯୩ | ବିଜୟ କୁମାର ପଣ୍ଡା |
| ଆହ୍ୱାନ ଏକ ବଣମଲ୍ଲୀର | ୧୯୪ | ଅରୁଣ କୁମାର ପାତ୍ର |
| ପରିବେଶ ରସ | ୧୯୬ | ସୌମ୍ୟରଞ୍ଜନ ପାଲ |
| ସମୁଦ୍ର କେତେଦୂର | ୧୯୭ | ବିନୟ ମହାପାତ୍ର |
| ପଞ୍ଚକନ୍ୟା | ୧୯୯ | ସୀମାରେଖା |
| ଅବୁଝା ନାୟିକା | ୨୦୨ | କାହ୍ନୁ ଚରଣ ସାହୁ |
| ସନ୍ଧାନ ଅନ୍ୟ ଏକ ସକାଳର | ୨୦୪ | ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ |
| ବନ୍ଧୁତା | ୨୦୫ | ଜିତେନ୍ଦ୍ର କୁମାର କହଁର |
| ରାତିର ଆୟୁଷ | ୨୦୬ | ପବିତ୍ର ଦାସ |

Download Magazine from www.aahwaan.com


| | | |
|---|---|---|
| ଲାଲ୍ ରକତର ସୁଅ | ୨୦୭ | ପୂର୍ଣ୍ଣଚନ୍ଦ୍ର ରଣା |
| ସୁପ୍ରଭାତ | ୨୦୮ | ଜ୍ୟୋତିରାଦିତ୍ୟ ପୁଝାରୀ |
| ନିଜ ରାସ୍ତାରେ ଦୁନିଆ | ୨୦୯ | ଜୟନ୍ତ କୁମାର ସାହୁ |
| ଦ୍ୱାଦଶ ଲଘୁ କବିତା | ୨୧୦ | ଶ୍ରୀ ରାମା କାନ୍ତ ମିଶ୍ର |
| ଏଇତ ଜୀବନ | ୨୧୩ | ଦୀପକ ଷଡ଼ଙ୍ଗୀ |
| ସଜନୀ ମୋର... | ୨୧୪ | ଉମେଶ କୁମାର ବେହେରା |
| ରଜନିଶା ଗଲା ଛାଡ଼ି | ୨୧୫ | ପ୍ରଶାନ୍ତ କୁମାର ନାଥ |
| ଯବନିକା | ୨୧୭ | ସୁଧାଂଶୁ ଦ୍ୱିବେଦୀ |
| ଏଇ ତ ଜୀବନ | ୨୧୮ | ଅନିଲ୍ ସାହୁ |
| ତୁମେ ମୋ... | ୨୧୯ | ନିରଞ୍ଜନ ପଣ୍ଡା |
| ସମର୍ପିତ ପ୍ରେମୀଙ୍କ ସଙ୍ଗମ | ୨୨୦ | ଶ୍ରୀରାଜଶେଖର 'ଚିମା' |
| ମାଟି ମା'ର ଅନ୍ତର କଥା | ୨୨୨ | ଜଗଦୀଶ ମିଶ୍ର |
| ଏଇ ତ ଜୀବନ - ୩ | ୨୨୩ | ମାମାଜିନି ପ୍ରଧାନ |
| ଟଙ୍କା, ଟୋକି, ଟେକାପାଣି | ୨୨୫ | ମନୋରଞ୍ଜନ ମୁଦୁଲି |
| ଶୂନ୍ୟତାର ଭାଷା | ୨୨୭ | ବିକେଶ ସାହୁ |
| ଜୀବନ | ୨୨୮ | ପ୍ରହ୍ଲାଦ ବେହେରା |
| ଏଇ ଖୁସିର ମୁହୂର୍ତ୍ତ ସବୁ | ୨୨୯ | ଶୁଭମ୍ କୁମାର ଧଳ |
| ପ୍ରେମପୋଥି | ୨୩୨ | ଶ୍ରୀ ଲକ୍ଷ୍ମଣ କୁମାର ବେହେରା |
| ଅମୃତର ସନ୍ତାନ | ୨୪୯ | ଅଧ୍ୟାପକ ଶରତ କୁମାର ଦାସ |

Download Magazine from www.aahwaan.com

# ପ୍ରବନ୍ଧ ବିଭାଗ


| | | |
|---|---|---|
| ଆଜିର ଭାରତ | ୨୫୨ | ଚିତ୍ତରଞ୍ଜନ ସାହୁ |
| ତେଣ୍ଡା | ୨୫୯ | ଶ୍ରୀବୈକୁଣ୍ଠନାଥ ଖଟୁଆ |
| ଅପରେସନ୍ କାକ୍‌ଟସ | ୨୬୮ | ଅଶୋକ କୁମାର ସେଠୀ |
| ଚନ୍ଦ୍ରଶେଖର ରଥଙ୍କ ଉପନ୍ୟାସ | ୨୭୫ | ପୁଷ୍ପଲତା ସେଠୀ |
| ପରିବେଶ ଦିବସ | ୨୭୯ | ଶ୍ରୀ ରାମାକାନ୍ତ ମିଶ୍ର |


# ଗଳ୍ପସ୍ପର୍ଦ୍ଧା ବିଭାଗ


| | | |
|---|---|---|
| ପ୍ରାୟଶ୍ଚିତ | ୨୯୩ | ପ୍ରଶାନ୍ତ କୁମାର ନାଥ |
| ବୋହୂଚୋରୀ | ୨୯୭ | ପରମିତା ମିଶ୍ର |
| ଝିଅପରି ଝିଅଟିଏ | ୩୧୨ | ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ |
| ପ୍ରତିଶୃତି | ୩୨୧ | ପ୍ରିୟଙ୍କା ସାହୁ |
| ଆତ୍ମାର ଆର୍ତ୍ତନାଦ | ୩୨୭ | ଅଶୋକ କୁମାର ସେଠୀ |


ଯେଉଁ ବନ୍ଧୁମାନଙ୍କର ଲେଖା ଚଳିତ ସଂସ୍କରଣରେ ସ୍ଥାନ ପାଇପାରିନାହିଁ, ସେମାନେ ହତୋତ୍ସାହିତ ହୁଅନ୍ତୁ ନାହିଁ । ପୁଣିଥରେ ନିଜ ଲେଖାକୁ ଇମେଲ୍ ଦ୍ୱାରା ଆମ ନିକଟକୁ ପଠାନ୍ତୁ । ଆହ୍ୱାନ ପ୍ରତିମାସରେ ପ୍ରକାଶିତ ହୁଏ । ଯଦି ଆପଣଙ୍କ ଲେଖାକୁ ବିନା ଅପେକ୍ଷାରେ ପ୍ରକାଶିତ କରିବାକୁ ଚାହୁଁଛନ୍ତି ତେବେ ଗୁଗୁଲ୍ ପ୍ଲେ ଷ୍ଟୋରରୁ 'Odia Sahitya' ଆପ୍ ଡାଉନଲୋଡ୍ କରି ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ ଏବଂ ଯେ କୌଣସି ସମୟରେ ଲେଖା ପ୍ରକାଶିତ କରନ୍ତୁ ।

Download Magazine from www.aahwaan.com

# ସମ୍ପାଦକଙ୍କ କଲମରୁ...



ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଓଡ଼ିଆ ପୁରପଲ୍ଲୀର ଅତି ଆପଣାର ପର୍ବ, ବିଶେଷତଃ କୁମାରୀ ମାନଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖୁଥିବା ରଜ ପର୍ବ ଉପଲକ୍ଷେ ଆହ୍ୱାନର ଜୁନ ମାସର ସଂସ୍କରଣ ପ୍ରକାଶିତ କରୁଥିବା ବେଳେ ମୁଁ ଅତ୍ୟନ୍ତ ଆନନ୍ଦିତ ମନେ କରୁଛି । ପ୍ରତ୍ୟେକ ମାସରେ ଆହ୍ୱାନ ପାଇଁ ପାଠକୀୟ ଆଦୃତି ସମେତ ଲେଖକ ଲେଖିକାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ସେମାନଙ୍କ ପ୍ରତ୍ୟେକ ଲେଖାକୁ ଆହ୍ୱାନରେ ପ୍ରକାଶିତ କରିବା ସମ୍ଭବ ହେଉନାହିଁ । ତେଣୁ ଆହ୍ୱାନ ଇ-ପତ୍ରିକା ତରଫରୁ ଏକ ଆଣ୍ଡ୍ରଏଡ୍ ଆପ୍‌ର ବ୍ୟବସ୍ଥା କରାଯାଇଛି । ଭ୍ରାମ୍ୟଭାଷୀ ନାମକ ଏହି ଆଣ୍ଡ୍ରଏଡ଼ ଆପ୍ ମାଧ୍ୟମରେ ଆପଣମାନେ ନିଜସ୍ୱ ଲେଖାକୁ ପ୍ରକାଶିତ କରିପାରିବେ । ଆହ୍ୱାନ ଇ-ପତ୍ରିକା ମାସରେ ଥରେ ପ୍ରକାଶିତ ହୁଏ ଏବଂ ଆପଣଙ୍କ ଲେଖା ପ୍ରକାଶିତ କରିବାପାଇଁ ମାସାଧିକ କାଳ ଅପେକ୍ଷା କରିବାକୁ ହୁଏ । ଏବେ ଆଉ ସେହିପରି କରିବାକୁ ହେବନାହିଁ । ଆପଣ ଯେ କୌଣସି ସମୟରେ ନିଜସ୍ୱ ଲେଖାକୁ ପ୍ରକାଶିତ କରି ପାରିବେ । ଆଣ୍ଡ୍ରଏଡ୍ ଆପ୍ ଆପଣ ଗୁଗୁଲ୍ ପ୍ଲେ ଷ୍ଟୋରରୁ ପାଇପାରିବେ ।

ଚଳିତ ମାସର ସଂସ୍କରଣ ପାଠକରିବା ପୂର୍ବରୁ ଚାଲନ୍ତୁ ଦୃଷ୍ଟିପାତ କରିବା ଚଳିତ ମାସର କିଛି ପ୍ରମୁଖ ସମ୍ବାଦ ଉପରେ ।

## ୧. ଆମେରିକା ଓ ଉତ୍ତର କୋରିଆ ମଧ୍ୟରେ ବନ୍ଧୁତ୍ୱର ଆରମ୍ଭ

ବିଶ୍ୱର ୨ ଜଣ ପ୍ରମୁଖ ନେତା ତଥା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉତ୍ତର କୋରିଆ ରାଷ୍ଟ୍ରପତି ଶାସକ କିମ ଜଙ୍ଗ ଉନଙ୍କ ମଧ୍ୟରେ ସାକ୍ଷାତ ହୋଇଛି । ଆଜି ସକାଳ

Download Magazine from www.aahwaan.com

୭ଟାରେ ଉଭୟଙ୍କ ମଧ୍ୟରେ ସାକ୍ଷାତକାର ହୋଇଛି । ସିଙ୍ଗାପୁରର ସେଂଟୋସା ଦ୍ୱୀପରେ ଟ୍ରମ୍ପ ଓ କିମ ଜଙ୍ଗଙ୍କ ମଧ୍ୟରେ ଭେଟ ହେବା ପରେ ଉଭୟ ଦେଶର ନେତା ହାତ ମିଳାଇଛନ୍ତି । ଉଭୟ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଭେଟକୁ ଐତିହାସିକ କୁହାଯାଉଛି, କାରଣ ଆମେରିକାର କୌଣସି ରାଷ୍ଟ୍ରପତି ଉତ୍ତରକୋରିଆର ନେତାଙ୍କୁ ଭେଟିବା ଏହା ହେଉଛି ପ୍ରଥମ ଘଟଣା । ଅନ୍ୟପକ୍ଷରେ କ୍ଷମତାର ୭ ବର୍ଷ ପରେ କିମ ଜଙ୍ଗ ପ୍ରଥମ ଥର ପାଇଁ ଏତେ ବଡ ବିଦେଶ ଗସ୍ତ କରିଛନ୍ତି । ଏହି ଅବସରରେ ଡୋନାଲଡ ଟ୍ରମ୍ପ କହିଛନ୍ତି, ମୋର ବିଶ୍ୱାସ ଯେ, ଆମର ସଂପର୍କ ଶକ୍ତିଶାଳୀ ହେବ । ପୁରୁଣା ମତଭେଦ ଭୁଲି ଆମେ ଆଗକୁ ଅଗ୍ରସର ହେଉଥିବା ସେ କହିଛନ୍ତି । ସେହିଭଳି କିମ ଜଙ୍ଗ କହିଛନ୍ତି ସମସ୍ତ ବାଧାବିଘ୍ନକୁ ଭୁଲି ଆମର ସାକ୍ଷାତକାର ହୋଇଛି ଏପର୍ଯ୍ୟନ୍ତ ପହଚିଂବା ସହଜ ନଥିଲା । ଏଠାରେ ବଡ ପ୍ରଶ୍ନ ଉଠୁଛି, ବିଶ୍ୱର ଏହି ଦୁଇ ପ୍ରମୁଖ ନେତାଙ୍କ ସାକ୍ଷାତ ପରେ କଣ ଦୁଇଦେଶର ସମ୍ପର୍କ ସାମାନ୍ୟ ହୋଇପାରିବ । ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କଣ ଟଳିବ । ପରମାଣୁ ନିରସ୍ତ୍ରୀକରଣ ପାଇଁ ଉତ୍ତର କୋରିଆ ରାଷ୍ଟ୍ରପତି କଣ ରାଜି ହେବେ । ସାକ୍ଷାତ ପରେ ଆମେରିକା ରାଷ୍ଟ୍ରପତି କହିସାରିଛନ୍ତି ବୈଠକ ସକାରତ୍ମକ ଥିଲା । ଉତ୍ତର କୋରିଆ ରାଷ୍ଟ୍ରପତି ବି କହିଛନ୍ତି, ଏହି ସାକ୍ଷାତ ଏତେ ସହଜ ନଥିଲା । କୁହାଯାଉଛି, ଏହି ଦୁଇ ବିଶ୍ୱନେତାଙ୍କ ସାକ୍ଷାତ ପାଇଁ ଖର୍ଚ୍ଚ ହୋଇଛି ପ୍ରାୟ ଶହେ କୋଟି ଟଙ୍କା । ଏସବୁ ମଧ୍ୟରେ ଭାରତକୁ ଟାର୍ଗେଟ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋଲାଲ୍ଡ ଟ୍ରମ୍ପ । ଭାରତ ସମେତ ଦୁନିଆର କିଛି ପ୍ରମୁଖ ଅର୍ଥବ୍ୟବସ୍ଥା ଉପରେ ଟାର୍ଗେଟ କରି ଆମେରିକାକୁ ବ୍ୟବସାୟରେ ଲୁଟ କରାଯାଉଛି ବୋଲି ଅଭିଯୋଗ ଆଣିଛନ୍ତି ଟ୍ରମ୍ପ । ଏହା ସହ ଆମେରିକାର ଜିନିଷ ଉପରେ ଭାରତ ବହୁ ଟ୍ୟାକ୍ସ ଲଗାଉଥିବା ଅଭିଯୋଗ କରିବା ସହ ଭାରତ ଆମେରିକାର ଉତ୍ପାଦନ

Download Magazine from www.aahwaan.com

ଉପରେ ୧୦୦ ପ୍ରତିଶତ ଶୁଳ୍କ ଆଦାୟ କରୁଛି । ତେବେ ଆମେରିକାକୁ ଲୁଟୁଥିବା ଦେଶ ସହ ବ୍ୟବସାୟ ସମ୍ପର୍କକୁ ଭାଙ୍ଗିଦେବାକୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । କାନାଡା କ୍ୟୁବେକ ସଟି ସହରରେ ଆୟୋଜିତ ଜି-୭ର ଶିଖର ସମ୍ମିଳନୀରେ ଯୋଗଦେଇ କିଛି ଏଭଳି ମନ୍ତବ୍ୟ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏହାସହ ଏହି ସମ୍ମିଳନୀରେ ଟ୍ରମ୍ପ ସଂଯୁକ୍ତ ଘୋଷଣା ପତ୍ରକୁ ମଧ୍ୟ ଖାରିଜ କରିଦେଇଛନ୍ତି । ତେବେ ଟ୍ରମ୍ପଙ୍କ ଏଭଳି ବ୍ୟବହାର ସମଗ୍ର ଦେଶକୁ ଅପମାନ ଦେଇଥିବା ଚର୍ଚ୍ଚା ହେଉଛି ।

## ୨. ବାଜପେୟୀ ଅସୁସ୍ଥ

ଭାରତୀୟ ଗଣତନ୍ତ୍ରର ଜଣେ ପ୍ରଭାବଶାଳୀ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ନିଜର ଦୂର୍ବଳ ସ୍ୱାସ୍ଥ୍ୟ କାରଣରୁ ଦିଲ୍ଲୀ ସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ଭର୍ତ୍ତି ହୋଇଛନ୍ତି । ଭାରତୀୟ ଜନତାପାର୍ଟିର ପ୍ରମୁଖ ସଦସ୍ୟ ତଥା ଦୁଇ ଦୁଇଥର ଭାରତର ପ୍ରଧାନମନ୍ତ୍ରୀ ହୋଇଥିବା ଅଟଳ ବିହାରୀ ବାଜପେୟୀ ବର୍ତ୍ତମାନ ୯୩ ବର୍ଷ ବୟସରେ ଉପନୀତ ହୋଇଥିବା ବେଳେ ସେ ଅଧିକାଂଶ ସମୟ ଅସୁସ୍ଥ ରହୁଥିବା ଜଣାଯାଇଛି ।

ଅତୀତରେ ତାଙ୍କର ଉଭୟ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ବର୍ତ୍ତମାନ ସମୟରେ ସେ ଶ୍ୱାସନଳୀ ସଂକ୍ରମଣ ହେତୁ ହାସପାତାଳାରେ ଭର୍ତ୍ତି ହୋଇଥିବା କୁହାଯାଉଛି ।

ବାଜପେୟୀ ହାସପାତାଳରେ ଭର୍ତି ହେବାପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ଦେଖା କରିବାକୁ ଯାଇଥିବା ବେଳେ କଂଗ୍ରେସ ଦଳ ପ୍ରମୁଖ ରାହୁଳ ଗାନ୍ଧୀ ମଧ୍ୟ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏକଦା ପୋଖରାନ ଠାରେ ଆଣବିକ ଅସ୍ତ୍ର ପରିକ୍ଷା କରିବା ଭଳି ଦୃଢ଼ ପଦକ୍ଷେପ ନେଇଥିବା ବାଜପେୟୀ ଦଳମତ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା

Download Magazine from www.aahwaan.com

ପ୍ରଶଂସିତ ।

## ୩. ବୈଜୟନ୍ତଙ୍କ ପିତାଙ୍କ ଦେହାନ୍ତ

ବିଗତ ଦିନରେ ବିଜୁ ଜନତା ଦଳରୁ ବିତାଡ଼ିତ ହୋଇଥିବା ସଦସ୍ୟ ଶ୍ରୀ ବୈଜୟନ୍ତ ଜୟ ପଣ୍ଡାଙ୍କ ପିତା ତଥା ଇମ୍ଫା ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ବଂଶୀଧର ପଣ୍ଡାଙ୍କ ଦେହାନ୍ତ ହୋଇଛି । ଓଡ଼ିଶାରେ ଶିଳ୍ପ ଓ ଜଗତୀକରଣର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଶ୍ରୀ ପଣ୍ଡା ଅନେକ ଦଶନ୍ଧି ଧରି ବିଭିନ୍ନ ଶିଳ୍ପ ଓ ବ୍ୟବସାୟ ସହ ଜଡ଼ିତ ଥିଲେ ଏବଂ ତାଙ୍କର ବଳିଷ୍ଠ ଦିଗଦର୍ଶନରେ ଇମ୍ଫା ଗ୍ରୁପ୍ ଅନେକ ଉନ୍ନତି କରିଥିଲା ।

ଅତ୍ୟନ୍ତ କ୍ଷୋଭର ବିଷୟ ଶ୍ରୀ ପଣ୍ଡାଙ୍କ ମୃତ୍ୟୁପରେ ଶାସକ ଦଳର କୌଣସି ପ୍ରତିନିଧି କିମ୍ବା ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇବା ପାଇଁ ତାଙ୍କୁ ଦର୍ଶନ କରିନଥିଲେ । ଏଥିରେ ମର୍ମାହତ ହୋଇ ସାଂସଦ ଶ୍ରୀ ବୈଜୟନ୍ତ ଜୟ ପଣ୍ଡା ନିଜ ଇସ୍ତଫା ଦେଇଥିଲେ ।

ସାଂସଦ ପଦରୁ ଇସ୍ତଫା ଦେଲେ ବୈଜୟନ୍ତ ପଣ୍ଡା ।ଏନେଇ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନଙ୍କୁ ଇସ୍ତଫାପତ୍ର ପଠାଇଥିବା ଟ୍ୱିଟ ଜରିଆରେ ଜଣାଇଛନ୍ତି ବୈଜୟନ୍ତ ।ପୂର୍ବରୁ ବିଜେଡ଼ି ଦଳରୁ ଇସ୍ତଫା ଦେଇଥିବା କଥା ନବୀନଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ ବୈଜୟନ୍ତ ।ଏପରିକି ବାପାଙ୍କ ଶୁଦ୍ଧକ୍ରିୟା ପରେ ଲୋକସଭା ବାଚସ୍ପତିଙ୍କୁ ଇସ୍ତଫା ପତ୍ର ପଠାଇବା ପାଇଁ ନବୀନଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ ବୋଲି କହିଛନ୍ତି ଜୟ ପଣ୍ଡା ।ବୈଜୟନ୍ତ ଟ୍ୱିଟ୍ କରି କହିଛନ୍ତି, ବାପାଙ୍କ ଶୁଦ୍ଧିକ୍ରିୟା ପରେ ମୁଁ ବାଚସ୍ପତିଙ୍କୁ ଭେଟିବା ପାଇଁ ଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ ।କାରଣ ଲୋକସଭା ବାଚସ୍ପତି ବିଦେଶଗସ୍ତରେ ଥିବାରୁ ତାଙ୍କ ସହିତ ସାକ୍ଷାତ କରିବା ସମ୍ଭବ ହୋଇ ନାହିଁ ।ତେଣୁ ମୁଁ ବାଚସ୍ପତିଙ୍କ ନିକଟକୁ ଚିଠି ମାଧ୍ୟମରେ ମୋ ଇସ୍ତଫା ପତ୍ର ଦେଇଛି । ଏହାପୂର୍ବରୁ ଗତ ମେ

Download Magazine from www.aahwaan.com

୨୮ ତାରିଖ ଦିନ ବିଜୁ ଜନତା ଦଳରୁ ଇସ୍ତଫା ଦେଇଥିଲେ ବୈଜୟନ୍ତ ପଣ୍ଡା ।ବିଜେଡ଼ି ସୁପ୍ରିମୋଙ୍କୁ ଏନେଇ ଚିଠି ମାଧ୍ୟମରେ ଅବଗତ କରିଥିଲେ ବୈଜୟନ୍ତ ।ବୈଜୟନ୍ତଙ୍କ ବାପା ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କୁ ଶେଷ ଦର୍ଶନ ପାଇଁ କୌଣସି ବିଜେଡି ନେତା ନ ଆସିବା ତାଙ୍କୁ ବେଶ ବାଧିଛି ବୋଲି ଚିଠିରେ ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଥିଲେ ବୈଜୟନ୍ତ ।ଏହାସହ ବିଜୁ ଜନତା ଦଳ ଗତ କିଛି ବର୍ଷ ଧରି ତାଙ୍କୁ ଅଣଦେଖା କରୁଛି ବୋଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଜରିଆରେ ଜଣାଇଥିଲେ ବୈଜୟନ୍ତ ।ପ୍ରଥମେ ଦଳରୁ ଇସ୍ତଫା ଏବେ ଲୋକସଭା ସାଂସଦ ଭାବେ ଇସ୍ତଫା ଦେଇ ବିଜେଡିକୁ ପୁରା ମନରୁ ପାସୋରି ଦେଇଥିବା ଏକ ପ୍ରକାର ସ୍ପଷ୍ଟ କରିଛନ୍ତି ବୈଜୟନ୍ତ ।ତେବେ ବୈଜୟନ୍ତ ଆଗକୁ କେଉଁ ଦଳରେ ଯୋଗ ଦେବେ ତାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।

## ୪. ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜିଛି

ଓଡ଼ିଆ ଜାତିର ପ୍ରାଣ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଘୋଟିଛି ଅନ୍ଧକାରର ସାମ୍ରାଜ୍ୟ । ପ୍ରତିଦିନ ଏହି ମନ୍ଦିର ଅନେକ କୁକର୍ମ ପାଇଁ ବିଶ୍ୱରେ ଅପନିନ୍ଦିତ ହେଉଥିଲା ବେଳେ ବର୍ତ୍ତମାନ ଆଉ ଏକ କାରଣରୁ ମଧ୍ୟ ଖବରରେ ରହିଛି । ୨୦୧୫ ମସିହାରେ ବ୍ରହ୍ମ ବିଭ୍ରାଟ ହୋଇଥିବା ଖବର ସମସ୍ତଙ୍କୁ ଜଣା । ଏହା ସମଗ୍ର ଓଡ଼ିଆ ଜାତିକୁ ମର୍ମାହତ କରିଥିଲା ଏବଂ ଅନେକେ ଏହାର ବିରୋଧ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା । ସେହିବର୍ଷ ରଥଯାତ୍ରା ସମୟରେ ପଣ୍ଡାମାନେ କାର୍ଯ୍ୟରତ ଜିଲ୍ଲାପାଳଙ୍କୁ ଆକ୍ରମଣ କରିବାକୁ ପଛାଇନଥିଲେ । ବିଗତ ମାସରେ ମହାରାଷ୍ଟ୍ରରୁ ଆସିଥିବା ଜନୈକ ଭକ୍ତଙ୍କୁ ଆକ୍ରମଣ କରି ସୁନା ଚେନ, ଟଙ୍କା ପର୍ସ ଆଦି ଛଡ଼ାଇ ନେଇଥିବା ଅଭିଯୋଗ ଆସିଥିଲା । ଏହି ପରି ଅନେକ ଖବର ମନ୍ଦିରରେ ହେଉଥିବା ଅନେକ ଅନୀତିକର କାର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରକାଶିତ

Download Magazine from www.aahwaan.com

କରି ନିନ୍ଦିତ କରୁଛି ।

ବିଗତ ସପ୍ତାହରେ ମନ୍ଦିରର ରତ୍ନ ଭଣ୍ଡାରର ତଦାରଖ କରୁଥିବା ବିଶେଷଜ୍ଞମାନଙ୍କୁ ସେତେବେଳେ ଆଶ୍ଚର୍ଯ୍ୟ ଲାଗିଲା ଯେତେବେଳେ ଶୁଣାଗଲା ଯେ ଭଣ୍ଡାର ଘରର ଚାବି ମିଳୁନାହିଁ । ଏହାକୁ ନେଇ ପ୍ରତିଦିନ ନୂଆ ନୂଆ ଖବର ମାନ ଶୁଣିବାକୁ ମିଳିଲା । ଜନ ଆକ୍ରୋଶ ବୃଦ୍ଧି ପାଇବାର ଦେଖି ଏହାକୁ ନେଇ ତଦନ୍ତକୁ ତ୍ୱରାନ୍ୱିତ କରିବା ପରେ ଗତ କାଲି ରତ୍ନଭଣ୍ଡାରର ତାଲାର ଏକ ନକଲ ଚାବି ମିଳିଥିବା କଥା କୁହାଯାଉଛି । ଆଜି ବିଭିନ୍ନ ଖବରକାଗଜରେ ଜିଲ୍ଲାପାଳ ଏଥିପାଇଁ ଭଗବାନଙ୍କ ଲୀଳାକୁ ପ୍ରଶଂସା କରିଛନ୍ତି ।

ଶୁଣାଯାଉଥିବା ଖବର ଅନୁଯାୟୀ, ସମ୍ଭବତଃ ୨୦୧୫ ମସିହାର ବ୍ରହ୍ମ ପରିବର୍ତ୍ତନ ସମୟରେ ପଣ୍ଡାମାନେ ଭଣ୍ଡାର ଘର ଖୋଲି ସେଥିରେ ଥିବା ଅଧିକାଂଶ ଧନରତ୍ନକୁ ହରଣ କରିନେଇଛନ୍ତି । ଏବଂ ସେଥିପାଇଁ ସେମାନଙ୍କ ମଧ୍ୟରେ ରାତିରେ ଗଣ୍ଡଗୋଳ ହୋଇଥିଲା ଏବଂ ତାହା ସକାଳ ପର୍ଯ୍ୟନ୍ତ ଚାଲିବା ଭିତରେ ସମସ୍ତ ସମ୍ପତ୍ତି ଭାଗ ବଣ୍ଟା ହୋଇଥିଲା । ସବୁ ବଣ୍ଟା ସରିବାପରେ ସେମାନେ ଦିନ ବେଳେ ବ୍ରହ୍ମ ପରିବର୍ତ୍ତନ କରିଥିଲେ । ଅବଶ୍ୟ ଏହା ଶୁଣାକଥା ମାତ୍ର, କିନ୍ତୁ ଏଥିରେ ସତ୍ୟତା ନଥିବ ବୋଲି କିଏ କହିବ । ରତ୍ନ ଭଣ୍ଡାରର ସମସ୍ତ ଦ୍ରବ୍ୟର ସୂଚୀ ବା ତାଲିକାକୁ ନେଇ ଭଲ ଭାବରେ ନିରୀକ୍ଷଣ କରିଲେ ହିଁ ଜଣାପଡ଼ିବ ସେଥିରେ ଥିବା କଣ ସବୁ ପଦାର୍ଥ ହରିଲୁଟ ହୋଇଛି ।

## ୫. ସଦ୍ୟ ସମାପ୍ତ ଆଇପିଏଲ୍ କ୍ରିକେଟରେ ବେଟିଂ ମାମଲା

ଦୀର୍ଘ ଦୁଇମାସ ଧରି କ୍ରିକେଟ୍ ପ୍ରେମୀଙ୍କୁ ବାନ୍ଧି ରଖିଥିଲା ଇଣ୍ଡିଆନ୍ ପିପୁଲସ୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ । ଏହା ବିଗତ ଅନେକ ବର୍ଷଧରି ଚାଲି ଆସୁଥିବା ବେଳେ ଏହାକୁ ନେଇ ବେଟିଂ ବା ଜୁଆ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

Download Magazine from www.aahwaan.com

ଚଳିତ ଋତୁରେ ସଦ୍ୟ ସମାପ୍ତ ଆଇପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସମାପ୍ତ ନ ହେଉଣୁ ଏଥିରେ ବେଟିଂ ହୋଇଥିବା ଏବଂ ଖେଳ ମାନଙ୍କୁ ବୁକିମାନେ ନିୟନ୍ତ୍ରଣ କରୁଥିବା ଭଳି ଖବର ମାନ ଆସିବାକୁ ଲାଗିଛି । ଏଥିପାଇଁ ବଲିଉଡ୍ ଚଳଚ୍ଚିତ୍ର ଜଗତର ପ୍ରମୁଖ ଅଭିନେତା ଓ ପ୍ରଯୋଜକ ଅରବାଜ ଖାନଙ୍କୁ ପୋଲିସ ମହକମାରେ ଆସି ହାଜର ହୋଇ ବୟାନ ଦେବାକୁ କୁହାଯାଉଥିଲା ଏବଂ ସେ ଏଥିରେ ସଂପୃକ୍ତ ଥିବା କଥା ମାନିନେଇଥିଲେ ।

ଏହି ଭଳି ବୟାନ ଦ୍ୱାରା କ୍ରିକେଟ୍ ପ୍ରେମୀମାନେ ନିରାଶ ହେବା ସହ କ୍ରିକେଟ୍ ଖେଳାଳୀ ମାନଙ୍କୁ ସନ୍ଦେହରେ ଦେଖିବା ଆରମ୍ଭ କରିଲେଣି । ସୂଚନାଯୋଗ୍ୟ ଯେ କିଛିବର୍ଷ ତଳେ କେରଳର ଉଦୀୟମାନ ଖେଳାଳୀ ଶ୍ରୀଷାନ୍ତଙ୍କୁ ଏଥିପାଇଁ ନିଲମ୍ବିତ କରାଯାଇଥିଲା ।

## ୬. ସୋସିଆଲ୍ ମିଡ଼ିଆର ଅଜବ ଦୁନିଆ

ସୋସିଆଲ୍ ମିଡ଼ିଆ ବା ସାମାଜିକ ବନ୍ଧୁତାର ବିଭିନ୍ନ ପୋର୍ଟାଲ, ସେ ଫେସବୁକ୍ ହେଉ ବା ହ୍ୱାଟ୍ସାପ୍ ହେଉ, ମଣିଷକୁ ଏତେ ମାତ୍ରାରେ ଛନ୍ଦି ଦେଇଛନ୍ତି ଯେ ସେ ସବୁକୁ ଛାଡ଼ି ମୁହୂର୍ତ୍ତେ ବି ରହି ପାରୁନାହିଁ । କିନ୍ତୁ ଏହାଦ୍ୱାରା ଅନେକ ନୂଆ ନୂଆ ଘଟଣାମାନ ଦେଖିବାକୁ ଓ ଶୁଣିବାକୁ ମିଳୁଛି ଯାହା ଆଗରୁ ସମ୍ଭବ ହେଉନଥିଲା ।

ବିଗତ ଦିନରେ ଜଣେ ବୟସ୍କ ବ୍ୟକ୍ତି ପ୍ରଫେସର ଶ୍ରୀ ଶ୍ରୀବାସ୍ତବ ନିଜ ଶଳାର ବାହାଘରରେ ସୁନ୍ଦର ନୃତ୍ୟ ପରିବେଷଣ କରୁଥିବା ବେଳେ କେହି ବନ୍ଧୁ ତାହାକୁ ଭିଡ଼ିଓ କରି ସୋସିଆଲ୍ ମେଡ଼ିଆରେ ଛାଡ଼ିବାପରେ ସେ ରାତାରାତି ଜଣେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ହୋଇଯାଇଛନ୍ତି । ପଚାଶରୁ ଅଧିକ ବର୍ଷ ବୟସ୍କ ଶ୍ରୀବାସ୍ତବ ପେଷାରେ ଜଣେ ଅଧ୍ୟାପକ ହୋଇଥିବା ସତ୍ତ୍ୱେ ନିଜର ଉତ୍କୃଷ୍ଟ ନୃତ୍ୟକଳାପାଇଁ ବର୍ତ୍ତମାନ ପ୍ରସିଦ୍ଧ ହୋଇ ପାରିଛନ୍ତି । ସେ ଅନେକ ବଲିଉଡ୍ ତାରକାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି ଏବଂ ଅନେକ କାର୍ଯ୍ୟକ୍ରମରେ

Download Magazine from www.aahwaan.com

ଅଂଶ ଗ୍ରହଣ କରିବାକୁ ପାଇଲେଣି । ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ତାଙ୍କୁ ବ୍ୟକ୍ତିଗତ ଭାବରେ ପ୍ରଶଂସା କରିଛନ୍ତି ।

ସେହିପରି ବିଗତ ଦିନରେ ଜଣେ ମହିଳା ନିଜର ଏକ ସୋସିଆଲ୍ ମେଡ଼ିଆ ଏକାଉଣ୍ଟରେ ଅନେକ ଛୋଟ ଛୋଟ ଭିଡ଼ିଓ ପଠାଇଥିଲେ ଏବଂ ଅଧିକାଂଶ ଭିଡ଼ିଓରେ ସେ ଦର୍ଶକ ମାନଙ୍କୁ 'ଚାଏ ପି ଲୋ' ବା ଚା' ପିଅନ୍ତୁ ବୋଲି କହୁଥିବାର ଦେଖାଯାଇଥିଲା । ଏଥିରେ କିଛି ଆଶ୍ଚର୍ଯ୍ୟଜନକ ନଥିଲେ ସୁଦ୍ଧା ଏହା ତାଙ୍କୁ ଅନେକ ପ୍ରଶଂସା ଆଣିଦେଇଛି । ଅବଶ୍ୟ ତାଙ୍କୁ ନିନ୍ଦା କରି ଅନେକ ଭିଡ଼ିଓ ଲୋକମାନେ ପୋଷ୍ଟ କରିଛନ୍ତି ତଥାପି ସେ ବିଚଳିତ ହୋଇନାହାନ୍ତି ।

ଏହିପରି ଅନେକ ଆଶ୍ଚର୍ଯ୍ୟଜନକ କଥା ଆମେ ଦେଖିବାକୁ ଆଉ ଶୁଣିବାକୁ ପାଉଛୁ ।

## ୭. ରାଷ୍ଟ୍ରପତି କୋବିନ୍ଦ୍ ଦେଲେନାହିଁ ଇଫତାର୍ ପାର୍ଟି

ପ୍ରତି ବର୍ଷ ରମଜାନର ପବିତ୍ର ମାସରେ ରାଷ୍ଟ୍ରପତି ଭବନରେ ଭବ୍ୟ ଇଫ୍‌ତାର୍ ପାର୍ଟିର ଆୟୋଜନ କରାଯାଉଥିଲା ଏବଂ ସଂଧ୍ୟାପରେ ରୋଜା ଭାଙ୍ଗୁଥିବା ମୁସଲମାନ ମାନଙ୍କ ସହ ରାଷ୍ଟ୍ରପତି ସମେତ ସରକାରରେ ଥିବା ଶାସକ ଏବଂ ବିରୋଧୀ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହାକୁ ପାଳନ କରୁଥିଲେ । ଏହି ପ୍ରଥା ଅନେକ ଦଶନ୍ଧି ଧରି ଚାଲି ଆସିଥିଲା ।

ଚଳିତ ବର୍ଷ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଏହାକୁ ପାଳନ୍ କରିନଥିଲେ । ଅବଶ୍ୟ ଶ୍ରୀ କୋବିନ୍ଦ ରାଷ୍ଟ୍ରପତି ପଦବୀ ଗ୍ରହଣ କରିବାପରେ ରାଷ୍ଟ୍ରପତି ଭବନରେ କୌଣସି ଧାର୍ମିକ ଉତ୍ସବ ପାଳନ କରାଯିବ ନାହିଁ ବୋଲି ଘୋଷଣା କରିଥିଲେ ଏବଂ ହୋଲି ଦିପାବଳୀ ଭଳି ଉତ୍ସବମାନ ପାଳନ ହୋଇନଥିଲା । ଆୟକରଦାତାଙ୍କ କଷ୍ଟଅର୍ଜିତ ଧନରେ ଏହିପରି ଭବ୍ୟ

Download Magazine from www.aahwaan.com

ଆୟୋଜନ ମାନ କରାଯିବା ସପକ୍ଷରେ ସେ ନୁହନ୍ତି ବୋଲି ମତ ଦେଇଥିଲେ ।

## ୮. କୋକାକୋଲା କମ୍ପାନୀର ପ୍ରତିଷ୍ଠାତା ଆମେରିକାରେ ପଣା ବିକୁଥିଲେ

ବିଗତ ଦିନ କଂଗ୍ରେସର ସଭାପତି ଶ୍ରୀ ରାହୁଳ ଗାନ୍ଧୀ ଏକ ସଭାକୁ ସମ୍ବୋଧିତ କରୁଥିବା ବେଳେ ମନ୍ତବ୍ୟ ଦେଇ କହିଥିଲେ ଯେ କୋକାକୋଲା କମ୍ପାନୀ ଆରମ୍ଭ କରିଥିବା ବ୍ୟକ୍ତି ଆମେରିକାରେ ପଣା (ଶିକଞ୍ଜି) ବିକ୍ରୀ କରୁଥିଲେ । ଏହାପରେ ସୋସିଆଲ୍ ମିଡ଼ିଆରେ ଶ୍ରୀ ଗାନ୍ଧୀଙ୍କୁ ହାସ୍ୟରୋଳର ଶୀକାର ହେବାକୁ ପଡ଼ିଥିଲା ।

ନିଜକୁ ଭାରତର ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଯୋଗ୍ୟ ବୋଲି କହୁଥିବା ଶ୍ରୀ ଗାନ୍ଧୀଙ୍କ ଏତାଦୃଶ ମନ୍ତବ୍ୟକୁ ଅନେକ ନାପସନ୍ଦ କରିଛନ୍ତି ।

## ୯. ଦିଲ୍ଲୀରେ ଧୁଳିଦ୍ୱାରା ପ୍ରଦୁଷଣ ଓ ଅନ୍ଧକାର

ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀରେ ଦିନକୁ ଦିନ ପ୍ରଦୁଷଣର ମାତ୍ରା ବୃଦ୍ଧି ପାଇବାକୁ ଲାଗିଛି । ଅନେକ ସମୟରେ ଏହି ପ୍ରଦୁଷଣର ମାତ୍ରା ଏତେ ପରିମାଣରେ ବୃଦ୍ଧି ପାଉଛି ଯେ ଏଥିପାଇଁ ରେଳ ଯାତାୟାତ ଏବଂ ଉଡ଼ାଜାହାଜ ଚଳାଚଳ ବ୍ୟାଘାତ ଘଟୁଛି । ତଥାପି ସରକାର ଏହି ଦିଗରେ କୌଣସି ତତ୍ପରତା ଦେଖାଇବା ଭଳି ମନେ ହେଉନାହିଁ । ଦିଲ୍ଲୀରେ ପ୍ରଦୁଷଣର ମାତ୍ରା ଏତେ ଅଧିକ ଯେ ବିନା ମାସ୍କ(ମୁହଁକୁ ଘୋଡ଼ାଇ)ରେ ବାହାରକୁ ବାହାରିବା ଅସମ୍ଭବ ଏବଂ ଏହା ଦ୍ୱାରା ଦିନକୁ ଦିନ ଶ୍ୱାସ ରୋଗ ବୃଦ୍ଧି ପାଉଛି । ଅଧିକାଂଶ ସମୟରେ ପ୍ରାତଃକାଳରେ ଏବଂ ବେଳେ ବେଳେ ଦିନ ଦ୍ୱିପହର ପର୍ଯ୍ୟନ୍ତ ବାୟୁମଣ୍ଡଳୀୟ ଧୁଳିକଣାର ମାତ୍ରା ଏତେ ଅଧିକ ହେଉଛି ଯେ ରାସ୍ତାରେ କେଇ ମିଟର ଆଗକୁ ଦେଖିବା ସମ୍ଭବ ହେଉନାହିଁ । ଏହିପରି ପରିସ୍ଥିତିରେ ସେହି ସବୁ ସ୍ଥାନରେ ରହୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା କଣ ହେଉଥିବା ତାହା ଭାବି ଦେଖନ୍ତୁ ।

Download Magazine from www.aahwaan.com

## ୧୦. ଆର୍ଏସ୍ଏସ୍‌ର କାର୍ଯ୍ୟକ୍ରମରେ ପ୍ରଣବ ମୁଖର୍ଜୀ

ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୂଖାର୍ଜୀ ବିଗତ ଦିନରେ ନାଗପୁରଠାରେ ଆୟୋଜିତ ଏକ ସଭାରେ ଯୋଗ ଦେଇଥିଲେ । ଏଥିରେ କିଛି ନୂତନତ୍ୱ ଲାଗୁନଥିବା ବେଳେ ଏହି କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ଆୟୋଜିତ ହୋଇଥିବା ଏବଂ ଏହି ସଂଗଠନକୁ କଂଗ୍ରେସ ସର୍ବଦା ବିରୋଧ କରୁଥିବା ବେଳେ କଂଗ୍ରେସର ସଦସ୍ୟ ଶ୍ରୀ ମୁଖାର୍ଜୀ ଏହି ସଂଗଠନର ଏକ ସଭାରେ ଅଂଶ ଗ୍ରହଣ କରିବା ଅନେକ ରାଜନୈତିକ କର୍ମୀଙ୍କୁ ପସନ୍ଦ ଲାଗିନଥିଲା ।

କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବରୁ ସେ ସଂଗଠନର ପ୍ରତିଷ୍ଠାତା ସରସଂଘସଞ୍ଚାଳକ କେଶବ ବଳିରାମ୍ ହେଗ୍‌ଡେୱାରଙ୍କ ଜନ୍ମସ୍ଥାନ ପରିଦର୍ଶନରେ ଯାଇଥିଲେ ଏବଂ ପରିଦର୍ଶକ ଡାଏରୀରେ ତାଙ୍କୁ ଭାରତମାତାର ଏକ ସୁସନ୍ତାନ ବୋଲି ଉଲ୍ଲେଖ କରିଥିଲେ ।

## ୧୧. ରମଜାନ ପାଇଁ ଅସ୍ତ୍ରବିରତି ଘୋଷଣାପରେ ଆତଙ୍କବାଦ

ପବିତ୍ର ରମଜାନ ମାସ ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷମଧ୍ୟ କାଶ୍ମୀରରେ ଅସ୍ତ୍ରବିରତିକୁ ପ୍ରମୁଖତା ଦିଆଯାଇଥିବା ବେଳେ ଏହି ମାସରେ ନିୟନ୍ତ୍ରଣରେଖା ପାର କରିବାର ଅନେକ ସୂଚନା ତଥା ଘଟଣା ସମ୍ମୁଖକୁ ଆସିଛି । ଦୂର୍ଭାଗ୍ୟର ବିଷୟ ଏହି ମାସରେ ସରକାରଙ୍କ କୋହଳ ମନୋବୃତ୍ତିକୁ ଆଧାର କରି ଅନେକ ଆତଙ୍କବାଦୀ ସଂଗଠନ ନିଜର ସଦସ୍ୟମାନଙ୍କୁ କାଶ୍ମୀର ପଠାଇବାକୁ ଚେଷ୍ଟା ଚଳାଇଛନ୍ତି ।

ଅନ୍ୟବର୍ଷ ମାନଙ୍କ ଭଳି ଚଳିତ ବର୍ଷ କିନ୍ତୁ ସୁରକ୍ଷାବଳଙ୍କୁ ଗୁଳିଚାଳନା କରିବାକୁ ମନା କରାଯାଇନାହିଁ । ଆତଙ୍କବାଦୀ କାର୍ଯ୍ୟକଳାପକୁ ଦେଖିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏବଂ ବିଗତ ଦୁଇ ସପ୍ତାହରେ ଅନେକ ଆତଙ୍କବାଦୀଙ୍କୁ ସୁରକ୍ଷାବଳ

Download Magazine from www.aahwaan.com

ଦ୍ୱାରା ନିରସ୍ତ୍ର କରାଯାଇଛି ଏବଂ ନିହତ ହୋଇଛନ୍ତି ।

ଆଜି ପବିତ୍ର ରଜ ସଂକ୍ରାନ୍ତି । ଏହି ଅବସରରେ ମୁଁ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ରଜପର୍ବର ଅଭିନନ୍ଦନ ଜଣାଉଛି । ବିଗତ ସଂଖ୍ୟାରେ ପ୍ରକାଶିତ ଗଳ୍ପସ୍ପର୍ଦ୍ଧାର ଫଳାଫଳ ପ୍ରକାଶିତ ହୋଇପାରିନାହିଁ ଏବଂ ଚଳିତ ସଂସ୍କରଣ ପାଇଁ ଅନେକ ଗଳ୍ପ ଆସିନଥିବା ହେତୁ ଏହି ବିଭାଗକୁ ଚଳିତ ମାସରେ ନିଷ୍କ୍ରିୟ କରି ଦିଆଯାଇଛି ।

ଆଗାମୀ ସଂସ୍କରଣ ମାନଙ୍କରେ ଆମେ ପୁଣି ଥରେ ଏହି ପ୍ରତିଯୋଗୀତାକୁ ଆଗେଇ ନେବାର ପ୍ରୟାସ କରିବା । ତେବେ ସେହି ଭବିଷ୍ୟତ ପୂର୍ବରୁ ଚଳିତ ସଂସ୍କରଣକୁ ଆସନ୍ତୁ ଉପଭୋଗ କରିବା, ଆମ ଭାଷା ସାହିତ୍ୟର ଉନ୍ନତି ପରିକଳ୍ପେ ସମସ୍ତେ ବ୍ରତୀ ହେବା, ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Download Magazine from www.aahwaan.com

# ଗଳ୍ପ ବିଭାଗ

Download Magazine from www.aahwaan.com

# ରଜପାଗ



ସୁଲଗ୍ନା ମହାନ୍ତି

ଗାଡି ଗାଁ ମୁଣ୍ଡରେ ପଶିଲା ବେଳକୁ ବି ଖରା । ମେଘ କାହିଁ ? ଲୀନା ଆଶ୍ଚର୍ଯ୍ୟ ହେଲା । ଆଜି ପରା ରଜ !! ତଥାପି ଏତେ ଖରା ? ପୁରା ପାଞ୍ଚବର୍ଷ ପରେ ଆଜି ଗାଁକୁ ଆସୁଛି ସେ । ସ୍ୱାମୀ ଅଫିସ୍ କାମରେ ବ୍ୟସ୍ତ । ଆସି ପାରିଲେନି । ନିଶାନ ଜନ୍ମର ତିନିମାସ ପରେ ଲୀନା ଯେଉଁ ଏଇ ଗାଁ ଛାଡିଥିଲା ତାପରେ ଆଜି ଆସିଛି । ଆଉ ଯୋଗକୁ ଆଜି ରଜ । ଗାଁ ରଜ ଆଜି ବୋଧେ ସେ ଦଶବର୍ଷ ପରେ ଦେଖିବ । ବାହାଘର ପରେ ରଜ ସମୟରେ କେବେ ଆଉ ସେ ଆସିପାରିନି । ଆମେରିକାରେ ରହି ଫେସବୁକରେ ଦେଖେ ସାଙ୍ଗଙ୍କ ରଜ ଫଟୋ ସବୁ । କିନ୍ତୁ ଆଜି ଗାଁ ମୁଣ୍ଡ ତୋଟାରେ ଝିଅଙ୍କ ଦୋଳିଖେଳ ଦେଖି ଲୀନାର ମନ ସେଇ ପୁରୁଣା ଦିନକୁ ଚାଲିଗଲା ।

କାଲି ଭଳି ଲାଗୁଛି । ରଜ ସଜବାଜ । ସାଙ୍ଗ ସବୁ ସଜ ହେଇ ଲୀନାଘରେ ପହଞ୍ଚନ୍ତି । ନୂଆ ଲୁଗା । ମୁଣ୍ଡରେ ମଲ୍ଲୀ ମାଳ । ପାଦରେ ଅଳତା । ଏବେ ଆଉ ମୁଣ୍ଡରେ ଟିପି ଟିପି ଦିଆହୁଏନି । ବଡ଼ ହେଲେଣି ଏମାନେ ସବୁ । ନୂଆ ନୂଆ ଏବେ ହାତରେ ମେହେନ୍ଦି ଲଗେଇବା ଷ୍ଟାଇଲ ହେଇଚି । ଲୀନା ସମସ୍ତଙ୍କ ଓଠରେ ଆଉ ଟିକିଏ ନାଲି ବୋଳିଦିଏ ଆଉ ଆଖିରେ କଳା ।

ବୋଉ ଆଣି ଥୋଇଦିଏ ଥାଳିଏ ପିଠା । ତା'ପରେ ବୁଲା ହୁଏ ସାହିରୁ ସାହି । ବାଟରେ ଜଗିଥାନ୍ତି ରୋମିଓ ଦଳ ।ସୁନ୍ଦରୀ ଝିଅଙ୍କ ରାସ୍ତାକୁ ଚାହିଁ ବସିଥାନ୍ତି ସବୁ ।ଆଖିରେ ଆଖିରେ କେତେ କଥାବାର୍ତ୍ତା ।ସବୁ ଘରେ ହୁଏ ପିଠାପଣା ।ଖାଇପିଇ ଯାଆନ୍ତି ଝିଅଦଳ ଯାଆନ୍ତି

Download Magazine from www.aahwaan.com

ଆମ୍ବତୋଟାକୁ ।ଚାଲେ ପୁଣି ଦିପହର ଯାଏଁ ଦୋଳିଖେଳ ।

ଆଉ ଦୋଳିଖେଳ ଜାଗାରେ ଜଗିଥାନ୍ତି ଅମର ଭାଇ; ତାଙ୍କ ସାଙ୍ଗମାନଙ୍କ ସାଙ୍ଗରେ । ଆଖି ଦୁଇଟା ତାଙ୍କର ଖାଲି ଖୋଜୁଥାଏ ଲୀନାକୁ । ଲୀନା ଏ କଥା ଜାଣେ । ହେଲେ ସେ ନିଜ ଖୁମାଣରେ ରହିଥାଏ । ପୁଅମାନେ ଝିଅଙ୍କ ଦୋଳି ଠେଲିବାରେ ସାହାଯ୍ୟ କରନ୍ତି । ଲୀନା ଅମର ଭାଇର ଆଖିରେ ଆଖି ମିଶେଇ କେବେ ଚାହେଁନି । କିନ୍ତୁ ଅମର ଭାଇ ଆଉ କାହା ଦୋଳି ଠେଲିଦେଲେ ସେ ମନେ ମନେ ବହୁତ ରାଗିଯାଏ ।

ଗାଁରେ ମେଳା ବସେ । ରାମଦୋଳି ଆସେ । ଝିଅ ସବୁ ବସିବାକୁ ଯାଆନ୍ତି । ବହୁତ ଉଚ୍ଚ ସେ ଦୋଳି । ହାତଗୋଡ ପାଏନି । ପୁଅଗୁଡା ଆଗଭର ହେଇ ସାହାଯ୍ୟ କରିବାକୁ ଦଉଡ଼ି ଆସନ୍ତି । ଅମର ଭାଇ ସେଇ ବାହାନାରେ ଲୀନାର ନରମ ହାତକୁ ଧରି ତାକୁ ହସିହସି ଦୋଳିରେ ବସେଇ ଦିଅନ୍ତି । ଦୋଳି ରହିଲେ ପୁଣି ଯାଇ ତାକୁ ଓହ୍ଲେଇ ଦିଅନ୍ତି । ଲୀନା ବି କଣେଇ କି ଦେଖେ ଅମର ଭାଇର ମନଲୋଭା ହସ । ହେଲେ କିଛି କୁହେନି ।

ତା'ପରଦିନ ଅମର ଭାଇର ମାଁ ଘର ତାଙ୍କ ଘରକୁ ଡାକନ୍ତି ଲୀନାକୁ ଆଉ ତା ସାଙ୍ଗମାନଙ୍କୁ । ତାଙ୍କର ଝିଅ ନାହିଁ । ସେଥିପାଇଁ ଏଇ ଝିଅଙ୍କୁ ଭାରି ଭଲପାଆନ୍ତି ସେ । ଲୀନା ସଜବାଜ ହେଇ ଯାଇଥାଏ । ଲୀନାକୁ ପୋଡପିଠା ମାଂସ ତରକାରୀ ବଢିଆ ଲାଗେ ।

ସେଦିନ ମାଉସୀ ବଢିଆ ପିଠା ତରକାରୀ ବାଢ଼ିଦେଲେ । ଲୀନା ଆଗ ଆଗ ସବୁ ଖାଇଦେଇ ହାତ ଧୋଇବାକୁ ଚାଲିଗଲା । ହାତ ଧୋଇ ସାରିଲା ବେଳକୁ ଦେଖିଲା ପଛରେ ଅମର ଭାଇ । ତା' ହାତକୁ ବଢେଇ ଦେଲେ ସେ ମିଠା ରଜ ପାନ । ବଢ଼ଉ ବଢ଼ଉ କହିଲେ, "ଆଜି ବହୁତ ସୁନ୍ଦର ଦିଶୁଛୁ ଲୀନା । ପରୀଟିଏ ଭଳି ।" ଲୀନାକୁ ଲାଜ ଲାଗିଲା । ସେ ତଳକୁ ମୁହଁ କରିଦେଲା । କିଛି କହିଲାନି । ଅମର ଭାଇ ଆଉ କିଛି କହିଥାନ୍ତେ ବୋଧେ ଆକାଶରେ ଘଡଘଡି ହେଲା । ଲୀନା ଚମକି ପଡିଲା । କଳାମେଘ ଘୋଟି ଆସିଲା ଆକାଶରେ ।

Download Magazine from www.aahwaan.com

ସେତିକିବେଳକୁ ଲୀନାର ସାଙ୍ଗମାନେ ଆସିଗଲେ । ଅମର ଭାଇ ତାଙ୍କୁ ବି ପାନଦେଇ ବାହାରକୁ ଚାଲିଗଲେ । ଲୀନା ଭାବିଲା ଅଧିକା କଣ ଆଉ କହିଥାନ୍ତେ କି ସେ ? ? କେଜାଣି ! !

ସେଇ ଖରାଛୁଟି ପରେ ଲୀନା ସହରକୁ ଆସିଗଲା ପଢିବାପାଇଁ । ଶୁଣିଲା ଅମର ଭାଇ ଚାକିରୀ ପାଇ ଦୁବାଇ ଚାଲିଯାଇଛନ୍ତି । ତା'ପରେ ତାଙ୍କ ସାଙ୍ଗେ ଆଉ ଦେଖା ହେଇନି । ଏବେ ଶୁଣିଛି ମାଉସୀଙ୍କ ଦେହ ଖରାପ ପରେ ଅମର ଭାଇ ଗାଁକୁ ଚାଲିଆସି ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି ।

ଏତିକି ଭାବୁଭାବୁ ଗାଡି ହର୍ଣ୍ଣ ଦେଲା । ଲୀନା ଦେଖିଲା ସେ ନିଜ ଘର ସାମ୍ନାରେ । ବଡ଼ଭାଇ ଆଗ ସିଟରୁ ତାକୁ ଡାକୁଛନ୍ତି । ନିଶାନ ବି ନିଦରୁ ଉଠିପଡ଼ିଲାଣି । ଲୀନା ଗାଡିରୁ ଓହ୍ଲେଇ ଘର ଭିତରକୁ ପଶୁଛି ଘର ଭିତରୁ ଗୋଟିଏ ଚିହ୍ନାମୁହଁ ବାହାରି ଆସିଲା । ସାଙ୍ଗରେ ସଜବାଜ ହେଇ ସୁନ୍ଦର ଝିଅଟିଏ । ଲୋକଟି ମୁଣ୍ଡରୁ ଚୁଟି ଟିକିଏ ଝଡି ଯାଇଛି କିନ୍ତୁ ହସଟି ସେଇ ମନଲୋଭା । ଲୀନା ହାତଟେକି ନମସ୍କାର କଲା ଅମର ଭାଇଙ୍କୁ । ହସିଦେଇ ମୁଣ୍ଡ ହଲେଇଲେ ସେ । ଲୀନା ପୁଅକୁ କହିଲା ନମସ୍କାର କରିବାକୁ । ତା'ପରେ ପୁଅ ଅମର ଭାଇର ଝିଅ ସାଙ୍ଗେ ହେଣ୍ଡଶେକ୍ କଲା ।

ବଡ଼ ଭାଇ କହିଲେ, "ଆରେ ଅମର । ଲୀନା ଆସିଲା ଆଉ ତୁ ଚାଲିଯାଉଚୁ ଯେ ?" ଅମର ଭାଇ କହିଲେ, "ମଉସାଙ୍କୁ ଦେଖିବାକୁ ଆସଥିଲି । ଆସିବି ପରେ । ଲୀନା ସାଙ୍ଗେ ତ ଦେଖାହେଲା । ଝିଅ ତୋଟାକୁ ଯିବ ଦୋଳିଖେଳି । ଯାଉଛି ଛାଡିବାକୁ । ପୁଣି ମେଘ ବି ଆସିଲାଣି ।" ତାଙ୍କ କଥା ଶୁଣି ଲୀନା ଆକାଶକୁ ଚାହିଁଲା । ତା' ଛାତି ଧଡଧଡ ହେଲା କି ? ମନ ପୁଣି ପଛକୁ ଫେରିଗଲା କି ? ? କେଜାଣି ! !

ଅମର ଭାଇ ନିଜ ଝିଅକୁ ନେଇ ଚାଲିଗଲେ । ବଡ଼ଭାଇ ତା' ବ୍ୟାଗ ନେଇ ଭିତରକୁ

Download Magazine from www.aahwaan.com

ଗଲେ । ଲୀନା ତା଼ ପୁଅ ହାତକୁ ଟାଣିଲା । ପୁଅ ଅମର ଭାଇ ଯିବା ରାସ୍ତାକୁ ଚାହିଁଥାଏ । ଲୀନା ପଚାରିଲା, "ଆରେ କଣ ଦେଖୁଛୁ ?" ଲୀନାକୁ ଚାହିଁ ନିଶାନ କହିଲା, "ମାମା, ସି ଇଜ୍ ସୋ ପ୍ରୀଟି । ସି ଲୁକ୍ସ ଲାଇକ୍ ଏନ ଏଞ୍ଜେଲ ।" ଲୀନା ତା ପାଞ୍ଚବର୍ଷର ପୁଅ କଥା ଶୁଣି କଣ କହିବ ଜାଣିପାରିଲାନି । ସେ ଟିକିଏ ହସିଦେଇ ଘର ଭିତରକୁ ପାଦ ବଢ଼େଇଲା । ବାହାରେ ବହୁତ ଦିନ ପରେ ଆଜି ପୁଣି ଥରେ ରଜ ପାଗ ଆସି ଯାଇଥିଲା ।

ଲୀନା ପୁଅକୁ ନେଇ ଘର ଭିତରକୁ ଗଲା । ବୋଉ ସେତେବେଳକୁ ବାହାରକୁ ଆସୁଥାଏ ଲୀନା ଆସିଲାଣି କି ନାହିଁ ଦେଖିବାକୁ । ବାପା ବିଛଣାରେ ଅଧଶୁଆ ଅବସ୍ଥାରେ ବସିଥାନ୍ତି । ଭାଉଜ ରୋଷେଇଘରେ ବ୍ୟସ୍ତ । ତାକୁ ଦେଖି ସବୁ ଖୁସି ହେଲେ । ନିଶାନକୁ କୋଳକୁ ନେଲେ ।

ବାପା ବୋଉଙ୍କୁ ଦୁଇବର୍ଷ ତଳେ ସେ ଆମେରିକା ଡକେଇଥିଲା । ତା଼ପରେ କିନ୍ତୁ ଖାଲି ଭିଡ଼ିଓ କଲ । ଭେଟ ହେଇପାରିନି । କିନ୍ତୁ କାହାରିକୁ ନ ଭେଟି ବି ନିଶାନ ସମସ୍ତଙ୍କ ସାଙ୍ଗେ ମିଶି ଯାଉଥିଲା । ପୁରା ତା଼ ବାପା ଭଳି । ଭାଉଜ ଆରିଶା କାକରା ପୋଡପିଠା ବନେଇଥାନ୍ତି । ବହୁତ ଆଦରରେ ସେ ଆଉ ବୋଉ ଲୀନାକୁ ଆଉ ନିଶାନକୁ ପିଠା ଖୁଏଇଲେ । ଏତେଦିନ ପରେ ଭାଉଜଙ୍କ ହାତ ତିଆରି ପିଠା ଖାଇଲା ଲୀନା । ତା' ଝିଆରୀ ସାନୁ ତେର ବର୍ଷର । ସେ ଅପା ଅପା ବୋଲି ଲୀନାର ପିଛା ଛାଡୁନଥାଏ । ଲୀନା ଭାବୁଥିଲା କେତେ ସ୍ନେହ ଆଉ ପ୍ରେମକୁ ପଛରେ ଛାଡି ଦୁନିଆ ବୁଲୁଛି ସେ । ମନଟା ଭାରି ହେଇଯାଉଥିଲା ତା'ର ।

ଝିଆରୀ ସାନୁ ପାଇଁ ତା଼ ରୁମରେ ରଜ ବିଛଣା ପାରିଥାନ୍ତି ଭାଉଜ । ସେଇଠି ରଜରେ ସାନୁ ଆଉ ତା଼ ସାଙ୍ଗମାନେ ମଉଜ କରନ୍ତି । ସେଇଟା ଏକଦା ଲୀନାର ରୁମ ଥିଲା । ଅତୀତ ଖାଲି ଆଖି ଆଗରେ ଖାଲି ନାଚି ଯାଉଥିଲା ଲୀନାର । ପିଠା ଖାଇସାରି ସେ ଭାଉଜଙ୍କ

Download Magazine from www.aahwaan.com

ସାଙ୍ଗେ ଛାତ ଉପରକୁ ଗଲା । ଛାତରୁ ଦେଖିଲା ଏବେ ବି ପୁଅମାନେ ଡୁଡୁ ବାଗୁଡି ଖେଳୁଛନ୍ତି । ଝିଅମାନେ ବୋହୁଚୋରି । ଗୀତ ଭାସି ଆସୁଛି

"ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ ଘେନି ନୂଆ ସଜବାଜ ।
ରଜଦୋଳି କଟମଟ,
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ,
ସୁନା ମୁକୁଟ ଲୋ ଦିଶୁଥାଏ ଝଟଝଟ ।"

ଲୀନା ଭାବୁଥିଲା ଦୁନିଆ ଯେତେ ଆଗକୁ ଯାଉନା କାହିଁକି ଏଇ ରଜ ଆଉ ମଉଜ ଏବେ ବି ଚାଲିଛି !! ଓଡ଼ିଆ ଗାଁରେ ଏବେ ବି ଓଡ଼ିଶାର ସଂସ୍କୃତିଟି ବଞ୍ଚିକି ରହିଛି !! ଏଇ ଗାଁର ଝିଅ ସେ । ଏଇ ପାଣି ପବନରେ ବଢିଥିଲା ସେ । ଆଉ ଏତେ ବର୍ଷ ପରେ ବି ଏଇ ଗାଁ ଏବେ ବି ବଞ୍ଚିଛି । ଏତିକି ଭାବିଦେଲା କ୍ଷଣି ଲୀନାର ମନ ଏକ ଅଜଣା ପୁଲକରେ ଭରିଗଲା ।

ଶେଷ ରଜଦିନ ବୋଉ କହିଲା ଅମର ଭାଇଙ୍କ ମା' ତାଙ୍କ ଘର ସମସ୍ତଙ୍କୁ ଖାଇବାକୁ ଡାକିଛନ୍ତି ସନ୍ଧ୍ୟାବେଳେ । ଲୀନା ମନ ଦୁକୁଦୁକୁ । ଯିବ କି ନ ଯିବ ସେ !! ଏତେଦିନ ଧରି ତାଙ୍କ ଘରକୁ ଯାଇନି । ଆଉ ଯେବେ ବି ଯାଇଛି ମାଉସୀ ମଉସା ଏକୁଟିଆ । ହେଲେ ଏବେ ? ଏବେ ଅମର ଭାଇ ସେଠି !! କିନ୍ତୁ ବୋଉକୁ କଣ କହି ମନା କରିବ ସେ ? ଆଉ କାହିଁକି ବା ସେ ମନା କରିବ ? କଣ ବା ସେମିତି ଥିଲା ତାଙ୍କ ଭିତରେ ? କିନ୍ତୁ କାହିଁକି କେଜାଣି ଅମର ଭାଇର ସୁଖୀ ସଂସାର ଦେଖି ସେ ନିଜେ କେତେ ଯେ ସୁଖୀ ହେବ ସେଇଟା ନେଇ ଲୀନାର ନିଜ ଉପରେ ବିଶ୍ୱାସ ନଥିଲା ।

Download Magazine from www.aahwaan.com

ସେ ଯାହା ହଉ ସନ୍ଧ୍ୟାରେ ଭାଉଜ ସାନୁ ସେ ଆଉ ନିଶାନ ଅମର ଭାଇ ଘରକୁ ଗଲେ । ଭାଇ କାମରେ ବାହାରକୁ ଯାଇଥାନ୍ତି । ବୋଉ ବାପାଙ୍କ ପାଖେ ଘରେ ରହିଲା । ଅମର ଭାଇ ଘରେ ନଥିଲେ ସନ୍ଧ୍ୟାବେଳକୁ । ତାଙ୍କ ଝିଅ ବି ସାଙ୍ଗମାନଙ୍କ ସାଙ୍ଗେ ବାହାରେ ଥିଲା । ତାକୁ ନିଶାନ ଖୋଜୁଥାଏ ତାଙ୍କ ଘରେ ପହଂଚିଲା କ୍ଷଣି । ଘରେ ମଉସା ମାଉସୀ ଆଉ ମାନି ଭାଉଜ ।

ମାନି ଭାଉଜ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ । ଲୀନା ଚାହିଁଲା ତାଙ୍କୁ । ଝିଅ ତା'ହେଲେ ୟାଙ୍କରି ପ୍ରତିଛବି ? ? ମାନି ଭାଉଜ ଗୋଟିଏ ମିନିଟରେ ପରକୁ ଆପଣା କରି ପାରୁଥିବା ମଣିଷ । ସାଙ୍ଗେ ସାଙ୍ଗେ ତାକୁ ବି ନିଜର କରିନେଲେ । ତା' ଓଠ ଧରି କହିଲେ, "ବହୁତ ଶୁଣିଚି ତୁମ କଥା । ଭେଟିବାକୁ ବହୁତ ଇଚ୍ଛା ଥିଲା ।" ଲୀନା ଭାବିଲା, କିଏ କହେ ତା' କଥା ? ? ମାଉସୀ ? ନା ଅମର ଭାଇ ? ? କିନ୍ତୁ କାହିଁକି ?" ମାନି ଭାଉଜ ତାକୁ ପାଖରେ ବସେଇ ଗପିଲେ । ବଢ଼ିଆ ବାଡି ଆମ୍ବ, ପଣସ ଆଉ ଲିଚୁ ଦେଲେ । ତାଙ୍କ ହାତ ତିଆରି କ୍ଷୀରି ଖୁଏଇଲେ । ଲୀନା ତାଙ୍କୁ ଦେଖୁଥାଏଁ । ଦେଖୁଥାଏ ନା ତଉଲୁଥାଏ ସେ ? ନା' ଖୁସି ହେଉଥାଏ ଅମର ଭାଇ ତାଙ୍କ ଜୀବନରେ ସୁଖୀ ହେଇଛନ୍ତି ବୋଲି ? କେଜାଣି ! ! ଲୀନା ନିଜେ ବି ଜାଣି ପାରୁ ନଥିଲା ।

କିଛି ସମୟପରେ ଅମର ଭାଇ ଝିଅ ରୋମାକୁ ନେଇ ଘରକୁ ଆସିଲେ । ନିଶାନ ଆଉ ରୋମା ଖେଳରେ ମଜିଗଲେ । ଅମର ଭାଇ ଲୀନା ପାଖରେ ବସିଲେ । ତା' ଭଲମନ୍ଦ ପଚାରିଲେ । ତା' ସ୍ୱାମୀଙ୍କ ବିଷୟରେ ପଚାରିଲେ । ତାଙ୍କୁ ନେଇ ପୁଣି ଗାଁକୁ ଆସିବାକୁ କହିଲେ । ଲୀନା ତାଙ୍କୁ ତାଙ୍କ ବ୍ୟବସାୟ ବିଷୟରେ ପଚାରିଲା । ତାଙ୍କୁ ଡ଼ାକିଲା ଆମେରିକାକୁ । ଭାଉଜଙ୍କୁ ଧରି ବୁଲି ଆସିବାକୁ । ସେ ହଁ ମାରିଲେ । ତେବେ ତାଙ୍କୁ କାଇଁ ଡ଼ାକିଲା ଲୀନା ? କଣ ଲୀନା ବି ତାଙ୍କୁ ନିଜ ସୁଖୀ ସଂସାର ଦେଖେଇବାକୁ ଚାହୁଁଥିଲା ? ?

Download Magazine from www.aahwaan.com

କେଜାଣି !!

ଆଠଟା ବେଳକୁ ସମସ୍ତେ ଖାଇବାକୁ ବସିଲେ । ଚକୁଳି ପିଠା, ଘାଣ୍ଟ, ମାଂସ ଝୋଳ, ଆଉ ଛେନା ଗଜାର ଯୋଉ ମଜ !! ଲୀନା ତଣ୍ଟିଯାଏଁ ଖାଇ ପକେଇଲା ସେଦିନ । କେବେ ପିଠା ଖାଉନଥିବା ନିଶାନ ବି ପ୍ଲେଟ ସଫା କରିଦେଲା । ଖାଇସାରି ଉଠିଲେ ସବୁ । ନିଶାନ ଆଉ ରୋମା ପୁଣି ଖେଳରେ ମାତି ଯାଇଥାନ୍ତି । ମାନି ଭାଉଜ ଫେର୍ ଦୁଇଟି ରସଗୋଲା ଆଣି ଧରେଇଲେ । ନାହିଁ ନାହିଁ କରୁ କରୁ ମୁହଁରେ ପୁରେଇ ଦେଲେ ରସଗୋଲାଟିଏ । ଲୀନା ଖାଇଲା ।

ଆର ରସଗୋଲାଟି ଖାଉଖାଉ ଲୀନାର ଶାଢୀରେ ପଡିଗଲା ରସ । ସାଙ୍ଗେ ସାଙ୍ଗେ ନ ଧୋଇଲେ ଦାଗ ଯିବନି । ସେ ଧୋଇବା ପାଇଁ ଉଠିଗଲା । କିଚେନ ପାଖ ସିଙ୍କରେ ପାଣିରେ ପୋଛିଲା ଶାଢ଼ୀର ଦାଗଟା । ସେଠୁ ବୁଲିପଡ଼ିଲା ବେଳକୁ ଅମର ଭାଇ । ହାତରେ ସେଇ ରଜର କୋଟିକମକରା ଲବଙ୍ଗମରା ଖିଲିପାନ । ସେଥିରେ ଗୁଆ ଖଇର, ମିଠା ମସଲା, ଗୁଜୁରାତି, ନଡ଼ିଆପାତି । ମୁହଁରେ ସେଇ ହସ । ଲୀନା ହାତକୁ ସେ ପାନଟି ବଢେଇଦେଲେ । ଲୀନା କିଛି ଜାଣି ପାରୁନଥିଲା । ଏଇଟା ଆଜିର କଥା ନା ପନ୍ଦର ବର୍ଷ ତଳ କଥା ??

ଲୀନାର ଗର୍ଭ, ଲୀନାର ଆତ୍ମଗର୍ବ ଆଜି ତା' ଉପରେ ହସୁଥାଏ । କିନ୍ତୁ ଆଜି ସେ ଛାଡ଼ିବନି । ମନରେ ବହୁତ ସାହସ ବାନ୍ଧି ପଚାରିଲା, “ଅମର ଭାଇ, ସେଦିନ ପାନ ଦେଇ ତୁମେ ମତେ କଣ କହିବାକୁ ଚାହୁଁଥିଲ ?” ତା' କଥା ଶୁଣି ଅମର ଭାଇ ଟିକିଏ ଥମ ହେଇକି ଠିଆହେଲେ । ଖୁମାଣିଆ ଆଉ ମଉନାମୁହିଁ ଏଇ ଲୀନାଠୁ ସେ ବୋଧେ ଏମିତି ପ୍ରଶ୍ନଟିଏ ଆଶା କରିନଥିଲେ ।

ତେବେ ଅମର ଭାଇ କିଛି କହିବା ପୂର୍ବରୁ ସେପଟୁ ନିଶାନ ଦଉଡ଼ି ଆସିଲା ଆଉ କହିଲା, “ମାମା, ଆମେ ରୋମାକୁ ଆମ ସାଙ୍ଗରେ ଆମ ଘରକୁ ନେଇଯିବା । ନାଓ ସି ଇଜ୍

Download Magazine from www.aahwaan.com

ମାଇ ବେଷ୍ଟ ଫ୍ରେଣ୍ଡ । ଆଇ ଲଭ ହର । ସେ ଆମ ଘରେ ରହିବ । ସେ ମାମା ହବ ଆଉ ମୁଁ ପାପା ।” ଲୀନା ତା' କଥା ଶୁଣି ଅପ୍ରତିଭ ହେଇଗଲା । ପିଲାଟା ଏମିତି କଣ ଅଭଦ୍ରଙ୍କ ଭଳି କହୁଛି ? ? ରାଗରେ ସେ ନିଶାନର କାନ ମୋଡ଼ିବାକୁ ଯାଉଛି ଅମର ଭାଇ ନିଶାନକୁ ନିଜ ଆଡକୁ ଟାଣିନେଲେ । ତା'ପରେ କହିଲେ, “ରାଗୁଛୁ କାହିଁକି ଲୀନା ? ପିଲାବେଳେ ହିଁ ବୋଧହୁଏ ମଣିଷ ନିଜ ମନକଥା ଏତେ ମନଖୋଲି କହିପାରେ । ବଡ ହେଲା ପରେ ଖାଲି ଡର, ଖୁମାଣ ଆଉ ଅଙ୍କକଷା । ନୁହେଁ କି ? ?” ତାପରେ ସେ ନିଶାନକୁ ଦେଖି କହିଲେ, “ତୁ ଯା ନିଶାନ ।”

ନିଶାନ ଦଉଡ଼ି କି ଭିତରକୁ ପଳେଇଲା । ବାହାରେ ବର୍ଷା ଆରମ୍ଭ ହେଇଯାଇଥିଲା । ବର୍ଷା ବିନା କି ରଜ ଯେ ? ? ଲୀନା ଅମର ଭାଇଙ୍କ ମୁହଁକୁ ଚାହିଁଲା । ଅମର ଭାଇ ବି ତାକୁ ଚାହିଁଥିଲେ । ସେ ନିଶାନର ପକ୍ଷ ନେଉଥିଲେ ନା ତା' ପ୍ରଶ୍ନର ଉତ୍ତର ଦେଉଥିଲେ ସେଇଟା ଜାଣିବାକୁ ତାକୁ ବେଶି ସମୟ ଲାଗିନଥିଲା ଲୀନାକୁ । ବର୍ଷାର ବେଗ ସେତେବେଳକୁ ବଢ଼ିବାରେ ଲାଗିଥିଲା । ହଉ । ବଢୁ । ବର୍ଷା ସରିଗଲେ ରଜ ବି ସରିଯିବ ଯେ ! ! ଆଉ ରଜ ସରିଗଲେ ତା' ସାଙ୍ଗକୁ ସରିଯିବ ସ୍ମୃତିର ଏଇ ସୁନ୍ଦର ମନଲୋଭା ଚଳଚ୍ଚିତ୍ର ! ! ! ଲୀନା ସେଇ ରଜପାଗ ଭିତରେ ନିଜକୁ ନିଜେ ହଜେଇ ଦେଇଥିଲା ।

ସହକାରୀ ଅଧ୍ୟାପିକା,
ଅମୃତା ବିଶ୍ୱବିଦ୍ୟାଳୟ, କୋଏମ୍ବାଟୁର
ତାମିଲନାଡୁ, ଭାରତ
ଭ୍ରାମ୍ୟଭାଷ : ୦୭୭୪୯୯୯୫୩୬୬
ଇମେଲ୍ : sulagna2008@gmail.com

Download Magazine from www.aahwaan.com

# ସୁନେଲୀ ସିଂହ (ଜୁନ୍-୧୮)



ଅଶୋକ ବିଶ୍ୱାଳ

ଜଙ୍ଗଲରେ ଅନେକ ଜୀବ

ଏ ଭିତରେ କିଛି ଦିନ ବିତି ଯାଇଛି ।ଦୁଇ ସିଂହ ଛୁଆ ଏକାକୀ ଅନେକ ପଶୁ ପକ୍ଷୀ ଦେଖିଲେଣି ।ମା ଥିଲାବେଳେ ସେମାନେ ମା ସହ ଖେଳିବାକୁ ଲାଗନ୍ତି ।ଖେଳଟା ସେମିତି କିଛି ନୁହେଁ ।ମା ଉପରେ ଚଢି ଯାଆନ୍ତି, ମା ଲାଙ୍ଗୁଡ ଟାଣନ୍ତି ।ନିଜ ଭିତରେ କିଛି ଦୌଡା ଦୌଡି ହୁଅନ୍ତି ।ମା ଚାଲିଗଲା ପରେ ସେମାନଙ୍କ ପାଖରେ କିଛି କରିବାକୁ ନଥାଏ ।ସବୁବେଳେ ଶୋଇ ହୁଏ ନାହିଁ ।ଚେଇଁ ରହିବା ସମୟରେ ସେମାନେ ମା'ର ଆକଟ ଯୋଗୁ ବେଶି ବୁଲନ୍ତି ନାହିଁ ।କିନ୍ତୁ ଛପି ଛପି ବହୁତ ଜିନିଷ ଲକ୍ଷ୍ୟ କରନ୍ତି ।ସେମାନଙ୍କ ଆଖ ପାଖରେ ଅନେକ ଘଟଣା ଘଟି ଯାଉଥାଏ ।ବହୁତ ପଶୁ ପକ୍ଷୀ ସେମାନଙ୍କୁ ଦେଖି ଡରନ୍ତି ନାହିଁ ।ଏ ଦୁହେଁ ତ ଏକଦମ ଛୁଆ ।ଆକାର ନଥିଲେ କଣ ପାଇଁ ଆଉ ଜଣେ ଡରିବ ?

ଦିନେ ମା' ଅପରାହ୍ନରେ ଶିକାର ପାଇଁ ଚାଲି ଯାଇଥିଲା ।ଆଜିକାଲି ସେମାନଙ୍କୁ ବହୁତ ଭୋକ ଲାଗୁଛି ।ମା'କୁ ପେଟ ପୁରାଇବା ପାଇଁ ଅଧିକ ଖାଇବା ଦରକାର ।ଏଣୁ ବାଧ୍ୟ ହୋଇ ମା ସେମାନଙ୍କୁ ଛାଡି ଶିକାର ପାଇଁ ଚାଲି ଯାଉଥିଲା ।ଜଙ୍ଗଲ ଭିତରଟା ଛାଇ ଛାଇଆ ଅନ୍ଧାର ।ଛାଇ ଟିକେ କମିଲେ ଜଙ୍ଗଲ ଜଲଦି ଅନ୍ଧାର ହୋଇଆସେ ।ସେମାନେ ଟିକେ ବାହାରିଲେ ।ସେମାନଙ୍କର ଆଖି ସବୁ ଆଡକୁ ଦେଖୁଥିଲା ।ନୂଆ ଜିନିଷ ଦେଖିବାକୁ ସେମାନେ ସବୁବେଳେ ତତ୍ପର ଥିଲେ ।

ହଠାତ୍ ଠକ୍ ଠକ୍ ଶବ୍ଦ ଆସିଲା ।କିଏ ଖୁବ ଜୋରରେ ଡାଳକୁ ବାଡଉଛି ।ଏମିତିଆ

Download Magazine from www.aahwaan.com

ଶବ୍ଦ ଶୁଣି ସେମାନଙ୍କର ନିଦ ଏକଦମ ଛାଡିଗଲା ।ସେମାନେ ଗଳି କରି ଅନାଇଲେ ।କିଛି ଦୂରରେ ଏକ ଢିପ ଉପରେ ବଡ ଗଛଟିଏ ଥିଲା ।ତା'ର କିଛି ଶାଖା ମରି ଯାଇଥିଲା ।ବକଳ ପ୍ରାୟ ଛାଡି ଯାଇଥିଲା ।ସେମିତିଆ ଗଛରେ ଗୋଟିଏ ପକ୍ଷୀ ସିଧା ହୋଇ ଉପରକୁ ବଢିଯାଇଥିବା ଗଣ୍ଡିରେ ଟାଣୁଆ ନଖକୁ ଲଗାଇ ଦେଇ ବସିଥିଲା ।ଲାଲ, କଳା ରଙ୍ଗୀନ ଏକ ଛୋଟ ପକ୍ଷୀ ।ସାଧାରଣ ପାରା ବା କପୋତ ଆକାରର ହେବ ।ପକ୍ଷୀଟି ମାଟିରେ ଚାଲିଲା ଭଳି ସିଧା ଗଛ ଉପରକୁ ଚଢି ଯାଉଥିଲା । ମଝିରେ ମଝିରେ ଶୁଖିଲା ଗଛ ଗଣ୍ଡିକୁ ଜୋରରେ ଖୁବ ଜୋରରେ ଥଂଟରେ ବାଡାଉଥିଲା ଯେମିତିକି କିଏ ହାତୁଡିରେ ଏକ କାଠକୁ ବାଡଉଛି ।ସେମିତିଆ ଜୋରରେ ବାଡେଇବା ଦ୍ୱାରା ଠକ ଠକ ଶବ୍ଦ ଆସୁଥିଲା ।ପୁଣି କିଛି ସମୟ ପରେ ଖୁବ ଜୋରରେ ଏପଟ ସେପଟ ହୋଇ ଗଛ ଚଢୁଥିଲା ।କାଠହଣା ଚଢେଇଟି ଏମିତି ଶୁଖିଲା ଡାଳରୁ ପୋକ ଜୋକ ଖୋଜୁଥିଲା ।ଶୁଖିଲା ଡାଳ ଆଉ ବକଳ ତଳେ ସ୍ୱାଦିଷ୍ଟ ପୋକ ବା ଲାର୍ଭା ମାନେ ଲୁଚିକରି ଥାଆନ୍ତି ।

ଛୁଆ ଦୁହେଁ ଏପଟ ସେପଟ ଅନାଇଲେ ।ଲୟରେ ଏକ ବଡ ଗଛକୁ ଦେଖୁଥିଲେ ।ଅଳ୍ପ ଶୁଖିଲା ଗଛ ।କିନ୍ତୁ ଉପର ପତ୍ରସବୁ ସବୁଜ ଥିଲା ।ସେଦିନ ସେମାନେ ଏକ ଆଶ୍ଚର୍ଯ୍ୟ ଜନକ ପକ୍ଷୀ ଦେଖିଲେ ।ସେ ପକ୍ଷୀଟି କିଛି ଭିନ୍ନ ଥିଲା ।ସେ ପକ୍ଷୀଟା ଗଛ ଭିତରୁ ବାହାରି ଆସିଲା ।ଗଛ ଗଣ୍ଡିରେ ଏକ କୋରଡ ଥିଲା ଆଉ ସେ ଭିତରେ ପେଚା ରହୁଥିଲା ।

ସେହି ପକ୍ଷୀଟାକୁ ଦେଖିଲେ ଡର ଲାଗୁଥଲା ।ପକ୍ଷୀଟାର ବେକ ନାହିଁ ।ଏମାନଙ୍କର ମୁଣ୍ଡରେ କିଛି ଆଶ୍ଚର୍ଯ୍ୟଜନକ କାରିଗରୀ ଅଛି ।ପେଚା ଗୁଡିକ ଖୁବ୍ ସହଜରେ ମୁଣ୍ଡ ବୁଲାଇ ଦିଅନ୍ତି ।ଏମାନଙ୍କର ବେକ ଅଛି କି ନାହିଁ ପ୍ରାୟ ଜଣାପଡେନି ।ଯେମିତି ଲାଗେ ବେକ ପାଖରେ କିଛି ଗୋଟାଏ ଚକ ଅଛି ଆଉ ଖୁବ୍ ସହଜରେ ଅଖ ଚାରିପାଖରେ

 Download Magazine from www.aahwaan.com

ବୁଲିଯାଉଛି ।ଅନ୍ୟ ପକ୍ଷୀ ମାନଙ୍କର ବେକ ତ ସାମାନ୍ୟ ଲମ୍ବି ଥାଏ କିନ୍ତୁ ପେଚାମାନଙ୍କର ବେକଟା ମୋଟେ ଲମ୍ବି ନ ଥାଏ ।ଯେଉଁଠି ମୁଣ୍ଡ ସରିଯାଏ ଠିକ୍ ସେଇଠୁ ଶରୀର ଆରମ୍ଭ ହୋଇଯାଏ ।ତେଣୁ ପେଚାମାନେ କିଛି ଅସ୍ୱାଭାବିକ ଲାଗନ୍ତି ।ମୁଣ୍ଡଟା ଏକଦମ୍ ଗୋଲ ହେଲା ବୋଲି ମାନି ନିଆଯାଇପାରେ ।ଏ ଗୋଲ୍ ମୁଣ୍ଡରେ ଯୋଡେ ଗୋଲ୍ କଳାଆଖି ସବୁଆଡକୁ ଅନାଇ ରହିଥାଏ ।ପେଚା ମାନଙ୍କର ଆଖିଗୁଡିକ ଖୁବ୍ ବଡ ଆଉ କଳା ।ଚାରିପଟେ ଗୋଲ ହଳଦିଆ ବୃତ୍ତ ।ତା ଚାରିପଟେ ପାଉଁଶିଆ କଳା ବୃତ ।ଏମିତି ଦୁଇ ପାଖରେ ଅନେକ ବୃତ ମଝିରୁ ଗୋଟେ ତୀକ୍ଷ୍ଣ ଥଂଟ ବାହାରି ଆସେ ।

ସେଦିନ ସେ Wood Owl ବା କାଠ ପେଚାଟି ଗଛ କୋରଡରୁ ବାହାରି ଆସି  ଚୁପ ଚାପ ବସି ରହିଥିଲା ।ତାର ପଞ୍ଝାର ନଖସବୁ ଗଛକୁ ଖୁବ୍ ଜୋରରେ ଧରିଥିଲା ।ଯେମିତି ଲାଗୁଥିଲା ତାର ନଖଗୁଡିକ ଡାଳ ଦେହରେ ଫୁଟି ଯାଇଛି ।ଶରୀରରେ କଳା, ଧଳା ରଙ୍ଗର ପର ।ତାର ଡେଣାର ପରସବୁ କାଠ ଭଳି ଲାଗୁଥିଲା ।ଯଦି  ଖଣ୍ଡିଏ ଡେଣାକୁ କାଟି ବାହାର କରିଦିଆଯାଏ ତେବେ ଲାଗିବ ଯେମିତି ଏକ ଶୁଖିଲା କାଠ ଫାଳ ।ତା'ର ଶରୀରଟି ଗୋଟାଏ ବଡ ଗଛର ଶୁଖିଲା ବକଳ ଭଳି ଲାଗୁଥିଲା ।କାଠ ପେଚାଟି ଡାଳକୁ ଖୁବ୍ ଜୋରରେ ଧରି ଏପଟ ସେପଟ ମୁଣ୍ଡ ବୁଲାଉଥିଲା ।ସେଇଠି ବସି ରହି ଶିକାରର ଲକ୍ଷ୍ୟ କରି ଚାଲିଥିଲା ।

ଏ ପଟେ ଦୁଇ ଭାଇ ଏମତିଆ ପକ୍ଷୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।ଅନେକ ସମୟ ପରେ ପେଚାଟି ସେ ଯାଗାରୁ ଡେଣା ହଲାଇ ଉଡିଗଲା ।ଖୁବ ବଡ ଡେଣା ।କିନ୍ତୁ ଉଡିଲା ବେଳେ କିଛି ଶବ୍ଦ ହେଲାନି ।ଏମାନେ ଉଡିଲା ବେଳେ ଶବ୍ଦ କରନ୍ତିନି ।

ପେଚାକୁ ଦେଖିବା ସେମାନଙ୍କ ପାଇଁ ଏକ ଅନୁଭୂତି ଥିଲା ।ଏମାନେ ଶବ୍ଦ ମୋଟେ କରୁ ନଥିଲେ ।

Download Magazine from www.aahwaan.com

ଏମିତି ଅନେକ ପଶୁ ଆଉ ପକ୍ଷୀ ସେମାନଙ୍କ ଦୈନନ୍ଦିନ ଜୀବନରେ ଆସୁଥିଲେ ।

ଜୟ ଆଉ ବିଜୟ ଏକ ଭୂମି କଚ୍ଛପ ଦେଖିଲେ ।

ସେ କଚ୍ଛପଟା ଛୋଟ ପଥର ଭଳି ଲାଗୁଥିଲା ଦେଖିଲେ ପଥରଠୁ କିଛି ଅଲଗା ଲାଗୁ ନଥିଲା ।ଉପରଟା ଟାଣୁଆ ପଥୁରିଆ ଖୋଲପା ଆଉ ତଳେ ମଧ୍ୟ ଏକ ଟାଣୁଆ ଖୋଲପା ।ତା ଭିତରେ ଏକ ନରମ ଜୀବ ସାଂଜୁର ଆବରଣ ଭିତରେ ରହିଥିଲା ।କଚ୍ଛପଟି ନିଜର ଛୋଟ ମୁଣ୍ଡ ବାହାର କରି ତଳୁ ପତ୍ର ଖାଉଥିଲା ।ତା'ର ଛୋଟ ମୁହଁ ଖୋଲିଯାଉଥିଲା ଅଉ କରତ ଭଳିଆ ଦାନ୍ତ ସହଜରେ ପତ୍ରକୁ ଛିଡାଇ ଦେଉଥିଲା ।କିଛି କିଛି କଚ୍ଛପ ନିଜ ଆହାରରେ ପତ୍ର ଇତ୍ୟାଦି ରଖନ୍ତି ।

ବିଜୟ କଚ୍ଛପକୁ ଧରି ବସିଗଲା କଚ୍ଛପଟି ମୁଣ୍ଡକୁ ତଳକୁ କରି ଖୋଳପା ଭିତରେ ଲୁଚାଇ ଦେଲା ।ଛୋଟ ଗୋଡ ଗୁଡିକ ଖୋଳପା ଭିତରେ ଲୁଚି ଯାଇଥିଲା ।ବର୍ତ୍ତମାନ କଚ୍ଛପଟି ଏକ ଗୋଲ ପଥର ଭଳି ଲାଗୁଥିଲା ।ବିଜୟ ସେହି ପଥରକୁ କାମୁଡିବାରେ ଲାଗିଗଲା ।

ଆଉ ଦିନେ ମା ଜଲଦି ଫେରି ଆସିଲା ଆଉ ଧିର ସ୍ୱରରେ ଡାକିଲା ।ଛୁଆ ଦୁହେଁ ବାହାରି ଆସି ମା ଦେହରେ ଘଷି ହେଲେ ।ମା ସ୍ନେହରେ ସେମାନଙ୍କୁ ଚାଟିଲା ।ଅପରାହ୍ଣ ସମୟ ।ସେମାନେ ମାର ଦୁଧ ପେଟ ଭରି ପିଇ ନେଇଥିଲେ ।

ସେମାନଙ୍କର ଶୋଇବା ଯାଗାରୁ କେତେ ଫୁଟ ଦୂରରେ କିଛି ଶୁଖିଲା ପତ୍ର ପଡିଥିଲା ।ସେଠୁ କିଛି ଖସ ଖସ୍ ଶବ୍ଦ ଆସିଲା ।ଛୁଆ ଦୁହେଁ କାନ ଡେରି ଅନେଇଲେ ।ଏମିତିଆ କି ପତଳା ଜୀବ ଜୋରରେ ବଙ୍କା ଟଙ୍କା ହୋଇ ଚାଲି ଯାଉଥିଲା ।ଏକ ଡାଳ କେମିତି ମନକୁ ମନ ଆଗକୁ ଚାଲି ଯାଉଛି ।

ଏଇଟା କି ଜନ୍ତୁ ?ଗୋଡ ନଥାଇ କେମିତି ବଙ୍କା ଟଙ୍କା ହୋଇଯିବ ମାନେ ଆଗକୁ ଚାଲିଯାଇ

Download Magazine from www.aahwaan.com

ପାରନ୍ତି ?

ସିଂହ ଛୁଆ ମାନେ ଆଶ୍ଚର୍ଯ୍ୟ ହୋଇଗଲେ ।

ଜୟ ପେଟେଇ ପେଟେଇ ଯିବାକୁ ଆରମ୍ଭ କଲା ।ଶିକାର କଲା ପୂର୍ବରୁ ପେଟେଇ ପେଟେଇ ଯିବା ସିଂହର ଅଭ୍ୟାସ ।ଆଖି ଶିକାର ଉପରେ ଲାଗିଥିବ ଆଉ ସିଂହ ପେଟେଇ ପେଟେଇ ଶିକାର ପଛରେ ଯାଉଥିବ ।

ସିହ ଛୁଆ ମାନେ ପ୍ରଥମ ଥର ପାଇଁ ଏକ ସାପ ଦେଖିଲେ ।ବଡ ଲମ୍ବା ସାପଟିଏ ସେମାନଙ୍କ ପାଖରେ ଖୁବ ଜୋରରେ ଚାଲି ଗଲା ।ମା ସାପ ଦେଖି କିଛି କଲା ନାହିଁ ।

ଜୟ ସାପର ଅନେକ ପାଖରେ ଥିଲା ।ସେ ତାର ଆଗ ଥାବା ସାପର ଲାଂଜରେ ମାରି ଦେଲା ।ମା କେବେ ଶିକାରକୁ ମୁଣ୍ଡ ପଟୁ ଆକ୍ରମଣ କରେ ନାହିଁ ।ଛପ ଛପି ବେକ କିମ୍ବା ପଛ ଆଡୁ ଆକ୍ରମଣ କରେ ।ସେମିତି ଜୟ ଆକ୍ରମଣ କରିବାକୁ ଚେଷ୍ଟା କଲା ।ତାର ଆଗ ଗୋଡ ସାପ ଲାଙ୍ଗୁଡକୁ ହାଲକା ଛୁଇଁ ଦେଲା ।ସେ ପତଳା ସାପଟା ଏକଦମ ଠିଆ ହୋଇଗଲା ।ଗୋଡ ନଥାଇ ଏକ ଜୀବ ଠିଆ ହୋଇପାରେ, ଏକଥା କେମିତି ଆଶ୍ଚର୍ଯ୍ୟ ଜନକ ଥିଲା ।ସାପଟିର କଳା ଆଖି ଜଳୁ ଥିଲା , ମୁଣ୍ଡ ଏପଟ ସେପଟ ହେଉଥିଲା ।ସାପ ଲକ୍ଷ୍ୟ କରୁଛି ଦେଖି ଜୟ ରହିଗଲା ।ତାର ଆଖି ସାପ ଉପରେ ଲାଗି ରହିଥିଲା ।କିଛି ସମୟ ପରେ ସାପ ମୁଣ୍ଡ ତଳକୁ କରି ନିଜ ରାସ୍ତାରେ ଯିବାକୁ ଲାଗିଲା ।ଜୟ ପୁଣି ଥରେ ନିଜ ଆଗ ଥାବାରେ ସାପ ଲାଂଜକୁ ଛୁଇଁ ଦେଲା ।ସାପ ତତ୍କ୍ଷଣାତ୍ ଠିଆ ହୋଇଯାଇ ଚୋଟ ମାରିବାକୁ ଚେଷ୍ଟା କଲା ।ସାପର ମୁଣ୍ଡ ଚେପଟା ଆଉ ବଡ ହୋଇ ଯାଇଥିଲା ।ମୁହଁ ଗୋଜିଆ ଥିଲା ।ଆଉ ମୁଣ୍ଡଟା ବିଜୁଳି ବେଗରେ ତଳକୁ ଆସୁଥିଲା ।ଏମିତି ମୁଣ୍ଡ ତଳକୁ ଆସିବା ଦେଖି ଜୟ ପଛକୁ ଅଜାଣତରେ ଉଚ୍ଛୁଳି ଡେଇଁ ପଡିଲା । ଏ ଜୀବଟା ବିପଦ୍ ଜନକ ।ଏଣେ ମା ଏମିତିଆ

Download Magazine from www.aahwaan.com

ଘଟଣା ଦେଖି ଠିଆ ହୋଇଗଲା ।ଜୟ ମା ପାଖକୁ ଦୌଡିଗଲା ।ସିଂହୀ ଛୁଆକୁ ଚାଟିଦେଲା ।ଛୁଆର କିଛି ହୋଇ ନାହିଁ ।

ସାପ ଖୁବ ଜୋରରେ ଆଗକୁ ଚାଲିଗଲା ।ଆଉ ଏକ ମାଟି ଗାତ ଭିତରେ ପଶିଗଲା ।

ଏ ପତଳା ଜୀବଙ୍କୁ ତାଙ୍କ ରାସ୍ତାରେ ଯିବାକୁ ଦେବା ଭଲ ହେବ ।ଏମାନଙ୍କ ସାଙ୍ଗରେ ଖେଳି ହେବ ନାହିଁ ।ସବୁ ବେକାର ଚେଷ୍ଟା ।ଏମିତି କରି କିଛି ଲାଭ ନାହିଁ ।

ଥରେସେମାନେ ଏକ ମୋଟା ସାପ ଦେଖିଲେ ।ଏ ସାପ ଜୋରରେ ଯାଉ ନଥିଲା ।

ସେମାନେ ଦିନେ ଅପରାହ୍ନରେ ମା ସହ ଟିକେ ବୁଲି ଯାଇଥିଲେ ।ଘାସୁଆ ଜମି ।ଦୂରକୁ ଦେଖା ଯାଉ ନଥିଲା ।ସେ ଭିତରେ ସେମାନେ ବାଟ କାଟି ଆଗଉ ଥିଲେ ।ତଳେ ଏକ ଛାପି ଛାପିକା କାଠ ପଡି ଥିଲା ।ମା ସେ କାଠଗରକୁ ଦେଖି ଟିକିଏ ଦୂର ହୋଇଗଲା ।ତଳେ କାଠଗର ଭଳି ପଡିଥିବା ଜୀବଟି ଏକ ଅଜଗର ସାପ ।ଏ ସାପର ଶକ୍ତିକୁ ସହଜରେ ଜାଣି ହୁଏ ନାହିଁ ।ଏହାକୁ ଦେଖି ବିଶ୍ୱାସ କରି ହେବନି ଯେ ଯେ ଏ ସାପଟି ଏତେ ଶକ୍ତିଶାଳୀ ହୋଇପାରେ ବା ଏତେ ବଡ ଜୀବକୁ ଗିଳିଦେଇପାରେ ।ଏହାର ମୁଣ୍ଡତ ଦେଖିଲେ ଖୁବ୍ ଛୋଟ ଲାଗୁଥିଲା ।ସେମିତି କିଛି ଅସ୍ୱାଭାବିକ ନ ଥିଲା ।ସାପର ଲମ୍ବା ଦେହ ମୋଟାଳିଆ ।ମୁଣ୍ଡ ପାଖଟା ଅପେକ୍ଷାକୃତ ପତଳା ।ଦେହ ପେଟ ପାଖକୁ ବହୁତ ମୋଟା ହୋଇଯାଇଛି ।ଲାଞ୍ଜ ଆଡକୁ ଅନେକ ସରୁଆ ହୋଇଛି ।ସାପଟିର ଦେହରେ ଛାପି, ଛାପିକା ଚିହ୍ନ ।କଳା ଚିହ୍ନ ମଝିରେ ଧଳା ଧଳା ଦାଗ ପଡିଥିଲା ।ଲାଗୁଥିଲା ଯେମିତି କାଠଛତୁ ଗୁଡିକ କାଠ ଉପେର ସବୁଆଡେ ଫୁଟିଯାଇଛି ।ଦେହସାରା ଅନେକ ପଟା ପଟା ଦାଗ ପଡିଥିଲା ।

ସାପଟିର ମୁଣ୍ଡ ସାମାନ୍ୟ ଉଠିଯାଇଥିଲା ।ଆଖି ଗୁଡିକ ଛୋଟ ।ଛୋଟ ମୁହଁଟି ଟିକେ ଖୋଲିଯାଇ ଥିଲା ।ସାପଟି ବଙ୍କେଇ ଟଙ୍କେଇ ହୋଇ ରାସ୍ତା ଅତିକ୍ରମ କରୁଥିଲା ।ଏ

Download Magazine from www.aahwaan.com

ସାପଗୁଡିକ ସିଧା ଯାଆନ୍ତି ନାହିଁ ।ସାମାନ୍ୟ ବଙ୍କେଇ ଟଙ୍କେଇ ହୋଇ ଯାଆନ୍ତି ।ଯଦିଓ ସାପଟି ସଂପୂର୍ଣ୍ଣ ଭାବରେ ବିଷହୀନ ।ତଥାପି ଏହା ମଧ୍ୟ ଟିକେ ଟିକେ ବଙ୍କେଇ ଯାଏ ।ସାପଟିକୁ ଦେଖିଲେ ଲାଗୁଥିଲା ଯେମିତି ଖୁବ୍ ମୋଟା ରଶିକୁ କିଏ ବଙ୍କେଇ ଟଙ୍କେଇ ପକାଇ ଦେଇଛି ।ଆଗ ଆଉ ପଛକୁ ସରୁ ହୋଇଯାଇଛି ।ସାପଟି ଖୁବ୍ ସହଜରେ ଛୋଟ ଛୋଟ ଗୋଡିମାଟି ଥିବା ରାସ୍ତାରେ ଅତିକ୍ରମ କରୁଥିଲା ।

Download Magazine from www.aahwaan.com

# ସମୟର ଅନ୍ତରାଳେ



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

ନୀରବ ଅପରାହ୍ନ ମୁଁ ଏବଂ ସୋମେଶ ଆମ ବାସଭବନର ପାଖରେ ଥିବା ନଦୀ କୂଳରେ ବସିଥାଉ । ସୋମେଶ ବିଜ୍ଞାନର ଛାତ୍ର ଏବଂ ମୁଁ କଳାର । ଦୁହିଁଙ୍କ ଭିତରେ ପ୍ରଗାଢ଼ ବନ୍ଧୁତା । ମୁଁ ଥିଲି ପ୍ରଚଣ୍ଡ ହେତୁବାଦୀ ତେଣୁ ବିନା ଯୁକ୍ତିରେ କୌଣସି କଥାକୁ ମାନିନେବା ସପକ୍ଷରେ ତ ଆଦୌ ନୁହେଁ ଯଦି କଥା ପରମ୍ପରାର ତ ତେବେ ମୋ ପାଇଁ ତାହା ସମ୍ପୂର୍ଣ୍ଣ ଅବିଶ୍ୱସନୀୟ ଯଦିଓ ମୁଁ ନାସ୍ତିକ ନୁହେଁ । ତେବେ ମୁଁ ସୋମେଶକୁ ପଚାରିଲି, ଯେ ଯଦି ଜଣେ ବ୍ୟକ୍ତି ସମୟ ଅନୁସାରେ ଚିନ୍ତାଧାରାର ପରିବର୍ତ୍ତନ କରେ ତେବେ ତାହା କଣ ମେଟାମର୍ଫୋସିସ୍, ତେବେ ସେ ସ୍ୱତଃ ନଦୀଜଳକୁ ଗୋଟିଏ ପଥର ଫିଙ୍ଗି କହିଲା ଏ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ତେବେ ଏମିତି ଯୁକ୍ତି କରିବା ଆମର ଏକ ନିତିଦିନିଆ ଅଭ୍ୟାସ ହୋଇ ଯାଇଥିଲା । ଯେହେତୁ ସୋମେଶ ପଦାର୍ଥ ବିଜ୍ଞାନର ଛାତ୍ର, ଦିନେ ମୁଁ ତାକୁ ପଚାରିଲି ସମୟ ଓ ଭଗବାନଙ୍କ ମଧ୍ୟରେ ପାର୍ଥକ୍ୟ, ସେ ଚିରାଚରିତ ଢଙ୍ଗରେ ଚିଡ଼ିଗଲା ଓ କହିଲା, "ତୁ ସବୁବେଳେ ଭଗବାନଙ୍କ ଅସ୍ତିତ୍ୱକୁ ନେଇ ଏତେ ପ୍ରଶ୍ନ କରୁ କାହିଁକି ? ଭଗବାନଙ୍କ ସୃଷ୍ଟି ସବୁକିଛି, ତୁ ମୁଁ ଆଉ ସମସ୍ତେ ।" ମୁଁ କିଛି ସମୟ ପାଇଁ ଚୁପ ହୋଇଗଲି ଏବଂ ଭାବିଲି । ଭଗବାନ ବୋଲି ଯଦି ସତରେ କେହି ଅଛନ୍ତି ତେବେ ଏ ଦୁନିଆର ବହୁତ ଅଧିକ ଦୁଃଖ କଷ୍ଟରେ ରହୁଥିବା ବ୍ୟକ୍ତିକୁ କଣ ସେ ଦେଖି ପାରୁନାହାନ୍ତି ? ତଥାକଥିତ ଭକ୍ତ ଓ ଆଧ୍ୟାତ୍ମବାଦୀମାନେ ଏକାକୁ ପୂର୍ବଜନ୍ମର ଫଳ ଭାବି ଗ୍ରହଣ କରି ନେଉଛନ୍ତି କିଭଳି ? ଏତିକି ବେଳେ ମୋ ଭାବନାରେ ବ୍ୟାଘାତ ଦେଲା ସୋମେଶ ଆଉ କହିଲା, "ଅଭି, ଏତେ କଣ

Download Magazine from www.aahwaan.com

ଭାବୁଛୁ ?” ମୁଁ କହିଲି, “ହଁ । ମନରେ ପ୍ରଶ୍ନ ଆସୁଛି । ତୁ କହ ତ ସମୟ ପ୍ରଥମେ ସୃଷ୍ଟି ହୋଇଥିଲା ନା ଭଗବାନ ।” ଯଦିଓ ମୁଁ ବିଜ୍ଞାନର ଛାତ୍ର ନଥିଲି ତଥାପି ଏହି ସବୁ ବିଷୟରେ ସମ୍ୟକ ଧାରଣା ମୋ ମନରେ ଥିଲା ।

“ଥିଓରୀ ଅଫ୍ ରିଲେଟିଭିଟି ଅନୁସାରେ ଯଦି ଜଣେ ବ୍ୟକ୍ତି ଏକ ନିର୍ଦ୍ଧିଷ୍ଟ ବେଗଠାରୁ ଅଧିକରେ ଗତିକରେ ତା ହେଲେ ତା ବୟସ କମ ହୋଇଯାଏ । ଏଇଟା କେମିତି ସମ୍ଭବ ? ଈଶ୍ୱରଙ୍କ ବେଗ କେତେ ? ଯଦି ସେ ସମୟର ପୂର୍ବରୁ ତେବେ ସୃଷ୍ଟି କେମିତି ସମ୍ଭବ ?” ପଚାରିଲି ମୁଁ । ସୋମେଶ କେବଳ ଏତିକି କହିଲା, “ତୁ ଏତେ କଥା ଜାଣି କରିବୁ କଣ ?” ମୁଁ ନିରବ ରହିଲି ।

ଏମିତି ଦିନପରେ ଦିନ ଗଡ଼ି ଚାଲିଥିଲା । ଆଉ ମେଟାମର୍ଫୋସିସ ମଧ୍ୟ । ଆମେ ଦୁହେଁ ଯୌବନରେ ପାଦ ଦେଲୁ । ଫିଜିକ୍ସରେ ପିଏଚଡ଼ି କରୁଥିବା ସମୟରେ ସୋମେଶ୍ ତା ସହପାଠିନୀ ଗାୟତ୍ରୀର ପ୍ରେମରେ ପଡ଼ିଲା । ମୁଁ ସେତେବେଳକୁ ଚାକିରୀ ନ ପାଇ ଗୋଟିଏ ଛୋଟିଆ ଦୋକାନଟିଏ କରିଥାଏ ଆଉ ସୋମେଶ ସେଠାକୁ ବେଳେ ବେଳେ ଆସି ଏହା ଜଣାଇଥିଲା । ମୁଁ ଶିକ୍ଷାଗ୍ରହଣ ସିନା ସମାପ୍ତ କରିଥିଲି କିନ୍ତୁ ମୋର ଅନୁସନ୍ଧିତ୍ସୁ ମନ ତଥାପି ଜାଗ୍ରତ ଥିଲା । ସେମାନଙ୍କର ଭଲପାଇବାକୁ ମୋର ସମର୍ଥନ ଥିଲା । ମୁଁ ସୋମେଶ ଭଳି ଅତି ବୁଦ୍ଧିମାନ ନଥିଲି କିମ୍ବା ଅଧିକ ପାଠ ପଢିବାରେ ଧ୍ୟାନ ଦେଇନଥିଲି, ବୋଧହୁଏ ତେଣୁ ପ୍ରେମ ବ୍ୟାପାରରେ ମୁଁ ଅକୃତକାର୍ଯ୍ୟ ହେବାର ସନ୍ଦେହ କରି ସେଠାରୁ ଦୂରେଇ ରହିଥିଲି ।

ସୋମେଶ ଓ ଗାୟତ୍ରୀ ସହ ବନ୍ଧୁତା ଥିଲା । ମୁଁ ଅତ୍ୟନ୍ତ ସ୍ୱଷ୍ଟବାଦୀ ଏବଂ ସ୍ୱାଧିନଚେତା ଥିଲି ସମାଜର ନୀତିନିୟମ ଓ ପରମ୍ପରାର ଘୋର ବିରୋଧୀ । ମୋର ଏହି ସ୍ୱଭାବକୁ ସୋମେଶ ପସନ୍ଦ କରେନି ହେଲେ ଗାୟତ୍ରୀ କିନ୍ତୁ କିଛିଟା ପସନ୍ଦ କରୁଥିଲା । ସେମାନେ

Download Magazine from www.aahwaan.com

ବିବାହ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଜାତିଗତ ବୈଷମ୍ୟ ଯୋଗୁଁ ସେମାନଙ୍କ ବିବାହ ହୋଇପାରିବ ନାହିଁ ବୋଲି ଉଭୟ ପରିବାର ନିଷ୍ପତ୍ତି ନେଇଥିଲେ । ସେ ଯା ହେଉ ମଧ୍ୟସ୍ଥତା କରି ମୁଁ ସେମାନଙ୍କ ବିବାହ କରାଇଥିଲି ।

ସୋମେଶର ପରିବାର ମୋ ପରିବାର ଥିଲା । ସୋମେଶକୁ ମୋ ଚିନ୍ତାଧାରା ପସନ୍ଦ ନ ହେଉଥିଲେ ସୁଦ୍ଧା ଗାୟତ୍ରୀ କିନ୍ତୁ ଚିନ୍ତା କରିଥାଏ । ମୋର ପ୍ରଶ୍ନର ଉତ୍ତର ପାଇବାକୁ ଚେଷ୍ଟା କରେ । ସମୟ ଓ ଈଶ୍ୱରଙ୍କ ବିଷୟରେ ମୋର ପ୍ରଶ୍ନ ସବୁ ଗାୟତ୍ରୀକୁ ଭଲଲାଗେ । ବିବାହପରେ ଅନେକ ପରିବର୍ତ୍ତନ ହୋଇଛି ବୋଲି ସେମାନଙ୍କୁ ଜଣାଏ । ସେମାନେ ଏହାକୁ ନେଇ ଅନେକ ଯୁକ୍ତି କରନ୍ତି । ପୁଣି ମୁଁ ପ୍ରଶ୍ନ କରେ, ମର୍ଫି'ସ୍ ଲ (ମର୍ଫିଙ୍କ ନିୟମ) ଅନୁସାରେ ଦୁନିଆର ପ୍ରତ୍ୟେକ ଜିନିଷ ଅବକ୍ଷୟମୁଖୀ । ଅର୍ଥାତ ଧିରେ ଧିରେ ଆମେ ସମସ୍ତେ କ୍ଷୟ ଆଡ଼କୁ ଅଗ୍ରସର ହେଉଛେ । ସେ ଯା'ହେଉ ସେମାନଙ୍କ ଜୀବନ ଖୁସିରେ ବିତୁଥାଏ । କିଛି ସମୟପରେ ସେମାନଙ୍କ ପରିବାରରେ ପୁଅଟିଏ ଜନ୍ମନେଲା । ସେମାନେ ପରସ୍ପରକୁ ସମ୍ମାନ ଦେଉଥିଲେ ଏବଂ ଖୁସିରେ ଥିଲେ । ଏମିତି ଏକ ଆନନ୍ଦମୟ ସମୟରେ ହଠାତ୍ ଦିନେ ଗାୟତ୍ରୀ କୁଆଡ଼େ ହଜିଗଲା । ସୋମେଶ ଅନେକ ଖୋଜିବାପରେ ଆମେ ଦୁହେଁ ପୋଲିସ ଥାନାକୁ ଯାଇ ତାର ନିରୁଦ୍ଦିଷ୍ଟ ହୋଇଥିବା ରିପୋର୍ଟ୍ ଦେଲୁ । ଅନେକ ଚେଷ୍ଟା ଓ ଅନେକ ଦିନର ତଦନ୍ତପରେ ବି କୌଣସି ସୁଫଳ ମିଳିଲା ନାହିଁ । ଦିନେ ପରେ ଦିନେ ଚାଲିଲା ଏବଂ ସେ ଫେରିବା ଆଶା ମନରୁ ମଉଳିଲା ପରେ ସୋମେଶ ଗାୟତ୍ରୀକୁ ଭୁଲିବାକୁ ଆରମ୍ଭ କରିଥିଲା ।

ବହୁଦିନପରେ ହଠାତ୍ ମୋ ଠିକଣାରେ ଏକ ଚିଠି ଆସିଲା, ସେ ପୁଣି ସୁଦୂର ଆମେରିକାର ମେରିଲାଣ୍ଡରୁ । ଚିଠିଟି ଦେଇଥିଲା ଗାୟତ୍ରୀ । ଚିଠି ଦେଖି ଆଶ୍ଚର୍ଯ୍ୟ ଲାଗିଲା ।

 Download Magazine from www.aahwaan.com

ମନରେ ପ୍ରଶ୍ନ ଆସୁଥିଲା, ଗାୟତ୍ରୀ ଚାହିଁଥିଲେ ସୋମେଶଙ୍କୁ ଚିଠି ଦେଇପାରିଥାନ୍ତା ମୋତେ କାହିଁକି ଦେଲା । ଚିଠିଟି ସଂକ୍ଷିପ୍ତରେ ଏମିତି ଥିଲା;

"ଭାଇ, ବହୁତ ଭାବିଚିନ୍ତି ତୁମକୁ ଜଣାଇବା ଉଚିତ ବୋଲି ଭାବିଲି । ତୁମର ହେତୁବାଦୀ ଚିନ୍ତାଧାରା ଏହାକୁ ନିଶ୍ଚୟ ବୁଝିପାରିବ । ମୁଁ ସୋମେଶଙ୍କୁ ବିବାହ କରିବାର କିଛି ବର୍ଷ ପରେ ମୋର ଅନ୍ୟଜଣେ ପୁରୁଷ ସହ ପ୍ରେମ ସଂପର୍କ ଗଢ଼ି ଉଠିଲା । ସେ ହେଉଛନ୍ତି ଆମ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ସମ୍ବିତ ସାମନ୍ତରାୟ । ତେବେ ମୁଁ ଭାବୁଥିଲି ଏହା କଣ ଅନୈତିକ ନୁହେଁ ? ତେବେ ତୁମର ଅକାଟ୍ୟ ଯୁକ୍ତି ମନକୁ ସିଦ୍ଧାନ୍ତ ନେବାରେ ସାହାଯ୍ୟ କଲା । ତୁମ ଅନୁସାରେ ସବୁକିଛି ପରିବର୍ତ୍ତନଶୀଳ ବା ମେଟାମର୍ଫୋସିସ୍ । ଏହି ଚିନ୍ତାଧାରାକୁ ନେଇ ମୁଁ ଭାବିଲି ସ୍ୱାମୀ, ସିନ୍ଦୁର, ସଂସାର ଏ ସବୁ କେବଳ ଇଲୁଜନ୍ (ଇନ୍ଦ୍ରଜାଲ) । ସମାଜର ଶୃଂଖଳ । ତୁମ କଥା ଅନୁସାରେ ପରମ୍ପରାର ପରିବର୍ତ୍ତନ ଆବଶ୍ୟକ, ତେବେ ଏ କଣ ପରମ୍ପରାର ପରିବର୍ତ୍ତନ ହୋଇପାରିବନି ଯେ ଜଣକୁ ବିବାହ କଲେ ଆଉ କାହାକୁ ପ୍ରେମ କରିପାରିବନି ! ଏ ନିୟମର ଶୃଙ୍ଖଳକୁ ମୁଁ ଭାଙ୍ଗିଦେଲି ଏବଂ ସମ୍ବିତଙ୍କ ସହ ଆମେରିକା ଚାଲି ଆସିଲି । ସୋମେଶଙ୍କୁ ବୁଝେଇଦେବ ।"

ବାସ୍ ଏତିକି ତେବେ ସୋମେଶର ଜୀବନ ଓ ପରିବାର ନଷ୍ଟପାଇଁ କଣ ମୁଁ ଦାୟୀ ? ମୁଁ କିଂକର୍ତ୍ତବ୍ୟବିମୁଢ଼ ହୋଇ ଯାଇଛି । ମୋର ହେତୁବାଦୀ ଚିନ୍ତାଧାରା ମୋତେ ଧିକ୍କାର କରୁଥିଲା । ଏମିତି ଦୁଇଦିନ ବିତିଗଲା ଓ ମୁଁ ଲେଖିଲି 'ଗାୟତ୍ରୀ ମହାନ୍ତିଙ୍କ ସୁଇସାଇଡ୍ ନୋଟ୍' ନିଜର ଗୋଟିଏ ବହୁତ ଜଟିଳ ରୋଗ ପାଇଁ କଷ୍ଟ ସହିନପାରି ସେ ଆତ୍ମହତ୍ୟା କରିଥିବା କଥା ସେଥିରେ ଲେଖିଥିଲି । ସୋମେଶ୍ ସେ ନୋଟ୍ ପଢ଼ି ନିଜ ମନକୁ ବୁଝାଇନେଲା ।

Download Magazine from www.aahwaan.com

ଏବେ ବୟସର ଅପରାହ୍ନ । ସୋମେଶ୍ ଅବସରପ୍ରାପ୍ତ ପ୍ରଫେସର । ପୁଅ ଦିଲ୍ଲୀରେ ଡାକ୍ତର । ସୋମେଶ ଜୀବନର ଅନେକ ମେଟାମର୍ଫୋସିସ୍ ଦେଖିବାପରେ ମୁଁ ବିବାହ କରିପାରିନି । ଏବେ ପରିଣତ ବୟସରେ ନିଜ ଘରେ ଏକ ଛୋଟ ସ୍କୁଲ କରିଛି । ଆମେ ବସି ଯୁକ୍ତି କରୁଥିବା ନଦୀକୂଳ ଆଉ ନାହିଁ । ହେଲେ ଆମେ ଦୁଇବନ୍ଧୁ ଏକାଠି ବସି ବିଭିନ୍ନ ବିଷୟରେ ଚିନ୍ତା କରିବା ବନ୍ଦ କରି ପାରିନାହୁଁ । ହୁଏତ ଆମ ବନ୍ଧୁତାରେ ମେଟାମର୍ଫୋସିସ୍ ହୋଇନି । ପାର୍କର ବେଞ୍ଚରେ ବସି ଏମିତି ଦିନେ କଥା ହେଉଥିବା ବେଳେ ସୋମେଶ୍ ପ୍ରଶ୍ନ କରିଥିଲା, "ଗାୟତ୍ରୀକୁ ଏମିତି କେଉଁ ରୋଗ ହୋଇଥିଲା ଯେ ସେ ଆତ୍ମହତ୍ୟା କଲା ? ମୁଁ କଣ ତା'ର ଚିକିତ୍ସା କରି ପାରିନଥାନ୍ତି ?" ମୁଁ ଅନ୍ୟମନସ୍କ ହେବାପରେ ଦୂର ଦିଗବଳୟ ଆଡ଼କୁ ଦେଖୁଥାଏ । ଏବଂ ନିରବରେ କହିଲି, "ଆମେ ତିନିଜଣ ହିଁ ଗାୟତ୍ରୀକୁ ମାରି ଦେଇଛୁ ।" ସୋମେଶ ଅବିଶ୍ୱାସରେ ମୋତେ ଚାହିଁ ପଚାରିଲା, "ତିନିଜଣ ? କିଏ ତିନିଜଣ ?"

"ମୁଁ, ସମୟ ଓ ମେଟାମର୍ଫୋସିସ୍ ।" ସମୟ ଓ ମେଟାମର୍ଫୋସିସ୍ ତାକୁ ବହୁତ ଯନ୍ତ୍ରଣା ଦେଉଥିଲେ । ସେ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମୋତେ ହିଁ ଶେଷରେ ଅନ୍ତିମ ପ୍ରହାର କରି ତା'ର ଜୀବନ ପ୍ରହେଳିକାକୁ ସମାପ୍ତ କରିବାକୁ ପଡ଼ିଲା । ହଁ ମୁଁ । ମୁଁ ହିଁ ତାକୁ ମୃତ ବୋଲି ଘୋଷଣା କରିଛି । ମୁଁ ହିଁ ହତ୍ୟାକାରୀ ।

Download Magazine from www.aahwaan.com

# ନିଷିଦ୍ଧ ଇଲାକା



ଅନସୂୟା ପଣ୍ଡା

"ଆରେ ନିତା, ଶୀଘ୍ର ଆସ । ଆଉ କେତେ ସମୟ ଲାଗିବ ? ଦାୟିତ୍ୱବୋଧ ବୋଲି ତୁମର କିଛି ନାହିଁ । ସବୁବେଳେ ସବୁ କାମରେ ଡେରି ।" ଘର ବାହାରେ କାରରେ ହର୍ଣ୍ଣ ଦେଇ ବିରକ୍ତିଭାବରେ କହୁଥିଲେ ଆଶୀଷ ।

ଗାଡ଼ିର କବାଟ ଖୋଲିଦେଇ ଭିତରେ ବସୁ ବସୁ କହିଲି, "ସବୁବେଳେ ତୁମେ ଆଗ ବାଜିମାରିନିଅ, ଆଉ ସବୁ ଦୋଷ ମୋ ଉପରେ ଲଦି ହୋଇଯାଏ । ମୋତେ ଗିଫ୍ଟ ସେଟ୍‌ଟା ପ୍ୟାକ୍ କରିବାକୁ କହି ତମେ ତ ଆଗ ପ୍ରସ୍ତୁତ ହୋଇଗଲ ନା ?"

"ହେଲା, ଯେ ଆମର ବିଳମ୍ବ ହେଲେ ପ୍ରଫେସର ଅମୀୟ ପଟ୍ଟନାୟକଙ୍କ ଝିଅ ବାହାଘରଟା ଆଉ ରହିଯିବନି ।" ଗାଡ଼ି ଷ୍ଟାର୍ଟ୍ କଲେ ଆଶୀଷ ।

କଲ୍ୟାଣ ମଣ୍ଡପ ସାମନାରେ ଗାଡ଼ି ପାର୍କ କରୁ କରୁ ଆଶୀଷ କହିଲେ, "ମୋତେ ଲାଗୁଛି, ଫେରିଲା ବେଳକୁ ଆମେ ଆମ ଗାଡ଼ି କେଉଁଠି ପାର୍କ ହେଲା ଖୋଜି ପାରିବା କି ନାହିଁ ସନ୍ଦେହ ।" ଶହ ଶହ ଚାରି ଚକିଆ, ଦୁଇଚକିଆ ଯାନ ମାନଙ୍କର ଅସମାହିତ ସମାବେଶ ସାଙ୍ଗକୁ, ଆଲୋକର ବର୍ଣ୍ଣାଳୀ, ଫୁଲରେ ଅପୂର୍ବ ସାଜସଜ୍ଜା ଦେଖି ମୁଁ କହିଲି, "ଆମେ କେଉଁ ମହାନଗରୀର ପଞ୍ଚ ତାରକା ହୋଟେଲରେ ପଶିବାକୁ ଯାଉନେ ତ ?"

"ମ୍ୟାଡ଼ାମ୍, ଇନୁ କେବେ ଲଣ୍ଡନରୁ ଫେରୁଛି ? ଯାହା କୁହନ୍ତୁ ଆପଣ ତାକୁ ଏକୁଟିଆ ଜମା ଛାଡ଼ିବାର ନଥିଲା । ଆମର ଏ ପଡ଼ୋଶୀ ଚୌଧୁରୀ ବାବୁଙ୍କ ପୁଅ ଆମେରିକାରେ ଗବେଷଣା କରିବାକୁ ଯାଇଥିଲା, ସେଇଠି ହିଁ ବିବାହ କରି ପକାଇଲା । ବିଦେଶିନୀଟେ ବାହା

 Download Magazine from www.aahwaan.com

ହେଲା । ଏବେ ସେଇଠି ସେଟଲ୍ ହେଇଗଲା ।" ପାର୍ଟିରେ ପଶୁ ପଶୁ ପ୍ରଥମେ ଭେଟିଥିବା ମିଷ୍ଟ୍ରେସ୍ ରାଓ କହୁଥିଲେ । ଆମେ ଅଧିକ ଭାବ ଆଦାନପ୍ରଦାନ କରିବା ପୂର୍ବରୁ ଆଶୀଷ ଡାକିଲେ, "ନିତା ଟିକେ ଶୁଣିବ ?" ମୁଁ ବୁଲି ପଡ଼ି ଚାହିଁଲା ବେଳକୁ, ମୋ ଆଖି ଆଗରେ ଶୀତାଂଶୁ । ଚମକିଗଲି ମୁଁ । ଏ ଉତ୍ତୀର୍ଣ୍ଣ ବୟସରେ ବି ସେମିତି ଯୁବକ ଭଳି ଦିଶୁଛନ୍ତି । ଖାଲି ମୁଣ୍ଡର ବାଳ ଗୋଟେ ଗୋଟେ ପାଚିବାକୁ ଆରମ୍ଭ କରିଛି ।

ଆଶୀଷ ମୋତେ ଚିହ୍ନାଇ ଦେଉଥାନ୍ତି, "ଇୟେ ଡଃ ସୀତାଂଶୁ ଦାସ । ଏମ୍‌ଟେକ୍ ବେଳେ ମୋ ରୁମମେଟ୍ ଥିଲେ । ବହୁତ ସ୍ମାର୍ଟ ଆଉ ଇଣ୍ଟେଲିଜେଣ୍ଟ । ତାଙ୍କ କଥା ମୁଁ ସବୁବେଳେ କୁହେନି !"

ମୁଁ ଶୀତାଂଶୁଙ୍କୁ ମୁଣ୍ଡ ନୁଆଇଁ ନମସ୍କାର କଲି, ସତେ ଯେମିତି ମୁଁ ଏଇ ପ୍ରଥମ ଥର ତାଙ୍କୁ ଦେଖୁଥିଲି । ସେ ମୋତେ ଚିହ୍ନିପାରିଲେ କି ନାହିଁ ଜାଣେନି, ସେ ମଧ୍ୟ ପ୍ରତି ନମସ୍କାର ଜଣାଇଲେ ।

ତା ହେଲେ ଏ ସେଇ ଶୀତାଂଶୁ, ଯେ ଥିଲେ ପ୍ରତିଦିନ ରାତିରେ ଆଶୀଷଙ୍କ ଗଳ୍ପର ନାୟକ । ଯଦି ମୁଁ ଜାଣିଥାନ୍ତି, ଏଇ ସେଇ ମୋ ମନର ମଣିଷ, ମୋ ସ୍ୱପ୍ନର ଶୀତାଂଶୁ ବୋଲି, ମୁଁ ନିଦର ବାହାନା ନ କରି ସାରା ରାତି ବସି ଶୁଣୁଥାନ୍ତି ତାଙ୍କ ବିଷୟରେ ।

ଏତେ ଦିନ ପରେ ବି ମୂଁ କିଛି କହିପାରିଲିନି ତାଙ୍କୁ, ଆଉ ସେ... ମୋତେ । ଗୋଟେ ଭାରି ଭାରି ମୁଣ୍ଡ ନେଇ ଫେରିଲି ପାର୍ଟିରୁ । ସକାଳ କ୍ଲାସ୍ ପାଇଁ ପ୍ରସ୍ତୁତ କରିବାକୁ ମନ ନଥିଲା ।

"କଣ ହେଲା ଏମିତି ଚୁପ୍ ହୋଇଗଲ କାହିଁକି, ପାର୍ଟିରୁ ଫେରିବା ପରଠାରୁ । ଦେହ ଭଲ ଲାଗୁନି କି ?" ପଚାରିଲେ ଆଶୀଷ । ମୁଣ୍ଡ ବିନ୍ଧିବାର ବାହାନା କରି ଶୋଇବାକୁ ଚେଷ୍ଟା

Download Magazine from www.aahwaan.com

କଲି, ଆଉ ଆଶୀଷ ତାଙ୍କର ପ୍ରିୟ ଗଣିତର କେଉଁ ପଜଲ୍ ସମାଧାନରେ ମନୋନିବେଶ କଲେ ।

ଅଭିମାନର ଢେଉ ପିଟି ହେଉଥିଲା ମୋ ମନରେ, ସତରେ ଆଜିବି ଶୀତାଂଶୁ କିଛି କହିଲେନି । ସବୁବେଳେ ତାଙ୍କୁ ହିଁ ଆଗ କହିବାକୁ ପଡ଼ିବ । ଶୀତାଂଶୁ ଚିର ଦିନ ଏମିତି । କର୍ଣ୍ଣଙ୍କ ଅଭିମାନଠୁ ବଳି ତାଙ୍କର ଅଭିମାନ । କହିବା ନ କହିବାର ପାଚେରୀ ଆମେ ଦୁଇଜଣ ଟପି ପାରିନଥିଲୁ କଲେଜରେ ପଢ଼ିବା ବେଳେ ।

ମୁଁ ଖୁବ୍ ଖୋଲା ଖୋଲି କଥା କହୁଥିବା ବେଳେ, ଶୀତାଂଶୁ ଖୁବ୍ ଚୁପଚାପ୍ ପ୍ରକୃତିର । ମୁଁ ମୋ ମନର କଥା ପରିପ୍ରକାଶ କଲିନି କି, ସେ ବି ମୁହଁ ଖୋଲିଲେନି, ବାସ୍ ଚିରଦିନ ମନଗହନର କେଉଁ ଅଜଣା କୋଣରେ ସାଇତି ହୋଇ ରହିଗଲେ ଶୀତାଂଶୁ ।

ଏକ ଜାତୀୟ ସ୍ତରର କନ୍‌ଫେରେନ୍‌ସରେ ଗୋଟେ ପ୍ରୋବ୍‌ଲମ୍ ଉପରେ ଯୁକ୍ତି କରୁ କରୁ ଘନିଷ୍ଠ ହୋଇଗଲା ମୋର ଆଉ ଆଶୀଷଙ୍କର ସମ୍ପର୍କ । ଦିଲ୍ଲୀ ଆଇଆଇଟିରୁ ସ୍ନାତ୍ତକୋତ୍ତର ଉପାଧି ପରେ ଖଡ଼ଗପୁରରୁ ଏମ୍‌ଟେକ୍ କରି ସାରି, କାଲିଫର୍ଣ୍ଣିଆ ଯାଇଥିଲେ ଦୁଇବର୍ଷ ଗବେଷଣା ପାଇଁ । ସେଇ ମାତ୍ର ଭାରତ ଫେରିଥିଲେ । ଆଶୀଷଙ୍କର ବ୍ୟବହାର ଥିଲା ବନ୍ଧୁପରି । ଆଉ ଜ୍ଞାନ ଓ ବୁଦ୍ଧି ଆଗରେ ମୋ ଯୁକ୍ତି କାଟ ଖାଇଯାଉଥିଲା । ପ୍ରଥମେ ଆଶୀଷ ତାଙ୍କ ଆଡୁ ହିଁ ପ୍ରସ୍ତାବ ଆଣିଲେ । ପ୍ରଥମେ ମୋତେ ପଚାରିଲେ, ଆଉ ପରେ ଘରକୁ । ମୁଁ ସେତେବେଳେ ଆଉ ଅବାଧ୍ୟ ହୋଇପାରିଲି ନାହିଁ । ମନ ଭିତରେ ରହିଯାଇଥିଲା ଶୀତାଂଶୁଙ୍କ ପାଇଁ ଅପୂରଣୀୟ ସ୍ଥାନ । ଆଶୀଷଙ୍କୁ ପାଇ ମୁଁ ଭଲ ମଣିଷଟେ ପାଇଥିଲି । ଗାଡ଼ି, ଘର, ଯଶ, ଖ୍ୟାତି ସବୁ ପାଇଥିଲି ତଥାପି କିଛି ଶୂନ୍ୟତା ଏକୁଟିଆ ସବୁବେଳେ ଦଂଶି ଯାଉଥିଲା ।

Download Magazine from www.aahwaan.com

ଶୀତାଂଶୁ ଏଇ ସହରରେ ରୁହନ୍ତି, ବିବାହ କରିଛନ୍ତି, ନାମୀ କଲେଜରେ ପ୍ରଫେସର ଅଛନ୍ତି ହେଲେ ଦୀର୍ଘ ଚବିଶି ବର୍ଷପରେ ଦେଖା । ବେଳେ ବେଳେ ଭାବେ କଲେଜକୁ କ୍ଲାସ କରି ଗଲାବେଳେ ବା ଫେରିବା ବେଳେ ଯଦି ହଠାତ୍ ଶୀତାଂଶୁ ଏକୁଟିଆ ଦେଖା ହୋଇଯିବେ ତେବେ କଣ କହିବି ?

ନିର୍ବୋଧ ଶିଶୁଟିଏ ପରି ତାଙ୍କ ଛାତିରେ ମୁଣ୍ଡ ରଖି ସବୁ ଅଭିମାନ, ସବୁ କୋହ ଝରାଇ ଶାନ୍ତି ପାଇବି । କିନ୍ତୁ ନା, ଏତେ ବର୍ଷପରେ ବି, ଘର ସଂସାର କରିବି ଆମେ ଦୁହେଁ ଆମ ମାନଙ୍କ ଭିତରେ ଥିବା ଅଭିମାନକୁ ଜିତି ପାରିଲୁ ନାହିଁ । ମୁଁ ଜାଣେନି ଶୀତାଂଶୁ ମୋତେ ମନେ ପକାଉଥିବେ କି ନା, ମାତ୍ର ଏମିତି ଗୋଟିଏ ମୁହୂର୍ତ୍ତ ଯାଇନି ଜୀବନରେ ମୁଁ ଶୀତାଂଶୁଙ୍କୁ ମନେ ପକାଇନି, ଆଶୀଷଙ୍କ ଏତେ ସ୍ନେହ ଶ୍ରଦ୍ଧା ପାଇଲା ପରେ ବି ।

ଆଶୀଷ ମୋତେ କେଉଁଥିରେ ହେଳା କରିନାହାନ୍ତି, ଏକ ଆଦର୍ଶ ପତିଟିଏ ପରି ସେ ସବୁବେଳେ ନିଜ କର୍ତ୍ତବ୍ୟ କରି ଆସିଛନ୍ତି । ବେଳେ ବେଳେ ଭାବେ ଶୀତାଂଶୁ କଣ ମୋତେ ଏତେ ସ୍ନେହ ଦେଇ ପାରିଥାନ୍ତେ ? ତାଙ୍କୁ ବିବାହ କରି ମୁଁ କଣ ଏତିକି ସୁଖି ହୋଇପାରିଥାନ୍ତି ? ଶୀତାଂଶୁ ପ୍ରେମିକ ହୋଇ ରହିଗଲେ ଆଉ ଆଶୀଷ ପତି । ମୁଁ ଭାବି ପାରେନି ମୁଁ କାହାର । ମୁଁ ଶୀତାଂଶୁଙ୍କର ଭାବିଲେ ମୁଁ ପାପ କରୁଛି ।

ମୋତେ ଖଣ୍ଡ ଖଣ୍ଡ ହୋଇ ଭାବିବାକୁ ପଡ଼େ, "ମୁଁ ଆଶୀଷଙ୍କର, ଗୋଟା ପଣେ ଆଶୀଷଙ୍କର ।" ମନେ ମନେ କିଛି ଗୋପନୀୟ କଥା ଶୀତାଂଶୁଙ୍କ ସହ କଥା ହୁଏ, ଯାହା ହୁଏତ ଆଶୀଷଙ୍କୁ କହି ପାରିବି ନାହିଁ ।

ବୋଧହୁଏ ଶୀତାଂଶୁ ମୋ ନାରୀ ଜୀବନର ପ୍ରଥମ ପ୍ରେମ ବୋଲି ମୁଁ ଭୁଲି ପାରିଲିନି । ନ ପାଇବା ଜିନିଷର ମହତ୍ତ୍ୱ ଚିରଦିନ ରହିଥାଏ ଜୀବନରେ । ଆଉ ଏ ଉତ୍ତର ବୟସରେ ତ

 Download Magazine from www.aahwaan.com

ଶୀତାଂଶୁଙ୍କ ଠାରୁ ପ୍ରେମ ଭିକ୍ଷାକରି, ଘରଦ୍ୱାର ଛାଡ଼ି ବିବାହ କରିବାର ଆଶା ଆକାଂକ୍ଷା ନାହିଁ । କେବଳ ଏକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର, ମିଠା କଥା ପଦର ସଖ୍ୟ ଛଡ଼ା କଣ ବା ଆଉ ଆଶା କରାଯାଏ, ଶୀତାଂଶୁଙ୍କ ଠାରୁ । ଏ ସବୁ କଣ ପାପ ?

ଇନୁ ଇମେଲ୍ କରିଛି । "ମାମା ମୁଁ ଆସନ୍ତା ସତେଇଶି ତାରିଖରେ ଭୁବନେଶ୍ୱର ପହଞ୍ଚିବି । ଗଲେ ତୁମକୁ ଏକ ସରପ୍ରାଇଜ୍ ଦେବି ।" ଇନୁ ମୋ ପୁଅ । କମ୍ପ୍ୟୁଟର ଇଞ୍ଜିନିୟର । ରିସର୍ଚ୍ଚ୍ ପାଇଁ ଲଣ୍ଡନ ଯାଇଛି । ଆଶୀଷ ମୋତେ ଚିରକାଳ ସମ୍ମାନ ଦେଇଛନ୍ତି । ଆଉ ତାଙ୍କର ଏହି ଗୁଣରେ ହିଁ ମୁଁ ଆଶୀଷଙ୍କ ଭିତରେ ଶୀତାଂଶୁଙ୍କୁ ଅନୁଭବ କରିପାରେ ।

କିନ୍ତୁ ଇନୁର ଲଣ୍ଡନ ଯିବାକୁ ସେ ପୁରାପୁରି ମନା କରୁଥିଲେ । ପଇସାର ଆଳ ଦେଖାଇ, ଫରେନରେ ଚାକିରୀର ଲାଳସା ଦେଇ କେବଳ ଭାରତୀୟ ଜ୍ଞାନ କିଣା ହୁଏ ।

ଇନୁର ଭବିଷ୍ୟତ ପାଇଁ ଆଶୀଷଙ୍କ ସହ ଦ୍ୱିମତ ହୋଇ, ଇନୁର ଉଚ୍ଚ ଶିକ୍ଷାପାଇଁ ବିଦେଶ ପଠାଇଥିଲି । ଆଶୀଷ ସବୁବେଳେ ଯୁକ୍ତି କରୁଥିଲେ, "ତୁମେ ତ ଉଚ୍ଚଶିକ୍ଷାପାଇଁ ବିଦେଶ ଯାଇ ପାରିନଥିଲ, ସେଥିପାଇଁ ବୋଧେ ଗୋଟିଏ ବୋଲି ପୁଅକୁ ଗବେଷଣାପାଇଁ ବିଦେଶ ପଠାଇ ନିଜର ଇଚ୍ଛା ପୂରଣ କରୁଛ ।" ବୋଧହୁଏ ସେ ଠିକ୍ କହୁଥିଲେ, ମାତ୍ର ମୁଁ ଏତେ ସ୍ୱାର୍ଥପର ନଥିଲି । ମୁଁ ଇନୁର ଭବିଷ୍ୟତ ଅଧିକ ଦେଖୁଥିଲି, ଆଉ ମୋର ଇନୁ ଉପରେ ପୁରାପୁରି ବିଶ୍ୱାସ ଥିଲା, ସେ କେବେ ତା ମାମାକୁ ଠକି ଦେବନି । ସବୁ ଇଞ୍ଜିନିୟରଙ୍କ ଇଚ୍ଛାଥାଏ, ପଢ଼ାପରେ ବିଦେଶରେ ସେଟଲ୍ ହେବାକୁ, ମାତ୍ର ଇନୁ ତା ମାମା କଥା ରଖିଥିଲା ଆଉ ଠିକ୍ ଦୁଇବର୍ଷପରେ ସେ ଫେରି ଆସୁଛି । କିନ୍ତୁ ମୁଁ ବେଶୀ ଚିନ୍ତିତ ଥିଲି ତା ସରପ୍ରାଇଜ୍ ଦେବାନେଇ ।

 Download Magazine from www.aahwaan.com

ଭୁବନେଶ୍ୱର ବିମାନ ବନ୍ଦରରେ ଆମେ ତାକୁ ସ୍ୱାଗତ କଲାବେଳେ, ଛୋଟ ସ୍କୁଲ୍ ପିଲାଟିଏ ପରେ ଦଉଡ଼ି ଆସି ଓହଳିଗଲା ମୋ କାନ୍ଧରେ, ସତେ ଯେମିତି ଦଶଟାରୁ ଚାରିଟା ବନ୍ଧା ହୋଇଥିଲା ସ୍କୁଲରେ । ମୁଁ ଆଶ୍ୱସ୍ତ ହେଲି ଇନୁ ତା'ହେଲେ ଫରେନରେ କେଉଁ ବିଦେଶୀନି ଜାଲରେ ପଡ଼ିନି । ତେବେ ତା ସରପ୍ରାଇଜଟା କଣ ?

ଇନୁ ତା କମ୍ପାନୀରେ କାମ କରିବା ଆରମ୍ଭ କଲାଣି । ପ୍ରଥମରୁ ସେ ତା କାମରେ ଖୁବ୍ ଦାୟିତ୍ୱବାନ ଓ ବ୍ୟସ୍ତ ମଧ୍ୟ ରହୁଛି । ସେଦିନ ମୁଁ କ୍ଲାସକୁ ବାହାରିବା ବେଳକୁ ମୋତେ ପଚାରିଲା, "ମାମା ଆଜି ସନ୍ଧ୍ୟାରେ ତୁମେ ଫ୍ରି ଅଛ କି ?"

ମୁଁ ଟିକେ ଭାବି କହିଲି, "କଣ, କିଛି କାମ ଥିଲା ?" "ନା, କିଛି କାମ ନାହିଁ ମୋର । ଏମିତି ପଚାରୁଥିଲି ।" ଇନୁ କହିଲା । "ଠିକ୍ ଅଛି, ସନ୍ଧ୍ୟାରେ କଥା ହେବା ।" କହି ମୁଁ କଲେଜ ବାହାରିଗଲି ।

ଅପରାହ୍ନ ସବୁବେଳେ ଖୁବ୍ ନିରବ, ନିଛାଟିଆ ତା ସାଙ୍ଗକୁ ମୁଁ ଓ ମୋ ଏକୁଟିଆପଣ । କହିବାକୁ ଗଲେ ମୁଁ ମୋ ଏକୁଟିଆପଣ ସହ ସାଲିସ୍ କରି ସାରିଥିଲି । ଆଶୀଷଙ୍କର ବହି, ଗବେଷଣା ଭଲ ତ ସେ ଭଲ । କରିଡରରେ ବସି ମୁଁ ଆଜିର ଟାଇମ୍ସ ଅଫ୍ ଇଣ୍ଡିଆ ଉପରେ ଅନ୍ୟମନସ୍କ ହୋଇ ଆଖି ବୁଲାଉଥିଲି । ଆକାଶରେ ଉଡ଼ିଯାଉଥିବା ବଗପଲଙ୍କୁ ଅନାଇ ଭାବୁଥିଲି କେତେ ଭରପୁର ସେମାନଙ୍କର ଜୀବନ । ହେଲେ କଣ ମୋର ବା ଅଭାବ ଅଛି ? ତଥାପି କଣ ପାଇଁ ମୁଁ ଏତେ ଏକୁଟିଆ ? ଏମିତିକି ଘର କୋଳାହଳରେ ଫାଟି ପଡୁଥିଲେ ବି ମୁଁ ମୋ ଭିତରେ ହଜିଯାଏ, ମୋ ଏକାନ୍ତ ଭାବନାକୁ ନେଇ । ଆଉ ଯାହାଥିଲା ମୋର ସମ୍ପୂର୍ଣ୍ଣ ନିଜର, ସେଠି କାହାର ହକ୍ ନଥିଲା, ନା ଶୀତାଂଶୁଙ୍କର ନା ଆଶୀଷଙ୍କର । ମୋର ଏହି ଭାବପ୍ରବଣତା ପାଇଁ କଲେଜ ବେଳେ ଶୀତାଂଶୁ ଚିଡ଼ାଉଥିଲେ ତୁମେ ଫିଲୋସୋଫି କି

Download Magazine from www.aahwaan.com

ଓଡ଼ିଆ ପଢ଼ିବାର ଥିଲା ସାଇନ୍‌ସ ନୁହେଁ ।

ମଣିଷ ଜୀବନସାରା 'ମୁଁ' ଓ 'ମୋର' ହୁଏ ମାତ୍ର ଏଇ ମୁଁ ଓ ମୋର ସେଇ ବିଶେଷ ବେଳକୁ ତାର ହୋଇ ପାରେନି । ଜୀବନ ଜିଦ୍ଦିରେ ନୁହେଁ, ବୁଝାମଣାରେ ଚାଲେ । କହିବାଟା କହିବାବାଲାର ଇଚ୍ଛା ଉପରେ ନିର୍ଭର କରେ । ତାକୁ ନେଇ ଜୀବନଟାକୁ ତିକ୍ତ କରିବା ଉଚିତ ନୁହେଁ । ଅତୀତକୁ ଚିନ୍ତା କରି ବର୍ତ୍ତମାନ ଭବିଷ୍ୟତକୁ ନଷ୍ଟ କରିବା ଉଚିତ ନୁହେଁ ।

ସଂଧ୍ୟା ଧୂପ ଦେବାପାଇଁ ମୁଁ ଉଠିଲି । ଘରେ ଆଲୁଅ ଜଳାଇ ମୁଁ ପୂଜା ସାରିଦେଇ ଆସିଲି । ବାହାରେ କିଏ କଲିଂ ବେଲ୍ ମାରୁଛି । ଇନୁ ତା ପଛେ ପଛେ ସୁଶ୍ରୀ ତରୁଣୀ ଜଣେ । ମାମା ଦେଖ, ଏଇ ତୁମ ପାଇଁ ସରପ୍ରାଇଜ୍, 'ରିଚା' ।

ରିଚା ଇନୁର ଇଞ୍ଜିନିୟରିଂ କଲାବେଳର ସାଙ୍ଗ । ଏ ବନ୍ଧୁତ୍ୱ ଏବେ ଘନିଷ୍ଠରୁ ଉପରକୁ ଉଠି କିଛି ଗୋଟିଏ ସାମାଜିକ ନାମ ନେବାପାଇଁ ଅପେକ୍ଷା କରିଛି । ରିଚାକୁ ସ୍ନେହରେ ପାଖରେ ବସାଇ ଯେତେବେଳେ ଜାଣିଲି ସେ ଶୀତାଂଶୁଙ୍କର ନୟନପିତୁଳା, ମୋ ପାଦତଳୁ ମାଟି ଖସି ଯାଉଥିଲା । ଆଉ ମନ ବ୍ୟଗ୍ର ହୋଇଯାଉଥିଲା ଜାଣିବାପାଇଁ ଆଶୀଷ ଓ ଶୀତାଂଶୁଙ୍କର ଏ ବିଷୟରେ ଶେଷ ମତାମତ କଣ ? ମନ ଭିତରେ ମୁଁ ଇନୁ ଓ ରିଚାଙ୍କର ଏ ଭଲ ପାଇବା, ଭଲ ପାଇବାକୁ ପ୍ରକାଶ କରିବାକୁ ପୂର୍ଣ୍ଣରୂପେ ସମ୍ମାନ ଓ ସ୍ୱୀକୃତି ଦେଉଥିଲି ।

Download Magazine from www.aahwaan.com

# ଦେବୀଉଗ୍ରଚଣ୍ଡୀ ଉବାଚ - ୨



ଗୁପ୍ତେଶ୍ୱର ମହାପାତ୍ର

ଏହି କାହାଣୀର ପ୍ରଥମ ଭାଗ ଅପ୍ରେଲ ମାସର ବିଶେଷ ସଂସ୍କରଣରେ ପ୍ରକାଶିତ ହୋଇଥିଲା । ପଢ଼ିବାପାଇଁ ଆମ ୱେବସାଇଟ (www.aahwaan.com) ର ସଂଗ୍ରହାଳୟ ପୃଷ୍ଠାକୁ ଯାଇ ସେଠାରେ ଅପ୍ରେଲ ୨୦୧୮ ସଂସ୍କରଣ ଡାଉନଲୋଡ୍ କରିପାରିବେ ।

---

ଦୁଇଦିନ ଧରି ଅଖଣ୍ଡ ସାଧନା କରିବାପରେ ମାଁ ଦକ୍ଷିଣକାଳୀ ସାକ୍ଷାତ ପ୍ରକଟ ହେଲେ ନନାଙ୍କ ସମ୍ମୁଖରେ ।

ଦେବୀ : ବତ୍ସ ! କୁହ କଣ ତୁମର ଅଭିପ୍ରାୟ ?

ନନା : ପ୍ରଣାମ ମାତେ । ହେ ମାଁ ଜଗତଜନନୀ । ତମର ପୂଣ୍ୟ ପୀଠକୁ ଭାଙ୍ଗିବାକୁ ଯେଉଁ ଦୂରାଚାରୀ ସାହାସ କରିଛି, ମୋତେ ତା'ର ରକ୍ତ ଦରକାର ମାଁ । ମୁଁ ଚାହେଁ ଆପଣ ସେ ଦୁଷ୍ଟକୁ ବଧ କରନ୍ତୁ ।

ଦେବୀ : ବାବୁରେ । ସେ କିଛି ଭୁଲ କରିନି । ଶାସକ ହିସାବରେ ତା'ର କର୍ତ୍ତବ୍ୟ ଲୋକଙ୍କ ଧନଜୀବନକୁ ସୁରକ୍ଷା ପ୍ରଦାନ କରିବା । ସେ ନିଜର କର୍ମ କରିଛି । ଯେଉଁମାନେ ନିଜ କର୍ମ ସୁଚାରୁ ରୂପେ ସମ୍ପାଦନ କରନ୍ତି, ସେମାନେ ମୋର ସବୁଠୁ ପ୍ରିୟ ।

ନନା : ମା... । ସେ ଆପଣଙ୍କ ମନ୍ଦିରକୁ ଭାଙ୍ଗି ଚୁରମାର କରିଦେଲା । ଆପଣଙ୍କୁ କଣ ରାଗ ଲାଗୁନି ? ମୋର ତ ବୁନ୍ଦା ବୁନ୍ଦା ରକ୍ତ ପ୍ରତିଶୋଧ ନେବାପାଇଁ ଜଳୁଛି ।

ଦେବୀ : ବାବୁ । ତୁ ଅଜ୍ଞାନ । ରାଗ - ରୋଷ - ଇର୍ଷ୍ୟା ସବୁ ମାନବିକ ଦୋଷ ଦୁର୍ବଳତା ।

Download Magazine from www.aahwaan.com

ଏହା ମଣିଷଙ୍କ ଭିତରେ ଥାଏ । ଭଗବାନଙ୍କ ଭିତରେ ନୁହେଁ ।

ନନା : ମାଆ... ଆପଣ ତ ବଦରାଗୀ.... ଉଗ୍ରଚଣ୍ଡୀ !

ଦେବୀ : ଏହା ମୋର ବାସ୍ତବିକ ରୂପ ନୁହେଁ । ଏହା ତୋର ପରିକଳ୍ପନା । ତୁ ମୋତେ ଯେଉଁ ରୂପରେ ପୂଜା କରୁଛୁ, ମୁଁ ତତେ ସେହି ରୂପରେ ଦର୍ଶନ ଦେଇଛି । ମୁଁ ପରବ୍ରହ୍ମ, ନିରାକାର । ମୋର ଆକାର, ବର୍ଣ୍ଣ, ରୂପ, ଲିଙ୍ଗ କିଛି ନାହିଁ । ମୁଁ ହିଁ କୃଷ୍ଣ, ମୁଁ ହିଁ ରାମ, ମୁଁ ହିଁ ଆଲ୍ଲା, ମୁଁ ହିଁ ଯିଶୁ...

ଏତେ ସବୁ ଜାତିଧର୍ମ ସବୁ ମଣିଷର ସୃଷ୍ଟି । ଯେଉଁଠିକାର ଲୋକ ଯେପରି, ସେଠାରେ ମୋତେ ସେହି ରୂପ ଦେଇଛନ୍ତି ମନୁଷ୍ୟମାନେ । ଉତ୍କଳ ପ୍ରଦେଶରେ ଲୋକମାନେ ଖାଦ୍ୟପ୍ରିୟ, ତେଣୁ ମୁଁ ତୁମପାଇଁ ଛପନଭୋଗୀ ନୀଳାଚଳନାଥ ଜଗନ୍ନାଥ । ଆନ୍ଧ୍ରପ୍ରଦେଶ ଲୋକ ସୁନା ପ୍ରିୟ ତେଣୁ ତାଙ୍କ ପାଇଁ ମୁଁ ଆମୁଳଚୂଳ ସ୍ୱର୍ଣ୍ଣ ବିମଣ୍ଡିତ ତିରୁପତି ବାଲାଜୀ । ମୋର ଏତେ ସବୁ ନାଁ, ରୂପ ସବୁ ମନୁଷ୍ୟକୃତ ।

ନନା : ମା । କିନ୍ତୁ ଏ ଅଧମ କଲେକ୍ଟର ଗୋଟିଏ ନାସ୍ତିକ । ସେ ଆପଣଙ୍କ ସତ୍ତାରେ ବିଶ୍ୱାସ କରେନାହିଁ । ନା ସେ ବିଶ୍ୱାସ କରେ ଧର୍ମ ଉପରେ ।

ଦେବୀ : ପ୍ରତ୍ୟେକଟି ସନ୍ତାନ ମୋର । ଆଉ ମୋର ପ୍ରତ୍ୟେକ ସନ୍ତାନ ଧରାପୃଷ୍ଠକୁ ଆସିଛନ୍ତି କିଛି କିଛି କର୍ତ୍ତବ୍ୟ ସମ୍ପାଦନ ପାଇଁ । ସେ କର୍ତ୍ତବ୍ୟ ଯେଉଁମାନେ ସମ୍ପାଦନ କରନ୍ତି, ସେମାନେ ମୋର ପ୍ରିୟ ସନ୍ତାନ । ସେମାନେ ଆସ୍ତିକ । ବାକି ସବୁ ନାସ୍ତିକ । ଭଗବାନ ସତ୍ତାରେ ବିଶ୍ୱାସ କରିବା ନ କରିବା ସହିତ ଏହାର କିଛି ସମ୍ପର୍କ ନାହିଁ ।

ନନା : ମା । ତା ହେଲେ କଣ ମୋର ଏତେ ବର୍ଷର ସାଧନା ପ୍ରାର୍ଥନା ସବୁ ବୃଥା ?

ଦେବୀ : ବାବୁରେ, ତୁ ତ ଅଜ୍ଞାନ ବାଳୁତ । ତୁ କଣ ଭାବୁଛୁ, ପ୍ରାର୍ଥନା ବନ୍ଦନାରେ ମୁଁ ଖୁସି

Download Magazine from www.aahwaan.com

ହୁଏ ? ପ୍ରାର୍ଥନା ବନ୍ଦନାର ଅର୍ଥ କେବେ ବୁଝିବାକୁ ଚେଷ୍ଟା କରିଛୁ ? ସେ ସବୁ ସଂସ୍କୃତରେ ମୋର ପ୍ରଶଂସାଗୀତି । ସରସ୍ୱତୀ ବନ୍ଦନ, ଜଗନ୍ନାଥ ଜଣାଣ ଇତ୍ୟାଦି । ମିଛ ପ୍ରଶଂସା ଶୁଣି ମଣିଷ ଖୁସି ହୁଅନ୍ତି, ଭଗବାନ ନୁହେଁ । ମୁଁ ପରା ମୋ ମନର ଅନ୍ତର କଥା ବୁଝେ । ସର୍ବୋପରି ତୁ ପରା ମୋର ସନ୍ତାନ । ମୋତେ ଖୁସି କରିବାପାଇଁ ତୋତେ ମୋର ପ୍ରଶଂସା କରିବାର କିଛି ପ୍ରୟୋଜନ ଅଛି କି ?

ନନା : ମାଆ, ତା ହେଲେ ଧର୍ମ କଣ ?

ଦେବୀ : ସୈନିକର ଧର୍ମ ଦେଶର ସୁରକ୍ଷା କରିବା । ବୈଦ୍ୟର ଧର୍ମ ଲୋକଙ୍କର ଜୀବନ ବଞ୍ଚାଇବା । ଶିକ୍ଷକର ଧର୍ମ ଶିକ୍ଷା ପ୍ରଦାନ କରିବା । ଧର୍ମର ଅର୍ଥ କଣ ବୁଝିଲୁ ?

ନନା : ନା... (ନନା ନିରବ)

ଦେବୀ : କର୍ମ ହିଁ ଧର୍ମ । ମୁଁ ପରା କହିଥିଲି ଭଗବତ ଗୀତାରେ ।

ନନା : ତା ହେଲେ ଏ ମନ୍ଦିରର ଉଦ୍ଦେଶ୍ୟ କଣ ?

ଦେବୀ : ମୁଁ ପରବ୍ରହ୍ମ, ନିରାକାର । ମୁଁ ସବୁ ଘଟରେ ବାସ କରେ । ଏହା ତୁମର ଚିନ୍ତାଧାରା ଯେ, ତୁମେ ମନ୍ଦିରର ଚାରିକାନ୍ଥ ମଧ୍ୟରେ ମୋତେ ସୀମିତ କରି ରଖିପାରିବ, ଓ ସୁନାଳଙ୍କାର ପ୍ରଭୃତ ଉପହାର ଦେଇ ମୋତେ ଖୁସି କରିପାରିବ । ମୁଁ କଣ ବସ୍ତୁବାଦୀ ?

ତୁମେମାନେ ମୋର ମସଜିଦ୍ ଭାଙ୍ଗି ମୋ ପାଇଁ ମନ୍ଦିର ନିର୍ମାଣ କରିବ ? ମୋର ଏଥିରେ କଣ ପ୍ରୟୋଜନ ? ମୋର ରାମମନ୍ଦିର ନୁହେଁ, ରାମରାଜ୍ୟ ଦରକାର । ଯେଉଁଠି ମୋର ସବୁ ସନ୍ତାନମାନେ ପରସ୍ପରକୁ ଭଲ ପାଉଥିବେ, ଓ ନିଜର କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରୁଥିବେ ।

ମୋର କୋଟି କୋଟି ଟଙ୍କା, ଅଳଙ୍କାର, ଭେଟିରେ ଆଦୌ ଆଗ୍ରହ ନାହିଁ । ଏ ସବୁ

Download Magazine from www.aahwaan.com

ନେଇଯାଅ, ଏ ସବୁକୁ ବିକ୍ରୀ କରି ସେଇ ଅର୍ଥରେ ମୋ ସନ୍ତାନ ମାନଙ୍କ ଭୋକ, ଦାରିଦ୍ର୍ୟ ଦୂର କର । ଏହା ମୋ ପାଇଁ ତୁମ୍ଭମାନଙ୍କର ସବୁଠାରୁ ବଡ଼ ଉପକାର ହେବ ।

ନନା : କ୍ଷମା କରିଦିଅ ମା । ମୁଁ ତୁମକୁ ବୁଝି ପାରିନଥିଲି ।

ଦେବୀ : ନା ପୁଅ । ଏଥିରେ ତୋର କିଛି ଭୁଲ ନାହିଁ । ତୋର ଜ୍ଞାନରୂପକ ଆତ୍ମାକୁ ଅଜ୍ଞାନରୂପକ ଅନ୍ଧକାର ଘୋଟି ରହିଥିଲା । ତୋ ଭଳି ଆଉ କିଛି ଅଜ୍ଞାନରେ ବୁଡ଼ିରହିଥିବା ଲୋକଙ୍କ ଲାଗି ମୋର ଅନ୍ୟତମ ପ୍ରିୟ ସନ୍ତାନ ସକ୍ରେଟିସକୁ ବିଷପାନ କରିବାକୁ ପଡିଥିଲା । ଏ ଯେଉଁ କଲେକ୍ଟରଙ୍କ ତୁ ପ୍ରାଣ ନେବାକୁ ଚାହୁଁଛୁ, ସେ ମଧ୍ୟ ମୋର ଜଣେ ପ୍ରିୟ ସନ୍ତାନ । ଗତ ଜନ୍ମରେ ରାଜା ରାମମୋହନ ରାୟ ନାଁରେ ପ୍ରସିଦ୍ଧ ଥିଲା । ଏ ଆର୍ଯ୍ୟାବର୍ତ୍ତ ଭୂମିରେ ବହୁ ଚକ୍ରବର୍ତ୍ତୀ ସମ୍ରାଟ ବିଶାଳ ବିଶାଳ ସାମ୍ରାଜ୍ୟ ଠିଆ କରିଥିଲେ । କିନ୍ତୁ ତାଙ୍କର ମୃତ୍ୟୁ ସହିତ ତାଙ୍କ ସାମ୍ରାଜ୍ୟର ବିଲୟ ଘଟିଥିଲା । ଏହି ପ୍ରିୟ ସନ୍ତାନ ମୋର ଏପରି ଏକ ସାମ୍ରାଜ୍ୟ ବିଜୟ କରିଥିଲା, ଯାହା ଏବେ ପର୍ଯ୍ୟନ୍ତ ଅତୁଟ ରହିଛି । ସେ ସାମ୍ରାଜ୍ୟ ହେଉଛି ଜ୍ଞାନର ସାମ୍ରାଜ୍ୟ । ଧର୍ମର ଓ ନ୍ୟାୟର ସାମ୍ରାଜ୍ୟ ।

କାଳର କରାଳ ଗତିରେ ସମସ୍ତେ ଧୋଇ ହୋଇ ଚାଲିଯାଆନ୍ତି । କିନ୍ତୁ କେବଳ ସେହିମାନେ ହିଁ ବଞ୍ଚିରହନ୍ତି ଯେଉଁମାନେ ସମାଜର ହିତ ପାଇଁ ନିଜର ବଳ, ବପୁ, ବୟସ ସବୁ ଉତ୍ସର୍ଗୀକୃତ କରିଦିଅନ୍ତି ।

ବାବୁରେ ଯାଆ, ନିଜର କର୍ତ୍ତବ୍ୟ କରେ । ନରରୂପୀ ନାରାୟଣଙ୍କ ସେବାକରେ । ଦରିଦ୍ର ଜନଙ୍କ ଦୁଃଖ ଦୂର କରେ । ପ୍ରତି ଘଟରେ ମୁଁ ବାସ କରେ । ନିରୀହ ପ୍ରାଣୀଙ୍କୁ ବଳି ନାଆଁରେ ହତ୍ୟା କରି ମୋତେ ଖୁସି କରିବାକୁ ଚେଷ୍ଟା କରନାହିଁ ।

ଜୀବେ ଦୟା ଓ ବସୁଧୈବ କୁଟୁମ୍ବକଂ, ଏହି ଦୁଇ ମହାମନ୍ତ୍ରକୁ ଜପି ଜୀବନକୁ ଚରିତାର୍ଥ


 Download Magazine from www.aahwaan.com

କରେ । ମୁଁ ବହୁତ ଖୁସି ହେବି ।

ନନା : ଆପଣଙ୍କ ଆଜ୍ଞା ଶୀରୋଧାର୍ଯ୍ୟ ମାଆ ।

ଦେବୀ ମାଆ ଉଭାନ୍ ହୋଇଗଲେ । ପରଦିନ ଆମେ ଗୋଟିଏ ନୁଆ ଅରକ୍ଷିତ ନନାଙ୍କୁ ଦେଖିବାକୁ ପାଇଥିଲୁ । ଖୁସିରେ ଆଖିରୁ ଦୁଇଟୋପା ଲୁହ ଝରିଗଲା ।

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା




ଗୁଗୁଲ୍ ପ୍ଲେ ଷ୍ଟୋରରୁ 'Odia Sahitya' ଆପ୍ ଡାଉନଲୋଡ୍ କରି ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ ଏବଂ ଯେ କୌଣସି ସମୟରେ ଲେଖା ପ୍ରକାଶିତ କରନ୍ତୁ ।

Download Magazine from www.aahwaan.com

# ଭୁବନେଶ୍ୱରର ଅଟୋଚାଳିକା



ରାଧାକାନ୍ତ ଦାସ

ଅଟୋର ହର୍ଣ୍ଣ ଶବ୍ଦ ଶୁଣି ଘର ଭିତରୁ ଦୌଡ଼ି ଆସିଲା ସୁମି ।"କଣ ହେଲା କାଇଁ ଏତେ ଜୋରରେ ହର୍ଣ୍ଣ ମାରୁଛ ଜାଣେ ?"

ଅଟୋରେ ବସି ଅଟୋ ଷ୍ଟାର୍ଟ କରୁ କରୁ ଡିଲୁ କହିଲା - "ଆରେ ପାଣି ଦିଅ ମୋର ଡେରି ହେଉଛି । " ପାଣି ବୋତଲ ଓ ଟିଫିନ ଧରି ଆସୁ ଆସୁ ସୁମି ପଚାରିଲା - "କଣ ଡେରି ହେଉଛି ? ତମେ କଣ ଚାକିରି କରିଛ ଯେ ଡେରି ହେଉଛି ?"

ସୁମି ହାତରୁ ପାଣି ଓ ଟିଫିନ୍ ନେଉ ନେଉ ଡିଲୁ କହିଲା - "ଆରେ ଏଇଟା ଅଫିସିଆଲ ଟାଇମ, ଲୋକ ଅଫିସ ଯିବା ପାଇଁ ଅଟୋ ଖୋଜୁଥିବେ ।ଆଉ ମୁଁ ଜଲଦି ନଗଲେ ସେମାନେ ହଇରାଣ ହେବେନି । "

କଥା ନସରୁଣୁ ଆଗକୁ ଗଡି ସାରିଥିଲା ଅଟୋ ।ଅଟୋ ଭିତରୁ ବାଁ ହାତ ହଲେଇ କିଛି କ୍ଷଣପାଇଁ ବିଦାୟ ନେଉଥିବା ସୂଚନା ଦେଉଥିଲା ଡିଲୁ ।

ଅଟୋ ଷ୍ଟାଣ୍ଡରେ ସବୁ ଅଟୋ ଚାଳକଙ୍କ ପରି ଡିଲୁ ମଧ୍ୟ ଡାକିଚାଲିଥିଲା - "ବାଣୀବିହାର, ରାମମନ୍ଦିର, ରୂପାଲୀ, ସତ୍ୟନଗର, ସହିଦନଗର । " କିଛି ରେଗୁଲାର ଲୋକ ଥିଲେ ଯିଏକି ଡିଲୁ ଅଟୋରେ ଯିବା ପାଇଁ ଡିଲୁ ପହଞ୍ଚିବା ଆଗରୁ ଡିଲୁର ଅଟୋକୁ ଅପେକ୍ଷା କରୁଥିଲେ ।

ଡିଲୁ ଓ ସୁମିର ପୁଅ ଗୁଲୁ ।ଘର ବାହାରେ ବିମ୍ବସି ରଖିଥିବା ବାଲି ଗଦାରେ ସବୁବେଳେ ଖେଳୁଥାଏ ।ଗୁଲୁ ସ୍କୁଲରୁ ଆସିଲେ ଘରେ ବ୍ୟାଗ୍ ଫୋପାଡି ଧାଇଁ ଯାଏ ବାଲିଗଦାକୁ ।ବଡ

Download Magazine from www.aahwaan.com

ଘର ପିଲାମାନେ କେତେ ପ୍ରକାର କ୍ଲାସ୍ ଯାଆନ୍ତି ହେଲେ, ଗୁଲୁ ପାଇଁ ହବିକ୍ଲାସ୍, ଡ୍ରଇଂକ୍ଲାସ୍ ଆଉ ମ୍ୟୁଜିକ୍ କ୍ଲାସ୍ ସବୁ ସେଇ ବାଲିଗଦା ।ଡିଲୁର ରୋଜଗାରରେ ଯେମିତି ସେମିତି ଚଳିଯାଏ ତାଙ୍କ ଘର ।ଡିଲୁର ସମ୍ପର୍କୀୟ ଭାଇ କୁଆଡେ ବଙ୍ଗରେ ରହୁଛି ।ଡିଲୁକୁ ସେ ଡାକିଲାଣି କେତେଥର ହେଲେ ସୁମି ମନା କରୁଛି ।"ଭୁବନେଶ୍ୱର ଛାଡି ଆମେ କାଲ୍-କାଟା ଯିବାନି ।ସେଠି ଅଧିକ ପଇସା ଏଠି କମ୍ ପଇସା ହେଲେ କେଏନ ହେଲା ଆମେ ଏଇଠି ରହିବା ।" ଏମିତିରେ ଚାଲେ ଡିଲୁ ଆଉ ସୁମିଙ୍କ ଘର । ସକାଳୁ ଅଟୋ ଆଉ ଟିଫିନ୍ ନେଇ ବାହାରିଯାଏ ଡିଲୁ ।ଦିନ ଦ୍ୱିପହରରେ ଆସେ ଆଉ ପୁଣିଥରେ ଖାଇସାରି ଟିକେ ଗଡେ ।ତାପରେ ପୁଣି ବାହାରିଯାଏ ଅଟୋ ନେଇ, ରାତିରେ ଆସେ ।କେଉଁ ଦିନ କେତେ ରାତିରେ ତାର ଠିକ୍ ନାହିଁ ।ଦୁଇଶହ ତ କେତେବେଳେ ପାଆଁଶ ।ଅଧିକ ରୋଜଗାର ହେଲେ ଗୁଲୁ ପାଇଁ ଜଳଖିଆ କିଣିନିଏ ସାଥିରେ ।ଡିଲୁ ସବୁଦିନ ରାତିରେ ଫେରିଲେ ସୁମିକୁ ଗୋଟେ ଦଶ ଟଙ୍କାର ନୋଟ ଦିଏ ।ଆଉ ଅଧିକ ରୋଜଗାର ଗେଲେ ଦଶ ଟଙ୍କାଟା କୋଡିଏ ହୋଇଯାଏ ।ସୁମି ସେ ଟଙ୍କା ନେଇ କଣ ବା କରିବ ।ସେ ସାଇତି ରଖେ, ପୁରୁଣା ଅମୂଲସ୍ପ୍ରେ ଟିଣ ଡବାରେ ।କେବେ ଖୋଲେନି ।ହଁ ଅସୁବିଧା ଆଉ ଭଲମନ୍ଦରେ ଖୋଲେ ।ଆବଶ୍ୟକ ଟଙ୍କା ନେଇ ବନ୍ଦ କରିଦିଏ ।ସୁମି ଏମିତି ଟଙ୍କା ରଖେ ବୋଲି ଡିଲୁ କି ଗୁଲୁ କେହି ଜାଣିନାହାନ୍ତି ।ଡିଲୁ କେଉଁ ଦିନ ବି ସୁମିକୁ ଦେଇଥିବା ଟଙ୍କାର ହିସାବ ମାଗେନି ।ଆଜି ପର୍ଯ୍ୟନ୍ତ ସୁନା ଜିନିଷ କି ଭଲ ଦାମିକା ଶାଢୀ ଖଣ୍ଡେ ତ ଦେଇପାରିନି ।ସବୁଦିନ ରାତିରେ ସୁମି ହାତକୁ ଦଶ ଟଙ୍କାର ନୋଟଟେ ବଢେଇଲା ବେଳେ ସୁମି ମୁହଁରେ ଫୁଟିଯାଏ ଗୋଟେ ଛୋଟ ହସ ।

ସୁମି ଆଉ ଡିଲୁ ସମୟ ସ୍ରୋତରେ ଆଗେଇ ଚାଲିଛନ୍ତି ଦୁଃଖସୁଖରେ ।ଡିଲୁ ଅଟୋ ଧରି

Download Magazine from www.aahwaan.com

ବାହାରି ସାରିଲାଣି ।ସୁମି କୁଲା ଧରି ଚାଉଳ ବାଛୁଛି ।ସରକାର ଦେଇଥିବା ଚାଉଳ, ଗୋଡି ତ ରହିବା ସ୍ୱାଭାବିକ କଥା ।ଦାଣ୍ଡରେ ଅଟୋ ରହିବା ଶବ୍ଦ ଶୁଣି ଦେଖିଲା ମଙ୍ଗୁ ଆସିଛି ।ମଙ୍ଗୁ ଆଉ ଡିଲୁ ଗୋଟେ ଷ୍ଟାଣ୍ଡରେ ଅଟୋ ଚଲାନ୍ତି ।ମଙ୍ଗୁ ଆଉ ଡିଲୁ ପିଲା ଦିନର ସାଙ୍ଗ ।ମଙ୍ଗୁ ମଝିରେ ମଝିରେ ଘର ଆଡେ ଆସେ ।ଅଟୋରୁ ଓହ୍ଲେଇକି ମଙ୍ଗୁ ଆଗେଇ ଆସିଲା ସୁମି ଆଡକୁ ।ମଙ୍ଗୁର ମୁହଁ ଶୁଖି ଯାଇଥିଲା, ମୁହଁରେ ମେଞ୍ଚାଏ ଝାଳ, ମୁଣ୍ଡବାଳ ଅସମ୍ଭାଳ ।ମଙ୍ଗୁକୁ ଏପରି ଅବସ୍ଥାରେ ଦେଖି ସୁମି କିଛି ବୁଝିପାନଥିଲା ।ମଙ୍ଗୁ - "ଭାଉଜ ଜଲଦି ଚାଲ ଡିଲୁର ଆକ୍ସିଡେଣ୍ଟ ହେଇଛି । " ମଙ୍ଗୁ ମୁହଁରୁ କଥା ଛଡେଇନେଇ ସୁମି ପଚାରିଲା - "କଣ ଆକ୍ସିଡେଣ୍ଟ, କେମିତି ? କଣ ହେଇଛି ?" କହି କାନ୍ଦିବାକୁ ଲାଗିଲା ସୁମି ।ମଙ୍ଗୁ ପ୍ରତିଉତ୍ତରରେ କହିଲା- "ସେକଥା ପଛେ ତୁମେ ଏବେ ମୋ ସହ ଡାକ୍ତରଖାନା ଚାଲ । " ଘରେ ତାଲା ମାରି ସୁମି ଡାକ୍ତରଖାନା ଚାଲିଲା ମଙ୍ଗୁସାଙ୍ଗରେ ।ଅଟୋରେ ବସି ସୁମି କଣ ନାଇଁ କଣ ଭାବି କାନ୍ଦି ଚାଲିଥିଲା ।କିଛି ସମୟ ପରେ ସରକାରୀ ଡାକ୍ତରଖାନାରେ ଆଗରେ ମଙ୍ଗୁର ଅଟୋ ପହଞ୍ଚି ସାରିଥିଲା ।ଅଟୋରୁ ଓହ୍ଲେଇକି ମଙ୍ଗୁ ସୁମିକୁ ଧରି ନେଇଯାଇଥିଲା ଡିଲୁ ପାଖକୁ । ଡାକ୍ତର ଅଭାବରୁ ଡିଲୁ ସେମିତି ଷ୍ଟ୍ରେଚରରେ ପଡିଥାଏ ।ବାଁ ଗୋଡରୁ ଭୀଷଣ ରକ୍ତ ବୋହୁଥାଏ ।ଗୋଡର ମାଂସ ବାହାରି ପଡିଥାଏ ।କିଛି ଅଟୋ ଡ୍ରାଇଭର ସେଠି ପାଟି କରୁଥାନ୍ତି - "ଡାକ୍ତର କେତେବେଳେ ଆସିବେ ? ଆରେ ଏଠି ଗୋଟେ ଲୋକ ପଡିଛି ।" ହେଲେ ଡିଲୁର ଅବସ୍ଥା ଦେଖି ଅସମ୍ଭାଳ ହୋଇପଡିଥିଲା ସୁମି ।ଡିଲୁର ହୋସ ନଥିଲା ।ସୁମି ଡିଲୁକୁ ଧରି ଭୋ- ଭୋ ରଡିଛାଡି କାନ୍ଦୁଥିଲା ।ସୁମି ଆଉ ଅନ୍ୟ ଡ୍ରାଇଭରଙ୍କ ସ୍ୱରରେ ଡାକ୍ତରଖାନାଟି ଫାଟି ପଡୁଥିଲା ।

ଡାକ୍ତର ଆସିଲେ ଚିକିତ୍ସା ଆରମ୍ଭ ହେଲା ।କିଛି ସମୟ ପରେ ମଙ୍ଗୁକୁ ଡାକିଲେ ଡାକ୍ତର

 Download Magazine from www.aahwaan.com

କହିଲେ - "ଗୋଡଟି ପୁରା ନଷ୍ଟ ହୋଇଯାଇଛି ଅଧିକ ରକ୍ତ ମଧ୍ୟ ବୋହି ସାରିଲାଣି ।ସେ ଗୋଡଟିକୁ କାଟିବାକୁ ପଡିବ । " ମଙ୍ଗୁ ସୁମି ମୁହଁକୁ ଚାହିଁଥିଲା କାନ୍ଦୁଥିଲା ସୁମି ।ସେ କଣ କରିବ ବୁଝିପାରୁନଥିଲା ।ଶେଷରେ ଡିଲୁର ଗୋଡ କଟା ହେଲା ।କିଛି ଦିନ ଡାକ୍ତରଖାନାରେ ରହିବା ପରେ ଘରକୁ ଫେରିଲେ ସୁମି ଆଉ ଡିଲୁ ।ଡାକ୍ତରଖାନାରେ ରହିଥିବା ଆଠଦିନ ଗୁଲୁ ମଙ୍ଗୁ ଘରେ ରହିଛି ।ଡିଲୁ ଆଉ ସୁମିକୁ ଘରେ ଛାଡିଦେଇ ମଙ୍ଗୁ ଗୁଲୁକୁ ଆଣିବାକୁ ଗଲା ।

ଗୁଲୁ ଫେରିଆସିଲା ।ମଙ୍ଗୁକୁ ସୁମି ପଚାରିଲା - "ଏସବୁ କେମିତି ହେଲା ? ଆଉ ଡାକ୍ତରଖାନାରେ ସବୁ ଟଙ୍କାପଇସା ଦେଉଥିବା ସେ ଲୋକଟି କିଏ ?" ମଙ୍ଗୁ କହିଲା - "ସେଦିନ ଡିଲୁ ଅଟୋ ନେଇ ଷ୍ଟାଣ୍ଡରୁ ବାହାରିଲା ।ଟିକେ ବାଟ ଯାଇଛି କି ନାଇଁ ଗୋଟେ କାର ଆସି ଡିଲୁର ଅଟୋରେ ମାଡ ହେଲା ଆଉ ଓଲଟି ପଡିଲା ।ଡିଲୁ ଗୋଡ ଉପରେ ମାଡିବସିଲା ।ସେ ଟଙ୍କା ପଇସା ଦେଉଥିବା ଲୋକ ସେ କାରବାଲା । "

କିଛି ସମୟ ରହି ମଙ୍ଗୁ ଫେରିଯାଇଥିଲା ।ସେପଟେ ଗୋଡରେ ବ୍ୟାଣ୍ଡେଜ ଆଉ ମୁଣ୍ଡରେ, ମୁହଁରେ ସିଲେଇ ହୋଇ ବ୍ୟାଣ୍ଡେଜ ବନ୍ଧା ହୋଇଛି ।ଗୁଲୁ ଡିଲୁ ପାଖେ ଶୋଇଛି ।ସୁମି ପଡିଶା ଘରକୁ ଯାଇ ଫୋନ କଲା କାଲକାଟା ଭାଇଙ୍କ ପାଖକୁ ।ଭାଇ କହିଲେ - "ମୁଁ ସୁବିଧା ଦେଖିଯିବି । " ପୁର୍ଣିମାର ଜହ୍ନ ଉପରକୁ ଯେମିତି କଳା ରଙ୍ଗର ବାଦଲ ମାଡି ଆସିଥିଲା ।

ଏଇ ଭିତରେ ଦୁଇ ମାସ ବିତିଗଲାଣି ।ଡବାରେ ଥିବା ଟଙ୍କାରେ ଘର ଚାଲୁଅଛି ।ଆଉ ଔଷଧ ପାଇଁ ଟଙ୍କା ଅଣ୍ଟୁନି ।ଟଙ୍କା ସରିବାକୁ ବସିଲାଣି ।କଣ କରିବ ସୁମି ।ଡିଲୁ କହିଲା - "ମୁଁ ତ ଆଉ ଅଟୋ ଚଳେଇ ପାରିବିନି ।ଆମ ଘର କେମିତି ଚାଲିବ । " ସୁମି କହିଲା - "ମୁଁ ଅଛି, ମଙ୍ଗୁ ସହିତ ମୁଁ କଥା ହେଇଛି ସେ କାଲିଠୁ ରାତିରେ ଆସିବ ଆଉ ମୁଁ ଅଟୋ

 Download Magazine from www.aahwaan.com

ଚଲେଇବା ଶିଖିବି । ” ସୁମିର କଥାରେ କାନ୍ଦ କାନ୍ଦ ହୋଇଯାଇଥିଲା ଡିଲୁ ।କଣ ବା ସେ କରିପାରିବ ।ଆଜିକୁ ତେର ଦିନ ହେବ ରାତିରେ ଅଟୋ ଶିଖୁଛି ସୁମି ।ଆଉ କିଛି ଦିନ ପରେ ସେ ଲାଇସେନ୍ସ ପାଇଁ ଆବେଦନ କରିବ ।ଆଉ ତାହାହିଁ ହେଲା ସେ ଲାଇସେନ୍ସ ପାଇଁ ଆବେଦନ କଲା ଓ ତାକୁ ଲାଇସେନ୍ସ ମିଳିଗଲା ।ସାହି ଲୋକ ତାଙ୍କ ତାଙ୍କ ଭିତରେ କଥା ହେଉଥିଲେ - “ସ୍ତ୍ରୀ ଲୋକ ହୋଇ ସେ ପୁରୁଷଙ୍କ ପରି ଅଟୋ ଚଳେଇବ ଛି ଛି ।ସେ ସାହି ପଡିଶାଙ୍କ ଆଗରେ ଘୃଣାର ପାତ୍ର ହୋଇଯାଇଥିଲା ।

କାହାକୁ ଖାତିର ନ କରି ସେ ଅଟୋ ଚଳେଇଲା ଭୁବନେଶ୍ୱରର ରାଜରାସ୍ତାରେ ।ଅନ୍ୟ ଅଟୋ ଡ୍ରାଇଭରଙ୍କ ପରି ସେ ମଧ୍ୟ ଡାକିଲା - “ରାମମନ୍ଦିର, ଷ୍ଟେସନ, ରାଜମହଲ । ” ସୁମିର ଅଟୋରେ କିଛି ସ୍ତ୍ରୀ ଲୋକ ଓ ଝିଅ ନିୟମିତ ଯିବାଆସିବା କରୁଥିଲେ ।ସୁମି ମଧ୍ୟ ତାଙ୍କୁ ସଠିକ ଜାଗାରେ ଠିକ ସମୟରେ ପହଞ୍ଚାଏ ଓ ଆଣେ ।ସେଥିରୁ ଜଣେ ଝିଅ ସାମ୍ବାଦିକତା କରୁଥିଲେ ।ସେ ଦିନେ ଅଟୋରେ ବସି ଫେରିବା ବାଟରେ ସୁମିକୁ ପଚାରିଲେ - “ଆଛା ସୁମି ଅପା ତୁମେ କାହିଁ ଅଟୋ ଚଲଉଛ, ତୁମ ଘରେ କଣ କେହି ପୁରୁଷ ଲୋକ ନାହାନ୍ତି ?” ସୁମି ଉତ୍ତର ଦେଲା - “କଣ ଆଉ କରିବି, ମୋ ସ୍ୱାମୀ ଆଗରୁ ଅଟୋ ଚଳଉଥିଲେ ।ଆଉ ଦିନେ ତାଙ୍କର ଏ ଅଟୋରେ ଆକ୍ସିଡେଣ୍ଟ ହେଲା ।ଗୋଡ ଗୋଟେ କଟା ହେଲା ।ଘର ଆଉ ପୁଅ ମୁହଁକୁ ଚାହିଁ ମୁଁ ବାଧ୍ୟ ହେଲି ଅଟୋ ଚଳେଇବାକୁ ।ଦିଦି ତମ ଘର ଆସିଗଲା ।ସେ ଝିଅ ହାତରୁ କୋଡିଏ ଟଙ୍କାର ନୋଟ ନେଇ ସୁମି ଆଗକୁ ଚାଲିଲା ।

ରାତି ଏଗାରଟା ହେବ ହଠାତ କବାଟକୁ ଖଡଖଡ କରି କେହି ଜଣେ ବାଡେଇଲ ।ସୁମି ଯାଇ ଦେଖିଲା ପଡିଶାଘର ରଙ୍କ ମଉସା ଠିଆ ହୋଇଛନ୍ତି କହିଲେ - “ସୁମି ଜଲଦି ଚାଲେ ତୋ ଅଟୋରେ କିଏ ନିଆଁ ଲଗେଇ ଦେଇଛି । ” ଦୌଡିଲା ସୁମି ।ଘରଠୁ ଟିକେ ଦୂରରେ

Download Magazine from www.aahwaan.com

ଥିବା ଅଟୋଟି ହୁତ୍ ହୁତ୍ ହୋଇ ଜଳୁଥିଲା ।ବାଲଟିରେ ପାଣି ପକେଇବାକୁ ଲାଗିଲେ ସୁମି ଓ ଗୁଲୁ ।ସୁମି କାନ୍ଦୁଥିଲା ।ହେଲେ ଅଟୋଟି ନିଆଁରେ ସମ୍ପୂର୍ଣ ପୋଡିଯାଇଥିଲା ।ସୁମି ବୁଝିପାରୁନଥିଲା କି ଏସବୁ କଷ୍ଟ ତାକୁ ହିଁ କାହିଁକି ମିଳୁଛି ।କିନ୍ତୁ ସେ ହାର ମାନିନଥିଲା ।ଭଡାରେ ଅଟୋ ଚଲେଇବା ଆରମ୍ଭ କଲା ।

ଘଟିଥିବା ଘଟଣା ସୁମି ସେ ଝିଅଙ୍କୁ କହିଥିଲା ।ଡିଲୁ ଆଉ ଗୁଲୁକୁ ଛାଡିଦେଲେ ସୁମି ତା ଦୁଃଖ ସେଇ ଝିଅଙ୍କୁ କହେ ।ସବୁଦିନ ଯିବା ଆସିବାରେ ଗୋଟେ ନୂଆ ସମ୍ପର୍କରେ ବାନ୍ଧି ହୋଇ ଯାଇଥିଲେ ସେମାନେ ।ଝିଅଟି ସାମ୍ବାଦିକ ଥିବାରୁ ଖବରକାଗଜରେ ଗୋଟେ ଆଲେଖ୍ୟ ପ୍ରକାଶ କରିଥିଲା ସୁମି ବିଷୟରେ ।ଯାହାର ନାମ ଥିଲା 'ଭୁବନେଶ୍ୱରର ଅଟୋଚାଳିକା ।' ସେ ଆଲେଖ୍ୟଟି ବହୁତ ପ୍ରଶଂସାର ପାତ୍ର ହୋଇଥିଲା ।

ସୁମି ଘରକୁ ଦିନେ ଗୋଟେ ଚିଠି ଆସିଥିଲା ।ମୁଖ୍ୟମନ୍ତ୍ରୀ ସୁମିକୁ ତା ସାହାସିକତା ପାଇଁ ତାକୁ ପୁରସ୍କାର ଦେବା ପାଇଁ ଚହୁଁଛନ୍ତି, ଗୋଟେ ନୂଆ ଅଟୋ ସାଙ୍ଗକୁ କିଛି ଆର୍ଥିକ ପୁରସ୍କାର ।ଆଉ ସୁମି ଓଡିଶା ନୁହେଁ ସାରା ଭାରତରେ ଭୁବନେଶ୍ୱରର ଅଟୋଚାଳିକା ଭାବରେ ନାଁ କରିଥିଲା ।ଆଉ ଉଦାହରଣ ପାଲଟିଥିଲା ସେଇ ସ୍ତ୍ରୀ ଲୋକଙ୍କ ପାଇଁ ଯେଉଁମାନେ ଭାଗ୍ୟକୁ ଦୋଷ ଦେଇ ରୋଷେଇ ଘରେ କାନ୍ଦନ୍ତି ।

ରତନପୁର ଶାସନ, କୁହୁଡି
ଖୋର୍ଦ୍ଧା , ଓଡିଶା ୭୫୨୦୨୭
ମୋ - ୮୯୦୮୮୫୯୭୯୭ , ଇମେଲ - rkdash1996@gmail.com

Download Magazine from www.aahwaan.com

# ଅଜାତଶତ୍ରୁ



ଜ୍ୟୋତିରଞ୍ଜନ ସାହୁ

ଆପଣମାନେ ଭାବୁଥିବେ ଏଇଟା ଗୋଟିଏ ଗଳ୍ପ ।ହଁ ଯଦି ଭାବିବେ ଇତିହାସ ତେବେ ଏଇଟା ଗୋଟିଏ ଗଳ୍ପ ଆଉ ଯଦି ତର୍ଜ୍ୟମା କରିବେ କାହାଣୀର ଚରିତ୍ର ସହ ଏ ସମାଜକୁ ତେବେ ଖୋଜିପାଇବେ ଏ ଯୁଗରେ ଥିବା ଅସଂଖ୍ୟ ଅଜାତଶତ୍ରୁଙ୍କୁ । ଯେଉଁମାନେ ଜାଣିଥିବେ ଅଜାତଶତ୍ରୁର ଇତିହାସ ସେମାନେ ହୁଏତ ଚିନ୍ତା କରୁଥିବେ ଏଇଟା ଗୋଟିଏ କି ଗପ ? ଏହାକୁ ତ ଆମେ ଇତିହାସ ବହିରେ ପିଲାଟି ବେଳୁ ପଢି ଆସିଛୁ ।ହଁ ଆଜ୍ଞା ! ଆପଣମାନେ ନିହାତି ପଢିଥିବେ ।ତଥାପି ଥରଟେ ପଢିବାର କଷ୍ଟ କରନ୍ତୁ ।ଇଏ ସେହି ଅଜାତଶତ୍ରୁ ଯାହାକୁ ଇତିହାସ କହେ ପିତୃହନ୍ତା ।ଇଏ ସେହି କଳଙ୍କିତ ହରିଅଙ୍କ ବଂଶର ଜଣେ ସମ୍ରାଟ ଯେଉଁ ବଂଶ ଇତିହାସର ପୃଷ୍ଠାରେ ନିଜକୁ ଲିପିବଦ୍ଧ କରିଛି ପିତୃହନ୍ତା ବଂଶପରି ଗୋଟିଏ କଳଙ୍କିତ ନାମରେ ।ତେବେ ସେ ଯାହା ହେଉ ଇତିହାସର ପୃଷ୍ଠାକୁ ତର୍ଜ୍ୟମା କରିବାକୁ ମୋର ଇଚ୍ଛା ନାହିଁ ।ସେଥିପାଇଁ ସତ୍ୟମିଥ୍ୟା ଠିକ୍ ଆଉ ଭୁଲରୁ ଟିକିଏ ଉପରକୁ ଉଠି ମୁଁ ଏଠାରେ ଅଜାତଶତ୍ରୁର ସେହି ଦିଗ ଉପରେ ଆଲୋକପାତ କରିବି ଯାହା ମୋ କାହାଣୀର ଦୁଇ ଚରିତ୍ର ରାଜୁ ଆଉ ଅଜୁ ତାଙ୍କର ଇତିହାସ ଶିକ୍ଷକଙ୍କ ଠାରୁ ଶୁଣିଥିଲେ ।କାହାଣୀଟି ଆରମ୍ଭ ହୁଏ ସେହି ସମୟରୁ ଯେଉଁ ସମୟରେ ଗୁଗଲ ଧରାପୃଷ୍ଠରେ ଅବତରଣ କରି ନଥିଲା ।ଅନ୍ୟଅର୍ଥରେ ଏପରି କହିହେବ ଯେ ଏ ଦୁନିଆଁ ଗୁରୁମୟ ଥିଲା; ଗୁଗଲମୟ ନୁହେଁ ।ଯୁକ୍ତି ଉପରେ କାୟା ବିସ୍ତାର କରିଥିଲା ବିଶ୍ୱାସଟା ।ସେହିପରି ଏକ ସମୟରେ ଭାରତ ସ୍ୱାଧୀନତାର ଅନେକ ପୂର୍ବରୁ ପ୍ରତିଷ୍ଠିତ ଏକ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ ଦୁଇ ବନ୍ଧୁ ରାଜୁ ଆଉ ଅଜୁ ।ଇତିହାସ କ୍ଲାସ୍‌ଟା ଭାରି ବୋରିଂ ଲାଗୁଥିବାରୁ ରାଜୁ

Download Magazine from www.aahwaan.com

ଆଉ ଅଜୁ ସବୁଦିନ ପଛବେଞ୍ଚରେ ବସି ଢୁଳାଉଥିଲେ ।ଅନେକ ସମୟରେ ଏଥିପାଇଁ ଦୁହେଁ ମାଡ ମଧ୍ୟ ଖାଉଥିଲେ ।ସେଦିନ ପିଲାଙ୍କୁ ଇତିହାସ ସାରଙ୍କର କହିବାକୁ ଥିଲା ଅଜାତଶତ୍ରୁର ଇତିହାସ ।ତା ବିଷୟରେ କିଛି କହିବା ପୂର୍ବରୁ ସାର୍ ପ୍ରଥମେ କ୍ଲାସବାହାର ପିଣ୍ଡାରେ ଆଣ୍ଠେଇ ଦେଲେ ରାଜୁ ଆଉ ଅଜୁକୁ ।ଏହାପରେ ସେ ଆରମ୍ଭ କଲେ ଅଜାତଶତ୍ରୁର ଇତିହାସ ।ଆରମ୍ଭ କରିବା ପୂର୍ବରୁ ସେ ପିଲାଙ୍କ ଉଦ୍ଦେଶ୍ୟରେ କହିଥିଲେ ଗୋଟିଏ ଛୋଟ କାହାଣୀ ।ସାର୍ କହିଲେ, "ଆଚ୍ଛା ପିଲାଏ ! କହିଲ କିଏ କିଏ ବାପାମାଙ୍କୁ ଜମା ଭଲପାଅ ନାହିଁ?" ସମସ୍ତେ ନୀରବ ଥିବାର ଦେଖି ଖୁସି ହୋଇଗଲେ ଇତିହାସ ସାର୍ ।ପୁଣି ଆରମ୍ଭକଲେ, "ବହୁତ ଭଲ ପିଲା ତୁମେ ସବୁ ।ଜାଣିଛ ବହୁଦିନ ପୂର୍ବରୁ ଏ ଭାରତବର୍ଷରେ ଜଣେ ରାଜା ଥିଲେ ।ସେ ଥିଲେ ଜଣେ ଉତ୍ତମ ଶାସକ ।ତାଙ୍କର ଗୋଟିଏ ପୁଅ ଯିଏ ଥିଲା ଖୁବ୍ ଅତ୍ୟାଚାରୀ ଆଉ ଶାସନଲୋଭୀ ।ଶୀଘ୍ର ରାଜା ହେବେ ବୋଲି ବନ୍ଦୀକରି ରଖିଥିଲା ନିଜର ବୃଦ୍ଧ ବାପାଙ୍କୁ ।ପ୍ରଜା ଯେତେବେଳେ ଜାଣିଲେ ରାଜା ବନ୍ଦୀ ସେମାନେ ସମସ୍ତେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଲେ ।ସେହି ଅତ୍ୟାଚାରୀ ପୁଅ ଏ କଥା ଜାଣି ଆଦେଶ ଦେଲା ତାଙ୍କ ବାପାଙ୍କୁ ଖାଇବାକୁ ନ ଦେଇ ମାରି ଦେବାକୁ ।ଦୁରାଚାରୀ ରାଜକୁମାରର ଆଦେଶ ସାଙ୍ଗେ ସାଙ୍ଗେ ପାଳନ ହେଲା ।ଦିନେ ଦୁଇଦିନ ଚାରିଦିନ ଏମିତି କଟିଗଲା ଉପବାସରେ ଅନେକ ଦିନ ।ବୃଦ୍ଧରାଜା କିନ୍ତୁ ମରୁନ ଥିଲେ ।କାରଣ କଣ ଖୋଜିଲା ବେଳକୁ ଜଣା ପଡିଲା ରାଣୀ ଲୁଚାଇ ଲୁଚାଇ ରାଜାଙ୍କୁ ଖାଦ୍ୟ ନେଇ ଦେଉଥିଲେ ।ରାଣୀଙ୍କୁ ଆଉ ରାଜାଙ୍କ ପାଖକୁ ଛଡାଗଲା ନାହିଁ ।ଉପବାସରେ କଟିଲା ରାଜାଙ୍କର ଦିନ ।ଏହା ଭିତରେ ରାଜକୁମାର ବାପା ହେଲେ ।ବାପାହେବାର ଖୁସିରେ ସେ ପାଗଳପ୍ରାୟ ହୋଇଗଲେ ।ଦିନେ ରାଜ ପରିବାରର ସମସ୍ତେ ଭୋଜନ କରୁଥିବା ବେଳେ ରାଜକୁମାରଙ୍କର ନବଜାତ ପୁତ୍ର ତାଙ୍କ ଖାଇବାଥାଳିରେ ପରିସ୍ରା କରିଦେଲା ।ପୁତ୍ର ପ୍ରେମୀ ରାଜକୁମାର ସେହି ଖାଦ୍ୟକୁ

Download Magazine from www.aahwaan.com

ଆନନ୍ଦରେ ଖାଇ ଚାଲିଲେ ।ହଠାତ୍ ସେ ତାଙ୍କ ମାତାଙ୍କୁ ପ୍ରଶ୍ନକଲେ,, "ମା ! ମୋ ପରି ପୁତ୍ରସ୍ନେହୀ ବାପା କିଏ ଅଛି ?" ତା'ର ଏ ପ୍ରଶ୍ନରେ ଟିକିଏ ହସି ଦେଇ ରାଣୀ କହିଲେ, "ଜାଣିଛୁ ତୁ ଜନ୍ମହେବା ପୂର୍ବରୁ ରାଜ ଜ୍ୟୋତିଷ ଗଣନା କରି କହିଥିଲେ ତୁ ହେବୁ ତୋ ବାପାଙ୍କର ହତ୍ୟାକାରୀ ।ଏହା ଜାଣି ମୁଁ ତୋତେ ଗର୍ଭରେ ମାରିଦେବାକୁ ସ୍ଥିର କଲି ।ମୋ ସମସ୍ତ ଚେଷ୍ଟା ବିଫଳ ହେଲା ।କାହିଁକି ନା ତୋ ବାପା ଚାହୁଁଥିଲେ ତୋର ଜନ୍ମ ।ସମସ୍ତଙ୍କ ବିରୋଧ ସତ୍ତ୍ୱେ ଏକୁଟିଆ ତୋ ବାପା ହିଁ ତୋ ଜନ୍ମପାଇଁ ବ୍ୟାକୁଳ ଥିଲେ ।ତୁ ଜନ୍ମ ହେବା ମାତ୍ରେ ମୁଁ ତୋତେ ରାଜଉଆସରୁ ତଳକୁ ଫିଙ୍ଗିଦେଲି ବଧ କରିବାପାଇଁ ।ତୋର କିନ୍ତୁ ମୃତ୍ୟୁ ହେଲା ନାହିଁ ।ରାଜା ଏକଥା ଜାଣିଲା ବେଳକୁ ତୋ ଶରୀରରେ ବ୍ୟାପି ଯାଇଥିଲା ଗୋଟିଏ ଦୂରାରୋଗ୍ୟ ଚର୍ମବ୍ୟାଧି ।ରାଜବୈଦ୍ୟ ଆସି କହିଲେ, "ଯଦି କେହି ବ୍ୟକ୍ତି ତୋ ଶରୀରର ପୂଜରକ୍ତକୁ ନିଜ ଜିଭରେ ଚାଟି ଚାଟି ସଫା କରେ, ତେବେ ଯାଇ ତୋ ଶରୀରଟା ଆରୋଗ୍ୟ ଲାଭ କରିବ ।" ଏକଥାରେ ସମସ୍ତେ ପଛଘୁଞ୍ଚା ଦେଲେ ।ମା' ହୋଇ ମଧ୍ୟ ମୁଁ ଘୃଣା କରିଥିଲି ଏପରି କରିବାକୁ ।ସେତେବେଳେ ତୋ ବାପା ହିଁ ତୋତେ ସେ ବ୍ୟାଧିରୁ ଆରୋଗ୍ୟ କରିଥିଲେ ।ସେତେବେଳେ ଯଦି ତୋ ବାପା ତୋତେ ଜୀବନଦାନ ନ କରିଥା'ନ୍ତେ ତେବେ ସେ ଆଜି ରାଜା ହୋଇ ମଧ୍ୟ ବନ୍ଦୀର ଜୀବନ ଅତିବାହିତ କରୁ ନଥାନ୍ତେ ।" ମା'ଙ୍କ ମୁହଁରୁ ଏକଥା ଶୁଣି ବ୍ୟସ୍ତ ହୋଇ ଉଠିଲା ଅଜାତଶତ୍ରୁ ।ଦୌଡିଗଲା ବନ୍ଦୀଶାଳାକୁ ।କିନ୍ତୁ ହାୟରେ ସମୟ ! ସେ ଦ୍ରୁତବେଗରେ ଆସୁଥିବା ଦେଖି ମୃତ୍ୟୁକୁ ଅବସମ୍ଭାବି ବୋଲି ଭାବିନେଲେ ରାଜା ଆଉ ନିଜେ ପିନ୍ଧିଥିବା ବିଷାକ୍ତ ମୁଦ୍ରିକାଟିକୁ ଗିଳିଦେଇ ଆତ୍ମହତ୍ୟା କରିଦେଲେ ।ପ୍ରାୟଶ୍ଚିତ କରିବାର ସୁଯୋଗ ମଧ୍ୟ ପାଇଲେ ନାହିଁ ରାଜକୁମାର ।ପଶ୍ଚାତାପରେ କଟିଗଲା ତାଙ୍କର ବାକି ଜୀବନ ।ଆଉ ଜାଣିଛ ପିଲାଏ ସେ ରାଜକୁମାର ଜଣକ କିଏ ?" ସବୁପିଲା ଏକ ସ୍ୱରରେ ପ୍ରଶ୍ନକଲେ, "ସେ ବଦମାସ ରାଜକୁମାର କିଏ ସାର୍ ?" ସାର୍ ଉତ୍ତର ଦେଇଥିଲେ,

Download Magazine from www.aahwaan.com

"ସିଏ ହେଉଛି ଅଜାତଶତ୍ରୁ; ଜାତ ହେବାପୂର୍ବରୁ ଯିଏ ଥିଲା ତା ପିତାର ଶତ୍ରୁ; ଯାହା ବିଷୟରେ ଆମେ ଆଜି ପଢିବା ।ତେଣୁ ପିଲାମାନେ ବାପାମା'ଙ୍କୁ ବଡ ହୋଇ କେବେ ହେଲେ ହତାଦର କରିବ ନାହିଁ ।ନଚେତ୍ ତୁମେ ସମସ୍ତେ ବୋଲାଇବ ଗୋଟିଏ ଗୋଟିଏ ବଦମାସ ଅଜାତଶତ୍ରୁ ।" ଏତିକିରେ ଗପଟିର ଅନ୍ତ କରି ସାର୍ ପଢାଇ ଚାଲିଥିଲେ ଇତିହାସ ।ଏପଟେ ବାହାରେ ରାଜୁ ଆଉ ଅଜୁ ଚୁପ୍‌ଚାପ୍ ଆଣ୍ଠେଇ ଗପ ଶୁଣୁଥିଲେ ।ବୋଧହୁଏ ଜୀବନରେ ଏପରି ଭାବେ ଗପ ଶୁଣିବାକୁ ଭାଗ୍ୟରେ ଥିଲେ ମିଳେ ।କ୍ଲାସ ସରିଲା ଆଉ ଚାଲିଗଲେ ଇତିହାସ ସାର୍ ।ଜାଣନ୍ତି ଜୀବନ ଆମକୁ ପ୍ରତିଟି ସୋପାନରେ କେତେ ଯେ କ୍ଲାସ ନିଏ ପୁଣି କେତେଯେ କଥା ଶିଖାଉଥାଏ ତାହା ଲେଖି ବସିଲେ ଅନୁଭୂତିର ଗ୍ରନ୍ଥଟିଏ ହୋଇଯିବ ।ସେଦିନ ଇତିହାସ ସାର୍ କହିଥିବା ଗପଟି ଶୁଣିଥିଲେ ଦୁଇବନ୍ଧୁ ।କିନ୍ତୁ କିଏ କଣ ଶିଖିଲା ସେକଥା ଗୁପ୍ତ ହୋଇ ରହିଗଲା ।

ଏହା ଭିତରେ ଅତୀତର ସେହି ଶୁଣା କାହାଣୀଟା ଉପରେ ପରସ୍ତ ପରସ୍ତ ହୋଇ ଜମିଗଲାଣି ପଚିଶ ବର୍ଷର ସ୍ମୃତି ।ସ୍ମୃତିର ପୃଷ୍ଠା ତଳେ ଚାପିହୋଇ ରହିଯାଇଛି ସେହି କାହାଣୀ ।କାହାଣୀ କହିଥିବା ଚରିତ୍ରଟି ଆଜି ସମାଜ ପାଇଁ ଅଲୋଡା ଅଖୋଜା ।ଆଉ କାହାଣୀ ଶୁଣିଥିବା ଚରିତ୍ର ଦୁହେଁ ଏବେ ପିତା ଚରିତ୍ରରେ ଅବତୀର୍ଣ୍ଣ ।ସେଦିନର ରାଜୁ ଆଉ ଅଜୁ ଆଜି ବି ଦୁଇସାଙ୍ଗ ।ଦୈନିକ ଆବଶ୍ୟକତା ପାଇଁ ଦୁହେଁ ସର୍ବଦା ଜୀବନ ସହ ସଂଘର୍ଷରତ ।ଜୀବନ ସଂଗ୍ରାମରେ ଅନେକଥର ଥକି ପଡି ପୁଣି ଦୁହେଁ ଉଠିବାକୁ ଚେଷ୍ଟା କରନ୍ତି ।ଅଭାବଟା ଅନେକ ସମୟରେ ଅଜୁର ମାନସିକ ସ୍ଥିତିକୁ ଦୋହଲାଇ ଦିଏ ।ଘରେ ବୁଢା ବାପାମା ପୁଣି ଦୁଇଟା ଝିଅପରେ ଗୋଟିଏ ଚାରିବର୍ଷର ପୁଅ ।ଏତେ ବଡ ପରିବାରକୁ ଅଜୁ ଏକୁଟିଆ ।ଛୋଟ ପିଲାଙ୍କୁ ଟିଉସନ କରି ଯାହା ପାଏ ସେହିଥିରେ କଷ୍ଟେମଷ୍ଟେ ଚେଷ୍ଟାକରେ ଅଭାବ ପୁରଣ କରିବାକୁ ।ରାଜୁର ପରିବାର କହିଲେ ତା ବାପା ଆଉ

Download Magazine from www.aahwaan.com

ମା ।ରାଜୁ ଅବିବାହିତ ।ରୋଗିଣା ବାପାମା'ଙ୍କ କଥା ବୁଝୁବୁଝୁ କେମିତି ଯେ ସମୟଟା କଟିଯାଏ ସେ ଜାଣିପାରେ ନାହିଁ ।ଏମିତି କଟିଯାଉଥିଲା ଦୁଇବନ୍ଧୁଙ୍କର ସମୟ ।

କୁହନ୍ତି 'ଅଭାବେ ସ୍ୱଭାବ ନଷ୍ଟ ।' ଠିକ୍ ଏହିପରି କିଛି ଘଟୁଥାଏ ଅଜୁର ଜୀବନରେ ।ଅଭାବ ଆଉ ଆବଶ୍ୟକତା ଧୀରେ ଧୀରେ ଅଜୁର ସ୍ୱଭାବରେ କେମିତି ଗୋଟିଏ ବିଚିତ୍ର ପରିବର୍ତ୍ତନ ଆଣି ଦେଇଥିଲା ।ନିଜ ସ୍ୱାର୍ଥଛଡା ତାକୁ ଆଉ କିଛି ବୁଝା ପଡୁନଥିଲା । ନିଜର ସଂସାରଟା ସଜାଡୁ ସଜାଡୁ ସେ ଏହାଭିତରେ କେମିତି ଗୋଟିଏ ସ୍ୱାର୍ଥପର ମଣିଷଟେ ପାଲଟି ଯାଇଥିଲା ।ତାର ସ୍ୱାର୍ଥବାଦୀ ଗୁଣଟା ସେହି ଦିନ ଚରମସୀମାକୁ ଟପି ଯାଇଥିଲା ଯେଉଁଦିନ ରାଜୁ ଜାଣିବାକୁ ପାଇଥିଲା ଅଜୁ ତା ବୃଦ୍ଧ ବାପାମା'ଙ୍କ ପ୍ରତି କରୁଥିବା ଘୃଣ୍ୟ ବ୍ୟବହାର ସମ୍ପର୍କରେ ।ରାଜୁ ଅନେକ ଥର ଭାବିଛି କିଛି କହିବ ।ବୋଧହୁଏ ଅନେକଙ୍କ ପରି ସେ ମଧ୍ୟ ଉଚିତ୍ ଅନୁଚିତର ଚକ୍ରବ୍ୟୂହ ଭିତରେ ଛନ୍ଦି ହୋଇପଡେ ।ସେଦିନ କାହିଁକି କେଜାଣି ହଠାତ୍ ବ୍ୟସ୍ତବିବ୍ରତ ଅଜୁ ରାଜୁଘରକୁ ଝଡପରି ପଶି ଆସି ଭୟାତୁର କଣ୍ଠରେ ପଚାରିଲା, "ଆରେ ରାଜୁ ! ମୋ ପୁଅକୁ ଦେଖିଛୁ ? ଛୋଟ ପିଲାଟା ଘର ଲୋକଙ୍କର ଅଜାଣତରେ କେଜାଣି କେଉଁଆଡେ ଚାଲିଯାଇଛି ।ଘଣ୍ଟାଏ ହେଲାଣି ସବୁ ଆଡେ ଖୋଜି ସାରିଲିଣି ।ମୋ ହୃତସ୍ପନ୍ଦନଟା ବଢି ବଢିଯାଉଛି ।" ଅଜୁର ଏଭଳି କଥାରେ ଉଚ୍ଚହସଟିଏ ହସିଦେଇ ରାଜୁ ଅଜୁର ହାତଧରି ଟାଣିନେଇଗଲା ଘର ଭିତରକୁ ।ଘରଭିତରେ ବସି ଥାଆନ୍ତି ଅଜୁର ବାପା ଆଉ ପାଖରେ ଖେଳୁଥାଏ ତାଙ୍କର ଚାରିବର୍ଷର ନାତି ଟୋକା ।ଅଜୁକୁ ଦେଖି ବାପା ତା'ର କହିଲେ, "ଆରେ ! ମୁଁ ଜାଣେନାହିଁ କେତେବେଳେ କାହ୍ନୁ ଆମର ମୋ ପଛେପଛେ ଚୁପ୍‌ଚାପ୍ ଚାଲିଆସିଛି ।ମୁଁ ତାକୁ ନେଇ ଘରକୁ ଯାଉଛି ।" ଏହା କହି ଅଜୁର ବାପା ନାତିକୁ ଧରି ଘରକୁ ଚାଲିଗଲେ ।ସେ ଚାଲିଗଲା ପରେ ରାଜୁ ଅଜୁକୁ କହିଲା, "ବୁଝିଲୁ ଅନେକ ଦିନରୁ ତୋତେ କଥାଟିଏ କହିବି କହିବି ଭାବି କହିବାକୁ ସମୟ ପାଉ ନଥିଲି ।ମନେ

 Download Magazine from www.aahwaan.com

ଅଛି ଅନେକ ଦିନ ଆଗରୁ ଆମକୁ ଇତିହାସ ସାର୍ ଗୋଟିଏ ଗପ କହିଥିଲେ ।ସେହି ଗପଟାମ ଯେଉଁଟା ଆମେ ଦୁହେଁ ବାହାରେ ଆଣ୍ଠେଇ ଶୁଣିଥିଲେ ।" ଏ ଥର ଗପଟା ଠିକ୍ ମନେ ପଡିଗଲା ଅଜୁର ।କହିଲା, "ହଁ ହଁ ମନେପଡିଲା ।ବଢିଆ ଲାଗିଥିଲା ।ହେଲେ ତୁ ଆଜି କାହିଁକି ଏକଥା ମନେ ପକାଇ ଦେଉଛୁ ?" ଏହାର ଉତ୍ତରରେ ରାଜୁ କହିଲା, "କାହିଁକି ନା ମୁଁ ଆଜି ମୋ ସାଙ୍ଗଭିତରେ ସେହି ଅଜାତଶତ୍ରୁକୁ ଦେଖି ପାରୁଛି ।ସେଦିନ ମୁଁ ଭାବୁଥିଲି ସେ ଅଜାତଶତ୍ରୁଟା ମୋ ଆଗକୁ ଆସନ୍ତାକି ? ମୁଁ ତାକୁ ପିଟିପିଟି ମାରି ଦିଅନ୍ତି । ଆଜି ତୋତେ ଦେଖି ପୁଣିଥରେ ଇଚ୍ଛା ହେଉଛି ତୋ ଭିତରେ ଲୁଚିଥିବା ସେହି ଅଜାତଶତ୍ରୁଟାକୁ ହତ୍ୟା କରନ୍ତି ।ସେଦିନ ବାହାରେ ଆଣ୍ଠେଇ ଗପ ଶୁଣିବା ବେଳେ ମୁଁ ଭାବୁଥିଲି ସତରେ କଣ ପୁତ୍ରଟିଏ ଏତେ ସ୍ୱାର୍ଥପର ହୋଇଯାଇପାରେ ! ଆଉ ଆଜି ଭାବୁଛି ତୋ ପରି ପୁଅଟିଏ ଯଦି ସାମାନ୍ୟ ସ୍ୱାର୍ଥପାଇଁ ନିଜବାପାମାଙ୍କୁ ହତାଦର କରିପାରେ ତେବେ ସେ ଅଜାତଶତ୍ରୁ କାହିଁକି ରାଜ୍ୟ ଓ ରାଜସିଂହାସନ ପାଇଁ ନିଜ ପିତାକୁ ହତ୍ୟା କରିନଥିବ ! ଯେବେ ପବିତ୍ର ସମ୍ପର୍କଭିତରେ ସ୍ୱାର୍ଥ ପ୍ରବେଶକରେ ସେବେ ପୁତ୍ରଟିଏ ପାଲଟିଯାଏ ଇତିହାସର ସେହି ଅଜାତଶତ୍ରୁ ।ଯଦି ଚାରିବର୍ଷର ପୁଅଟିକୁ ହଜାଇବାର ଭୟରେ ତୋ ହୃଦୟର ସ୍ପନ୍ଦନଟା ଗତିହୀନ ହୋଇପଡୁଛି ତେବେ ଥରେ ଚିନ୍ତାକଲୁ ଚାଳିଶବର୍ଷର ପୁଅକୁ ହଜାଇଦେଇଥିବା ଗୋଟିଏ ବାପର ହୃଦୟଟା କଣ ହେଉଥିବ !  ଜାଣିଛୁ ଆଜି ବି ତୋ ବାପା ଖୋଜି ବୁଲୁଛନ୍ତି ତାଙ୍କ ଅଜୁକୁ ।ଯାହାକୁ ଅନେକ ଦିନ ଆଗରୁ ସେ ହଜାଇ ଦେଇଛନ୍ତି ।କିଛିଦିନ ହେବ ଯେବେ ଯେବେ ମୋ ସହ ତାଙ୍କର ଦେଖାହୁଏ ସେ ମୋତେ ଅଶ୍ରୁଭରା ନୟନରେ ପଚାରନ୍ତି, "ବୁଝିଲୁ ମୋ ଅଜୁଟା କେଉଁଆଡେ ହଜିଯାଇଛିରେ ! ତାକୁ ଟିକେ ଖୋଜି ଆଣନ୍ତୁନି ! ତୋ ସାଙ୍ଗଟା ପରା ।ତୁ ଚାହିଁଲେ ସେ ଫେରିଆସିବ ।" ତାଙ୍କ କଥାର କୌଣସି ଉତ୍ତର ମୁଁ ଦେଇପାରେ ନାହିଁ ।ଖାଲି ମନେ ମନେ ପ୍ରଶ୍ନକରେ କଣ ସତରେ ଇତିହାସର ପୁନରାବୃତ୍ତି

Download Magazine from www.aahwaan.com

ହୁଏ ! ସତରେ କଣ ଆଜି ବି ଏ ଭାରତବର୍ଷରେ ରହି ଯାଇଛନ୍ତି ଇତିହାସର କିଛି ଅଜାତଶତ୍ରୁ ? ପୁଣି ମନେ ମନେ ଚିନ୍ତାକରେ ବୋଧହୁଏ ମୁଁ ଭୁଲିଯାଇଛି ସେହି ଅଜାତଶତ୍ରୁ ବି ଦିନେ କହିଥିଲା, "ବୁଦ୍ଧଂ ଶରଣଂ ଗଚ୍ଛାମି ।" ଯଦି ସେ କହିପାରିଲା ତେବେ ମୋ ଆଗରେ ଛିଡା ହୋଇଥିବା ଏହି ଅଜାତଶତ୍ରୁଟା କାହିଁକି ପଶ୍ଚାତାପର ଅଗ୍ନିରେ ଜଳି ନ ପାରିବ ! ସେଦିନ ଇତିହାସର ସେହି ଅଜାତଶତ୍ରୁ ସହ ସମୟଟା ସିନା ପରିହାସ କରି ପିତୃହନ୍ତାର କଳଙ୍କଟା ତା ମଥାରେ ବୋଳିଦେଲା ହେଲେ ଅଜୁ ତୋ ପାଖରେ ଆଜି ବି ସମୟ ଅଛି ସେହି କଳଙ୍କରୁ ନିଜକୁ ରକ୍ଷା କରିବା ପାଇଁ ।" ରାଜୁ କଥାର ମର୍ମଟା ସେତେବେଳକୁ ଠିକ୍ ବୁଝି ସାରିଥିଲା ଅଜୁ ।ଲଜ୍ଜା ଆଉ ଅପମାନରେ ନିଜକୁ ଖୁବ୍ ଧିକ୍କାର କରି ଚାଲିଥିଲା ସିଏ ।ରାଜୁଘରୁ ବିଦାୟ ନେବାପୂର୍ବରୁ ରାଜୁ ଅଜୁହାତରେ ଗୋଟିଏ ଛୋଟ ଲୁହାବନ୍ଧୁକ ଖେଳଣାଟିଏ ଧରାଇଦେଇ କହିଲା, " ନେ ତୋ ପୁଅକୁ ଦେବୁ ।ସେ ଖେଳିବ ।ମଉସା ତୋତେ ପିଲାଦିନେ କିଣି ଦେଇଥିବା ଏଇ ଖେଳଣାଟା ନିଜ ପାଖରେ ସାଇତି ରଖିଥିଲେ ।ମୋତେ କିଛି ଦିନ ଆଗରୁ ହାଟରେ ପାଇ ଯାଇ କହିଲେ, "ଆରେ ଏଇଟା ଟିକିଏ ସଜେଇ ଦେବୁତ ! ଅଜୁର ପୁଅ ଖେଳିବ ।" ! ରାଜୁହାତରୁ ସେହି ଲୁହା ଖେଳଣା ବନ୍ଧୁକଟା ଆଣୁ ଆଣୁ ଅଜୁ ଆଖିରୁ ବହି ପଡିଲା ଦୁଇଟୋପା ଲୁହ ।ଅଜୁର ଯିବାବାଟକୁ ଚାହିଁ ରାଜୁ ଭାବୁଥାଏ, "ଆଜି ମୋ ହାତରେ ମୃତ୍ୟୁବରଣ କରିଛି ଗୋଟିଏ ଅଜାତଶତ୍ରୁ ।"

Download Magazine from www.aahwaan.com

# ରଜ ଦଉଡ଼ି



ଅନିରୁଦ୍ଧ ସାମନ୍ତରା

ରାତି ପାହିଲେ ରଜ । ଗାଁ ପରିବେଶ ରଜ ପାଇଁ ସଜବାଜ ଚାଲିଥାଏ । କୁଆଁରୀ କନ୍ୟାଠୁ ଆରମ୍ଭ କରି ଛୋଟ ବଡ ସବୁ ଚଞ୍ଚଳ । ସକାଳକୁ ଅପେକ୍ଷା ସମସ୍ତଙ୍କର । ଦୋଳି ଝୁଲିବେ, ନୂଆ ଡ୍ରେସ୍ ପିନ୍ଧିବେ ରଜପାନ,ପୋଡପିଠା ଖାଇବେ ରଜଗୀତ ଗାଇବେ । ପ୍ରତିଦିନ ଭଳି ଆଜି ବି ତ୍ରିନାଥ ବାବୁଙ୍କ ପିଣ୍ଡାରେ ଗାଁର ଭେଣ୍ଡା ବୁଢାଙ୍କ ଖଟି ଚାଲିଥାଏ । କାନ୍ତ ବୁଢାର କଥାଠୁ ଆରମ୍ଭ କରି ଖଳାମୁଣ୍ଡ ପର୍ଯ୍ୟନ୍ତ । ସବୁ ର୍ଚ୍ଚା ହୁଏ ସେଠି ।

ତ୍ରିନାଥ ବାବୁଙ୍କ ଘର ସାମନାରେ କିଛି ପିଲା ଖେଳୁଥାନ୍ତି । କୁଆଡେ ଥିଲା କେଜାଣି ହଠାତ୍ ଖୁସି ମନରେ ଦୌଡି ଦୌଡି ଆସିଲା କଳ୍ପନା । ତା ବାପା, ତାପାଇଁ ରଜ ସକାଶେ ଦୋଳି ବାନ୍ଧିବା କଥା ସେ ଖୁସିମନରେ ତା ସାଙ୍ଗସାଥିଙ୍କୁ କହୁଥାଏ । କଳ୍ପନାର ଏ କଥା ଖଟିରେ ବସିଥିବା ଲୋକଙ୍କ କାନରେ ପଡେ । ବାସ୍ଃ ଖଟିରେ ଆରମ୍ଭ ହୋଇଯାଏ ରୁନାର ପରିବାର ର୍ଚ୍ଚା ।

ରୁନା ଓ କଲ୍ୟାଣୀର ଏକମାତ୍ର ଝିଅ କଳ୍ପନା । ବୟସ ୫ବର୍ଷ । ତାଙ୍କ ସହ ରହୁଥିଲେ ରୁନାର ମଆ ।ଟିକେ ପୁରୁଣାକାଳିଆ ଲୋକ । ବିବାହର ପ୍ରଥମେ ପ୍ରଥମେ କଲ୍ୟାଣୀ କୁ ବହୁତ ଭଲ ପାଉଥିଲା ରୁନା । ହେଲେ କଳ୍ପନାର ଜନ୍ମ ପରେପରେ ବଦଳିଯାଇଥିଲା ତାର ସ୍ୱଭାବ , ସୁନାର ସଂସାର ଧିରେଧିରେ ଚୂନା ହେବାକୁ ବସିଲା । ତା ପରିବାରରେ ଝିଅ ଜନ୍ମ ହେବା କଥାକୁ ସହଜରେ ଗ୍ରହଣ କରିପାରିଲାନି ରୁନା ର ମାଆ । ରୁନା ସାହୁବଂଶର ଏକମାତ୍ର ପୁତ୍ର ସନ୍ତାନ ଥିଲା ,ତାପରେ ବଂଶ ରକ୍ଷା ପାଇଁ ପୁତ୍ର ସନ୍ତାନର ମୋହରେ ଥିଲେ ।

Download Magazine from www.aahwaan.com

ପାଠୁଆ ହୋଇ ବି ଝିଅକୁ ବୋଝ ମନେକଲା । ସେଥିପାଇଁ ସବୁଦୋଷ କଲ୍ୟାଣୀ ଉପରେ ଲଦୁଥିଲା । କଲ୍ୟାଣୀକୁ ଶାଶୁ ଗଞ୍ଜଣା ସହିବାକୁ ପଡିଲା , ଏଣେ ରୁନା ବି ପ୍ରତିଦିନ ମଦପିଇ ଆସି ଅକାରଣେ କଲ୍ୟାଣୀକୁ ପିଟେ । ବେଳେବେଳେ ଆତ୍ମହତ୍ୟା କରିବାକୁ ମନ ବଳାଏ କଲ୍ୟାଣୀ ହେଲେ ସେ ଜାଣିଛି ଆତ୍ମହତ୍ୟା ମହାପାପ । ତା ସଂସାରରେ ଯେତେ ଝଡ ଆସୁ ପଛେ ଏଭଳି ଭୁଲ ପଦକ୍ଷେପ ନେବନି । ନିଜ ଭାଗ୍ୟକୁ ଆଦରି ତା ଅଲିଅଳ ଝିଅ କଳ୍ପନା ପାଇଁ ନୀରବରେ ସବୁ ଦୁଃଖ ସହିନିଏ ।

ରଜ ବେଳ । ଗାଁ ଚାରିଆଡର ଉତ୍ସବମୁଖର ପରିବେଶ ଦେଖି କଳ୍ପନା ଘରେ ତାପାଇଁ ଦୋଳିଟଏ ବାନ୍ଧିବାକୁ ବାପା ପାଖରେ ଓଳି କରେ ।ବଜାରରୁ ଫେରିବା ବାଟରେ ଝିଅ ପାଇଁ ନୂଆ ଡ୍ରେସ୍ ତା ସାଙ୍ଗକୁ ରଜ ଦଉଡି ନେଇ ଫେରେ ରୁନା । ହେଲେ ଅଭ୍ୟାସ ବଶତଃ ଗାଢ ନିଶାରେ ଆସିଥାଏ । ଘରେ ପଶୁପଶୁ ପୁଣି ଆରମ୍ଭ ହୋଇଯାଏ ପତ୍ନୀ ବିରୋଧ ଶବ୍ଦବାଣ ସବୁ, ଦୀର୍ଘ ଦିନଧରି ସହି ଆସିଥିବା ଏ କଥା ସବୁ ଆଜି ଅସହ୍ୟ ପାଲଟିପଡେ । ପ୍ରତିଦିନ ଭଳି ଆଜି ବି ହାତ ଉଠାଏ କଲ୍ୟାଣୀ ଉପରେ । ସବୁ ଦିନ ଭଳି ଚୁପ ନ ରହି କଲ୍ୟାଣୀ ଆଜି ପ୍ରତିବାଦ କରେ ।ରଜ ସମୟରେ କୋଉ ପୁରୁଷ କଣ' କେବେ ତା' ସ୍ତ୍ରୀ ଉପରେ ହାତ ଉଠାଏ ? ? କଲ୍ୟାଣୀର ପ୍ରତିବାଦରେ ଅସମ୍ଭାଳ ପାଲଟିଯାଏ ରୁନା, ନିଶାରେ ନିଜ ହିତାହିତ ଜ୍ଞାନକୁ ହରାଇ ଏକ ଜୋର୍ ଧକ୍କା ଦିଏ । ଗୁହାଳର ଶକ୍ତ ଖୁଣ୍ଟକୁ ମୁଣ୍ଡ ବାଜି ଟଳିଯାଏ କଲ୍ୟାଣୀ । ନିସ୍ତବ୍ଧ ପାଲଟିଯାଏ ପରିବେଶ । ସନ୍ଦେହରେ ନିଜ ବିଶି ଆଙ୍ଗୁଳି ନେଇ କଲ୍ୟାଣୀର ନାକ ପାଖରେ ରଖେ ।କିଛି ବି ଆଭାସ ମିଳେନି ପ୍ରାଣର । ଭାଙ୍ଗିଯାଏ ତା ନିଶା । ଭୟରେ ବ୍ୟତିବ୍ୟସ୍ତ ହୋଇପଡେ । ଦଣ୍ଡ ଭୟରେ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପ୍ରୟାସ କରେ । ରଜଦୋଳି ବାନ୍ଧିବା ପାଇଁ ଆଣିଥିବା ଦଉଡିକୁ ଘର ସାମ୍ନାର

Download Magazine from www.aahwaan.com

ପାଟିଆରେ ଦଉଡିକୁ ଫାଶ କରି ଝୁଲାଏ । ସବୁ ଘଟଣା ଦେଖୁଥାଏ କଳ୍ପନା, ଛୋଟ ହେଲେ ବି ଏ ସବୁ ତା ପାଇଁ ନୂଆ ନୁହଁ । ପ୍ରତିଦିନ ତା ବାବା ମାମାଙ୍କୁ ପିଟନ୍ତି ଆଉ ମାମା ଏମିତି କାନ୍ଦିକାନ୍ଦି ଶୁଏ ।

ଆଜି ତା ଆଖି ଆଗରେ ଯାହାସବୁ ଘଟିଗଲା ତାହା ସେ ଦେଖିଛି ହେଲେ କିଛିବି ବୁଝିପାରିନି । ବରଂ ବାପାକୁ ଶୀଘ୍ର ଦୋଳିବାନ୍ଧିବାକୁ କହେ । ଖେଳିବାକୁ ଯିବାକୁ କହି ବାପା ବାହାରକୁ ପଠାଇଦେଲେ କଳ୍ପନାକୁ । କଳ୍ପନା ଦୌଡିଦୌଡି ଆସେ ଆଉ ନିଜ ସାଙ୍ଗସାଥିଙ୍କୁ ତା ବାପା ତା ପାଇଁ ଦୋଳି ବାନ୍ଧିବା କଥାବାଣ୍ଟେ । ତେଣେ ରୁନା ଦଉଡିର ଫାଶରେ କଲ୍ୟାଣୀର ଦେହକୁ ଝୁଲାଇ ବାହାରକୁ ଆସି କୁମ୍ଭୀରକାନ୍ଦଣା କାନ୍ଦିବାକୁ ଲାଗେ । ହଠାତ୍ ଆଖପାଖରେ ଥିବା ଗାଁ ଲୋକସବୁ ଦୌଡି ଆସନ୍ତି । ଧିରେ ଧିରେ ଭିଡ ଜମେ । ଥାନାକୁ ଖବର ଦିଆଯାଏ । ପୋଲିସ୍ ଆସି ତନାଘନା ଆରମ୍ଭ କରନ୍ତି ।

ସମସ୍ତଙ୍କ ମନରେ ଏ ସଂପୂର୍ଣ୍ଣ ଘଟଣା ହତ୍ୟା ନା ଆତ୍ମହତ୍ୟାର ସନ୍ଦେହ ସୃଷ୍ଟି ହେବା ପୂର୍ବରୁ ଭିଡ ଭିତର ଦେଇ ପଶି ଆସିଲା କଳ୍ପନା । ଦଉଡିରେ ଝୁଲୁଥିବା ମାଆ ର ଦେହକୁ ହଲାଇ ହଲାଇ କହିଲା

- "ମାମା ଉଠ, ମାମା ଉଠ । ଏଇ ଦୋଳି ମୋର । ବାବା ମୋ ପାଇଁ ବାନ୍ଧିଛନ୍ତି । ମୁଁ ଝୁଲିବି ତୁ ଓହ୍ଲା ।"

ହଠାତ୍ ଦୌଡିଆସି ଝିଅର ମୁହଁକୁ ବନ୍ଦ କରିବା ଆଗରୁ ସମସ୍ତଙ୍କ ସନ୍ଦେହକୁ ଦୂର କରିସାରିଥିଲା ନିଜ ହାତରେ । ଏଣେ ଏକା ଗଣ୍ଠିରେ ଝୁଲୁଥିବା ଫାଶୀ ଦଉଡିକୁ ରଜଦୋଳି ମନେକରି ଝୁଲେ ନିରୀହ କଳ୍ପନା ।

କଲ୍ୟାଣ ସିଂହପୁର

Download Magazine from www.aahwaan.com

# ଯନ୍ତ୍ରଣା ଜୁଇରେ ଶ୍ରାବଣୀ



ଅରୁଣ କୁମାର ପାତ୍ର

ଏଇଟା ଗୋଟାଏ ବିଚିତ୍ର ପୃଥିବୀ । ଏଠି ସବୁକିଛି ଆଶ୍ଚର୍ଯ୍ୟ । ଏଠି ପୁଣି ହତାଶ ଦୀର୍ଘଶ୍ୱାସ ହୋଇ ପ୍ରବାହିତ । କାମନାର ପୁଷ୍ପ ସୁଗନ୍ଧରେ ଚତୁର୍ଦ୍ଦିଗ ସୁଗନ୍ଧିତ, ରଙ୍ଗାୟିତ । ମାତ୍ର ସେହି ସୁଗନ୍ଧରେ ଭାସିଉଠେ ଅହେତୁକ ଚିନ୍ତାଧାରା । ଦେହ ଓ ମନକୁ ଆନ୍ଦୋଳିତ କରି ଝଡ଼ ସୃଷ୍ଟିକରେ ।ଏହି ପୃଥିବୀରେ ପିତାମାତା, ପୁତ୍ରକନ୍ୟା, ପୌତ୍ରପୌତ୍ରୀ ସଭିଁଏ ସମ୍ପର୍କର ଶକ୍ତ ରଜ୍ଜୁରେ ଯୋଡ଼ାଯୋଡ଼ି ହୋଇ ବାନ୍ଧି ହୋଇ ପଡିଛନ୍ତି ଯେମିତି ।ଜଣକୁ ଟାଣିଲେ ଅନ୍ୟ ଜଣେ କଷ୍ଟ ପାଏ, ଚିତ୍କାର କରେ ।ସେଇ କଷ୍ଟ, ଚିତ୍କାର ଆପଣା ଲୋକ ପାଇଁ ଅତି ଆପଣାର ।ଏଠି କାମନାର ଶୋଷ, ବାସନାର ଭୋଗରେ ଶରୀର ମନ ଅସ୍ଥିର, ବିପର୍ଯ୍ୟସ୍ତ, ଅବଲୁଣ୍ଠିତ ବିକ୍ଷୁବ୍ଧ ।ମାତ୍ର ପାରିବାରିକ ଅଶାନ୍ତିରୁ ହିଂସାକାଣ୍ଡ ଓ ସାମାଜିକ ଅବସ୍ଥା ତଥା ହୀନମାନ୍ୟତାର ବ୍ୟାଧିରେ ପୀଡ଼ିତ ।ଏକାନ୍ତ କେତେକ ନିଜ ଲୋକ, ପଡ଼ୋଶୀ ଓ ବାହ୍ୟଲୋକର ପ୍ରଜ୍ଜ୍ୱଳିତ ଇର୍ଷା, ହିଂସା ଓ ଦ୍ୱେଷ ଚକ୍ରାନ୍ତର ଶିକାର ହୋଇ ବିବ୍ରତ ଓ ବ୍ୟତିବ୍ୟସ୍ତ ହୁଅନ୍ତି ।ବିନା ପରିଶ୍ରମରେ ଡରାଇ ଥରାଇ ମିଥ୍ୟାରୋପ କରି ନିଜେ କରୁଥିବା ହୀନ, ନାକାରତ୍ମକ କର୍ମମାନଙ୍କର ଦୋଷାଦୋଷ ଅନ୍ୟ ମୁଣ୍ଡରେ ବୋଳି ଖୁବ୍ ଫାଇଦା ହାସଲ କରନ୍ତି ।ଖୁସି ମଧ୍ୟ ହୁଅନ୍ତି ।ଏଥିରୁ ଅମୂଲ୍ୟ ବା କିପରି ବାଦ୍ ପଡ଼ନ୍ତେ ? ମାଆପେଟର ଭାଇ ହେଲେ ମଧ୍ୟ ଜୁଆଡ଼ିଆ, ମଦ୍ୟପ ହେତୁ କିଛି ଟଙ୍କା ହାତେଇବା ପାଇଁ ଶ୍ରାବଣୀ ମୁଣ୍ଡରେ ଅଠାବୋଳିବାକୁ କାହିଁକି ବା ପଛାନ୍ତେ ? ବାର୍ଦ୍ଧକ୍ୟ ରୋଗ ହେତୁ ବାପା ମାଆ ଶଯ୍ୟାଶାୟୀ ।ଶେଯରୁ ଉଠି ପରିବାରର ମର୍ଯ୍ୟଦା, ସତ୍ୟ, ଶାନ୍ତି ପାଇଁ ପ୍ରତିରୋଧ

Download Magazine from www.aahwaan.com

କରିବାର ସାହାସ ନାହିଁ ଯେମିତି ।ବାର୍ଦ୍ଧକ୍ୟ ଉପନୀତ ହେଲେ ସବୁ ପିତାମାତା ବୋଧହୁଏ ଏହିପରି ସେମାନଙ୍କର ପିଲାଙ୍କ ପାଖରେ ନିରୁପାୟ, ଅସହାୟ, ହତାଶ ବା ନିରାଶ ହୋଇ ଯାଆନ୍ତି । ପିଲାମାନଙ୍କ ଦୟା ଓ ବିବେଚନାରେ ପିତାମାତାଙ୍କ ଜୀବନଧାରଣ ସମ୍ଭବ ଯେମିତି । ସେମାନେ ଆଜି ନିରୁପାୟ, ଅସମର୍ଥ ।ମଦ୍ୟପ, ଲମ୍ପଟ, ଜୁଆଡ଼ି ଯାହା ହେଲେ ବି ପୁଅ ତ' । ପୁଅଝିଅଙ୍କ ବିରୋଧରେ କେଉଁ ବାପାମାଆ କ'ଣ କିଛି କରନ୍ତି ନା କୁହନ୍ତି ? ଯାହା ଭାଗ୍ୟରେ ଥିବ ତାହା ତ' ନିଶ୍ଚୟ ହେବ ।ଏଥିରେ କାହାକୁ ଦୋଷଦେଇ କିଛି ଲାଭ ନାହିଁ । ଅଜାଗା ଘା' ଦେଖି ହୁଏନି କି ଦେଖାଇ ବି ହୁଏନି ।ନିଜ ଘର କଥା କାହାକୁ ବା କହିବେ । ବାହାର ଲୋକ ନାକରେ ଆଙ୍ଗୁଠି ଖେଞ୍ଚି ହସିବା, ଟାହିଟାପରା କରିବା, ଦେଖେଇ ଶିଖେଇ ନ ହେଲାକୁ ହେଲା ପରି କହିବା ସାର ହେବ ସିନା ।ଯେଉଁମାନେ ନିଜଘର କଥା ଅନ୍ୟ ଆଗରେ କହି କିଛି ସମାଧାନର ଆଶା ରଖନ୍ତି, କ'ଣ ଠିକ୍ କରନ୍ତି କି ? ତାହାର ଯାହା ସମାଧାନ ହେବ ତ ହେବ, ଓଲଟି ବିରାଟ ସମସ୍ୟାଟିଏ କରି ସମ୍ମୁଖରେ ଠିଆନହେବ ତାହା କିଏ କହିପାରିବ ?

ବୁଢ଼ାବୁଢ଼ୀ ଦୁହେଁ ବହୁଚେଷ୍ଟା କରି ମଧ୍ୟ ପୁଅକୁ ଠିକ୍ ବାଟକୁ ଆଣି ପାରନ୍ତି ନାହିଁ କି ଅମଙ୍ଗଳ ଚିନ୍ତା କରିପାରନ୍ତି ନାହିଁ ।ମାତ୍ର ଏଭଳି ସ୍ଥିତିରେ କିପରି ବା ନିଜକୁ ନ୍ୟାୟ ଦେବାକୁ ଶ୍ରାବଣୀ ଚାହିଁବ ।ପରିବାର ସଦସ୍ୟ ଯଦି ସବୁ ଶୁଣି, ନଶୁଣିବାର ଅଭିନୟ କରନ୍ତି, ପିତାମାତା ଯଦି ନିରୁତ୍ତର ... ।ତେବେ ... ? ଅନ୍ୟମାନଙ୍କ କଥା ନ କହିବା ଭଲ ।ଏ ସମାଜ ତ ବଧିର ଯେମିତି ।ଯଦି ପରିବାର ମଧ୍ୟରେ ଭାଇଭଉଣୀ, ବାପାମାଆ ଏପରି କୁଚିନ୍ତାଧାରାର କଳାମେଘ ସଦୃଶ ଆଚ୍ଛାଦିତ, ତେବେ ବାହାରେ ... ? ଯଦି ପିତାମାତା ପିଲାମାନଙ୍କ ମଙ୍ଗଳ ସତରେ ଚାହାଁନ୍ତି, ତେବେ ପିଲାମାନଙ୍କ ଚିନ୍ତାଧାରା ମନସ୍ତତ୍ତ୍ୱକୁ ଜାଣିବା ଉଚିତ୍ ନୁହେଁ କି ? ଯଦି ପିଲାମାନଙ୍କ ମଙ୍ଗଳରେ ପରିବାରର ମଙ୍ଗଳ, ତେବେ ପିଲାମାନଙ୍କ

Download Magazine from www.aahwaan.com

କଥାକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର ।କାହିଁ ଏପରି ତ ହେଲା ନାହିଁ ।ବଂଶ, ଆଭିଜାତ୍ୟ, ପରମ୍ପରାର ଦ୍ୱାହିଦେଇ ପିତାମାତା ଭାଇ ବନ୍ଧୁବାନ୍ଧବଙ୍କ ବାଧ୍ୟ ବାଧକତାରେ ଶିକାର ହେଲା ସେ । ପୁରୀ ନିକଟବର୍ତ୍ତୀ ଚନ୍ଦନପୁର ଶାସନର ହିମାଂଶୁ ମିଶ୍ରଙ୍କ ସହିତ ଇଚ୍ଛା ନଥାଇ ବିବାହ ବନ୍ଧନରେ ଆବଦ୍ଧ ହେଲା ଶ୍ରାବଣୀ ।ଶ୍ରାବଣୀର ଚିନ୍ତାଧାରା, ଶପଥ ସବୁକିଛି ଧୂଳିସାତ୍ ହୋଇଗଲା । ପୁଣି ଶାଶୁଘରେ ଆସି ପହଞ୍ଚିବା ପରଠାରୁ ଯୌତୁକ ଅର୍ଥ, ଭାରସହ, ଖିଆପିଆ ଇତ୍ୟାଦି ବିଷୟରେ ବହୁ ଟିକାଟିପ୍ପଣୀରେ ମସ୍ତିଷ୍କ ଭାରାକ୍ରାନ୍ତ ।ନବାଗତା ବୋହୂ କଥା ବୁଝିବା, ନୂଆ ପରିବେଶରେ ଖାପଖୁଆଇ ଚଳିବାର ଉପାୟ ବତେଇଦେବା, ମାଆ ବାପାର ସ୍ନେହ ସହାନୁଭୂତିରେ ଆଦରିବା ପରିବର୍ତ୍ତେ ଏସବୁ ଟୀକାଟିପ୍ପଣୀ ... ଛି ... ଛି ।ଆଉ ସହ୍ୟ କରି ହେଉନି ।ପଡ଼ିଶାଘର ଦେଠେଇ ଶାଶୁ ଦେଖେଇ ଶିଖେଇ କହିବାକୁ ଲାଗିଲେ... ଆଲୋ ହେ ହିମୁ ବୋଉ "ତୋତେ କ'ଣ ବୋହୂ ମିଳୁ ନଥିଲା ଯେ, ଏମିତି ଗୋଟାଏ ମାମୁଲି ଘରୁ ପିଲାଟିଏ ଆଣି ତା' ବେକରେ ଚନ୍ଦି ଦେଲୁ... ।ଆଲୋ ହେ ... ହିମୁ ଭଳି ଏଡେ ସୁନ୍ଦର ସୁଧାର ପିଲା ପାଇଁ ଏଇ ରାଇଜରେ ଆଉ ପିଲା ମିଳିଲେନି ଯେ, ଏ ବାରବୁଲି ... ଛତର ଖାଇ ପିଲା ...? ଯୋଉ ସୁନ୍ଦର ତ ସୁନ୍ଦର ... ଛି ... ଛି ... ଥୁଃ ।ଆଲୋ ମୁଁ ପରା ପ୍ରସ୍ତାବ ଦେଇଥିଲି ଗୋବିନ୍ଦପୁର ଶାସନର ବୀରକିଶୋର ଝିଅ ସହିତ ... ବାହାଦେଇଥିଲେ ଯୌତୁକ, ଭାରରେ ଘର ପୋତି ପକାଇଥାଆନ୍ତେ ।ତୁମକୁ ଭଲ କହିଲେ ଭେଲ ହେଉଛି ... ଛି ... ।" ସେ ଯା ହେଉନା କାହିଁକି କର୍ମକୁ ଆଦରି ସବୁ ଅପମାନକୁ ସହ୍ୟ କରି ପରକୁ ଆପଣାର କରି ମନଦେଇ ଚଳିବାକୁ ପଡ଼ିବ । ଭାଗ୍ୟରେ ଯାହା ହେବାର ଥିବ ତାହା ତ ହେବ । ନନା ବୋଉଙ୍କ ନାଁ ସେ କଦାପି ପଦାରେ ପକେଇ ଦେବ ନାହିଁ । ଦୁହିତା ପରା ଦୁଇ କୁଳକୁ ହିତା, ନହେଲେ ଦୁଇ କୁଳକୁ ପିତା ।

ସେ ଦିନ ବାସର ଶଯ୍ୟାରେ ଓଢ଼ଣାକୁ ତଳକୁ କରି ନବ ଅତିଥିଙ୍କୁ ପ୍ରତୀକ୍ଷା କରୁଥିବା

Download Magazine from www.aahwaan.com

ସମୟରେ ସେ ଗାଁର ଅନ୍ୟ ଝିଅମାନଙ୍କ ସହିତ ମିନୁ ଆସି ଧିରେ କାନରେ ଚୁପି ଚୁପି କରି କହିଲା – "ବୁଝିଲ ଭାଉଜ ! ତୁମେ ହୀରା ହେଲେ, ହିମୁ ଭାଇ ବେଙ୍ଗି ପିତ୍ତଳ ।ଭାଇ ଆସିନାହାଁନ୍ତି ପରା ।ସେ ତାଙ୍କ ସାଙ୍ଗ ସାଥୀ ମେଳରେ ମଉଜ ମଜଲିସରେ ଥିବେ ।ଠିକ୍ ତାଙ୍କୁ କାନିରେ ଗଣ୍ଠି ପକେଇ ରଖିବ ନହେଲେ ତୁମେ ହାରିଯିବ ଭାଉଜ ।ଏତେ ବେଶି ତାଙ୍କୁ ଭଲ ପାଅ ଯେପରିକି ସେ ସାବିତ୍ରୀକୁ ଭୁଲିଯିବେ ।ନହେଲେ ତୁମେ... ।"

ସାବିତ୍ରୀ ... ସାବିତ୍ରୀ... ।ସେ ପୁଣି କିଏ ... ?

"ତୁମେ ଜାଣିନ କି ଭାଉଜ ? ସେ ପରା ଭାଇନାଙ୍କ ପୁରୁଣା ପ୍ରେମିକା ।ସେ ଯେ ଆଜି ତୁମ ପାଖକୁ ଆସିବେ, ଏ ବିଶ୍ୱାସ ମୋର ନାହିଁ ।ସେ ସାବିତ୍ରୀର ପ୍ରେମରେ ପୁରା ପୁରି ଭିଜିଯାଇଛନ୍ତି ।ତୁମ ଭଲ ପାଇବାର ଶକ୍ତି କେତେ ନିବିଡ଼ ତାହା ଦେଖିବାକୁ କେବଳ ବାକି ରହିଲା ।ଏକଥା ଶୁଣି ଶ୍ରାବଣୀ ଚମକି ପଡ଼ିଲା ।ମୁଣ୍ଡ ଝିମ୍ ଝିମ୍ ହୋଇଗଲା ।ପାଟି ଅଠା ହୋଇଗଲା ଯେମିତି ।ଆଉ ତା'ର ପାଟିରୁ କଥା ବାହାରିଲା ନାହିଁ ।ଏସବୁ କ'ଣ ହୋଇଯାଇଛି... ? ଶ୍ରାବଣୀର ସ୍ୱାମୀ ମଦ୍ୟପ, ଚରିତ୍ରହୀନ ।ମଦ୍ୟପକୁ ନେଇ ସଂସାର କରାଯାଇପାରେ ... ।ମାତ୍ର ଚରିତ୍ରହୀନକୁ ନେଇ କ'ଣ ସଂସାର କରିହେବ ... ? ମୁଁ କ'ଣ କରିବି... ? ମୋତେ ସମସ୍ତେ ମିଶି ଠକି ଦେଲେ, ମୋ ଜୀବନ ନଷ୍ଟ କରିଦେଲେ ।ହେ ଭଗବାନ ... ! ମୋତେ ରାସ୍ତା ଦେଖାଅ । " ମଦ୍ୟପ, ଚରିତ୍ରହୀନ, କୁଳାଙ୍ଗାର, ଷଡ଼ଯନ୍ତ୍ରକାରୀ ମାୟାବୀ ସ୍ୱାମୀମାନେ ଯେତେ ଅନିଷ୍ଟ ଓ ହତ୍ୟାକାଣ୍ଡ କଲେ ମଧ୍ୟ ସେମାନେ ସୁନାମୁଣ୍ଡା, ଆଉ ସତୀ, ସୁନ୍ଦରୀ, ଗୁଣବତୀ, ଚରିତ୍ରବତୀ ହେଲେ ମଧ୍ୟ ନାରୀ ପାଇଁ ସବୁଭୁଲ ।ସେଇ କଥା ମଧ୍ୟ ଅନ୍ୟାୟୀ, ହୀନମନ୍ୟ ସ୍ୱାମୀ, ପୁଅ, ଭାଇ, ବାପାଦାଦା, କକା, ମାମୁଁ ବନ୍ଧୁବାନ୍ଧବ ଆଖିରେ ଆସେ ନାହିଁ କେମିତି ... ? ଏହାର କାରଣ ବୋଧହୁଏ ସେମାନେ ଯେହେତୁ ନାରୀ, ସହିବା ଓ ଭଲପାଇବା, ସ୍ନେହପ୍ରେମ ବାଣ୍ଟିବା, ତ୍ୟାଗ ଓ ସେବାଦ୍ୱାରା

Download Magazine from www.aahwaan.com

ମନମୋହିବା, ନିଜେ ଯନ୍ତ୍ରଣା ସହି ଅନ୍ୟକୁ ସୁଖ ଦେବା ପ୍ରଧାନ କର୍ତ୍ତବ୍ୟ ବୋଲି ଭାବନ୍ତି ।ସେଥିପାଇଁ ନାରୀ ହୁଏ ହୀନମାନ୍ୟତାର ଶିକାର ।ପ୍ରତ୍ୟେକ ସ୍ଥଳରେ ନିର୍ଯ୍ୟାତିତା, ବିଡ଼ମ୍ବିତ ଦୁର୍ଭାଗ୍ୟର ନାୟିକା ।ଦୁଇ ଚକ୍ଷୁରେ ଫୁଟି ଉଠିଲା ପ୍ରବଳ ଘୃଣା ।ପ୍ରବଳ କ୍ରୋଧରେ ଚନ୍ଦ୍ରବଦନଟି ଆରକ୍ତ ହୋଇଗଲା ।ନାରୀର କ୍ରୋଧର ସୀମା ନାହିଁ ।ନାରୀର ଅପମାନରେ କୁରୁ ବଂଶ, ସତୀ ସୀତାଙ୍କ କୋପାନଳରେ ସ୍ୱର୍ଣ୍ଣମୟୀ ଲଙ୍କା ଧ୍ୱଂସ ହୋଇଥିଲା ।

ରାତ୍ରିକ୍ରମେ କ୍ରମେ ଅପସରି ଯାଉଛି ।'ରାତି' କାହାଲାଗି ସୁଖର ସମ୍ଭାର ଧରିଆସେ ତ କାହାଲାଗି ଦୁଃଖର ଦୁର୍ବାର ଶଲ୍ୟ ।ଦୁର୍ବିସହ, ଏଇ ରାତି... ।ରହି ରହି କୃତକର୍ମର ତର୍ଜମା କରିବାକୁ ମଣିଷକୁ ବାଧ୍ୟ କରେ ।ଆଜି ଆସିଥିଲା ରାତି... ।ଅନେକ ଲୁହର ଶ୍ରାବଣ ନେଇ... ।ଆଖିରେ ଛୁଟିଛି ବନ୍ୟାର ଧାରା ।ଝରକା ଫାଙ୍କାରୁ ଜହ୍ନ ଆଲୁଅ ଘର ଭିତରକୁ ଧସେଇ ପଶି ଆସୁଛି ।ବାହାରେ ତୋଫା ଜହ୍ନ ଆଲୁଅ ।ଦେଖିବା ପାଇଁ ମନ ବ୍ୟାକୁଳ ହେଲା ।ଝରକା ଖୋଲି ଜହ୍ନକୁ ଅନାଇ ଅଳ୍ପ ଦୂରରେ ଥିବା ନିଃସଙ୍ଗ ନକ୍ଷତ୍ର ଉପରେ ଆଖି ଅଟକିଗଲା ।ଆହା ... ! ଏତ ତାରକା ମେଳରେ ଏ ନକ୍ଷତ୍ରଟିର କଥା ସେ କାହିଁକି ଚିନ୍ତା କରୁଛି ।ସେ କ'ଣ ଆଜି ଗୋଟାଏ ନିଃସଙ୍ଗ ନକ୍ଷତ୍ର ନୁହେଁ କି ? ଚତୁର୍ଥ ପ୍ରହର ... ଆସନ୍ନ ପ୍ରାୟ ।ବର୍ତ୍ତମାନ ସୁଦ୍ଧା ହିମାଂଶୁଙ୍କର ଦେଖାଦର୍ଶନ ନାହିଁ ।ଦୃଢ଼ସ୍ୱରରେ ଉଚ୍ଚାରଣ କଲେ - ନା, ଏ ଅପମାନ ସହ୍ୟ କରି ହେବ ନାହିଁ ।ତା'ର ଏପରି ଅସହାୟତା ପାଇଁ ଦାୟୀ କିଏ ... ? ନିର୍ଜ୍ଜନ ମୁହୂର୍ତ୍ତରେ ଏଇ ପ୍ରଶ୍ନ ସେ ନିଜେ ନିଜକୁ ପଚାରିଲା ।ଏ ପ୍ରଶ୍ନର ସଠିକ୍ ଉତ୍ତର ମଧ୍ୟ ସେ ଜାଣେ କିନ୍ତୁ ଉତ୍ତରଟି ନିଜେ ନିଜ ଆଗରେ ପ୍ରକାଶ କରିବାର ସହାହାସ ହୁଏ ନାହିଁ ।

ଶ୍ରାବଣୀ ଥିଲା ... ରୂପବତୀ ... ଯୌବନବତୀ ।ସେ ତା'ର ଯୌବନରେ ଆକର୍ଷିତ ଆହ୍ଲାଦିତ କରିବାର ସାମର୍ଥ୍ୟ ରଖିଛି ।ଏ ପୁରୁଷ ପ୍ରଧାନ ସମାଜରେ କ୍ରୀଡ଼ନକ ସଦୃଶ ପୁରୁଷଙ୍କୁ ନଚାଇ ପାରିବାର ଦକ୍ଷତା, ସାମର୍ଥ୍ୟ ତା'ର ମଧ୍ୟ ଅଛି ।ଏ ନଗ୍ନ ଧୋକ୍କାବାଜ୍

Download Magazine from www.aahwaan.com

ସମାଜର ପୁରୁଷରୂପୀ ନଗ୍ନକୀଟଙ୍କୁ ବୁଢ଼ୀ ଅସୁରୁଣୀ ଗଳ୍ପର ମେଣ୍ଢା କରିପାରେ ।ତା'ର ସାମର୍ଥ୍ୟ ଉପରେ ପୂର୍ଣ୍ଣ ଭରଷା ଓ ବିଶ୍ୱାସ ରହିଛି ।ତା'ର ଚଳଚଞ୍ଚଳ ନେତ୍ରରେ, ଠାଣିରେ ଯେ କେହିବି ବିମୋହିତ ହେବ ।ବଳିଲା ବଳିଲା ଦେହକୁ ମଲ୍ଲୀଫୁଲର ଜୁଡ଼ା ।କୃତ୍ରିମ ବେଷଭୂଷାରେ ଆକର୍ଷିତା ।ଆଖିରେ ଆଖିଏ ସ୍ୱପ୍ନ ।ଯୌବନର ପହିଲି ପରଶରେ ଅନୁଭବିଲା ଅପୂର୍ବ ଶିହରଣ ।ପାଖ ସାହିର ସହପାଠୀ ଗୋବିନ୍ଦକୁ ନେଇ ସଂସାର କରିବ, ଯୌବନର ମାଦକତାକୁ ମନଭରି ଉପଭୋଗ କରିବ ।ପରେ ନୂଆ ସଂସାର କରି ଜୀବନର ସବୁ ଦୁଃଖ, ସୁଖ, ଅଭାବ ଅନାଟନକୁ ପାସୋରିଯିବ ।ଏମିତି ଅନେକ ସ୍ୱପ୍ନରେ ମସ୍‌ଗୁଲ୍ ହୋଇ ବନହରିଣୀ ପରି ସେ ଖୁସିରେ ଖୋଜିଛି ।କୁଆଁରୀ ବୟସରେ ସାଙ୍ଗସାଥୀ ମେଳରେ ରଥଯାତ୍ରାରେ ଅତିବାହିତ କରିଛି, କୁଅାଁର ପୁନେଇଁରେ ସାରାରାତି ପୁଆଇଛି, ରଜରେ ଦୋଳି ଖେଳିଛି ।ବାସ୍ତବରେ ସ୍ୱପ୍ନିଳ ଜୀବନର ଚଲାପଥରେ ଆଶା ସୁଦୂର ପ୍ରସାରୀ ... ।ଆଖି ଆଗରେ ଝରିପଡ଼ ଅନେକ ସ୍ୱପ୍ନ ।ବେଳେବେଳେ କୁଆଁର ପୁନେଇଁର ମନର ମଣିଷକୁ ଦେଖି ଲାଜେଇ ଯାଏ, ମନ ଦିଆନିଆ ଆଖିର ଇଶାରାରେ ଭାବର ଆଦାନପ୍ରଦାନ ।ଲାଜକୁଳୀ ଲତା ମନ ଖୋଲା କଥା ନହେଲେ ବି ହୃଦୟ ଭରି ଦେଖେ ଅପଲକ ନୟନରେ... ।ସାଙ୍ଗସାଥୀ, ଟାହିଟାପରା, ଅଭିମାନ, ରାଗରୁଷା ହୁଏ, ତଥାପି ମନ ଗହନରେ ନାଚିଉଠେ ଅପୂର୍ବ ଉଲ୍ଲାସ ।ଚାହିଁବା ଓ ପାଇବା ଭିତରେ ଅନେକ ତଫାତ୍ ।ସେ କଥା କେହି ନ ବୁଝିଲେ ବି ଅନୁଭବୀ ହିଁ ବୁଝିପାରେ ।ତଥାପି ନୂଆକରି ଯୌବନରେ ପାଦ ଥାପିଥିବା ମନ ଏକଥା ବୁଝେନା ।ବୁଝେନା ବୋଲିତ ସବୁ ବାଧାବନ୍ଧନକୁ ଡେଇଁ ଯିବାକୁ ଚାହେଁ ।ପ୍ରେମ ନିକଟରେ ଛୁଆଁ ଅଛୁଁଆ ଭେଦଭାବ ନଥାଏ ।ଏଠି ସବୁ କିଛି ଶ୍ୱାଶତ, ପବିତ୍ର ।

ପ୍ରଥମପ୍ରେମ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ ହୃଦୟ ଭିତରେ

Download Magazine from www.aahwaan.com

।ଅନେକ କୁହନ୍ତି ପ୍ରେମକୁ ଭୁଲିବା କଷ୍ଟ ।ମଣିଷର ସରଳ ଜୀବନକୁ କେମିତି ଗୋଟେ ଅଙ୍କା ବଙ୍କା ନଈର ଧରା ପରି ସଜେଇଥାଏ ଏହି ପ୍ରେମ ।ଏକ ସୁନ୍ଦର ଆକର୍ଷଣ ସହ କାହିଁ କେଉଁ କାଳରୁ ଶୋଇ ରଖିଥିବା ଏକ ବୀଜଟି ମନ ଭିତରେ ଫୁଟି ଉଠିଥାଏ ।

ଯାହା ଅତୀତ, ତାହା ଅଫେରା ... ।ତଥାପି ମଣିଷ ଅଭୁଲା ସ୍ମୃତିକୁ ବୁକୁରେ ସାଇତି ରଖି ମନେ ମନେ ଗୁମୁରୁଥାଏ, ମନ କଥା କାହା ଆଗରେ ପ୍ରକାଶ ନକରି ପାରିଲେ ମଧ୍ୟ ମନରେ ଶୁଣି ନିଜକୁ ହାଲକା କରିବାକୁ ଚେଷ୍ଟା କରେ ... ।

ଗୋବିନ୍ଦ ଜାତିରେ ମାଳୀ । ବାପା ଗୋସେଇଁ ବାପା ଅମଳରୁ ଶିବ ମନ୍ଦିରରେ ଶିବଙ୍କ ମୁଣ୍ଡରେ ଜଳ ଢ଼ାଳି, ପୂଜାର୍ଚ୍ଚନା, ଦାନ ଦକ୍ଷିଣାରେ ପେଟ ପୋଷନ୍ତି ।ଜମିବାଡ଼ି କିଛି ନାହିଁ ।ମାତ୍ର ଜାତିରେ ମାଳୀ ହେଲେ କ'ଣ ହେଲା, ତାର ଶାନ୍ତଶିଷ୍ଟ ବ୍ୟବହାର, ଚାଲିଚଳନ ହାବଭାବ, ପିତାମାତା ପ୍ରତି ସେବା ଭକ୍ତି ନଦେଖିଲା ଲୋକ କହିପାରିବ ନାହିଁ ।ବହୁକଷ୍ଟରେ ପାଠପଢ଼ି ଶେଷରେ ଗୋବିନ୍ଦ ପାଖ ତହସିଲ କାର୍ଯ୍ୟାଳୟରେ କିରାଣୀ ଚାକିରୀଟିଏ ପାଇଛି ।କାର୍ଯ୍ୟାଳୟରେ ସମସ୍ତଙ୍କର ମୁହଁରେ ତା'ର ପ୍ରଶଂସା ।ସୁନ୍ଦର ମାର୍ଜିତ ବ୍ୟବହାର ଦ୍ଵାରା ସେ ସମସ୍ତଙ୍କ ମନକୁ ଜିଣି ନେଇଛି ଯେମିତି ।ଶ୍ରାବଣୀ, ଗୋବିନ୍ଦର ପ୍ରଶଂସା ସାଙ୍ଗସାଥୀ ମହୁଁରେ ଶୁଣି ଖୁସିହୁଏ, ଆହ୍ଲାଦିତା ହୁଏ ।ମନେ ମନେ ଭଲପାଇ ବସେ ଗୋବିନ୍ଦକୁ ।

ସେମାନଙ୍କର ଭଲପାଇବାଟା ପ୍ରେମର ରୂପ ନିଏ ।ପରସ୍ପର ପରସ୍ପରକୁ ଦେଖି ଖୁସିରେ ଅଧୀର ହୁଅନ୍ତି... ଯେପରି ଦୀର୍ଘ ଦିନର ବିଚ୍ଛେଦ ପରେ ଏଇମାତ୍ର ମିଳନ ହୋଇଛି ।ଅନେକ ସ୍ୱପ୍ନରେ ମସ୍‌ଗୁଲ୍ ହେବାକୁ ମନ ଚୁଲ୍ ବୁଲ୍ ହୁଏ ।ଯେପରିକି ପୁଷ୍ପସଦୃଶ ଆନମନା ହୋଇ ଭ୍ରମରର ଗଞ୍ଜନକୁ ଚାହିଁ ରହିଥାଏ ଟିକିଏ ମୃଦୁ ସ୍ପର୍ଶ ପାଇଁ, ଟିକିଏ ସାନିଧ୍ୟ ପାଇଁ ।କେହି କାହାକୁ ଘଡ଼ିଏ ଛାଡ଼ି ରହିବାକୁ ଅକ୍ଷମ ଯେମିତି ।ଶୟନ, ସ୍ୱପନ ଜାଗରଣର ପରସ୍ପର ପରସ୍ପରର ସ୍ୱପ୍ନରେ ମଗ୍ନ ଯେମିତି ।କୋକିଳର କୁହୁକରେ, ମଳୟର

 Download Magazine from www.aahwaan.com

ମଦିରାରେ, ପଲାଶର ଫଗୁରେ, କୃଷ୍ଣଚୁଡ଼ାର କାଳିମାରେ ମତୁଆଲ ହେଉ ହେଉ ଦୁହେଁ ପରସ୍ପର ପ୍ରତି ଆସକ୍ତ ହୋଇ ପଡିଥିଲେ ।ଜଗନ୍ନାଥ ମନ୍ଦିର ବେଢ଼ା ଭିତରେ ବସିଛନ୍ତି, ହସିଛନ୍ତି, ପରସ୍ପର ଭିତରେ ନିମଗ୍ନ ହୋଇଛନ୍ତି ତାହାର ହିସାବ ନାହିଁ ।

ପ୍ରେମ ଦୁଇ ମନର ପବିତ୍ର ମିଳନ ।ଏହା ମାନେନା ଆକଟ, ବାଧ୍ୟା କିମ୍ବା ବନ୍ଧନ ।ପାରିବାରିକ ସ୍ୱୀକୃତି ଥାଉ ବା ନଥାଉ ଦୁଇ ପ୍ରେମୀ ମୁକ୍ତ ବିହଙ୍ଗ ହୋଇ ଉଡ଼ିବାକୁ ହୋଇ ଉଠନ୍ତି ବ୍ୟାକୁଳ ।

କାର୍ତ୍ତିକ ପୂର୍ଣ୍ଣିମା ଆଉ ଦୁଇ ଦିନ ବାକିଥାଏ ।ସେଦିନ ଉଭୟେ ପରିବାର ସଦସ୍ୟଙ୍କ ଆଜଣାତରେ ହାତଧରାଧରି ହୋଇ ବାଇଶିପାହାତ ଅତିକ୍ରମ କରି ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଥିଲେ ।ହଠାତ୍ ଭକ୍ତଙ୍କ ଭିଡ଼ରେ ପରସ୍ପର ପରସ୍ପର ଠାରୁ ହାତ ଛଡ଼ା ଛଡ଼ି ହୋଇ ଅଲଗା ହୋଇଗଲେ ।ପରସ୍ପର ପରସ୍ପରକୁ ପାଗଳ ପାଗଳୀ ଭଳି ଖୋଜିବାରେ ଲାଗିଲେ ।ଏଇ ଟିକକ ବିଛେଦରେ ସତେ ଯେପରି ସେମାନେ ଜନ୍ମ ଜନ୍ମ ପାଇଁ ବିଛେଦ ଜ୍ୱାଳାରେ ଦଗ୍ଧିଭୂତ ।ମନ୍ଦିରର ବେଢ଼ାରେ ଗୋଟିଏ କୋଣରେ ଠିଆହୋଇ ଜଗନ୍ନାଥଙ୍କୁ ହାତଯୋଡ଼ି ଲୋତକପୂର୍ଣ୍ଣ ନୟନରେ ଶ୍ରାବଣୀ ବିନତୀ କରିବାରେ ଲାଗିଲା ... ହେ ପ୍ରଭୁ ଜଗନ୍ନାଥ... ପତିତପାବନ ... ଜଗତର ନାଥ... ! ଆପଣ କ'ଣ ମୋ କଷ୍ଟକୁ ଉପଲବ୍ଧ କରି ପାରୁନାହାଁନ୍ତି ।ମୁଁ ଗୋବିନ୍ଦ ବିନା ଦଣ୍ଡେ ମଧ୍ୟ ବଞ୍ଚ୍ □ ଚପାରିବି ନାହିଁ ।ପ୍ରଭୁ ... ! ମୋତେ ଗୋବିନ୍ଦଙ୍କ ସହିତ ମିଳନ କରା ି ଦିଅ ପ୍ରଭୁ ।ମୁଁ ଏ ବିଛେଦ ଜ୍ୱାଳାକୁ ଆଉ ସହ୍ୟ କରିପାରୁ ନାହିଁ, ହଠାତ୍ କାହା ହାତ ସ୍ପର୍ଶରେ ଚମକି ପଡିଲା ଶ୍ରାବଣୀ ... ।ଗୋବିନ୍ଦଙ୍କ କାନ୍ଧରେ ମଥା ରଖି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।ଗୋବିନ୍ଦ ଶ୍ରାବଣୀର ମଥାର କେଶରାଶିକୁ ଆଉଁସୁ ଆଉଁସୁ କହି ଉଠିଲା – "ନାଇଁ ... ନାଇଁ ଶ୍ରାବଣୀ ... ।ତୁମେ କାନ୍ଦିଲେ କିମ୍ବା ତୁମ ଆଖିରେ ଲୁହ ଦେଖିଲେ ମୁଁ ସହ୍ୟ କରିପାରୁ ନାହିଁ ।"

Download Magazine from www.aahwaan.com

- "ତା ହେଲେ ତୁମେ ମୋତେ ଏକୁଟିଆ ଛାଡ଼ି କୁଆଡ଼େ ଚାଲିଯିବିନି ତ ... ?

- ନା ଶ୍ରାବଣୀ ... ନା ... ।ତୁମକୁ ଛାଡ଼ି ମୁଁ କେଉଁଠିକୁ ହେଲେ ମଧ୍ୟ ଯିବି ନାହିଁ ।ତୁମକୁ ନେଇ ଏକ ଛୋଟିଆ ନୀଡ଼ଟିଏ ଗଢ଼ିବାକୁ ଚାହେଁ, ଯେଉଁଠି ତୁମେ, ମୋ' ଛଡ଼ା ଆଉ କେହି ନଥିବେ ।ତୁମକୁ ମୁଁ ମୋ' ହୃଦୟ ସିଂହାସନରେ ବସେଇ ପୂଜା କରିବି ।ତୁମେ ମୋ' ମନର ମାନସୀ, ପ୍ରାଣର ସ୍ପନ୍ଦନ, ପ୍ରେମର ଦେବୀ... ।

- ହଁ, ଗୋବିନ୍ଦ ... ତୁମେ ... ମୋ' ସାଧନା, ତୁମେ ମୋ' ପ୍ରେରଣା, ତୁମେ ମୋର ସବୁ କିଛି... ସବୁ କିଛି ... ।ତୁମକୁ ଛାଡ଼ି ସତରେ କ'ଣ ବଞ୍ଚିପାରିବି ? ତୁମକୁ ପାଖରେ ପାଇ ମୁଁ ଭୁଲିଯାଇଛି ବାସ୍ତବ ଦୁନିଆଁକୁ ।ତୁମର ଆଖିରେ ମୁଁ ନିଜକୁ ଦେଖୁଛି ।ତୁମ ବାହୁ ବନ୍ଧନରେ ସବୁକିଛି ଭୁଲିବାକୁ ଚାହେଁ ।ସେଇଦିନ ଜଗନ୍ନାଥଙ୍କ ସମ୍ମୁଖରେ ଠିଆହୋଇ ଛଡ଼ା ତୁଳସୀ ଧରି ଦୁହେଁ ଶପଥ କରିଥିଲେ, ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ପରସ୍ପରକୁ ଭୁଲିବେ ନାହିଁ ।ପରସ୍ପର ପରସ୍ପର ମଧ୍ୟରେ ନିଜର ଦୁନିଆଁକୁ ଦେଖିବେ ।

"ହେଲେ ଶ୍ରାବଣୀ ... ମୋତେ ଭୁଲ ବୁଝିବ ନାହିଁ, ମୋର କଥା ପଦିକ ତୁମ ମନରେ ଆଘାତ ଦେଇ ପାରେ, ମୋତେ କ୍ଷମା ଦେବ ।ତୁମେ ନୈଷ୍ଠିକ ବ୍ରାହ୍ମଣ କନ୍ୟା, ଆଉ ମୁଁ ଦୀନହୀନ ଗରିବ ମାଳିର ପୁଅ ।ଏ ମିଳନ କ'ଣ ସମ୍ଭବ ? ଏଇ ଜାତି କ'ଣ ପ୍ରତିବନ୍ଧକ ସୃଷ୍ଟି କରିବନି ।ନା ... ନା ... ଗୋବିନ୍ଦ, ମୁଁ ଜାତି ଫାତି କିଛି ମାନେନା, ମୋର ଭଲପାଇବା ଶ୍ୱାଶତ, ପବିତ୍ର ।ଏଥିରେ କୌଣସି ପ୍ରତିବନ୍ଧକ ମୋ ଶପଥକୁ ଭାଙ୍ଗି ଦେଇ ପାରିବ ନାହିଁ ।ତୁମର ଶପଥ ପରେ ଏ ପ୍ରଶ୍ନ କାହିଁକି ଗୋବିନ୍ଦ... ? ସେ ଦିନ ଦୁଇ କପୋତ କପୋତୀ ଆନନ୍ଦ ବଜାରରେ ଅବଢ଼ା ଖୁଆଖୋଇ ହୋଇଥିଲେ, ପରସ୍ପର ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହେବା ପାଇଁ ଅଙ୍ଗୀକାର ମଧ୍ୟ ହୋଇଥିଲେ ।ମନ୍ଦିରବେଢ଼ା କୋଇଲି ବୈକୁଣ୍ଠରୁ ଘରକୁ ଫେରିବାକୁ ପାଦ କାଢୁ କାଢୁ ଝଡ- ତୋଫାନ, ବର୍ଷା ହଠାତ୍ ଆରମ୍ଭ ହୋଇଯାଇଥିଲା

 Download Magazine from www.aahwaan.com

।ଘଣ୍ଟା ଘଣ୍ଟା ଧରି ମେଘ ଛାଡିବାର ନା ଧରୁ ନଥିଲା ଯେମିତି ।ଘଡ଼ ଘଡ଼ି ଶବ୍ଦରେ ଭୟଭୀତ ହୋଇ ଖୁବ୍ ନିବିଡ଼ ଭାବରେ ଗୋବିନ୍ଦକୁ ଜାବୁଡ଼ି ଧରିଥିଲା ଶ୍ରାବଣୀ ।ଦୁଇମନ, ଦୁଇ ପ୍ରାଣ, ଦୁଇ ହୃଦୟ, ଦୁଇ ଶରୀର ଏକାକାର ହୋଇ ମଧୁର ମିଳନର ଅନୁଭୂତି ହାସଲ କରିବାକୁ ବ୍ୟାକୁଳ ହେଉଥିଲେ ।ହଠାତ୍ ପରିସ୍ଥିତି, ପରିବେଶ ସେମାନଙ୍କୁ ତାଗିଦ୍ କଲା ସଂଜତ ହେବାକୁ ... ।

ଝଡ଼ ଥମିଗଲା । ଘରକୁ ଫେରିବା ପାଇଁ ପାଦ ବଢ଼େଇଲେ ମାତ୍ର ଏକଥା ଆଉ ଲୁଚି ରହିଲା ନାହିଁ । ସେ ଦିନର ସେଇ ଦୃଶ୍ୟ ଯେ ଅନ୍ୟ କାହା ଆଖିରେ ପଡିନି, ଏହା ଭାବିବା ଠିକ୍ ନୁହେଁ । ଗାଁର ଶେଷ ମୁଣ୍ଡରେ କିଶୋର କଲ୍ୟାଣ ପାଠାଗାର ପାଖରେ ଯେଉଁ ଝଙ୍କାଳିଆ ବର ଗଛଟି ଅଛି ସେଠି ଗାଁ ଲୋକ କିଛି ସମୟ ବସି ଗପସପ ହୁଅନ୍ତି । ତା'ରି ପାଖରେ ଲାଗିରହିଛି ଗୋଟିଏ ପୋଖରୀ ... କାଚକେନ୍ଦୁ ଭଳି ପାଣି ।ଗାଁର ପ୍ରତ୍ୟେକ ଲୋକ ସେହି ପାଣିରେ ଦାନ୍ତ ଘଷନ୍ତି, ଲୁଗାପଟା ସଫା କରନ୍ତି, ଶୌଚ ହୁଅନ୍ତି ମଧ୍ୟ ।ଦାନ୍ତ ଘଷୁ ଘଷୁ ନିଜ ନିଜ ଭିତରେ ଥିବା ସୁଖ ଦୁଃଖ ପରସ୍ପର ମଧ୍ୟରେ ବାଣ୍ଟନ୍ତି ।ସମସ୍ୟାତ ସେମାନଙ୍କର ଅନେକ ଥାଏ ।ବର୍ଷା ଠିକ୍ ଭାବରେ ହେଉନାହିଁ ଯେ ଫସଲ ହାନି, ଯୌତୁକ ଦାବୀ ହେତୁ ଝିଅ ବାହାଘର ବନ୍ଦ, ଲାଞ୍ଚ ଦେଇ ନ ପାରି ପୁଅ ବେକାର, ଜମି ଗଣ୍ଡଗୋଳ ତାରିଖ ଗଡୁଛି, ଶାଶୁଘରେ ଝିଅ ନିର୍ଯ୍ୟାତନା, ଭଙ୍ଗା ଗଡ଼ାର ଅନ୍ତରାଳେ ପୁର୍ନଜୀବନ ତିଆରି କରି ତା'ରି ଅଭିବୃଦ୍ଧି କରିବା ଏମାନଙ୍କ ପାଇଁ ଆହ୍ୱାନ ।ଗାଁ ପୋଖରୀ ତୁଠରେ ଶ୍ରାବଣୀ ବିଷୟରେ ଏଣୁତେଣୁ ଗୁଡିଏ ବାଜେ କଥା ଶୁଣି ଗୋଦାବରୀ ବାପା ଘରେ ବଖାଣିଥିଲେ ।ସବୁକଥା ଶୁଣି ନନା ଭାଇନା ଶ୍ରାବଣୀ ଆଉ ଏକା ଏକା ପଦାକୁ ଗୋଡ଼ କାଢ଼ି ପାରିବନି ବୋଲି ତାଗିଦ୍ କଲେ ।ଦାଣ୍ଡ ଦୁଆର, ନଦୀ ଘାଟ, ଜଗନ୍ନାଥ ଦର୍ଶନ ସବୁ ... ସବୁ ତା' ପାଇଁ ବନ୍ଦ ।

ଆଜି ସବୁ ପାହାନ୍ତିଆ ପ୍ରହରର ସ୍ୱପ୍ନ ପରି ମିଛ ହୋଇଯାଇଛି ।ଆଶାର ତାଜମହଲ

Download Magazine from www.aahwaan.com

ଭାଙ୍ଗି ଚୁର୍ମାର୍ ହେବାକୁ ଯାଉଛି ... ଖାଲି ଖୋଜୁଛି ... ।ସତେ ଯେପରି ମନ୍ଦିର ବେଢ଼ାରେ ଗୋବିନ୍ଦକୁ ହଜେଇ ଦେଇ ଫେରି ଆସିଛି, ଏକ ନୂତନ ନୀଡ଼ର ସନ୍ଧାନରେ... ।ନନା ବୋଉ ଏବଂ ଭାଇର ଜିଦ୍ ପାଖରେ ବଳି ପଡିଛି ତା'ର ଜଗନ୍ନାଥଙ୍କ ପାଖରେ କ୍ଷମା ଦେବେ ନା ଗୋବିନ୍ଦ ... ।ତେବେ "ମୁଁ କ'ଣ କରିବି ... ଓଃ ... " ସତରେ କ'ଣ ଶୂନ୍ୟତାର ଅଜବ ଯନ୍ତ୍ରଣା ଭିତରେ ଆଉଟୁପାଉଟୁ ହୋଇ ବାଟ ଚାଲିବାକୁ ହେବ ? ଏ ସମାଜର ବଡପଣ୍ଡାଙ୍କ ମୁହଁରେ କ'ଣ ବାଡବତା ଦେଇହେବ ? ଏହା ସମ୍ପୂର୍ଣ୍ଣ ଅସମ୍ଭବ, ଅଜାତିରେ ବିବାହ କରିବା ଆମ ବଂଶ ପରମ୍ପରା ନୁହେଁ ।ଭାଇନନା ତାଗିଦ୍ କରି କହନ୍ତି ..." ଦେଖ ଶ୍ରାବଣୀ ... ।ତୁ ଯେଉଁ ଅମଡ଼ା ବାଟରେ ପାଦ ତାପିଛୁ, କଣ୍ଟା ଫୁଟି ରକ୍ତାକ୍ତ ହେବା ସାର ହେବ ।ଫଳ କିଛି ପାଇବୁ ନାହିଁ ।ଝୁଣ୍ଟି ପଡିବୁ, କୂଳ କିନାରା ପାଇବୁ ନାହିଁ ।ସୁଅ ମୁହଁରେ ପତର ପରି ଭାସିଯିବୁ ।ଯଦି ତୁ ଆମ କଥା ନ ଶୁଣି ସେଭଳି କିଛି କରିବସୁ ତେବେ ଆମେ ବିଷ ପିଇ ଆତ୍ମହତ୍ୟା କରିବୁ ।"

ଭାଇ ତାଗିଦ୍ କରି କହନ୍ତି – ତତେ ଚାରି ଖଣ୍ଡ ଖଣ୍ଡ କରି କୁଆ, ଶାଗୁଣାକୁ ଖାଇବାକୁ ଦେବି ।ତୁ ମୋତେ ଭଲ କରି ଚିହ୍ନିବୁ ... ।ଆମ ବଂଶର ମାନ ମର୍ଯ୍ୟଦା ସବୁ ନିଲାମ କରନା କହୁଛି ।ଫଳ ଭଲ ହେବନି ।

ତେବେ ସେ କ'ଣ କରିବା ନକରିବାର ଦୋଛକିର ରାସ୍ତାରେ ଠିଆ ହୋଇଛି ।ତା'ପାଦତଳ ପୃଥିବୀଟା ଯେମିତି ତଳକୁ ତଳକୁ ଧସି ପଶିଯାଉଛି ।ଉପରୁ ଆକାଶଟା ମୁଣ୍ଡ ଉପରେ ଛିଣ୍ଡି ପଡିଯାଉଛି ।ଗୋବିନ୍ଦକୁ ଦେଇଥିବା କଥା, ଜଗନ୍ନାଥଙ୍କ ପାଖରେ କରିଥିବା ଶପଥ ... ? ଯଦି ପରିବାରକୁ ଛାଡ଼ି ଚାଲିଯାଏ ତେବେ ... ? ଏ ସମାଜ କ'ଣ କରିବ ... ? ତା' ନନା ବୋଉଙ୍କର ଅବସ୍ଥା କ'ଣ ହେବ ? ତାକୁ ଆଜି ଲାଗୁଥାଏ, ସତେ ଯେପରି ସବୁକିଛି ସରିଯାଇଛି ଅମାବାସ୍ୟାର ଘନ ଅନ୍ଧକାର ଭିତରେ, ତା' ମନ ମଇନା ଫଡ଼ ଫଡେଇ ଉଡୁଛି

Download Magazine from www.aahwaan.com

।ଜୀବନର ସଂଘର୍ଷପୂର୍ଣ୍ଣ ରାସ୍ତାର ପରିଣାମ କ'ଣ ଏଇୟା ... ? ସେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଡ଼ାକ୍ତରଖାନାରେ ନର୍ସଭାବେ ଯୋଗଦେଇ ଦରମା ବାବଦକୁ ଯାହାକିଛି ପାଇଛି, ତାହା ଅକୁଣ୍ଠିତ ଚିତ୍ତରେ ପରିବାରକୁ ଦେଇଦେଇଛି ।ଭାଇ ବେରୋଜଗାରିଆ, ମଦୁଆ, ଜୁଆଡ଼ି ହେଲେ ବି ଭାଇକୁ ଭକ୍ତି କରିବାରେ ପଛଘୁଞ୍ଚା ଦେଇନାହିଁ, ତାଙ୍କର ପ୍ରତି ଅନ୍ୟାୟ, ଅନୀତିକୁ ମଥାପାତି ସହିଛି ।ରୋଗଗ୍ରସ୍ତ ନନାବୋଉଙ୍କ ଫରମାଇସ୍ ପୂରଣ କରିଛି, ସେମାନଙ୍କ ସେବାରେ ବିନିଦ୍ର ରଜନୀ ଜାଗିଛି ।ପ୍ରତି ବଦଳରେ ଚାହିଁଥିଲା ଟିକିଏ ସ୍ନେହ, ପ୍ରେମ, ଆଦର ଓ ଆନ୍ତରିକତା ।

ପରିବାର କ'ଣ ତା' ପାଇଁ ଏଇ ଟିକିଏ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ପାରିନଥାନ୍ତା ? ସ୍ୱାର୍ଥ ସର୍ବସ୍ୱ ଦୁନିଆଁରେ ଅତି ନିଜର ଏଇ ପରିବାରଟି ମଧ୍ୟ ବାଦ୍ ଗଲା ନାହିଁ ।"ମୁଁ ତ କିଛି ଚାହିଁ ନଥିଲି ... ।କେବଳ ମାଗିଥିଲି ମୋ ହାତରେ ମୋ ଭଲ ପାଇବାଟାକୁ ଟେକିଦେବାକୁ ... ମୋ ଶପଥ ରକ୍ଷା କରିବାକୁ ... ।ବୟସର ମହାବେଦୀରେ ଆଞ୍ଜୁଳାଏ ପ୍ରେମ, ସ୍ୱପ୍ନର ସାତ ଆବରଣରେ ଗୁଡେଇ ରଖିଥିବା ଅମୂଲ୍ୟ ପ୍ରେମାମୃତକୁ ମୋ ପ୍ରେମିକର ପାଦତଳେ ଅଜାଡ଼ି ଦେବାକୁ ... ।ମାତ୍ର ମୋତେ ଅତି ନିରାଶ୍ରୟ ଭାବେ ଠକି ଦିଆଗଲା ।ମୋ ଭଲପାଇବାକୁ ବଂଶ ଇଜ୍ଜତ୍ର ଯୂପକାଠରେ ବଳିଦେବାର ହୀନ ପ୍ରଚେଷ୍ଟା କରାଗଲା ।କେହି ମୋ କଥାକୁ କର୍ଣ୍ଣପାତ କଲେ ନାହିଁ ।ଏପରିକି ଭାଉଜ ମଧ୍ୟ ।ତାଙ୍କର ସମସ୍ତ ଫରମାଇସ୍ ପୂରଣ କରିବାକୁ ଚେଷ୍ଟା କରିଛି ।ଭାଇ ମଦ ପିଇ ଫେରିବା ପୂର୍ବରୁ ରାତିରାତି ପାଖରେ ବସି ବୁଝାଇଛି, ଲୁହ ପୋଛିଚି ।ମାତ୍ର ଏବେ ଭାଉଜ ତାଙ୍କର ଲୁକ୍କାୟିତ ରୂପ ଦେଖାଇଛନ୍ତି ।ସ୍ୱାର୍ଥପର ଭାବରେ ଛୋଟବଡ଼ କାମ ସବୁ ଚାକରାଣୀ ପରି କରେଇ ନେଇଛନ୍ତି ।ସେଥିରେ ମଧ୍ୟ ସେ ଯେପରି ସନ୍ତୁଷ୍ଟ ନୁହଁନ୍ତି ।କଟା ଘା'ରେ ଚୂନ ଦେବାରେ ସେ ଓସ୍ତାଦ୍ ।" କେତେବେଳେ ଇୟାଡୁ ସିଆଡୁ ବାଧିଲାପରି କଥା କହନ୍ତି ଯାହାକି ହୃଦୟ ତନ୍ତ୍ରୀକୁ

 Download Magazine from www.aahwaan.com

ଥରାଇଦିଏ, ଝାଉଁଳିଯାଏ ମନ, ଆତର୍କିତ ଭାବରେ ବ୍ୟଥିତ ହୋଇଯାଏ ହୃଦୟ ।ବେଳେବେଳେ ଭାବେ ସବୁ ସ୍ୱପ୍ନ ଆଖି ସାମ୍ନାରେ ଇଙ୍ଗିତକରି କହୁଥାନ୍ତି, "ଆଲୋ ହୁଣ୍ଡି ! କେତେଦିନ ଆଉ ଏଠି ପଡି ରହି ଲୁହ ଗଡେଇବୁ ... ।ତୋର ପଥ ବାଛିନେ ... ତୋ ନିଜ ଲୋକକୁ ତୁ ତୋର ପୁଣ୍ୟ ମଲ୍ଲୀର ବାସ୍ନାରେ ବିମୋହିତ କରିବେ ।" କେଉଁ ଏକ ଅଦୃଶ୍ୟ ଉଦ୍ବୋଧନରେ ଶିହରି ଉଠେ ଶ୍ରାବଣୀ, ମନ ଗହନରେ ଶକ୍ତି ସଞ୍ଚାରିତ ହୁଏ, ମନେ ମନେ ପ୍ରୟାସ କରେ ।ଭୟଭିତରେ ବୁଡିରହେ ମନ, ହେଲେ କାଳେ ପରିସ୍ଥିତି ବିଷମ ହେବ ଭାବି ଅପସରିଯାଏ ।ଆଖିରୁ ଝରିପଡ଼େ ଅବାରିତ ଲୁହଧାରା ... ।ଏଇ ... ମନ ଗହନରେ ଅକୁହାକଥା, କିଛି ବ୍ୟଥା, କିଛି ସ୍ମୃତିକୁ ସାଉଁଟି ମନ ବିଚଳିତ, ହୃଦୟ ବିଚଳିତ ହୋଇଛି ସିନା କିଛି ଗୋଟାଏ କରିବାର ଜୁଟୁ ନାହିଁ ।ସମାଜର କୁଢ଼ କୁଢ଼ ତାସ୍ଛଲ୍ୟ, ପରିହାସ, ନିନ୍ଦା ଓ ଅପବାଦ ଆଜି ମଧ୍ୟ ତା'ର ମନ ହୃଦୟକୁ ଦଗ୍ଧ କରେ ।ମନ ଗହନର ଅକୁହା ବେଦନାକୁ ହାତ ପାଆନ୍ତାରେ ଗୋଟି ଗୋଟି ହୋଇ ଝରିପଡ଼େ ।ହୃଦୟରେ ଜମାଟ ବାନ୍ଧିଥିବା ଅସରନ୍ତି ଅକୁହା ବେଦନାକୁ ଶତଚେଷ୍ଟା କରିମଧ୍ୟ ଟାଣି ଓଟାରି କାଢ଼ି ପାରେନି ।ତାହା ଯେମିତି ଦୃଢ଼ ଭାବରେ ଟାଣି ଧରିଛି ।ମନରେ ଗ୍ଲାନି ଓ ହାତାଶକୁ ବଞ୍ଚ୍ ଚବା ହିଁ ସାର ।ସାହା ଭରସା ତାହା ପାଇଁ ସାତ ସପନ ।

ଅନ୍ଧକାର ଦୂରୀଭୂତ ହୋଇଯାଇଛି ।ଧୀରେ ଧୀରେ ଲିଭିଯାଇଛି ପୁରୀ ସହରର ଆଲୋକମାଳା ।ସକାଳର ସୂର୍ଯ୍ୟ ଉଠି ଉଠି ଆସୁଛି ।ଫିଟିଫିଟି ଯାଉଛି ମାର୍ଗଶୀରର ଭିଜାଭିଜା କୁହୁଡ଼ିର ଘେର ... ।ବ୍ୟର୍ଥ ନାୟିକାର ଦୀର୍ଘ ଶ୍ୱାସକୁ ହୃଦୟରେ ଚାପି ବାସର ଶଯ୍ୟା ତଳକୁ ଖସିଆସିଛି ଶ୍ରାବଣୀ ।ଶୂନ୍ୟ ଶଯ୍ୟାରେ ଅବଶ ଶରୀରଟାକୁ ଲୋଟାଇ ସବୁ ଦୁଃଖ, ଶୋକ, କ୍ଳେଶକୁ ଭୁଲିଯିବାକୁ ଚାହିଁଲେ ମଧ୍ୟ ପାରୁନି ।ତା'ର ଦେହ ଓ ମନ କାହାରି ଦୃଢ଼ ଆଲିଙ୍ଗନ ପାଇଁ ବ୍ୟାକୁଳିତ ହେଲେ ମଧ୍ୟ ସେଥିରୁ କଷ୍ଟେ ମଷ୍ଟେ ଫେରାଇ ଆଣି

Download Magazine from www.aahwaan.com

ଗଭୀର ଦୁଃଖରେ ମନ କ୍ଷତାକ୍ତ, ରକ୍ତାକ୍ତ ହୋଇଯାଇଛି ।

ବାସର ଶଯ୍ୟାର ମିଳନ ପୁଷ୍ପ ନିକୁଢ଼େଇ ଉପହାସ କରୁଛନ୍ତି ।କହୁଛନ୍ତି - ... "ଏ ଶ୍ରାବଣୀ ... ତୁ ସମ୍ପୂର୍ଣ୍ଣରୂପେ ହାରିଯାଇଛୁ ।ତୋ ଜୀବନ ନୌକାଟି ଆରକୂଳ ଧରିଲାଣି ।ସାବିତ୍ରୀ ଆଜି ସେ ଜୀବନ ନୌକାର ମାଲିକାଣୀ ।ତୁ ହାରିଗଲୁ ... ।ନିହାତି ଅସହାୟ ଭାବରେ ... " ହଠାତ୍ ଶ୍ରାବଣୀ ବିଳିବିଳେଇ ଉଠି କହି ପକାଇଲା, "ନା ... ନା ... ମୁଁ ହାରିଯିବିନି ।ଶ୍ରାବଣୀ କେବେ ହାରିପାରେନା" ଆଜି ସେ ନିଜେ ନିଜର ଫଇସଲା କରିବ କହି ଆଗକୁ ପାଦ ବଢ଼ାଇଲା ।... ।ପଛକୁ ଶୁଭୁଥାଏ ଏ ବୋହୂ ... ବୋହୂ ... ତୁ କୁଆଡ଼େ ଯାଉଛୁ ।ଧୀରେ ଧୀରେ ସେ ସ୍ୱର ଆଉ ଶୁଭୁନଥିଲା ।ପବନରେ ଧୀରେ ଧୀରେ ମିଳେଇଗଲା ।ଶ୍ରାବଣୀ ଚାଲିଯାଇଥିଲା ଦୂରକୁ ... ବହୁ ଦୂରକୁ ...।

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ – ୭୬୨୦୦୧, ଜିଲ୍ଲା : କନ୍ଧମାଳ (ଓଡ଼ିଶା)
ମୋ : ୯୪୩୭୭୬୫୨୭୫, ଇମେଲ୍ : arunpatra21171@gmail.com

Download Magazine from www.aahwaan.com

# ଖାଣ୍ଟି ମଣିଷ



ରାଜଲକ୍ଷ୍ମୀ ସାମଲ

ଘରଠୁ ଏକ କିଲୋମିଟର ଦୂର କଲେଜ ।ଆମେ ଚାରି ଜଣ ସାଙ୍ଗ ସବୁଦିନେ ଚାଲି ଚାଲି କଲେଜ୍ ଯାଉ ।ଆମ ଯିବା ରାସ୍ତାରେ ଥାଏ ଗୋଟେ ବରଗଛ ଓ ତା ପାଖରେ ଗୋଟେ ଛୋଟ ତାରିଣୀ ମନ୍ଦିର ।ସେଇ ମନ୍ଦିର ପାଖରେ ସବୁବେଳେ ବସି ରହିଥାଏ ଗୋଟେ ପାଗଳା ।ଚୁପ୍‌ଚାପ୍ ବସି ରହି ଏଣେତେଣେ ମିଟିମିଟି କରି ଚାହିଁ ରହେ ଓ ପାଟି ପାକୁ ପାକୁ କରୁଥାଏ ଅହରହ ।କିନ୍ତୁ ସେ ପାଟିରୁ କେବେ କିଛି ଶବ୍ଦ ବାହରିଥିବାର ମୁଁ ଶୁଣିନି ।

ସେଦିନ ତାକୁ କିଏ ବୋଧେ ବହୁତ ବାଡ଼େଇ ଥିଲା କି କ'ଣ, ଦେହରେ ଠାଏ ଠାଏ ରକ୍ତ ଚିହ୍ନ ଲାଗିଥିଲା ଓ ତାହା ଖଣ୍ଡେ ଦୂରକୁ ସ୍ପଷ୍ଟ ଦେଖା ଯାଉଥିଲା ।ଓଃ.. ସେ ନିଷ୍ଠୁର ଲୋକଟା କିଏ କେଜାଣି, ଯିଏ ପାଗଳାଟାକୁ ଏପରି ବାଡ଼େଇଛି ।ରାଗରେ ଲୋକଟା ଉଦ୍ଦେଶ୍ୟରେ ଦି ଚାରିଟା ଗାଳି ବାହାରିଗଲା ମୋ ମୁହଁରୁ ।କିନ୍ତୁ କେବଳ ମନେମନେ ।

ପାଗଳାଟିର ଯନ୍ତ୍ରଣା ଦେଖି ସହି ହେଲାନି ମୋ ପକ୍ଷେ ।ଯେତେହେଲେ ବି ତ ସେ ମଣିଷ ।ପାଗଳା ପାଖକୁ ଯାଇ ପର୍ସ ଭିତରୁ ଗୋଟେ ପେନ୍‌କିଲର୍ ମଡିସିନ୍ ବାହାର କରି ତାକୁ ଦେଲି ଓ ତା ସହିତ ତାକୁ କିଛି ଟଙ୍କା ଦେଇ କହିଲି , ନେ, ଏ ଟଙ୍କାରେ କିଛି କିଣି ଖାଇଦେବୁ ।ବାଧ୍ୟ ଶିଶୁଟି ପରି ସେ ଟଙ୍କା ନେଇ ଚାଲିଗଲା ।

ସେ ହୁଏତ ଟଙ୍କା ନେବା ପରେ ମୋତେ ଭୁଲି ଯାଇଥିବ କି କ'ଣ ମୁଁ ଜାଣିନି, ହେଲେ ଖଣ୍ଡିଆ ଖାବରା ଦେହ ଓ ରକ୍ତ ଛିଟା କଥା କିନ୍ତୁ ଘୁରୁଥିଲା ମୋ ମୁଣ୍ଡ ଭିତରେ ସେ ଦିନ ସାରା ।କଲେଜ୍ ପାଠରେ ମୁଁ ଜମା ବି ଧ୍ୟାନ ଦେଇ ପାରିଲିନି ।

 Download Magazine from www.aahwaan.com

ତା'ପର ଦିନ ଠାରୁ ସବୁ ଦିନ ଦେଖା ହୁଏ ତା ସହ କଲେଜ୍ ଯିବା ବାଟର ସେହି ଛୋଟ ମନ୍ଦିର ପାଖରେ ।ଇତି ମଧ୍ୟରେ ମୋ ପକେଟ୍ ମନିରୁ ଅଧା ଭାଗ ତାର ହୋଇ ଯାଇଥିଲା ।ତା ପାଇଁ ଥିବା ମୋ ସମ୍ବେଦନା ଯୋଗୁ ସାଙ୍ଗମାନେ ସବୁବେଳେ ଟାହି ଟାପରା କରନ୍ତି ମୋତେ ।ଘରେ ବି ସବୁବେଳେ ଗାଳି ଶୁଣେ ସେ ପାଗଳାଟା ପାଇଁ ।ବୋଉ ତ ସବୁବେଳ ମୋତେ ଆକଟ କରୁଥାଏ, ସେ ପାଗଳା ଠାରୁ ଦୂରେଇ ରହିବା ପାଇଁ ।ହେଲେ କିଛି ବି ଶୁଣେନି ମୁଁ ।କାହିଁକି କେଜାଣି ତା ଠାରୁ ଜମା ବି ଦୂରେଇ ରହିପାରେ ନାହିଁ ।ତା ପାଇଁ ମୋ ମନ ଭିତରେ ଅଜସ୍ର ସ୍ନେହଁ ଉଛୁଳି ପଡ଼େ ।ତାକୁ ମୋ ସାଙ୍ଗମାନେ ପାଗଳା କହିଲେ, ମୋ ମନ ଭିତରଟା ବିଦ୍ରୋହ କରିଉଠେ ।ତାକୁ ଛୋଟୁ ବୋଲି ଡାକିବାକୁ ସମସ୍ତଙ୍କୁ ତାଗିଦ୍ କରେ ।

ଛୋଟୁ ମୋତେ ଅପେକ୍ଷା କରି ରହିଥାଏ ପ୍ରତିଦିନ ।ମୁଁ ତା ସହିତ କଥା ନହେଲେ କି ତାକୁ ପଇସା ନଦେଲେ ସେ ଆର ଦିନ ଗାରୁଗାରୁ ହୋଇ କ'ଣ ସବୁ ମନେ ମନେ କୁହେ ।କିନ୍ତୁ ଦିନେ ବି ତାର ବଡ଼ ପାଟି ମୁଁ ଶୁଣିନି ।ଯେତେ ଯିଏ ତାକୁ କହିଲେ କି ତା ସହିତ ଲାଗିଲେ ବି କାହାକୁ କିଛି ବି ଜବାବ୍ ଦିଏନି ସେ ।

ଦିନେ ମୁଁ କଲେଜ୍ର ପ୍ରାକ୍ଟିକାଲ୍ କ୍ଲାସ୍ରୁ ଏକା ଫେରୁଥାଏ ।ମୋ ସହିତ ସାଙ୍ଗମାନେ ନଥିଲେ ସେଦିନ ।ଦିନ ପ୍ରାୟ ବାରଟା ପାଖାପାଖି ହେବ ।ପାଗଳାଟା ଝପଟି ଆସିଲା ମୋ ଆଡ଼କୁ ।ମୁଁ ହଠାତ୍ ଡରିଗଲି ତାର ଏପରି ବ୍ୟବହାରରେ ।ଦୁଇହାତକୁ ଆଗକୁ ଠାରୁ ସେ ଯେମିତି ମୋତେ କ'ଣ ଗୋଟେ ଇଙ୍ଗିତ କରୁଥିଲା ।ତାର ଏମିତି ହାବଭାବରେ ଡରିଯାଇ ଛାନିଆ ହୋଇ ମୁଁ ଦୌଡ଼ିବାକୁ ଲାଗିଲି ।ସେ ବି ଦୌଡ଼ିଲା ମୋ ପଛେପଛେ ।ମୁଁ ପଡ଼ି ଉଠି ଦୌଡୁଥିଲି ।ସେ ବି ଦୌଡୁଥିଲା ମୋ ପଛରେ ।ମନେ ମନେ ତେତିଶ୍ କୋଟି

Download Magazine from www.aahwaan.com

ଦେବାଦେବୀଙ୍କୁ ପ୍ରାର୍ଥନା କରୁଥିଲି ମୁଁ ।ମୋ ସ୍ନେହଁ ମମତାର କ'ଣ ଏମିତି ମୂଲ ଦେଲା ଏ ପାଗଳା, ଏକଥା ଭାବି ଭାବି ମୁଁ ଆମ ଗାଁ ଦିଗରେ ଦୌଡ଼ୁଥିଲି ଅଣନିଶ୍ୱାସୀ ହୋଇ ।ବିଲ, ରାସ୍ତା ଟେକା ଭୂସା ସବୁ ପାର୍ ହୋଇ ପ୍ରାଣ ବିକଳରେ ଦୌଡି ଦୌଡ଼ି ଗାଁ ମୁଣ୍ଡରେ ପହଂଚି ଦୁମ୍ କରି ପଡ଼ିଗଲି ମୁଁ ।ଉଠିବାକୁ ମୋର ଆଉ ବଳ ନଥିଲା ।ଆଖି ଯୋଡ଼ିକ ବୁଜି ହୋଇଯାଉଥିଲା ମୋର ।ପାଗଳାଟା ସେମିତି ମୋ ପାଖରେ ପହଂଚି ରଡ଼ି ଛାଡୁଥିଲା ।ତା'ପରେ କ'ଣ ହୋଇଥିଲା ମୁଁ ଜାଣିନି ।

କିଛି ସମୟ ପରେ ମୁଁ ନିଜକୁ ଆବିଷ୍କାର କଲି ମେଡ଼ିକାଲ୍ ବେଡ୍ରେ ।ମୋତେ ଘେରି ରହିଥିଲେ ବାପା, ବୋଉ ଓ ଆଉ କେତେଜଣ ସାଙ୍ଗ ।କାନ୍ଦି କାନ୍ଦି ତ ବୋଉର ଆଖି ଫୁଲି ଯାଇଥିଲା ।ଡାକ୍ତର ବାବୁ ବି ଠିଆ ହୋଇଥିଲେ ମୋ ପାଖରେ ।ମୋର ହୋସ୍ ଆସିବା ପରେ ସମସ୍ତେ ଟିକେ ଖୁସି ଦେଖାଯାଉଥିଲେ ।ମୋ ଗୋଡ଼ ହାତ ସବୁ ଖଣ୍ଡିଆ ଖାବର ହୋଇଯାଇଥିଲା ।ତିନି ଚାରି ଜାଗାରେ ବ୍ୟାଣ୍ଡେଜ୍ ବି ବନ୍ଧା ହୋଇଥିଲା ।

ବୋଉ ଠାରୁ ଶୁଣିଲି ଯେ, ମୁଁ ପଡ଼ିଗଲା ପରେ ଗାଁ' ଲୋକମାନେ ପହଂଚିଗଲେ ମୋ ପାଖରେ ଓ ସେ ପାଗଳାକୁ ବହେ ବାଡ଼େଇ ମୋତେ ମେଡ଼ିକାଲ୍କୁ ଆଣିଲେ ।

ବାପା' ସେ ପାଗଳାକୁ ଥାନାରେ ଦେବାକୁ କହିବାରୁ ମୁଁ ମନା କଲି ।ହେଲେ ମୋ କଥା କେହି ଶୁଣିଲେନି ।ଓଲଟି ମୋ ଉପରେ ଗାଳି ବର୍ଷା ହେଲା ।

ପ୍ରାୟ ପନ୍ଦର ଦିନ ପରେ ସୁସ୍ଥ ହୋଇ ମୁଁ କଲେଜ୍ ଗଲି ।ମୋ ମନ ଭିତରେ ଗୋଟିଏ ଚିନ୍ତା ଭଉଁରୀ ଖେଳୁଥାଏ, କାହିଁକି ଛୋଟୁ ଏମିତି କଲା ।ଛାଡ଼.. ସେ ତ ଏବେ ଜେଲ୍ରେ ।ସେକଥା ଆଉ ଭାବି ଲାଭ କ'ଣ ।ତଥାପି ବି ମୋ ମନ ଭିତରଟା କାହିଁକି ଜମାରୁ ବି ଭଲ ଲାଗୁନଥାଏ ।

Download Magazine from www.aahwaan.com

ପରଦିନ ସାଙ୍ଗମାନଙ୍କ ସହ ମନ୍ଦିର ଭିତରକୁ ଯାଇ ମୁଣ୍ଡିଆ ମାରିଲି ।ପାଗଳାଟା ସେ ଗଛ ମୂଳେ ହାତ ଯୋଡ଼ି ବସିଥିବାରୁ ଦେଖି ମୁଁ ହଠାତ୍ ଆଶ୍ଚର୍ଯ୍ୟ ହୋଇଗଲି ।

ପୂଜାରୀ କକା କହିଲେ, ପାଂଚ ଦିନ ହେଲା ଜେଲ୍ରୁ ଆସିଲାଣି ସେ ।ଆସିଲା ଦିନୁ କିଛି ଖାଉନି କି ପିଉନି ।କେବଳ ଠାକୁରାଣୀଙ୍କୁ ଚାହିଁ ହାତ ଯୋଡ଼ି ବସିଛି ।

ମୋତେ ଦେଖି ଛଳଛଳ ଆଖିରେ ହସିଦେଲା ସେ ।କହିଲା ଦିଦି, ସେଦିନ ମୁଁ ତୁମକୁ କିଛି କହିବାକୁ ୁଚାହୁଁଥିଲି ।ତୁମକୁ ମାରିବାକୁ କି ତୁମର ଅନିଷ୍ଟ କରିବାକୁ ଚାହୁଁ ନଥିଲି ।

ତା଼ କଥା ମୁଁ ଆଉ ଶୁଣିବାକୁ ଚାହୁଁନଥିଲି ।ସେଠୁ ପଳେଇ ଆସିବାକୁ ବାହାରିଲି ।

ପୂଜାରୀ କକା କହିଲେ, ମା଼ରେ ସେ କ଼ଣ କହୁଛି, ତା କଥା ଟିକେ ଶୁଣ ।

ମୁଁ ଓ ମୋ ସାଙ୍ଗମାନେ ପାଗଳାର କଥା ଶୁଣିବାକୁ ଟିକେ ଦୂରେଇ ଠିଆ ହେଲୁ ।ସେ ଯାହା କହିଲା ମୋ ମୁଣ୍ଡଟା ପୁରା ଘୁରେଇ ଦେଲା ।

-ପାଖ ଗାଁ଼ର କିଛି ବଦ୍ମାସ୍ ଟୋକା ସେଦିନ ତୁମ ସହ ଖରାପ ବ୍ୟବହାର କରିବେ ବୋଲି କଥା ହେଉଥିଲେ ।ମୁଁ ଶୁଣିଦେଲି ।ତେଣୁ ତୁମକୁ କହିବି ବୋଲି ତୁମ ପାଖକୁ ଦୌଡ଼ି ଦୌଡ଼ି ଯାଉଥିଲି ।ତୁମେ ମୋତେ ଡରିକି ଦୌଡ଼ିଲ ।ସେ ପିଲାମାନେ ବି ମୋତେ ମାରିବାକୁ ମୋ ପଛେ ପଛେ ଗୋଡାଉଥିଲେ ।ମୁଁ ବି ଆଉ କ଼ଣ କରିଥାନ୍ତି ଯେ, ମୁଁ ବି ଦୌଡ଼ିଲି ।ଭାବିଲି ଦୌଡ଼ି ଦୌଡ଼ି ତୁମେ ଗାଁ଼ରେ ପହଂଚିଗଲେ ରକ୍ଷା ପାଇଯିବ ।ହେଲେ ସେଠି ସବୁ କଥା ଓଲଟା ହୋଇଗଲା ।ଗାଁ଼ ଲୋକମାନେ ମୋତେ ମାରି ମାରି ଜେଲ୍ରେ ପୁରେଇ ଦେଲେ ।ପୂଜାରି କକା ମୋତେ ଜେଲ୍ରୁ ମୁକୁଳେଇ ଆଣିଲେ ।ମୁଁ ପଛେ ମାଡ଼ ଖାଏ ଦିଦି, ହେଲେ ସେ ପିଲାମାନେ ତୁମର କିଛି କ୍ଷତି କରିପାରିନାହାନ୍ତି, ସେତିକି ମୋ ପାଇଁ ଯଥେଷ୍ଟ ।

ପାଗଳାଟାର କଥା ସରିବା ପରେ ପୂଜାରୀ କକା କହିଲେ, ପାଖ ଗାଁ଼ର ସେ ବଦ୍ମାସ୍

 Download Magazine from www.aahwaan.com

ପିଲାମାନେ ଆସି ତାକୁ ବହେ ମାରିଲେ ।ମୁଁ ଆସିବା ଦେଖି ଛାଡ଼ିକି ପଳେଇଲେ ।ତୁମ ଦେହ ଖରାପ ଶୁଣି ପାଂଚ ଦିନ ହେଲା ଠାକୁରାଣୀଙ୍କ ପାଖରେ ଅଧିଆ ପଡ଼ିଛି ।କହୁଛି, ଦିଦି ମା'କୁ ଦେଖିଲେ ଖାଇବ, ନହେଲେ ନାହିଁ ।

ମୋ ଆଖି ସେତେବେଳକୁ ଲୁହରେ ଭିଜି ଗଲାଣି ।ତା ପାଖକୁ ଯାଇ ତା ମୁଣ୍ଡ ଆଉଁସି କହିଲି, କିଏ କହିଲା, ତୁ ପାଗଳା ବୋଲି, ତୁ ତ ଗୋଟାଏ ଖାଂଟି ମଣିଷ ।

ତାକୁ ଆଣି ସିଧା ଘରକୁ ଆସିଲି ।ଆଜି ଜୀବନର ଏକ ମହାନ ପାଠ ସେ ପାଗଳା ଠାରୁ ମୁଁ ପଢ଼ିଥିଲି ।ମୋର ଟିକିଏ ସ୍ନେହଁ ପାଇ, ସେ ତା ଜୀବନକୁ ବାଜିରେ ଲଗେଇ ଦେଲା ।ସତରେ ସ୍ନେହଁ, ମମତା ଓ ପ୍ରେମ ପାଖରେ ସବୁ ଅସମ୍ଭବ ବି ସମ୍ଭବ ହୋଇପାରେ ।

ବୋଉ ଓ ବାପା ସବୁ ଶୁଣି କାଠ ପାଲଟି ଯାଇଥିଲେ ।

ବୋଉକୁ ହଲେଇ ଦେଇ କହିଲି, ଦେଖ୍ ବୋଉ ତୋ ପକେଟ୍ ମନିର ଅଧା ଭାଗ ଖାଇଥିବା ଗୋଟେ ଚୋଖା ପୁଅ ତୋତେ ଗିଫ୍ଟରେ ଦେଲି ।

ବାପା ଦୁଃଖର ସହ ତା ହାତ ଧରି କ୍ଷମା ମାଗୁଥିଲେ ।ସେ କହୁଥିଲା, ମୋ ଦିଦି ମା' ମୋ ପାଇଁ ଠାକୁରାଣୀ ।ସମସ୍ତେ ପାଗଳା କହି ମୋତେ ଦୂର୍ଦୂର୍ ମାର୍ମାର୍ କରୁଥିବା ବେଳେ ସେ ମୋତେ ଗୋଟେ ମଣିଷ ଭାବେ ଦେଖିଥିଲେ ।ସତ କହିଲେ ବାବୁ, ମୋ ସହିତ ବି ଏ ଦୁନିଆରେ ସମସ୍ତେ ପାଗଳ, କେବଳ ମୋ ଦିଦି ମା' ହିଁ ଜଣେ ଖାଂଟି ମଣିଷ ।

 Download Magazine from www.aahwaan.com

# ବିଶ୍ୱାସରେ ବିଷ



ମଧୁସ୍ମିତା ପଟ୍ଟନାୟକ

'ଯଦି କିଛି ଖରାପ ନ ଭାବନ୍ତି ବାବୁ ଗୋଟେ କଥା ପଚାରିବି...' ଓମଫେଡ ବୁଥରେ କାମ କରୁଥିବା ନରହରି ନାମକ ପିଲାଟି ମୁହଁରୁ ଏଭଳି କଥା ଶୁଣି ଚମକି ପଡିଲେ ମନ୍ମଥବାବୁ ।

କ'ଣ ସେ ପଚାରିବ ମତେ..? ସବୁ ମାସରେ କ୍ଷୀର ଟଙ୍କାତ ଠିକରେ ଆସି ଦେଇ ଯାଉଛି ତାକୁ.. ଟଙ୍କା ଦେବାରେ କିଛି ଭୁଲ ହେଇଯାଇଛି କି..? ମନେ ପକେଇବାକୁ ଚେଷ୍ଟା କରୁଥାନ୍ତି ମନ୍ମଥବାବୁ ।ହେଲେ ସେମିତି କିଛି ତାଙ୍କର ମନେ ପଡୁ ନଥାଏ ।ତଥାପି ନିଜ ମନର କଥାକୁ ମନ ଭିତରେ ରଖି କହିଲେ, 'ଆରେ କ'ଣ ପଚାରିବୁ ପଚାରୁନୁ !'

"ଆଜ୍ଞା, ଆପଣଙ୍କ ଘରେ କ'ଣ କେହି ଚା' ପିଅନ୍ତିନି କି ?'

ସମସ୍ତେ ପିଅନ୍ତି.. ରମା ପରା ସବୁଦିନ ତୋ ବୁଥୁ କ୍ଷୀର ନେଇ ଘରକୁ ଆସିଲେ ଆଗ ଚା' ବନାଏ.. ହେଲେ ତୁ ଏମିତି କାହିଁକି ପଚାରୁଛୁ ?

'ନାଇଁ ଯେ..ମୁଣ୍ଡ କୁଣ୍ଡେଇ କୁଣ୍ଡେଇ କହିଲା..ଆପଣଙ୍କ ଘରେ କାମ କରୁଥିବା ସେଇ ସ୍ତ୍ରୀ ଲୋକଟି କ'ଣ ଚା' ପିଏନି କି ?'

'ଆରେ ! ସେ ଚା' ବନାଏ ।ସମସ୍ତଙ୍କ ସହ ମିଶି ଚା' ଆଉ ଜଳଖିଆ ମଧ୍ୟ ଖାଏ ।କିନ୍ତୁ ତୁ ଏମିତି କାହିଁକି ପଚାରୁଛୁ ଆଗ କହିଲୁ..' ଟିକେ ବିରକ୍ତ ହୋଇ ପଡିଲେ ମନ୍ମଥବାବୁ ।

ଆପଣ ବାବୁ ରାଗୁଛନ୍ତି କାହିଁକି ଯେ ! ସେଇ ସ୍ତ୍ରୀ ଲୋକଟି ଏଠି ପାଞ୍ଚଟଙ୍କିଆ କଏନ୍‌ଟେ

Download Magazine from www.aahwaan.com

ଦେଇ ଆଗ ଚା’ ପିଏ ।ତାପରେ କ୍ଷୀର ନେଇକରି ଯାଏ ବୋଲି ପଚାରି ଦେଲି ।ମୁଁ ଭାବେ ଆପଣ ବୋଧେ ତାକୁ ପ୍ରତ୍ୟେକ ଦିନ ଚା’ ପିଇବା ପାଇଁ ପଇସା ଦେଉଛନ୍ତି ।

‘କ’ଣ କହିଲୁ ନରହରି..? ରମା ଏଠି ସବୁଦିନ ଚା’ ପିଉଛି..ପୁଣି ଘରେ ମଧ୍ୟ ପିଉଛି..! ଆଚ୍ଛା କଥା..!!’ ମନ୍ମଥନବାବୁ ଟିକେ ଚିନ୍ତାରେ ପଡିଗଲେ ।

‘ମିଛ କାହିଁକି କହିବି ବାବୁ ! ସବୁ ଦିନ ଆସିବ ଏବଂ ପାଞ୍ଚଟଙ୍କିଆ କଏନ୍‌ଟେ ବଢେଇ ଦେଇ ଚା’ କପେ ମାଗିବ ।’

‘ପାଞ୍ଚଟଙ୍କିଆ କଏନ୍..!’ ଶୁଣି ମନ୍ମଥନବାବୁଙ୍କର ହଠାତ୍ କ’ଣ ଗୋଟେ ମନେ ପଡିଗଲା ।ସେଠୁ ତରତର ହୋଇ ଦୌଡିଲେ ଘରକୁ ।ଘରେ ପହଞ୍ଚି ସିଧା ପଶିଗଲେ ନିଜ ଶୋଇବାଘରେ ।ଦୌଡି ଯାଇ ଥାକରୁ ଡବାଟା ଏକ ରକମ ଭିଡି ଆଣି ଖୋଲି ଦେଲେ ।ଡବାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।ପାଟିରୁ ସାଙ୍ଗେ ସାଙ୍ଗେ ବାହାରି ପଡିଲା,’ ହାୟେ ରେ’! ମୋ ପାଞ୍ଚଟଙ୍କିଆ କଏନ୍..!! ଏଇ ରମା ତା’ହେଲେ ଏଠୁ ମୋ କଏନ୍ ଚୋରି କରୁଛି.., ଦୋଉଛି ଆଜି ତାକୁ ପାନେ..କହି ମୁଣ୍ଡରେ ହାତଟା ଦେଇ ଚୁପ୍‌ଚାପ୍ ଖଟରେ ବସି କିଛି ଚିନ୍ତା କରିବାକୁ ଲାଗିଲେ ।

ମନ୍ମଥନବାବୁ ହେଲେ ରିଟାୟର୍ଡ ଲୋକ ।ଘରେ ଖାଲି କାହିଁକି ବସି ରହିବେ ବୋଲି ସବୁ ଦିନ ବଜାରହାଟର କାମଟା ସେ କରନ୍ତି ।ତେଣୁ ପ୍ରାୟ ଦିଚାରିଟା ପାଞ୍ଚଟଙ୍କିଆ କଏନ୍ ଖୁଚୁରା ମିଳିଯାଏ ।କେବଳ ସେଇ ପାଞ୍ଚଟଙ୍କିଆ କଏନ୍ ଗୁଡିକୁ ସେଇ ଡବା ଭିତରେ ଗଳେଇ ଦିଅନ୍ତି ।କେବେ ଖୋଲିକରି ଦେଖନ୍ତି ନି କି ଗଣନ୍ତିନି ।ବହୁ ଦିନର ପୁରୁଣା ଅଭ୍ୟାସ ।ନିଜ ନାତିନାତୁଣୀଙ୍କୁ ମଧ୍ୟ ଏମିତି ଟଙ୍କା ସଞ୍ଚୟ କରି ରଖିବା ଶିଖେଇ ଦେଇଛନ୍ତି ।ଇତି ମଧ୍ୟରେ ତାଙ୍କର ଡବାଟା ପୁରି ଆସିବା କଥା ।ହେଲେ ଡବାରେ ଅଧାରୁ କମ୍ ଟଙ୍କା ଅଛି ।

Download Magazine from www.aahwaan.com

ସେ ଦିନ ତମାମ ଜଗି ଜଗି ରହିଲେ ରମାକୁ; କିନ୍ତୁ ସେଦିନ ସେ ଆଉ କାମକୁ ଆସିଲା ନାହିଁ ।ତା'ପର ଦିନ କାମକୁ ଆସିଲା ।ଘରେ ସେତେବେଳେ ନାତିନାତୁଣୀ ଦୁଇଜଣଙ୍କୁ ଛାଡି ଦେଲେ ଆଉ କେହି ନଥାନ୍ତି ।ରମା ଆସିବା ମାତ୍ରେ ତା' କାମରେ ଲାଗି ପଡିଲା ।ମନ୍ମଥବାବୁ ତାକୁ କିଛି ନ କହି ଚୁପ୍‌ଚାପ୍ ପେପର ପଢୁଥାନ୍ତି ।ରମା ତାଙ୍କ ଶୋଇବାଘରକୁ ସଫାକରିବା ପାଇଁ ଗଲାବେଳେ ସେ ତା' ଉପରେ ନଜର ରଖିଥାନ୍ତି ।ଯାହା ଦେଖିଲେ ତାଙ୍କ ଭିତରେ ଥିବା ସନ୍ଦେହ ଭାବଟା ମଧ୍ୟ ଦୂର ହୋଇଗଲା ।ଆକାଶରୁ କଳା ବାଦଲ ହଟିଗଲା ପରି ସବୁ କିଛି ସ୍ପଷ୍ଟ ହୋଇଗଲା ।କାରଣ ରମା ବଡ ସତର୍କତାର ସହିତ ଡବାରୁ କଏନ୍‌ଟେ କାଢି କାନିରେ ବାନ୍ଧି ଅଣ୍ଟାରେ ଖୋସି ଦେବାର ଦେଖିଲେ ମନ୍ମଥବାବୁ ।

ଓଳା ପୋଛା,ବାସନ ମଜା ଆଦି କାମ ସାରି ଆସି କହିଲା, 'ମୁଁ କ୍ଷୀର ଆଣିବା ପାଇଁ ଯାଉଛି ।ଆପଣ ଟିକେ ଘର ଉପରେ ନିଘା ରଖିଥିବେ, କହି ବୁଲି ପଡିଲା ବେଳେ ମନ୍ମଥବାବୁ ତାକୁ ପଚାରିଲେ,ଆଚ୍ଛା ରମା, ତୁ ସେ ଡବାରୁ ପାଞ୍ଚ ଟଙ୍କିଆ କଏନ୍ କାଢି ନେଉଛୁ କି ?'

ଅଚାନକ ଏମିତି ଗୋଟେ ପ୍ରଶ୍ନର ସାମ୍ନା କରିବାକୁ ପଡିବ ତାହା ରମା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ।ତାକୁ ତ ଚା' ପିଆ ନିଶା ଲାଗିଥିଲା ।ସେଥିପାଇଁ ସେ ଯେଉଁ ବାଟଟା କାଢିଥିଲା ଯେ ଲୋକେ ଜାଣି ଗଲେଣି ଜାଣି ଚମକି ପଡିଲା ।କି ଉତ୍ତର ଦେବ ସେ.. ? କିନ୍ତୁ କଥାରେ ଅଛି ପରା ଚୋର ମୁହଁ ଭାରି ଟାଣ୍ ।ତେଣୁ ନିଜକୁ ବଞ୍ଚେଇବା ପାଇଁ ବଡ ଦମ୍ଭରେ କହିଲା, 'ମୁଁ କାହିଁକି ତମ ଡବାରେ ହାତ ମାରିବି ବାବୁ ? ଆଉ କିଏ ହାତ ମାରୁଥିବ ଆପଣଙ୍କ ଡବାରେ...'

ମନ୍ମଥବାବୁ ଆଉ କିଛି ନ କହି ପକେଟ୍ରୁ ଟଙ୍କା କାଢି ତା' ହାତକୁ ବଢେଇ ଦେଇ

Download Magazine from www.aahwaan.com

କହିଲେ, 'ଏଇ ନେ ତୋର ଏ ମାସର ଦରମା ।କାଲିଠୁ ଆଉ କାମକୁ ଆସିବା ଦରକାର ନାହିଁ ।'

'ମୁଁ କିଛି ଭୁଲ୍ କରି ଦେଇଛି କି ବାବୁ..' ଟିକେ ଡରି ଡରି ପଚାରିଲା ରମା ।

'କି ଭୁଲ୍ କରିଛୁ ତାହା ତୁ ଭଲ ଭାବରେ ଜାଣିଛୁ ।ଯଦି ସତ କଥା କହି ଦେଇଥାନ୍ତୁ ତେବେ ମୁଁ ତତେ କାମରୁ ବାହାର କରି ନଥାନ୍ତି ।ଏ ଘରର ସମସ୍ତେ ତତେ ବହୁତ ଭରଷା କରନ୍ତି ।କିନ୍ତୁ ଆଜି ସେ ବିଶ୍ୱାସ ଓ ଭରଷା ତୁ ନିଜେ ହିଁ ଭାଙ୍ଗି ଦେଲୁ ।ଏ ବିଷୟରେ ମୁଁ କାହାକୁ କିଛି କହିବିନି ।କିନ୍ତୁ ତୁ ଆଉ ଏଠି କାମ କରିପାରିବୁ ନାହିଁ ।'

ଲଜ୍ଜା ଓ ଦୁଃଖରେ ତା' ମୁହଁ ତଳକୁ ହୋଇ ଯାଉଥାଏ ।ନିଜ ସପକ୍ଷରେ କିଛି କହିବା ପାଇଁ ତା' ପାଟିରେ ଶବ୍ଦ ନଥିଲା ।ଭଙ୍ଗା ମନରେ ନିଜର ଦରମା ଗଣ୍ଡାକ ଧରି ଚୁପ୍‌ଚାପ୍ ସେଠୁ ଚାଲି ଗଲାବେଳେ ଏମିତି ଦୁର୍ବଦ୍ଧି କାହିଁକି କଲା ବୋଲି ନିଜକୁ ଖାଲି ଧିକ୍କାରୁ ଥାଏ ।

ମାର୍ଫତ-ମାଳତୀ ବେହେରା
୨୧୭-ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨
ଫୋନ-୭୨୦୫୮୫୦୮୩୧

Download Magazine from www.aahwaan.com

# ରାଜାର ରାଣୀ



ବିନୟ ମହାପାତ୍ର

ସୂର୍ଯ୍ୟ ବୁଡି ସାରିଲାଣି, କିନ୍ତୁ ଏବେବି ଆକାଶ ବୁଡିଯାଉଥିବା ସୂର୍ଯ୍ୟର ଲୋହିତ ଆଭାର ନାଲିମାରେ ଲାଲ ଦେଖାଯାଉଛି ।ଦିନର ଆଲୁଅ ଯଦିଓ ଫିକା ପଡି ଆସିଲାଣି, ତଥାପି, ଅନ୍ଧାରକୁ ଅଟକେଇ ରଖିଛି ।ଚା'କପ୍ ହାତରେ ନେଇ ଘରଣି ଆସୁ ଆସୁ, କହିଲେ ସଂଜବତୀ ପାଇଁ ଟିକିଏ ଡେରି ହୋଇଗଲା, ରାଗିନ ତ ? ମୁଁ ବହିରୁ ମୁହଁ ଉଠେଇ ଚଷମା ଫାଙ୍କରୁ ଥରେ ଚା'କପ୍ କୁ, ପୁଣି ଥରେ ତାଙ୍କ ମୁହଁକୁ ଚାହିଁଲି ।ଜୀବନର ଏଇ ଶେଷ ପହରରେ ଏବେ ବି ତାଙ୍କର ସେଇ ସୁନ୍ଦରତା, ସେଇ ଲାବଣ୍ୟ ଦୀପ୍ତିମୟୀ ଦେବୀର କାନ୍ତି ।ଡୁବିଯାଉଥିବା ସୂର୍ଯ୍ୟରେ ସେଇ ନାଲିମା ସେଇ ଚମକ ଏବେବି ଝଟକୁଛି ।କେତେ ସୁନ୍ଦର ସତେ ଏଇ କରୁଣାମୟୀ ଦେବୀ ।ମୋ ଘରର ଲକ୍ଷ୍ମୀ, ଅଳ୍ପକେ ସନ୍ତୁଷ୍ଟ, ନା କେବେ କିଛି ଅଭିଯୋଗ ନା କିଛି ମାଗୁଣୀ ।ମୋ ଦୁଇ ସନ୍ତାନର ମମତାମୟୀ ମାଆଟିଏ ସିଏ ।କେତେ ଯତ୍ନରେ, ମମତାର ପଣତ ତଳେ ବଢେଇ ପୁଣି ଉଡେଇ ଦେଲା ବିସ୍ତାରୀତ ଅନନ୍ତ ଗଗନରେ ।କହିଲା ଯାଅ, ସଂସାରକୁ ଜିତି ଯାଅ, ଯେଉଁଠି ବି ରୁହ ଖୁସିରେ ଥାଅ ।ସଂଜ ସକାଳରେ ମନ୍ଦିରରେ ଦୀପ ଜାଳେ, କେବଳ ଏତିକି ମାଗେ, ହେ ପ୍ରଭୁ ! ମୋ ପିଲାଙ୍କୁ ଖୁସିରେ ରଖ ।

କହିଲି, ମୋ ପାଖରେ ଟିକିଏ ବସ, ତାଙ୍କ ହାତକୁ ମୋ ହାତରେ ନେଇ ଜାବୁଡି ଧରିଲି କହିଲି, ଆରେ ରାଗିବି କାହିକି ? ଏ ବୟସରେ ତୁମର ଏତେ ଖଟଣି, ତୁମେ ଥକି ଯାଉନ ? ଟିକେ ସାହାଯ୍ୟ କରିବାକୁ କେହି ନାହିଁ ।କେତେ ସେବା କରୁଛ ମୋର, କଥା ଦେଇଥିଲି ତୁମକୁ ରାଣୀ କରି ରଖିବି, ହେଲେ ସାରା ଜୀବନ ତ ସେବିକାଟିଏ ହୋଇ ରହିଗଲ

Download Magazine from www.aahwaan.com

।ପିଲାଙ୍କ ପାଇଁ ଏତେ କଲ, ହେଲେ ଆଜି କେହିବି ପାଖରେ ନାହିଁ, ପାଣି ଟୋପେ ଦେବାପାଇଁ ।ଆମ ଚାରି ଆଖି ଏକ ହୋଇଗଲେ, ଛଳ ଛଳ ଚାରିଆଖି, ସେ ଲୁହ ଦୁଃଖର କି ଖୁସିର ଜାଣେନା ।ତଥାପି ସେ ସ୍ମିତ ହାସିନୀ ସବୁ ବେଳେ ସେମିତି ।ଟିକେ ହସି କହିଲେ, ଆଜି ବି ତ ମୁଁ ମୋ ରାଜାର ରାଣୀ ହୋଇ ରହିଛି ।ତୁମେ ମୋ ପାଖରେ ଅଛ, ମୋ ସାଥିରେ ଅଛ, ଜୀବନଟା ବହୁତ ସହଜ ଲାଗୁଛି, ତୁମଛଡା ମୋର ଆଉ ଅଧିକ ବା କଣ ଲୋଡାଥିଲା ଏ ଜୀବନରେ ! ମୋର ଖୁସିର ସାମ୍ରାଜ୍ୟ, ତୁମ ଠାରୁ ଆରମ୍ଭ ଆଉ ତୁମ ଠାରେ ହିଁ ଶେଷ ।ଜୀବନରେ ଆଉ ଅଧିକ କିଛି ଲୋଡେନା, ପାଇବାକୁ କଣ ବାକି ରହିଲା ଯେ, ଜୀବନରେ ଆଉ କିଛି ବି ଶେଷ ଅବଶୋଷ ନାହିଁ ।

*(ଗଳ୍ପଟି ମୋ କବିତା 'ଶୁଆ ଶାରୀ'ର ଗଳ୍ପରୂପ)

Download Magazine from www.aahwaan.com

# ସ୍ୱପ୍ନା



ଅନିଲ ସାହୁ

ରାତି 10ଟା ରେ ଦୋକାନ ବନ୍ଦ କରି ଘରକୁ ଆସି ଦେଖେ ତ ସ୍ୱପ୍ନା ଶୋଇ ପଡିଛି । ଡ୍ରେସ ବଦଳି ଫ୍ରେସ ହୋଇ ସିଧା dining room କୁ ଯାଇ ଡାକିଲି ସ୍ୱପ୍ନା ଭୋକ ହେଲାଣି ଆସ ଖାଇବା ।।

- ସେପଟରୁ ସ୍ୱର ଶୁଭିଲା ଖାଇବା ରଖି ଦେଇଛି ଖାଇନିଅ ।।

- ପ୍ରଥମ ଥର ପାଇଁ ଏମିତି କଥା ଶୁଣି ଆଶ୍ଚର୍ଯ୍ୟ ଲାଗିଲା ।। ଆଚ୍ଛା କହିଲ ମୁଁ କଣ ତୁମକୁ ଏକା ଛାଡି କେବେ ଖାଇଛି ।।

- ଭାବିନିଅ ଆଜି ଠାରୁ ତୁମେ ଅଲଗା ଖାଇବ ଆଉ ମୁଁ ଅଲଗା ଖାଇବି ।।

- ସ୍ୱପ୍ନା କଥା ଶୁଣି ମୋତେ ଲାଗିଲା ମୋ ଅଜାଣତରେ ମୁଁ ସ୍ୱପ୍ନା ମନରେ କିଛି ଆଘାତ ଦେଇଛି । ମୁଁ ଟିକେ ରାଗି ଯାଇ କହିଲି ଖାଇବ ନା ନାହିଁ । ନହେଲେ ମୁଁ ବି ଯାଉଛି ଉପାଶ ଶୋଇବି ।।

ମୋ କଥା ଶୁଣି ଖାଇବା ପାଇଁ ଆସିଲ ।।

- ସ୍ୱପ୍ନାର ଏଇ ଗୁଣଟା ମୋତେ ବହୁତ ଭଲ ଲାଗେ ।। ଆଜି ଯାଏ ମୋର କୌଣସି କଥାକୁ କେବେ ଅମାନ୍ୟ କରିନି ।। ଖାଇବା ପାଇଁ ଇଚ୍ଛା ନଥିଲେ ବି ବାଧ୍ୟ ବାଧକତାରେ ଅଳ୍ପ ଦିଟା ଖାଇ ଚାଲି ଆସିଲ ।। ମୁଁ ବି ଭଲରେ ଖାଇ ପାରିଲିନି ।। ଅଧା ଖାଇବାରୁ ଉଠି room କୁ ଆସିଲି ।।

- ଏବେ ତ କୁହ ସ୍ୱପ୍ନା କାହିଁକି ଏତେ ଅଭିମାନ ? କଣ ହୋଇଛି ତୁମର ??

Download Magazine from www.aahwaan.com

- ମୁଁ କାହିଁକି କାହା ଉପରେ ଅଭିମାନ କରିବି ? ମୋର କିଛି ହେଇନି ॥

- ମୋ ମୁହଁକୁ ଥରେ ଚାହିଁ କୁହ ତ ତୁମର କିଛି ହେଇନି ॥

- ଅଭିମାନ ସ୍ୱରରେ କହିଲା ସୋନା କିଏ ? ତା ପରିଚୟ କଣ ? ?

- ସ୍ୱପ୍ନା ଏମିତି ଅପ୍ରତ୍ୟାଶ୍ରିତ ପ୍ରଶ୍ନଟିଏ ପଚାରିବ ବୋଲି ମୁଁ କେବେ ଭାବି ନଥିଲି ॥ କିଛି ବି ଉତ୍ତର ଦେଇ ପାରିଲିନି ॥ ନୀରବ ରହିଲି ॥

- ମୁଁ କଣ ତୁମକୁ ପଚାରୁଛି ଶୁଭୁଚି ନା ନାହିଁ । ସୋନା କିଏ ତା ସହିତ ତୁମ ସମ୍ପର୍କ କଣ ? ?

- ତାହେଲେ ତୁମେ ଆଜି ସେ ଡାଏରୀ ପଢିଛ । ତାହେଲେ ଏ କଥା ବି ଜାଣି ଥିବ ସୋନା କିଏ, ତା ପରିଚୟ କଣ ଆଉ ତା ସହିତ ମୋ ସମ୍ପର୍କ କଣ ? ?

- ହଁ ହଁ ସବୁ ଜାଣିଛି । କିନ୍ତୁ ତୁମ ମୁହଁରୁ ଶୁଣିବାକୁ ଚାହେଁ ॥

ତାହେଲେ ଶୁଣ........ ଦିନ ଥିଲା ସୋନାକୁ ମୁଁ ପାଗଳ ପରି ଭଲ ପାଉଥିଲି । ସୋନା ମୋ ଜୀବନ ଥିଲା । ମୁଁ ଶରୀର ହେଲେ ସେ ମୋ ଆତ୍ମା, ମୁଁ ଭ୍ରମର ହେଲେ ସେ ମୋ ଫୁଲ । ଦୁହେଁ ଦୁହିଁଙ୍କୁ ଖୁବ୍ ଭଲ ପାଉଥିଲୁ ॥

- ତାହେଲେ ମୋତେ ଏ ସବୁ କଣ ପାଇଁ ଲୁଚାଇ ଥିଲ ? ?

- ମୁଁ ତୁମକୁ କିଛି ଲୁଚେଇନି ସ୍ୱପ୍ନା, ବାସର ରାତି ଦିନ ମୁଁ ତୁମକୁ କଣ କହିଥିଲି ସେ ସବୁ ବୋଧେ ହୁଏ ତୁମର ମନେ ନାହିଁ । ମୁଁ କେବେ ତୁମ ଅତୀତ ଜାଣିବାକୁ ଚାହୁଁନି କି ଚାହିଁବିନି । ପ୍ରତିଟି ମଣିଷର ଅତୀତ ଜୀବନ ସହିତ ଏମିତି କିଛି ସ୍ମୃତି ଜଡିତ ହୋଇ ରହି ଥାଏ ଯାହା ହସ, ଖୁସି ବଦଳରେ ଦୁଃଖ , ଯନ୍ତ୍ରଣା ଅଧିକ ଦେଇ ଥାଏ ॥ ମୁଁ ବର୍ତ୍ତମାନକୁ ନେଇ ବଞ୍ଚିବାକୁ ଚାହେଁ ॥ ଅଗ୍ନିକୁ ସାକ୍ଷୀ ରଖି ତୁମ ହାତ ଧରିଛି । ସୁଖ ଦୁଃଖରେ ତୁମ ସାଥିରେ

 Download Magazine from www.aahwaan.com

ରହିବି । ବୟସର ସାୟହ୍ନରେ ବି ତୁମ ହାତ ଛାଡିବି ନାହିଁ ॥

ସ୍ୱପ୍ନା... ତୁମେ ଯଦି ଚାହୁଁଚ ମୋ ଅତୀତ ବିଷୟରେ କିଛି ଜାଣିବାକୁ ତାହେଲେ ବିନା ସଙ୍କୋଚରେ ପ୍ରଶ୍ନ କରିପାର ॥ କିନ୍ତୁ ତୁମେ କହିଥିଲ ମୁଁ ତୁମ ଅତୀତ ବିଷୟରେ କିଛି ବି ଜାଣିବାକୁ ଚାହୁଁନି ॥ ମୁଁ ବି ବର୍ତ୍ତମାନକୁ ନେଇ ବଞ୍ଚିବାକୁ ଚାହେଁ ॥ ବଞ୍ଚିବି ତ ତୁମ ପାଇଁ, ମରିବି ତ ତୁମ ପାଇଁ ॥

ତାହେଲେ କୁହ ମୋର ଭୁଲ୍ ରହିଲା କେଉଁଠି ?? ବିବାହର ଏତେ ଦିନ ପରେ ନା ତୁମ ମନରେ କେବେ କଷ୍ଟ ଦେଇଛି, ନା ତୁମ ଅଜାଣତରେ କୌଣସି ଝିଅ ସହ ସମ୍ପର୍କ ରଖିଛି ॥

ସ୍ୱପ୍ନାର ଅଭିମାନ ଚେହେରାଟା ଧୀରେ ଧୀରେ ବଦଳି ଗଲା । ମୋ ପ୍ରତି ଥିବା ସ୍ନେହ, ବିଶ୍ୱାସ ଓ ଭଲ ପାଇବାର କେଇ ବୁନ୍ଦା ଲୁହ ଆଖିରୁ ଝରି ପଡିଲା ॥

- ସତରେ ସଞ୍ଜୟ ତୁମେ ସୋନାକୁ ତୁମ ଜୀବନଠୁ ବେଶୀ ଭଲ ପାଉଥିଲ । ତୁମ ଡାଏରୀ ମୁଁ ସମ୍ପୂର୍ଣ୍ଣ ପଢିଛି ॥ ଯେ କେହିବି ତୁମ ଡାଏରୀ ପଢିବ ନ କାନ୍ଦି ରହି ପାରିବନି ॥ ତୁମେ ତାଙ୍କୁ ଦେଖା କରିବା ପାଇଁ ରାତି 11ଟା ରେ ପୁରୀରୁ ଆସିଥିଲ । ଯେଉଁ ଦିନ ସେ ପ୍ରଥମ ଥର ପାଇଁ ରୋଷେଇ କରି ଥିଲେ ନିଜ ହାତରେ ତୁମକୁ ଖୁଆଇ ଦେବା ପାଇଁ ଖାଇବା ଲୁଚାଇ ରଖିଥିଲେ । ଆଉ ସୁଯୋଗ ଦେଖି ରାତି 11ଟା ରେ ଡାକି ନିଜ ହାତରେ ଖୁଆଇ ଦେଇ ଥିଲେ ॥ ତୁମ ପାଇଁ ହାତରେ ଶଙ୍ଖା, ମଥାରେ ସିନ୍ଦୁର ନପିନ୍ଧି ବି ସାବିତ୍ରୀ ବ୍ରତ କରିଥିଲେ । ସାବିତ୍ରୀ ବ୍ରତ ପୂର୍ବ ଦିନ ସେ ତୁମକୁ ଶାଢୀ ମାଗି ଥିଲେ । ତୁମେ ତାଙ୍କୁ ଶାଢୀଟିଏ ଉପହାର ଦେଇଥିଲ । ସେ ଶାଢୀକୁ ନ ପିନ୍ଧି ଦେହରେ ଗୋଡେଇ ହୋଇ ରାତି ଅଧରେ ଆସି ତୁମକୁ ପ୍ରଣାମ କରି ଥିଲେ ॥ ଏତେ ଭଲ ପାଇବା ପରେ ବି କାହିଁକି ତୁମେ ତାଙ୍କୁ ବିବାହ

Download Magazine from www.aahwaan.com

କଲନି ? ?

- ତୁମେ ତାହେଲେ ସେ ଡାଏରୀ ସମ୍ପୂର୍ଣ ଭାବରେ ପଢିଛ । ଆଛା କହିଲ ସ୍ୱପ୍ନା ତୁମେ କଣ ଜାଣିଥିଲ ମୋତେ ବିବାହ କରିବ ବୋଲି ॥ ଜାଣି ନଥିଲ ନା ॥ ଦୁଇଟି ଅଜଣା ଅପରିଚିତ ମଣିଷ ଆଜି ଗୋଟିଏ ବନ୍ଧନରେ ବାନ୍ଧି ହୋଇ ଗଲେ । ମୁଁ ଶୁଣିଛି ବିବାହ ହେଉଛି ପବିତ୍ର ବନ୍ଧନ । ଏହା ଆଗରୁ ଭଗବାନ ସ୍ଥିରୀକୃତ କରିଥାନ୍ତି । ଯିଏ ଯା ହାଣ୍ଡିରେ ଚାଉଳ ପକେଇବା କଥା ନିଶ୍ଚୟ ପକେଇବ ॥

ହୁଏତ ଭଗବାନ ମୋ ଭାଗ୍ୟରେ ସୋନାକୁ ଲେଖି ନଥିଲେ ॥

- ସତରେ ସଞ୍ଜୟ ବିଚାରୀ ସୋନା କେତେ ଅଭାଗିନୀ, ତୁମକୁ ନିଜର କରି ପାରିଲାନି । ଆଉ ମୋତେ ଦେଖ ମୁଁ କେତେ ଭାଗ୍ୟବାନ ତୁମ ପରି ସ୍ୱମୀଟିଏ ପାଇଛି ॥

- ଥାଉ ସ୍ୱପ୍ନା ଏତେ ଆଉ ଫୁଲେଇ ହୁଅନା । ମୋତେ କଥା ଦିଅ ସେ ଡାଏରୀକୁ ଆଉ କେବେ ପଢିବନି କି ମୋ ଆଗରେ ଅଭିମାନର ପାଚେରୀଟିଏ ଛିଡା କରିବନି ॥ ମୁଁ ଆଉ ସେ ଅତୀତକୁ ଫେରିବାକୁ ଚାହେଁନା । ବର୍ତ୍ତମାନକୁ ନେଇ ବଞ୍ଚିବାକୁ ଚାହେଁ ତୁମରି ସାଥିରେ ॥

ଅନିଲ୍ ସାହୁ
ଇଶ୍ୱରାପାଳ - ଢେଙ୍କାନାଳ
୯୮୫୩୨୨୦୧୪୩

Download Magazine from www.aahwaan.com

# ପ୍ରେମିକା ନୁହେଁ ସେ ବନ୍ଧୁ ନାୟିକା



କ୍ଷମାନିଧି ସାହୁ

ସେହି ସମୟଟି ଥିଲା ମୋର ଯୁକ୍ତତିନି ବିଜ୍ଞାନ ଶେଷ ବର୍ଷର ପାଠ ।ଠିକ୍ ଜୁନ୍ ମାସର ଶେଷ ଅର୍ଥାତ ଆଷାଢ ମାସରେ ଆରମ୍ଭ ହେବାକୁ ଥିବା କୋଚିଂ କ୍ଲାସ୍ ପାଇଁ ବରଗଡ଼କୁ ଯିବାପାଇଁ ପ୍ରସ୍ତୁତ ହେଲି । ମୋ ସହିତ ମୋର ଦୁଇ ସହପାଠୀ ମଧ୍ୟ ଥିଲେ । ସହପାଠୀଙ୍କ ସହିତ ଘରଭଡା ଖୋଜିବାକୁ ବାହାରିଲି ଏବଂ ମିଳିଗଲା ତାହାପୁଣି କାଳି ମନ୍ଦିର ପାଖରେ । ଘର ମାଲିକଟା ଥିଲେ ଟିକେ ରାଗି ମାତ୍ର ଭିତରେ ବହୁତ ଶାନ୍ତ କିନ୍ତୁ ଏହି ରାଗଥିଲା ଅନ୍ୟ ପ୍ରକାରର କାରଣ ପାଇଁ । ସେହି ଘର ସାମ୍ନାରେ ରହୁଥିଲେ ପାଠ ପଡିବାକୁ ଆସିଥିବା କିଛି ସୁନ୍ଦରୀ ଝିଅ । ତେଣୁକରି ସେମାନଙ୍କ ପ୍ରତି କିଛି ଖରାପ ବ୍ୟବହାର ନ ହେବାପାଇଁ ଆମ ମାନଙ୍କୁ ଉପୁରିଆ ରାଗିଯାଆନ୍ତି ।

ବେଶ୍ କିଛିଦିନ ଆନନ୍ଦରେ କଟିଗଲା ପଢାଲେଖାର ବ୍ୟସ୍ତତାରେ କିନ୍ତୁ ମୁଁ ଥିଲି ପିଲାଦିନରୁ କବିତା ପ୍ରିୟ । ଦିନେ କବିତା ଲେଖିବାପାଇଁ ବହୁତ ଇଚ୍ଛା ହେଲା ଏବଂ ସ୍ଥିର କଲି ଛାତ ଉପରକୁ ଯାଇ ଖୋଲା ଆକାଶରେ ଗୋଟାଏ କବିତା ଲେଖିବି । ଠିକ୍ ଛାତ ଉପରକୁ ପହଞ୍ଚିଲା ପରେ ଦେଖିଲି ସାମ୍ନା ଛାତରେ ଜଣେ ସୁନ୍ଦରୀ ରମଣୀ ଯିଏକି ମୋତେ ଦେଖିକି ମୁରୁକି ହସୁଥିଲା । ବାସ୍ତବରେ ତାକୁ ଦେଖିବା କ୍ଷଣି ମସ୍ତିଷ୍କରେ ଆସିଗଲା ଏକ ରୋମାଣ୍ଟିକ୍ ଧାରାର ବାତାବରଣ କିନ୍ତୁ ଆଗରୁ କେବେ ମଧ୍ୟ ମୁଁ ରୋମାଣ୍ଟିକ୍ କବିତା ଲେଖିନଥିଲି । ମୋର କବିତା କେବଳ ଆଧ୍ୟାତ୍ମିକ ଓ କୌତୂହଳ ଉପରେ ପରିପୂର୍ଣ୍ଣ ଥିଲା । ପ୍ରଥମଥର ତା'ର ଗୋଲାପି ଓଠର ମୁରୁକି ହସ ମୋର ରୋମାଣ୍ଟିକ୍ କବିତାକୁ ଋଦ୍ଧିମନ୍ତ କରିଥିଲା ।

ସେହିଦିନଠାରୁ ଯେତେବେଳେ ମଧ୍ୟ ଛାତ ଉପରକୁ ଯାଏ ସିଏ ବି ହଠାତ୍

 Download Magazine from www.aahwaan.com

ବାହାରିଆସି ସେଇ ମୁରୁକି ହସ ଦେଇଚାଲେ । ମନ ବିଚଳିତ ହେବାକୁ ଲାଗିଲା ଓ ପାଠ ପଢିବାକୁ ମଧ୍ୟ ଇଚ୍ଛା ହେଲା ନାହିଁ । କିଛିଦିନ ପରେ ଭାବିଲି ଏହା ଭଲପାଇବା ନୁହେଁ ତ ? ତାପରେ ଅତି ସୁନ୍ଦର ଭାବରେ ଲେଖିଲି ଗୋଟିଏ ପ୍ରେମପତ୍ର ତା ସହ ମୋବାଇଲ ନମ୍ବର ଏବଂ ତାକୁ ସବୁବେଳେ ସାର୍ଟ ପକେଟରେ ରଖିଥାଏ । ତା ପରଦିନ ସକାଳେ ଜଳଖିଆ ପାଇଁ ଯିବାବେଳେ ଭେଟ ହେଇଗଲି ମନ୍ଦିର ପାଖରେ ଏବଂ ନିର୍ଭୟରେ ବଢେଇ ଦେଲି ସେଇ ପ୍ରେମପତ୍ର । ସେ ଟିକେ ଲାଜେଇ ଗଲା କିନ୍ତୁ ତାହା ଗ୍ରହଣ କଲା ।

କିଛିଦିନ ପରେ ସେ ଫୋନ୍ କଲା ଓ ଅନେକ ପ୍ରକାରର ଗପସପ ମଧ୍ୟରେ ସମୟ ବିତିଯାଉଥାଏ । ଦିନେ ମୁଁ ପ୍ରେମପତ୍ର କଥା ପଚାରିଲି କିନ୍ତୁ ସେ କହିଲା, ତୁମ ପ୍ରେମପତ୍ର ପାଇଁ ମୁଁ ଦୁଃଖିତ !ମୋର ଜଣେ ବଏଫ୍ରେଣ୍ଡ ଅଛନ୍ତି ମାତ୍ର ସେ ଏଇଆ ମଧ୍ୟ କହିଲା ଯେ,ସେ ତାର ବଏଫ୍ରେଣ୍ଡକୁ ଯେତେ ଭଲପାଏ;ମୁଁ ବି ତାକୁ ସେତେ ଭଲଲାଗେ । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଫୋନରେ କଥାବାର୍ତ୍ତା ଜାରି ରହିଛି କେବଳ ବନ୍ଧୁ ଭାବରେ । ମୁଁ ମଧ୍ୟ ବୁଝିଯାଇଥିଲି କେବଳ ପ୍ରେମରେ ନୁହେଁ ବନ୍ଧୁରେ ତା'ର ପ୍ରିୟପାତ୍ର ହେଇ ରହିବି । କାରଣ ଅନ୍ୟର ପ୍ରେମକୁ ଈର୍ଷା କରି ଛଡେଇନେବା ଭଳି ନିନ୍ଦନୀୟ କାର୍ଯ୍ୟଠାରୁ ବନ୍ଧୁତାକୁ ହିଁ ଆପଣେଇ ନେବା ଶ୍ରେୟସ୍କର ।

ବାସ୍ତବରେ ଭଲପାଇବା ଓ ଭଲ ଲାଗିବା ମଧ୍ୟରେ ଯେ ଏତେ ପାର୍ଥକ୍ୟ ନ ଥାଏ ତାହା ମୁଁ ସେହି ଦିନଠାରୁ ହିଁ ଜାଣିଲି । ଅର୍ଥାତ୍ ମଣିଷର ଭଲପାଇବା କେବଳ ପ୍ରେମରେ ନୁହେଁ ବରଂ ବନ୍ଧୁତାରେ ମଧ୍ୟ ବିଦିତ । ହୁଏତ ମୁଁ ତାକୁ ପ୍ରେମିକା ରୂପରେ ପାଇପାରିଲି ନାହିଁ କିନ୍ତୁ ସେ ମୋର ପ୍ରତିକ୍ଷଣେ ହୃଦୟରେ ବସାକରି ରହିଥିବା ବନ୍ଧୁ ନାୟିକା ।

ଗ୍ରାମ:ଜାମପାଲି, ପୋ:ସାଲେପାଲି, ଥାନା:ମେଲଛାମୁଣ୍ଡା,
ଜିଲ୍ଲା:ବରଗଡ଼(ଓଡିଶା)
ପିନ୍:୭୬୮୦୩୫

Download Magazine from www.aahwaan.com

# ସାଥି



ସୁବଳ ମହାପାତ୍ର

ପ୍ରେମ କଣ ? ଖାଲି କ'ଣ ମା ଛୁଆ କୁ ଭଲ ପାଇବା ପ୍ରେମ, ପୁଅ ଝିଅ କୁ ଭଲ ପାଇବା ପ୍ରେମ, ସ୍ୱାମୀ ସ୍ତ୍ରୀ କୁ ଭଲ ପାଇବା ପ୍ରେମ, ଛୁଆ ନିଜ ବାପା ମା ଙ୍କୁ ଭଲ ପାଇବା ପ୍ରେମ, ସାଙ୍ଗ ସାଥୀଙ୍କୁ ଭଲ ପାଇବା ପ୍ରେମ ... ଏମିତି ଆହୁରି କେତେ କଣ... କିନ୍ତୁ ଆମେ ଜାଣୁ କି "ଆବଶ୍ୟକତା" କଣ ? କିଛି ପ୍ରେମ ବି ଥାଏ ନିଜ ଆବଶ୍ୟକତା ପାଇଁ, ନିଜେ ବଞ୍ଚିବା ପାଇଁ, ଏକାକୀତ୍ୱକୁ ଦୁରେଇ ଦେବା ପାଇଁ । ସେଥିପାଇଁ ସାଥି ଟିଏ ଦରକାର, ନିଜ ମନ କଥା ଆଉ କାହା ଆଗରେ ଖୋଲି କହିବା ପାଇଁ ସାଥି ଟିଏ ଦରକାର, ବୁଢା ବୟସ ରେ କିଛି କାମ କରିବା ପାଇଁ ସାଥି ଟିଏ ଦରକାର । ହୋଇପାରେ ସେ କେଉଁ ଜୀବ ଜନ୍ତୁ, ହୋଇପାରେ ଗଛଲତା, କି ହୋଇପାରେ ସମାନ ହୃଦୟ ଆଉ ସ୍ନେହ ଥିବା ଗୋଟେ ମଣିଷ । କିଛି ଫରକ ପଡ଼େନି ସେ ସ୍ତ୍ରୀ କି ପୁରୁଷ ।

ଛି... ଛି.... କି ହୀନ ଚିନ୍ତାଧାରା ଏ ଲୋକଙ୍କର.. ଅଣାଅଶୀ ବୟସର ଗୋଟେ ବୁଢା କଣ କେବେ ଦୈହିକ ସମ୍ପର୍କ ପାଇଁ ଭଲ ପାଇ ପାରେ ଗୋଟେ ପଞ୍ଚସ୍ତରୀ ବୟସ୍କ ବୁଢ଼ୀ କୁ ? ଛି.. ଛି... କି ଖରାପ କଥା କହନ୍ତି ଏ ଲୋକମାନେ ? ନିଜେ ଭେଣ୍ଡିଆ ଅଛନ୍ତି ତ ସେଥିପାଇଁ ବୋଧେ ବୁଝି ପାରନ୍ତିନି ଜଣେ ମଣିଷ ର ଅସହାୟତା କୁ । ଜାଣି ପାରନ୍ତି ନି ଗୋଟେ ମନ ର ବେଦନା । ନିଃସହାୟ, ବେସାହାରା ଲୋକ ଙ୍କ ମନ କଣ ବୁଝି ପାରିବେ ଏ ଭେଣ୍ଡିଆ ଟୋକା ଆଉ ପଇସାଥିବା ମଣିଷ ଗୁଡା ? ବୋଧହୁଏ ନା... କିନ୍ତୁ କେତେ କାଳ ? ଆଉ କେତେକାଳ ଏମାନଙ୍କୁ କୈଫିୟତ ଦେଇ ଆସୁଥିବୁ ଆମେ ମାନେ ? ଆଉ ନୁହଁ .... ଯେତିକି

 Download Magazine from www.aahwaan.com

ହେଲା ସେତିକି ... ବହୁତ ହେଲା ... ଆଉ ନୁହଁ ...

ମକରା ବୁଢା ଏମିତି କେତେ କଣ ଭାବି ଚାଲିଥାଏ । ରାତି ଘଡ଼ିକ ରୁ ଘର ଭିତରେ ବୁଢ଼ୀଟା ମରି କି ପଡିଛି । ଆଖପାଖ କେତେ ଲୋକଙ୍କୁ ନେହୁରା ହୋଇ ସାରିଲାଣି ସେ ମାତ୍ର ଚାରୋଟି କାନ୍ଧ ପାଇଁ । କିନ୍ତୁ କେହି ଶୁଣୁ ନାହାନ୍ତି । ତା କନ୍ଦାକଟା ଦେଖି କିଛି ଲୋକ ଆସିଥିଲେ କିନ୍ତୁ କେହିଜଣେ କହିଦେଲା ବୁଢା ବୟସ ରେ ଯେ ବାହା ହୋଇଥିଲା ଏ ବୁଢ଼ୀ କୁ ବର୍ଷେ ତଳେ । ଲୋକ ଛି.. ଛାକର.. କରି ଯେଝା ବାଟେ ଯେଝେ ଚାଲିଗଲେ ।

କେହି ଜଣେ ବୁଝିଲେନି ଘଟଣା କଣ । ମଲା ପରେ କଣ ଚାରିଟା କାନ୍ଧ ଯାଙ୍କୁ ମିଳିବନି ? ନ ମିଳୁ... ସେ ଏକା ଶବ ସଂସ୍କାର କରିବ । ସେ ନିଆଁ ଦବ ଏ ବୁଢ଼ୀ ମୁହଁ ରେ । ନମିଳୁ ଚାରିଟା କାନ୍ଧ । ଏକା ଏକା ନେବ ଶ୍ମଶାନ କୁ । କିଛି ପଇସା ଅଛି ତା ପାଖରେ, ସେତିକି ରେ ଅତ୍ୟନ୍ତ କିଛି କାଠ, ମାଟି ହାଣ୍ଡି ଖଣ୍ଡେ ଆଉ ଚାଉଳ ଦି ଟା ମିଳିଯିବ । ବୁଢ଼ୀ କାନେ କାନେ କହି ଯାଇଥିଲା, "ମୋ ମୁହଁ ରେ ତୁ ନିଆଁ ଦେବୁ ପଛେ ସେ ସବାଖିଆ ଭେଣ୍ଡିଆ ଦିଟାକୁ ମୋ ମଲା ମୁହଁ ବି ଦେଖିବାକୁ ଦବୁନି । ସେମାନେ ମୋ ପୁଅ ନୁହନ୍ତି । କୁଳାଙ୍ଗାର ଦି ଟା ଯାକ । ବୁଢା (ବୁଢ଼ୀ ର ସ୍ୱାମୀ )ମଲା ପରେ ମାଇପ କଥା ରେ ପଡି ଦି ଜଣ ଯାକ ମୋତେ ପିଟି ଘରୁ ବାହାର କରିଦେଲେ । ସମ୍ପତି ବାଡ଼ି ତ ଯାହା ଖାଇଲେ ଖାଇଲେ, ମୋ ସୁନା ରୁପା ତକ ବି ମୋଠୁ ଛଡେଇ ତାଙ୍କ ମାଇପ ମାନଙ୍କୁ ଦେଲେ । ଯଦି ନିଆଁ ନ ଦେଇ ପାରିବୁ ତେବେ ଦେଇ ଦବୁ କଉ ଡାକ୍ତରଖାନା ରେ । ସେମାନେ ମୋ ଦେହ କୁ ଚିରି ଫାଡ଼ି ହେଲେ କିଛି ଶିଖିବେ । ଜିଇଁ ଥାଉ ଥାଉ ତ ଏ ବାଡିପୋଡା ଦି ଜଣ ମୋତେ ଯେଉଁ କଷ୍ଟ ଦେଲେ । ତା' ଠୁ ବରଂ କମ କଷ୍ଟ ହେବ ସେଠି । "

ଆଃ... କେତେ ଆଉ ସହିଥାନ୍ତା ବୁଢ଼ୀ ଟା ? ମରିଗଲାନି ଯେ ତରିଗଲା । ମୋର ଆଉ ଦିନ କାଳ କେତେ କେଜାଣି ? ମୋ ପୁଏ (ପୁଅମାନେ) ଶଳେ କେଉଁ କମ କି ? ମୋ ବାପା

Download Magazine from www.aahwaan.com

ମଲା ବେଳକୁ ମାଣେ ଜମି ଛାଡିକି କି ଯାଇଥିଲା । ବାହାହେଇ ପାଞ୍ଚଟା ପୁଅ ଜନ୍ମ କରି, ମାଣେ ଜମିକୁ ବଢ଼େଇ ବଢ଼େଇ ପାଞ୍ଚ ଏକର କଲି । ବୁଢ଼ୀ (ବୁଢା ର ସ୍ତ୍ରୀ ) ମଲା ପରେ ଶଳେ ଭାଗ ହେଲେ । ଜମି ବାଡ଼ି ସହ ଶଳେ ମୋତେ ବି ଭାଗ କରିଦେଲେ । ମାସେ ୟା ଘରେ ତ ଆଉ ମାସେ ତା ଘରେ, ଶେଷରେ ଶଳେ ମୋ ସମ୍ପତି ଖାଇ ମୋତେ ବାହାର କରିଦେଲେ ଘରୁ । ଖାଅ ଶଳେ... ଭାବିଛ ଏ ସମ୍ପତି ତମକୁ ହଜମ ହବ ? ମୋ ସହ ଯାହା କଲ, ତମ ପିଲାଛୁଆ ବି ସେଇୟା କରିବେ ତମ ସହ । ତମେ ଶଳେ ପୂର୍ବ ପୁରୁଷଙ୍କୁ କଣ ପାଣି ଦବ, ଜିଇଁ ଥାଉ ଥାଉ ତ ଜନ୍ମ କଲା ବାପା ମାଙ୍କୁ ପିଟି ମାରି ଘରୁ ବାହାର କରୁଛ... ଛି... ଛି... ଏହାକୁ କୁହନ୍ତି ସଂସ୍କାର ? ତମ ସେ ସଂସ୍କାର ମୁହଁ ରେ ନିଆଁ ପଡୁ । ସେଥିପାଇଁ ପରା କୁହନ୍ତି, "ପୁଅ ଯଦି ଭଲ ହେଲା ସମ୍ପତ୍ତି ରଖିବି କାହାପାଇଁ ? ପୁଅ ଯଦି ଖରାପ ହେଲା ସମ୍ପତ୍ତି ରଖିବି କାହାପାଇଁ ?

ପାଟିରୁ ଅଭିସମ୍ପାତ ସହ ଆଖିରୁ ଲୁହ ବାହାରି ଆସୁଥାଏ ତାର... ତା ସହ ମନେ ପଡି ଯାଉଥାଏ ଘର ଭିତରେ ମରି ପଡିଥିବା ବୁଢ଼ୀ କଥା....

ବୁଢା ସହ ବୁଢ଼ୀ ର ଦେଖା ହୋଇଥିଲା ପ୍ରାୟ ବର୍ଷେ ତଳେ । ପୁଅ ମାନେ ବୁଢା କୁ ଘରୁ ବାହାର କରିଦେବାପରେ ଏକୁଟିଆ ବୁଢା ପଳେଇ ଆସିଥିଲା ଏ ସହର କୁ ଭିକ ମାଗି ଚଳିଯିବା ଆଳ ରେ । ଏ ଭିତରେ ପ୍ରାୟ ମାସେ ହୋଇ ଯାଇଥିଲା । ଠିକ ରେ ତା'କୁ ଖାଇବାକୁ ଗଣ୍ଡେ ମିଳୁ ନଥିଲା । ତାଟିଆ ଟିଏ, ଆଉ ପାଣି ପିଇବାକୁ ବୋତଲ ଟିଏ ବ୍ୟତୀତ ଆଉ କିଛି ନଥିଲା ତା ପାଖରେ । ପଇସା ମିଳିଲେ କିଛି କିଣି ଖାଉଥିଲା ନ ହେଲେ ଚୁଡା ଖାଇ ରହୁଥିଲା ସେ । ଭାତ ଗଣ୍ଡେ ପାଇଁ ଓହଳ ବିକଳ ହେବା ପରେ ବି ଭାତ ଗଣ୍ଡେ ଠିକରେ ମିଳୁ ନଥିଲା ତା'କୁ ।

ଠିକ ସେମିତି ପୁଅ ମାନେ ବୋହୂ ମାନଙ୍କ କଥା ରେ ପଡି ମାଡମାରି ଘରୁ ବାହାର

Download Magazine from www.aahwaan.com

କରିଦେବା ପରେ ବୁଢ଼ୀ ଚାଲି ଆସିଥିଲା ଏ ସହର କୁ । ନାଳ କଡରେ ଗୋଟେ ଗଛ ଆଢୁଆଳ ରେ ବୁଢ଼ୀ ତିଆରି କରିଥିଲା ତା ବସା ଖଣ୍ଡେ । କିଛି ଛିଣ୍ଡା ପଲିଥିନ, କିଛି ଚିରା ପୋଷ୍ଟର, ଖଣ୍ଡେ ଚେପା ଟୋଲା ଡ଼େକଚି ଆଉ କଣା ଚେପା ରସ ତାଟିଆ ଦୁଇଟି ଥିଲା ତା'ର ସମ୍ପତି । କାଠ ଦୁଇଖଣ୍ଡ ପୋତି, ତା ଉପରେ ପଲିଥିନ ଖଣ୍ଡେ ଟାଙ୍ଗି ସେ ତିଆରି କରିଥିଲା ତା ବାସଗୃହ । ଦିନରେ ଭିକ ମାଗେ, ରାତିରେ ଇଟା ତିନୋଟି ଉପରେ ଡ଼େକଚି ବସେଇ କାଠ ଜାଳି ଭାତ ରାନ୍ଧେ । ସେଇ ଟେଣ୍ଟ ତଳେ ଭାତ ହାଣ୍ଡି କୁ କୋଳ ରେ ପଶେଇ ସେ ଶୋଇପଡେ କାଳେ ହାଣ୍ଡିରୁ ଭାତ ତକ କୁକୁର ଖାଇଯିବା ଭୟରେ ।

ସେଦିନ ଭିକ ମାଗି ମାଗି ଦି ଜଣ ଯାକ ପହଞ୍ଚିଥିଲେ ଜଣେ ବାବୁଙ୍କ ଘରେ । ବାବୁଙ୍କ ଚାରି ପାଞ୍ଚ ବର୍ଷ ର ଛୋଟ ଝିଅ ଟି ହାତରେ ଦଶ ଟଙ୍କିଆ ଟିଏ ଧରି, ଦେବାକୁ ଆସିଲା ବେଳକୁ ଦି ଜଣଙ୍କୁ ଦେଖି ଠିଆ ହୋଇ ରହିଲା । କାହାକୁ ଦେବ ବୋଲି ଭାବି ହେଲା ବେଳକୁ ପଛରୁ ମା କହିଲେ "ଦେଇ ଦେ" । ସେ ବୁଢା ଥାଳ ରେ ପକେଇ ଦେଇ ପଳେଇଲା ପରେ ବୁଢ଼ୀ ଚିହିଁକି ଉଠିଥିଲା । ସ୍ୱଜାତି ପରହିଂସ୍ରକଃ ପରି ଏକରକମ ଝାମ୍ପି ନେଇଥିଲା ଦଶଟଙ୍କିଆ ଟି ବୁଢା ଥାଳରୁ । ମୋ ଟଙ୍କା କହି ବୁଢା ଧରୁ ଧରୁ ବୁଢ଼ୀ ସମ୍ଭିବା ଆରମ୍ଭ କରି ଦେଇ ଥିଲା । ବାବୁଆଣୀ ଆସି ଆଉ ଗୋଟିଏ ଦଶ ଟଙ୍କା ଦେଇଥିଲେ ବୁଢା କୁ । ତା ପରଠୁ ବୁଢ଼ୀ ଶୀଘ୍ର ଶୀଘ୍ର ପାଦ ପକେଇ ଦୌଡ଼ିଥିଲା ଆଗକୁ ଆଗକୁ ଜଲଦି ଜଲଦି ବୁଢା ପୂର୍ବରୁ ଅନ୍ୟ ଘର ଗୁଡିକ ରେ ପଶି ଭିକ ନେବା ପାଇଁ ।

ସନ୍ଧ୍ୟା ହୋଇ ଆସୁଥାଏ, ଦିହେଁ ଯାକ ଭିକ ମାଗି ସାରି ଫେରୁଥାନ୍ତି । ବୁଢ଼ୀ ଫେରୁଥାଏ ନିଜ ଘରକୁ, କିନ୍ତୁ ବୁଢା ? ସେ ଯିବ କୁଆଡେ ? ନା ଅଛି ଘର ଦ୍ୱାର ନା କିଏ ଚିହ୍ନା ଜଣା । କୌଣସି ଏକ ଦୋକାନ ବାରଣ୍ଡା ରେ ଶୋଇବ ବୋଲି ଚିନ୍ତା କରି କରି ଆସୁଥାଏ । ଛକ ପାଖରେ ପହଞ୍ଚି ଦେଖେ ତ ଦୋକାନ ସବୁ ଖୋଲା ଅଛି, ବନ୍ଦ ହେବ ପ୍ରାୟ ୯ ଟା ପରେ ।

Download Magazine from www.aahwaan.com

ଚାଉଳ ତ ଅଛି ତା ପାଖରେ କିନ୍ତୁ କଣ କରିବ ? ରୋଷେଇ କେମିତି କରିବ ? କେମିତି ଗୋଟେ ଖୋଜିବା ଖୋଜିବା ପରି ଚାଲୁ ଚାଲୁ ଦେଖି ପାରିଲା ବୁଢ଼ୀ କୁ । ଭାତ ରାନ୍ଧୁଥାଏ ସେ । ପାଖକୁ ଯାଇ କଣ କହିବ କହିବ ହୋଇ ରହିଗଲା । ରନ୍ଧା ଭାତ ର ବାସ୍ନା ରେ ତା ପାଟିରୁ ଲାଳ ବୋହି ପଡୁଥିଲା । ପାଖରେ ଚାଉଳ ଥିଲେ ବି ରନ୍ଧା ଭାତ ର ବାସ୍ନା ତା ନାକ ରେ କେବେଠୁ ବାଜି ନଥିଲା । ବୁଢ଼ୀ ପାଖରୁ କିଛି ଦୂରରେ ଯାଇ ବସିଲା ସେ । ବୁଢ଼ୀ ଯାକୁ ଦେଖି ପୁଣି ଚିହିଁକି ଉଠିଲା । କିଛି ସମୟ ପରେ, ବୁଢ଼ୀ ସମ୍ପି କାଟି ଟିକେ ଚୁପ ହେଲା ପରେ ବୁଢା କହିଲା...

– ମୋ ଚାଉଳ ସବୁ ତକ ନେ ପଛେ... ମୋ ପାଇଁ ଗଣ୍ଡେ ଭାତ ରାନ୍ଧି ଥା ।

– କିଆଁ, ତୋ ପାଖେ ଡ଼େକଚି ନାହିଁ କି ? ତୁ ରାନ୍ଧୁନୁ..

– ନାହିଁ ବୋଲି ତ ତତେ କହୁଛି ।

– ମୁଁ ରାନ୍ଧି ପାରିବିନି, ମୋ ତକ ତ ମୋତେ ନିଅଣ୍ଟ, ଆଉ ଯାକୁ...

– ମୋ ତକ ନେ, କହିଲି ପରା... ଆଜି ରାତିକ ଗଣ୍ଡେ ଦେଇଥା... କାଲି ପୁଣି ଆଣିଲେ ପୁଣି ଦେବି...

ବୁଢ଼ୀ କଣ ଭାବିଲା କେଜାଣି, ଆଗ ସବୁ ତକ ଚାଉଳ ବୁଢା ଠୁ ନେଇ ସାରିଲା ପରେ ରାତିରେ ବୁଢା କୁ ଗଣ୍ଡେ ଭାତ ଦେବାକୁ ରାଜି ହେଲା । ତା ପରେ ଆରମ୍ଭ ହୋଇଥିଲା ଏମାନଙ୍କର କଥାବାର୍ତା । ଦି ଜଣ ଭୋକିଲା ଙ୍କ କଥାବାର୍ତା କଣ ଅବା ହେଇପାରେ ? ?

ଖାଇ ସାରିଲା ପରେ ବୁଢ଼ୀ ପଚାରିଲା..

– ରାତିରେ ଶୋଇବୁ କେଉଁଠି ?

– ଦୋକାନ ବାରଣ୍ଡା ରେ ।

– ସେଠି କିନ୍ତୁ ପୁଲିସି ଆଉ କେତେଟା ମଦୁଆ ଗହଳି କରନ୍ତି ରାତି ଅଧା ଯାଏ ।

 Download Magazine from www.aahwaan.com

– ତାହେଲେ ?

– ଏ ଗଛ ମୂଳେ ଶୋଇପଡ ।

– ହଉ

ଆସ୍ତେ ଆସ୍ତେ ଦି ଜଣଙ୍କର ଦି ଜଣଙ୍କ ପ୍ରତି କେମିତି ଗୋଟେ ମାୟା ଆସିଯାଇଥିଲା । ସାଙ୍ଗ ହୋଇ ଯାଇଥିଲେ ଦି ଜଣ । ବୁଢୀକୁ ବୁଢା ଆଉ ବୁଢା କୁ ବୁଢ଼ୀ । ସାଥି ମିଳିଯାଇଥିଲା ଦି ଜଣଙ୍କୁ । ନିଜ ଦେହ ପା ଦେଖିବା ପାଇଁ, ମନ ର କଥା ବୁଝିବା ପାଇଁ, ମନ ଭିତରେ ଥିବା କୋହ କୁ ସବୁକୁ ବୁଝିବା ପାଇଁ, ଲେଞ୍ଜେରା ଲଗା ଲୁହଭିଜା ଆଖିରୁ ଲୁହ ପୋଛିବା ପାଇଁ, ସ୍ମୃତି ସବୁ କୁ କୋଳେଇ ନେବା ପାଇଁ । ଆଉ କଣ ଦରକାର ???

ନିଜ ଜନ୍ମ କଲା ଛୁଆ ତ ପଚାରିଲେନି, ଆଉ କିଏ ପଚାରିଥାନ୍ତା.... ଏମାନଙ୍କ ଜାତି କଣ ?... ଗୋତ୍ର କଣ ?... ଥିଲା ବାଲା କି ନଥିଲା ବାଲା ?...ଶିକ୍ଷିତ କି ମୂର୍ଖ ? କଣ ବି ଜାଣିବା ଦରକାର ଥିଲା ଏ ସବୁ ? ଏବେ ତ ସେମାନେ ଗୋଟିଏ ଜାତି .. ଭିକାରି...

ସେତକ ବି ସହିଲେନି ଏ ରଇଜଳା ଦଳ... କହିଲେ କଣ ନା ସେ ମୋ ମାଇପ... ହଁ, ହେଲା ସେ ମୋ ମାଇପ... ତମର କଣ ଗଲା ସେଇଠୁ ? ଅଣାଅଶୀ ବର୍ଷ ବୟସ ରେ କଣ ଭାବି ମୁଁ ମାଇପ ଖୋଜିବି ? ଦରକାର ଥିଲା ତ... ସାଥି ଟିଏ ..... ରାଗରେ କମ୍ପମାନ ହୋଇ ବୁଢା ନିଜେ ନିଜେ ପାଟି କରି କରି ଉଠି ବସିଲା ।

ପାଖରେ ଥିବା ଭଙ୍ଗା ବାଉଁଶ ବାଡ଼ି ଟିକୁ ହାତ ରେ ଧରି ସେ ଏବେ ଆଗେଇ ଯାଉଥିଲା କମ୍ପୋଷ୍ଟ ଉଠା ଗାଡି କୁ ଘୋଷାରି ଆଣିବା ଲାଗି, ଯେଉଁଥିରେ ସେ ନେବ ବୁଢ଼ୀ କୁ ମସାଣି ଯାଏଁ... ହଁ ହଁ ସେଇ ବୁଢ଼ୀ , ଏମାନଙ୍କ ଆଗରେ ଯିଏ ତା'  ମାଇପ.....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦, ଇମେଲ - subal.mohapatra@gmail.com

Download Magazine from www.aahwaan.com

# ଅର୍ଦ୍ଧାଙ୍ଗିନୀ



ସୀମାରେଖା

ବାପା ମା ଜୀବନରେ ଦୁଇଥର କାନ୍ଦନ୍ତି ।ଯେତେବେଳେ ଝିଅ ଶାଶୁଘର ଚାଲିଯାଏ ଆଉ ପୁଅ ବୋହୂ ବୁଦ୍ଧିରେ ପରିଚାଳିତ ହୁଏ ।ଏ କଥାକୁ ବେଶ୍ ଭଲଭାବେ ହୃଦୟଙ୍ଗମ କରୁଥିଲେ ଆଶୁତୋଷବାବୁ ।ତାଙ୍କର ଏ ପରିଣତ ବୟସରେ ଆହା ପଦେ କହିବାକୁ କେହିବି ପାଖରେ ନାହାନ୍ତି ।ଏମିତିକି ତାଙ୍କ ଅର୍ଦ୍ଧାଙ୍ଗିନୀ ଆଭା ଦେବୀ ମଧ୍ୟ... ।ସେ ବି କାଳର କରାଳ ସ୍ରୋତରେ ଭାସି ଭାସି କେବେଠାରୁ ଆର ଦୁନିଆକୁ ଚାଲିଗଲେଣି ।ଏବେ ଆଶୁତୋଷବାବୁ ସମ୍ପୂର୍ଣ୍ଣ ଏକା ।ଏଇ ଏକାକିତ୍ୱ ଜୀବନକୁ ନେଇ ସେ ବିଗତଦିନର ସ୍ମୃତିଚାରଣ କରିଚାଲିଛନ୍ତି ।ସତରେ କେତେ ସୁନ୍ଦର ମଧୁର ଥିଲା ସେଇ ମୁହୂର୍ତ୍ତଗୁଡିକ ।ଆଭା ଦେବୀ ଯେବେ ପାଖରେ ଥିଲେ ମାଗିବା ଆଗରୁ ଠିକ୍ ସମୟରେ ଭୋଜନ ଓ ଔଷଧ ମିଳି ଯାଉଥିଲା ।କିନ୍ତୁ ଏବେ ତାଙ୍କ ବିନା ଆଶୁତୋଷବାବୁଙ୍କ ଜୀବନବୋଝ ଆଉ ଅଭିଶପ୍ତ ମନେହେଉଛି । ଅର୍ଦ୍ଧାଙ୍ଗିନୀର ଅସ୍ତିତ୍ୱ କେବଳ ଯୌବନରେ ନୁହଁ, ବାର୍ଦ୍ଧକ୍ୟର ରୋଗଶଯ୍ୟାରେ ବି ଆବଶ୍ୟକ ହୋଇଥାଏ ।ପୁଅଝିଅ ଯେତେବେଳେ ନିଜନିଜ ସଂସାରକୁ ନେଇ ବ୍ୟସ୍ତ ରୁହନ୍ତି ସେତେବେଳେ ଅର୍ଦ୍ଧାଙ୍ଗିନୀ ରୂପଜୀବି ଭଳି ରୂପର ଆକର୍ଷଣ କରୁ କି ନକରୁ ମନ୍ତ୍ରୀଭଳି ପ୍ରେରଣା ଦେଉ କି ନ ଦେଉ, ରୁଚି ଅନୁସାରେ ମାଆଭଳି ଭୋଜନ ପରଷିଥାଏ ।ସେବିକାଠୁ ବଳି ସେବା କରିଥାଏ ।

ଜଗତସିଂହପୁର, ନାଉଗାଁ
ଓଡ଼ିଶା

Download Magazine from www.aahwaan.com

# ସଂସ୍କାର



ସସ୍ମିତା ମହାନ୍ତି

ସକାଳୁ ଘରର ଯାବତୀୟ କାମ ଓ ରୋଷେଇବାସ ଶେଷକରି ତରତର ହୋଇ ଅଫିସ୍ ଯିବାକୁ ପ୍ରସ୍ତୁତ ହେଉଥାଏ ମୁଁ ।କେଜାଣି କାହିଁକି ଆଜି ଖାଇବାକୁ ଆଦୌ ଇଚ୍ଛା ହେଲା ନାହିଁ ।ମନଟା ବି ଭଲ ଲାଗୁ ନଥାଏ ।ତିରିଶ କିଲୋମିଟର ବାଟ ଏବେ ଯିବାକୁ ପଡିବ ବସ୍ ରେ ।ବିସ୍କୁଟ୍ ଦିଖଣ୍ଡ ଖାଇ ପାଣି ଢୋକେ ପିଇ ଯିବାକୁ ବାହାରୁଛି ବବଲୁର ଫୋନ୍ ଆସିଲା ବୋଉ ଚାଲିଗଲା ବୋଲି ।ନିଜ କାନକୁ ବିଶ୍ୱାସ କରିପାରିଲି ନାହିଁ ।ଏଇ ତ କାଲିରାତି ଦଶଟାରେ ବୋଉ ମୋ ସହ କଥା ହୋଇ ଶୋଇବାକୁ ଯାଇଥିଲା ।ସାନ ଭଉଣୀ ଆଉ ଦୁଇ ଦିନ ପରେ ଘରକୁ ଆସିବ ବୋଲି କହିଥିବାରୁ କେତେ ଖୁସିଥିଲା ସେ ।ହଠାତ୍ ରାତିଟା ଭିତରେ ଏମିତି କଣ ବୋଉର ହେଲା ଯେ ସେ ଆମକୁ ଛାଡି ଚାଲିଗଲା ?

ଗାଁରେ ରହୁଥିବା ଦାଦାଙ୍କୁ ଫୋନ୍ କଲି । ଦାଦା କହିଲେ ଡାକ୍ତର କହୁଛନ୍ତି ହାର୍ଟ ଆଟାକ୍ ରେ ମା ।ଏମିତି ମରଣ ଭାଗ୍ୟରେ ଥିଲେ ମିଳେ ।ଆମେ ଏଠି ସବୁ ଯୋଗାଡ କରୁଛୁ ।ତୁମେମାନେ ଡେରି ନକରି ଚାଲି ଆସ ।

ସାଙ୍ଗେ ସାଙ୍ଗେ ଗାଁକୁ ଯିବା ପାଇଁ ବାହାରି ପଡିଲି ।ବାଟସାରା ବୋଉ କଥା ଭାବୁ ଥାଏ ଓ ତା ପାଇଁ କିଛି ନକରି ପାରିବାର ଗ୍ଲାନିରେ ସନ୍ତୁଳି ହେଉଥାଏ ।ଆମେ ତିନି ଭଉଣୀ ।ବାପା ଗଲାପରେ ବୋଉ ହିଁ ଆମର ସବୁକିଛି ।ବହୁତ ଦୁଃଖ କଷ୍ଟ ସହି ସେ ଆମକୁ ପାଠ ପଢେଇ ମଣିଷ କରି ଭଲ ଘର ଓ ବର ଦେଖି ବାହା କରେଇଛି ।ଆମେ ସମସ୍ତେ ଯିଏ ଯାହାର ସଂସାର ନେଇ ବ୍ୟସ୍ତ ।କେବେ କେମିତି ଛୁଟିହେଲେ ସମୟ କରି ଗାଁକୁ

Download Magazine from www.aahwaan.com

ଯାଉ ।ବୋଉ ମଝିରେ ମଝିରେ ଆମ ପାଖକୁ ବୁଲିବାକୁ ଆସେ ।ଯେତେ ମନାକଲେ ବି ଆସିଲାବେଳେ ସାଙ୍ଗରେ ମୁଗଯାଇ, ଆଚାର, ବଡି, ମୁଢି ମୁଆଁ, ପୋଡପିଠାଠୁ ଆରମ୍ଭ କରି କେତେ ପ୍ରକାର ପନି ପରିବା ଓ ଫଳମୂଳ ଧରି ଆସିଥାଏ ।ବୟସ ହେଲାଣି ।ଆମ ପାଖରେ ସବୁଦିନେ ରହିବାକୁ ଯେତେ କହିଲେ ବି ସେ ରାଜି ହୁଏନି ।ଓଲଟା ଆମକୁ ବ୍ୟସ୍ତ ନ ହେବାକୁ ବୁଝାଏ ।କୁହେ ଗାଁରେ ସମସ୍ତେ ଅଛନ୍ତି, ମୋର କିଛି ଅସୁବିଧା ହେଉନାହିଁ ।ହାତ ଗୋଡ ତ ଚାଲୁଛି ।ସବୁବେଳେ ଠାକୁରଙ୍କୁ ଡାକେ ଏମିତି ହାତ ଗୋଡ ଚାଲୁ ଥାଉ ଥାଉ ମୋତେ ନେଇଯାଅ ।ମୋ ପିଲାଏ ଯେମିତି ମୋ ପାଇଁ ହଇରାଣ ନହୁଅନ୍ତୁ ।ଭଗବାନ ବି ତା କଥା ଠିକ୍ ଶୁଣିଲେ ।ରୋଗ ବଇରାଗ କିଛି ନାହିଁ, ଶୋଇଥିବା ଅବସ୍ଥାରେ ହିଁ ଚାଲିଗଲା ହାର୍ଟ ଆଟାକ୍ ରେ ।ଏପରିକି ତା ପାଖରେ ଶୋଇଥିବା ବବଲୁ ବି କିଛି ଜାଣିପାରିଲାନି ।ବବଲୁ ମୋ ମାମୁଁଘର ଗାଁର ଗରୀବ, ମେଧାବୀ ପିଲାଟିଏ ।ବୋଉ ତାକୁ ପାଖରେ ରଖି ସ୍ଥାନୀୟ କଲେଜ୍ ରେ ପଢ଼ାଉଥିଲା ।

ମୁଁ ଘରେ ପହଞ୍ଚିଲାବେଳକୁ ମୋର ଦୁଇ ଭଉଣୀ ଓ ଅନ୍ୟ ବନ୍ଧୁବାନ୍ଧବମାନେ ପହଞ୍ଚି ସାରିଥିଲେ ।ବୋଉକୁ ଦାହ କରିବା ପାଇଁ ସମସ୍ତ ଆୟୋଜନ ଶେଷ ହୋଇଥିଲା ।ତେଣୁ ଆଉ ବିଳମ୍ବ ନକରି ଶବଯାତ୍ରା ବାହାରି ଗଲା ।ଖୁଡୀ ଓ ଭାଉଜମାନେ ତରତର ହେଉଥିଲେ ରୋଷେଇଘର ସଫା କରି ଧୁଆଧୋଇ କରିବାକୁ ।ଆମେମାନେ ଚୁପ୍ ହୋଇ ବସିଥିଲୁ ।ଭାଉଜ ଫ୍ରିଜ୍ ଖୋଲି ଦେଖିଲେ ଦୁଇ ତିନି ପ୍ରକାର ତରକାରୀ, ଭଜା, ଖିର, ଦହି, ପନି ପରିବା ଓ ଫଳ ଏମିତି କେତେ ଜିନିଷ ଅଛି ।ବୋଉ ପିଠା କରିବ ବୋଲି ପିଠଉ ବାଟି, ଛେନା ନଡିଆ ପୁରକରି ରଖିଥିଲା ।ଏସବୁ ଦେଖି ଖୁଡୀ କହିଲେ ମଣିଷ ଜୀବନ ପାଣିଫୋଟକା, କେତେବେଳେ କଣ ହେବ କହି ହେବନି ।ଅପା ଶୋଇବାକୁ ଗଲାବେଳେ

Download Magazine from www.aahwaan.com

କେବେ କଣ ଭାବିଥିବେ ଯମ ଆସି ଦାଣ୍ଡ ଦୁଆରେ ଅପେକ୍ଷା କରି ବସିଛି ।କେତେ ଯତ୍ନରେ ଏତେ ଜିନିଷ କରିକି ରଖିଥିଲେ ସବୁ ମାରା ହେଲା ।ଖୁଡୀ ସବୁ ଜିନିଷ ଫ୍ରିଜ୍ ରୁ କାଢି ବାହାରେ ଫୋପାଡିଦେବାକୁ ଭାଉଜଙ୍କୁ କହିଲେ ।

ଭାଉଜ କହିଲେ କାହାକୁ ଡାକି ଏସବୁ ଦେଇଦେଲେ ହେବନି ?

କିଏ ଖାଇବ ଏଇ ଜିନିଷକୁ ? ଆମ ସମାଜର ସଂସ୍କାର ଅନୁସାରେ କାହାର ମୃତ୍ୟୁ ଘଟିଲେ ଘରେ ଥିବା ରନ୍ଧା ଖାଦ୍ୟ ଖାଇବା ନିଷେଧ ।ଯିଏ ଖାଇବ ସେ ଛୁଆଁ ହେବ ।ଏହା ଶୁଣି ମୁଁ ସ୍ତବ୍ଧ ହୋଇଗଲି ।

ବୋଉ ଭଲ ରୋଷେଇ କରେ ।ନିଜେ ରାନ୍ଧି ଅନ୍ୟକୁ ଖୁଆଇବାରେ ତାର ଆନନ୍ଦ ।ଆମ ଘରେ ସବୁ ଦିନେ କେହି ନା କେହି ଖାଆନ୍ତି ।ଆମମାନଙ୍କର ଜନ୍ମଦିନ, ନୂଆବର୍ଷ ବା ଅନ୍ୟ ପର୍ବ ପର୍ବାଣୀ ଦିନମାନଙ୍କରେ ବୋଉ କାଙ୍ଗାଳୀ ଭୋଜନ କରିଥାଏ ।ଖାଦ୍ୟ ନଷ୍ଟ କରିବାକୁ ସେ ଆଦୌ ଭଲ ପାଏନି ।ସବୁବେଳେ କୁହେ କେତେ ଲୋକ ଖାଇବାକୁ ପିଇବାକୁ ନପାଇ ଅନାହାରରେ ମୃତ୍ୟୁବରଣ କରୁଛନ୍ତି ।ଆମକୁ ଠାକୁରେ ଖାଇବାକୁ ଦେଇଛନ୍ତି ବୋଲି ଆମେ ଖାଦ୍ୟ ନଷ୍ଟ କରି ଅନ୍ନର ଅପମାନ କରିବା ଉଚିତ୍ ନୁହେଁ ।ଲକ୍ଷ୍ମୀ ଠାକୁରାଣୀ ଦ୍ରୋହ କରିବେ ।ଘରୁ ଲକ୍ଷ୍ମୀ ଛାଡିଯିବ ।ଘରର ଶିରୀ ତୁଟି ଯିବ ।ଦୁଃଖି, ରଙ୍କି, ଯୋଗୀ କି ଭିକାରୀ କେହି କେବେ ଆମ ଦୁଆରୁ ଖାଲି ହାତରେ ଫେରନ୍ତିନି ।ଘରପୋଡି, ବନ୍ୟା ଓ ବାତ୍ୟା ଆଦି ବିପତ୍ତି ସମୟରେ ବୋଉ ମଧ୍ୟ ଲୁଗାପଟା ଖାଦ୍ୟ ପଦାର୍ଥ ସଂଗ୍ରହ କରି ଗାଁ ପିଲାଙ୍କ ସାହାଯ୍ୟରେ ରିଲିଫ୍ ପଠାଏ ।

ହଠାତ୍ ମୋ ମନକୁ ଗୋଟିଏ କଥା ଅସ୍ଥିର କଲା ।କଣିକାଏ ଦାନା ନଷ୍ଟ କରୁ ନଥିବା ମୋ ବୋଉ ଆଜି ଆମକୁ ଛାଡି ଚାଲିଗଲା ବୋଲି ଆମେ ଏତେ ଖାଦ୍ୟ ପଦାର୍ଥ

Download Magazine from www.aahwaan.com

ଫୋପାଡି ଦେବା ?ଏହା ଦେଖି ତାକୁ କେତେ କଷ୍ଟ ହେବ ? ଆଜି ବୋଉ ଥିଲେ କେତେ ଖୁସିରେ ଆମକୁ ନିଜ ହାତରେ ଏଇ ଖାଦ୍ୟ ସବୁ ବଳେଇ ବଳେଇ ଖୁଆଉ ଥାଆନ୍ତା ।ଏଇଟା କି ପ୍ରକାର ନୀତି ? କି ଅଦ୍ଭୁତ ସଂସ୍କାର ଆମର ! ଜଣେ ମରିଗଲେ ତାର ସ୍ନେହ, ପ୍ରେମ, ବିଶ୍ୱାସ, ନୀତି, ଆଦର୍ଶ, ବିଚାରଧାରା ସବୁ କଣ ମୂଲ୍ୟହୀନ ହୋଇଯାଏ ? ମନ ମୋର ବିଦ୍ରୋହ କରି ଉଠିଲା ।ତା'ଛଡା ଆଜିଠୁ ତ ବୋଉ ହାତରନ୍ଧା ଆମ ପାଇଁ ସାତ ସପନ ହେଇଯିବ ।ତେଣୁ ଏହି ଖାଦ୍ୟକୁ ନ ଫୋପାଡି ଆମେ ଖାଇଲେ କଣ ବା କ୍ଷତି ହେବ ? ବୋଉର ଆତ୍ମା ଏହା ଦେଖି ନିଶ୍ଚୟ ଖୁସି ହେବ ।ମୋ ସହ ଭଉଣୀମାନେ ଏକମତ ହେଲେ ।ମୁଁ ଖୁଡୀଙ୍କୁ ଖାଇବା ଜିନିଷକୁ ନ ଫୋପାଡି ଫ୍ରିଜ୍ ରେ ରଖିଦେବାକୁ କହିଲି ।

ମୋ କଥା ଶୁଣି ଖୁଡୀ ଆଶ୍ଚର୍ଯ୍ୟ ହୋଇ ମତେ ଚାହିଁଲେ ।କିଛି ସମୟ ନୀରବ ରହି ମୋ ମୁଣ୍ଡକୁ ଆଉଁଶି ଦେଇ କୋହଭରା କଣ୍ଠରେ କହିଲେ ବୋଉଙ୍କୁ ହରେଇ ତୁମ ମୁଣ୍ଡ ଖରାପ ହୋଇଗଲାଣି ।

ମୁଁ କିଛି ନଶୁଣି ଖାଇବା ଜିନିଷଗୁଡିକୁ ଫ୍ରିଜ୍ ରେ ସଜାଡି ରଖୁଥିଲି ।ମୋ ଆଖି ଆଗରେ ବୋଉର ହସ ହସ ମୁହଁଟି ଭାସି ଉଠୁଥିଲା ।

ମହାନଦୀ ବିହାର, କଟକ, ଓଡ଼ିଶା

Download Magazine from www.aahwaan.com

# ବୁଦ୍ଧିର ଅପବ୍ୟବହାର



ସତିଶ ଚନ୍ଦ୍ର ସିଂହ

ତିନି ରାଜପୁତ ଏକଦା କାହାକୁ ନ କହି ଜଙ୍ଗଲକୁ ବୁଲିବାକୁ ଯାଇଥିଲେ । ସେ ତିନି ଜଣ ଅତି ବୁଦ୍ଧିମାନ । ସେମାନେ ଜଙ୍ଗଲରେ ବୁଲୁ ବୁଲୁ ଗୋଟିଏ ଗଛମୂଳରେ ବିଶ୍ରାମ ନେଲେ । ଏହି ତିନିଜଣ ହଜି ଯାଇଛନ୍ତି ବୋଲି ରାଜପ୍ରସାଦରେ ପ୍ରଚାର ହେଲା । ରାଜାଙ୍କର ଆଦେଶ କ୍ରମେ ରାଜଦୁତମାନେ ଚାରିଆଡେ ଖୋଜିବାକୁ ଲାଗିଲେ । ଜଣେ ଜଙ୍ଗଲ ଆଡକୁ ଗଲା । ଏବଂ ଖୋଜି ଖୋଜି ହାଲିଆ ହୋଇଗଲା । କାହାକୁ ବି ଖୋଜି କି ପାଇଲାନି । ଶେଷରେ ଚାରିଆଡକୁ ଅନାଇ ଦେଖିବ ବୋଲି ଗୋଟିଏ ଗଛରେ ଚଢିଗଲା । ଚାରିଆଡେ ଅନାଇ ଅନାଇ କାହାକୁ ବି ଦେଖି ପାରିଲା ନାହିଁ । ଶେଷରେ କ୍ଳାନ୍ତ ହୋଇ ଗଛ ଉପରେ ଶୋଇ ପଡିଲା । ଗଛର ଡାଳ ଗୁଡାକ ମୋଟା ଏବଂ ପାଖ ପାଖ ହୋଇ ଥିବାରୁ ଜଣେ ଲୋକ ଶୋଇଲେ ମଧ୍ୟ ତଳକୁ ଖସି ପଡିବନି ।

ଏହି ତିନିଜଣ ବାଟବଣା ରାଜପୁତ ବୁଲି ବୁଲି ହାଲିଆ ହୋଇଗଲେ ଏବଂ ଏ ରାଜଦୁତ ଯେଉଁ ଗଛରେ ଚଢିଥିଲା ସେହି ଗଛମୂଳରେ ଏମାନେ ବିଶ୍ରାମ ନେଉଥିଲେ । ଦେଖିଲେ କଙ୍କାଳ ପଡିଛି । ସେମାନେ ସେ କଙ୍କାଳ ଦେଖି କାହାର କଙ୍କାଳ ବୋଲି ପଚରା ଉଚରା ହେଲେ । କିନ୍ତୁ କେହି ବି ସେ କଙ୍କାଳ କାହାର ସେ ବିଷୟରେ କହିପାରିଲେ ନାହିଁ । ଶେଷରେ ଜଣେ ଫୁଟାଣି ମାରି କହିଲା ଏ ସବୁ ହାଡ ଯୋଡି ଦେବି, ଯୋଡି ଦେଲେ ଜଣା ପଡିବ କେଉଁ ଜୀବର କଙ୍କାଳ ବୋଲି । ଗୋଟେ ଗୋଟେ ହାଡ ଯୋଡିବାକୁ ଲାଗିଲା ଏବଂ ସମ୍ପୁର୍ଣ୍ଣ ଯୋଡିଲା ବେଳକୁ ଦେଖା ଗଲା ଯେ ସେଟା ଗୋଟିଏ ମହାବଳ ବାଘର ।

 Download Magazine from www.aahwaan.com

ଦ୍ୱିତୀୟ ରାଜପୁତ ମଧ୍ୟ କମ ନୁହଁ । କହିଲା ମୋ ପାଖରେ ଏହାର ମାଂସ ସୃଷ୍ଟି କରି ରୋପଣ କରିବାର କ୍ଷମତା ମୋ ପାଖରେ ମଧ୍ୟ ଅଛି । ପ୍ରଥମ ରାଜପୁତ ଭାବିଲା ଏଟା ଡହରାଟା ।  ସେ କିନ୍ତୁ ମାଂସ ସୃଷ୍ଟି କରି ଯୋଡିବାରେ ଲାଗିଲା । ସବୁ ହାଡତକ ମାଂସରେ ଆବରଣ ହୋଇଗଲା । ଏହା ପାଖରେ କିନ୍ତୁ ଚମଡା ତିଆରି କରିବାର କ୍ଷମତା ନଥିଲା । ତୃତୀୟ ରାଜପୁତ୍ର କହିଲା ମୁଁ ଏହାର ଚମଡା ତିଆରି କରି ଦେଖାଇ ଦେବି । ଏବଂ ସମ୍ପୁର୍ଣ ଶରୀରକୁ ଆବରଣ କରିଦେବି । ଶେଷରେ ଏହା ହିଁ ହେଲା । ଶେଷରେ ତାକୁ ଟାହି ଟାପରା କଲେ କହିଲେ କି ଏତେ ସବୁ କଲା ପରେ ଏହାର ଯଦି ଜୀବନ ଦାନ କରି ପାରିବନି ତା ହେଲେ ଲାଭ କଣ । ଏତେ ସବୁ ପରିଶ୍ରମ ବୃଥା ହୋଇଯିବ ।

ତୃତୀୟ ରାଜପୁତ ଭାବିଲା–ସତରେ ଯଦି ଜୀବନ ଦାନ ହୋଇ ପାରିବ ତା ହେଲେ ସେ ହିଁ ସବୁଠୁ ଶ୍ରେଷ୍ଠ ବୋଲି ବିବେଚିତ ହେବ । ଶେଷରେ ବହୁତ ଚେଷ୍ଟା କଲା ପରେ ବାଘର ଜୀବନ ଦାନ କଲେ ।  ସଙ୍ଗେ ସଙ୍ଗେ ବାଘ ଗର୍ଜି ଉଠିଲା । ଏବଂ ଏହି ତିନି ଜଣଙ୍କୁ ଖାଇବ ବୋଲି ଗର୍ଜି ଉଠିଲା । ଛାଟି ପିଟି ହେଲା ।

ବାଘର ଗର୍ଜନ ଶୁଣି ଗଛ ଉପରେ ଥିବା ରାଜଦୂତର ନିଦ ଭାଙ୍ଗିଗଲା ଆଉ ଏହି ତିନି ଜଣଙ୍କୁ ଦେଖି କାବା ହୋଇଗଲା ଏବଂ ଚିତ୍କାର କରିକହିଲା । ରହି ଯାଅ ବାଘ । ଏମାନଙ୍କୁ ଖାଇବାର ପ୍ରଚେଷ୍ଟା କର ନା । ଏମାନେ ତୁମକୁ  ଜୀବନଦାନ ଦେଇଛନ୍ତି । ତେଣୁ ଏମାନଙ୍କୁ ଖାଇଲେ ତୁମର ପାପ ହେବ । ଛାଡିଦିଅ । ତମର ଯଦି ଧର୍ମ ଉପରେ ବିଶ୍ୱାସ ଅଛି ତେବେ ଏହି ତିନିଜଣଙ୍କୁ ଛାଡିଦିଅ । ବାଘ କହିଲା ଜୀବ ମାରି ଖାଇବା ମୋ ଧର୍ମ ।  ମୋତେ ଉପଦେଶ ଦେଉଛ କେଉଁଥି ପାଇଁ । ତମେ କିଏ କିହୋ ଗଛଉପରେ ଥାଇ ଉପଦେଶ ଦେଉଛ । ବାଘ କିଛି ମାନିଲା ନାହିଁ । ସେ କହିଲା ମୁଁ ଏମାନଙ୍କୁ ଖାଇବି । କାରଣ ମୋର ଖୁଦା ଏତେ ବଢ଼ି ଯାଇଛି ଯେ ମୁଁ ଏମାନଙ୍କୁ ନ ଖାଇଲେ ରହି ପାରିବି ନାହିଁ । ତେଣୁ କରି

Download Magazine from www.aahwaan.com

ମୋତେ ନିହାତି ଖାଇବାକୁ ପଡ଼ିବ । ବାଘ ଅସ୍ତବ୍ୟସ୍ତ ହୋଇଗଲା । ରାଜଦୂତ ଭାବିଲା ତିନି ରାଜପୁତଙ୍କ ଜୀବନ ଅତି ଅମୂଲ୍ୟ । ତିନିଜଣଙ୍କ ଶୋଚନୀୟ ଅବସ୍ଥା ଦେଖି ବାଘକୁ କହିଲା - ତୁମେ ସେମାନଙ୍କୁ ଖାଅନା । ଛାଡି ଦିଅ ବରଂ ମୋତେ ଖାଅ । ବାଘ କହିଲା - ବେଶି ଚତୁର ଦେଖାନା । ଗଛ ଉପରେ ଥାଇ ଏସବୁ କହିବା ଠିକ ହେବନି । ତୁମର ଯଦି ନିଜ ଜୀବନ ଉତ୍ସର୍ଗ କରିବାର ଇଚ୍ଛା ଅଛି ତେବେ ତଳକୁ ଓହ୍ଲାଇଆସ । ବାଘ ଭାବିଥିଲା ଲୋକଟି ତଳକୁ ଆସିବନି । କିନ୍ତୁ ଧିର ଧିରେ ତଳକୁ ଆସିବାର ଦେଖି ବାଘ ଆଶ୍ଚର୍ଯ ହୋଇଗଲା, ମନରେ ଦୟା-ଭାବନା ଜାଗ୍ରତ ହେଲା । ଲୋକଟି ତା ପାଖକୁ ନିର୍ଭୟରେ ଆସିବାର ଦେଖି ଆହୁରି ଦୟା ବଢିବାରେ ଲାଗିଲା – ରାଜଦୂତ କହିଲା ଆସ ମୋତେ ଖାଅ – ଆସ । ବାଘର ଖାଇବା ନିଶା ଧିରେ ଧିରେ କମିଗଲା । ଖାଇଲା ନାହିଁ । ଏହି ସରଳ ମଣିଷକୁ କାହିଁକି ଖାଇବି - ବରଂ ନିଜେ ମରିଯିବି । କହୁ କହୁ ମହାବଳ ବାଘଟି ମୃତୁ ମୁଖରେ ପଡିଗଲା ।

ଏହି ତିନି ଜଣ ନିଜକୁ ଯେଉଁ ବୁଦ୍ଧିମାନ ବୋଲି ଭାବିଥିଲେ । ଠିକଣା ଜାଗାରେ ବୁଦ୍ଧି ପ୍ରୟୋଗ କରି ନଥିବାରୁ ସେମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । ତେଣୁ ଠିକ ଜାଗାରେ ନିଜର ବୁଦ୍ଧି ପ୍ରୟୋଗ କଲେ ନିଜର କିଛି ଅସୁବିଧା ହେବ ନାହିଁ । ନିଜ ବୁଦ୍ଧିକୁ ଅପ-ପ୍ରୟୋଗ କଲେ ତାର କୁଫଳ ନିଶ୍ଚେ ମିଳିବ । ରାଜଦୂତ ଠିକ ସମୟରେ ପହଞ୍ଚି ନ ଥିଲେ ଏମାନଙ୍କର ମୃତ୍ୟୁ ସୁନିଶ୍ଚିତ । ଏହି ତିନି ଜଣ ବାଘକୁ ସୃଷ୍ଟି କଲେ ତା ସତ୍ତ୍ୱେ ବି ଏମାନଙ୍କୁ ଖାଇବାକୁ ପ୍ରଚେଷ୍ଟା କରିଥିବାରୁ ବାଘର ମୃତ୍ୟୁ ହୋଇଗଲା ।

ସବୁବେଳେ ନିଜର ବୁଦ୍ଧିକୁ ଠିକ ଜାଗାରେ ପ୍ରୟୋଗ କରିବା ଉଚିତ । ସାହାଯ୍ୟ କରିଥିବା ଲୋକଙ୍କୁ ହଇରାଣ କରିବାକୁ ଚାହିଁଲେ ନିଜେ ହଇରାଣରେ ପଡିବାର ସମ୍ଭାବନା ଅଧିକ ।

ପ୍ରଶାନ୍ତିବିହାର, ଭୁବନେଶ୍ୱର

Download Magazine from www.aahwaan.com

# ଗୃହଲକ୍ଷ୍ମୀ



ପରମିତା ମିଶ୍ର

ରୋଷେଇ ଘରର ଗରମରେ ହାତରେ କରଚି ଧରି ଘଣ୍ଟା ଚାଲିଛି କିନ୍ତୁ କାନଟା ଅଛି ମଝି ଘରେ । ଶାଶୁ ପୁଅ କାନରେ କେଜାଣି କଣ ମନ୍ତ୍ର ପଢୁଛନ୍ତି । ରହି ରହି ଶୁଭୁଛି, "ହଇରେ ପୁଅ ସେ ପୁରୁଣା ଟଙ୍କା କଣ ଆଉ ଚଳୁନି, ପୁଣି ସେ ଏଟିଏମ ଆଗରେ ତ ଏଡେ ଲମ୍ବା ଲାଇନ ।  ଏବେ କ ଣ ଯେ କରିବା । ତ ପୁଅ ମୁରୁକି ହସା ଦେଇ କହିଲା ଚିନ୍ତା କରନା ବୋଉ ଏ ଦେଖ ମୁଁ ଏବେ ଏସବୁ ଗଣୁଥିଲି, ପୁରା ପନ୍ଦର ହଜାର ଟଙ୍କା ଅଛି । ଏତେ ଗୁଡିଏ ଖୁଚୁରା ଟଙ୍କା ଆଉ ଏ ଟଙ୍କା ବି ଏବେ ଚଳିବ ବୁଝିଲୁ । ଆମର ଚଳିବାକୁ କିଛି ଅସୁବିଧା ହେବନି ।" ବୋଉ ତାଟକା ଚାହିଁ କହିଲେ, "ସକାଳେ କେତେ ଚିନ୍ତିତ ଥିଲୁ ଏବେ ହଠାତ ଏତେ ପଇସା କୋଉଠୁ ଆସିଲା ?" ଆରେ ତୋ ବୋହୂ ରଖିଥିଲା ଏସବୁ ।  ପୁଅ କହିଲା,  ମାଆ କାବା ହୋଇ କହିଲେ ଆଁ କଣ ବୋହୂ ? ହଇରେ ଏମିତିରେ ତ ତତେ ସିଏ ସର୍ବସ୍ୱାନ୍ତ କରିଦେବ । ତୋ ପକେଟରୁ ନେଇ ଏତେ ପଇସା ରଖିଥିଲା ।  ତା'ହେଲେ ଏ ଚୋରି ବିଦ୍ୟାରେ ବି ନିପୁଣ ଆମ ବୋହୂ ।

ଆଖିରୁ ଲେମ୍ବୁ ରସତକ ତରକାରୀର ସ୍ୱାଦ ଖରାପ କରିବାକୁ ଉଦ୍ୟତ ହେଉଥିଲେ କିନ୍ତୁ ଉତ୍ସୁକ ଥିଲେ ଶୁଣିବାକୁ ସ୍ୱାମୀଙ୍କ ଉତ୍ତର ।

ଉତ୍ତରରେ ସ୍ୱାମୀ କହିଲେ ମାଆ ଖାଲି ସେତିକି ନୁହେଁ କେବେ ଯଦି ମୁଁ ତା'ଠୁ କିଛି ଟଙ୍କା ନେଇଥାଏ ତ ସାତକୁ ସତୁରି କହି ନେଇଯାଏ । ଖାଲି କଣ ଚୋରି, ସେ ଟଙ୍କାକୁ ଏମିତି ଜାଗାରେ ଲୁଚାଇବ ଯେ ଖୋଜିଲେ ବି ପାଇବନି ।

 Download Magazine from www.aahwaan.com

ଟିକେ ନିରବ ହୋଇ କହିଲେ, ଆଉ ଜାଣିଛ ବୋଉ ଏତେ ଟଙ୍କା ରଖିବି ନିଜ ପାଇଁ ଗୋଟେ ପଇସାଟେ ଖର୍ଚ୍ଚ କରିନି । ଯେମିତି ଜାଣିଲା ମୋର ଏ ଅବସ୍ଥା ଯେ ବ୍ୟାଙ୍କରୁ ଟଙ୍କା ଉଠାଇ ପାରିବିନି ଆଉ ଘରର ସବୁ ଖର୍ଚ୍ଚ ଅଛି ସାଂଗେ ସାଂଗେ ସବୁ ଟଙ୍କା କାଢ଼ି ମୋତେ ବଢ଼ାଇଦେଲା ।

ତୁମର ମନେ ଅଛି ବୋଉ, ଯେତେବେଳେ ମୋ ଜମି କିଣା ହେବାର ଥିଲା ତୁମ ବୋହୂ ନିଜ ବାପ ଘରୁ ଆଣିଥିବା ଗୋଟିଏ ବୋଲି ହାର ମୋ ପାଇଁ ବନ୍ଧା ପକେଇଦେଲା । ଆଉ ଆଜି ଯାଏଁ ଖାଲି ବେକରେ ଅଛି ତେବେ ଆମର କର୍ତ୍ତବ୍ୟ ନୁହଁ ଆମେ ତାକୁ ବିଶ୍ୱାସ କରିବା । ଯଦି ସେ ଦେଲାବେଳେ ନିଜର ଥିଲା ତ ନେଲାବେଳେ ନିଜର କାହିଁକି ନୁହଁ ବୋଉ ।

ବୋଉ ଗୃହଲକ୍ଷ୍ମୀ ପାଖେ ଲକ୍ଷ୍ମୀ ରହିଲେ ଘର କେବେ ଲକ୍ଷ୍ମୀ ଛଡା ହେବନି । ତେଣୁ ମୁଁ ଜାଣି ଶୁଣି ପର୍ସ ତା ପାଖେ ଛାଡିଦିଏ । ବୋଉ ତୁମେ ସ୍ତ୍ରୀ ମାନେ ତୁମର ସବୁକିଛି ଛାଡି ଜଣେ ପରପୁରୁଷକୁ ବିଶ୍ୱାସ କରି ନିଜର ସବୁକିଛି ତା ଉପରେ ଉତ୍ସର୍ଗ କରିଦିଅ । ଆଉ ଏ ସବୁ ତୋ ଉପରେ ବି ଲାଗୁ ହୁଏ ବୋଉ । ମୋ ପର୍ସ ଉପରେ ତୁମ ଦୁଇଜଣଙ୍କ ସମାନ ଅଧିକାର ଅଛି । ମାଆଙ୍କ ଆଖିରେ କିଛି ଓଦା ଥିଲା ତ ପୁଅ କହିଲେ ବୋଉ ପର୍ସ ପୁରା ଖାଲି କରିବନି ମୁଁ ପୁଣି ଖାଲି ପର୍ସ ଧରି ଅପଦସ୍ତ ନହୁଏ ।”

ସ୍ୱାମୀଙ୍କ ଉତ୍ତର ସ୍ତ୍ରୀ ମନକୁ ପାଇଲା । ତରକାରୀଟା ଲୁଣି ହଉହଉ ରକ୍ଷା ପାଇଲା ।

ବସନ୍ତ ବିହାର, ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

# ଅନ୍ଧାର ଗଳିର ଅନ୍ଧମାନେ



ଅଭୟ କୁମାର ତ୍ରିପାଠୀ

"ବସନ୍ତ ଭାଇ ଦେଖତ, ଏଇ ଗଛ ମୂଳରେ ଉଦୁଉଦିଆ ଖରାବେଳ ଟାରେ ଗୋଟାଏ ସ୍ତ୍ରୀ ଲୋକ ଶୋଇଛି ତା ଛାତି ଉପରେ ମୁଣ୍ଡ ଦେଇ ଏ ପୁରୁଷ ଲୋକଟା ଶୋଇଛି !"

"ଆରେ ମକରା,ବେଳ କାଳ ଯାହା ହେଲାଣି ସମାଜରେ ଚଳିବା କଷ୍ଟ । ଲଜ୍ଜ୍ୟା ସରମ ସବୁ ଚୁଲିକି ଗଲାଣି । " ଯା ଭିତରେ ଗାଁ ସରପଞ୍ଚ ବସନ୍ତ ବାବୁ ଓ ବୋଲକରା ମକରା ଆଉଟିକେ ଆଗେଇ ଆସିଥିଲେ,ଗଛ ମୂଳରେ ପହଞ୍ଚିଯାଇଥିଲେ ।

"ଆରେ ମକରା, ଦେଖିଲୁ ଲୋକ ଦିଟା ଜୀବିତ ଅଛନ୍ତି ନା' ନାହିଁ !!"

ମକରା ଟିକେ ପାଖକୁ ଯାଇ, "ଓ ଭାଇ, ଏଠି ଏପରି ଭାବରେ ଖୋଲା ଜାଗାରେ..." ଏତିକିରେ ଲୋକଟି ମୁହଁ ଟେକି ଚାହିଁଲା, ତା ସାମ୍ନାରେ ଧୋବ ଧବଳିଆ ବାବୁ ଜଣେ ତାଙ୍କ ସାଙ୍ଗରେ ହୃଷ୍ଟପୁଷ୍ଟ ଟୋକାଟାଏ, ପ୍ୟାଣ୍ଟ ସାର୍ଟ ଓ ଯୋତା ପିନ୍ଧାବାବୁ । ମୁହଁରେ ତାର ବିଷର୍ଣ୍ଣତା ଫୁଟି ଉଠୁଥିଲା, ଅନ୍ତରର କୋହ ଆଖିଦେଇ ପଦାକୁ ବାହାରି ଆସୁଥିଲା ଲୁହ ମାଧ୍ୟମରେ, ଦେହରେ ତାର ଚିରା ସାର୍ଟ ଖଣ୍ଡେ ଓ ମଇଳା ଲୁଙ୍ଗିଟିଏ ।

ବାବୁ ପଚାରିଲେ କି'ରେ କ'ଣ ଜାଗା ମିଳୁନି ରୋମାନ୍ସ କରିବାକୁ ? ଏ ଗଛମୂଳେ, ଖାରବେଳଟାରେ ରାସ୍ତା କଡରେ ......

ନାଇଁ ବାବୁ .... । କହୁକହୁ ଲୋକଟାର କଣ୍ଠ ରୁଦ୍ଧ ହୋଇଗଲା, ଭୋଭୋ ହେଇ କାନ୍ଦି ଉଠିଲା । "କି'ରେ କାନ୍ଦୁଛୁ କାହିଁକି ? କ'ଣ ହେଇଛି ?" ଲୋକଟା ଉତ୍ତର ଦେଇପାରୁନଥିଲା କେବଳ କାନ୍ଦୁଥିଲା । ମକରା ବାବୁଙ୍କ ପ୍ରଶ୍ନର ଉତ୍ତର ନ ମିଳିବାରୁ ଟିକେ ଚଢାଗଳାରେ ପଚାରିଲା, କି'ରେ ବାବୁଙ୍କ କଥା କ'ଣ କାନରେ ପଶୁନି ବାବୁ କ'ଣ ପଚାରୁଛନ୍ତି ପରା ।

ଲୋକଟି ମୁହଁ ଖୋଲିଲା, "ବାବୁ ଇଏ ମୋର ଇସ୍ତ୍ରୀ, ଯାର ଦେହଟା ଖରାପ ହେଇ

Download Magazine from www.aahwaan.com

ଯାଇଥେଲା ଯେ ମୁଇଁ ୟାକୁ ଡାକତର ଖେନା ନେଇ ଯାଇଥେଲି । ସେଇଠି ଚାର୍ ଦିନ ରହିନୁ । ଡାକତର ବାବୁ ୟାକୁ ଦେଖିନେ, କହିନେ ୟାର କିଡିନୀଟା ଖରାପ ହେଇଚି, ୟାକୁ ବଡ ଡାକତର ଖାନା ନେଇଯା । ମୁଇଁ ପଚାରିନି ବାବୁ ମୋର ପାଖରେ ତ ପଇସା ପତର ନାଇଁ, ମୁଇଁ କେମିତି ନେମି ୟାକୁ ବଡ ଡାକତରଖାନାକୁ ? ଡାକତର ବାବୁ କଇଲେ, ସେ କଥା ମୁଁଇ ଜାଣିନି, ଏଇଠି କିଛି ହେଇ ପାରିବନି ।" ସେଇ ଡାକତର ଖାନା ଦୁଆରେ ଚାର୍ ଦିନ ଧରି ପଡିଥେଲୁ ଆଜ୍ଞା !

ମଝିରେ ମଝିରେ ଡାକତର ଆସି ମତେ ଗାଳିଦେଉଥେନେ, ଆଉ କଉଥେନେ ତୁଇ ୟାକୁ ଏଠୁ ନେଇଯା । ମୋର ପାଖରେ ଟଙ୍କା କଉଡି ନଥେଲା ଆଜ୍ଞା । ଆଜି ସକାଳୁ ମୋର ମାଇପଟା ଛଟ୍ ପଟ୍ ହେଇ ମରିଗଲା ଆଜ୍ଞା, କହୁକହୁ କାନ୍ଦିପକାଇଲା ବିଚରା ।

ସରପଞ୍ଚ ବାବୁ ତାଙ୍କ ଗାଡିରୁ ଏବେ ଓହ୍ଲାଇ ପଡିଲେ, ପାଖକୁ ଗଲେ, ପଚାରିଲେ, "ତୋର ନାଁ କ'ଣ କିରେ ?" "ସୁକୁରୁ ଆଜ୍ଞା !" ବଡ ବିନମ୍ରତାର ସହ ଉତ୍ତର ଦେଲା ଲୋକଟା । "ତୋର ଗାଁ କୋଉଠି ?" "ଟିକ୍ରାପଡା ଆଜ୍ଞା !" ବାବୁ ମକରାକୁ ଚାହିଁଲେ, "ଆରେ ଟିକ୍ରାପଡା ତ ଆମ ପଞ୍ଚାୟତର ନୁହେଁ ।"

ମକରାଚଟପଟ୍ ଉତ୍ତର ଦେଲା ନାଇଁ ବାବୁ, ସେଇଟା ଆମପଞ୍ଚାୟତର ନୁହେଁ । ବାବୁ କହିଲେ, "ହଉ ହେଲା ଗରିବ ଲୋକଟା, ତା ପାଇଁ କିଛି ବ୍ୟବସ୍ଥା କରିହେବ ତ ? ମକରା କହିଲା, "ବାବୁ ସେ ଆମ ପଞ୍ଚାୟତର ନୁହେଁ, ତା'ପରେ ଏମିତି ଲୋକ ଗୁଡାକାମ କରିବେନି, ଭତ୍ତା ନେବେ, ଟଙ୍କିକିଆ ଚାଉଳନେବେ, ଦେଶୀ ମଦ ହାଣ୍ଡିଆ ଗୁଡା ପିଇ ପିଇ ଶେଷକୁ ଏମିତି ରୋଗହେବ ଯେ ମାରିବା ସାର । ଏମାନଙ୍କ ପାଇଁ ବେବସ୍ତା କ'ଣ ? ଚାଲନ୍ତୁ ଆଜ୍ଞା । ବାବୁ କହିଲେ ତଥାପି...., ମକରା କ'ଣ ଭାବିଲା କେଜାଣି ପକେଟରୁ ମନି ପର୍ସଟା ଖୋଲିଲା; ସେଥିରୁ ୧୦୦ ଟଙ୍କିଆ ନୋଟ୍ ଟାଏ ବାହାରକରି ବଢେଇଦେଲା ସୁକୁରୁ ହାତକୁ ସରପଞ୍ଚଙ୍କୁ ଆଢୁଆଳ କରି । ଫେରିଆସିଲା ମକରା, ବାବୁ ପଚାରିଲେ ଦେଲୁ ତ ! !" ଆଜ୍ଞା ହଜାରେ

Download Magazine from www.aahwaan.com

ଟଙ୍କା ଦେଇ ଦେଇଚି ।" ସରପଞ୍ଚ ବାବୁ ଗାଡି ଷ୍ଟାର୍ଟ କରୁ କରୁ କହିଲେ, "ଶୀଘ୍ର ଏଠୁ ଶବ ନେଇ ପଳା, ସଂସ୍କାର କରିଦେ, ଏଠି ପକେଇ ରଖନା ।"

ବାବୁ ଚାଲିଗଲେ......... । ସୁକୁରୁ ଚାହିଁଥିଲା । ସଜ୍ଜଳ ନୟନରେ ବାବୁଙ୍କ ଅଦୃଶ୍ୟ ହେବା ପର୍ଯ୍ୟନ୍ତ । ଦେଖୁଥିଲା ହାତରେ ଥିବା ମକରା ଦେଇଥିବା ଶହେ ଟଙ୍କିଆ ନୋଟ୍ ଟାକୁ ଆଉ ଭାବୁଥିଲା ମକରା କଥାକୁ, ସେ ଶହେ ଟଙ୍କା ଦେଇବାବୁଙ୍କୁ ହଜାରେ ଦେଇଚି ବୋଲି କହିବା କଥାକୁ । କୋହଭରା ହୃଦୟ ଓ ଲୁହଭରା ଆଖିରେ ଚାହିଁଲା ତଳେ ଶୋଇରହିଥିବା ତାର ଜୀବନ ସାଥିକୁ । ସୁକୁରୁର କାନ ମୁଣ୍ଡ ଭାଁ ଭାଁ କରୁଥିଲା । ବିଚରା ୪ ଦିନ ହେଲା ଉପାସ ଭୋକେ ପଡିଥିଲା ଡାକତରଖାନା ଦୁଆରେ । ତାପରେ ସେଠୁ ନିଜ ସ୍ତ୍ରୀର ଶବକୁ କାନ୍ଧରେ ପକାଇ ଦୀର୍ଘ ଛଅ କିଲୋମିଟର ରାସ୍ତା ଅତିକ୍ରମ କରି ଏଠି ପହଞ୍ଚିଛି । ଗଛ ଛାଇରେ ଟାଣ ଖରାରୁ ରକ୍ଷା ପାଇବାକୁ ଟିକେ ବିଶ୍ରାମ ନେଇଥିଲା ଯେ ବାବୁ କହିଲେଣି ଶୀଘ୍ର ପଳେଇଯିବାକୁ । ଚାହିଁଲା ଉପରକୁ ଗଛ ଡାଳ ଫାଙ୍କ ଦେଇ ସୂର୍ଯ୍ୟଙ୍କର ପ୍ରଖର ରଶ୍ମୀ ତା ଆଖିକୁ ଝଲସାଇ ଦେଉଥିଲା । ଭଗବାନଙ୍କୁ ସାକ୍ଷୀ ରଖି ପୁଣି ବଡ କଷ୍ଟରେ ଶବଟିକୁ ଉଠାଇବାକୁ ହାତ ବଢାଇଲା ଶବଟା ନାଠି ହୋଇଗଲାଣି । ଯାହାହେଉ ବଣଜଙ୍ଗଲରେ ବଢିଥିବା ସୁକୁରୁର ଟାଣୁଆ ଦେହଟା ଶବ ଉଠାଇବାକୁ ସକ୍ଷମ ହେଲା । କାନ୍ଧରେ ଶବଟାକୁ ପକାଇ ନିଶୁନ୍ ରାସ୍ତା ଉପରେ ଚାଲିବାକୁ ଆରମ୍ଭ କଲା ସୁକୁରୁ । ଉପରେ ମଧ୍ୟାହ୍ନ ସୂର୍ଯ୍ୟଙ୍କର ପ୍ରଖର ତେଜ ତଳେ ପୃଥିବୀ ପୃଷ୍ଠରେ କଳା ଗାର ଭଳି ପଡିଥିବା ତତଲା ପିଚୁରାସ୍ତା ...... ।

ଏଇତଜୀବନ, ଏଇ ଆମ ସମ୍ବିଧାନ, ଏଇ ଆମ ପ୍ରଶାସନ, ଆଜିର ସମାଜରେ ଏମିତି ମଧ୍ୟ ହେଉଛି ।

(କୌଣସି ଚରିତ୍ର ଉପରେ ଆକ୍ଷେପ କରାଯାଇନାହିଁ, ଚରିତ୍ର ମାନେ ସମ୍ପୂର୍ଣ୍ଣ କାଳ୍ପନିକ )

Download Magazine from www.aahwaan.com

# ତାକୁ ପାଗଳ କଲା କିଏ ?



ବିକେଶ ସାହୁ

ସଂସାର ରୂପି ପିଞ୍ଜରା ଭିତରେ ଏଇ ମଣିଷ ରୂପି ପକ୍ଷୀଟିକୁ ସତରେ ଆଜୀବନ ବନ୍ଦି ହୋଇରହିବାକୁ ବାଧ୍ୟ କରେ ସମୟ ରୂପି ଦଉଡି । ଆଉ ଶେଷରେ ସେ ହାର ମାନେ ସେଇ ସମୟ ଦଉଡିର ଶକ୍ତ ବନ୍ଧନ ଭିତରେ ଆଉ ରାଜି ହୋଇଯାଏ ବନ୍ଦିର ଜୀବନ ଜୀଇବାକୁ ଏବଂ ପରିଚାଳିତ ହୁଏ ତା'ରି ନିର୍ଦ୍ଦେଶରେ ।ସେଇ ସମୟର ନିର୍ଦ୍ଦେଶ ଆଗରେ ମୁଁ ବା କେମିତି ବାଦ ପଡନ୍ତି । ତେଣୁ ସବୁ ଦିନ ପରି ସେ ଦିନ ବି ମୁଁ କଲେଜ ପାଇଁ ବାହାରିଥାଏ । ସମୟ ପାଖାପାଖି ୧୦ଟା ।ମନରେ ଗୁଣୁଗୁଣୁ ଗୀତ ଗାଇ ଆଗକୁ ଆଗକୁ ଚାଲିଥାଏ କଲା ମଚ ମଚ ପିଚୁ ହେଇଥିବା ରାସ୍ତା ଉପରେ ମୋ ସାଇକେଲଟା ।ମୁଣ୍ଡ ଉପରେ ସୂର୍ଯ୍ୟଙ୍କ ଆଧିପତ୍ୟ ସହ ପୃଥିବୀ ଉପରେ ନିଜର ଜୁଲମ ଆରମ୍ଭ କରିଦେଇଥାନ୍ତି । ଯାହାର ଫଳ ସ୍ୱରୂପ ମୁଖ୍ୟ ରାସ୍ତା ହେଲେ ମଧ୍ୟ ସେତେଟା ଜନ ସମାଗମ ନ ଥିଲା । ଆଉ ସେଇଥି ପାଇଁ ଯିବା ଭିତରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପ୍ରାକୃତିକ ମନୋରମ ଦୃଶ୍ୟ ରାଜିକୁ ମନ ଭରି ଉପଭୋଗ କରୁଥାଏ । ଧୀରେ ଧୀରେ ସାଇକେଲଟା ଆଗକୁ ଆଗକୁ ମାଡି ଚାଲିଥାଏ ।ଏମିତି କିଛି ଦୂର ଗଲାପରେ ଗୋଟେ ବରଗଛ । ଆଉ ତା ମୂଳରେ ସବୁ ଦିନ ପରି ଆଜି ବି ବସି ରହିଛି ସେଇ ପାଗଳ ମଣିଷଟା ।ଯାହାକୁ ଦୁଇ ତିନି ମାସ ହେବ ମୁଁ ସେଇ ବରଗଛ ମୂଳେ ବସି ଥିବାର ଦେଖି ଆସିଛି । ଯାହାର ମୁଣ୍ଡ ବାଲ ଗୁଡିକ ବିକ୍ଷିପ୍ତ ହୋଇ ପବନର ତାଳେ ତାଳ ମିଶାଉଥାନ୍ତି । ମୁଣ୍ଡଟା ନୁଖୁରା କାହିଁ କେଉଁ ଦିନରୁ ଯେ ତେଲ ଟୋପାଏ ପଡିନି ,ଦାଢ଼ି ଓ ନିଶ ତଳକୁ ଲମ୍ବି ଯାଇଥାଏ ବାବାଜୀ ମାନଙ୍କ ଭଳି । ପୁଙ୍ଗୁଳା ଶରୀର ତା

 Download Magazine from www.aahwaan.com

ଉପରେ ଇଞ୍ଚେ ବହଳର ମଇଳା ଅର୍ଦ୍ଧ ଚିରା ସାର୍ଟଟିଏ ତା ପୁଣି ବାହାରକୁ ବାରି ହେଇ ପଡୁଥାଏ ତା ହାଡ଼ ଗୁଡିକ ଆଉ ତା ବାମ ହାତଟା ଅଧାରୁ ନାହିଁ ।ତଥାପି ଶରୀରରେ ପ୍ରାଣଟା ଅଛି । ଆଉ ସବୁ ଦିନ ଭଳି ମୋ ଆଡ଼କୁ ଦେଖି ଟିକିଏ ହସି ଦେଇ ହାତ ମେଲି ତା ପାଖକୁ ଡାକିଛି ଆଜିବି । ହେଲେ ସେ ସବୁ ପ୍ରତି ମୁଁ ସେତେ ଧ୍ୟାନ ନ ଦେଇ ଚାଲିଯାଏ କ୍ଲାସ୍ ସମୟ ହୋଇଯାଇଥିବାରୁ । ଆଜି କିନ୍ତୁ ତା କରୁଣତା ମୋତେ ଯିବା ପାଇଁ ସତେକି ବାଧ୍ୟ କରୁଥାଏ । ମନ ଆଉ ବିବେକର ଦ୍ଵନ୍ଦ୍ଵ ଭିତରେ ଅନିଶ୍ଚିତତାର ଶିକାର ହୋଇ ପହଂଚି ଗଲି ସେଇ ପାଗଳ ପାଖକୁ । ମୋର ଯିବାର ଦେଖି ସେ ଖୁସିରେ ତାଳି ମାରି ହସିବାରେ ଲାଗିଲା ଆଉ ପାଖରେ ବସିବାକୁ କହିଲା । ମୁଁ କ'ଣ କରିବି ଭାବି ପାରୁନ ଥାଏ । ଶେଷକୁ କିଛି ସମୟ ଗଲା ପରେ ବସି ଗଲି । କିଛି ସମୟ ମୋତେ ଅନେଇଲା ପରେ ମୋ ନାଆ ପଚାରିଲା ।ମୁଁ ବୋକା ପରି ତାକୁ ଚାହିଁ ରହିଥାଏ । ସତେ କି ସେ ପାଗଳ ନୁହଁ ପରି ମୋତେ ଲାଗୁଥାଏ ସେଇ କ୍ଷଣିକ ସମୟ ପାଇଁ । ଶେଷରେ ମୋ ନାଆଟା କହିଦେଲା ପରେ ସେ ହା ହା ହୋଇ ହସି ପକାଇଲା । ମୁଁ କିଛି ବୁଝି ପାରୁନ ଥାଏ ।ସତେ କି ତା ମୁହଁରେ ଭରି ରହିଥିଲା କେତେ ଯେ ଯନ୍ତ୍ରଣା । ଆଖି ଦୁଇଟିକୁ ଦେଖିଲେ ଜଣା ପଡି ଯାଉଥାଏ ସେ ନିରୀହ ମଣିଷର ହୃଦୟରେ କେତେ ଦୁଃଖ ଭରି ରହିଛି ।କିଛି ସମୟ ଗଲା ପରେ ତାକୁ ତା ନାଆଟା ପଚାରିଲି । ସେ କିଛି ସମୟ ଚୁପ୍ ରହି ଉତ୍ତର ଦେଲା ରଘୁ । ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଥାଏ । ଗୋଟେ ପାଗଳ ପୁଣି ନିଜ ନା ଜାଣିଲା କେମିତି । ଏହା ପରେ ତା ପ୍ରତି ମୋ ଉତ୍କଣ୍ଠା ବଢିବାରେ ଲାଗିଲା । ସବୁ କିଛି ମୋ ପାଇଁ ଗୋଟେ ଗୋଟେ ବିରାଟ ପ୍ରଶ୍ନବାଚୀ ପରି ମନେ ହେଉଥାଏ । ଆଉ ସେଇ ପ୍ରଶ୍ନ ସବୁର ଆବିଷ୍କାର ପାଇଁ ତାକୁ ପଚାରିଦେଲି ତୁମ ଘର କେଉଁଠି ?ତୁମେ ଏଇଠି କାହିଁକି ବସିଛ ? ମୋ ପ୍ରଶ୍ନ ଶୁଣି ସେ

Download Magazine from www.aahwaan.com

ହସିବାରେ ଲାଗିଲା । ମୁଁ ସେମିତି ତାକୁ ଅନେଇ ଥାଏ ଏକ ମନ ଏକ ଲୟରେ । କିଛି ସମୟ ଗଲା ପରେ ମୁଁ ପୁଣି ବ୍ୟଗ୍ରତାର ସହ ପଚାରିଲି । କିନ୍ତୁ ସେ କହିବାକୁ ଅମଙ୍ଗ ହେଉଥିଲା । ମୋର ବାରମ୍ବାର କହିବା ପରେ ଶେଷକୁ ସେ ରାଜି ହୋଇଗଲା । ଆଉ ଆରମ୍ଭ କରି ଦେଲା ତା ଜୀବନର ସେଇ ଅଭୁଲା ମୁହୁର୍ତ୍ତ ଗୁଡିକୁ ।

X X X X

ସେ ଦିନ ବି ବୈଶାଖର ନିର୍ମଳ ଆକାଶ ଉପରୁ ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣ ସମଗ୍ର ପୃଥିବୀକୁ ଜାଳିଦେଲା ପରି ମନେ ହେଉଥାଏ । ସତେ କି ଆକାଶରୁ ନିଆଁ ବର୍ଷା ହେଉଛି ପୁଣି ତା ସାଥିରେ ପବନ ପ୍ରଖରତା ତା ପୁଣି ଝାଞ୍ଜି ସାଥିରେ । ଓଃ ....ଶରୀରରୁ ସତରେ ପ୍ରାଣଟା ଚାଲିଗଲା ପରି ମନେ ହେଉଥାଏ । ଗଛ ପତ୍ର ଗୁଡିକ ପୁଣି ସେଇ ପବନ ସାଥିରେ ମିଶି ଆକାଶରୁ ଉଲ୍କା ପଡିଲା ପରି ଅଜାଡି ହେଇ ପଡୁଥାନ୍ତି । ଏ ପଟେ ଇଟା ଭାଟିର ଉଷ୍ଣତା ଜୀବନଟାକୁ ହନ୍ତସନ୍ତ କରିପକାଉ ଥାଏ । ଆଖି ପାଖରେ ସେମିତି କୌଣସି ପୋଖରୀ କି ଗାଡିଆ ବି ନାଇ ସବୁ ଆଡେ ଖାଲି ହଜାର ହଜାର ଇଟା ଭାଟି କାହିଁ କେତେ ଦୂର ଯେ ଲମ୍ବି ଯାଇଛି ଆଜି ଯାଏ କଳନା କରି ପାରିନି ରଘୁ । କଳନା କଲେ ବା କ'ଣ ପାଇବ ଯେ ସେଇ ସବୁରୁ । ସମୟ ବା କୋଉଠି ଯେ ସେ ସବୁ ପାଇଁ ତାକୁ ସମୟ ମିଳିବ । ସବୁ ଦିନ ପରି ସେ ଦିନ ବି ରଘୁ ସେଇ ଇଟା ଭାଟିର ପାର୍ଶ୍ୱବର୍ତ୍ତି ବଉଳ ଗଛ ମୂଳକୁ ଆସି ମୁଣ୍ଡରୁ ଗାମୁଛାଟାକୁ କାଢିଦେଇ ଲଠ କିନା ବସିଯାଇଛି ।ସବୁ ଦିନ ପରି ଆଜି ବି ତାର ମନେ ପଡି ଯାଏ ସେ ପିଲା ଦିନ ,ସେଇ ଅତୀତର ଘଟଣା ସବୁ ତା ସାଥିରେ ତା ପରିବାର କଥା ସବୁ କିଛି ତା ଆଖି ସାମ୍ନାରେ ଯେମିତି ଜଳ ଜଳ ହୋଇ ଭାଷି ଯାଉଛି । ଭାବି ବସେ ସେଇ ଭିଟା ମାଟି କଥା ,ଆଉ ତାରି ସାଥିରେ ମନେ ପଡ଼ିଯାଏ ତା ସାଙ୍ଗ ମଦନ,ସଘନ ଆଉ

Download Magazine from www.aahwaan.com

ସୁକୁଟା ସହ ବିତେଇ ଥିବା ସବୁ ଅଭୁଲା ମୁହୁର୍ତ୍ତ । କେତେ ସୁନ୍ଦର ଭାବେ ହସି ମଜାରେ ବିତି ଯାଉଥିଲା ସେମାନଙ୍କର ଦିନ । ଖୋଲା ଆକାଶର ମୁକ୍ତ ବିହଙ୍ଗ ପରି ନ ଥିଲା କିଛି ବାଧା ନ ଥିଲା କିଛି ବନ୍ଧନ । କେତେ ସ୍ୱାଧୀନ ଥିଲା ତାର ସେଇ ପିଲା ଦିନ । ଗାଁ ଚାଟଶାଳୀରେ ତାର ତିନି ଶ୍ରେଣୀ ପାଠ ପଢା । ବିଦ୍ୟାଳୟ ନ ଥିବାରୁ ପାଠ ପଢ଼ାରେ ତାର ଡୋରୀ ବନ୍ଧା ହୋଇଯାଇଥିଲା । ଏ ପଟେ ତାକୁ ପନ୍ଦର ବର୍ଷ ହୋଇଛି କି ନାଇଁ ରୋଗରେ ପଡ଼ି ତା ବାପା ଏ ଦୁନିଆକୁ ପର କରି ଦେଇଛି ।ଏପଟେ ବାପା ଗଲା ପରେ ସବୁ ଦାୟିତ୍ୱ ତା ମୁଣ୍ଡ ଉପରେ । ଲୋକଙ୍କ ଘରେ ମୂଳ ଖଟି ତା ମା' ଓ ସେ ପେଟ ପୋଷିଲେ ।କୋଡିଏ ବର୍ଷ ହେଇଛି କି ନାଇ ଚମ୍ପା ସହ ତାର ବାହାଘର ହୋଇଛି ।ତା ପରେ ସଂସାର ବଢିଛି ଆଉ ତା ସହ ବଢିଛି ପରିବାର ଚଳିବା ପାଇଁ ଅର୍ଥର ଆବଶ୍ୟକତା କ'ଣ ବା ସେ କରନ୍ତା ଯେ ଗାଁଆରେ ବା କି କାମ ଯେ ସେ କରନ୍ତା । ଜମି ବୋଲି ଯାହା ଥିଲା ପାଣିର ଅଭାବରେ କାହିଁ କେତେ ବର୍ଷ ହେବ ସେମିତି ଟାଙ୍ଗରା ହେଇ ପଡିରହିଛି । ଏ ପଟେ ପାଞ୍ଚ ପ୍ରାଣୀ କୁଟୁମ୍ବ ,କେମିତି ବା ଚଳନ୍ତେ । ତଥାପି ଅନେକ ଥର ଚେଷ୍ଟା କରିଛି ଗାଁରେ କିଛି କାମ ଧାମ ପାଇଁ ହେଲେ ସବୁ ରାସ୍ତା ତା ପାଇଁ ବନ୍ଦ । ନିର୍ବାଚନ ଆଗରୁ ରାଜନେତାମାନଙ୍କ ପ୍ରତିଶ୍ରୁତି ସବୁକୁ ସତ ଭାବିନେଇ ସେ ଘିଅ ମହୁରେ ଭାସୁଥିଲା ହେଲେ ଏ କ'ଣ ନିର୍ବାଚନ ଶେଷ ନ ହେଉଣୁ କୁଆଡ଼େ ଗଲା ସେ ସବୁ ଯେ ତାର ଖୋଜ ଖବର ବି ମିଳିଲାନି ।ବାକି ଯାହା ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା କଥା ସେ ଦେଇ ସେ ଓ ଚମ୍ପା ଜବ କାର୍ଡ ବି ପାଇଲେ ହେଲେ ଏ ଯାଏ ଦିନ ଟିଏ ବି କାମ ମିଳିନି ସେମିତି ପଡିରହିଛି ସେଇ ମାଟି ସରେଇ ଭିତରେ କାହା ଉପରେ ଅବା ସେ ବିଶ୍ୱାସ କରନ୍ତା ।ସାହୁକାର ପାଖରେ ଘରଟାକୁ ବନ୍ଧକ କରିଦେଇ ଦଶ ହଜାର ଟଙ୍କା ତ ରିନିର ରୋଗ ଠିକ କରିବାରେ ଲଗେଇ ସାରିଛି । ବାକି

Download Magazine from www.aahwaan.com

ଯାହା ଥିଲା ସେଇ ଟାଙ୍ଗରା ଭୂଇଁଟା ତା ବି ବନ୍ଧା ପକେଇ ଦେଇ ଘର କରଣା ପାଇଁ ଦଶ ହଜାର ଟଙ୍କା ଚମ୍ପା ହାତରେ ଦେଇ ଆସିଛି ଯେ ଏ ଯାଏ ସେ ସୁଝି ପାରିନି ।ଆଉ କେତେ ଦିନ ବା ସେଇଠି ଧାର କରଜ କରି ପଡି ରହିଥାନ୍ତା ।ଶେଷକୁ ବାଧ୍ୟ ହୋଇ ମାନିବାକୁ ପଡିଛି ସାହୁକାରଙ୍କ କଥା ।ଆଉ ଇଟା ଭାଟିକୁ ଯିବ ବୋଲି ସ୍ଥିର କରିଦେଇଛି ।ଆସିବା ବେଳେ ତା ବଡ ଝିଅ ରିନି କେତେ ଯେ ବାରଣ କରିଥିଲା ନ ଯିବା ପାଇଁ ।ଏ ପଟେ ରୋଗିଣା ମା'ଟା ଏବେ କେମିତି ଯେ ଥିବ ।ତା ସାଥିରେ ପୁଣି ସ୍ତ୍ରୀ ଚମ୍ପାର ପେଟରେ ଥିବା ତା ତିନି ମାସର ଶିଶୁ । ସବୁ କଥା ତାକୁ ବ୍ୟତିବ୍ୟସ୍ତ କରିପକାଉଥାଏ ।

ଛ'ମାସ ପାଇଁ ଆସି ଆଜକୁ ବର୍ଷେ ପୁରିବା ଉପରେ ହେଇ ଗଲାଣି ତଥାପି ତାକୁ ଯିବା ପାଇଁ କେହି ଦେଉନାହାନ୍ତି ।ଅନେକ ଥର ଖସି ଚାଲି ଯିବାକୁ ଚେଷ୍ଟା କରିଛି ହେଲେ ତା ବଦଳ ରେ ହରେଇ ଦେଇଛି ତା ବହୁ ମୂଲ୍ୟ ଡାହାଣ ହାତ ।ସେଇ ଦିନଠୁ ଆଜି ଯାଏ ଆଉ ଖସି ଯିବାକୁ ସେ ସାହସ କରିନି ।କରନ୍ତା ବା କେମିତି ସେଇ ନର ରାକ୍ଷସମାନଙ୍କ ହୃଦୟ ବୋଲି କଣ କିଛି ଅଛି ..? ।ଅନେକ ଲୋକଙ୍କ ହାତ,ଗୋଡ ଏପରିକି ଜୀବନରୁ ମାରିଦେବା ସେ ନିଜ ଆଖିରେ ଦେଖି ସାରିଛି ।ନିରୀହ ମଣିଷର ରକ୍ତ ବୋହିବା ତ ସେଇଠି ଗୋଟେ ସାଧାରଣ କଥା ।ତଥାପି ରଘୁ ହାର ମାନି ନି ସବୁ ବେଳେ ଗାଁର ଇଷ୍ଟ ଦେବୀ ମା' ବସ୍ତ୍ରେନ ମାଉଳି ଉପରେ ତାର ପ୍ରବଳ ବିଶ୍ୱାସ ।ସେ ନିଶ୍ଚୟ ତାକୁ ଏଇ ସଙ୍କଟରୁ ଉଦ୍ଧାର କରିବେ ।ଆଜି ବି ସେଇ ବିଶ୍ୱାସ ତାର ଅଛି ।ସବୁ ଦିନ ପରି ସେ ଦିନ ବି ସେ ମା'ଙ୍କ ବନ୍ଦନା ପାଠ କରିଛି ।ତା ପରିବାରକୁ ଭଲରେ ରଖିଥିବା ପାଇଁ ମା'ଙ୍କୁ ଦଣ୍ଡବତ ହୋଇଛି ।

ଏପଟେ ଡାକ ଶୁଭିଲା ରଘୁ....ରଘୁ..... ।

 Download Magazine from www.aahwaan.com

ରଘୁ ଜାଣି ସାରିଥିଲା ଏଇଟା ସେଇ ନର ରାକ୍ଷସର ଡାକ । ଧଡ଼ଫଡ ହୋଇ ଉଠି ପଡି ..ଆ ରାହା ହୁ...ସାହାବ କହି ଦଉଡି ବାରେ ଲାଗିଲା ସେଇ ଶବ୍ଦ ଭାସିଆସୁଥିବା ଦିଗକୁ ଏବଂ ଯାଇ ପହଂଛି ଗଲା ।

"କ୍ୟା ହୁଆ ମାଲିକ... ? "ରଘୁ କହିଲା ।

"କାହା ମର ଗେୟା ଥା ? ଇତନା ବୁଲା ରାହା ହୁ ? "ରାଗି ଯାଇ ଭାଟି ମାଲିକଟା କହିଛି ।

ରଘୁ ଚୁପ ହୋଇ ସେମିତି ଠିଆ ହୋଇଥାଏ । ଆଜି ସେ ପାର୍ଟିକୁ ଯାଉଛି ରାତିରେ ରହିବନି କହି ।ରଘୁକୁ କାମକୁ ଯିବାକୁ କହି ଚାଲିଗଲା । ଏହା ପରେ ରଘୁ ସ୍ଥିରକଲା ଆଜି ରାତିଟା ତା ପାଇଁ ଗୋଟେ ଭଲ ସୁଯୋଗ ଆଜି ରାତି ଯେମିତି ହେଲେ ସେ ଏଇଠୁ ଖସି କି ଚାଲି ଯିବ ।

ଏହା ପରେ ରାତି ହେଇଛି । ମଧ୍ୟ ରାତ୍ରି ସମୟ ସେ ଦିନ ଥାଏ ଅମାବାସ୍ୟା । ସବୁ ଆଡେ ଅନ୍ଧକାର । ଆଖି କି କିଛି ଦେଖା ଯାଉନ ଥାଏ । ରଘୁ ମା'ଙ୍କୁ ସ୍ମରଣ କରି ବାହାରି ପଡ଼ିଲା ସେଇ କୁଡ଼ିଆରୁ ପଛ ପଟ ଛୋଟିଆ ରାସ୍ତା ଦେଇ । ଆଗକୁ ଆଗକୁ ଶୀଘ୍ର ଶୀଘ୍ର ଚାଲିଲା ସେଇ ଅନ୍ଧକାର ଭିତରେ ଅଣ୍ଡାଳି ଅଣ୍ଡାଳି ଆଗକୁ ମାଡି ଚାଲିଲା ।କଣ୍ଟା ପଥର କିଛି କି ତାର ଖାତିର ନାହିଁ । ଅନେକ ବାଟ ଅତିକ୍ରମ କଲା ପରେ ଆଗକୁ ବିଦ୍ୟୁତ ବଲବ ଆଲୁଅ ସେ ଜଳୁଥିବାର ଦେଖିଲା । ପାଦରେ କେତେ ଯେ କଣ୍ଟା ଗଡ଼ି ସାରିଥାଏ । ତଥାପି ତା ଖାତିର ନ ଥାଏ । ଶେଷକୁ ଯାଇ ପହଁଞ୍ଚି ଗଲା ସେଇ ଆଲୁଅ ପାଖକୁ । ସକାଳ ହେବାକୁ ମାତ୍ର ଆଉ କେଇଟି ସମୟ ବାକି ଅଛି । ସକାଳ ହେବା ଯାଏ ସେଇଠି ସେମିତି ବସି ରହିଥାଏ । ଶେଷକୁ ସକାଳ ହୋଇଛି ଦେଖିଲା ସେଇଟା ଗୋଟେ ରେଳ ଷ୍ଟେସନ । ତା

Download Magazine from www.aahwaan.com

ମନ ଖୁସିରେ ଭରିଗଲା । କିନ୍ତୁ ତା ପାଖରେ ଟଙ୍କା ବି ନାଇ । ସେ କରନ୍ତା ବା କ'ଣ ? ? ଶେଷକୁ ଟ୍ରେନଟା ଆସି ପହଂଚି ଗଲା । କ'ଣ କରିବ କିଛି ବୁଝିନ ପରି ବିନା ଟିକେଟରେ ଚଢ଼ିଗଲା ଟ୍ରେନ ଉପରେ ଆଉ ସିଟ ତଳେ ଶୋଇ ପଡ଼ିଲା । ଟ୍ରେନଟା ଗଢ଼ିଚାଲିଥାଏ । ଏପଟେ ମନରେ ଅନେକ ଆଶଙ୍କା ରଘୁକୁ ବ୍ୟତିବ୍ୟସ୍ତ କରିପକାଉଥାଏ । ଶେଷକୁ ସେ ପହଂଚି ଗଲା ତା ଗାଁର ପାଖ ସହରରେ । ଓହ୍ଲେଇ ପଡି । ଶୀଘ୍ର ଶୀଘ୍ର ଚାଲିଲା ଗାଁ ଆଡକୁ ଏକ ମୁହାଁ ହୋଇ । ମନରେ ଅନେକ ଆଶଙ୍କା ଭିତରେ ପହଂଚି ଗଲା ତା ଭିଟା ମାଟିକୁ । ସବୁ କିଛି ତାକୁ ନୂଆ ନୂଆ ଲାଗୁଥାଏ । ସବୁ କିଛି ଯେପରି ବଦଳି ଯାଇଛି ଏ ବର୍ଷକ ଭିତରେ । କିନ୍ତୁ ସେ ସବୁ ପ୍ରତି ତାର ସେତେଟା ଧ୍ୟାନ ନ ଥିଲା । ସିଧାସଳଖ ସେ ତା ସେଇ ଛୋଟ କୁଡ଼ିଆ ଆଡେ ଏକମୁହାଁ ହୋଇ ଛୁଟିଥାଏ । ଶେଷକୁ ଯାଇ ପହଁଚି ଯାଇଛି । ହେଲେ ଏ କ'ଣ ? ? ସେଇଥି ତାଲା ପଡିଛି । ସେ କିଛି ବୁଝି ପାରୁ ନ ଥାଏ ।ଆଖପାଖ ଅନେଇଲା ଏତିକି ବେଳେ ସେଇ ରାସ୍ତା ସେ ପଟୁ ଝିଅ ଟିଏ କାନ୍ଦି କାନ୍ଦି ହାତରେ ଥାଳି ଧରି ଆସୁଥାଏ । ରଘୁ ଅନେଇ ଦେଖିଛି ଆଉ ଚମକି ପଡିଛି ।ସବୁ କିଛି ତାକୁ ସ୍ୱପ୍ନ ପରି ମନେ ହେଉଥାଏ ।ଦଉଡି ଯାଇ ପାଖକୁ ଦେଖିଛି ସେ ହେଉଛି ତା ବଡ଼ଝିଅ ରିନି । କୁଣ୍ଢେଇ ପକେଇଛି ରିନିକୁ ଆଉ ଅନେକ କାନ୍ଦିଛି । ରିନି ବି ବାପାକୁ ଦେଖି ଆଉ ସମ୍ଭାଳି ପାରିନି ସେ ବି ଜୋର ଜୋରରେ କାନ୍ଦି ପକେଇଛି । ତା ପରେ ଗୋଟି ଗୋଟି କିରି ସବୁ କଥା କହିଦେଇଛି ରିନି ବାପାକୁ । ପଇସା ଅଭାବରୁ ରଘୁ ଗଲା ପରେ ତା ମା' ଦୁନିଆ ଛାଡି ଦେଇଛି । ଏପଟେ ଚମ୍ପା ଓ ତା ପେଟରେ ବଢୁଥିବା ତା ଛୁଆ ଠିକ ସମୟରେ ଚିକିତ୍ସାର ଅଭାବ ହେତୁ ସେ ବି ଚାଲିଗଲା । ରହିଯାଇଛି ରିନି ଏକା । ଆଉ ପେଟ ପାଇଁ ଆଜି ଭିକ ମାଗୁଛି ବାର ଦୁଆର ବୁଲି । ଏସବୁ ଶୁଣି ରଘୁ ଚେତା ହରେଇ ତଳେ ପଡିଯାଇଛି । ରିନି

 Download Magazine from www.aahwaan.com

ପାଣି ଆଣି ମୁହଁରେ ମାରିଛି ।ରଘୁ ଉଠି ପଡ଼ିଲା ସତ ହେଲେ ତା ହାବଭାବ ସବୁ ବଦଳି ଯାଇଥାଏ । ସତେକି ଗୋଟେ ଅର୍ଦ୍ଧ ପାଗଲ ପରି ।ରିନି ବାପାକୁ ନେଇ ସହରକୁ ଚାଲି ଆସିଛି ।ସେଇଠି ସେଇ ଅର୍ଦ୍ଧ ପାଗଳ ବାପାଟାକୁ ସହର ଶେଷ ମୁଣ୍ଡରେ ଥିବା ବର ଗଛ ପାଖରେ ବସେଇ ଦେଇ ବୁଲିବୁଲି ଭିକ ମାଗେ ଆଉ ଯାହା ମିଳେ ସେଥିରେ ଦୁହେଁ ଭାରି କଷ୍ଟରେ ଚଳିଯାଆନ୍ତି ।ସେମିତି ଗୋଟେ ଦିନର କଥା ରିନିକୁ ଭାରି ଜ୍ୱର । ଦେହଟା ପୋଡ଼ି ଯାଉଥାଏ ଗରମରେ । ବିଚରା ରଘୁ କରନ୍ତା ବା କ'ଣ ??ସହଜେ ତ ଅର୍ଦ୍ଧ ପାଗଳ । ଶେଷରେ ରିନି ବି ତାକୁ ଏକା କରି ଚାଲି ଯାଇଛି । ରହିଯାଇଛି ଖାଲି ଏକା ଏଇ ରଘୁ ଅର୍ଦ୍ଧ ପାଗଳ ସାଜି । ନା ଅଛି ଆଜି ତା ଘର ନା ଅଛି ତା ସେଇ ସୁନାର ପରିବାର ।


ଏମିତି କହୁ କହୁ ହଠାତ ସେ ହା ହା ହେଇ ହସିବାକୁ ଲାଗିଲା । ଏତିକି ବେଳେ ମୋ ଆଖିରୁ ସୃଷ୍ଟି ହେଇ ସାରିଥାଏ ଲୁହର ବନ୍ୟା । ଆଉ କୋହ ସମ୍ଭାଳି ନ ପାରି ମୋ ଆଖିରୁ ଝରି ଯାଉଥାଏ ଧାର ଧାର ହୋଇ ଦୁଃଖର ଅଶ୍ରୁ ସବୁ । ଚାହିଁଲେ ବି ଆଉ ଅଟକେଇ ହେଉ ନ ଥାଏ ।

ଏତିକି ବେଳେ ହଠାତ୍ ସେଇ ପାଗଳଟା ଉଠି ପଡି ରିନି..... ରିନି....ରିନି....ମୋ ରିନି ବଞ୍ଚିଛି କହି ସହର ଆଡକୁ ଦଉଡିବାକୁ ଲାଗିଲା ମୁଁ ତା ପଶ୍ଚାତ ଧାବନ କରୁଥାଏ । ଆଉ ସେତିକି ବେଳେ ସେ ଅଦୃଶ୍ୟ ହେଇ ସାରିଥିଲା ସହରର ସେଇ ଜନସମୁଦ୍ର ଭିତରେ......... । ଏମିତି ଏକ ପରିସ୍ଥିତିର ସମ୍ମୁଖିନ୍ ହେବା ପରେ ଶେଷରେ ମୋ ମନରେ ସେଇ ଗୋଟିଏ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଥାଏ - ତାକୁ ପାଗଳ କଲା କିଏ ... ? ଏଇ ପ୍ରଶାସନ ନା ସେ ଭାଟି ମାଲିକ ନା ତାର ଉଜୁଡା ପରିବାର..... ????

ଭୁଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

Download Magazine from www.aahwaan.com

# ଏକୁଟିଆ



ପଲ୍ଲବୀ ଦାସ

ସମସ୍ତେ କହୁଛନ୍ତି ମୁଁ କୁଆଡ଼େ ଏକୁଟିଆ ଆଉ ଗୋଟେ ଶାନ୍ତ ଝିଅ । ହସ ଲାଗେ ଶୁଣି କିଛି କହିବା ଦରକାର ଭାବେନି । ମୋ ମାଆ କୁହେ ବେଶି କହିଲେ ଯୁକ୍ତି ଆରମ୍ଭ ହବ ଆଉ ଯୁକ୍ତି କଲେ ନିଜର ଶକ୍ତି କ୍ଷୟ ହବ ସେଥିପାଇଁ ବାସ୍ ହସିଦିଏ । ମନ ହେଲେ ଜାଣି ଶୁଣି ଟିକେ ମଜା ପାଇଁ ଚିଡେଇ ଦିଏ ।

ବେଳେ ବେଳେ ବସି ଭାବେ, ସତରେ ମୁଁ କ'ଣ ଏତେ ଏକା ଦେଖା ଯାଉଛି ସମସ୍ତଙ୍କୁ ! କାଇଁ ମତେ ତ କେବେ ସେମିତି ଲାଗୁନି ! ଏକା କଥା ଭାବିଲା ବେଳକୁ ପ୍ରଥମେ ବାପାଙ୍କ ହସ ହସ ମୁହଁ ଭାସି ଆସୁଛି, ତା ପରେ ମାଆର , ଯିଏ ସବୁ ବେଳେ ମୋ ପାଇଁ ପ୍ରେରଣା ଦାୟୀ ତା ପରେ ଭାସି ଆସୁଛି ସାନ ଭାଇର ଥଟା ମଜା ସବୁ । ଆଉ ସେତିକି ରେ ମୋ ଦୁନିଆ ସରୁନି ଯ ଗୁରୁଜନ, ବଡ଼ ସାନ ଭାଇ ଭଉଣୀ ସାଙ୍ଗ ସାଥି ସମସ୍ତଙ୍କ ମୋ ପ୍ରତି ଥିବା ଶ୍ରଦ୍ଧା ମତେ ଆଗକୁ ବଢିବାକୁ ଖୋରାକ୍ ଯୋଗାଉଛି । ବେଳେ ବେଳେ  ରାସ୍ତାରେ ଏକା ଚାଲିବା ବେଳେ  ସାଉଁଟି ଥିବା ସବୁ ସ୍ମୃତି ପାଇଁ ମୁରୁକୁନ୍ଦ ହସ ବି ବାହାରି ଯାଏ । ଏକା ବସିଲେ ଦୁନିଅ ଯାକର ଚିନ୍ତା ଗ୍ରାସ କରେ, ମନ ଚାହେଁ ସମସ୍ତେ ଖୁସିରେ ରୁହନ୍ତୁ, ଯଦି କେହି ଦୁଃଖ ରେ ଥାଏ ତା କଥା ଟିକେ ବୁଝିବାକୁ ଇଛା ହୁଏ । ଭାଇ କୁହେ ଦେଶ ସେବା ବନ୍ଦ କର

କିନ୍ତୁ ନିଜେ ବି ସେଇ କାମ କରେ, ମୁଁ ବା କେମିତି ବାଦ ପଡିବି । କାହିଁକି କେଜାଣି ସମସ୍ତେ ଭାବୁଛନ୍ତି ଝିଅଟା ବୋହୁତ୍ ଶାନ୍ତ ମାନେ ସେ ବୋହୁତ୍ ଦୁଃଖୀ ସେଥିପାଇଁ କୋଉ ଦୂର ଦୂର ସମ୍ପର୍କୀୟ ଫୋନ କରି ମୋ ସାହସ ବଢେଇବାକୁ ଚେଷ୍ଟା କରନ୍ତି । ଭାବିଲା

Download Magazine from www.aahwaan.com

ବେଳକୁ ଖୁସି ଲାଗେ, ହସ ବି ଲାଗେ ମାଆ ବାପାଙ୍କ ଖୋରାକ୍ ଅଭାବ ପଡୁନାହିଁ ଯ ଆହୁରି ମିଳୁଛି, ଯାହା ହଉ ମୁଁ କେତେ ଭାଗ୍ୟବାନ ମତେ ସବୁ କେତେ ସ୍ନେହ କରୁଛନ୍ତି । ପୁଣି ଭାବେ ଏସବୁ ଅସ୍ଥାୟୀ । ସେଠୁ ପୁଣି ମନରେ ଦୁଃଖ ଚାଲିଆସେ ମୁହଁ ଗମ୍ଭିର ହୋଇଯାଏ ମୁହଁ ଆଗରେ ଭାସି ଆସେ ଅନାଥାଶ୍ରମରେ ଦେଖିଥିବା ସବୁ ଛୁଆଙ୍କ ନିରୀହ ଚେହେରାଟିମାନ । ଆଖିରେ ଲୁହ ଚାଲି ଆସେ,  କେବେ ତ ସେମାନଙ୍କ କଥା କିଏ ଭାବ ଟିକେ, ହସେଇବାକୁ ଚେଷ୍ଟା କର ସେମାନଙ୍କୁ, ତେଲିଆ ମୁଣ୍ଡରେ ତେଲ ବୋଳିଲେ କ'ଣ ହବ ସବୁ ତେଲ ତ ବୋହି ଯିବ ।

କେତେ ସୁନ୍ଦର ଲାଗେ ସେଇ ସବୁ ଛୁଆଙ୍କ ମୁହଁରେ ହସ ଦେଖିବାକୁ, ଛୋଟ ଛୋଟ ଜିନିଷରେ ବି ସ୍ୱର୍ଗ ପାଇବା ପରି ଖୁସି ଆଉ ନିରୀହ ଆଖିର ଚମକ୍ କେତେ ହୃଦୟରେ ଖୁସି ଭରି ଦିଏ କେବେ ଥରେ ଦେଖି ଆସ ।  ବୃଦ୍ଧ ଲୋକଙ୍କ ଥର ଥର ହାତର ଆଶିର୍ବାଦ ଆଉ ମୁହଁରେ ମାଡ଼ି ଆସୁଥିବା  ବୟସର ଭାର ସେଥିରେ ପୁଣି ଅଙ୍କୁରିତ ହଉଥିବା ହସ ଆଉ ଛଳ ଛଳ ଆଖିର ଚମକ କିଛି କମ୍ ଖୁସି ଦିଏନି । ମନ ହୁଏ ସବୁ ଛାଡ଼ି ଦିଅନ୍ତିକି ବାସ୍ ସେଇ ସମୟକୁ ସବୁ ଦିନ ନିଜର କରି ସେଇଠି ରହିଯାନ୍ତି ପୁଣି ମନ ବୁଝେଇ ଦିଏ ମୋ କର୍ତ୍ତବ୍ୟ ଆଉ ମତେ ପୁଣି ଦୌଡିବାକୁ ହୁଏ ମୋ ଗନ୍ତବ୍ୟ ପଥରେ । ପୁଣି ମୁଁ ଏକୁଟିଆ ଚାଲେ ରାସ୍ତାରେ ବୋହୁତ୍ ସାଙ୍ଗ ଭେଟ ହୁଅନ୍ତି । କିଛି ସାଙ୍ଗ ବୋହୁତ୍ ଭଲ ସାଙ୍ଗ ହୁଅନ୍ତି ଆଉ କିଛି ଭଲ ଶିକ୍ଷା ଦେଇ ଚାଲିଯାନ୍ତି ପୁଣି ନିଜ ରାସ୍ତାରେ, ଆଉ କିଛି ଜଣ ରହିଯାନ୍ତି ସବୁ ଦିନ ସାଙ୍ଗ ହୋଇ । ମୁଁ ଏକା ଥିଲେ ବି ସେଇ ଏକାନ୍ତ ସମୟକୁ ବୋହୁତ୍ ଭଲରେ ଉପଭୋଗ କରେ । କେବେ ଟିକେ ପାଠ ପଢ଼ିଦିଏ ତ କେବେ ଟିକେ କିଛି ଲେଖିଦିଏ ସେଥିରେ ପୁଣି ଗୀତ ଶୁଣିବାକୁ ଇଛା ହେଲେ, ଗୀତ ଶୁଣି ଶୁଣି ଗାଇବାକୁ ଚେଷ୍ଟା କରେ, କେବେ ଅଧିକା ଖୁସିଥିଲେ

Download Magazine from www.aahwaan.com

ଚିତ୍ର ଆଙ୍କିବାକୁ ବସିଯାଏ । କେବେ ଲାଗେନି ମୁଁ ଏକା ବୋଲି, ମୋ ସହ ଏତେ ଲୋକଙ୍କ ସ୍ନେହ ଆଉ ଆର୍ଶିବାଦ ଥାଉ ଥାଉ ମୁଁ ଏକା କେମିତି ଯ ! ଯଦି ମୁଁ ତଥାବି ଏକା ଲାଗେ ତେବେ ଏଟା କେବଳ ମୋ ନିଜର ଭୁଲ ବୋଲି ବୁଝିବି ଆଉ ମୁଁ ନିଜକୁ ଦୁନିଅର ରଙ୍ଗରେ ଢ଼ାଳି ପାରିନି ବୋଲି ଜାଣିବି । ମୋ ଠାରୁ ଅଧିକ ଏକା ସେଇ ଲୋକମାନେ ଯୋଉମାନଙ୍କର କେହି ନାହାଁନ୍ତି କି ଯୋଉମାନଙ୍କର ସମସ୍ତେ ଥାଇ ବି ନଥିଲା ପରି ।

ନୂଆ ଶାସନ, ଢେଙ୍କାନାଳ ଜିଲ୍ଲା, ପିନ୍ – ୭୫୯୦୦୧

ଇମେଲ୍ : pallabidas051@gmail.com

ଭ୍ରାମ୍ୟଭାଷ : ୭୨୦୫୨୬୪୬୮୪

Download Magazine from www.aahwaan.com

# ଚପଳ ଚିନୁ



ଶିଶିର କୁମାର ଚୌଧୁରୀ

ନୂଆଦିଲ୍ଲୀର ଗୁରୁଗାଓଁରୁ ଫୋନ୍ ଆସିଛି । ମୋ ଝିଅ ଲିପିର ପୁତ୍ରମଣି ଚିନୁ ଫୋନ୍ କରିଛି ।

"ଝୁନୁମାମା ! ମୋ ପାଇଁ ଆମ୍ବସୋରା କରିଛ ନା ? ମୁଁ ରଜକୁ ଗଲେ ଦେବ ।" ନାତିର ପ୍ରଶ୍ନରେ ଆନନ୍ଦିତ ହୋଇଛନ୍ତି ମୋ ଧର୍ମପତ୍ନୀ । ଏ ବର୍ଷ ଆମ୍ବତୋଟାରେ ବହୁତ ଆମ୍ବ ଫଳିଥିଲା । ଶ୍ରୀମତି କହିଲେ, "ହଁରେ ଚିନ୍ମୟ ! ତୋ ପାଇଁ ଆମ୍ବସୋରା ହେବ, ଆଚାର ବି ହେବ । ତୋର ଆଉ କ'ଣ ଦରକାର କହ ?"

"ଝୁନୁମାମା ମୋ ପାଇଁ ବଡ଼ି ରଖିଛ ନା ? ମୁଁ ଗଲେ ଦେବନା ?" ଚିନୁର ପ୍ରଶ୍ନ । ବଡ଼ି ଆମ ଚିନ୍ମୟ ମହାପାତ୍ରଙ୍କର ପ୍ରିୟ ଖାଦ୍ୟ । ସେ କ୍ୱଚିତ ଆମିଷ ଖାଏ । କିନ୍ତୁ ଖେଚୁଡ଼ି, ଡାଲମା, ବଡ଼ି ତା'ର ପ୍ରିୟ ଖାଦ୍ୟ । ଆଜିକାଲି ଆମଘରର ପିଲାମାନେ ଛୋଟ ବୟସରୁ ଭାତ, ଡାଲି, ସାଧା ତରକାରୀ ଆଗ୍ରହର ସହ ଖାଉଛନ୍ତି । ଆମିଷପ୍ରତି ସେତେଟା ଆଗ୍ରହ ନାହିଁ । ପିଲାମାନଙ୍କର ଏଭଳି ସାତ୍ତ୍ୱିକ ଖାଦ୍ୟ ପ୍ରତି ଆଗ୍ରହ ହୁଏତ ଯୁଗ ପରିବର୍ତ୍ତନର ଏକ ସୂଚନା ହୋଇପାରେ ।

ଆମ୍ବସୋରା, ଆମ୍ବ ପଚି ସଢ଼ିଗଲେ କରାଯାଏ । ବହୁଳ ଭାବରେ ଆମ୍ବ ପାଚିଲାପରେ, ଘର ବାହାରର ଲୋକେ ଆମ୍ବ ଖାଇ ଖାଇ ଅରୁଚି ଆସିଲେ ଗଛରୁ ବର୍ଷା ପବନରେ ଝଡ଼ୁଥିବା ଅଧିକ ଆମ୍ବରୁ ସାଧାରଣତଃ ଆମ୍ବସୋରା ତିଆରି କରି ଖରାରେ ଶୁଖାଇ ବର୍ଷାଦିନ ପାଇଁ ରଖାଯାଏ । କିନ୍ତୁ ମହାପାତ୍ରର ମାମା (ମୋ ଧର୍ମପତ୍ନୀ) ନାତି ସ୍ନେହରେ ବିହ୍ୱଳ ହୋଇ ନୂଆ

Download Magazine from www.aahwaan.com

ନୂଆ ପାଚିଥିବା ଆମ୍ବରୁ ଆମ୍ବସୋରା କରିବା ଆରମ୍ଭ କରିଥିଲେ । ପରିବାରର ଲୋକମାନଙ୍କର ଆମ୍ବ ଖାଇବାର ଆବଶ୍ୟକତକୁ ହେୟଜ୍ଞାନ କଲେ । ନାତି ପ୍ରତି କି ମମତା !

ଚିନୁ ଯାଜପୁର ରୋଡ଼ ପାଖରେ ଅବସ୍ଥିତ ତାହାରପୁରର ପ୍ରଖ୍ୟାତ ମହାପାତ୍ର ପରିବାରର ଲକ୍ଷ୍ମୀନାରାୟଣ ବାବୁଙ୍କର ନାତି । ସେମାନଙ୍କର ଆଦରର ସମ୍ପତ୍ତି, ମୋ ଝିଅର ଗେହ୍ଲା ପୁଅ, ତା ବାପା ଦୁଷ୍ମନ୍ତ ବାବୁଙ୍କର ଆଦରର ଚିହ୍ନୟ ।

ରଜର ପନ୍ଦର ଦିନ ପୂର୍ବରୁ ମା' ଓ ପୁଅ ଆସି ତାହାରପୁରରେ ପହଞ୍ଚିଗଲେ । ଚିନୁକୁ ଦେଖି ଜେଜେବାପା ଓ ଜେଜେ ମା'ଙ୍କର ଆନନ୍ଦ କହିଲେ ନ ସରେ । ଚିନୁ ଓ ତା ମା' ସେମାନଙ୍କର ଆସିବା ସମ୍ପର୍କରେ ଏବଂ କେବେ ଆମ ଘରକୁ ଆସିବେ ସେ ବିଷୟରେ ଆମର ସବୁ କୁଟୁମ୍ବ ତଥା ବନ୍ଧୁଙ୍କୁ ଜଣାଉଥାନ୍ତି । ସମୁଦୁଣୀଙ୍କୁ ମୁଁ ଆଗରୁ କହିଥିଲି । ଏଥର ଝିଅ ଆସିଲେ ଅତିକମରେ ପନ୍ଦର ଦିନରୁ ମାସେ ଖଣ୍ଡେ ଆମ ଘରେ ରହିବାକୁ ଛାଡ଼ିବେ । ସେହି ମୁତାବକ ଆମେ ଖୁସିଥାଉ । ଚିନୁର ଚାଲାଖପଣିଆ ଓ ତା'ର ହାବଭାବ ତଥା ତା'ର କଥା କହିବାର ଠାଣି ସମସ୍ତଙ୍କୁ ଆନନ୍ଦ ଦିଏ । ଏଣୁ ସେ ଆସିବା ବିଷୟରେ ଶୁଣି ସମସ୍ତେ ନିଜ ନିଜ କାର୍ଯ୍ୟକ୍ରମ ସ୍ଥିର କରୁଥାନ୍ତି ।

ଚିନୁର ଆସିବା ଦିନ ଯେତେ ପାଖେଇ ଆସୁଥାଏ ତା'ର ସାୟନ୍ ମାମୁଁ ଓ ଟିକି ମାଉସୀ ସେତେ ଉତ୍କଣ୍ଠିତ ହେଉଥାନ୍ତି । ଦିନେ ଦିନେ ତାଙ୍କର ସବୁ ଖେଳନା ଆଣି ମୋ ରୁମରେ ଗଦା କରି ଦେଉଥାନ୍ତି । ମୋ ମାଆ ପଚାରିଲେ କହନ୍ତି, "ଆମ ଚିନୁ ଆସିଲେ ଖେଳିବ । ତା'ର ଯାହା ଇଚ୍ଛା ବାଛିକି ଖେଳିବ ।"

ସମୁଦୁଣୀଙ୍କ ଠାରୁ ଖବର ପାଇ ରଜର ଛଅ ଦିନ ଆଗରୁ ମୋ ବଡ଼ପୁଅ ରାଜୁ କାର ନେଇ ଗଲା ଏବଂ ମାଆ ପୁଅଙ୍କୁ ସାଙ୍ଗରେ ଆଣି ଉପରଓଳି ଘରେ ପହଞ୍ଚିଲା । ଚିନୁ ଆସୁ ଆସୁ ସମସ୍ତଙ୍କୁ ଭେଟିବାକୁ ଚାଲିଗଲା । ସେ ତ ଚାଲୁନଥାଏ, ଦୌଡୁଥାଏ । କଲିକତାରୁ

Download Magazine from www.aahwaan.com

ରଜଛୁଟି କଟାଇବାକୁ ଆସିଥିବା ମୋ ଭଉଣୀ ଭିଣୋଇ ତାଙ୍କ ପୁଅଝିଅ ସମସ୍ତଙ୍କୁ ଚିନୁ ଅଧଘଣ୍ଟା ଭିତରେ ଭେଟି ଆସିଲା ।

ସମସ୍ତଙ୍କ ସାଙ୍ଗରେ ତାର ଗୋଟିଏ ସ୍ୱତନ୍ତ୍ର ପରିଚୟ । ସେହି ଅନୁସାରେ କଥାବାର୍ତ୍ତା, ଆନନ୍ଦଉଲ୍ଲାସ, ତା' ଗୋଡ଼ ତଳେ ଲାଗୁନଥାଏ । ଖେଳନା ଗଦାରୁ ଖେଳନା ଗୁଡ଼ାକୁ ସେ ଖେଳାଇ ପକାଉଥାଏ । ନୂଆ ପୁରୁଣା ବଛା ହେଉଥାଏ । ତା'ର ଖାଇବା ପିଇବାରେ ଏତେ ଗୁରୁତ୍ୱ ନଥାଏ । ତା' ମା' ମନେ ପକେଇ ଯାହା ଦିଏ ସେଥିରୁ ସେ ସାମାନ୍ୟ ଖାଉଥାଏ । ତା'ର ଆଇ ମା'ମାନେ ଏବଂ ମୋର ବାପା ମା' ତାକୁ ଭାରି ଆଦର କରୁଥାନ୍ତି । ସେ ହିନ୍ଦୀ ଭାଷାରେ ସେମାନଙ୍କର ସବୁ ପ୍ରଶ୍ନର ଉତ୍ତର ଦେଉଥାଏ । ବେଳେ ବେଳେ ତା ମାଆ କହିଲେ, ସେ ଓଡ଼ିଆ ଟିକେ ଟିକେ କହୁଥାଏ । କିନ୍ତୁ ଜଣେ ବୟସ୍କ ଲୋକଭଳି ସେ ସବୁ କଥା ବୁଝାଉଥାଏ ।

ସବୁଆଡ଼େ ଘେରାଟେ ବୁଲି ଆସି ଚିନୁ ତା ସାନମାମୁଁ ସିପୁକୁ ଟିଭି ଖୋଲିବାକୁ କହିଲା ଓ ତା ପସନ୍ଦର କାର୍ଟୁନ୍ ଚ୍ୟାନେଲ୍ ଦେଖିବାକୁ ଚାହିଁଲା । ଆମର ସେ ଚ୍ୟାନେଲ୍ ଏବେ ନଥିଲା । କିନ୍ତୁ ଗଲାଥର ସେ ଦେଖିଥିଲା । ତେଣୁ ସେ ବିରକ୍ତ ହୋଇ ଖୁବ୍ ପାଟି କଲା । ତା' ଆଇ ମା' ବ୍ୟସ୍ତ ହୋଇ ଉଠିଲେ । ଶେଷରେ ତା ମାଆ ନିଷ୍ପତ୍ତି କଲା ଯେ କାଲି ଭିତରେ କାର୍ଟୁନ୍ ଚ୍ୟାନେଲ୍ ଆସିବ ଓ ଆମ ଚିନୁ ତା ଆଦରର ଡୋରେମନ୍ ଦେଖିବ ।

ମୁଁ ଅଗତ୍ୟା ମୋ ଚାକିରି ଯାଗା ବ୍ରାହ୍ମଣୀପାଳରେ ଥିବା ଟିଭି ଚ୍ୟାନେଲ୍ ବାଲାକୁ ଯୋଗାଯୋଗ କରି ସେଇ ଚ୍ୟାନେଲ୍ ଦେଖିବା ବ୍ୟବସ୍ଥା କରିବାପାଇଁ ଅନୁରୋଧ କଲି । ସଂଧ୍ୟା ସୁଦ୍ଧା ସେଇ ସବୁ ଚ୍ୟାନେଲ୍ ବ୍ୟବସ୍ଥା କରିବା ପାଇଁ ଘରୁ ଅନ୍ୟୁନ ପାଞ୍ଚ ଛଅ ଥର ଫୋନ୍ ଆସିଥିଲା । ସେ ଯା ହେଉ ସନ୍ଧ୍ୟାବେଳେ ମୁଁ ଘରେ ପହଞ୍ଚିଲା ବେଳକୁ ଚିନୁ ଟିଭି ସାମନାରେ ବସି ତା ପ୍ରିୟ ଚ୍ୟାନେଲ୍ ଦେଖୁଥିଲା । ତା ସାଙ୍ଗରେ ତା ବୟସର ସାୟନ ମାମୁଁ,

Download Magazine from www.aahwaan.com

ଯୋଡ଼ାରୁ ଆସୁଥିବା ଆଉ ଦୁଇଜଣ ଛୋଟ ମାମୁଁ ଏବଂ କଲିକତାରୁ ଆସିଥିବା ମୋ ଭଉଣୀର ଝିଅ ସ୍ନେହା ବସି ମେଳା କରୁଛନ୍ତି । କିନ୍ତୁ କେହି ପାଟିକଲେ ଚିନୁ ବିରକ୍ତ ହୋଇ ଯାଉଥାଏ, ପୁରା ଧ୍ୟାନର ସହ ସେ ଟିଭି ଦେଖୁଥାଏ ।

ଆମ ପରିବାର ସଦସ୍ୟଙ୍କର ଟିଭି ଦେଖିବା ବନ୍ଦ । ଯଦି ସେ କୁଆଡ଼େ ବାହାରକୁ ଯାଏ, ସଙ୍ଗେ ସଙ୍ଗେ ଫେରିଆସେ । ସେଇ ସମୟ ଭିତରେ ଯଦି କେହି ଅନ୍ୟ ଚ୍ୟାନେଲ୍ ଲଗାଇଥାଏ, ସେ ବିଗିଡ଼ିଯାଏ ଏବଂ ଚିତ୍କାର କରେ । ତା ବଡ଼ମାମୁଁ ରାଜୁ ପାଖରେ ସେ କହୁଥିଲା, "ମୁଁ ଖାଇ ପିଇ ବଳୁଆ ହେବି ଆଉ ବଡ଼ ହେଲେ ଏଇ ପହିଲିମ୍ୟାନ ସାଙ୍ଗରେ ଥରେ ହେଲେ ବି ଫାଇଟିଙ୍ଗ୍ କରି ତାକୁ ହରାଇବି ।" ସତରେ କି ଶପଥ ? ଗତବର୍ଷ ଚିନୁ ତାଙ୍କ ସ୍କୁଲରେ ହନୁମାନ ଭୁମିକାରେ ବାହାରିଥିଲା । ତା' ଚରିତ୍ର ବିଶେଷ କରି ଗଦା ବହୁତ ଆକର୍ଷଣୀୟ ହୋଇଥିଲା । ଚିନୁ ଏବେ ବହୁତ ଖୁସିଥାଏ । ଟିଭି ଦେଖିବା ସଙ୍ଗେ ସଙ୍ଗେ ସେ ଆନନ୍ଦରେ ଘର ମଝିରେ ଦୌଡୁଥାଏ । ଯେଉଁ ଖେଳନା ଭଲ ଲାଗିଲା ଖେଳୁଥାଏ, ପୁରୁଣା ଖେଳନାକୁ ଫିଙ୍ଗି ଦେଉଥାଏ । ତା ସାୟନ୍ ମାମୁଁ ଏବଂ ଟିକି ମାଉସୀ ସ୍ନେହବଶତଃ କିଛି କହୁନଥାନ୍ତି ।

ଆମଘରର ଛୋଟ ପିଲାମାନେ ରଜରେ କ୍ୟାରମ୍ ଖେଳୁଥାନ୍ତି । ଚିନୁ ସେଠାକୁ ଦୌଡ଼ି ଦୌଡ଼ି ଗଲା ଏବଂ କ୍ୟାରମ୍ ବୋର୍ଡ଼ ଉପରକୁ ଚଢ଼ିଗଲା । ତାକୁ କେହି ବାରଣ କରିବାରୁ ସେ ତାକୁ ଗୋଇଠାଟେ ଦେଇ ଧାଇଁ ଧାଇଁ ଚାଲିଗଲା ଓ ଟିଭି ପାଖରେ ବସିଗଲା । ଛୋଟ ତିନି ଚାରିବର୍ଷର ପିଲା, ମାମୁଁ ଘରକୁ ଆସି ସମସ୍ତଙ୍କର ସ୍ନେହ ଆଦର ପାଇ ଆହ୍ଲାଦିତ ହେଉଥାଏ । ଭୁବନେଶ୍ୱରରେ ରହୁଥିବା ମୋର ସାନଭାଇ ଓ ତା'ର ପିଲାମାନେ ମଧ୍ୟ ରଜକୁ ଆସିଥିଲେ, ସେମାନେ ମଧ୍ୟ ଚିନୁର ବହୁତ ପ୍ରଶଂସା କରୁଥାନ୍ତି । ସାନଭାଇ ଓ ତା ସ୍ତ୍ରୀ ଚିନୁ ବହୁତ ଜ୍ଞାନୀ ହେବ ବୋଲି କହୁଥାନ୍ତି । ତାଙ୍କ ପୁଅ ଜୟ ଚିନୁକୁ ମୁଣ୍ଡରେ ବସାଇ

Download Magazine from www.aahwaan.com

ଘର ଭିତରେ ବୁଲାଉଥାଏ । ଚିନୁ ଜୟମାମୁଁ, ଜୟମାମୁଁ କହି ଚିଲ୍ଲାଉଥାଏ ଓ ତା ଉପରେ ବହୁତ ଖୁସିଥାଏ ।

ରଜର କୋଳାହଳ, ଦୋଳିଖେଳ, ପାରସ୍ପରିକ ସୁଖଦୁଃଖର ଆଲୋଚନା ମଧ୍ୟରେ ଚିନୁ ଏକ ବିଶେଷ ଆକର୍ଷଣ ହୋଇଥାଏ । କେତେବେଳେ କେମିତି ତା ମା ସାଙ୍ଗରେ ଚିନୁ ଆମ ଆମ୍ବତୋଟା ବରଗଛରେ ପଡ଼ିଥିବା ଡଙ୍ଗା ଦୋଳି ପାଖକୁ ଯାଏ । ଛୋଟ ପିଲାଙ୍କ ସାଙ୍ଗରେ ଗଲେ ସେ ସେଠି ଗଣ୍ଡଗୋଳ କରିବ । ଏଣୁ ମୋ ମା' ତାକୁ ଛୁଆଙ୍କ ସାଙ୍ଗରେ ଯିବାକୁ ବାରଣ କରୁଥାନ୍ତି ।

ଆମ ଘର ପାଖରେ ଚିନୁ ବେଳେ ବେଳେ ଛୁଆଙ୍କ ସାଙ୍ଗରେ ଦଉଡ଼ି ଦୋଳିରେ ଖେଳେ । କିନ୍ତୁ ତା'ର ମନ ସବୁବେଳେ ଚ୍ୟାନେଲ୍ ଦେଖିବାରେ ଥାଏ । ଅନ୍ୟମାନେ ତାଙ୍କ ପସନ୍ଦର ଚ୍ୟାନେଲ୍ ଦେଖିବା କଷ୍ଟକର ହୋଇଥାଏ । ସଂଧ୍ୟାବେଳେ କେବେକେବେ ସେ ତା ସାନ ଅଜାମାନଙ୍କ ସାଙ୍ଗରେ ବା ବଡ଼ମାମୁଁ ସାଙ୍ଗରେ ମଟର ସାଇକେଲରେ ବସି ଗାଁ ଚାରିପଟେ, ଛକ ଦୋକାନ, ପାଖ ଗାଁ ମଝିରେ ବୁଲି ବୁଲି ରଜ ଦୃଶ୍ୟ ଦେଖେ । ତାହା ପୁଣି ସେ ଚାହିଁବା ଅନୁସାରେ ହୁଏ । ବେଳେ ବେଳେ ଛକ ଦୋକାନରେ ବସି ପକୁଡ଼ି ଖାଏ ।

ପ୍ରଥମେ ପ୍ରଥମେ ଚିନୁ ବହୁତ ଚକଲେଟ୍ ଖାଉଥିଲା । ତା' ବାପା ଅଫିସରୁ ଆସିବା କ୍ଷଣି ସେ କାଖ ହେବ, ବାପା ଆଣିଥିବା ଦାମିକା ଚକୋଲେଟ୍ ଖାଇବ । ତା'ପରେ ତାଙ୍କ ସାଙ୍ଗରେ ମଟର ସାଇକେଲରେ ବସି ୨/୩ କିମି ବାଟ ବୁଲି ଆସିବ । ଏହା ତାର ନିୟମିତ ଅଭ୍ୟାସ । ଝିଅ ଥରେ କହିଲା, "ବାପା ! ଚିନୁର ଚକୋଲେଟ୍ ଖିଆ କେମିତି ବନ୍ଦ କରିବା ?" ସେ ଥରେ ଘରକୁ ଆସିଥାଏ । ମୁଁ ଘରେ ବରାଦ କଲି । ମାଆ ଓ ତା'ର ମାମା ବୁଟ, ମଟର ଭାଜିଲେ, ତା ସାଙ୍ଗରେ ଖୁଦ ବି ଭଜାହେଲା । ଚିନୁ ଏହି ମିଶାମିଶି ଖାଦ୍ୟକୁ ଆନନ୍ଦ ସହକାରେ ଖାଇଲା, ଖସା ଲଡୁମଧ୍ୟ ତିଆରି ହେଲା । ଆମ ଘରୁ ଫେରିବା ବେଳେ ତା'

Download Magazine from www.aahwaan.com

ସାଙ୍ଗରେ ଚିନୁ ସେ ସବୁଥିରୁ ଡବେ ଡବେ ଲେଖାଏଁ ନେଇଗଲା । ଦିଲ୍ଲୀରେ ସେ ଆଉ ଚକୋଲେଟ୍ ଖାଇବାକୁ ଆଗ୍ରହ ପ୍ରକାଶ କଲାନି । ପାଠପଢ଼ା ଟେବୁଲ୍ ପାଖରେ ଏ ଡବା ସବୁ ରଖି ସେ ପାଠ ପଢ଼େ । କେହି ନଥିବା ବେଳେ ଡବା ଖୋଲି ୨/୩ଟା ଲେଖା ବୁଟ ମଟର ଖାଏ, ବେଳେ ବେଳେ ଚାଉଳଭଜା ଓ ଖସା ଲଡୁ ବି ଖାଏ ।

ଦିନେ ମୋ ଝିଅ ସେ ଡବା ଖୋଲି ଅଳ୍ପ ଦିଇଟା ନେଇ ଧରିଛି, ଚିନୁ ଜୋରରେ ପାଟି କରି ଉଠିଲା । କହିଲା, "ମୁଁ ଏଠି ପାଠ ପଢ଼ିବାବେଳେ ଜଗିକି ବସିଛି । ମୋ ଅଜା ଦେଇଛନ୍ତି । ମୁଁ ଖାଇବି ବୋଲି ଦେଇଛନ୍ତି । ତମେ ଆସି ନେଇ ଯାଉଛ ?" ଝିଅ କହିଲା, "ଆରେ ତୋ ଅଜା ଯିଏ ମୋ ବାପା ପରା ସିଏ ।"

ଚିନୁ ଖୁବ୍ ବିରକ୍ତ ପ୍ରକାଶ କଲା ଏବଂ କହିଲା, "ଆଉ ଦିନେ ମୋ ଡବା ଛୁଇଁବନି ।" ଝିଅ ମୋତେ ଫୋନରେ ଜଣାଇଲା । ମୁଁ ଭାରି ଖୁସି ହେଲି ଯେ ଚିନୁ ଚକୋଲେଟ୍ ଛାଡ଼ି ବୁଟ ମଟର ଭଜା, ଖୁଦ ଭଜା ଖାଉଛି । ଖସା ଲଡୁ ବି ଆଦରିଛି । ଚକୋଲେଟର ମନ୍ଦଗୁଣ ବହୁତ । ଏହା ଛୁଆଙ୍କ ଦାନ୍ତକ୍ଷୟଠୁଁ ଆରମ୍ଭ କରି ବିବିଧ ସ୍ୱାସ୍ଥ ସମସ୍ୟା ସୃଷ୍ଟି କରିପାରେ । ଏହାକୁ ବର୍ଜନ କରିଥିବା ହେତୁ ମୁଁ ଅନ୍ତତଃ ଚିନୁ ଉପରେ ବହୁତ ଖୁସି ଥିଲି ।

ସେଦିନ ଚିନୁ ଦୌଡ଼ି ଦୌଡ଼ି ଆସୁଥାଏ । ମୁଁ ତାକୁ ଟିକେ କାଖେଇଲି । ସେ ଭାରି ଖୁସି ହେଲା । ମୁଁ ତାକୁ ଛାତିରେ ଧରିଛି । ସେ ହସ ହସ ମୁହଁରେ ଗଡ଼ ବୁଲେଇ ମୋ ମୁହଁକୁ ଗୋଟେ ଗୋଇଠା ମାରିଲା । ମୋତେ ଟିକେ ବିରକ୍ତ ଲାଗିଲା । ମୋ ମାଆ ସେଠି ବସିଥିଲେ । ସେ କହିଲେ, "ଏଟା କିଏ ଲୋ ? ମୋ ପୁଅକୁ ଗୋଇଠା ମାରୁଛି ? ଭୁଲ୍ ମାଗ । ଜୁହାର୍ ହ ।" ଚିନୁର ସେଥିରେ ପ୍ରତିକ୍ରିୟା କଣ ? ସେ ତ ସ୍ନେହରେ ଗୋଇଠା ମାରୁଛି । ସବୁ ଛୁଆ ସବୁ ଅଜାଙ୍କୁ ତ ଏମିତି ଗୋଇଠା ମାରନ୍ତି । ମାମୁଁ ଘର ଆଦର କୋଳାହଳ ଭିତରେ ସେ ଟିକେ ଅଧିକ ଖୁସି ହୋଇ ଯାଉଛି । ଏଠାକାର ଆଦର ପରିବେଶ ତାକୁ ଆନନ୍ଦ

Download Magazine from www.aahwaan.com

ବିଭୋର କରିଛି । ଏଇ ତ ତାର ପ୍ରତିକ୍ରିୟା ।

ମୋର ମନେ ପଡ଼ିଲା, ମାଆ ସାଙ୍ଗରେ ମୁଁ ଛୋଟବେଳେ ରଜକୁ ମାମୁଁ ଘରକୁ ଯାଏ । ସେଠାରେ ଦୋଳି ଖେଳ ହୁଏ, ଡ୍ରାମା ଦେଖାହୁଏ । ମାମୁଁଘର ଗାଁ ଓସ୍ତପାଳ ପାଖରେ ଥିବା ନୂଆଡିହ ସାହିରେ ନାଟ ହୁଏ । ମୁଁ ଆଗରେ ବସି ମାମୁଁଙ୍କ ସାଙ୍ଗରେ ନାଟ ଦେଖେ । ଯିଏ ଯାହା କହିଲେ ଥଟ୍ଟା ତମସା କହିଲେ, ତାକୁ ଗାଳିଦିଏ । ବେଳେ ବେଳେ ହାତ ଉଠାଏ । ମୋର ସେହି ବୟସର ପିଲାଳିଆମୀ, ଦୁଷ୍ଟାମୀ ଆଜି ମୁଁ ଚିନୁ ପାଖରେ ଦେଖୁଛି । ସେ ଆମୋଦିତ ହେଉଛି, ସ୍ନେହ ଆଦର ପାଇ ଆହ୍ଲାଦିତ ହେଉଛି । ଆମର ରଜ ଉତ୍ସବରେ ସେ ମୁଖ୍ୟ ଆକର୍ଷଣ, ମୁଖ୍ୟ କଳାକାର ସାଜିଛି । ସମସ୍ତେ ତା'ର ଚପଳତାକୁ ଆନନ୍ଦରେ ଗ୍ରହଣ କରୁଛନ୍ତି ।

ତା' ମାଉସୀର ଟିକି ଝିଅ ଚିନୁକୁ ଭାରି ଆଦର କରେ । ବେଳେ ବେଳେ ତା ପାଖକୁ ଯାଇ ତାକୁ ଆଉଁସା ଆଉଁସି କରୁଥାଏ । ବେବି ବେବି ତାକୁ ଗେହ୍ଲା ବି କରେ । ସେ କିନ୍ତୁ ଟିଭି ପାଖରୁ ଉଠି ବେବି ପାଖକୁ ଗଲେ, ସମସ୍ତେ ସତର୍କ ହୋଇପଡ଼ନ୍ତି । ସେ କିନ୍ତୁ ତା ସଙ୍ଗେ ଦୁଷ୍ଟାମୀ କରେନି, ତା ସାଙ୍ଗରେ ଏଣୁତେଣୁ କଥା କହୁଥାଏ । ତାକୁ ସ୍ନେହ ଆଦର କରୁଥାଏ । ତାଙ୍କ ଘରେ ତା ଜେଜେବାପା, ଜେଜେମା ଏବଂ ଅନ୍ୟ ସମସ୍ତେ ଚିନୁକୁ ଆଦର କରୁଥାନ୍ତି ।

ଏହା ଭିତରେ ଆଠଦିନ ବିତିଯାଇଛି । ଝିଅ ତା ତରଫରୁ ତା ଶାଶୁମାଆଙ୍କୁ ଫୋନ୍ କଲା । ସେ କିନ୍ତୁ କୁଣ୍ଠିତ ହେଲେ । ଚିନୁକୁ ତାଙ୍କର ଗଭୀର ସ୍ନେହବଶତଃ ଶୀଘ୍ର ଫେରିବାକୁ କହିଲେ । ମୁଁ କିନ୍ତୁ ତାଙ୍କୁ ଅନୁରୋଧ କଲାରୁ ଆଉ ଦୁଇ ଦିନ ପାଇଁ ଅନୁମତି ମିଳିଲା ।

କିନ୍ତୁ ଝିଅର ଏକାଜିଦ୍, ସେ ଶୀଘ୍ର ଯିବ । ଯାଜପୁର ରୋଡ଼ରେ ରହୁଥିବା ମୋ ସାନଭାଇ ଓ ତା'ର ପିଲାମାନେ ରବିବାର ଦିନ ରହିବାକୁ ଚାହୁଁଥିଲେ । ପ୍ରଥମ ରଜ ଗୁରୁବାର। ରଜ ସଂକ୍ରାନ୍ତି ଶୁକ୍ରବାର ଓ ଶେଷ ରଜ ଶନିବାର ପଡ଼ିଲା । ସେମାନେ ଠିକରେ

 Download Magazine from www.aahwaan.com

ଆମିଷ ଖାଇନଥିଲେ । ଏଣୁ ରବିବାରେ ସମସ୍ତେ ରହି ମିଳିମିଶି ଆମିଷ ଭୋଜି କରିବାକୁ ଚାହୁଁଥିଲେ । କିନ୍ତୁ ଝିଅ ଯିବାକୁ ଚାହିଁଲା । ମୋ ମାଆ କହିଲେ, "ଆରେ ତୋ ନାତି ତ ବହୁତ ଚଗଲା ହେଉଛି; ଆର ବର୍ଷକୁ ଆସିଲେ ବେଶୀଦିନ ରଖେଇବୁ । ଏବେ ମହାପାତ୍ର ଘର ସମ୍ପତ୍ତିକୁ ତାଙ୍କ ଘରେ ତୁରନ୍ତ ଛାଡ଼ିଦେଇ ଆସ ।"

ସମସ୍ତଙ୍କ ଅନିଚ୍ଛା ସତ୍ତ୍ୱେ ସାନଭାଇର ଗାଡ଼ିରେ ତା'ପରିବାର ସହ ଚିନୁ ଓ ତା ମାଆ ବାହୁଡ଼ା ଯାତ୍ରା ଆରମ୍ଭ କଲେ । ଚିନୁ ଗଲା ବେଳକୁ ମନେ ପକାଇ ଆମ୍ବସୋରା, ଆଚାର, ଖସାଲଡୁ ଓ ଅନ୍ୟାନ୍ୟ ଜିନିଷ ସବୁ ନେଇକି ଗଲା । ତା ଆଇମା' ତାକୁ ଆଦରରେ ସବୁ ଦେଉଥାନ୍ତି । ଗଲାବେଳକୁ ସମସ୍ତେ ତାକୁ କାଖେଇ କୋଳେଇ ଗେଲ କରିବାରେ ଲାଗିଥାନ୍ତି । ସେ ତା ସାୟନ୍ ମାମୁଁଙ୍କୁ ହାତ ହଲେଇ ବାଏ ବାଏ କଲା । ପୁଣି କଣ ଭାବିଲା ଗାଡ଼ିରୁ ଓହ୍ଲେଇ ତା ମାଉସୀ ଝିଅ ବେବିକୁ ଟିକେ ଆଉଁସି ଦେଲା । ତା ମୁଣ୍ଡରେ ଟିକେ ହାତ ବୁଲେଇ ଆଣିଲା । ତା ପରେ ଯାଇ ଗାଡ଼ିର ଆଗ ସିଟରେ ବସିଲା । ସେମାନେ ରାତି ନଅଟା ବେଳକୁ ଯାଜପୁର ରୋଡ଼ରେ ଥିବା ସାନଭାଇ ବସନ୍ତର କ୍ୱାର୍ଟର ଦେଇ ଯାଇ ତାହାରପୁରରେ ପହଞ୍ଚିଲେ ।

ସାନଭାଇ କହୁଥିଲା ଚିନୁ ଗାଡ଼ିରୁ ଓହ୍ଲେଇ ଡେଇଁ ପଡ଼ିଲା । ତାଙ୍କ ଘର ଭିତରକୁ ଧାଇଁକି ପଶିଗଲା । ତା ଜେଜେବାପା କହୁଥାନ୍ତି, "ଆରେ ଚିନୁ ? ନମସ୍କାର ଭୁଲିଗଲୁଣି ନା କଣ ? ପାଞ୍ଚ ଛଅଟି ହାଇସ୍କୁଲର ପ୍ରତିଷ୍ଠାତା ତଥା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଏଜୁକେସନ୍ ଅଫିସର ମହାପାତ୍ର ବାବୁଙ୍କ ପାଖରେ କିଛି ଭୁଲ୍ ଯାଏନି । ସେ ଯେତିକି ସ୍ନେହୀ ସେତିକି କଠୋର ।

ତା'ପର ରବିବାରକୁ ବସନ୍ତ ଘରକୁ ଆସିଥିଲା । ଚିନୁ ବିଷୟରେ ଆମେ ପଚାରିବାକୁ ସେ କହିଲା, "ମୁଁ ମଝିରେ ତାଙ୍କ ଘର ଆଡ଼େ ଯାଇଥିଲି । କାହିଁ ସେ ପିଲା ତ ପୁରା ଶାନ୍ତ

Download Magazine from www.aahwaan.com

ଜଣାପଡୁଥାଏ । ଏଠି ଯେପରି ଚଗଲା ହୋଇ ସମସ୍ତଙ୍କୁ ଗୋଇଠା ମାରୁଥିଲା, ସେମିତି ମୋଟେ ନାହିଁ । ଗୁଇପଟରେ ଘରର ଗେଟ୍ ଦିଆଯାଇଥିଲା । ତା ଭିତରେ ଚୁପଚାପ୍ ବସି ଟିଭି ଦେଖୁଥାଏ ।"

ସତରେ ମାମୁଁଘରେ ପିଲାଏ ଚଗଲା ହୁଅନ୍ତି । କିନ୍ତୁ ନିଜ ଘରେ ସେ ସବୁ ନଥାଏ । ମୋ ମାଆ କହୁଥିଲେ, "ତୁ ରଜରେ ଗଲେ ଆମ ଗାଆଁରେ କ'ଣ କମ ଗଣ୍ଡଗୋଳ କରୁନା ? ମାମୁଁ ଘରେ ଅଜା, ଆଇମା ତଥା ମାଉସୀ ମାନଙ୍କର ସ୍ନେହ ଆଦର ଯତ୍ନ ପାଇ ତୁ କମ ଚଗଲା ହଉନା ! ନିଜଘର ଓ ଅଜାଘର ମଧ୍ୟରେ ଏହି ତ ଫରକ । ଯାହା ଚିନୁର ବ୍ୟବହାରରେ ବାରି ହୋଇ ପଡୁଥିଲା । ସତରେ ଅଜାଘରର ସ୍ନେହ ପିଲାର ଉତ୍ସାହ ବୃଦ୍ଧିକରେ । ଯାହା ଆମ ଚିନୁ କ୍ଷେତ୍ରରେ ଘଟିଛି । ଏ ବର୍ଷ ତାଙ୍କ ସ୍କୁଲର ବାର୍ଷିକ ଉତ୍ସବରେ ଚିନୁର ଗବର ସିଂ ଭୂମିକା, ବହୁତ ଲମ୍ବା ନିଶରେ ତାକୁ ମୋବାଇଲରେ ଚିହ୍ନିବା ବହୁତ କଷ୍ଟ ହେଲା । ହେ ଭଗବାନ ! ଆମ ଚିନୁକୁ ଭଲ ମଣିଷ କର । ଉତ୍ସାହୀ କର ଓ ସଫଳତା ଦିଅ । ଏତିକି ପ୍ରଭୁ ମୋ କାମନା ।

ଗ୍ରା : ମାନପୁର, ପୋ: ଗୋବର୍ଦ୍ଧନପୁର
ଜି : ଯାଜପୁର, ୭୫୫୦୧୯, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୬୩୭୫୫୫୮୧

Download Magazine from www.aahwaan.com

# ମୁଁ ହିଁ ପ୍ରକୃତ ବନ୍ଧୁ



ପଲ୍ଲବୀ ପୂଜାପଣ୍ଡା

ସେଦିନ ସାଗର କୂଳରେ ଏକା ବସିଥିଲି । ବିଶାଳ ସମୁଦ୍ର ଆଗରେ ନିଜକୁ ଅତି କ୍ଷୁଦ୍ର ବାଲି କଣିକା ପରି ମନେ ହେଉଥାଏ । ହଠାତ ଦୃଷ୍ଟି ପଡିଲା, ନୌକାଟିଏ କୁଳ ଆଡକୁ ମାଡିଆସୁଛି । ସତେ ଯେମିତି ପୁଣିଥରେ ମୋ ଜୀବନ ଆଡକୁ ଏକ ଅଦୃଶ୍ୟ ଶକ୍ତି ଧସେଇ ପସିବାର ଚେଷ୍ଟା ଚଳାଇଛି । ଜାଣେନା ସେ ସୁଖର ଅବା ଦୁଃଖର, ହସର କି ଲୁହର ପସରା ନେଇ ଭାସି ଆସୁଥିଲା ମୋ ଆଡକୁ ଢଳି ଢଳି ଲହରୀର ତାଳେ ତାଳେ । ମନରେ କିନ୍ତୁ ଅଜଣା ଭୟ ବସା ବାନ୍ଧୁଥିଲା । ପାଇବା ର ମୋହ ଏବଂ  ହରାଇବାର ଦୁଃଖ ଯେ କେତେ ଯନ୍ତ୍ରଣା ଦାୟକ, ବୁଝିବା ମୋ ପକ୍ଷେ ଆଉ ବାକି ନଥିଲା । ଏ ସାଗର  ଆମକୁ ଦିନେ ହାତ ଛନ୍ଦାଛନ୍ଦି ହୋଇ ହସି ଖେଳି ବୁଲିବାର ଦେଖିଥିଲା । ଆଉ ଆଜି ମତେ ଏକାକୀ ଦେଖି ସେ ବି ଆଶ୍ଚର୍ଯ୍ୟ ହେଉ ନଥିବ, କାରଣ ଏମିତ ଅନେକ କାହାଣୀ ତା ଆଖି ଆଗରେ ଆରମ୍ଭ ହୋଇ ନିଃଶେଷ ହୋଇ ଯିବାର ସେ ଦେଖିଛି । ତା ପାଇଁ ଏ ସବୁ ନୂଆ ନୁହେଁ । ସେଥିପାଇଁ ତ ଆଜି ସେ ମୋ ଏକଲା ପଣକୁ  ଅଟ୍ଟହାସ୍ୟ ନକରି ସ୍ନେହରେ ଆପଣେଇ ନେଇଛି । ଠିକ ଯେମିତି କାଲି । ବୋଧହୁଏ ତୁମଠାରୁ ମଧ୍ୟ ଅଧିକ ବୁଝିଛି ସେ ମତେ । ତେଣୁ ଏବେ ବି ସେ ମତେ ନିଜଠୁ ପାସୋରି ଦେଇନି , ତମେ ଗଲା ପରେ ବି ।

ମୋ ଅଜାଣତରେ ନୌକାଟି ଯେ କେତେବେଳେ କୂଳରେ ଲାଗି ସାରିଥିଲା । ମନ ଫେରେଇ ଆଖି ବୁଲେଇ ଦେଖେ ତ, ଆଞ୍ଜୁଳା ଆଞ୍ଜୁଳା ସ୍ୱପ୍ନ ମୋ ଆଡକୁ ହାତ ଠାରି ଡାକୁଥିଲା ।  ମୋ ଆଖିରେ ନାଚିବ ବୋଲି । କେଜାଣି ବାସ୍ତବ ଅବା ଛଳନା ଥିଲା ।

Download Magazine from www.aahwaan.com

ପଚାରି ବୁଝିବାକୁ ବି ମନ ଡ଼ାକିଲାନି । ଏ ପରୀକ୍ଷା ତ ସେବେ ବି କରିନଥିଲି, ଯେବେ ପ୍ରଥମ ଥର ତୁମକୁ ଦେଖି ପ୍ରେମରେ ପଡିଯାଇଥିଲି। ଆଜି କାହିଁକି ବା କରିବି ? ଯେଉଁଠି କୌତୁହଳ ନଷ୍ଟ ହୋଇସାରିଥିଲା ସେଠି ଗବେଷଣା ର ପ୍ରଶ୍ନ ଉଠୁଛି କେଉଁଠି । ଆଖି ଝାପସା ହୋଇଗଲା ସତ ହେଲେ ମନ ଆଉ ଶରୀର ସେଇମିତି ବାଲି କାମୁଡି ବସିଥାନ୍ତି । ନିସ୍ତେଜ ହୃଦୟ ମୋ ସତେ ଯେମିତ ଏକଲାପଣ ସହ ବନ୍ଧୁତ୍ୱ କରିସାରିଥିଲା । ଆଉ କହୁଥିଲା, "ମୁଁ ହିଁ ତୁମର ପ୍ରକୃତ ବନ୍ଧୁ । ମତେ ଭଲପ । ଅ । ସଂସାରରେ ସମସ୍ତେ ଏକା କରି ଚାଲିଯାଇ ପାରନ୍ତି ହେଲେ ମୁଁ ନୁହଁ । ମୁଁ ପରା ତୁମ ଅନ୍ତରେ ଅନ୍ତର୍ନିହିତ । ଯେତେବେଳେ ଯେଉଁଠି ଖୋଜିବ ମତେ ପାଇଯିବ । ହେଲେ ..ଖୋଜିବି ତ.. ? ?"

ତାଳଚେର, ଅନୁଗୁଳ

ଓଡିଶା ।

Download Magazine from www.aahwaan.com

# କବିତା ବିଭାଗ

Download Magazine from www.aahwaan.com

# ସର୍ବ ଶକ୍ତିମାନ କାଳ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଅନନ୍ତ ବିଶ୍ୱର ଚିରନ୍ତନ ସତ୍ୟ ସର୍ବଜୟୀ ମହାକାଳ
ତା'ର କବଳରୁ ନିସ୍ତରିବା ପାଇଁ ନାହିଁ ତ କାହାର ବଳ - ୧
ଦୈତ୍ୟାମର ନର ଗନ୍ଧର୍ବ କିନ୍ନର ସର୍ବେ ତାହାର ଅଧୀନ
କୀଟ-ପତଙ୍ଗାଦି ସକଳ ସଜୀବ କାଳଚକ୍ରେ ବନ୍ଧା ପୁଣ - ୨
ବର୍ଷ-ମାସ-ଦିନ ହୋଇଲେ ସମାପ୍ତ କାଳ ହୁଏ ଉପଗତ
ଯଥା ସମୟରେ ତା ଗର୍ଭେ ବିଲୀନ ହୁଅନ୍ତି ପ୍ରାଣୀ ଜଗତ - ୩
କେହିତ ନୁହନ୍ତି ଅଜର-ଅମର ଏହି ଅନିତ୍ୟ ସଂସାରେ
ଆବାଳ-ବୃଦ୍ଧ ବନିତାଦି ସର୍ବେ ଗଚ୍ଛନ୍ତି କାଳ ସ୍ରୋତରେ - ୪
ଅହରହ ଭାବେ ପ୍ରତି ନିମିଷରେ କାଳ କରୁଥାଏ ଗତି
ତା' ଗତିକୁ ପ୍ରତିରୋଧ କରିବାକୁ ନାହିଁ କାହାର ଶକତି - ୫
ସମୟ ତ ଅଟେ ମହାଶକ୍ତିମାନ ପୁଣି ଅଟେ ବେଗମାନ
ସୁର-ବୀର ମହାପ୍ରତାପୀଠୁ ମଧ୍ୟ ଅଟଇ ସେ ବଳବାନ - ୬
ସମୟ ସ୍ରୋତରେ ଶୁଷ୍କ ତୃଣପରି ସର୍ବେ ଭାସି ଚାଲିଥାନ୍ତି
ଜୀବନ ଯୁଦ୍ଧରେ ହୋଇ ପରାହତ ମହାଦୁର୍ଗତି ଲଭନ୍ତି - ୭
କ୍ଷଣଭଙ୍ଗୁର ଏ ନଶ୍ୱର ସଂସାରେ କେହି ତ ନୁହେଁ କାହାର
ଭବ ରଙ୍ଗମଞ୍ଚେ ସାରି ଅଭିନୟ ତ୍ୟଜନ୍ତି ଇହ ସଂସାର - ୮
ଧନ-ଯୌବନ ନୁହେଁ ଚିରସ୍ଥାୟୀ ଏହା ଅଟେ ସତ୍ୟଗିର

Download Magazine from www.aahwaan.com

ଅଢେଇ ଦିନର ତୁଚ୍ଛ ପ୍ରାଣୀ ଆମ୍ଭେ ଦେଖାଉ ବଡ଼ ଚାତର - ୯

ବୟସ ବୃଦ୍ଧିରେ ଆୟୁ କ୍ଷୀଣ ହୁଏ (ସର୍ବେ) ଗମନ୍ତି ଯମ-ସଦନ

ଗର୍ବ ଅଭିମାନ ସବୁ ହୁଏ ଚୂର୍ଣ୍ଣ ଏ ଅଟେ ବିଧିବିଧାନ - ୧୦

ଅଜର-ଅମର ଜ୍ଞାନ କରି ବୁଧେ ଅର୍ଜିଥାନ୍ତି ବିଦ୍ୟାଧନ

ମୃତ୍ୟୁ ଉପସ୍ଥିତ ହୋଇଯିବ ଜାଣି କରନ୍ତି ଧର୍ମ ଅର୍ଜନ - ୧୧

ବିଷୟ ଭୋଗରେ ହୋଇଣ ଆବଦ୍ଧ ମାୟାମୋହେ ହେଉ ଛନ୍ଦି

କାଳକଥା ମନୁ ହୁଏ ବିସ୍ମରିତ ଈଶ୍ୱରେ ନ ରଖି ମତି - ୧୨

ବିଭୁଙ୍କ କୃପାରୁ ଏ ଧରା ବକ୍ଷରେ ମାନବ ରୂପରେ ଜାତ,

କାଳ ଇଙ୍ଗିତରେ ଯେ ଯାହା ବାଟରେ ଚାଲନ୍ତି ଏ କଥା ସତ୍ୟ - ୧୩

ବିଶ୍ୱଭୁବନର ଅଦ୍ୱିତୀୟଶୂର ସେ ଅଟେ ମହାନାୟକ

ବିଧିର ବିଧାନ ନ ହୋଇବ ଆନ କାଳ ଯେ ସର୍ବ ଭକ୍ଷକ - ୧୪

ଭାବର୍ଣ୍ଣବ ଜଳେ ହୁଏ ଭାସମାନ ମୀନ ରୂପୀ ଏହି ନର

ମହାକାଳରୂପୀ କୈବର୍ତ୍ତ ପାଶରୁ ନ ମିଳେ କଦା ନିସ୍ତାର - ୧୫

ସାଙ୍କୁଡ଼ା, ଗଞ୍ଜାମ

Download Magazine from www.aahwaan.com

# ସକାଳ



ନୃସିଂହ ଚରଣ ବେହେରା

ଜହ୍ନ ଲୁଚିଯାଏ ସକାଳ କୋଳରେ
ହସିଲେ ସୂରୁଜ ପୂର୍ବ ଆକାଶେ,
ମହ ମହ ଫୁଲଧରା ମହକାନ୍ତି
ଖରାର କୋମଳ ଶୁଭ ପରଶେ ।

ନବ ଦିନ ସାଥେ ନବ ଉନ୍ମାଦନା
ନେଇ ସାଥେ କେତେ ନୂତନ ଆଶା,
ବଦଳାଇ ଦିଏ କେତେ ରଙ୍ଗେ ରଙ୍ଗି
ପେଜୁଆ ଆଖିର ନୀରବ ଭାଷା ।

ଜୀବନ ଯମୁନା କୂଳେ ରହି ରହି
ଶୁଭେ ସମୟର ବଇଁଶୀ ସ୍ୱନ,
ଛାତି ତଳ କୋହ କୋଣେ ଲୁଚିଯାଏ
ଖୁସିରେ ନାଚଇ ସଭିଙ୍କ ମନ ।

ଜୀବନରେ କିଏ ବୁଣିଦେଇ ଚାଲେ
ଇନ୍ଦ୍ରଧନୁର ସାତଟି ରଙ୍ଗ,

Download Magazine from www.aahwaan.com

ଆଗାମୀ କାଲିର ସୁନେଲି ସ୍ୱପ୍ନରେ
କିଏ ତୋଳୁଥାଏ ମଧୁର ଛନ୍ଦ ।

ସକାଳ ଆଲୋକ ଗରବେ ରାତିକୁ
ନିତି ପଚାରଇ ଅନ୍ଧାର କଥା,
ତଥାପି ଆସି ସେ ବିରାସ ମନରେ
ବୁଣିଦିଏ ନବ ଆଲୋକବାର୍ତ୍ତା ।


ଯଉବନ ରଙ୍ଗ ଫିକା ପଡ଼ିଯାଏ
କରଇ ଜୀବନେ ବାର୍ଦ୍ଧକ୍ୟ ଘର
ସ୍ୱପ୍ନର ସଂସାର କ୍ଷଣକେ ଉଜୁଡ଼େ
ସକାଳକୁ କରି ସଭିଙ୍କୁ ପର ।

ତେଲ ସରିଥିବା ଦୀପର ଶିଖାରେ
ଆମର ଏଇ ମଣିଷ ଜୀବନ
ସକାଳ ଓ ରାତିର ଆଗମନ ପରି
ନିତି ଚାଲିଥାଏ ସମୟର ଖେଳ ।

୨୧୭, ୟୁନିଟ୍ - ୯ (ଫ୍ଲାଟ୍)
ବାୟାବାବା ମଠ ଲେନ୍
ଭୁବନେଶ୍ୱର - ୨୨

Download Magazine from www.aahwaan.com

# ରଜାଝିଅ ସାଥେ ରଜ



ଶୈବାଳିନୀ ସାହୁ

ରଜାଝିଅ ତୁମେ   ରାଜି ହେବ ଯଦି
ରଜ ଦିନ ଚାଲ ବସିବା ମିତ,
ତୁମପାଇଁ ଦୋଳି   ବାନ୍ଧୁଥିବି ମୁହିଁ
ତୁମେ ମୋତେ ନେଇ ବାନ୍ଧିବ ଗୀତ ।

ବଢ଼ିଲା ନଈର   ସୂଅପରି ଥରେ
ଏ ସନ ରଜରେ ଆସିବ ଧାଇଁ
ମୋ' ଛୋଟ ପଲ୍ଲୀର ପାଣି ଓ ପବନ
ତୁମ ଆସିବାକୁ ଅଛି ଅନେଇ ।

ପାଣିକାଚ ଚୁଡ଼ି   ରୂପାର ପାଉଁଜି
ନାଲିବିନ୍ଦି ରଖିଥିବି ସାଇତି,
ସାତ ସପନ ମୋ  ଏ ଛୋଟ ପଲ୍ଲୀରେ
ହୀରାନୀଳା ଅବା ମାଣିକ ମୋତି ।

ଆଦ୍ୟ ଆଷାଢ଼ର  ଟିପି ଟିପି ବର୍ଷା
ମିତ ବସିବାରେ ଦେବ କି ବାଧା

Download Magazine from www.aahwaan.com

ରଜାଝିଅ ତୁମେ   ବର୍ଷାରେ ଭିଜିବ
ମୋତେ ବି ଭିଜାଇ କରିବ ଓଦା ।

ବନସ୍ତୁ ଶୁଭିବ   ଗଜରାଜ ଡାକ
ଦେଖରେ ଦେଖରେ ଦେଖିବ ଆସ
ପଲ୍ଲୀ ପିଲାଟିର   ପ୍ରୀତିରେ ଗୀତିରେ
ରଜାଝିଅ ଆଜି ହୋଇଛି ବଶ ।

ରାକ୍ଷୀ ନଥିବେ କି ସଖୀ ବି ନଥିବେ
ରଜାଝିଅ ତୁମେ ମୋ ସାଥେ ମିଶି
ମିଠାପାନ ଟିଏ   ଖାଉଥିବ ବସି
କୁଆଡୁ ଯେ ନିଶା ଘାରିବ ବେଶୀ ।

ମିଛ କ୍ଷୀରସର   ଦାସୀ ଓ ପୋଇଲି
ଗଜଦନ୍ତ ଶେଯ କେତେ ବା ସତ
ସୁବର୍ଣ୍ଣପୁରୀର   ସୁବର୍ଣ୍ଣ ଦୋଳିରେ
ରଜାଝିଅ ସାଥେ ଅଛି କି ମିତ !

ସି-ଏ, ପ୍ଲଟ୍ ନଂ : ୯୪,
ମୋଟ୍ରୋପଲିଟାନ୍ କୋଅପରେଟିଭ୍ ହାଉସିଂ ସୋସାଇଟି
କୋଲକାତା, ୭୦୦୧୦୫, ଭାରତ

Download Magazine from www.aahwaan.com

# ସମୟ



ଡି ଶିବ ପାତ୍ର

ସମୟ ବି କେବେ କେବେ ଧୋକ୍କା ଦେଇଥାଏ
ତାକୁ ସହି ଜୀବନରେ ବଞ୍ଚିବାକୁ ହୁଏ
କେହି ଯଦି କାହାରିକୁ କେବେ ଚାହିଁଥାଏ
କେବେ କେବେ ଏ ସମୟ ଠକି ଦେଇଥାଏ ।

ଆଶା ବିଶ୍ୱାସରେ ଭରା ପ୍ରେମର ବନ୍ଧନ
କେବେ ସେ ସମୟ ହୁଏ ତାର ବି ସ୍ପନ୍ଦନ
ହୃଦୟର ବେଦନାକୁ ବୁଝେ ସେ ସମୟ
କେବେ ବି ସେ କରିଦିଏ ନିଜେ ଯେ ବିଳୟ ।

ଗଡ଼ିଯାଏ କିଛି ସ୍ମୃତି ସମୟ ଚକରେ
କେବେ ସେ ତୋଳି ନିଏ ନିଜ ପଣତରେ
ଅତୀତରେ କିଛି ସ୍ମୃତି ହଜିଗଲା ପରେ
ରଖିଥାଏ ସାଇତି ସେ ନିଜ ଇଲାକାରେ ।

ଏମିତି ଏମିତି ସମୟ କ'ଣ ଯେ କରେ
ସବୁବେଳେ ରହେ ସିଏ ସଭିଙ୍କ ସାଥିରେ ।

Download Magazine from www.aahwaan.com

# ନଦୀ ଓ ନାରୀ



ହିମାଂଶୁ ଭୂଷଣ ଜେନା

ନଦୀ ଖୋଜେ ସାଗରର ସାନ୍ନିଧ୍ୟ
ହଜିବାକୁ, ଭିଜିବାକୁ
ଜନ୍ମର ସାର୍ଥକତା ଲଭିବାକୁ
ସାଗର ବି ଅପେକ୍ଷାରତ ଉଲ୍ଲସିତ ପୁଲକିତ
ବେଳା ଲଂଘି ନଦୀକୁ ସ୍ୱାଗତ କରିବାକୁ
କି ଅପୂର୍ବ ଆକର୍ଷଣ ପରସ୍ପରର !
ନା ଅଛି କିଛି ସ୍ୱାର୍ଥ ନା ଅବିଶ୍ୱାସ
କେବଳ ମିଳନର ସ୍ୱତଃ ଆବିଳତା ।

ନାରୀ ଖୋଜେ ପୁରୁଷର ଆତ୍ମୀୟ ଅନୁଭବ
ହାତସହ ହାତମିଳାଇ ଚାଲିବାକୁ ବହୁଦୂର
ଲଂଘିବାକୁ ସବୁ ବାଧାବିଘ୍ନ
ସଆନନ୍ଦେ ବୋହି ନେବାକୁ ସଂସାରର ଭାର
ପୁରୁଷ ବି ଆନମନା ନାରୀର ଶ୍ରଦ୍ଧାପାଶେ
ପ୍ରତୀକ୍ଷା ସାଦରେ ଗ୍ରହଣ କରିବାକୁ
ଆତ୍ମହରା ହେବାକୁ ସ୍ୱପ୍ନରେ, ସତରେ
ଶୂନ୍ୟତାରୁ ପୂର୍ଣ୍ଣତାକୁ...
ମହାମିଳନରେ...

ସହକାରୀ ଶିକ୍ଷକ,
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନିଆଳି, ଯାଜପୁର
ଭ୍ରାମ୍ୟଭାଷ : ୯୭୭୭୬୯୩୩୮୦
ଇମେଲ୍ : himanshubhushanjena@gmail.com

Download Magazine from www.aahwaan.com

# ରଙ୍ଗୀନ ଅନ୍ଧାର

ପ୍ରତିଭା ପ୍ରିୟଦର୍ଶିନୀ



ଗୋଲାପି ରଙ୍ଗର ଆକାଶ
ଧୂସର ଧୂସର ମଟାଳ ମାଟି
ଶିଉଳି ଲଗା ପୋଖରୀ ମୁଣ୍ଡରେ
ପାଦ ଖସାଉଥିବା ସୂର୍ଯ୍ୟ...
ସମସ୍ତେ ଥକା ମାରୁଥିଲେ
ଦିନ ଢଳିଯିବା ମଉକାରେ ।

ସେତିକିବେଳେ
ମୋ ମନ ମୁଲକର ନୀଳ ଅଗଣା
ନିରେଖି ନିରେଖି ସଜ ହେଉଥିଲା ।
ହଳଦୀ ରଙ୍ଗର ଶାଢୀ,
ନାଲି ନାଲି ତୋଳାଏ ସିନ୍ଦୁର,
ସୋରି ସୋରି ଅଳତା ଧାରରେ,
ସବୁଜିଆ ହେଲା ଯେବେ ତୁମ ସ୍ମୃତି ।

ମହ ମହ ଝୁଣା,
ମିଠା ମିଠା ଅଗୁରୁ,
ଗହ ଗହ ଗୁଗ୍ଗୁଳ ବାସ୍ନାକୁ ଆବୋରି
ସଞ୍ଜ ଆଳତିର ସୁବର୍ଣ୍ଣ ଶିଖାରେ
ନିର୍ଲିପ୍ତ ହେଉଥିଲା ଆୟତ ଅନ୍ଧାର ।
ଠିକ୍ ଓଁକାର ଭିତରେ ମାୟା
ଆଉ ତୁମ ଭିତରେ ମୁଁ,
ଏକାକାର ହେବା ଭଳି.....

ଲିଙ୍କ୍ ରୋଡ୍, କଟକ

Download Magazine from www.aahwaan.com

# ପରିବାର



ପ୍ରମୋଦ କୁମାର ପ୍ରଧାନ

'ପରିବାର' ନୁହେଁ ଚାରୋଟି ଅକ୍ଷର
ସନ୍ତକ ସ୍ନେହ ପ୍ରେମର,
ସ୍ନେହ ପ୍ରେମର ଯେ ଅପୂର୍ବ ବନ୍ଧନ
ମିଳନ ଯୁଗ ଯୁଗର... ।୧
ପରିବାର ମଧ୍ୟେ ଶାନ୍ତି ରହିଥିଲେ
ଲାଗେ ସରଗଠୁଁ ବଡ଼
ସୁଖଶାନ୍ତି ପୁରିଥାଏ ଯେଉଁଘରେ
ସେ ଘର ଅଟେ ମନ୍ଦିର ।୨
ପିତାମାତା ଯହିଁ ଜୀବନ୍ତ ଠାକୁର
ଆଉ କିଛି ଲୋଡ଼ାନାହିଁ
ତାଙ୍କ ଆଶୀର୍ବାଦେ ପରିବାର ସିନା
ବିନା ଅନ୍ୟଗତି ନାହିଁ ।୩
ମଧୁର ସମ୍ପର୍କ ଆପେ ଗଢ଼ିହୁଏ
ଚାରି ଅକ୍ଷର ଶବ୍ଦରେ
କେବେ ହେଁ ଏଥିରୁ ଦୂରେଇ ଯିବାନି
ଶାନ୍ତି ମିଳିବନି ଦୂରେ ।୪
ପ୍ରତ୍ୟେକ ସଦସ୍ୟ ପରିବାର ନାମେ
ଗୋଟିଏ ସୂତ୍ରରେ ବନ୍ଧା
ବନ୍ଧନ କେବେ ବି ଛିନ୍ନ କରିବାନି
ଆସୁ ପଛେ ଅସୁବିଧା ।୫

ବଇଣ୍ଡା, ଅନୁଗୋଳ, ଓଡ଼ିଶା

Download Magazine from www.aahwaan.com

# ଋତୁର ପ୍ରୀତି



ରାମ କଲତା

କୋଇଲିର ବାଦକୁ ମନା କରିଥିଲି
ଫଗୁଣର ମଳୟ ପବନରେ,
ଶୋଇଥିଲ ଯେବେ ବଉଳ ସାଥିରେ
ମଧୁମାଳତୀର ସୁଗନ୍ଧରେ ।
ତୁମବିନା ସାଥୀ ଅଦିନ ବର୍ଷାରେ
କେତେ ଯେ ମୁଁ ଭିଜିଛି,
ଅଳସ ଆଖିର ନିଦକୁ ଭାଙ୍ଗି
ସ୍ମୃତି ମୁଁ ଅନେକ ରଖିଛି ।
ଅଦିନ ବରଷାର ଓଦା ଓଦା ସ୍ମୃତି
ଆଖିରେ ମୋ ନାଚୁଛି
ଦେହସାରା ଖାଲି ମୌସୁମୀ ମୌସୁମୀ
ଶ୍ରାବଣ ତ ମୋତେ ଡାକୁଛି ।

ଶ୍ରାବଣର ସେହି ମେଘ ମହ୍ଲାରରେ
ମୟୁରୀର ଅତିଭଙ୍ଗି ନୃତ୍ୟ
ହୃଦୟ ଭିତରେ ଖାଲି ଋତୁରେ ପ୍ରୀତି
ଏହା ଏକମାତ୍ର ସତ୍ୟ ।
ଶରତ ଋତୁକୁ ମନା କରିଥିଲି
ଆଣିବାକୁ ଫୁଲର ବାସ୍ନା
ତୁମପରି ଫୁଲର ରସରେ କେବଳ
ମେଣ୍ଟିବ ମନର ତୃଷ୍ଣା ।
ଲହରୀ ଶୀତଟା ମାନି ରଖୁଥିଲା
ସାଗର ଜଳକୁ ନୀତି
ସତେ ଯେମିତି କବିର କଲମରୁ
ଝରୁଛି ଋତୁର ପ୍ରୀତି ।

Download Magazine from www.aahwaan.com

# ମାତୃଭାଷା ମାଆଯଦି ହୁଏ



ପ୍ରଭାତ କାନ୍ତ ଦାସ

(ଭାଷା ଅନୁଚିନ୍ତା)

ମାତୃଭାଷା ମାଆ ହୁଏ, ଯଦି !
ତା କୋଳେ ଖେଳନ୍ତି ମୁହିଁ
କୁଆଁ କୁଆଁ 'ବୋଲି' କହି ,
ବର୍ଣ୍ଣବୋଧ ଅ, ଆ ପଢୁଥାନ୍ତି
ତା' କୋଳରେ ଶିଶୁ ପରି ଶୋଇ,
ଉଚ୍ଚ ଶିକ୍ଷା ପାଇବାକୁ ମୁହିଁ ,
ମାଆ ମାଆ ବୋଲି କରୁଥାନ୍ତି ସମ୍ବୋଧନ
ଅଚିରେ ଲଭିବା ପାଇଁ,
ପୂର୍ଣ୍ଣ ଭାଷା ଜ୍ଞାନ ।

ମାତୃଭାଷା ମାଆ ହୁଏ, ଯଦି !
ଚାଟଶାଳୀ ଭାବି, ବହି ପତ୍ର ଗୁଡା
ତା' କୋଳରେ ଧୁମ୍ କିନା ଅଜାଡି ଦିଅନ୍ତି,
ଅଳି କରି ପଚାରନ୍ତି,
କୁହ ମାଆ ମୋତେ,
ଭାଷାର ମୋ ଅଭିବ୍ୟକ୍ତି,
ଲାଗୁଛି କେମିତି ?

ମାତୃଭାଷା ମାଆ ମୋ, 'ଓଡ଼ିଆ'
କାନ ମୋଡି ଦେଇ ମୋର,
ଗେଲ୍ଲାରେ ଗେଲ୍ଲାରେ,
କହୁଥାନ୍ତା ମୋତେ ଶୁଣ ପୁଅ ,
କର ମୋର ସଠିକ ଉଚ୍ଚାରଣ
ନ ହେଲେ କି' ପାଇବିରେ ପୁଅ
ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ
ସବୁ ଦିନ ସ୍ଥାନ ? !

ଆଉଁଶି ଆଉଁଶି ପୁଣି ମୋର ମୁଣ୍ଡ ଓ କାନକୁ,
କହୁଥାନ୍ତା ମୋତେ,..
କେତେ କେତେ ବରପୁତ୍ର ମୋର
ବାକ୍ ଯୁଦ୍ଧେ, ତର୍କ ବିତର୍କରେ
ମୋର ଓଡିଆ ଭାଷା ନାମକୁ
ପୁରାଇଲେ, ମାନ୍ୟତାର ଭାଷା ସାହିତ୍ୟରେ,
ଦୁଆତ ବୁଡା ପର କଳମ ମୁନରେ,
ସାଇତି ରଖିଲେ ମୋତେ

Download Magazine from www.aahwaan.com

କେତେ ଯେ,ଭିନ୍ନ ଭିନ୍ନ ଗ୍ରନ୍ଥ ଆକାରରେ  ! ।

ଗେଲ୍ହା ପୁଅ ବ୍ୟାସକବି ଫକୀରମୋହନ
ଗଳ୍ପ ସ୍ୱଳ୍ପ ଛଳେ,
ଛ ମାଣ ଆଠ ଗୁଣ୍ଠର ମାପ କାଠି ବଳେ,
ଲଛମାକୁ ମରହଟା ଶାସନ ସ୍ମୃତିରେ,
ଆଉ,ରେବତୀର ଚରିତ୍ର ଚିତ୍ରଣରେ,
ବୋଧ ଦାୟିନୀ ଓ ସମ୍ବାଦ ବାହିକାର
ଅନ୍ତରାଳେ ,
ଆଙ୍କିଥିଲା ଓଡିଆ ମାଟିର କାହାଣୀ,
ସଜ୍ଜିତ କରି ରଖି ଥିଲା ମୋହରି ଅସ୍ତିତ୍ୱ
ଓଡିଆ ମାଟିରେ ସୃଷ୍ଟ,ଭାଷା ସାହିତ୍ୟ
ସଉଧରେ ।

ମଧୁସୂଦନ,ଗଙ୍ଗାଧର,ରାଧାନାଥ,ଉପେନ୍ଦ୍ରଭ
ଞ୍ଜ
ସାରଳା ଓ ବଳରାମ,
ଆଉ ପୁଣି,
ଅତିବଡ଼ୀ ଜଗନ୍ନାଥ ଦାସେ
ନବାକ୍ଷରୀ ଛନ୍ଦ ରୂପ ଦେଇ,
ଘରେ ଘରେ ପୁରେ ପୁରେ
ମୋତେ କରି ଥିଲା ଆଦୃତ  !

ଗଜପତି କୃଷ୍ଣଚନ୍ଦ୍ର,ମଧୁବାବୁ
ଆଉ,ସମ୍ବଲପୁରର
ମୋର ,କେତେ କେତେ ସୁଯୋଗ୍ୟ ସନ୍ତାନ,
ଲଢିଥିଲେ ମୋର ସ୍ୱତନ୍ତ୍ର ଅସ୍ତିତ୍ୱର ପ୍ରଶ୍ନବାଚୀ
କାଳେ,
ଉତ୍କଳ ସମ୍ମିଳନୀରେ ପ୍ରସ୍ତାବିତ ଫରଦ
ଫରଦ
ଦାବିପତ୍ର ଗୁଡା,ସିମ୍ ଲାର ବରଫାବୃତ
ତତ୍କାଳୀନ
ଫିରିଙ୍ଗି କୋଠାରେ,
କେତେ କେତେ ସାକ୍ଷଦାନ କରି,
କରିଥିଲେ ଦାବି,ମୋର ମାନ୍ୟତାର କାଳେ,
ଭାଷା ବାହୁଲ୍ୟ ଏଇ' ରାଇଜର
ସ୍ୱାତନ୍ତ୍ର୍ୟ ନିରୂପଣ ବେଳେ,
ଭାଷା ଆନ୍ଦୋଳନ କାଳେ  ! ।

ଉତ୍କଳ ଦୀପିକା ଟିଏ ଜାଳି ଥିଲା ମୋ'ପୁଅ
ଗୌରୀ ଶଙ୍କର,
ମନେ ପଡେ "ସମ୍ବଲପୁର ହିତୈଷିଣୀ"ର
ପ୍ରାରମ୍ଭିକ ଛାପା ଖାନା,ବାମଣ୍ଡାର ସେ
ହିତୈଷୀ ରାଜାର,
ସାରସ୍ୱତ ସାଧକଙ୍କ ବାହୁଲ୍ୟତାର ସେହି

Download Magazine from www.aahwaan.com

ବୁଧ କେଳି ସର ।

ପୂର୍ଣ୍ଣଚନ୍ଦ୍ର ଭାଷା କୋଷ ରଚୟିତା ପୁଅ

ମୋର

ଗୋପାଳ ଚନ୍ଦର

ଭୁଲି ନାହି ମୁହିଁ ଅକ୍ଳାନ୍ତ ପରିଶ୍ରମ ତାହାର'

କର୍ମଯୋଗୀ ହୋଇ,ସୃଷ୍ଟି କଲା ଏକ ବୈଶ୍ୱିକ

ଅଭିଧାନ,

ପୂର୍ଣ୍ଣଚନ୍ଦ୍ରର ଉଦ୍ଭାସିତ ସ୍ନିଗ୍ଧ କାନ୍ତି ଭଳି

ରହିଅଛି ଯାହା, ଅଭୁଲା ଓ ସମସ୍ତଙ୍କ ଲୋଡା

ହୋଇ ,ହଜାର ହଜାର ପୃଷ୍ଠାର

ଓଡିଆ ଶବ୍ଦ କୋଷର ଏକ ଅସରନ୍ତି

ଭଣ୍ଡାର ।

ସଭିଏଁ ତ' ବରପୁତ୍ର ସୁଯୋଗ୍ୟ ସନ୍ତାନ,

ଉପାଧି ଦେବି କାହାକୁ ଜ୍ୟୋଷ୍ଠ,ଶ୍ରେଷ୍ଠ

ବୋଲି,

ସଭିଏଁ ତ' ମୋ ପାଇଁ ଏକାପରି ,ଅମୃତ

ସନ୍ତାନ ! ।

ଭାବେ ମୁହିଁ, !

ମାତୃଭାଷା ମାଆ ହୋଇ କରନ୍ତା କି'

ଏହିପରି  କଥୋପକଥନ ! ? । □

ଆଇନଜୀବି, ବରଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ :(୯୪୩୭୧୨୬୩୪୯)

Download Magazine from www.aahwaan.com

# ମାଆ



ଚନ୍ଦ୍ରିକାରାଣୀ ପଣ୍ଡା

ମା ତୁ ମହାସମୁଦ୍ର
ତ୍ୟାଗର, ପ୍ରେମର,
ମମତାର, ମହାନତାର ।
ମା’ ତୁ ସୃଷ୍ଟିର ଆଦ୍ୟ
ଆଉ ଅନ୍ତିମ ଅକ୍ଷର ।
ବାତ୍ସଲ୍ୟତାର ଦୁର୍ମୂଲ୍ୟ
ସ୍ୱାକ୍ଷର ମା ।
ମା ଏକ ଯୋଗସୂତ୍ର
ହୃଦୟର, ସାହସୀ
ଚିହ୍ନାର ବିପଦବେଳର ।
ଏକ ନିବୃତ୍ତ ଆଶ୍ରୟ
ତମିସ୍ରାର, ମହୋଷଧି
ତମାମ୍ ଯନ୍ତ୍ରଣାର ।
ଏକ ମଧୁର ସଙ୍ଗୀତ
କାତର ପ୍ରାଣର ।
ଏକ ସୁବାସିତ
କୁସୁମ ଆବେଗର
ପିତୁଳା ପ୍ରୀତିର
ସମ୍ପର୍କ ସମର୍ପଣର
ମା ।

Download Magazine from www.aahwaan.com

ମା ଏକ ଦୃଷ୍ଟାନ୍ତ ବେହିସାବ
ମମତାର ପରିଭାଷା
ଛଳନାହୀନ, ନିଷ୍କପଟ
ଆତ୍ମୀୟତାର ।
ମା ସୂକ୍ଷ୍ମ ସମ୍ପର୍କର
ଭାବାବେଗ ।
ଏକ ସହିଷ୍ଣୁ ବର୍ଣ୍ଣବୋଧ
ଜୀବନ୍ମୟ ଆବେଗ ମା ।
ମା ଏକ ପୁଞ୍ଜି ସବୁ ସମର୍ପିତ
ନୈବେଦ୍ୟର ।
ଅନୁରାଗର ବାସ୍ନା ସବୁ
ମା' ର ।

ମା ଏକ ଅସମାପ୍ତ ପୁସ୍ତକ,
ସବୁତକ ଯନ୍ତ୍ର, ଯନ୍ତ୍ରଣା ଆଉ
ଯାତନାର ବାହକ ମା ।
କାନକୁ ମିଠା ମିଠା
ଶୁଭୁଥିବା ଶବ୍ଦ ସବୁ ମା'ର ।
ଆପଣାପଣର ସବୁତକ
ଲୁହ ଲହୁ ମା'ର ।
ଆଜି ମାତୃଦିବସରେ
ତା ପାଦରେ ବିନମ୍ର
ଜୁହାର ।

ଭଦ୍ରକ, ଓଡ଼ିଶା
ଇମେଲ୍ : chandrikaranipanda3@gmail.com

Download Magazine from www.aahwaan.com

# ମା' ପରି କେହିନାହିଁ



ସାଗର ପ୍ରଧାନ

ସନ୍ତାନ ଜନମ ପାଇଁ
ସକଳ ଯନ୍ତ୍ରଣା ନିଜେ ସହି ଯାଏ
ଧରତ୍ରୀ ପରିକା ସେହି
ମା ପରି ନାହିଁ କେହି !

ଉଦର୍ ବକ୍ଷକୁ ଚିରି
ବୁହାଇ ଦିଅଇ ଅମୃତ ର ଧାର
ସନ୍ତାନର ତୃଷ୍ଣାପାଇଁ
ମା ପରି ନାହିଁ କେହି !

ନିଜେ ରହି ଉପବାସ
ସନ୍ତାନ ମୁଖରେ ଦିଅଇ ଆହାର
ଦିବା ନିଶି କଷ୍ଟ ସହି
ମା ପରି ନାହିଁ କେହି !

କରେ ନାନା ପୂଜା ବ୍ରତ
ସନ୍ତାନ ମଙ୍ଗଳ କାମନା ସକାଶେ
ନିଜେ ଉପବାସ ରହି
ମା ପରି ନାହିଁ କେହି !

Download Magazine from www.aahwaan.com

ଶୋଇଗଲେ ତାର କୋଳେ
ହାତେ ମିଳିଯାଏ ସରଗ ର ସୁଖ
ତାହାରି ତୁଳନା ନାହିଁ
ମା ପରି ନାହିଁ କେହି !

ଗଲେ ଘର ଠାରୁ ଦୁରେ
ଫେରିବା ବାଟକୁ ଚାହିଁ ରହିଥାଏ
ଚାତକ ପରିକା ସେହି
ମା ପରି ନାହିଁ କେହି !

ତାର ପାଦ ଦେଲେ ଛୁଇଁ
ସବୁ ଦୁଃଖ କଷ୍ଟ ଯାଏ ବହୁ ଦୂରେ
ନିମିଷେ ଯାଏ ଦୂରେଇ
ମା ପରି ନାହିଁ କେହି !


ସାରା ସଂସାର ବୁଲିଲେ
ସବୁତ ମିଳିବ ମା କୁ ଛାଡି ଦେଇ
ତା ମମତା ତୁଳନା ନାହିଁ
ମା ପରି ନାହିଁ କେହି !

ମାଆର ବାର୍ଦ୍ଧକ୍ୟ କାଳେ
ରହିବାତାର ସାଥିରେ ସାଥି ପରି
ଆଶା ବାଡ଼ି ଟିଏ ହୋଇ
ମା ପରି ନାହିଁ କେହି ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ମା



ସନ୍ତୋଷ ପଟ୍ଟନାୟକ

ମାଆର ପଣତ
ଶ୍ରୀମନ୍ଦିର ନେତ
ଜଗତେ ତୁଳନା ନାହିଁ....
ମାଆ ମମତାର
ସେନେହ ପାଉଣା
କେ'ଅବା ପାରିବ ଦେଇ...
ମା'ହୃଦେ ଭରା
ଅମୃତର ଧାରା
ମୁଖେସଦା ମିଷ୍ଟଭାଷା
ସ୍ନେହ,ପ୍ରେମ,ଶ୍ରଦ୍ଧା
ଏକଡୋରେ ବନ୍ଧା
ମାନସିକ ତେରଓଷା....

ମାଆ  ଅଟେ ମାଟି
ମାଆ ପୁଣି ସୃଷ୍ଟି
ଏହାହିଁ ନିଛକ ସତ୍ୟ,,,
ମାଆ ଛଡ଼ା ଏହି
ଚରାଚର ବିଶ୍ୱେ
କେ ବୁଝିବ ଅନ୍ତର କ୍ଷତ...  ! !

Download Magazine from www.aahwaan.com

# ମାଁ ତୋ ହୃଦୟ ବହୁତ ବଡ଼



ମନୋଜ କୁମାର ସାହୁ

ମାଁ ତୋ ହୃଦୟ ବହୁତ ବଡ଼ , ସହି ଦେଉ ଯେତେ ଆସିଲେ ଝଡ଼ । ।
ନିଯେ ଦୁଃଖେ ରହି ସୁଖ ତୁ ଦେଉ, ତୋଠୁ ବଡ ଅଛି କି କେହି ? ?
ଜନମି ଥିଲୁ ତୁ କାହାରୀ କୋଳରେ,ଜନମ ଦେଇଛୁ ମତେ । ।
ତୁ ନଥିଲେ କି, ମୁଁ ଆସିଥାନ୍ତି ? ମାଁ କୋଟି ନମସ୍କାର ତତେ । ।
ଭୋକରେ ଥିଲେ ଖୁଆଇ ଦେଉ , ଉଦା କନା ଦେଇ ରାତିରେ ସୋଉ । ।
ନିଦ ନ ଆସିଲେ ଗପ ସୁଣାଉ , ଜ୍ଜର ହେଲେ ମତେ ଆଉଁସୁ ଥାଉ । ।
ବାପା ଗାଳି କଲେ କୋଳରେ ଧରୁ, ରାଗିଲେ ରୁଷିଲେ ପିରତି କରୁ । ।
ସ୍ନେହ ମମତାରେ କମ୍ ନୁହେଁ ତୋର , ମାଁ ତୋ ମହିମା ଅପାର । ।
ଜନମ ଦେଇଛୁ ଏ ବୀର ମାଟିରେ, କେତେ କେତେ ସୁର-ବୀର ନର । ।
ମାଁ ଯେତେ ଗାଇଲେ ବି ସରେନି ତୋ ଗୁଣ, ତୁ ତ ଗୁଣର ସାଗର । ।
ଦୁନିଆ ବୁଲିଲି ସବୁଠି ଦେଖିଲି, ମାଁ ତୋ ହୃଦୟ ବହୁତ ବଡ଼ । ।

ହଁ ମାଁ ତୋ ହୃଦୟ ବହୁତ ବଡ଼...

ମୋବାଇଲ-(9078233182)
ଗ୍ରାମ- ଘଣ୍ଟବାହାଲି(ବନ୍ଧପଡା)
ଜିଲ୍ଲା- ବଲାଙ୍ଗିର, ଓଡିଶା

Download Magazine from www.aahwaan.com

# ବାପା



ଶିଶିର କୁମାର ପଣ୍ଡା

ଜରା ନିବାସକୁ ବାପା ଯାଉଯାଉ
ପୁଅକୁ କହିଲା ତାହାର
କଥା ଧରି କେବେ ରାଗ କରିବୁନି
ଅଲିଅଳି ବୋହୂ ମାଆର ।
ଝିଅବେଳେ ସିଏ ଗେହ୍ଲାରେ ବଢ଼ିଛି
ଛନ୍ଦ କି କପଟ ଜାଣିନି
ଭାବିବୁନି କେବେ , ବାପଘରୁ ତା'ର
ଯାନିଯଉତୁକ ଆଣିନି ।
ମାଆତ ତୋହର ସରଗପୁରରେ
ଏକା କରି ମତେ ଯାଇଛି
ତୋଅରି ପାଖରେ ବାପ ଅଧିକାରେ
ଦୁଇବେଳା ଯାହା ଖାଇଛି ।

ଏବେ ମୁଁ ଯାଉଛି ଏଇ ଘର ଛାଡ଼ି
କରିବନି ଆଉ ଝଗଡ଼ା
ଚାଉଳ ଦି'କିଲୋ ଫେରେଇ ଦବୁରେ
କିଣିଥିଲୁ ଯେଉଁ ବଗଡ଼ା ।
କେତେବେଳେ ଯଦି ବେଳ ଅବେଳରେ
ବାପା କଥା ପଡ଼େ ମନରେ
ବୋହୂକୁ ଲୁଚିକି ଦେଖା କରିବାକୁ
ମୋ ପାଖେ ଆସିବୁ ଧନରେ ।
ନାତି ଯଦି କେବେ ଘରୁ ତଡ଼ିଦେବ
ଚିନ୍ତା ତୁ କରିବୁ କାହିଁକି
ମୋଓ ପାଖାପାଖି ଖଟିଆ ଗୋଟିଏ
ରଖିଥିବି ତୋଓ ପାଇଁକି ।

Download Magazine from www.aahwaan.com

# ମୋର୍ ମାଆ



କାହ୍ନୁ ଚରଣ ସାହୁ

ରିଚେଠାନୁ ମତେ କରିଚେ ବଡ୍
ଦିଇ କରି ତାହାର ସ୍ନେହ ଆଦର୍
ମୋର୍ ଲାଗି ଭୁଗିଚେ କେତେ ଦୁଃଖ୍
କେଭେ ନାଇ କରି ମତେ ପର୍ ।

ଦଶମାସ୍ ଦଶଦିନ୍ ଗରଭେ ଧରି
ଦିଇଚେ ଜନମ ମକେ
ତାର୍ ଲାଡ୍‌ଗେଲ୍ ଯେତ୍‌କି ମିଠା
ନାଇପାଉ ଦୁନିଆ ସାରା ଖୁଜ୍‌ଲେ ।

ପାଲିଚେ ମକେ କେଢ଼େ ତିଆରେ
ସଇଚେ ମୋର୍ ସବୁ ଅଲି ଅଝଟ୍
ଭୁକେ ଶୁସେ ରହି ଖୁଏଇଚେ
ମୋର୍ ଚିନ୍ତାଥି ତା'କେ ହେଇଚେ ଜର୍ ।

ତାଆର୍ ପନତ୍ କାନିତି ଲୁକିଥିଲେ
ନାଇ ଲାଗି କେଭେ ମତେ ଡର୍
ଯମ୍ ଭୀ ଆଏଲେ ଫିରିଯିବା
ଦେଖି ତାହାର୍ ପ୍ରେମ୍ ଆଦର୍ ।

କୁଟି ତପସ୍ୟା କରିଥିଲିଁ ବଲି
ତାର୍ କୁଲେ ଜନମ୍ ହେଇଚେଁ ମୁଇଁ
ଦୁଃଖ୍ ମୋର୍ ଦେଖ୍‌ଲେ ଘାଏକେ
ଝରି ଯାଏସି ତାର୍ ଆଖିର୍ ପାନି ।

ଯେତ୍‌କି ଦୁଃଖେ ରହିଥାଉ ନିକେ
କହେସି ସବୁବେଲେ ହସିକରି କଥା
ମୋର୍ ମନର୍ କଥା ସିଏ ଜାନି ପକାସି
ସେଏ ତୋ ଆଏ ମୋର୍ ମାଆ ।

+୩ ବିଜ୍ଞାନ, ଶେଷବର୍ଷ ଛାତ୍ର
ମ.ରାମପୁର, ଡିଗ୍ରୀ କଲେଜ, ମ.ରାମପୁର
କଳାହାଣ୍ଡି, ୭୬୬୧୦୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୫୫୬୮୨୨୪୭
ଇମେଲ୍ : kahnuchsahus@gmail.com

Download Magazine from www.aahwaan.com

# ଆମ ଗାଁର ମହେଶ ବାବୁ



ଭରତ ମେହେର

ଆମର ଗାଁର ମହେଶ ବାବୁ
ଭଲ୍ ସୁତରିଆ ବାବୁ ଟେ ।
ବଡ ଲୋକ୍ କେ ସନମାନ ଦେସି
ଛୋଟ ପିଲାକେ ଆଦର କରସି ।
ମା, ବା ର କଥା ମନସି
ଜାଣା ବେଲେ ତାଣା କରସି ।
ନାଇ ହୁଏ ହେତେ ଟିଙ୍ଗାଲି
ପଡିଜିବା ଭାଏଲ ବଲି ଭୁଝାଲି ।
ସାଙ୍ଗ ମାନଙ୍କୁ ବହୁତ ଭଲପାଏସି
କେଭେ ନାଇ ଯେ ପାସରି ।
ପଢୁଛେ ସେ ବି.ଏସ.ସି
କରମି ବଲି ଏସ୍.ଏସ୍.ସି ।
ଆମର ଗାଁ ସୁଜନ୍ ପିଲା
ଦେଖି ଯିବାର ଲାଗି ମେଲା ।
କ୍ରିକେଟ ଖେଲା ଥି ବହୁତ ଯୋଶ
ଇଣ୍ଡିଆ ଜିତଲେ ପିଆସି ଜୁସ୍ ।

ଆମର ଗାଁର ଗୁସିଆଁ ପିଲା
ତାହାକେ ନାଇବଲବ ହଲିଆପିଲା ।
ମଟର ଗାଡିଥି ଯାଏସି କଲେଜ୍
ଲାଇନ୍ ମରାଥି ବେଶି ନଲେଜ୍ ।
କଥା ହେସି ସବକର ନେ ହସି ହସି
କାହାକେ ନାଇଯେ ସେ ପସରି ।
ନିଇ ପିଏସେ ମଦ ପାଏନ୍
ପିସି ଖାଲି ଦେସି ପାଏନ୍ ।
ଗାଁ କବାର ଥି ଆଘୋ ହେସି
ଜାହରନେ ବି ଆଘୋ ମିଶ୍ସି ।
ଜହ ଲେଖଲେ ଖାତାସରବା
ମହେଶବାବୁର କଥାନାଇ ସରବାର ।

ଯଏଁତରା, ଚଲକି, ବଲାଙ୍ଗିର
ମୋ : ୯୬୬୮୫୦୯୦୯୮

Download Magazine from www.aahwaan.com

# ମନ୍ ସରଗର୍ ରାନି



ଆଶୁତୋଷ ମେହେର

ଦେଖିଁ ଥିଲି ତତେ ଯାତରାର ଠାନେ
ମୁଡେଁ ତୋର ଯୁରା ବେନି
ମୁଲ୍ ମୁଲ୍ ହସିଁ ଚନ୍ଦ୍ରବଦନୀ ଲୋ
ମନ୍ ନେଇଁଥିଲୁ ଘିନି ।
ସେ ଦିନ୍ ଠାନୁଁ ମହନୀ ଲାଗଲା
ମନ୍‌ଟା ଚହଲ୍ଲା ପାନି
ଭାବି ନେଇଁ ଥିଲିଁ କରମି ତତେ ଗା
ଘରର୍ ସରଗ୍ ରାନି ।
ମନ୍ କଥା ମନେ ରହେଲା ଅଟକି
ଶୁନି ଦେଲି ଯେନ୍ ଦିନ
ନଡିଆ ଧରା ଟା କରିଦେଲେ ତତେ
ଗାଁ ପାଖର୍ ମହାଜନ ।

ସପନ୍ ର୍ କଥା ସପନେ ସରଲା
ଇ ଗୀତ୍ ଲେଖୁଁଛେ ଯାହା
ଗରିବ୍ ବୁପରା କରମି କାଆଣା
ଦୁନିଆଁ କହେସି ଆହା ।
ଭଲେ ରହିଥିବୁ ଯେନ୍ ଠାନେ ଥାଆ
ମନ୍ ସରଗର୍ ରାନି
ମୁଇଁ ଖାଲି ଏନ୍ତା ମନର୍ ମହଲ୍
ଖାଲି ରଖିଥିମି ଯାନି ।

*ଇନେ ସରଲା*

୫୪,ଆର୍ଯ୍ୟପଲ୍ଲୀ
କିଟ ଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Download Magazine from www.aahwaan.com

# ଚଗଲି ପ୍ରେମିକା



ସୁଦର୍ଶନ ସାହୁ

ତୁ ଅଳପ ହସିଲେ ଗଳ୍ପଟେ ଲେଖେ
ତୁ ନାଚିଲେ ଲେଖେ କବିତା ।
ତୁ ଏମିତି ଚଗଲି ଝିଅଟେ ଗୋଟେ
ତତେ ଦେଖିଦେଲେ ଝରେ ମୁକୁତା ।।

ତୋ ଓଢଣୀ ଉଡ଼ିଲେ ସାତରଙ୍ଗ ଉଡେ
ମନେ ମୋର ଆଙ୍କେ ଛବି ।
ତୋ ଅଳସି ଆଖି ଦେଖିଦେଲେ ଥରେ
ମନେ ମନେ ଭାବେ କବି ।।

ତୋ ପଦ୍ମ ପାଖୁଡା ଗୋଲାପୀ ଓଠକୁ
ଯେବେ ମୁଁ ଛୁଇଁଛି ଥରେ ।
ମନେ ମନେ କେବେଠୁଁ ଭାବି ମୁଁ ସାରିଛି
ରଖିବି ତତେ ମୋ ହୃଦୟର ଘରେ ।।

ଜୀବନ ସାରା ମୁଁ ବାନ୍ଧି ରଖିଥିବି
ପ୍ରେମ ବନ୍ଧନ ରେ ମୋର ।
ସେ ପ୍ରେମ ବନ୍ଧନ କେବେ ମୁକ୍ତ ନୁହେଁ
ସମ୍ପର୍କ ଆମ ଜନ୍ମ ଜନ୍ମର ।।

କ୍ଷୀରୋ, ଷଠିପୁର, ଯାଜପୁର
ଭ୍ରାମ୍ୟଭାଷ : ୭୦୭୭୭୬୪୬୯୪୧

Download Magazine from www.aahwaan.com

# ନିର୍ଦ୍ଦୟୀ ପ୍ରେମିକା




ତୁଷାରକାନ୍ତ ପ୍ରସାଦ

ହାତ ଧରିଥିଲା ସାଥି କରିବାକୁ ଏକା,
ପ୍ରେମ ତାର ପ୍ରେମ ନୁହେଁ ଥିଲା ମରୀଚିକା ।
    ମୁଖେ ମାଖିଥିବା ରଙ୍ଗ ପଡିଗଲା ଫିକା,
    ଛଳନାର ସବୁ ରଙ୍ଗ ତେବେ ହେଲା ଦେଖା ।
ଚଲାପଥେ ସାଥି ତୋର ବିଛେଇଲି ଫୁଲ,
ନିଆଁ ସାଜି ଆଜି ମୋତେ କରିଗଲୁ ଗେଲ ।
    ଯିବାବେଳେ ବାଧା ଦେବି ଥିଲା ତୋର ଚିନ୍ତା,
    ସେଥିପାଇଁ ଜହରରେ ସଜେଇଲୁ ଚିତା ।
ତୋ ହାତେ ମରଣ ମୋର ନଥିଲା କି ଲେଖା,
ଜହରବି ତୋପରିଲୋ ଦେଲା ତୋତେ ଧୋକା ।
    ହୃଦୟରେ ରଖି ତୋତେ ଦେଲି ଯେଉଁ ସ୍ଥାନ,
    ହୃଦୟେ ଆଘାତ ଦେଇ କଲୁ ଅପମାନ ।
ମୋ ପରି ଆଉ କାହାକୁ ଦେବୁ ନାହିଁ ଧୋକା,
କହିବ ଦୁନିଆ ତୋତେ ନିର୍ଦ୍ଦୟୀ ପ୍ରେମିକା ।

ବରୀ, ଯାଜପୁର, ଓଡ଼ିଶା
ମୋ - ୯୧୭୮୫୦୦୫୪୮

Download Magazine from www.aahwaan.com

# ପ୍ରେମ



କାର୍ତ୍ତିକ ପାଣିଗ୍ରାହୀ

ପ୍ରେମ..... (ଏକ)

ପ୍ରେମ... ! ! !

ସ୍ରଷ୍ଟାଙ୍କର ସୁନ୍ଦରତମ ଉପହାର...ସୃଷ୍ଟିକୁ

ବିନା ପ୍ରେମେ ସୃଷ୍ଟି ଅସମ୍ଭବ

ବିନା ପ୍ରେମେ ଜୀବନ ଦୁର୍ବିସହ

ପ୍ରେମ... ! ! !

ଜନ୍ମ ଓ ମୃତ୍ୟୁର ବ୍ୟବଧାନ(ଜୀବନ)କୁ

ଅତିକ୍ରମ କରିବାର ନୌକା,

ଜୀବନ ମରୁଭୂମିର ଏକ ସବୁଜ ମରୁଦ୍ୟାନ,

ଫୁଲଠାରୁ ବି କୋମଳ

ବଜ୍ରଠାରୁ ଆହୁରି ସେ ଶକ୍ତ ।

ପ୍ରେମ... ! !

ସ୍ୱର୍ଗୀୟ...ଅମର...ଅମୂଲ୍ୟ

ଗଙ୍ଗାଜଳ ପରି ସ୍ୱଚ୍ଛ ଓ ପବିତ୍ର

ମୃତ୍ୟୁ ପରି ଚିରନ୍ତନ ସତ୍ୟ

କୃଷ୍ଣନାମ ପରି ଚିର ଶାଶ୍ୱତ

ପୂଜାରିଣୀର ପୂଜା ପରି ଅନାବିଳ ।

ପ୍ରେମ...(ଦୁଇ )

ନୁହେଁ କୈଶୋରର ସ୍ପର୍ଶଆତୁରତା

ନୁହେଁ ଯୌବନର କ୍ଷଣିକ ଉତ୍ତେଜନା,

ନୁହେଁ ପ୍ରଲୋଭନ

ଚିର ଇପ୍ସିତ ନିଷିଦ୍ଧ ଫଳର,

ନୁହେଁ ଅମାବାସ୍ୟାର ଗଭୀର ଅନ୍ଧକାର,

'ସେ'...

ମିଳନ ଦୁଇଟି ମନର,

Download Magazine from www.aahwaan.com

ମିଳନ ଦୁଇଟି ହୃଦୟର,

ଦୁଇଯୋଡ଼ା ନିରୀହ ଆଖିର ।

ପ୍ରେମ ବିନା ପୁରୁଷ ଅସମ୍ପୂର୍ଣ

ପ୍ରେମ ବିନା ନାରୀ ଅପୂର୍ଣା ।

ପ୍ରେମ...

ଶକ୍ତିର ଉତ୍ସ

ମନୁଷ୍ୟର ଆଶାବାଡ଼ି ।

ପ୍ରେମ..... (ତିନି)

ଚଳିତ ଶତାବ୍ଦୀର ଜଘନ୍ୟ ଅପରାଧ,

ପ୍ରେମିକ ଓ ପ୍ରେମିକା ସର୍ବଶ୍ରେଷ୍ଠ ଅପରାଧୀ,

ଆତ୍ମହତ୍ୟା..

ସମାଜ ରୂପକ ବିଚାରକଙ୍କ ଦଣ୍ଡାଦେଶ ।

ଶେଷରେ,

ପ୍ରେମ...

ଦୁଇଟି ଅକ୍ଷରର ସମିଶ୍ରଣ

କେବଳ ଗୋଟିଏ 'ଶବ୍ଦ' ।

Download Magazine from www.aahwaan.com

# ରଜ



କବିତା ମହାନ୍ତି

କୃଷ୍ଣ ଚୂଡ଼ାର ଫୁଲର ଦୋଳି
ଝୁଲି ଝୁଲି ଆସେ ରଜ
ମୃଦୁ ସମୀରଣ ମଧୁର ହିଲ୍ଲୋଳେ
ନବବଧୂ ବେଶେ ସଜ ।
ରାଧା ଚୂଡ଼ା ପୁଷ୍ପେ ଚୂଡ଼ାକୁ ସଜାଏ
ରଜନୀଗନ୍ଧା ଓ ମଲ୍ଲୀ
ନବପରିହିତା ସୁବେଶେ ଶୋଭିତା
ଉତ୍ସବ ନଗରପଲ୍ଲୀ ।
ପୋଡ଼ପିଠାର ମଧୁର ମହକ
ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରାପ୍ତି,
ଆମ୍ବ, ପଣସ, ତାଳସଜ, ସପୁରୀ
ଆସ୍ୱାଦନେ ସର୍ବେ ତୃପ୍ତି ।
ସୁମଧୁର ସେହି ସଙ୍ଗୀତ ରାଗିଣୀ
ପଲ୍ଲୀର ସଙ୍ଗୀତ ସ୍ୱରେ
ଅନୁଢ଼ା ଯୁବତୀ ସୁବର୍ଣ୍ଣ ମୁକୁଟ
ଭାତୃ ସ୍ନେହ ପ୍ରୀତି ଝରେ ।

ଉଖୁଡ଼ା, ମିଠାଇ, ନାନାଜାତି ମିଠା
ନବବସ୍ତ୍ର ଫଳଫୁଲ
ରଜଭାର ଯାଏ ଝିଅ ଶାଶୁଘର
ପରମ୍ପରା ଯେ ଅମୂଲ ।
ରଜପାନ ଖାଇ ଆନନ୍ଦେ ପାଳିବା
ଆମରି ପରବ ରଜ
ପ୍ରତ୍ୟୁଷରୁ ବାଳା ସପୁରୀପାଟିରେ
ହୋଇ ଆସିଲେଣି ସଜ ।

ପ୍ରଧାନ ଶିକ୍ଷୟିତ୍ରୀ,
ସାଇଲୋ ଝାରପଡ଼ା ଉପ୍ରା ବିଦ୍ୟାଳୟ,
କଣ୍ଟାପଡ଼ା, କଟକ
ଭ୍ରାମ୍ୟଭାଷ : ୭୦୭୭୪୩୦୦୭୫

Download Magazine from www.aahwaan.com

# ସମ୍ପର୍କର ସୂତାଖିଅ



ମନୀଷା ସାହୁ

ତୁମେ ମନେ ପଡ଼ିବ ସବୁଦିନ
କିନ୍ତୁ ମୁଁ ତୁମକୁ କହିବିନି
ତୁମ ପାଇଁ କବିତା ଲେଖିବି
ଅଥଚ ତୁମ ନାଁ ଲେଖିବିନି।

ପତ୍ନୀର ଅଧିକାରରୁ ବଞ୍ଚିତା ମୁଁ
ଜାତିପ୍ରଥା ଆଜି ବି ସରିନି
ମାତ୍ର ତୁମ ପ୍ରତି ମୋର ଅନାବିଳ ସ୍ନେହ ପ୍ରେମ
ସମାଜର ନୀତି ନିୟମ ମାନେନି।

ପ୍ରେମିକା ପାଖରେ ଅଟକି ଯାଇଛି ପାଦ
ଆହୁରି ବାକିଥିଲା ପତ୍ନୀ ଓ ଜନନୀ
ଚିରଦିନ ତୁମର ହୋଇ ରହିବାକୁ ଚାହେଁ
ଇଚ୍ଛା ନାହିଁ ସାଜିବାକୁ ଆଉ କାହାର ଅର୍ଦ୍ଧାଙ୍ଗିନୀ।

ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ
ଶାନ୍ତିନିକେତନ, ଭ୍ରାମ୍ୟଭାଷ : ୯୪୩୮୦୫୪୪୮

Download Magazine from www.aahwaan.com

# ଅନ୍ନ



ଚିତ୍ତରଞ୍ଜନ ସାହୁ

ରେବତୀ ରେବତୀ !
ଦେଖ ମୁଁ କ'ଣ ଆଣିଛି
ବୋଉକୁ ଡାକ
ସେ ବହୁତ ଖୁସି ହେବ
ସୁନାର ଫସଲ ଅମଳ କରି ଆଣିଛି
ସୁନାର ଫସଲ !

କାନ୍ଦେନା ରେବତୀ
ମୁଁ ବି କେମିତିକା ଲୋକ ?
ତୋ ମା ତ ସରଗର ତାରା ହେଇଗଲାଣି
ତୁ କାନ୍ଦେନା ରେବତୀ
ସେ ଆଉ ଫେରିବନି ।
କେମିତି ବା ସେ ସହି ପାରିଥା'ନ୍ତା
ସେ ଦାରୁଣ ଦୁଃଖକୁ,
ଦୀର୍ଘଦିନ ମରୁଡ଼ିର ଅସହ୍ୟ ଯନ୍ତ୍ରଣାକୁ,
ନିୟତିର ସଂସାର ପ୍ରତି ଅଟହାସକୁ,
ସେଇ କଷ୍ଟ ସହିନପାରି ସେ ଚାଲି ଗଲା ।

Download Magazine from www.aahwaan.com

ଦୀର୍ଘ ସମୟ ପରେ

ମୁଁ ଏ ସୁନାର ଫସଲ ଆଣିଛି

ନେ ରାନ୍ଧିଦେ ଦି'ଟା

ଦୀର୍ଘ ଦିନର ଅବଶୋଷ ମେଣ୍ଟିଯିବ

ଏ ନାଟଲଗା ପେଟର

ସବୁ ଯନ୍ତ୍ରଣା ଦୂର ହେବ ।

ଶୀଘ୍ର ଶୀଘ୍ର ରାନ୍ଧିଦେ ।

ବୋଉ ପାଇଁ ବାରିଆଡ଼େ ଦବୁ ।

ତାର କେତେ ଆଶା ଥିଲା,

କେତେ ପରିଶ୍ରମ ସେ କରିଥିଲା,

ରକ୍ତକୁ ପାଣି କରି ବୁହାଇଦେଇଥିଲା

ସେହି କ୍ଷେତରେ,

ହେଲେ ପ୍ରତିବଦଳରେ ସେ କ'ଣ ପାଇଲା ? ମୁକ୍ତି !

ନା ରେବତୀ ସେ ମୁକ୍ତି ପାଇନି,

ସେ ଦିମୁଠା ଅନ୍ନ ଅଭାବରେ

ଲୋଟିଗଲା ଦାଣ୍ଡ ଦୁଆରେ,

ଯେଉଁଠି ସକାଳୁ ସକାଳୁ

କାଉ,ବଣି,ପାରାକୁ ସେ ଖାଇବାକୁ ଦିଏ ।

ଶେଷଥର ଲାଗି କ'ଣ କହିଥିଲା ଜାଣୁ ?

Download Magazine from www.aahwaan.com

ବୋଧହୁଏ ମୁ ଅନ୍ନର ଅପମାନ କରିଛି ।

ଏହା ବୋଧେ ପ୍ରାୟଶ୍ଚିତ !

ଭୁଲରେ ବି ଦାନାଟିଏ ଅନ୍ନ ନଷ୍ଟ କରିବନି

ତୁମକୁ ଶୁଷମାର ରାଣ ।

ଆଉ ଆଖି ବୁଜିଦେଲା ସେ ।

ଯା ନେଇ ଆ ରାନ୍ଧିଥିବା ଅନ୍ନରୁ ମୁଠେ ତୋ ବୋଉ ପାଇଁ,

ଦେଇ ଦେ ଦିମୁଠା ସେଇଠି,

ତାର ଆତ୍ମାକୁ ଶାନ୍ତି ମିଳିଯିବ ।

Download Magazine from www.aahwaan.com

# ମନେପଡ଼େ



ମମତା ଦାସ

ଜୀବନର ଏହି ଲମ୍ବା ଯାତ୍ରାରେ

ମନେପଡେ !

ପିଲା ଦିନର ସେହି ପୁରୁଣା କଥା

ଗାଁ ମାଟି ଘରର ସେହି

ମନମୋହକ ବାସ୍ନା

ତରୁ-ଲତା-ବନ-ଉପବନ

ଆରେ ଓ .....ତରୁ .....ଓ ଲତା..... ଓ ଉପବନ

ଆରେ ଓ.... ରେ ଶୁପ୍ତ ମଳୟ ତୁ ଆ.....

ତୁ ଉଠ..... ତୁ ଜାଗ..... ତୁ...... ଜଗା.....

ତୁ ଗା..... ତୁ ନାଚ.....ତୁ ନଚା.......

ପୁରୁଣା ଦିନର ଅଭୁଲା ସ୍ମୃତି କୁ

ପୁନଃ ଫେରେଇ ଦେଇ ଯା........

କାଳୀ-ବିଲେଇ ସାଙ୍ଗ ମୋର

ଆଇ-ମାମୁଁଙ୍କ ଗାଳି ମୋର

କାନରେ ମୋ ଶୁଣାଯାଏ ନିରନ୍ତର

ମୁଁ ନୁହେଁ....... ମୁଁ ନୁହେଁ କହି

Download Magazine from www.aahwaan.com

ଦଉଡି ପଳାଇବାର ମଜା
ମନେପଡେ ଆଜି ମୋର ମନେପଡେ..... ▯

ଜ୍ୟୈଷ୍ଠ ମାସର ଗରମରେ
ଆମ୍ବ ଗଛର ଛାଇ ତଳେ
କୋଇଲିର ପଞ୍ଚମ ତାନରେ
କୁହୁ...କୁହୁ ଗାଇ ଉଠେ ମନ ମୋର
ଆଜି ମଧ୍ୟ ମନେପଡେ......▯

ରିମ-ଝିମ୍ ବର୍ଷାର
ଟିପ୍.....ଟିପ୍ ସ୍ୱରରେ
ରୁମ.....ଝୁମ୍ ପାଉଜି ମୋ ବାଜି କହେ
ଛମ....ଛମ କରି ଦଉଡି ଯା.....ତୁ
ସାଉଁଟି ଆଣ ନାଲି ଟୁକ୍.....ଟୁକ୍ ସାଧବ ବୋହୁକୁ
ଛାଡି ଦେ ତାକୁ ତୋ ହାତ ତିଆରି
କାଗଜ ଡଙ୍ଗା ଉପରେ......▯

ଥୁରୁ-ଥୁରୁ ଅନ୍ଧାରିଆ ଶୀତର ରାତିରେ
ଡରି-ଡରି ପଶିଯାଏ ମୁଁ ଆଇର କୋଳରେ
ଥରି-ଥରି ଘୋଡି ହୋଇଯାଏ ମୁଁ

Download Magazine from www.aahwaan.com

ପୁରୁଣା ରେଜେଇ, ଆଉ କନ୍ଥା
ମନେପଡେ ମୋର ଆଜି ସେହି ଉଷ୍ମତା
ସେହି ଉଷ୍ମତା......

ଚପଳ ବାଲ୍ୟ ଅବସ୍ଥାରେ,
ସ୍ୱପ୍ନର ସେହି ମାୟାଜାଲରେ
ଅଜଣା, ଅକୁହା ଶୈଶବ କାଳରେ
ଘୂରି ବୁଲେ ମନ ମୋର
ସ୍ୱର୍ଣ୍ଣ ପ୍ରଜାପତି ପରି
ସାରା ବ୍ରହ୍ମାଣ୍ଡରେ......

ସେହି ମଧୁର ବାଲ୍ୟ-ଜୀବନରୁ
ମଧୁପାନ କରି
ମଂଜରିତ ଯୌବନକୁ
ମଧୁମୟ କରିବାକୁ
ଚାହୁଁଥିଲା ମନ.......

ଗ୍ରୀଷ୍ମ, ବର୍ଷା, ଶୀତର ସେହି ଅଭୁଲା ସ୍ମୃତିକୁ
ଯୌବନରେ ଯୋଡିବାକୁ ଚାହିଁଥିଲା ମନ,
କିନ୍ତୁ

Download Magazine from www.aahwaan.com

ଶୈଶବର ସେହି ମଳୟ
ଏବେ ଚୁପ-ଚାପ ଘୂରି ବୁଲେ ପାଗଳ ପରି
ତୁମକୁ ଖୋଜି-ଖୋଜି
ପ୍ରଥମ ପ୍ରେମର ସେହି ସୁବାସିତ, ସୁଗନ୍ଧ ପାଇଁ
ଏବେ ମଧ୍ୟ ତୁମକୁ ଖୋଜେ ମନ ମୋର.....

ସମୟର ସ୍ରୋତରେ
ବହିଯାଏ ନିରନ୍ତର
ପ୍ରେମର ସେହି ମଧୁର ରାଗ
ମୋ ହୃଦୟର ସ୍ପନ୍ଦନ ଆଉ.....
ନିଶ୍ୱାସରେ ଛୁଟେ ମୋର
ମନର ଶବ୍ଦ......
ସୁକୋମଳ ସ୍ମୃତିରେ
ଲୋଟିପୋଟି ହୋଇ......

ଲକ୍ଷ୍ନୌ, ଉତ୍ତରପ୍ରଦେଶ

Download Magazine from www.aahwaan.com

# ମୋ ହୃଦୟର କାନ୍‌ଭାସ୍



ହରିପ୍ରିୟା ସେଠୀ

ତୁମେ ମୋ ଶବ୍ଦରେ, ଲୁହରେ

କୋହରେ, ଶିହରଣର ସବୁଠି ..

ଏବେ ତୁମର ଅବାଧ ପ୍ରବେଶ

ମୋର କୋଣ ଅନୁକୋଣରେ ..

ମୋ ଭଙ୍ଗା ଭଙ୍ଗା ସ୍ୱପ୍ନରେ

ଅସହାୟତା ର ଅମାବାସ୍ୟାରେ,

ଅଶାନ୍ତ ଗ୍ରହ ଉପଗ୍ରହରେ,

ଚେତନ ଅବଚେତନ ମନରେ

ଆଉ ପୁଣି ତୁନି ତୁନି ମୋ

ସ୍ୱର ନିକ୍ୱଣରେ ; ଓଃ କି ଅନୁଭବ

ତୁମେ ଶବ୍ଦ, ତୁଳୀ, ରଙ୍ଗ ହେଲେ

ମୁ ଅସମର୍ଥ ଅଙ୍କିବାକୁ ଛବିଟିଏ

ମୋ ହୃଦୟ କାନ୍‌କାନ୍ ଭାସ୍ ରେ...

ଅଧ୍ୟାପିକା,ଭାଷା ଓ  ସାହିତ୍ୟ ବିଭାଗ ,

ଧାମନଗର ମହାବିଦ୍ୟାଳୟ, ଭଦ୍ରକ

Download Magazine from www.aahwaan.com

# ତିନିଗୁଣା ପାଣି



ରାଜେନ୍ଦ୍ର ନାରାୟଣ ସେନାପତି

ତିନିଗୁଣା ପାଣି
ଢାଳୁଚ ସବୁଠି
ଯେଉଁଠି ବି ପାଣି ଦର୍କାର,
ଭିକାରୀକୁ କିନ୍ତୁ
ଦେଉନାହଁ ପାଣି
ବିବେକ ଭୁଲୁଛ ନିଜର ।

ଭିକାରୀ ହେଲେ ବି
ଜୀବନ ତା ଅଛି
ସେ ଇଶ୍ୱରଙ୍କ ଉପହାର,
ତା ତୃଷ୍ଣା ମେଣ୍ଟାଅ
ନ ହୋଇ କୃପଣ
ଦୁରେଇ ମନୁ ଅହଂକାର ।

ବୃକ୍ଷଲତା ଅବା
ହେଉ ପଶୁ ପକ୍ଷୀ
ହେଉ ଅବା ଅଜଣା ନର,
ସ୍ୱ ଜୀବନ ସହ
ଅନ୍ୟକୁ ବଞ୍ଚାଓ
ଏହା ଆମ ଉଚ୍ଚ ସଂସ୍କାର ।

ଅପଚୟ ତାର
କର ନାହଁ ଜମା
ଭାବିଚିନ୍ତି କର ବ୍ୟବହାର ,
ଜଳଦାନ କଲେ
ମହାପୁଣ୍ୟ ମିଳେ
ମନେ ହେଉ ସଦା ତୁମର ।

ପାଇକତିଗିରିଆ, ଖୋର୍ଦ୍ଧା, ଓଡ଼ିଶା
ଭ୍ରାମ୍ୟଭାଷ- ୮୬୧୭୪୪୫୮୯୫

Download Magazine from www.aahwaan.com

# ହେ ପୂଣ୍ୟାତ୍ମା



ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢୀ

ହେ ବିଶ୍ୱବନ୍ଦନୀୟ ।
ଦେଖିଦେଲେ ତୁମ ଛବି ମାନସ ପଟ୍ଟ ରେ ଆପେ ଆପେ ନଇଁଯାଏ ମଥା,
କାହିଁକିନା ତୁମେ ଶୁଣାଇଛ ଶାନ୍ତି, ମୈତ୍ରୀ, ଅହିଂସା, ସମତାର ଗାଥା ।

ବିଶ୍ୱକୁ କରିଛ ଦର୍ଶନ ଦେଇଛ ନିଦର୍ଶନ ତୁମେ ହେ ଅଦ୍ୱିତୀୟ ଦାର୍ଶନିକ,
ତୁମ ଦର୍ଶନରେ ଧରା ସ୍ୱର୍ଗ ହେଉ ଆଜି ମାଗୁଛି ମୁଁ ଏ ଭିକ ।

ହେ ଦିବ୍ୟ ସାରଥି ସ୍ୱାଧୀନ ଚିନ୍ତାର ସ୍ୱାଧୀନ ତୁମ ଚେତନା,
ବର୍ଜିଥିଲ ତୁମେ ଏ ମାନବ ପାଇଁ ସଂସାର ତୁଚ୍ଛ କାମନା ।

ଅରକ୍ଷିତ ଜନେ ସାହାରା ଦେବାରେ ହୃଦୟ ତ ପିତୃତୁଲ୍ୟ,
ଏ ସଂସାର ବୁକେ ତୁମେ ଏକା ବୁଝିଥିଲ ମାନବତାର ମୂଲ୍ୟ ।

ଶିଶୁ ଏ ସଂସାର ଭବିଷ୍ୟତ ବୋଲି ଦିବ୍ୟମନ୍ତ୍ର ଉଚ୍ଚାରିଣ,
ଶିଶୁ ଶ୍ରମ-ଚ୍ଛେଦ କରିବାକୁ ତୁମେ କରିଥିଲ ଶତ ପଣ ।

ତୁମେ ତ ମହାନ ମହା ତୁମ ଦାନ ତୁମେ ଅତୁଳନୀୟ,
ଏ ଶୁଭ ଅବସରେ ତୁମ୍ଭ ପଦେ ନମେ ତୁମ୍ଭେ ହେ କରୁଣାମୟ ।

Download Magazine from www.aahwaan.com

# ଛଳିଆ କାଳିଆ



ପ୍ରିୟଙ୍କା ସାହୁ

ଯାହା ଦେଇଥିଲ ସବୁ ପୋଛିନେଲ
ଆଉ କେଉଁଥିରେ ମନ,
ଭରସା କରିଥିଲି ପାଦପଦ୍ମକୁ
ଛଟପଟ ଏ ଜୀବନ........

ଚଉବର୍ଗ ଦାନୀ ହୁରି ପଡ଼ିଅଛି
ମିଛ ତୁମ ଦାତାପଣ,
ଦାନ ଦେଇ ପୁଣି ଗ୍ରହଣ କରୁଛ
ଧନ୍ୟରେ ଚକାନୟନ .......

ସଜ ଫୁଲ ଆଜି, କାଲି ହଜିଯିବି
ସାହା ଥିଲୁ ଏକା ତୁହି,
ଏମିତି ମାୟାବୀ ମାୟାରେ ବାନ୍ଧିଲୁ
ବଞ୍ଚିବାକୁ ଇଛା ନାହିଁ ........

ଜଗତ କହିବ ତୋତେରେ ଛଳିଆ
ନୀଳାଚଳେ ତୁ କାଳିଆ,
କେତେଗାଳିକରୁଛିଶୁଣୁନୁକାହିଁ
ସତେକେତେତୁମନୁଆ .......

ସାହାନିୟାଜ ପୁର, କଟକ

Download Magazine from www.aahwaan.com

# ଜୀବନର ମାନେ ଭଲପାଇବା



କୁମାର ଲୋକେଶ୍

ଜନମୁ ଆରମ୍ଭ ମରଣରେ ଶେଷ
ଜୀବନର କିଛି ଅଂଶ
ଭଲ ପାଇବାଟା ଏମିତି ପଦାର୍ଥ
ବଢି ଚାଲେ ଖାଲି ବଂଶ,
ଭଲ ପାଇ ଶିଖ ଦୁନିଆରେ ରହି
କର ନାହିଁ ରାଗ ହିଂସା
ଏସବୁ କରିଲେ ମିଳିବ କଣ
ମିଛ ଟାରେ ଲୋକ ହସା,
ବିଧାତା ଦେଇଛି ସୃଷ୍ଟିରେ ଜନମ
ହୁଅ ନାହିଁ ଛାରଖାର
ଶତ୍ରୁ ହେଲେ ପଛେ ନିଜର କରିକି
କରତାକୁ ଆପଣାର,
ଏଇତ ଜୀବନ ଅଢେଇ ଦିନର
ଆସିଛେ କୁଣିଆ ହୋଇ
ସଂସାର ଭିତରେ ଅଭିନୟ କରି
ଶାନ୍ତିରେ ଯିବାରେ ଶୋଇ,
ରାଗ ହିଂସା ଛାଡ ଭଲ ପାଅ ସବୁ
ମିଳିବ ସରଗ ସୁଖ
ବାପା ମା ଠାରୁ ଭାଇ ବନ୍ଧୁ ଯାଏ
ହରି ନିଅ ପ୍ରଭୁ ଦୁଖଃ ।

ଢେଙ୍କାନାଳ, ଗୋରଡାପାଳ
ଭ୍ରାମ୍ୟଭାଷ : ୭୯୮୧୩୧୦୭୧୯

Download Magazine from www.aahwaan.com

# କୋଉଠୁ ଆସିଲ ! ! !



ସୁଦାମ ଗୌଡ଼

କୋଉଠୁ ଆସିଲ କୋଉଠି ଥିଲ କରିନେଲ
ମତେ ନିଜର ।
ଜନମ ଜନମ ବାଟ ଚାଲୁଥିବା କରି ବନି
ମତେ ପର ॥

ତୁମ ସାଥେ ମୋର ବନ୍ଧା ଏ ଜୀବନ ତୁମ
ହୃଦୟକୁ ନେଇ ।
ଭଲ ମୁଁ ପାଉଛି ଭଲପାଉ ଥିବି ତୁମ
ଜୀବନର
ସାଥୀ ଟେ ହୋଇ ॥

କାନରେ ଝୁମୁକା ପାଦରେ ପାଉଁଜି ଲଗେଇ
ସାଧବ ବହୂଟେ ସାଜି ।
ବହୂ ବେଶେ ଦେଖି ତୁମର ଆଖି ଖୁସିରେ
ଯିବି ହଜି ॥

ବେଦି ହୁମ ନିଆଁ ସାଖୀ ରଖି ଦୁହେଁ ବିବାହ
ବନ୍ଧନରେ ଯିବା ବାନ୍ଧୀ ।
ସାତ ଜନମର ସାଥୀ ଟେ ହୋଇ ତୁମ
ପାଖେ ହେବି ଛନ୍ଦୀ ॥

ମୁଁ ତୁମ ରାଣୀ ତୁମେ ମୋର ରାଜା ଯାଣିବ
ସାରା ଦୁନିଆ ।
ଆମ ଦୁହିଁଙ୍କ ଯୋଡି ସୁପର ହିଟ୍ ହେବ
ପରିଚୟ ଦେବ ନୂଆ ॥

କଟ୍ରା ବୁଡ଼ାବାହାଲ
ଜି : ସୁନ୍ଦରଗଡ଼
ମୋ : ୮୭୬୨୩୯୦୦୭୩

Download Magazine from www.aahwaan.com

# ଉଜୁଡ଼ା ପୃଷ୍ଠା



ଲାବଣ୍ୟ ନାୟକ

ବହିଲା ନଈ ବିତିଲା ସମୟ
କେବେ ଫେରେନି ।
ବରଂ ଲେଖିହୋଇଯାଏ ପ୍ରତି
ପୃଷ୍ଠାରେ ପୃଷ୍ଠାରେ, କ୍ଷତରୁ
ଝରୁଥିବା ରକ୍ତରେ, ଅଲିଖିତ
ଇତିହାସ ବିକଟ ଗନ୍ଧରେ । ।
ଶୂନ୍‌ଶାନ ଦ୍ୱିପ୍ରହର ଖରାରେ
ରଂଜିତା ଫେରୁଥିବା ବେଳେ,
ଗାଁ ମୁଣ୍ଡ ବିଲପାଟ ବୁଦାଳିଆ
ବଣର ମଝିରେ କେହି ଜଣେ
ଚାପିଧରିଲା ହାତରେ ତା'ମୁହଁକୁ..
ବଳ କଳ ବିନତୀ ଚିତ୍କାର ପରେ
ମଉଳିଗଲା ଡହ ଡହ ନିଆଁ
ଜଳୁଥିବା ପାଷାଣ ପରି ଚଟାଣରେ ! !

ଦବି ଯାଉଥିଲା ପାଦତଳ ମାଟି
ଭାଙ୍ଗିପଡୁଥିଲା କି ଆକାଶ ପ୍ରଚଣ୍ଡ
ଶବ୍ଦରେ, ଅବା ଖଣ୍ଡିଆ ଭୂତଟେ
ମୋଡି ପକାଇଥିଲା ଫୁଲଭରା ଡାଳ !
ବିଜୁଳି କି ବଜ୍ର ହୋଇ ଜାଳିଦେଲା
ଡଙ୍ଗର ଉପର ସବୁଜ ସପନ ।
ଆଉ ...ଏବେ ସଂସାର କି ସ୍ୱାଦ ,
ଚନ୍ଦନ ବାସର ଦେହର କି ଆମୋଦ ?
ପୋଡା ଅଂଗାର ତ । କୁହ....
ବଂଚିବି ନା ତୁମମାନଙ୍କ ଦୟାର
ପାତ୍ର ତଳେ ଏ ଓଳି ସେ ଓଳି ହେବି ?
"ନ୍ୟାୟ !ନ୍ୟାୟ ! !"ବୋଲି
ଚିତ୍କାର କରି କରି ବାକିଥିବା
ଜୀବନ ଜଳିବାଯାଏ ଜୀଇଁବି ! !

ଭୁବନେଶ୍ୱର-୨, ଓଡ଼ିଶା

Download Magazine from www.aahwaan.com

# ମେନକାର ମନସ୍ତତ୍ତ୍ୱ



ଅନୁସୂୟା ମିଶ୍ର

ସେଦିନ

ଏମିତି ହେଇଥାନ୍ତା ଯଦି....

ନାଚି ନାଚି ମୁଁ ଥକି ପଡ଼ିଥାଆନ୍ତି

ଅଥଚ

ତୁମେ ବସି ରହିଥାଆନ୍ତ ସେମିତି

ନିର୍ଲିପ୍ତ ଆଉ ନିରାସକ୍ତ,

ଛନ୍ଦାୟିତ ମୋ ସୌନ୍ଦର୍ଯ୍ୟର ସମସ୍ତ ବିଭାବକୁ ଅଣଦେଖା କରି,

ଅଧିର ମୋ ନାରୀତ୍ୱର ସମସ୍ତ ଆମନ୍ତ୍ରଣକୁ ପରାହତ କରି,

ସତେ ପଥରର ମୂର୍ତ୍ତିଟିଏ ଯେମିତି... ! ! !

କହିଲ,

କଣ ତେବେ ହୋଇଥାଆନ୍ତା ମୋ ମନର ଭାବ ? ?

ଉପେକ୍ଷାର ଅନଭ୍ୟସ୍ତ ମୋ ମାନସିକତାରେ

କିପରି ବା ଫୁଟି ଉଠିଥାଆନ୍ତା

ତୁମ ବ୍ୟକ୍ତିତ୍ୱର ଚିତ୍ରପଟ ? ? ?

କ୍ଲୀବ ? ? ?

ନପୁଂସକ ? ? ?

ଅସମର୍ଥ ? ? ?

Download Magazine from www.aahwaan.com

ନା.....

ବରଂ ମୋର ସକଳ ଯାଚନାର ଅପହଞ୍ଚ

ତୁମେ ହୋଇଥାଆନ୍ତ

ମୋର ଚରମ ଏକ ଲକ୍ଷ୍ୟ,

ମୋର ପରମତମ କାମ୍ୟ,

ଆହତ ମୋ ଅବଚେତନର ଏକମାତ୍ର ଅଧୀଶ୍ୱର,

ଯାହାର ସାନ୍ନିଧ୍ୟର ସ୍ୱପ୍ନରେ ବିଭୋର ମୁଁ

ଭୁଲି ଯାଇଥାଆନ୍ତି

ଅପସରାର ଅଭିମାନକୁ ।

ଚୂର୍ଣ୍ଣିଭୁତ ମୋର ସମସ୍ତ ଦମ୍ଭକୁ ନେଇ

ଅଜାଡ଼ି ଦେଇଥାଆନ୍ତି

ତୁମ ପାଦ ତଳେ,

ଲୋଡ଼ିଥାଆନ୍ତି ତୁମ ସୋହାଗର ସ୍ପର୍ଶ

କ୍ଷତାକ୍ତ ମୋ ରୂପଗର୍ବର

ପ୍ରତିଟି ଲୋମକୂପରେ ।

ଆଉ, ପଡ଼ି ରହିଥାଆନ୍ତି

ପ୍ରତିକ୍ଷାର ପ୍ରତିମୂର୍ତ୍ତିଟିଏ ହୋଇ

ଯୁଗ ଯୁଗାନ୍ତର ବ୍ୟାପି

ତୁମ ତପସ୍ୟାର ଏରୁଣ୍ଡି ବାହାରେ ।

Download Magazine from www.aahwaan.com

# ମାଆ



ପ୍ରକାଶ ଚନ୍ଦ୍ର ପଣ୍ଡା

ଜୀବନ ଆରମ୍ଭ ତୁମ୍ଭଠାରୁ ମାଆ
କେଉଁଠି ଜାଣେନି ଶେଷ,
ଏତିକି ଜାଣିଛି ଏ ଜୀବନେ ମୋ
ତୁମେ ଭରିଛ ବିଶ୍ୱାସ ।
ତୁମ ହାତଧରି ଚାଲିବା ଶିଖିଛି
ସଂସାର ପଥ ବିଷମ,
ତୁମ ଓଠଭାଷା ଶିଖାଇଛି କଥା
ଧନ୍ୟ ଏ ମୋ ଜୀବନ ।
ସବୁ ତୁମ ଦାନ ଏ ମୋ ଜୀବନ
ତୁମେ ଜୀବନେ ପ୍ରେରଣା
ତୁମାଶିଷେ ମା ଜୀବନ ପୂର୍ଣ୍ଣତା
ତୋ ବିନା ଜୀବନ ଊଣା ।

ଜିତିବାର କଳା ଶିଖାଇଛ ମା
ଜୀବନ ଯୁଦ୍ଧରେ ମୋତେ
ବଞ୍ଚିବାର ରାହା ଦେଖାଇଛ ତୁମେ
ବ୍ୟର୍ଥ ତୁମବିନା ସତେ ।
ସ୍ନେହ ଶ୍ରଦ୍ଧାର ନାହିଁ ପଟାନ୍ତର
ତୁଳନା ନାହିଁ ତୁମର
ତୁମେ ଅଦ୍ୱିତୀୟ ମୋ ପାଇଁ ମା
ତୁମକୁ କୋଟି ଜୁହାର ।

କଲ୍ୟାଣପୁର, ଭୁଇଁପୁର, ଯାଜପୁର
ପାଣିକୋଇଲି, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

Download Magazine from www.aahwaan.com

# କିଏ



ଅନାମ ଚରଣ ସାହୁ

ବାପାମାଆ ପାଶେ ଆସି ଅତି ସୁଖେ
ଅଳି କେ କରିବ କୁହ
ନୂଆ ବାସଟିଏ ଖୋଜି ଖୁସି ମନେ
ସଜାଇବ ନିଜ ଦେହ ।
ପାଦର ପାଉଁଜି ରୁଣୁଝୁଣୁ ବାଜି
ମୋହିବ ସଭିଙ୍କ ମନ
ପରିବାର ମେଳେ ବଡ଼ କୁତୁହଳେ
ଆନନ୍ଦେ କଟିବ ଦିନ ।
କିଏ ଆଙ୍କିଦେବ ଚାଉଳର ଝୋଟି
ପୂନିଆଁ ପରବ କାଳେ
ହସି ଉଠୁଥିବ ଘର ଅଗଣାଟି
ଦିନର ତ୍ରିସନ୍ଧ୍ୟା ବେଳେ ।
ଚଉରା ମୂଳରେ ସଞ୍ଜବତୀ ଟିଏ
ଲଗାଇବ କିଏ କୁହ ?

ସୁଖରେ ଦୁଃଖରେ ରହି କେ ପାଶରେ
ନୟନୁ ପୋଛିବ ଲୁହ ।
ଦୁଇକୁଳ ହିତ କିଏ ସେ କରିବ
ସୁନା ସେତୁଟିଏ ହୋଇ
ଗୁଣ ମହକରେ ଦୁନିଆ ହସିବ
ତାହାର ସୁରଭି ପାଇ ।
ଝିଅ ଦରକାର ନାହିଁ ତ ଆମର
ଅଖୋଜା ଅଲୋଡ଼ା ସିଏ
ଏ ରଜ ପରବ କିଏ ସେ ପାଳିବ
ଦୋଳିରେ ଝୁଲିବ କିଏ ?

ବିଭୁତିପୁର, କାକଟପୁର, ପୁରୀ
ଭ୍ରାମ୍ୟଭାଷ : ୯୯୩୭୭୨୦୨୬୦

Download Magazine from www.aahwaan.com

# ନେଇଯା'ରେ ମେଘ



ସତ୍ୟବ୍ରତ ସାହୁ

ଭିଜା ମାଟିର ଏ ବାସ୍ନା ଲାଗୁଛି ମୋ ପ୍ରିୟା ତନୁର ବାସ
ପୁଲକିତ ଏଇ ଦୁନିଆ ଲାଗେ ମୋ ପ୍ରିୟା ଓଠେ ପ୍ରୀତି ହସ ।

ପହିଲି ଆଷାଢ଼ ପହିଲି ବିନ୍ଦୁ ଏ ଧରାକୁ ଛୁଇଁଲା ଯେବେ
ପହିଲି ପ୍ରେମର ପହିଲି ପ୍ରେମିକା ମନେ ମୋ ପଡ଼ିଲା ତେବେ ।
ନୀଳ ଆକାଶର ଭସା କଳାମେଘ
ଲାଗିଲା ମୋ ପ୍ରିୟା କେଶ (୧)

ବରଷାର ଟୋପା ଏମିତି ଲାଗିଲା ସତେ ପ୍ରିୟା ହାତ ଛୁଆଁ
ବିରହ ନିଆଁରେ ଜଳୁଛି ମୁଁ ଏକା ପ୍ରିୟା ଜଳେ ଏକୁଟିଆ
ନେଇଯାଏ ମେଘ ପ୍ରିୟା ହାତେ ଦେବୁ
ମୋର ପ୍ରୀତିର ସନ୍ଦେଶ (୨)
ଭିଜା ମାଟିର ଏ ବାସ୍ନା ଲାଗୁଛି ମୋ ପ୍ରିୟା ତନୁର ବାସ ।
ପୁଲକିତ ଏଇ ଦୁନିଆ ଲାଗେ ମୋ ପ୍ରିୟା ଓଠେ ପ୍ରୀତି ହସ ।

ପଲ୍ଲାସାହି, କମାଳପୁର, ଅହିୟାସ
ଯାଜପୁର, ୭୫୫୦୩୬
ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

Download Magazine from www.aahwaan.com

# ମୃତ୍ୟୁ



ସନାତନ ମହାକୁଡ଼

ମୂଳ ରଚନା (ବଙ୍ଗଳା) : ଯୁଗଳ ସେନ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ମୁଁ ମୃତ୍ୟୁର ମଝିରେ ବସି
ଜୀବନ ସିଲାଇ କରେ...
ମୁଁ ମୃତ୍ୟୁର ମଝିରେ ବସି
ମୃତ୍ୟୁର ବର୍ଣ୍ଣ ପରିଚୟ ପଢ଼େ...
ମୁଁ ମୃତ୍ୟୁର ମଝିରେ ବସି
ମୃତ୍ୟୁହୀନ ମୃତ୍ୟୁର ସଙ୍ଗେ ନିର୍ବୋଧ ଯୁଦ୍ଧକରେ...

ବେରୁଆଁବାରୀ, ୭୫୨୦୮୨, ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୦୯୩୩୯୭୧୦୧୭୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

Download Magazine from www.aahwaan.com

# ବରଷକ ପରେ ଆସିଛି ରଜ



ବିଜୟ କୁମାର ପଣ୍ଡା

ସାରା ଓଡ଼ିଶାରେ ଚହଳ ପକାଇ
ବରଷକ ପରେ ଆସିଛି ରଜ
ହୋଇ କେତେ ସଜବାଜ ।

କୁଆଁରୀ ମନରେ କେତେ ଯେ ସପନ
ଗାଁ ଦୋଳିଖେଳ ସାଙ୍ଗସାଥି ମେଳ
ଓଠ ନାଲି ନାଲି ଖାଇ ରଜପାନ ।

ନାନା ରକମର ପିଠାପଣା
ଆଉ ତାସ୍ ଖେଳର ମଉଜ
ଭେଣ୍ଡିଆ ମାନଙ୍କ କୁସ୍ତି ଖେଳ ସଙ୍ଗେ
ଟାହିଟାପରା ସାହି ଭାଉଜ ।

ଟୋପାଏ ଟୋପାଏ ବରଷା ବିନ୍ଦୁରେ
ମୁରୁକି ହସେ ମାଟି ମା’
ନୂଆ ସୃଷ୍ଟିର ସମ୍ଭାବନାରେ ।

ଅନାଦି ଆଦିମକାଳରୁ ପାଳିତ
ଅତି ସୁନ୍ଦର ଏ ପରମ୍ପରା
ରଜ ଆଣିଦିଏ ଅସରନ୍ତି ଖୁସି
ହସି ଉଠେ ବସୁନ୍ଧରା ।

Download Magazine from www.aahwaan.com

# ଆହ୍ୱାନ ଏକ ବଣମଲ୍ଲୀର



ଅରୁଣ କୁମାର ପାତ୍ର

ପାହାଡ଼ ପର୍ବତ ଘେରା ନିଘଞ୍ଚ ଅରଣ୍ୟ ଭିତରେ
ମୁଁ ଏକ ବଣମଲ୍ଲୀ...
ପ୍ରତୀକ୍ଷା କରି ବସିଛି ସେହି ମୁହୂର୍ତ୍ତକୁ
କେବେ ପ୍ରସ୍ଫୁଟିତ ହୋଇଯିବି ଫୁଲର ସବାରୀରେ
ମୋ ବାସ୍ନାର ସୁଗନ୍ଧ ବ୍ୟାପିଯିବ କାହିଁ କେତେ ଦୂର
ସୁବାସେ ମୋ ହୋଇଣ ବଶୀଭୂତ
ଖୋଜିବେ ଭ୍ରମରେ ମୋତେ ହୋଇଣ ଭ୍ରମିତ ।
କିନ୍ତୁ ହାୟରେ ବିଧାତା... !
ପାଇବା ପୂର୍ବରୁ ମୁହିଁ ତାଙ୍କରି ସାନ୍ନିଧ୍ୟ
ଧରାଶାୟୀ ହୋଇଥିବି ହୋଇ ଆତଙ୍କିତ
ମୋ ସୌନ୍ଦର୍ଯ୍ୟେ ବଶୀଭୂତ ହୋଇ
ମୋ ବାସ୍ନାକୁ ଆଘ୍ରାଣ ପାଇଁ
ପାଗଳପରାୟେ ହେବେ ରାକ୍ଷସ ପ୍ରବଞ୍ଚକଗଣ
ପ୍ରସ୍ଫୁଟିତ ହେବା କି ହେବ ମୋ' ଅକାରଣ ।
ହେ ପରମପିତା... ହେ ପରମ ଈଶ୍ୱର... !
ବଣମଲ୍ଲୀ ମୁହିଁ ଯୋଗ୍ୟା ନୁହେଁ କ'ଣ ଶୋଭିବାକୁ ମସ୍ତକ ତୁମର
ସତେ କ'ଣ ସ୍ୱପ୍ନ ମୋର କରିବା ସାକାର

Download Magazine from www.aahwaan.com

ପୁଷ୍ପହୋଇ ବନ୍ଦିବାକୁ ଚରଣାବିନ୍ଦର... ?
ହୃଦେ ମୋର ଭରିଦିଅ ଧୈର୍ଯ୍ୟସାଥେ ଅସୀମ ସାହାସ
ଏ ପଙ୍କିଳ ବନାନୀରୁ ଜନ୍ମନେବି ପଦ୍ମର ସଦୃଶ
ଜଗତକୁ ଜଣାଇବି ଏହି ଶୁଭ ସନ୍ଦେଶ ।
ମୋ ଜନ୍ମଭୂମି ଅରଣ୍ୟାନୀ ନୁହେଁ ଘୃଣିତ, ଲାଞ୍ଛିତ, ଅବାଞ୍ଛିତ
ଅବହେଳିତର ଦେଶ
ମଉଳିଲେ ମଉଳିବି ତୁମରି ଚରଣେ
କିନ୍ତୁ ନୁହେଁ ପ୍ରବଞ୍ଚକ ଓ ରାକ୍ଷସଙ୍କ କରେ
ଏତକ ଆଶୀର୍ବାଦ ଦିଅ ମୋତେ ହେ ପ୍ରଭୁ... ହେ ପରମ ଈଶ୍ୱର...
ଅନ୍ୟାୟ, ଦୁର୍ନୀତି, କଷଣ, ପୀଡ଼ନ, ଶୋଷଣକୁ...
ସଂହାରି ଶାନ୍ତ କରିବି ମୋ ଜନ୍ମଭୂମିକୁ...
ମା ଦେବୀ ଦୂର୍ଗାଙ୍କ ରୂପରେ ।

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ, ୭୬୨୦୦୧,
କନ୍ଧମାଳ ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୭୬୫୨୭୫
ଇମେଲ୍ : arunpatra21171@gmail.com

Download Magazine from www.aahwaan.com

# ପରିବେଶ ରସ



ସୌମ୍ୟରଞ୍ଜନ ପାଲ

ଗଗନୁ ଝରିଲେ ଆଶିଷ ଝର
ଧରଣୀ ହୁଅଇ ଖୁସି,
ଚାଷୀକୂଳ ହସ ଦିଶେ ଚାରିଦିଗେ
ଲୋତକ ଯେ ପରଦେଶୀ ।

ଗଛର ଭାର ମୃତ୍ତିକା ଚୁମିଲେ
ଅନ୍ତର ଅଧିର ହୁଏ,
ପରିପକ୍ୱ ଫଳ ସୁଗନ୍ଧରେ ମନ
ଲୋଭେ ଲାଳାୟିତ ହୁଏ ।

କୁସୁମ ପରେ ଭ୍ରମର ଯେବେ
ଭ୍ରମି କରେ ଗୁଞ୍ଜରଣ,
କିଚିରି ମିଚିରି ଶବଦ ଯେ ପୁଣି
ଆବେଗରେ ଭରେ ପ୍ରାଣ ।

ସେଥିଲାଗି ପରା ପ୍ରକୃତି ଆମର
ଆଜୀବନ ଅଟେ ଶ୍ରେଷ୍ଠ,
ମୁଢ଼ ମାନବ ଅଜାଣତେ ମଧ୍ୟ
ଦିଅନା ଗଭୀର କଷ୍ଟ ।

ଗ୍ରାମ/ପୋଷ୍ଟ : ବଡ଼ସୋଲ, ଥାନା : ଝାରପୋଖରିଆ,
ଜିଲ୍ଲା : ମୟୁରଭଞ୍ଜ ପିନ୍ : ୭୫୭୦୮୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୮୮୯୮୩୩

Download Magazine from www.aahwaan.com

# ସମୁଦ୍ର କେତେ ଦୂର



ବିନୟ ମହାପାତ୍ର

ଜୀବନ ସୁକୁମାରୀ ନଦୀଟିଏ ।
ଅନନ୍ତ ଅନ୍ତରୀକ୍ଷ ତେଜି,
ଲମ୍ଫମାରି ଧରାବତରଣ କଲା ଭାଗୀରଥି,
ଅତି ବ୍ୟାକୁଳରେ ଖୋଜୁଥିଲା,
ଧୂର୍ଜଟୀର ଜଟା ।
ହେଲେ, ନାହିଁ,
କେହି ନାହିଁ ଏଠି,
ବାହୁପଶାରୀ କୋଳେ ନେଇଯିବ,
ଛାତିରେ ତା ଆଉଜାଇ ନେବ, ଆଉ
ପଚାରିବ ଯାତ୍ରା କିପରି ଥିଲା ?

ଜୀବନ ତ ଯାତ୍ରାଟିଏ,
ପଥ ଜଣାନାହିଁ, କିନ୍ତୁ
ଗନ୍ତବ୍ୟ ତ ମହୋଦଧୀ ମୋର
କେବଳ ଜାଣିଛି ଏତିକି ।
ଯେଉଁଠାରୁ ଆରମ୍ଭ ମୋ ପଥ,
ସେଇଠି ସମାପ୍ତ,
ବିଚିତ୍ର ଏ ସୃଜନୀର ତନ୍ତ୍ର ।

କୁଳୁକୁଳୁ ବୋହିଗଲା
ଝରଣାର ରୂପ ନେଇ
ଚପଳ ଶିଶୁମତି ମୋର,
ହେଲେ ଦୁନିଆଁ ନିଷ୍ଠୁର ।

Download Magazine from www.aahwaan.com

ପଥ ଅଟକାଏ ଅଚଳ ପର୍ବତ,
ଦୁର୍ଗମ ବନ, କଙ୍କରୀତ ପଥ,
ହେଲେ ସେ କିବା ଜାଣନ୍ତି
ପରମାଣୁ କେତେ ଯେ ଶକତ ?
କିଏ ଅବା ଅଟକାଇ ନେବ ପାଦ ମୋର
ରୁନ୍ଧି ମୋର ପଥ ?

ସମତଳେ ଯୌବନ ମୋ
କାୟା ମୋ ବିଶାଳ
ଉଦଣ୍ଡ ମୋ ମତି,
ତୃଷାର୍ତ୍ତରେ ଢାଳି ଦେଲି ଜଳ,
ଦେଲି ଦଣ୍ଡ ଯିଏ ରୋଧେ ପଥ ମୋର ।
ପ୍ରିୟଜନ ମିଳିଗଲେ କେତେ,
କାନ୍ଧରେ ମିଶାଇ କାନ୍ଧ
ସହଯାତ୍ରା କଲେ ମୋର ସାଥେ ।
ଦେଇଗଲି ସନ୍ତତି ଜନ ଜନ ପାଇଁ,
କେତେ ଯେ ସଭ୍ୟତା କୂଳେ ଗଲି ଦେଇ,
ତଥାପି ଚାଲିଛି ଖୋଜି ସମୁଦ୍ର ଠିକଣା ।

ଶୁଭେ କରାଳ ସମୁଦ୍ରର ଡାକ,
ଜାଣିଛି ମୁଁ ଆଉ ବେଶିଦୂର ନୁହେଁ
ସମୁଦ୍ର ନିକଟ ।
ଆଜି ନ ହେଲେ,
କାଲି ତ ସରିବ ଏ ଯାତ୍ରା,
କିନ୍ତୁ ସରିବନି ଜୀବନର ଗାଥା ।
ନଦୀ କିବା ମରେ କେବେ ରବିତଳେ,
ବୋହି ଚାଲିଥିବ ଅମୀୟର
ଧାରା କାଳେ କାଳେ ।
ଜୀବନ ତ ନଦୀଟିଏ ପରି,ହେଲେ
ମରେ ନାହିଁ ମୃତ୍ୟୁ ସାଥେ ସାଥେ ।
ମୃତ୍ୟୁଞ୍ଜୟୀ ସିଏ,
ଯିଏ ଜିତିପାରେ ସକଳ ହୃଦୟ
ନିଜ ପ୍ରେମବଳେ ।

କିଟସ୍ ଛକ, ପଟିଆ,
ଭୁବନେଶ୍ୱର

Download Magazine from www.aahwaan.com

# ପଞ୍ଚକନ୍ୟା



ସୀମାରେଖା

## ଗୌତମପତ୍ନୀ ଅହଲ୍ୟା...୧

ନୁହେଁ ଦେବକୁଲ୍ୟା ନାଆଁ ମୋ ଅହଲ୍ୟା
ବ୍ରହ୍ମା କଲେ ମୋତେ ସୃଷ୍ଟି
ଯତି ମତି ହରା ମୋ ରୂପ ଚେହେରା
ଝଲସାଏ ସବୁ ଦୃଷ୍ଟି
କେତେ ଯେ ଦେବତା ଭରିବାକୁ ମଥା
ମୋତେ ହେଉଥିଲେ ଝୁରି
ମହର୍ଷି ଗୌତମ ହେଲେ ପ୍ରିୟତମ
ତିନି ଲୋକ ଘୂରି ଘୂରି
ସେଇ ଅପମାନେ ଇନ୍ଦ୍ର ଆସି ଦିନେ
ମୋ ସତୀତ୍ୱ କଲେ ନଷ୍ଟ
ପତିଙ୍କର ଶାପେ ମୁଁ ପାଷାଣୀ ରୂପେ
ଭୋଗିଲି ଯାତନା କଷ୍ଟ

## ପାଣ୍ଡବପତ୍ନୀ ଦ୍ରୌପଦୀ...୨

ନୁହେଁ ବେଦରଦୀ ନାଆଁ ମୋ ଦ୍ରୌପଦୀ
ଯଜ୍ଞ କୁଣ୍ଡରୁ ମୁଁ ଜାତ
ସାଜିବାକୁ ପତି ସ୍ୱୟଂବର ଜିତି
ଅର୍ଜୁନ ଧରିଲେ ହାତ
ହେଲେ ମାତା କୁନ୍ତୀ ତାଙ୍କ ବାକ୍ୟେ ଗୁନ୍ଥି
ମୋତେ କଲେ ପାଞ୍ଚ ଭାଗ
ତଥାପି ମୁଁ ସତୀ ବରି ପଞ୍ଚ ପତି
ଲାଗିନାହିଁ ଦେହେ ଦାଗ
ଦୁଷ୍ଟ ଦୁଃଶାସନ ଦେଲା ଅପମାନ
ଏ ଦେହରୁ ଖୋଲି ବସ୍ତ୍ର
କୌରବ କୁଳର ହୋଇଲା ସଂହାର
ନଧରି ବି କୃଷ୍ଣ ଅସ୍ତ୍ର

Download Magazine from www.aahwaan.com

## ବାଳୀପତ୍ନୀ ତାରା...୩

ମୁଁ ଯେ ଅପସରା ନାଆଁ ମୋର ତାରା
ମୋ ପତି ଅଟନ୍ତି ବାଳୀ
ହାତେ ଧରି ଗଦା ମଲ୍ଲ ଯୁଦ୍ଧ ସଦା
କରୁଥାନ୍ତି ଶକ୍ତି ଢାଳି
ସମୁଦ୍ର ମନ୍ଥନ ଚଉଦ ରତନ
ଭିତରୁ ମୋତେ ସେ ଆଣି
ଚୋରି କରି ଲାଜ ମୋ ବାନର ରାଜ
କିଷ୍କିନ୍ଧାର କଲେ ରାଣୀ
ରାମ ମାରି ବାଣ ନେଲେ ତାଙ୍କ ପ୍ରାଣ
ଅଦିନେ ବିବରା ହେଲି
ଅଙ୍ଗଦ ଅନାଥ ହେବନି ବୋଲି ତ
ସୁଗ୍ରୀବଙ୍କୁ ବରି ନେଲି

## ପଣ୍ଡୁ ପତ୍ନୀ କୁନ୍ତୀ ...୪

ଅନିନ୍ଦ୍ୟ ଅନନ୍ୟା କୁନ୍ତୀଭୋଜ କନ୍ୟା
ମୋ ପ୍ରକୃତ ନାମ ପୃଥା
ସାଧୁ ସନ୍ଥ ପ୍ରତି ଅଯାଚିତ ଭକ୍ତି
କରେ ନାହିଁ କାମ ବୃଥା
ମହର୍ଷି ଦୁର୍ବାସା କୃପାର ବରଷା
ଝରାଇଲେ ତେଜି ତାପ
ହୋଇ ବିମୋହିତ ସୂର୍ଯ୍ୟଙ୍କ ସହିତ
ରଚିଲି କୁଆଁରୀ ପାପ
ମୃଗ ରୂପି ଋଷି ଅଜଣାନ୍ତେ ନାଶି
ପତି ପାପ କଲେ ଠୁଳ
ବାୟୁ ଇନ୍ଦ୍ର ଧର୍ମ ସାଥେ ରଚି ପ୍ରେମ
ରକ୍ଷା କଲି ନିଜ କୁଳ

Download Magazine from www.aahwaan.com

## ରାବଣପତ୍ନୀ ମନ୍ଦୋଦରୀ...୫

ମୁଁ ଯେ ମନ୍ଦୋଦରୀ ଅନିନ୍ଦ୍ୟ ସୁନ୍ଦରୀ
ମୟାସୁର ମୋର ପିତା
କଶ୍ୟପ ନାତୁଣୀ ରାବଣଙ୍କ ରାଣୀ
ମୋ କନ୍ୟା ବି ଅଟେ ସୀତା
ହେବାକୁ ଅମର ବ୍ରହ୍ମାଙ୍କ ଠୁ ବର
ଦଶାନନ ଥିଲେ ଆଣି
କପଟ ବଚନେ ହନୁମାନ ଦିନେ
ତୀର ତତ୍ତ୍ୱ ଗଲେ ଜାଣି
ପତିଙ୍କର ପ୍ରାଣ ନେଲେ ନାରାୟଣ
ଶ୍ରୀରାମଙ୍କ ବେଶ ଧରି
ବିଭୀଷଣ ମୋର ସାଜିଲେ ସିନ୍ଦୂର
ଉଜୁଡା ମଥାକୁ ଭରି

---

ଜଗତସିଂହପୁର, ନାଉଗାଁ, ଓଡ଼ିଶା

Download Magazine from www.aahwaan.com

# ଅବୁଝା ନାୟିକା



କାହ୍ନୁ ଚରଣ ସାହୁ

ଜହ୍ନ ଶୋଇଅଛି ରାତିର ଶେଯରେ
ଅନେଇ ରହିଛି ମୁହିଁ
ତାରା ହସୁଅଛି ନୀଳ ଆକାଶରେ
ଉଜାଗରେ ରାତିଯାଏ ପାହି ।

ଚାଲିଗଲ ତୁମେ ସଞ୍ଜ ନ ହେଉଣୁ
ରହିଗଲା ମୋ ସପନ ବାକି
ନିଦୁଆ ଆଖିରେ ହଜିଗଲା ନିଦ
ସାଉଁଟୁଛି ବସି ତୁମ ସ୍ମୃତି ।

ସହି ! ତୁମେ ଗଲାପରେ ମୋତେ
ଦିନ ବି ଲାଗଇ ରାତି
ଜାଣତେ ହେଉ ବା ଅଜାଣତରେ
ଆଖିରେ ଲୁହ ଆସୁଛି ଖସି ।

ବୁଝିଲନି ଜମା ଅବୁଝା ନାୟିକା
ତୁମେ ମୋ ସପନ ରାଣୀ
ବିତିଯାଏ ଦିନ ଝୁରୁଥାଏ ମନ
ତୁମକୁ ପାଇବାପାଇଁ ।

ପାଖେ ପାଖେ ଥିଲ ଛାଇପରି ମୋର
ପାଇଚି ଦୁନିଆ ସାରାର ଖୁସି
ଚାଲିଗଲାପରେ ତୁମେ ଏକା ଏକା ଲାଗେ
ତୁମବିନା କେମିତି ପାରିବି ରହି ।

 Download Magazine from www.aahwaan.com

ବୁଝିଥିଲ ପରା ତୁମେ ଓ ସଜନୀ
ମୋ ହୃଦୟରେ ପରିଭାଷା
କାହିଁ ତୁମେ ଆଜି ଆନମନା ହୁଅ
ଆଗୋ ଅଭିମାନୀ ରାଧା ।

ବହୁଦିନ ହେଲା ଦେଖିନାହିଁ ବୋଲି
ଝୁରୁଛି ତୁମକୁ ମନ
ଆସିଯାଅ ଥରେ ରାଗରୁଷା ଭୁଲି
ଗପିବା ଦୁହେଁ ରାତିଦିନ ।

ନଈକୂଳ ଆଜି ଖାଁ ଖାଁ ଲାଗେ
ତୁମେ ନାହଁ ବୋଲି ପ୍ରିୟା
ଚାହିଁଦେଇ ଯେବେ ହସିଦିଅ ତୁମେ
ହୃଦୟରେ ମୋର ଲାଗିଯାଏ ନିଆଁ ।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୯୫୫୬୮୨୨୪୭
ଇମେଲ୍ : kahnuchsahus@gmail.com

Download Magazine from www.aahwaan.com

# ସନ୍ଧାନ ଅନ୍ୟ ଏକ ସକାଳର



ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ

ଏ ଦୁନିଆ ଏକ ରଙ୍ଗମଞ୍ଚ
ଅଭିନୟ କରିବାକୁ ହୁଏ
ସାଗରର ଅଗାଧ ଜଳରାଶିରେ
ପରିଚୟ ଖୋଜିବାକୁ ପଡ଼େ

କେତେବେଳେ ଖୁସିର ଲହରୀ
ଆଉ କେବେ ଶୂନ୍ୟ ମରୁଭୂମି
ତୃଷ୍ଣା ମେଣ୍ଟିବାକୁ ଯାଗା କାହିଁ ?
ମୁଠା ମୁଠା ଅସରନ୍ତି ବାଲି

ନିୟତିର ଇସାରାରେ
ରାତିଯାଏ, ଦିନ ହୁଏ
ଚଳଚଞ୍ଚଳ ସବୁଆଡ଼େ
ଅନ୍ୟ ଏକ ସକାଳର ଆଗମନରେ

ଅନେକ ସଂଘର୍ଷ ଭିତରେ
ବଞ୍ଚିବାକୁ ହୁଏ ଏଠି
ଘନ ଅରଣ୍ୟେ ଯେସନ
କଳିକାଟି ଯାଏ ଫୁଟି

କେବେ ଏଇ ସକାଳ...
ଶୀତର ଉଷ୍ମତା ଆଣେ
ସାରା ଶରୀର ଭିଜାଏ

ପୁଣି ଆଉ କେବେ
ବୈଶାଖୀର ଝାଞ୍ଜି
ସବୁକିଛି ଶୁଷ୍କ କରିଦିଏ ।

Download Magazine from www.aahwaan.com

# ବନ୍ଧୁତା



ଜିତେନ୍ଦ୍ର କୁମାର କହଁର

ବନ୍ଧୁ ବିନା ଜୀବନ କି ଜୀବନ,
ହସ ଆଉ ଖୁସି ଲାଗେ
ଖାଲି ସ୍ୱପ୍ନ ଆଉ ସ୍ୱପ୍ନ ।

ବନ୍ଧୁ ତ ଓଠର ଅଲିଭା ହସ
ହୃଦୟରେ ଯାର ବାସ,
ଯେ ପାଶେ ଥିଲେ ରହି
ଯାଏ ଭୁଲି ଯେତେ ଅବଶୋଷ ।

ସମ୍ପର୍କର ଅନ୍ୟ ଏକ ନାମ ବନ୍ଧୁତା
ଜୀବନର ଅନ୍ୟ ଏକ ନାମ ବନ୍ଧୁତା,
ଦୁଃଖ ଭିତରେ ବି ସୁଖର ଅନୁଭବ
ସେଇ ତ ଅଟଇ ବନ୍ଧୁତା ।
ନା ଦିଏ ହାରିବାକୁ
ନା ଦିଏ ଥକି ପଡ଼ିବାକୁ,
ସାଜିଯାଏ କେତେବେଳେ ଅନ୍ତରର ଶକ୍ତି
ପାଦ ବଢ଼ାଇ ଆଗକୁ ଚାଲିବାକୁ ।

ଛାଇ ପରି ପାଶେ ଥାଏ
ସତେ ଯେମିତି ପ୍ରହରୀ ଟିଏ,
ଅନ୍ଧାର ଭିତରେ ଯେମିତି ଆଲୁଅ ଟିଏ
ସ୍ଥିତି ତାର ସଦା ରହିଥାଏ ।

ବିତିଯାଏ ସମୟ ଜଣାପଡେ ନାହିଁ
ବନ୍ଧୁ ଗହଣ ରେ ଥିଲେ,
ସ୍ୱର୍ଗ ସୁଖର ଆସର ଯେମିତି
ମରତ ମଣ୍ଡଳେ ଖେଳେ ।

ବନ୍ଧୁତାରେ କେବେ କାହାର ନ ଆସୁ ଇତି
ଠାକୁର ପାଖେରେ ଏତିକି ପ୍ରଣତି,
ଅଖଣ୍ଡ ରହୁ ଚିର ବନ୍ଧୁତ୍ୱ ଜ୍ୟୋତି
ଯାଉ ଏ ଜୀବନ ବନ୍ଧୁତାରେ ବିତି ।

Download Magazine from www.aahwaan.com

# ରାତିର ଆୟୁଷ



ପବିତ୍ର ଦାସ

ରାତି ବେଶୀ ହେଲାପରେ
ଲୁଚିଯା'ନ୍ତି ଯେତେସବୁ ଶବ୍ଦ
ଅନ୍ଧାରର ଦେହକୁ ଚିରି ଚିରି
ଝିଙ୍କାରିର ଝିଁ ଝିଁ ଶବ୍ଦ
ଭେଦିଯାଏ, ଆକାଶପାତାଳ ।

ଶୀତୁଆ ରାତିର ଆକାଶରେ
ମ୍ଳାନ ହୋଇ ଦିଶୁଥାଏ ପୁଙ୍ଗୁଳା ଜହ୍ନ
ଜହ୍ନର କିରଣରେ ରାତି ଦିଶୁଥାଏ
ସଧବା ନାରୀର ବେଶରେ ବେଶ୍
ମନୋରମ ।

ଯେତେ ଯେତେ ବଢୁଥାଏ ରାତିର ଆୟୁଷ
କୁହୁଡ଼ିର ଓଢ଼ଣାଟାଣି ନିଜକୁ
ଅତି ସନ୍ତର୍ପଣରେ ସଜେଇଥାଏ
ଏ ରାତି, ଫିକା ଫିକା ଜହ୍ନ ଆଲୁଅରେ ।

ବେଶୀ ବେଶୀ ଲୋଭହୁଏ
ଦେଖିବାକୁ ଜହ୍ନର କୁମାରୀତ୍ୱକୁ
କୁହୁକିନୀ ଏ ରାତିର ଅନ୍ଧାର ଭିତରେ
ଥାଇପରେ, ଏତେ ସୌନ୍ଦର୍ଯ୍ୟପଣ ? ?

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Download Magazine from www.aahwaan.com

# ଲାଲ୍ ରକତର ସୁଅ



ପୂର୍ଣ୍ଣ ଚନ୍ଦ୍ର ରଣା

ବରଷାକୁ ଦେଖି ପଚାରି ଦେଲି ମୁଁ
ଆଲୋ ହେ ବରଷା କାହିଁ କାନ୍ଦୁଛୁ
ବରଷା କହିଲା ଆଖିକୁ ପଚାର
ଆଖି ତୁ କାହିଁକି ଲୁହ ଢାଳୁଛୁ ।କ ।

ଆଖି ତ କହିଲା କେମିତି କହିବି
ମୋ ଆଖିରେ ଖାଲି ରକତଧାର
ଲାଲ ରଙ୍ଗ ଦେଖି ସହି ପାରୁନାହିଁ
ଏ ଆଖି କରିବ କି ବିଚାର ।ଖ ।
ବରଷା କହିଲା ଜନନୀ ବକ୍ଷରେ
ବହି ଯାଉଅଛି ଲାଲ ରକତର ସୁଅ
କେମିତି ଦେଖିବି ସେଇ ରକତକୁ
ସହିପାରୁନି ଏ ଦେହ ।ଗ ।
ଦେଖି ପାରୁନାହିଁ ଏ ଚକ୍ଷୁ ମୋହର
ସହିଦର ସେଇ ମୃତ ଶରୀର
ଧୈର୍ଯ୍ୟ ନାହିଁ ଆଉ କିଛି ଦେଖିବାକୁ
ଅଶ୍ରୁ ଝରୁଅଛି ମୋର ପ୍ରଚୁର ।ଘ ।

ଶହିଦ ଶରୀରର ପ୍ରତି ରକତର ବିନ୍ଦୁ
କହି ଯାଉଅଛି ମୋହରି କାନେ
ଆଲୋ ହେ ବରଷା ଭିଜେଇ ଦେ ତୁ
ବୀର ଶରୀରକୁ ଅତି ଯତନେ ।ଚ ।

ଲାଲ ରଙ୍ଗ ସବୁ ପାଣିରେ ମିଶିବ
ଚାଲିଯିବ ସବୁ ମହୋଦଧିକୁ
ଶହିଦର ସେଇ ଅମର ଆତ୍ମା ଯେ
ଚାଲିଯିବ ପୁଣି ବୈକୁଣ୍ଠକୁ ।ଛ ।
ଆଉ ଧୈର୍ଯ୍ୟନାହିଁ ପଚାରିବାକୁ ତ
ବରଷାର ସେଇ ରୂପକୁ ଦେଖି
ଭୟଙ୍କର ସେଇ ବରଷାର ରୂପ
ଭାବୁଛି କେବେ ତ ଯିବି ମୁଁ ହଜି ।ଜ ।

ହାଟସିଂହାପୁର, ଯାଜପୁର, ଓଡ଼ିଶା

Download Magazine from www.aahwaan.com

# ସୁପ୍ରଭାତ



ଜ୍ୟୋତିରାଦିତ୍ୟ ପୁଝାରୀ

ବିତିଗଲେ
କିଛି ଭଙ୍ଗାଗଢ଼ା ସ୍ୱପ୍ନ
ହସଲୁହ ଭିଜା ବାର୍ତ୍ତା
ସରିଗଲେ
ହାରିବା ଜିତିବାର ଖେଳ
ଖୁସି ସାଉଁଟିବାର ବେଳ
ମିଳିଗଲେ
ମେଳ ଅମେଳରେ ମିତ
ସଜଫୁଲର ପଥ
ହୋଇଯାଏ
କିଛି ମିଛ କିଛି ସତ
ଲିଭା ଅଲିଭା ଅତୀତ
ଭବିଷ୍ୟତକୁ ସ୍ମୃତି କରିବାଲାଗି
ସମୟକୁ ପୁଣି ଏକ ରୂପ ଦେଇ
ବ୍ରହ୍ମାଣ୍ଡକୁ ଭେଟି ଦିଏ ସୁପ୍ରଭାତ ।

କୁଳିଗାଁ, ବଡ଼ମହେଶ୍ୱର, ଖଡ଼ିଆଳ
ନୂଆପଡ଼ା, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୧୫୩୦୦୩

Download Magazine from www.aahwaan.com

# ନିଜରାସ୍ତାରେ ଦୁନିଆ



ଜୟନ୍ତ କୁମାର ସାହୁ

ବଞ୍ଚିବା ଆରମ୍ଭ କରିନି ଏବେ
ଲାଗେ ରାସ୍ତା ଏକା ଏକା
ସବୁ ଦୁଃଖ ଆସି ଅଳି କରନ୍ତି
କାହାପାଇଁ ଏ ନିରବତା ।

ଦେବି ମୁଁ କି ଉତ୍ତର
ପ୍ରଶ୍ନ ପଚାରିଚାଲେ ନିଜକୁ ବାରମ୍ବାର
ମନକୁ ବୁଝାଇବାକୁ ଆଜି
ଲାଗୁଛି ମୋତେ ଡର ।

ଆଗକୁ ଯିବାପାଇଁ
ଖୋଜୁଅଛି ନୂଆ ସକାଳର ସୂରୁଜ
ବିସ୍ମୟତା କାଗଜରେ ସଞ୍ଚୁଛି
ଏବେ ବି କଲମରେ ଲେଖିବାର ତେଜ ।

ଜାଣିନି କାହିଁକି ଶୁଣୁଛି
ପାଗଳ ପରିକା ପ୍ରତିଶ୍ରୁତି
କେଉଁ କୋଳାହଳର ଅଂଶ
କାହାପାଇଁ ଝରେ ଏ ଆଖିରୁ ପ୍ରୀତି ।

ଏତେ ସବୁ ଅଲୋଡ଼ା ଅଛନ୍ତି
ନୁହେଁ କଣ ନିଜ ଦୋଷ
କାପୁରୁଷର ବର୍ଣ୍ଣନା କରି ଦୁନିଆ
ବାଧ୍ୟକରେ ପିଇବାକୁ ବିଷ ।

ତଥାପି ଦୁନିଆ ମହାନ
ପାରିବୁ ଯଦି ଲଢ଼ି ଆଗକୁ ଆସ
ମୃତ୍ୟୁପରେ ବି
ସରେ ନାହିଁ ଏ ଯେଉଁ ରକ୍ତର ଶୋଷ ।

ଭୁଲ ତ ମୋର କିନ୍ତୁ
ବିଲମ୍ବରେ କରୁଛି ପ୍ରକାଶ
ଗୋଟିଏ ମାତ୍ର ଖୋଜୁଛି ସୁଯୋଗ
ବୁଝିବାକୁ ପ୍ରକୃତ ମନୁଷର ଭାଷ ।

Download Magazine from www.aahwaan.com

# ଦ୍ୱାଦଶ ଲଘୁକବିତା



ଶ୍ରୀ ରମା କାନ୍ତ ମିଶ୍ର

୧ ।। କବିତା

କବିତା ପାଇଁ ବିଷୟ୍ଟିଏ
ପ୍ରତିଦିନ ମୁଁ ଭାବୁତ ଥାଏ
ମିଳିଗଲେ ବିଷୟ୍ର ଖିଅ ଟିଏ
ଆଗକୁ ତାକୁ ଆଗେଇ ଦିଏ
ମନ ରାଜ୍ୟରେ କରେ ବିଚରଣ
ମନ ଜାଣେ ଖିଅକୁ ଆଗେଇବା ଗୁଣ ।

୨ ।। ରହସ୍ୟ

ସେଇ ମା ସେହି ଗର୍ଭ
ସେଇ ବାପା ସେହି ଔରସ
ସନ୍ତାନ କିନ୍ତୁ ଭିନ୍ନ ଭିନ୍ନ
ରୂପ ଗୁଣ ବିଦ୍ୟା ବୁଦ୍ଧି ରେ
ଏହା ଜାଣିବା ନୁହେଁ ସହଜ
ପ୍ରଭୁଂକ ଏହା ଅଟେ ରହସ୍ୟ ।

୩ ।। ଦୃତ ଗତି

ଗତିରୁ ପ୍ରଗତି , ପ୍ରଗତି ରୁ ବୃଦ୍ଧି
ବୃଦ୍ଧି ରୁ ସିଦ୍ଧି , ସିଦ୍ଧି ରୁ ସମୃଦ୍ଧି
ଗତି ହେଉଛି ମୂଳ , ତା ବିନା ମିଳେନି ଫଳ
ପରିବର୍ତ୍ତିତ ହେବ କାଳ , ପରିସ୍ଥିତି ହେବ
ପ୍ରତିକୂଳ
ଦୃତ ଗତି ଆଣି ଥାଏ ବିପତ୍ତି , ତେଣୁ ଦୃତ
ଗତି ପାଇଁ ଥାଏ ଆପତ୍ତି
ଗତି ଆଣିଥାଏ ସଂପତ୍ତି , ଦୃତ ଗତି ଆଣେ
ମହା ବିପତ୍ତି ।

୪ ।। ସମୟ୍

ଦିନ ବିତି ଯାଏ ରାତି ଚାଲି ଯାଏ
ଦିନ ପରେ ଦିନ କଟି ଯାଇ ଥାଏ
ଜୀବନର ଦିନଟିଏ ସରିଯାଏ
ଆସିଲେ ଗଲେ ଜୀବନରେ କଣ କଲେ ?

Download Magazine from www.aahwaan.com

ଜୀବନ ଚାହୁଁ ଚାହୁଁ ସରିଯାଏ
କାଲି ର କଥା ପାଇଁ ସମୟ ନ ଥାଏ ।

୫ ॥ କାମ

କାମକୁ କରିବ ଖୁସି ହୋଇ
ଭାର ବୋଲି ଭାବିବ ନାହିଁ
କାମରେ ତେବେ ଲାଗିବ ମନ
ଆସିବ ଆଗ୍ରହ ନିତ୍ୟ ନୂତନ
କାମ ଆମ ସବୁ ଦିନର ସାଥି
କାମ କରିବାକୁ ଆମର ସୃଷ୍ଟି ।

୬ ॥ ନିଜେ

ନିଜେ ହିଁ କେବଳ ନିଜର
ନିଜ ଛଡା ଆଉ ସବୁ ପର
ଅନ୍ୟ ଠାରେ ରଖିଲେ ଆଶା
ପାଇବ କେବଳ ପ୍ରତ୍ୟାଶା
ପାଇବ ମାନସିକ ଆଘାତ
ଯନ୍ତ୍ରଣାରେ ହେବ ଜର୍ଜରିତ ।

୭ ॥ ନିର୍ଦ୍ଦିଷ୍ଟ ସମୟ

ନିର୍ଦ୍ଦିଷ୍ଟ ସମୟ ଆସିବା ପାଇଁ
ରହିଥାଉ ଚାତକ ପରି ଚାହିଁ
ନିର୍ଦ୍ଦିଷ୍ଟ ସମୟ କେତେବେଳେ
ଆସି ଚାଲିଯାଏ ନିଶବ୍ଦ ରେ
ଫମ୍ପା ମାଠିଆର ଶବ୍ଦ ହୁଏ
ଫମ୍ପା ଲୋକ ବେଶି କଥା କହେ ।

୮ ॥ କର୍ମ ଗତି

ଅନ୍ୟ ଆଖିରେ ହେଲି ମୁଁ ବର୍ଷିୟାନ
ଏ କଥାରେ ଲାଗେନି ମୋ ମନ
ନିଜ ଜୀବନର ନିଭାଉଛି ଧର୍ମ
କରିଚାଲିଛି ମୋର ନିଜ ସବୁ କର୍ମ
ଦୈନିକ ବଳାଉଛି ମୋର ଇଚ୍ଛା ଶକ୍ତି
ତା ସହିତ ଚାଲେ ମୋର କର୍ମ ଗତି ।

Download Magazine from www.aahwaan.com

୯ II ମାତାଲ

ପିଇ ଦେଇ ହୋଇ ଯାନ୍ତି ମାତାଲ
ଅନ୍ୟ ଲୋକଂକର ନ ଥାଏ ଖିଆଲ
ପିଇ ଦେଲା ପରେ ସେମାନେ ଭଗବାନ
ଭଗବାନ ହୁଅନ୍ତି ତାଂକର ଗୋଲାମ ।

୧୦ II ଭିଡ ଭିତରର ମଣିଷ

ଆମେ ସବୁ ଭିଡ ଭିତରର ମଣିଷ
ପରିଚୟ ଆମର ନାହିଁ କିଛି
ଦୁଃଖ ଭିତରେ ଜନ୍ମ ଆମର
ଦୁଃଖରେ ହିଁ ଜୀବନଟା
ହୋଇ ଯିବ ପୋଛି ।

୧୧ II ଅନ୍ୟଗତି

ସମୟ ଧାଇଁଛି ତା ବାଟରେ
ଧାଇଁ ଥିବ ସେ ତା ଗତିରେ
ତା ସହିତ ତାଳ ଦେବା ପାଇଁ
ବଂଚି ଥିବା ଯାଏ ଥିବା ଧାଇଁ
ଧାଇଁବା ଛଡା ଅନ୍ୟ ଗତି ନାହିଁ ।

୧୨ II ଲେଖେ କାହିଁକି ?

କାହିଁକି ମୁଁ ଲେଖେ ଏମିତି
ପାଠକ କିନ୍ତୁ କେହି ନାହାନ୍ତି
ଲେଖି ଖାଲି ରଖିଛି ସାଇତି
ଯିବାକୁ ଦେଇନି ପାଠକ କତି
ତେବେ ମୁଁ ଲେଖେ କାହିଁକି ?
ମନର ଭାବ ପ୍ରକାଶ ପାଇଁକି ।

ଭି.ଆଇ.ଏମ. - ୨୬୮
ଶୈଳଶ୍ରୀ ବିହାର
ଭୁବନେଶ୍ୱର - ୭୫୧୦୨୧
ମୋବାଇଲ - ୯୯୩୭୨୬୮୦୧୨

Download Magazine from www.aahwaan.com

# ଏଇ ତ ଜୀବନ



ଦୀପକ ଷଡ଼ଙ୍ଗୀ

ଜୀବନଟା  ନୁହେଁ ମାଟିର କଣ୍ଢେଇ
ଭାଙ୍ଗି ଦେଲେ ଗଢି  ଦେବ
ଜୀବନଟା  ନୁହେଁ ବାଲିଘର ଖେଳ
ଉଜୁଡିଗଲେ ତୋଳି ଦେବ

ଜୀବନଟା  ନୁହେଁ ଫଗୁଣର ଫୁଲ
ସବୁ  ଦିନେ ମହକିବ
ଜୀବନଟା  ନୁହେଁ କଳ୍ପନା ରାଇଜ
ବାସ୍ତବ ରୁ ଦୂରେ ଥିବ

ଜୀବନଟା  ନୁହେଁ ଚାନ୍ଦର ଚାନ୍ଦିନୀ
ସବୁ ଦିନେ ଚମକିବ
ଜୀବନଟା  ଏକ ଦୀପର ଶିଖା
ଦିନେ ଜଳି ଜଳି ଲିଭିଯିବ

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

Download Magazine from www.aahwaan.com

# ସଜନୀ ମୋର...



ଉମେଶ କୁମାର ବେହେରା

କେଡ଼େ ସହଜେ କହିଦେଲ ସଖୀ
ଭୁଲିଯାଅ ବୋଲି ମୋତେ..
ଆଁଖିରେ ଆଁଖି ମିଶାଇ କହ ଗୋ
ଭଲ ପାଇଥିଲ ଭୁଲିଯିବାକୁ ସତେ ।
କେତେ ବଡ ମିଛ କହିଦେଲ ସଖୀ
ଭାବି ମୁଁ ପାରୁନି ମୋଟେ..
ନିଜକୁ ନିଜେ ପଚାରି ଦେଖ ଗୋ
ତେବେଯାଏ କହିବ ମୋତେ ।
ହସିହସି ବିଷ ପିଇଦେଲ ସଖୀ
ଭୁଲି ଗଲ ପ୍ରିୟା ମୋତେ..
ସବୁ ଦୁଃଖ ଏକା ସହିଯିବି ଭାବୁଛ
ଜାଣି ମୁଁ ପାରିବିନି ମୋଟେ ।
ନିଜ କଥା ନିଜେ ଭୁଲିଗଲ ସଖୀ
ପର କରିଦେଇ ମୋତେ..
ମାନ ଅପମାନ ସହିଗଲ କେତେ
ନିଜର ଭାବି କହିଲନି ପଦେ ଅଧେ ।

କର୍ଲାବାହାଲି(କଂଟାବାଞ୍ଜି), ୮୭୫୮୪୮୪୧୭୭

Download Magazine from www.aahwaan.com

# ରଜନିଶା ଗଲା ଛାଡ଼ି



ପ୍ରଶାନ୍ତ କୁମାର ନାଥ

ପହିଲିରଜରେ ପ୍ରିୟାକୁ ମୋହର
ଲଗେଇଲି ଯେବେ ଫୋଅନ
ସେପଟୁ ଶୁଣିଲି ପାକଳ କଣ୍ଠରେ
ମୋ ପ୍ରିୟା ମାଆର ଟୋଅନ ।
ପଚାରିଲି ଯେବେ ତାଙ୍କୁ ମୁଁ, ମାଉସୀ
ଅଙ୍କିତା ନାହିଁକି ଘରେ
କହିଲେ ପ୍ରଥମେ ତୋ କଥା ବୁଝୁଛି
ସେକଥା କହିବି ପରେ ।
କହିଲେ ମୋତେ ତୁ ମାଉସୀ ଡାକୁଛି
ତୋ କୋଉ ବାପର ଶାଳୀ
ତା ପରକଥାଟା କହି ପାରିବିନି
ଶୁଣିଲି ମୁଁ ଯେଉଁ ଗାଳି ।

କହିଲି ଟିକିଏ କ୍ଷମା କରିଦିଅ
ମାଉସୀ ଦେଇଛି ଡାକି
ଭାବୁଥିଲି ମାଆ ଡାକିବି ବୋଲିକି
ସେତକ ରଖିଛି ବାକି ।
ଚିହିଁକି ଉଠିଲେ ଅଙ୍କିତାର ମାଆ
ମାଆର ଶବ୍ଦଟା ଶୁଣି
କହିଲେ ତୁ କଣ ମୋ ଝିଅ ଘଇତା
ମାଆ ଡାକିଲୁଣି ପୁଣି ।
କହିଲେ ରାଗିକି ଆରେ ବାଡ଼ିପୋଡା
ମୋ ଝିଅ କାଶ୍ମୀର ସେଉ
ଚୁଟୁକି ମାରିଲେ ତା ପାଇଁ ହଜାରେ
ଟୋକା ହେବେ ହାଉଯାଉ ।
ସେ ପରା ଗୋଟିଏ ଗୁଡ଼ ମାଠିଆଟେ
ଜନ୍ମା ପିମ୍ପୁଡିଙ୍କ ଧାଡି
କିଏ ସେ ଯାଚୁଛି ଫ୍ଲାଆଟ ଗୋଟିଏ
କିଏ ମରସିଡିସି ଗାଡି ।

Download Magazine from www.aahwaan.com

ଏହି ସବୁ କଥା ଶୁଣିଲାପରେ ମୁଁ
ଚକର ଖାଇଲା ମୁଣ୍ଡ
କହିବି କହିବି ଯାହା ମୁଁ ଭାବିଲେ
ଖନି ମାରିଗଲା ତୁଣ୍ଡ ।
କହିଥିଲା ପ୍ରିୟା ପହିଲିରଜରେ
ମୋ ସାଥେ ରହିବ ବୋଲି
ପାର୍କଟା ସାରା ବୁଲିବୁଲି ମୁହିଁ
ଜାଗାଟେ ବାଛିଛି କାଲି ।
ଭାବିଥିଲି ପାନ ନ ଖାଇ ରଜରେ
ପ୍ରିୟା ଓଠେ ହେବି ନାଲି
ଲିପ୍ସଟିକ ବୋଳା ତା ନାଲିଆ ଓଠକୁ
ଓଠରେ ଛୁଇଁବି ବୋଲି ।

ଦୋଳି ଲାଗୁନାହିଁ ଏବେ ତ ଗାଆଁରେ
ତା କୋଳେ ଖେଳିବି ଦୋଳି
ଦୋଳି ନିଶା ପୁରା ଛାଡ଼ିଗଲା ମୋର
ମାଆଠୁ ଶୁଣିକି ଗାଳି ।
ଫୋଅନ ରଖିକି ବସୁ ବସୁ ମୁହିଁ
ଗଡି ଯେ ପଡିଲି ହେଁସେ
ଏକା ନିଶ୍ୱାସରେ ଢକଢକ କରି
ପିଇଲି ପାଣିରୁ କଂସେ ।

ସୁନ୍ଦରପୁର, ଉତ୍ତର କୂଳହାଟ, ପ୍ରୀତିପୁର, ଯାଜପୁର
୭୫୫୦୧୩
ମୋ- ୮୩୨୦୩୨୮୩୪୫

Download Magazine from www.aahwaan.com

# ଯବନିକା



ସୁଧାଂଶୁ ଦ୍ୱିବେଦୀ

ସତ୍ୟରୁ ତ୍ରେତୟା
ଯୁଗରୁ ଯୁଗାବ୍ଦ
ମାଟିରୁ ଆକାଶ ଯାଏ...
ଶାନ୍ତି, ସଂହତି, ମୈତ୍ରୀ
ଥିଲା ନିତିପ୍ରତି ।
ଏବେ ଆଉ ତାହାନାହିଁ ।
ସେଇ ଯେ -
ଦ୍ୱାପରରୁ ଧସେଇ ଆସିଛି
ଅନୀତିର ଜୁଆଖେଳ,
ଶକୁନି ମାମୁଁର ଯାଦୁମନ୍ତ୍ର
ଅବନତୀର ଏନ୍ତୁଡ଼ିଶାଳ ।
କୁଆଁ କୁଆଁ ଶବ୍ଦରେ ବି ଛପି ରହିଛି
ଅସତ୍ୟ, ଅତ୍ୟାଚାର, ସଂତ୍ରାସବାଦ,
ଓ ରାଜନୀତିର ନାଟ ତାମସା ।

ବାଲଟି ଉପରକୁ ଚଢୁଥିବା
କଙ୍କଡ଼ାର ଗୋଡ଼ଧରି ଆଉ ଗୋଟେ
କଙ୍କଡ଼ାକୁ ଟାଣି ଆଣୁଥିବାର ଦୃଶ୍ୟ ।
ଯେ ପର୍ଯ୍ୟନ୍ତ ସାମାଜିକ ବିବର୍ତ୍ତନ ଘଟିନାହିଁ
ପୃଥିବୀର ମାନଚିତ୍ର ବଦଳିନାହିଁ
ସେ ପର୍ଯ୍ୟନ୍ତ ଦୃଶ୍ୟପରେ ଦୃଶ୍ୟ
ଆମେ - ତମେ - ମିଶି
ରିହାର୍ସଲ୍ କରିବା
ଜୀବନ ନାଟକର
ଯବନିକା ପଡ଼ିବା ପର୍ଯ୍ୟନ୍ତ... । ।

ଯୋଗ ଫର୍ ଲାଇଫ୍, ବିସି-୭୪, ସେକ୍ଟର-୧
ସଲ୍‌ଟଲେକ୍, କୋଲ୍‌କାତା - ୬୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

Download Magazine from www.aahwaan.com

# ଏଇ ତ ଜୀବନ



✍ ଅନିଲ୍ ସାହୁ

ଏଇ ତ ଜୀବନ...
ଜନମରୁ ମରଣ ଯାଏ
ଅଭିନୟ କରିବାକୁ ହୁଏ
କେତେବେଳେ ଯୋଡ଼ି ହୋଇଯାଏ
ମିଛ ସମ୍ପର୍କର ଡୋରୀ,
ପୁଣି କେତେବେଳେ ପଡ଼ିଯାଏ ସମ୍ପର୍କରେ
ମାନ-ଅଭିମାନର ସୂକ୍ଷ୍ମ ପାଚେରୀ ।
ଏଇ ତ ଜୀବନ...
ଏନ୍ତୁଡ଼ିଶାଳରୁ ମଶାଣୀ ନିଆଁ ଯାଏ
ସହିବାକୁ ହୁଏ ଏଠି ଅନେକ ଯାତନା
ସେଥିପାଇଁ ବୋଧ ହୁଏ
ଜୀବନର ଅନ୍ୟନାମ ଯନ୍ତ୍ରଣା ।
ତଥାପି ଆମକୁ ଚାଲିବାକୁ ହେବ
ଜୀବନର ଚଲାପଥ,
ଯେତେବେଳ ଯାଏ ଜୀବନ ଆକାଶରୁ
ଆୟୁଷ ରୂପକ ସୂର୍ଯ୍ୟ
ହୋଇନାହିଁ ଅସ୍ତ ।

 Download Magazine from www.aahwaan.com

# ତୁମେ ମୋ...



ନିରଞ୍ଜନ ପଣ୍ଡା

ତୁମେ ମୋ ମନର ପ୍ରିତୀ ମୌଶମୀ
ଶ୍ରାବଣରେ ଭାସିଆସି ପୁଣି
ପ୍ରେମ ବରଷାରେ ଓଦା କରି ମୋତେ
ସଜେଇ ଦେଲଗୋ ତୁମ ପ୍ରେମୀ ।।

ତୁମେ ମୋ ମନର ମନ ମାନସୀ
ଦିଅ ପ୍ରୀତିର ପରଷା ପରଷି
ଓଢଣୀ ଫାଙ୍କରୁ କଣେଇ କଣଇ
ମଲ୍ଲୀ ଫୁଲିଆ ହସ ଦିଅ ହସି ।।

ତୁମେ ମୋ ମନର ଚିତ୍ରଲେଖା
ଚିତ୍ତରେ ଚିତ୍ତରେ ଦିଅ ଦେଖା
ମୋ ଗାଁଆ ମୁଗୁନି ପଥର ଦେହରେ
ଅଛିପରା ତୁମ ନାଁ ଲେଖା ।।

ତୁମେ ମୋ ମନର ଖିଆଲି ଜହ୍ନ
ପୂହେଁଇ ରାତିର ସୁନେଲି ସ୍ୱପ୍ନ
ନିଦରେ ନିଦରେ ସ୍ୱପ୍ନ ରାଇଜରେ
ତୁମ ସହ କରେ ଭାବ ପ୍ରେମ ।।

ତୁମେ ମୋ ମନର ସାଧବ ବୋହୁ
ନାଲି ଶାଢୀ ପିନ୍ଧି ମହକୁଥାଉ
ନାଲି ଅଳତାକୁ ନାଲି ସିନ୍ଦୁର
ମଥାରେ ଓଢଣା ଚମକୁ ଥାଉ ।।

Cost Accountant, ଗ୍ରାମ- ପୁରଣ ପଧାନ,
ଶିଶିଲୋ, ବାଳକାଟି, ଖୋର୍ଦ୍ଧା, ମୋ- ୮୦୯୩୮୯୮୯୮୪

Download Magazine from www.aahwaan.com

# ସମର୍ପିତ ପ୍ରେମୀଙ୍କ ସଙ୍ଗମ



ଶ୍ରୀରାଜଶେଖର 'ଚିମା'

ଅମର ପ୍ରେମୀଙ୍କ ଆତ୍ମୀୟ ପ୍ରେମ ରୁହେ ସଦା ଚିହ୍ନିତ,
ତାଙ୍କ ପ୍ରେମ ଚରିତ ହିଁ ଅନନ୍ୟ ଇତିହାସ ରଚିତ ।
ତ୍ରିଭୁବନେଶ୍ୱରର କେଦାରେଶ୍ୱର ଆଳୟ କେଦାରଗୌରୀଙ୍କ ପ୍ରେମପାଇଁ ଅଙ୍କିତ
ପରସ୍ପର ହେତୁ ପ୍ରେମୀ ରୁହନ୍ତି, ସମ୍ପୂର୍ଣ୍ଣ ଜୀବନ ସମର୍ପିତ ।

ସୁସ୍ୱର ସୁସ୍ୱର ସଙ୍ଗମ ରୁ ହୁଏ ସୁଗମ ସଙ୍ଗୀତ
ହୃଦୟ ହୃଦୟ ସଙ୍ଗମରୁ ହୁଏ ପ୍ରଣୟ ଗୀତ ।
ଉଭୟ ଉଭୟ ବିନା ପ୍ରେମୀ ରହି ପାରିବେନି ଜୀବିତ
ପରସ୍ପର ହେତୁ ପ୍ରେମୀ ରୁହନ୍ତି, ସମ୍ପୂର୍ଣ୍ଣ ଜୀବନ ସମର୍ପିତ ।

ରବିକିରଣ ଶରଦଶଶିଙ୍କ ସଙ୍ଗମରୁ ହୁଏ ପୂର୍ଣ୍ଣିମା ରାତି ଶୋଭିତ
ନିପୁଣ ଶିଳ୍ପକାର ଓ ଶିଳାଙ୍କ ସଙ୍ଗମରୁ ହୁଏ କମନୀୟ କାରୁକାର୍ଯ୍ୟ କଳାକୃତି ନିର୍ମିତ
ଚିତ୍ରକାର ଏକାଗ୍ରତା ଓ ରଙ୍ଗର ସଙ୍ଗମରୁ ହୁଏ ଚିରସ୍ଥାୟୀ ଚିତ୍ର ପରିକଳ୍ପିତ,
ପରସ୍ପର ହେତୁ ପ୍ରେମୀ ରୁହନ୍ତି, ସମ୍ପୂର୍ଣ୍ଣ ଜୀବନ ସମର୍ପିତ ।

ଅନମ୍ବର ଓ ବସୁଧାଙ୍କ ସଙ୍ଗମରୁ ହୁଏ ପ୍ରକୃତି ବଳୟ ସାଧିତ ସ୍ଥାପିତ
ପ୍ରେମ ପ୍ରେମ ଝଙ୍କାରର ସଙ୍ଗମରୁ ହୁଏ ପ୍ରଣୟନାଦ ଆରୋହିତ ।

 Download Magazine from www.aahwaan.com

ଶତବର୍ଷର ଜୀବନ ଯେ ରୁହନ୍ତି ହୋଇ ଆନନ୍ଦିତ
ପରସ୍ପର ହେତୁ ପ୍ରେମୀ ରୁହନ୍ତି, ସମ୍ପୂର୍ଣ୍ଣ ଜୀବନ ସମର୍ପିତ ।

ପ୍ରୀତିଭାବନା ଓ ଅକ୍ଷରର ସଙ୍ଗମରୁ ହୁଏ ମଦନଲେଖା ଆମୋଦିତ
ଉଭୟଙ୍କ ପ୍ରେମ ସଙ୍ଗମରୁ ଯୁଗଳପ୍ରେମୀ ହୁଅନ୍ତି ମୁଦିତ ।
ନିଜ ସ୍ୱାର୍ଥ ତ୍ୟାଗକରି ଯୁବପ୍ରେମୀ ଅନ୍ୟାନ୍ୟ ପାଇଁ ରୁହନ୍ତି ସଦା ମୋହିତ
ପରସ୍ପର ହେତୁ ପ୍ରେମୀ ରୁହନ୍ତି, ସମ୍ପୂର୍ଣ୍ଣ ଜୀବନ ସମର୍ପିତ ।

ଜୀବନରେ ନୂତନ ସଙ୍ଗମ ଦ୍ୱାରା ପ୍ରେମୀ କରନ୍ତି ନୂଆ ଅଧ୍ୟାୟର ସ୍ୱାଗତ
ଏହି ଅପାର ଅନୁବନ୍ଧ ପ୍ରେମସଙ୍ଗମର କାହାଣୀ ବର୍ଣ୍ଣନାତୀତ ।
ଅନୁକ୍ଷଣ ହର୍ଷିତ ରୁହନ୍ତି ସ୍ମରଣ କରି ନିଜ ବନ୍ଧନର ସ୍ୱାଗତ
ପରସ୍ପର ହେତୁ ପ୍ରେମୀ ରୁହନ୍ତି, ସମ୍ପୂର୍ଣ୍ଣ ଜୀବନ ସମର୍ପିତ ।

Download Magazine from www.aahwaan.com

# ମାଟି ମା'ର ଅନ୍ତର କଥା



ଜଗଦୀଶ ମିଶ୍ର

ମାଟି ମା'ର ସେ କରୁଣ ଚିତ୍କାର
ସଭିଏଁ ଶୁଣନ୍ତି ନିଜ କର୍ଣ୍ଣରେ,
ତଥାପି ମଣିଷ ଦେଖିଚାଲିଛି
ବିକଳାଙ୍ଗ ହୋଇ ନୀରବତାରେ ।

ବିଶ୍ୱ ଶାନ୍ତିର ରକ୍ଷାପାଇଁ ଯେଉଁ
ହାତ ଦିନେ କରିଥିଲା ଶପଥ
ନିଜ ଖୁସିପାଇଁ ସେହି ହାତ ଆଜି
ଅସ୍ତ୍ରଧରି ଝରାଏ କେତେ ରକତ ।

ଦିନେ ଲଢୁଥିଲେ ଏକାଠି ହୋଇ
ସ୍ୱାଧୀନତାପାଇଁ ଜୀବନ ଦେଇ,
ଆଜିବି ଚାଲିଛି ଲଢ଼େଇ ସଭିଙ୍କ
ନିଜ ସାମ୍ରାଜ୍ୟର ବିସ୍ତାର ପାଇଁ ।

ସ୍ୱାର୍ଥୀ ମନୋଭାବ ସାଥିରେ ନେଇ
ବଢ଼ିଚାଲିଛି ଏ ମଣିଷ ଧାଡ଼ି
ମଣିଷତ୍ୱ ଭୁଲି ହିଂସ୍ର ଜୀବ ହୋଇ
ନିଜ ଖୁସିପାଇଁ ଯାଉଛି ମାଡ଼ି ।

ଯେଉଁ ମାଆ ଦିନେ ଗର୍ବ କରୁଥିଲା
ଗାନ୍ଧୀ ଗୋପବନ୍ଧୁ ଜନମ ଦେଇ,
ସେହି ମାଆ ଆଜି କାନ୍ଦଇ ନିରବେ
ଆହିର ଲୁହରେ ରକ୍ତ ଝରେଇ ।

Download Magazine from www.aahwaan.com

# ଏଇତ ଜୀବନ



ମାମାଜିନି ପ୍ରଧାନ

ଶୂନ୍ୟରେ ମୋ ସୃଷ୍ଟି
ଶୂନ୍ୟରେ ହେବି ଦିନେ ଲୀନ ।
ତଥାପି ଏହି ମହାଶୂନ୍ୟରେ,
କିଛି ସୁଖ ସ୍ୱାଛନ୍ଦ ପାଇଁ ଆକୁଳ ମନ ।
ନୁହେଁ ମୁଁ କାହାର,କେହି ନୁହେଁ ମୋର
ସବୁଠି ଶୂନ୍ୟତା ସବୁଠି ହାହାକାର ।
ସୁଖର ସନ୍ଧାନେ ଖୋଳୁଚି ଗର୍ତ,
ହୋଇ ନ ଯାଉ କେବେ ନର୍କର ଦ୍ୱାର ।
ଏଇଠି ଜନ୍ମ ଏଇଠି ମରଣ
ଏଇଠି ଭୋଗିବ କର୍ମର ଫଳ ।
ନାହିଁ ଜନ୍ମ ପୂନଃଜନ୍ମ କିଛି,
ବୁଝେ ନାହିଁ ମନ ଏ ବାତୁଳ ।
ଅଭିଳାଶା ମୋର ସଭିଁଠୁ ଭିନ୍ନ ସବୁଠୁ ଉର୍ଦ୍ଧରେ
କେବେ କେବେ ନିଜକୁ ପ୍ରଶ୍ନ ପଚାରେ ,
କେତେ ବିରାଟ ଏ ବ୍ରହ୍ମାଣ୍ଡ
ସାମାନ୍ୟ ମାତ୍ର ମୁଁ କଣ ? ସବୁ ପାଇ ପାରେ ।

Download Magazine from www.aahwaan.com

ଶରୀର ମୋର ରକ୍ତ,ମାଂସ ଧାରି
ସମୟ ଚକ୍ରରେ ଜୀବ ସରି ସରି ।
ଲୋଭ,ମାୟା ଭିଡୁଚି ମତେ
ଏକାଗ୍ରେ ଭାବେ କେବେ ଯିବେ ସେ ଅପସରି
।
ନାହିଁ ଜନ୍ମ,ମୃତ୍ୟୁ ବୁଦ୍ଧି,ବିବେକର
ନାହିଁ ସୃଷ୍ଟି,ବିନାଶ ଭାବନାର ।
ଯାହାର ରଚନା ସେ ତ ଶରୀର
ସବୁର ଆଦି,ଅନ୍ତ ସେ ପ୍ରଭୁ ନିରାକାର ।
ସଭିଏଁ କୁହନ୍ତି ନର ଦେହେ ନାରାୟଣ
ଈଶ୍ବର ତୁଲ୍ୟ ନବଜାତ ସନ୍ତାନ ।
ତେବେ କାହିଁକି ବଢିଚି ହିଂସା,ବେଭିଚାର,
କେବେ କିଏ ? ବଅବିଚ କେଉଁ ଦିନ ।
ସ୍ବଦ ବାରେ ଜିହ୍ବା, ଶଢ ବାରେ କର୍ଣ୍ଣ
ସୌନ୍ଦର୍ଯ୍ୟତା ଦେଖେ ନେତ୍ର ।
ଠିକ ଭୁଲ ବାରେ ବିବେକ
କିନ୍ତୁ ସବୁର ମୂଳ ମନ ।

ଏକଥା ସତ ବିଛୁଆଡି ଡଙ୍କରୁ
ବିଛୁଆତି ହିଁ ଜାତ ।
ପ୍ରମାଣ ନାହିଁ ଦୁଷ୍ଟ ମଣିଷ ଗର୍ଭରୁ
ଦୁଷ୍ଟ ସନ୍ତାନ ଜାତ ।
ଏକଥା ସତ କୁସଙ୍ଗ ହେବା
କୁବୁଦ୍ଧିର ଲକ୍ଷଣ ।
ସେପରି ସଭିଏଁ ଜାଣନ୍ତି
ପଙ୍କ ଗଦାରୁ ପଦ୍ମ ଜନ୍ମ ।
ନୁହେଁ ମୁଁ କବି, ନୁହେଁ ମୁଁ ବିଦ୍ବାନ
ପାଣ୍ଡିତ୍ୟ ନାହିଁ କେଉଁଥିରେ ମୋର ।
ମନର ଶଢକୁ, କଲମ କାଳିରେ
ଲେଖିଦିଏ ଭାବନା ମୋର ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ଟଙ୍କା, ଟୋକି, ଟେକାପାଣି



ମନୋରଞ୍ଜନ ମୁଦୁଲି

‘ଟଙ୍କା’... ସବୁଠାରୁ କାଳେ ବଡ ଶକ୍ତିଶାଳୀ
କଳାକୁ କରଇ ଧଳା,
ଟଙ୍କା ପାଇଁ ପୁଅ ଅନ୍ଧ ହୋଇଯାଏ
ବାପକୁ କହେ ସେ ଶଳା ।

ଟଙ୍କା ପାଇଁ ନିଜ ଇଜ୍ଜତ ହରାଏ
ନିରୀହକୁ ଦିଏ କିଳା
ଦେବସ୍ୱରାଜ ସ୍ୱଖାଇ ଖୋଳକଲେ
ଟଙ୍କାପାଇଁ କେତେ ଲୀଳା ।

‘ଟୋକି’.. ଅତି ଭୟଙ୍କର ନାଗୁଣୀ ଜହର
ଆଖିରେ ମାରେ ସେ ଚୋଟ,
ମୁନୀଋଷି କେବେ ଫସିବି ଯାଆନ୍ତି
ଭୁଲନ୍ତି ଜ୍ଞାନର ବାଟ ।

ପାର୍କରେ କେବେ ପ୍ରେମିକ ସଙ୍ଗେ ତ
ହୋଟେଲରେ ହୁଏ ଭାଇ,
ଟୋକି କହିଦେଲେ ଅପମାନ ଲାଗେ
ମାତୃ ଜାତିଟିକୁ ଭାଇ ।

ଟେକାପାଣି ବଡ଼ ମାରାତ୍ମକ ନାଲିପାଣିଟିକ
କରିଦିଏ ସର୍ବନାଶ
ଟେକିଲେ ଥରଟେ ସାଙ୍ଗସାଥୀ ମେଳେ
କରିଥାଏ ସିଏ ଗ୍ରାସ ।

ଅତି ଭୟଙ୍କର ଗତି ଯେ ତାହାର
ଜ୍ଞାନୀକୁ କରେ ଅଜ୍ଞାନୀ ।
ଟଙ୍କା ସାଙ୍ଗେ ଟୋକି ଆଉ ଟେକାପାଣି
ମୃତ୍ୟୁକୁ ଆଣୁଛି ଟାଣି ।

Download Magazine from www.aahwaan.com

କର ଅର୍ଜନ ଟଙ୍କା ବନ୍ଧୁଗଣ
ସତ୍ପଥେ ସଦା ରହି
ଦୁର୍ନୀତି ଅର୍ଥରେ ଭକ୍ଷଣ କରିଲେ
ପତନ ନିଶ୍ଚେ ହୁଅଇ ।

ମାତୃଜାତିଠାରୁ ହୁଏ ବିଶ୍ୱସୃଷ୍ଟି
କରନାହିଁ ଅସମ୍ମାନ
ଟୋକି ନ କହି ମାଆ କହିଦେଲେ
ନାରୀ ହୁଏ ଦେବୀ ସମ ।

ମଦ୍ୟପାନ ଏକ ବଡ଼ ଅବଗୁଣ
ପ୍ରଗତିର ଅବରୋଧ
ବର୍ଜନ କରହେ ଟେକାପାଣିଟିକୁ
ବୁଝ, ସାମାଜିକ ମୂଲ୍ୟବୋଧ ।

Download Magazine from www.aahwaan.com

# ଶୂନ୍ୟତାର ଭାଷା



ବିକେଶ ସାହୁ

ସମ୍ପର୍କ ତ ଏଠି ସାଜେ ନାଗଫାସ
ବନ୍ଦି କରିଦିଏ ମାୟା କାରାଗାର
ସ୍ୱାର୍ଥ ବିଜଡିତ ପ୍ରତିଟି ହୃଦୟ
ଦେଇ ଚାଲେ ଖାଲି ବିଷ ଛଳନାର
ତଥାପିତ ଆଜି ବଞ୍ଚିବାକୁ ହୁଏ
ସବୁତକ କୋହ ହୃଦୟରେ ଚାପି
ସକାଳର ଅପେକ୍ଷରେ
ଶୂନ୍ୟତାର ଭାଷା ଅବୁଝା ହେଲେବି
ବୁଝିବାକୁ ଚେଷ୍ଟାକରେ......

ନିତି ଝରେ ଏଠି ଲୁହର ଶ୍ରାବଣ
ଅତୀତର ସ୍ମୃତି କଲେ ରୋମନ୍ଥନ
ମଉଳେ ଆଶାର ଗୋଲାପ ଯେ ମୋର
ବଞ୍ଚିବାକୁ ଆଉ ଲାଗେ ନାହିଁ ମନ

ହଜିଯାଏ କୋଉ ଅଚିହ୍ନା ରାଇଜ କୋଣେ
ଅତୀତ ସ୍ମୃତିକୁ ଭୁଲିବାକୁ ନିତି
କରେ ପ୍ରୟତ୍ନ ମୁଁ କେତେ
ଶୂନ୍ୟତାର ଭାଷା ଅବୁଝା ହେଲେବି
ବୁଝିବାକୁ ଚେଷ୍ଟା କରେ ।

ଶବଦ ସାଉଁଟି ହୃଦୟରୁ ମୋର
ବସିପଡ଼େ ଧରି କଲମ କାଗଜ
କବି ନୁହେଁ ହେଲେ ଲେଖିଯାଏ କେତେ
ଅବୁଝା ଅଜଣା କବିତାର ପଦ
ଇଚ୍ଛା ନ ଥିଲେ ବି ଲେଖିବାକୁ ହୁଏ
ଏଇ ହୃଦୟର ଅକୁହା ସେ ଗୀତି
ଧଳା କାଗଜେ ପୃଷ୍ଠାରେ
ଶୂନ୍ୟତାର ଭାଷା ଅବୁଝା ହେଲେବି
ବୁଝିବାକୁ ଚେଷ୍ଟା କରେ ।

ଭୁଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

Download Magazine from www.aahwaan.com

# ଜୀବନ



ପ୍ରହ୍ଲାଦ ବେହେରା

"ଏମିତି ଏକ ସନ୍ଦର୍ଭ"
ପଢି ହୁଏନାହିଁ କି ପଢେଇ ହୁଏନାହିଁ
ବୁଝି ହୁଏନାହିଁ କି ବୁଝେଇ ହୁଏ ନାହିଁ
"ଏକ ଶୁଷ୍କ ମରୁଭୂମି"
ନା ଜଳର ସଂକେତ ନା ଜଳାଶୟର
ନା ବର୍ଷା ର ଆଗମନ ନା ଶୀତ ର ପ୍ରକୋପ
"ଏକ ଯୁଦ୍ଧଭୂମି "
ହକ ପାଇଁ ଲଢ଼ିବାକୁ ହୁଏ ଏଠି
ମିଳେନାହିଁ ବିନାଯୁଦ୍ଧେ ଅନୁକଣା ଟିଏ
"ପ୍ରେମର ଗନ୍ତାଘର"
କାହାପାଇଁ ପ୍ରେମ ଶସ୍ତା ତ କାହାପାଇଁ ଅମୁଲ ମୂଲ ହୀରା
କିଏ ଜୀବନ ହାରେ ଏଠି ପୁଣି କିଏ ନେଇପାରେ ପ୍ରାଣ
"ଏକ ଜଳାଶୟ"
କେବେ ଶ୍ରାବଣ ର ପରିପୂର୍ଣ୍ଣ ଛଳଛଳ ଚାରିକୁଳ
କେବେ ବୈଶାଖ ର ଉଷ୍ମ ଜଳରାଶିରେ ମତ୍ସ୍ୟ ର ବିଳାପ
"ଏକ ବଟବୃକ୍ଷ"
କେବେ ପଥହରା ବଟୋଇର ସହାରା

Download Magazine from www.aahwaan.com

ପକ୍ଷୀ ମାନଙ୍କର କୋଳାହଳ ସମାଜ

"ହିମାଳୟ ପର୍ବତ"

ଦୂରରୁ ସୁନ୍ଦର ସିନା କେବେ ପହଞ୍ଚେ ନାହିଁ ହାତ

କେବେ ଝରଣାର କୁଳୁକୁଳୁ ନାଦ ତ କେବେ ହିମ ସ୍ଖଳନ

"ନଇ ଟିଏ"

ଅଙ୍କା ବଙ୍କା ବହିଯାଏ ସମୁଦ୍ରରେ ମିଶିବା ପାଇଁ

କିନ୍ତୁ ଭାରି ଡର ଲାଗେ ଥରୁଟିଏ କୂଳ ଲଙ୍ଘି ଗଲେ

"ପାଣିଫୋଟକା ପରି"

କେତେବେଳେ ଚାଲିଯାଏ ବିନା ଶବ୍ଦ ରେ

କ୍ଷଣିକରେ ଲିଭିଯାଏ ସମସ୍ତ ସମ୍ପର୍କ

"ଏକ ନାଟକ"

ନାୟକ ନାୟିକା ସାଜି ମିଥ୍ୟା ଅଭିନୟ କରେ

ସରିଗଲା ପରେ କିଏ ଅବା କାହିଁକି କାହାକୁ ପଚାରେ

"ଏକ ହରିଣ"

ଚୁଲବୁଲ ନୟନରେ ସାରା ବନକୁ ଭାବେ ଏକା-ତା ନିଜର

ଡରେ ନାହିଁ ସିଏ କେବେ ଶିକାରୀକୁ ଅବା ହେବାକୁ ଶିକାର

"ଜହ୍ନ ପରି"

କେବେ କୋମଳ ଶୀତଳ ଜୋଛନା

ପୁଣି କେବେ ଅର୍ଦ୍ଧଚନ୍ଦ୍ର ଆଉ ଅମା ଅନ୍ଧକାର

"ସୂର୍ଯ୍ୟ ପରି"

Download Magazine from www.aahwaan.com

ଶୀତଦିନେ ସକାଳର ଉଷୁମ କିରଣ
ପୁଣି ଗ୍ରୀଷ୍ମରେ ଧୁ ଧୁ ଟାଣ ଖରାବେଳ

ଆଜି ଅଛି କାଲି ନାହିଁ ଏମିତି ଏ କ୍ଷଣିକ "ଜୀବନ"
ବଞ୍ଚିଯାଅ ଥିବାଯାଏଁ ହୃଦୟରେ ଶେଷ ସ୍ପନ୍ଦନ

ଅନ୍ତରା , ବାଲେଶ୍ୱର ।
ଭ୍ରାମ୍ୟଭାଷ : ୯୭୭୬୬୭୪୬୭୪୬୫
ଖାର (ପଶ୍ଚିମ), ମୁମ୍ବାଇ ।
ଭ୍ରାମ୍ୟଭାଷ : ୦୮୨୮୬୩୮୧୩୩୮

Download Magazine from www.aahwaan.com

# ଏଇ ଖୁସିର ମୁହୂର୍ତ୍ତ ସବୁ



ଶୁଭମ୍ କୁମାର ଧଳ

ଏଇ ଖୁସିର ମୁହୂର୍ତ୍ତ ସବୁ, କେବେ ଅନ୍ତ ନହେଉ.......
ତୋ ସହ ହସ-ଖୁସି, ଏମିତି ଚାଲୁଥାଉ........

ଏମିତି ଚାଲୁଥାଉ, ତୋ ସହ ହସ-ଖୁସି.....
ମୁଁ ଦେଖୁଥିବି ତତେ, ତୁ ଦେଉଥିବୁ ମୁରୁକି ହସି.........

ତୁ ଦେଉଥିବୁ ମୁରୁକି ହସି, ମୁଁ ଦେଖୁଥିବି ତତେ........
ସାରା ଦୁନିଆର ଖୁସି, ରଖିଦେବି ତୋ ହାତେ.........

ରଖିଦେବି ତୋ ହାତେ, ସାରା ଦୁନିଆର ଖୁସି.........
ପାଖେ ମୋ ସବୁବେଳେ ଥିବୁ, ଦୂରେ ଯିବୁନି କେବେ ରୁଷି.....

ଦୂରେ ଯିବୁନି କେବେ ରୁଷି, ପାଖେ ମୋ ସବୁବେଳେ ଥିବୁ......
କେବେ ଅନ୍ତ ନହେଉ, ଏଇ ଖୁସିର ମୁହୂର୍ତ୍ତ ସବୁ.......

ପଛିକୋଟ
Whatsapp-୭୫୦୪୩୨୨୪୯୩

Download Magazine from www.aahwaan.com

# ପ୍ରେମପୋଥି



ଶ୍ରୀ ଲକ୍ଷ୍ମଣ କୁମାର ବେହେରା

ଅଠର ଶହ
ଏକାବନ ସାଲ
ଥିଲା ମେ ମାସ ଏଗାର,
ହରିହର କୁଳ
ମଣ୍ଡନ କରିଲେ,
ବାସୁଦେବ ନାମେ
ବିଖ୍ୟାତ ହୋଇଲେ ।
ଆନନ୍ଦେ ରାଜ୍ୟ ବିଭୋର

ହରିହର ଦେବଙ୍କ
ଏକମାତ୍ର ପୁତ୍ର
ସାହିତ୍ୟିକ ବାସୁଦେବ,
ପଣ୍ଡିତ ସଭାର
ଅନୁମୋଦନରେ,
ଇଂରେଜ ସରକାର
ଆଦେଶାନୁସାରେ ।
ହୋଇଲେ ନରେଶ,
ବାମଣ୍ଡାର ହେଲା ଲାଭ

ମାତା ପିତା ପ୍ରଜା
ପଣ୍ଡିତ ସକଳେ
କଲେ ଉଚିତ ବିଚାର,
ଉଦିତ ପ୍ରତାପ
ସିଂହ ଦେବ ରାଜା,
କଳାହାଣ୍ଡି ଗଡେ
ପାଳୁଥିଲେ ପ୍ରଜା ।
ଆନନ୍ଦ ଚିତ୍ତରେ ପ୍ରସ୍ତାବ ପକାଇ
କନ୍ୟା ମାଗିଲେ ବାସୁଦେବ ପାଇଁ
ସତରେ,
ମୁହୂର୍ତ୍ତ ଥିଲା ମଧୁର

ରାଜାଙ୍କର ଗେହ୍ଲୀ
ପରାଣ କୁସୁମ
ମଉନାବତୀ ଐଶ୍ୱର୍ଯ୍ୟା,

Download Magazine from www.aahwaan.com

ମଧ୍ୟମା ସୁପୁତ୍ରୀ
ମନୀଷା ସୁନ୍ଦରୀ,
ଗିରିରାଜ କୁମାରୀ
ସୁଶୀଳା ଅପ୍ସରୀ ।
ବିବାହ,
ହେଲେ ବାସୁଦେବ ରାଜା

ଅଠର ଶହ
ବାସ୍ତରୀ ମସିହା
ମେ ତ୍ରୟୀ ତାରିଖ ଦିନ,
ପୁତ୍ର ମୁଖ ଦେଖି
ରାଜା ଆନନ୍ଦରେ,
ମିଠା ପରଷିଲେ
ବାମଣ୍ଡା ନଗରେ ।
ରାଣୀ ମନ ହେଲା ଧନ୍ୟ

ଖୁସିରେ ପ୍ରଜାଏ
ନାଚିଲେ ନଗରେ
ଭାବି ରାଜା ଭାବି ମନେ,
ପଣ୍ଡିତ ଜ୍ୟୋତିଷ
ବନ୍ଧୁ ପରିଜନ,
ଶ୍ରୀ ସଚ୍ଚିଦାନନ୍ଦ
ବୋଲି ଦେଲେ ନାମ ।
କୁମାର,
ବସିଗଲେ ପ୍ରତି ପ୍ରାଣେ

ଏକ ବର୍ଷ ଗତେ
ରାଣୀଙ୍କ ବିୟୋଗ
ପତ୍ନୀ ହରାଇଲେ ରାଜା,
ଶୋକରେ ବୁଡାଇ
ରାଣୀ ଗଲେ ଚାଲି,
ମାତୃ ହରା ଶିଶୁ
ମାତ୍ର ବର୍ଷେ ବୋଲି ।
ଚିନ୍ତେ,
ଚିନ୍ତି ଦୁଃଖ କଲେ ପ୍ରଜା

ପତ୍ନୀ ହରାଇଣ
ବିଷାଦରେ ରାଜା
ନୌକାରେ କଲେ ଭ୍ରମଣ,
ସମ୍ବଲପୁରରୁ

Download Magazine from www.aahwaan.com

ମହାନଦୀ ପଥେ,
କଟକ ପର୍ଯ୍ୟନ୍ତେ
ପ୍ରକୃତି ସଂଗୀତେ ।
'ଚିତ୍ରପ୍ରୋଳା'ର ଜନମ

ଭ୍ରମଣରୁ ଫେରି
ନିସଂଗ ପ୍ରାଣକୁ
ରାଜା କରିଲେ ସୁନ୍ଦର,
ବିବାହ କରିଲେ
ରାଜା ବାସୁଦେବ,
ଦ୍ୱିକନ୍ୟା ସମର୍ପି
ଅର୍ଜିଲେ ଗୌରବ ।
ରରୁଆଁର ଜମିଦାର

କିଛି ଦିନ ଅନ୍ତେ
ଖରସୁଆଁ (ସିଂହଭୂମି) ମୁଖେ
ଗମନ କଲେ ରାଜନ,
ଠାକୁର ନୀଳମଣି
ବାହାଦୂରଙ୍କର,
ଭାଣଜୀ ରୂପଶ୍ରୀ

ଗୁଣବତୀ ସ୍ଥିର ।
ଦେଖିଣ,
କଲେ ବିବାହ ବନ୍ଧନ

ଚାରି ରାଣୀ ଗର୍ଭୁ
ନଅ ପୁତ୍ର ସଂଗେ
ଏଗାରଟି କନ୍ୟା ଲାଭ,
ବଡ ପୁତ୍ର ନାମ
ଶ୍ରୀ ସଚ୍ଚିଦାନନ୍ଦ,
ରୂପ ଗୁଣବନ୍ତ
ଚିତ୍ତ ଶାନ୍ତ ଶୁଦ୍ଧ ।
ଥିଲା ମାତ୍ର,
ବଡ ରାଣୀଙ୍କ ଅଭାବ

ସିଂହାସନ ଆରୋହଣ ପର ବର୍ଷ -
ରାଜ୍ୟର ସମସ୍ତ
ଜମିର ଉନ୍ନତି
କଥା ରାଜନ ଚିନ୍ତିଲେ,
କୃଷି ଉପଯୋଗୀ
ସମସ୍ତ ଜମିକୁ,

Download Magazine from www.aahwaan.com

ତିନି ଭାଗ କଲେ
ଚାଷ ପ୍ରଣାଳୀକୁ ।
କିସମଜ୍ୱାରି,
ରାଜ କର ନିର୍ଦ୍ଧାରିଲେ

ଉପଯୁକ୍ତ ନ୍ୟାୟ
ଦେବା ପାଇଁ ରାଜା
ଉତ୍ତମ ବ୍ୟବସ୍ଥା କଲେ,
ମନ୍ତ୍ରୀ - ପରିଷଦ
ବିଦ୍ୱାନ - ପଣ୍ଡିତ,
ରାଜ କାର୍ଯ୍ୟ ହିତେ
ସମସ୍ତଙ୍କ ମତ ।
ନେଇ ଶାସନ କରିଲେ

କୃଷିର ଉନ୍ନତି
ନିମନ୍ତେ ନରେଶ
କଲେ,
ନୂଆ ନୀତି ପ୍ରଣୟନ,
କୃଷକ ମାନଙ୍କୁ
ଉନ୍ନତ ବିହନ,

ଯୋଗାଇଲେ ରାଜା
ପ୍ରଜା ହେଲେ ଧନ୍ୟ ।
ରହିଲା ନାହିଁ ଦୁର୍ଦ୍ଦିନ

ଚାଷ କାର୍ଯ୍ୟ ପାଇଁ
ବିଭିନ୍ନ ସ୍ଥାନରେ
ସେତୁବନ୍ଧ ବନ୍ଧାଇଲେ,
ଉନ୍ନତ ପ୍ରଣାଳୀ
କଲେ ପ୍ରବର୍ତ୍ତନ,
ସୁଖରେ ବିତିଲା
କୃଷକ ଜୀବନ ।
ଆଧୁନିକ,
ସୁବିଧା ସୁଯୋଗ ବଳେ

ବଳମ ନିକଟ
କଳାଜିରା ଆଉ
ମତୁଆଳୀ ନାଳ ଠାରେ,
ଆନିକଟ୍ ବସାଇ
ଜଳକୁ ରୋକିଲେ,
ଜଳ ସେଚନର

Download Magazine from www.aahwaan.com

ସୁବିଧା କରିଲେ ।
ଚାଷୀ ବଢିଲେ ରାଜ୍ୟରେ

୨000 ଏକର ପରିମିତ ସ୍ଥାନରେ -
ସୁପ୍ରସିଦ୍ଧ କୃଷି
ପ୍ରୟୋଗ ଶାଳାର
ନିର୍ମାଣ କରିଲେ ରାଜା,
ଏକ ଶହ ଛତିଶ୍
ପ୍ରକାରର ଧାନ,
ଅଣାଇ ପରୀକ୍ଷା
କରିଲେ ରାଜନ ।
ଚାଷୀ ଉଡାଇଲେ ଧ୍ୱଜା

ବିଭିନ୍ନ ପ୍ରକାର
ସାର ପ୍ରୟୋଗର
ଗବେଷଣା କରାଇଲେ,
ରାଜା ବାସୁଦେବ
କଲେ ପ୍ରୋତ୍ସାହିତ,
ବିଦ୍ୟାରତ୍ନ ଯତ୍ନେ
କୃଷି ସଂପର୍କିତ ।
ପୁସ୍ତକ ପ୍ରକାଶ କଲେ

ବଳମ ପାହାଡ
ଶୀର୍ଷରେ ସୁଦୃଶ୍ୟ
ବିଶ୍ରାମ ଭବନ ତୋଳି,
ପାଶେ ଦେବାଳୟ
ଶ୍ରୀରାମ ସୀତାଙ୍କ,
ଦେଖି ଜୟ ଗାନ
କରୁଛନ୍ତି ଲୋକ ।
ପ୍ରତି ସୋମବାର,
ବଢେ ଗହଳି ଚହଳି

ଅରଣ୍ୟ ବେଷ୍ଟିତ
ପର୍ବତ କଟାଇ
ରାସ୍ତା ନିର୍ମାଣିଲେ ରାଜା,
କୁଚିଣ୍ଡା ନିକଟ
ଭେଡେନ୍ ନଦୀରେ,
ଝୁଲା ପୋଲ କଲେ
ଯାତ୍ରା ସହଜରେ ।
ଆନନ୍ଦେ ନାଚିଲେ ପ୍ରଜା

Download Magazine from www.aahwaan.com

ଜଳନ୍ଧର ଦେବ
ନେତୃତ୍ୱ ନେଇଣ
ଝୁଲା ପୋଲ ନିର୍ମାଣିଲେ,
ପୋଲ କାର୍ଯ୍ୟ ବୀର
କଲେ ସଂପାଦନ,
ସହଜ ହୋଇଲା
ଗମନାଗମନ ।
ପ୍ରଜା,
ମଙ୍ଗଳ କାମନା କଲେ

ନିଜ ରାଜଧାନୀ
ଦେବଗଡ ଠାରୁ
ବାମରା ପର୍ଯ୍ୟନ୍ତେ ଜାଣ,
ଅଠାବନ୍ ମାଇଲ୍
ରାସ୍ତା ନିର୍ମାଣିଲେ,
ମଟର ଗାଡି
ଚାଲିବା ଯୋଗ୍ୟ କଲେ ।
ରାଜନ ଥିଲେ ମହାନ

ବେଙ୍ଗଲ - ନାଗପୁର
ରେଳପଥ ନିଜ
ରାଇଜେ ଯିବାର ପାଇଁ,
ଅନୁମତି ଦେଇ
(୧୮ ମାଇଲ୍) ଦୀର୍ଘ ଜମି ଦେଲେ,
ବିନା ରାଜସ୍ୱରେ
ଛାଡୁଛି କହିଲେ ।
ରାଇଜର ହିତ ଚାହିଁ

ଏଇ ବାଟ ଦେଇ
ଯେତେ ରେଳଗାଡି
ଯିବ ସମୟ ବାଟରେ,
ସର୍ତ୍ତ ରଖୁ ଅଛି
ପ୍ରଜାଙ୍କର ହିତେ,
ସବୁ ରେଳଗାଡି
ରହିବ ନିଶ୍ଚିତେ ।
ବାମରା ଷ୍ଟେସନ ଠାରେ

ରାଜସ୍ୱ ସହିତେ
ଜଙ୍ଗଲ ବିଭାଗ
ନୂଆଁ ସୃଷ୍ଟି କଲେ ରାଜ୍ୟେ,

Download Magazine from www.aahwaan.com

ସ୍ୱୟଂ ଉଦ୍ଭାବିତ
ଶାସନ ପ୍ରଣାଳୀ,
ଦେଖି (ଇଂରେଜ) ସରକାର
ଦେଲେ କରତାଳି ।
କହିଲେ,
ସନ୍ତୋଷ ଲଭିଲୁ କାର୍ଯ୍ୟେ

କାଉନସିଲ୍ ଶବ୍ଦ
ବ୍ୟବହାର କଲେ
ଦରବାର ପରିବର୍ତ୍ତେ,
ନଅ ଜଣ ସଭ୍ୟ
କରିଲେ ଚୟନ,
ଭଲ ପରାମର୍ଶ
ପାଇଲେ ରାଜନ ।
ପ୍ରଶାସନିକ କ୍ଷେତ୍ରେ
କରିଲେ ପ୍ରତିଷ୍ଠା,
ପ୍ରଜା ହିତେ ସଦା
ରଖିଥିଲେ ନିଷ୍ଠା ।
ରାଜ୍ୟ,
ସଜାଡିଲେ ନାନା ଢଙ୍ଗେ

ଆଗରୁ କେବଳ
ଥିଲା ଏକମାତ୍ର
ପ୍ରାଥମିକ ବିଦ୍ୟାଳୟ,
କେମିତି ଜାଳିବି
ଜ୍ଞାନର ଆଲୋକ,
ପ୍ରଜା ମୋର ମୁର୍ଖ
ଅଛନ୍ତି ଅନେକ ।
ଭାବି,
ଅଥୟ ହେଲା ହୃଦୟ

ବାମଣ୍ଡା ରାଜ୍ୟର
ଉନ୍ନତି ନିମନ୍ତେ
ତିନି ତହସିଲ୍ ସଂଗେ,
ଆଠ ଗୋଟି ଥାନା
ଶିକ୍ଷିତ ସମାଜ
ତୋଳିବା ନିମନ୍ତେ
ରାଜା,
ଦୃଢ କଲେ ନିଜ ମନ,

Download Magazine from www.aahwaan.com

ଅଠେଇଶ୍ ଗୋଟି
(ପ୍ରାଥମିକ) ବିଦ୍ୟାଳୟ ତୋଳି,
ଉଚ୍ଚ ବିଦ୍ୟାଳୟ
ଦେବଗଡେ ଖୋଲି ।
ଯଶ ରଖିଗଲେ ଜାଣ

ବିଦ୍ୟାଳୟ କୋଠା
ନିର୍ମାଣ କରିଲେ
ରାଜ କୁମାର ନାମରେ,
ରାଜା ପ୍ରଜା ଭେଦ
କିଛି ନ ରଖିଲେ,
ଏକ ସଂଙ୍ଗେ ସର୍ବେ
ସୁଶିକ୍ଷା ପାଇଲେ ।
ଶିକ୍ଷିତ ହେଲେ ରାଜ୍ୟରେ

ଉଚ୍ଚ ବିଦ୍ୟାଳୟେ
ବଙ୍ଗଳା ଭାଷାର
ଶିକ୍ଷକ କଲେ ନିଯୁକ୍ତ,
ରାଜ୍ୟ ହିତେ,
ଉପଦେଶ ନେଲେ

ଦୁଇ ବନ୍ଧୁଙ୍କର,
ଆଶୁତୋଷ ମୁଖାର୍ଜୀ ଓ
ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ।
ମଧୁର ଥିଲା ଅତୀତ

କିଛି ବର୍ଷ ଗତେ-
ରାଜା ବାସୁଦେବ
ଉଚ୍ଚ ବିଦ୍ୟାଳୟ
କୋଠା ସଂପୂର୍ଣ୍ଣ ହୋଇଲା,
ସ୍ଥାନାନ୍ତର କରି
ପଢା ଆରମ୍ଭିଲେ,
ଦୂରଦୂରାନ୍ତରୁ
ବିଦ୍ୟାର୍ଥୀ ଆସିଲେ ।
ବାମଣ୍ଡା ଯଶ ବଢିଲା

ଆଜି-
ଅତୀତ ହୋଇଛି
ସ୍ମୃତି ପାଲଟିଛି
ରାଜ କୁମାର ବିଦ୍ୟାଳୟ,
ବିଲୀନ ହେଲାଣି

Download Magazine from www.aahwaan.com

ତା'ର ଯେତେ ଚିହ୍ନ,
ଆଉ ଫେରିବନି
ସେଇ ସବୁ ଦିନ ।
ଭାବି,
ଅଥୟ ହୁଏ ହୃଦୟ

ପ୍ରଜାଙ୍କର ସ୍ୱାସ୍ଥ୍ୟ
- ରକ୍ଷା ହିଁ ପ୍ରଧାନ
କର୍ତ୍ତବ୍ୟ ଭାବି ମନରେ,
ଗୁଣୀ ଓ ଉତ୍ସାହୀ
ଡାକ୍ତର ଅଣାଇ,
ନିଯୁକ୍ତ କରିଲେ
ପ୍ରଜା ହିତ ଚାହିଁ ।
କୁଚିଣ୍ଡା - ଦେବଗଡ (୧୮୮୩) ରେ

ଚିକିତ୍ସା କ୍ଷେତ୍ରରେ
ରାଜାଙ୍କରସେବା
ଶ୍ରେଷ୍ଠ ଅବଦାନ ରାଜ୍ୟେ,
ଡାକତର ଖାନା
ପ୍ରତିଷ୍ଠା କରିଲେ,
ଧନ୍ୟ ଧନ୍ୟ ବୋଲି
ପରଜା କହିଲେ ।
ରାଜା,
ସନ୍ତୋଷ ଲଭିଲେ କାର୍ଯ୍ୟେ

ଶ୍ରୀ ଗୌରୀଶଙ୍କର
ରାୟଙ୍କ କଥାରେ
ଅନୁପ୍ରାଣିତ ହୋଇଣ,
କଟକ ସହରେ
ସ୍ଥାପନ କରିଲେ,
'ସୁଢଳ ପ୍ରେସ୍ ' ବୋଲି
ନାମଟି ରଖିଲେ ।
ଆନନ୍ଦିତ ହେଲେ ରାଜନ

ସୁଢଳ ପ୍ରେସ୍ ର
ସଂପାଦନା କଲେ
ଚତୁର୍ଭୁଜ ପଟ୍ଟନାୟକ,
ସମାଜ ସଂସ୍କାର
ଉଦ୍ଦେଶ୍ୟ ନେଇଣ,
' ସଂସ୍କାରକ ' ଜନ୍ମ

Download Magazine from www.aahwaan.com

ଲଭିଲା ସେଦିନ ।
ଚହଟିଲା,
ଭାଷା ସାହିତ୍ୟ ମହକ

ଭାବଗ୍ରାହୀ ଦାସଙ୍କ
ସଂପାଦନା ଦ୍ୱାରା
ପ୍ରକାଶ,
ପାଇଲା ' ସେବକ ' ପତ୍ରିକା,
ଦୁଇ ପତ୍ରିକାରୁ
ହେଲା ଅର୍ଥ ଲାଭ,
ବାସୁଦେବଙ୍କର
ବଢିଲା ଗୌରବ ।
ସୁଯୋଗ ମିଳିଲା,
ପଢିବାକୁ ଭଲ ଲେଖା

ସଂସ୍କାରକର କିଛି
ଆପତ୍ତି ଜନକ
ଲେଖା ବଢାଇଲା ବିବାଦ,
ତେଣୁ,
ସୀତାନାଥ ରାୟଙ୍କୁ

ଏକ ଅଂଶ ଦେଇ,
ଅନ୍ୟ ଏକ ଅଂଶ
ବାମଣ୍ଡା ଅଣାଇ ।
ପୁଣି,
ଶୁଣାଇଲେ ସୁସଂମ୍ବାଦ

ବାମଣ୍ଡା ରାଜ୍ୟର
କବି-ସୁଶାସକ
ଓଡିଆ ଉଦ୍ଧାର କର୍ତ୍ତା,
ଭାଷା ସାହିତ୍ୟର
ପ୍ରଚାର ପ୍ରସାର,
ନିମନ୍ତେ ରାଜନ
ମନ କଲେ ସ୍ଥିର ।
ସାଜିଲେ ବାମଣ୍ଡା ମୁକ୍ତା

ନିଜ ରାଜଧାନୀ
ଦେବଗଡ ଠାରେ
ବସାଇଲେ ଛାପାଖାନା,
ଜଗନ୍ନାଥ ବଲ୍ଲଭ
ନାମ ଦେଇ ତା'ର,

Download Magazine from www.aahwaan.com

ସପ୍ତାହକୁ କଲେ
ପତ୍ରିକା ବାହାର ।
ସମ୍ବଲପୁର ହିତୈଷିଣି,
ଭାବେ ହେଲା ଜଣାଶୁଣା

ବାମଣ୍ଡା ପ୍ରେସ୍ ର
ସଂପାଦନା କାର୍ଯ୍ୟ
ତୁଲାଇଲେ ବୃନ୍ଦାବନ,
ଭାରି ଖୁସି ହେଲେ
ରାଜା ବାସୁଦେବ,
ରହିଲାନି ଭାଇ
ସ୍ନେହର ଅଭାବ ।
ଆନନ୍ଦେ ବିତିଲା ଦିନ

ହିତୈଷିଣିର
ସଂପାଦନା କାର୍ଯ୍ୟ
କଲେ,
ନୀଳମଣି ବିଦ୍ୟାରତ୍ନ,
ନବ ଜନ୍ମ ହେଲା
ଓଡିଆ ଭାଷାର,

ଆକର୍ଷିତ କଲା
ପଣ୍ଡିତ ଅନ୍ତର ।
କବି ସାହିତ୍ୟିକ,
ମିଶି କଲେ ସର୍ବେ ଯତ୍ନ

ସ୍ୱାଧୀନତା ପରେ
ପ୍ରେସ୍ ର ଦାୟିତ୍ୱ
ନେଲେ ଓଡିଶା ସର୍କାର,
ସରକାରୀ ମୁଦ୍ରଣାଳୟ
ରୂପେ ନାମ ଦେଇ,
ଚଳାଉ ଅଛନ୍ତି
ଆଗଭର ହୋଇ ।
ଜାଣି,
ଆନନ୍ଦ ଲଭେ ଅନ୍ତର

କଏଦୀ ମାନଙ୍କୁ
ପତ୍ରିକା ମୁଦ୍ରଣ
କାର୍ଯ୍ୟେ ଲିପ୍ତ କଲେ ରାଜା,
ନିଶା ନିବାରଣ
ଆଇନ୍ ଆଣିଣ,

 Download Magazine from www.aahwaan.com

ରାମ ରାଜ୍ୟ ପାଇଁ
ଦେଖିଲେ ସପନ ।
ଆଦେଶ ପାଳିଲେ ପ୍ରଜା

କଠୋର ନିୟମ
ରାଇଜେ ରଖିଲେ
କଏଦୀ ମାନଙ୍କ ପାଇଁ,
ସୁକାରା ପଦ୍ଧତି
କଲେ ପ୍ରଚଳନ,
ଶିଳ୍ପ - ବୈଷୟିକ
ପତ୍ରିକା ମୁଦ୍ରଣ
ସୁଶିକ୍ଷା ଦ୍ଵାରା - ଭବିଷ୍ୟେ,
ସମାଜେ ଚଳିଲେ
ସୁନାଗରିକ ହୋଇ

ଚିକିତ୍ସା ପୁସ୍ତକ (ବିସୂଚିକା ଚିକିତ୍ସା -
ନୀଳମଣି ବିଦ୍ୟାରତ୍ନ)
ବିତରଣ କଲେ
ମାଗଣାରେ ରାଜ୍ୟ ସାରା,
(କଏଦୀ ମାନଙ୍କୁ)

ସ୍ଵାସ୍ଥ୍ୟ ନିୟମିତ
ପରୀକ୍ଷା କରାଇ,
ଖାଦ୍ୟ ଓ ଔଷଧ
ମାଗଣାରେ ଦେଇ ।
ବଜାୟ ରଖିଲେ ଧାରା

ରାଜା,
ବାହାର ରାଜ୍ୟରୁ
କାରିଗର ଆଣି
ବୁଣିବା ତାଲିମ୍ ଦେଲେ,
ଲୁଗା - କଉଟିର
ବଢ଼ିଲା ଆଦର,
ସତରଞ୍ଜି - ଧୋତି
ଗାମୁଛା - ଚାଦର ।
ବନ୍ଦୀ ବୁଣିବା ଶିଖିଲେ

ବସ୍ତ୍ରର ଆଦର
ଦେଖିଣ ରାଜନ
ବୟନ କଳ କିଣିଲେ,
ରମ୍ଭେଇ ସ୍ଥାନରେ

Download Magazine from www.aahwaan.com

ଏକ ସୂତା କଳ,
ଆଖୁ କଳ, ଜଳ
- ଉଠାଇବା କଳ ।
ପ୍ରଜା ହିତେ ବସାଇଲେ

କୁସଂସ୍କାର ଦୂର
ନିମନ୍ତେ ନରେଶ
ନୀତି ପ୍ରଣୟନ କଲେ,
ବାଲ୍ୟ - ବୃଦ୍ଧ ବିଭା
ସତୀ ଦାହ ପ୍ରଥା,
ଜାତି ଭେଦଭାବ
ନର ବଳି କୁପ୍ରଥା ।
ରାଜ୍ୟରୁ ଉଚ୍ଛେଦ କଲେ

ଦେବଗଡ ଠାରେ
ପ୍ରମୋଦ ଉଦ୍ୟାନ (ବଡ ବଗିଚା)
ନିର୍ମାଣ କରିଲେ ରାଜା,
ନାନା ଫୁଲ ଫଳେ
ସଂପୂର୍ଣ୍ଣ ବଗିଚା,
ପୌରାଣିକ ଚିତ୍ର
ସୁଅତୀତ କଥା ।
ଦେଖି ଖୁସି ହେଲେ ପ୍ରଜା

ସତେଇଶ୍ ତମ
ରାଜା ବାସୁଦେବ (୧୮୬୮ - ୧୯୦୩)
ଥିଲେ ଶ୍ରେଷ୍ଠ ପ୍ରଶାସକ,
ଛବିଶ୍ ଗଡରୁ
ବାମଣ୍ଡା ପ୍ରଦେଶ,
ସାରା ଓଡିଶାରେ
ରଖିଥିଲା ଯଶ ।
ରାଜା,
ଥିଲେ ପରଜା ପାଳକ

ପ୍ରତିଟି ଯୁଦ୍ଧରେ
ଜିତିବା ଲାଳସା
ରଖୁଥିଲେ ସୈନ୍ୟ - ରାଜା,
ସୌନ୍ଦର୍ଯ୍ୟ ସମ୍ଭାର
ସମ୍ପୂର୍ଣ୍ଣ ରାଇଜ,
ରାଜଧାନୀ ଥିଲା
କୋଟି ସୂର୍ଯ୍ୟ ତେଜ ।

Download Magazine from www.aahwaan.com

ତେଣୁ,
ଉଜ୍ଜୟିନୀ ବୋଲି
କହୁଥିଲେ ତୁଷ୍ଟେ ପ୍ରଜା

ରାଜନ,
ପଣ୍ଡିତ ସଭାର
କଲେ ଆୟୋଜନ
ଭାଷାର ଉନ୍ନତି ପାଇଁ,
ବିଭିନ୍ନ ସ୍ଥାନରୁ
ପଣ୍ଡିତ ଆଣିଣ,
ରାଜ ଦରବାରେ
ଦେଲେ ସୁସମ୍ମାନ ।
ହସିଲା ଓଡିଶା ଭୂଇଁ

ଅଠର ଶହ
ଛୟାଅଶୀ ସାଲେ
ନିଜ ଦରବାର ଠାରେ,
ମନ୍ତ୍ରୀ ପରିଷଦ
ପଣ୍ଡିତ ଡାକିଲେ,
ରାଧାନାଥ ରାୟଙ୍କୁ
ସମ୍ମାନିତ କଲେ ।
' କବିବର ' ଉପାଧିରେ

କବି - ଜ୍ଞାନୀ - ଗୁଣୀ
ଆଗମନ ଦେଖି
ପୁରି ଉଠିଲା ଅନ୍ତର,
କବି ରାଧାନାଥ
ହୋଇଣ ହରଷ,
କହି ଦେଇ ଗଲେ
ବାମଣ୍ଡା ପ୍ରଦେଶ ।
' ବୁଧ ହଂସ କେଳି ସର '

ବାମଣ୍ଡା ଦକ୍ଷିଣେ
ଆନ୍ଦୋଳନ ଦେଖି
ଭୟରେ,
ଇଂରେଜ ଛାନିଆ ହେଲେ,
ବିପ୍ଲବ ଦମନ
କରିଲେ ରାଜନ,
ଦେଖି ବ୍ରିଟେନ୍ ଦେଲା
ସିଆଇଇ( CIE ) ସମ୍ମାନ ।

Download Magazine from www.aahwaan.com

ରାଜା,

ବାସୁଦେବ ଖୁସି ହେଲେ

ପୋଷ୍ଟ ଅଫିସ୍

ସାଥେ ମୁଦ୍ରା - ଷ୍ଟାମ୍ପ୍

ପ୍ରଚଳନ କଲେ ରାଜା,

ନୋଟ୍ ଛପାଇଣ

ଚଳାଇଲେ ରାଜ୍ୟ,

ଧନ୍ୟ ଧନ୍ୟ କଲେ

ଦେଖି ହିତ କାର୍ଯ୍ୟ ।

ଉସତ ହୋଇଲେ ପ୍ରଜା

ବାସୁଦେବଙ୍କର

ତତ୍ତ୍ୱାବଧାନରେ

ବାମଣ୍ଡା ଡାକ ବିଭାଗ,

ଥିଲା ପ୍ରଚଳିତ

ପ୍ରତ୍ୟକ୍ଷ ଭାବରେ,

ଚିଟାଉ ପ୍ରେରଣ

ଦୁଇ ପଇସାରେ ।

ରାଜ୍ୟ,

ଲାଗୁଥିଲା ସତେ ସ୍ୱର୍ଗ

ପ୍ରଜାଙ୍କୁ ଅଧିକ

ବ୍ୟୟରୁ ମୁକତ

କରିବା ପାଇଁ ଦରେଶ,

ଡାକ ବିଭାଗକୁ

ହସ୍ତାନ୍ତର କଲେ,

ବ୍ରିଟିଶ ସରକାର

ଗ୍ରହଣ କରିଲେ ।

ଦେଇ ଭରସା ବିଶ୍ୱାସ

ଉତ୍ତମ ଶାସନ

ହିତ କାର୍ଯ୍ୟ ଆଉ

ରାଜ୍ୟର ଉନ୍ନତି ପାଇଁ,

ବ୍ରିଟିଶ୍ ସରକାର

ଦେଲେ,

କେସିଆଇଇ( KCIE) ସମ୍ମାନ,

ଆନନ୍ଦିତ ହେଲେ

ସୁଢଳ ରାଜନ ।

' ସାର୍ ',

Download Magazine from www.aahwaan.com

ଡାକିଲା ବାମଣ୍ଡା ଭୂଇଁ

ଉଦ୍ଭାବନ ହେବାର ୨୦ ବର୍ଷ ମଧ୍ୟରେ -
ଭାରତର ଦୀର୍ଘ
ଟେଲିଫୋନ୍ ସେବା
ଆରମ୍ଭ କଲେ ନରେଶ,
ଗୋବିନ୍ଦପୁରରୁ
ବାରକୋଟ ଯାଏଁ,
ଉତ୍ତମ ରାଜତ୍ୱ
ଇତିହାସ କହେ ।
ପ୍ରଜାଏଁ ହେଲେ ହରଷ

କୁଚିଣ୍ଡା ଆଉ
ଦେବଗଡ ଦେଇ
ସେବା ଆରମ୍ଭ କରିଲେ,
ଦୀର୍ଘ ଅଶୀ ମାଇଲ୍
ଟେଲିଫୋନ୍ ତାର,
ସଂଯୋଗ କରିଣ
ଯୋଡିଲେ ଅନ୍ତର ।
ଉଣେଇଶ୍ ଶହ ସାଲେ

ଉଣେଇଶ୍ ଶହ
ତିନି ଖ୍ରୀଷ୍ଟାବ୍ଦରେ
ବାମଣ୍ଡା ରାଜ ରାସ୍ତାରେ,
' ପେନାଡ ' ଗଡିଲା
କିରାସିନି ତେଲେ,
ଦେଖିଣ ପ୍ରଜାଏଁ
ଖୁସିରେ କହିଲେ ।
ପ୍ରଥମ କାର୍ ରାଜ୍ୟରେ

ସ୍ୱର୍ଗ ଆରୋହଣ
କଲେ ବାସୁଦେବ
ସାଢେ ତେପନ ବରଷେ,
ଶୋକରେ ବୁଡିଲା
ବାମଣ୍ଡା ରାଇଜ,
ମନେ ପଡେ ଆଜି
ସବୁ ହିତ କାର୍ଯ୍ୟ ।
ସ୍ୱର୍ଣ୍ଣ,
ପାଲଟୁ ଥିଲା ପରଶେ

Download Magazine from www.aahwaan.com

ବାମଣ୍ଡାଧୀପତି,

ଏକତ୍ରିଶ ବର୍ଷ

ରାଜୁତି କରିଣ

ଇହ ଲୀଳା ସ୍ମରଣିଲେ,

ଉତ୍କଳ ଭୂଇଁର

ଉଜ୍ଜ୍ୱଳ ନକ୍ଷତ୍ର,

ଦିନ ଦ୍ୱିପ୍ରହରେ

ରୋଗ ବହୁମୂତ୍ର ।

ଲୁଚାଇଲା ଭୂମଣ୍ଡଳେ

ବିସ୍ମୟ ପ୍ରତିଭା

ପରଜା ପାଳକ

ଥିଲେ ସେ ଯୁଗ ପୁରୁଷ,

ଏତେ କମ୍ ବୟସେ

ଚାଲିଯିବା କଥା,

ଭାବିଲେ ଅନ୍ତରେ

ପାଏ ଘୋର ବ୍ୟଥା ।

ନ ହୁଏ ଜମା ବିଶ୍ୱାସ

କବି କୁଟୀର

ଦଣ୍ଡାସିଂହା,ବାରକୋଟ

ଦେବଗଡ (ଓଡିଶା)

ଦୂରଭାଷ- ୯୭୬୮୨୪୨୨୨୦

Download Magazine from www.aahwaan.com

# ଅମୃତର ସନ୍ତାନ



ଅଧ୍ୟାପକ ଶରତ କୁମାର ଦାସ

ମୁଁ ହିନ୍ଦୁ ମୁଁ ମୁସଲମାନ
ମୁଁ ଖ୍ରୀଷ୍ଟିଆନ ମୁଁ ବୁଦ୍ଧଙ୍କ ସନ୍ତାନ ,
ମୁଁ 'ବେଦ'ର ଓଁ କାର
ମୁଁ 'କୋରାନ୍' ର ଝଙ୍କାର ,
ମୁଁ 'ବାଇବେଲ୍' ର ମଧୁରତା
ମୁଁ 'ତ୍ରିପିଟକ'ର ସରଳତା ,
ଜାଣେନା ମୁଁ ବାଧା ଓ ବଂଧନ
ଲକ୍ଷ୍ମଣ ଙ୍କ ତିନି ଗାର
ସୀମାରେଖା ଏକ ଅଭେଦ୍ୟ ଦୁର୍ଗର ,
ଲକ୍ଷ୍ୟ ମୋର ଆଲୋକ ସଂଧାନ
ମୁଁ ମଣିଷ ମୁଁ ଅମୃତ ସନ୍ତାନ ।।

ମୁଁ ସଂଗୀତ ର ମଧୁର ମୂର୍ଚ୍ଛନା
ମୁଁ ଜହ୍ନ ର କୋମଳ ଜୋଛନା ,
ମୁଁ ମେଘର ମହାର୍ଘ ମହ୍ଲାର
ମୁଁ ପୁଣି ଫୁଲର ସୁଶୋଭିତ ସମ୍ଭାର ,
ମୁଁ ସାଗରର ଦୋଳାୟିତ ଢେଉ

Download Magazine from www.aahwaan.com

ବସନ୍ତର ମୁଁ ବାସ୍ନାୟିତ ବାୟୁ ,
ଯାତ୍ରା ମୋର ପାପରୁ ପୁଣ୍ୟ କୁ
ନର୍କରୁ ସତ୍ୟ କୁ
ମୃତ୍ୟୁ ରୁ ଅମୃତ୍ୟୁକୁ
ଅଦିବ୍ୟରୁ ଦିବ୍ୟତ୍ୱକୁ ,
ଲକ୍ଷ୍ୟ ମୋର ଆଲୋକ ସଂଧାନ
ମୁଁ ମଣିଷ ମୁଁ ଅମୃତ ସନ୍ତାନ ।।

ଆକାଶ ଛାତିରେ ଖୋଜେ ନିତି ନୂଆ ରଂଗ
ଚିତ୍ରିତ ପୃଥିବୀ ର ମୁଁ ଏକ ଭିନ୍ନ ପ୍ରତିବିମ୍ବ ,
ଧରଣୀ ବୁକୁରେ ଭରେ ମୁଁ ନୂତନ ସ୍ପନ୍ଦନ
ସାଗର ଗର୍ଭରେ ପାଏ ମୁଁ ମୁକ୍ତାର ସଂଧାନ ,
ପାହାଡ ଆଖିରେ ଦେଖେ ଧୈର୍ଯ୍ୟର ଆଲୋକ
ମଳୟରେ ଦେଖେ ମୁଁ ମୁକ୍ତି ର ଝଲକ ,
ମୁଁ ଗତି ମୁଁ ପୁଣି ଶକ୍ତିର ଭଣ୍ଡାର
ମୁଁ ମୁକ୍ତି ମୁଁ ପୁଣି ସତ୍ୟ ର ସମ୍ଭାର ,
ମୁଁ ସ୍ଥିତି ମୁଁ ପୁଣି ଅବସ୍ଥିତି
ମୁଁ ଏକ ନୂଆ ଆଲୋଡନ,ଅମାବାସ୍ୟା ର ଚନ୍ଦ୍ର
ସତ୍ୟଶୀଳ ମୋ ବିବେକର ଆହ୍ୱାନ
ମୁଁ ମଣିଷ ମୁଁ ଅମୃତ ସନ୍ତାନ ।।

Download Magazine from www.aahwaan.com

ମୁଁ ଭୀମ ମୁଁ ଭୈରବ

ମୁଁ ସଂପଦ ମୁଁ ପୁଣି ବିପଦ

ମୁଁ କର୍ମ ମୁଁ ଧର୍ମ

ମୁଁ ପୁଣି ଏକତାର ମନ୍ତ୍ର

ବିଭାଜନର ସୁଚିନ୍ତିତ ଯନ୍ତ୍ର,

ସୃଷ୍ଟି ର ବୁକୁରେ ମୁଁ ପ୍ରଳୟର ବହ୍ନି

ପ୍ରଳୟର ଅନ୍ତରାଳେ ପୁଣି ସୃଷ୍ଟି ର ବନାନୀ ,

ମୁଁ ସ୍ୱୟଂସିଦ୍ଧ,ସ୍ୱର୍ଦ୍ଧିତ ବିଶ୍ୱାସ

ମୁଁ ତତ୍ତ୍ୱଦର୍ଶୀ,ଉଚ୍ଛ୍ୱାସ ନିଶ୍ୱାସ

ମୁଁ ପ୍ରେମସିକ୍ତ,ଚିର ଶାଶ୍ୱତ ଜାଜ୍ୱଲ୍ୟମାନ ,

ଯାତ୍ରା ମୋର ନିଶ୍ଚେତନରୁ ଚେତନ

ଅମାନ୍ଧକାରେ ମୁଁ ଆଶାର କିରଣ

ମୁଁ ମଣିଷ ମୁଁ ଅମୃତ ସନ୍ତାନ ।।

ବଡବିଲ ମହାବିଦ୍ୟାଳୟ , ବଡବିଲ, କେନ୍ଦୁଝର

ଦୁରଭାଷ - ୯୪୩୮୨୪୩୧୪୯

Download Magazine from www.aahwaan.com

# ଆଜିର ଭାରତ



ଚିତ୍ତରଞ୍ଜନ ସାହୁ

ଏଭଳି ଏକ ବିଷୟ ଉପରେ ଆଲୋଚନା କରିବାକୁ କାହିଁକି ମନ ବଳାଇଲି ଜାଣେନାହିଁ । କିନ୍ତୁ ଏହା ଅପ୍ରିୟ ସତ୍ୟ । ଅବଶ୍ୟ ଏ ଲେଖାରେ ସମାଲୋଚନା ହେବାର ସମ୍ଭାବନା ଅଛି । ତଥାପି ମୁଁ ଲେଖିବାକୁ ଆଦୌ ଭୟ କରୁନାହିଁ । କାରଣ ସତ୍ୟକୁ ଲୁଚାଇଲେ ତାହା ଲୁଚିରହେନା ଏବଂ ମୁଁ ଭାବେ ସତ୍ୟ ପ୍ରକାଶ କରିବାରେ କୁଣ୍ଠାବୋଧ କରିବା ମଧ୍ୟ ଏକ ପ୍ରକାରେ ମିଥ୍ୟାକୁ ପ୍ରଶୟ ଦେବା । ଯାହାକୁ ମୁଁ ଘୃଣା କରେ ।

ସିଧାସଳଖ ବିଷୟ ବସ୍ତୁକୁ ଆରମ୍ଭ କଲି । ବର୍ତ୍ତମାନର ଚାଲି ଚଳଣି ଏମିତି ମୋଡ ନେଲାଣି ଯେ ପୂର୍ବ ଠାରୁ ବହୁତ ଭିନ୍ନ କହିବା କିଛି ଅତ୍ୟୁକ୍ତିକର ହେବନାହିଁ । ଆଜି ଆମେ ଏଭଳି ଭାବେ ଅନ୍ଧକାରର ଦାସତ୍ୱକୁ ବରଣ କରିଲେଣି ଯେ ଜ୍ଞାନ ରୂପକ ଆଲୋକରୁ ଆମେ ବହୁତ ଦୂରେଇ ଗଲେଣି । ଅଜ୍ଞାନ ଆମକୁ ନିଜର ଗ୍ରାସ କରିବାରେ ଲାଗିଲାଣି । ଅଧର୍ମ ସାମ୍ରାଜ୍ୟର ପୁର୍ନର୍ବାର ପ୍ରତିଷ୍ଠା ହେଇ ସାରିଲାଣି ।

ଗୋଟେ ସମୟ ଥିଲା ଯେତେବେଳେ ପିତାମାତା ପୂଜା ପାଉଥିଲେ । ବର୍ତ୍ତମାନ ମଧ୍ୟ ପୂଜା ପାଉଛନ୍ତି । କିନ୍ତୁ ଏବେର ପୂଜା ଆଉ ଅତୀତର ପୂଜା ମଧ୍ୟରେ କେଉଁଠି ନା କେଉଁଠି ଆକାଶ ପାତାଳ ଫରକ ଅଛି । ପିତାମାତାଙ୍କ ମୁଖ ନିସୃତ ବାଣୀକୁ ସନ୍ତାନ ନିଜର କର୍ତ୍ତବ୍ୟଠୁ ବଳି ଶ୍ରେଷ୍ଠ ଧର୍ମ ଭାବି ପାଳନ କରିବାକୁ ତତ୍ପର ଥିଲେ । ଏହାର ଉଦାହରଣ ନିଆଯାଉ ଯାହା ପୁରାଣରେ ବର୍ଣ୍ଣନା କରାଯାଇଅଛି । ଆପଣଙ୍କୁ ତ ଜଣା ଥିବ ପିତୃ ସତ୍ୟ ପାଳନ କରିବାକୁ ଯାଇ ପ୍ରଭୁ ଶ୍ରୀ ରାମଚନ୍ଦ୍ର ପତ୍ନୀ ଦେବୀ ସୀତା ଏବଂ ଅନୁଜ ଲକ୍ଷ୍ମଣଙ୍କ ସହ ଦୀର୍ଘ

 Download Magazine from www.aahwaan.com

ଚଉଦ ବର୍ଷ ବନବାସ ଯାଇଥିଲେ । ଆଉ ପ୍ରଭୁ ପର୍ଶୁରାମ ମଧ୍ୟ ପିତା ଯମଦଗ୍ନିଙ୍କର ଆଦେଶ ମାତ୍ରେ ନିଜ ମାତା ରେଣୁକାଙ୍କର ନତ ଶରୀରରୁ ଅଲଗା କରିଦେଇଥିଲେ । ଅବଶ୍ୟ ପରେ ମହର୍ଷି ଯମଦଗ୍ନି ନିଜର ତପଶକ୍ତି ବଳରେ ପୁଣିଥରେ ରେଣୁକାଙ୍କୁ ଜୀବିତ କରିଦେଇ ଥିଲେ ।

ପୂର୍ବେ ଗୁରୁଜନଙ୍କୁ ଦେବତୁଲ୍ୟ ମଣି ସେମାନଙ୍କୁ ସସମ୍ମାନରେ ପୂଜା କରା ଯାଉଥିଲା । ବାଲ୍ୟାବସ୍ଥାରେ ଗୁରୁ ଆଶ୍ରମରେ ରହି ଜୀବନର ମାର୍ଗଦର୍ଶନ ଭଳି ଶିକ୍ଷା ଗ୍ରହଣ କରାଯାଉଥିଲା । କିନ୍ତୁ ଅଧୁନା ଏହାର ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ ନହେଲେ ମଧ୍ୟ ବହୁତ ଅଂଶରେ ପରିବର୍ତ୍ତନ ଘଟିଲାଣି । ନା ପିତାମାତାଙ୍କୁ ନା ଗୁରୁଜନ ଅବା ଶିକ୍ଷଦାତାଙ୍କୁ ,କାହାକୁ ବି ଉଚିତ ସମ୍ମାନ ମିଳୁନାହିଁ । ପିତାମାତା ତ ବର୍ତ୍ତମାନ କିଛି ଅକର୍ମା ସନ୍ତାନଙ୍କ ପାଇଁ ଅଲୋଡ଼ା ହୋଇ ଗଲେଣି । ପିତାମାତାଙ୍କ ପାଇଁ ସେମାନଙ୍କ ପାଖରେ କୌଣସି ମୂଲ୍ୟ ନାହିଁ । କାହିଁ ସେଭଳି ପୁତ୍ର ଶ୍ରବଣ କୁମାର ଯେ ନିଜର ଅନ୍ଧ ମାତାପିତାଙ୍କୁ ଭାରରେ ବୋହିବାର ସାମର୍ଥ୍ୟ ରଖୁଥିଲା । ବାସ୍ତବରେ ଆଜିର ଦୁନିଆରେ ଶ୍ରବଣ କୁମାର ଭଳି ପୁତ୍ର ମିଳିବା ବହୁତ କମ ।

ମୁଣ୍ଡକୁ ହାତ ପାଇ ଗଲେ ସବୁକିଛି ପାଇଗଲା ଭଳି ଭାବନ୍ତି । ନିରକ୍ଷର ହେଇ ମଧ୍ୟ ନିଜକୁ ସମାଜରେ ପ୍ରତିଷ୍ଠିତ କରିଦେଲା ପରେ ସେମାନେ ନିଜକୁ ସର୍ବେସର୍ବା ବୋଲି ଧରିନିଅନ୍ତି । ପିତାମାତା, ଭାଇବନ୍ଧୁ, ଗୁରୁଜନଙ୍କର ପରାମର୍ଶ ସେମାନଙ୍କୁ ଅସାର ମନେ ହୁଏ । ନିଜ ସ୍ୱାର୍ଥରେ ଅନ୍ଧହେଇ ଅନ୍ୟମାନଙ୍କ ପଥରେ ପ୍ରତିବନ୍ଧକ ହେଇ ଛିଡ଼ା ହେବାରେ ସେମାନଙ୍କୁ ଅପାର ସୁଖ ପ୍ରାପ୍ତ ହେବା ଭଳି ଲାଗୁଛି । ଅବୈଧ କାର୍ଯ୍ୟକଳାପରେ ସର୍ବଦା ଲିପ୍ତ ରହି ନିଜକୁ ଧର୍ମଠୁ ବହୁତ ଦୂରକୁ ଆଣିଲେଣି । ଭାଇ ବନ୍ଧୁ ପିତାମାତା ଗୁରୁଜନ କାହାପ୍ରତି ଆଉ ଆନ୍ତରିକତା ନାହିଁ । ଶ୍ରଦ୍ଧା ଆଉ ସମର୍ପଣ ନାହିଁ । କାହାର ଉଚିତ ପରାମର୍ଶ ମଧ୍ୟ ତା

 Download Magazine from www.aahwaan.com

ପକ୍ଷେ ଗ୍ରହଣ ଯୋଗ୍ୟ ହେଉନାହିଁ । ପ୍ରତ୍ୟୁତ୍ତରରେ ସଙ୍ଗେ ସଙ୍ଗେ ଅହଂକାରମୟ ବାଣୀ ମୁଖରୁ ନିସୃତ ହେଉଛି । କାହାରି ପ୍ରତି ପୂର୍ବଭଳି ଆଉ ଆଦର, ସହାନୁଭୂତି, ଦୟା, କ୍ଷମା, ତଥା ତ୍ୟାଗ ଦେଖିବାକୁ ମିଳିବା କଷ୍ଟକର ହେଇଗଲାଣି । ମାତ୍ର ଏବେବି ସମାଜରେ ବହୁତ ଧର୍ମାବଲମ୍ବୀ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଜନକଲ୍ୟାଣରେ ଉତ୍ସର୍ଗ କରିଦେଇଛନ୍ତି । କିନ୍ତୁ ସେମାନଙ୍କ ଗହଣରେ ଅନେକ କ୍ରୁର ଅନ୍ୟାୟୀ ଲୁଚିରହି ନିଜକୁ ସେମାନଙ୍କ ସଦୃଶ ଦେଖାଇ ଛଳନା କରୁଛନ୍ତି ।

କୁଆଡେ ଗଲା ସେହି ପୁଣ୍ୟଭୂମି ଭାରତବର୍ଷ ? ଯେଉଁଠି "ଅତିଥି ଦେବୋ ଭବହ" ରୂପକ ଉକ୍ତିର ସାର୍ଥକତା ଦେଖିବାକୁ ମିଳୁଥିଲା । ଆଜି ଦେଶର ବିଭିନ୍ନ ପ୍ରାନ୍ତରେ ଅତିଥି ଲୁଟପାଟର ଶିକାର ହୁଅନ୍ତି । ବଳାତ୍କାର ଭଳି ଜଘନ୍ୟ କାର୍ଯ୍ୟର ଶିକାର ହୁଅନ୍ତି ।ନାନାବିଧ ଅସୁବିଧାର ସମ୍ମୁଖିନ ହୁଅନ୍ତି ।କାହିଁ ସେହି ପୁଣ୍ୟଭୂମି ଭାରତ ଯେଉଁଠି ଦିନେ ଗାନ୍ଧୀ,ବିବେକାନନ୍ଦ,ରବିନ୍ଦ୍ରନାଥଙ୍କ ଭଳି ପ୍ରତିଭସମ୍ପନ୍ନ ବ୍ୟକ୍ତି ଜନ୍ମ ଗ୍ରହଣ କରି ବିଶ୍ୱ ବାସୀଙ୍କୁ ଶାନ୍ତିର ବାର୍ତା ଦେଇଥିଲେ ?

ଆଜିର ଏ ବିଚିତ୍ର ସମାଜରେ କିଛିଲୋକ ଦୁଗ୍ଧପୋଷ୍ୟ ସର୍ପ ଭଳି ନିଜର ଦୁର୍ଗୁଣକୁ ବିସ୍ତାର କରି ଚାଲିଛନ୍ତି ।ଅମାର୍ଗରେ ଯାଉଥିଲେ ମଧ୍ୟ ସେମାନଙ୍କୁ ଏହା ଦୃଷ୍ଟିଗୋଚର ହେଉ ନାହିଁ ।ଅମାର୍ଗରୁ ସୁମାର୍ଗକୁ ପ୍ରତ୍ୟାବର୍ତ୍ତନ କରିବାର ଅବକାଶ ପ୍ରାପ୍ତ ହେଉଥିଲେ ମଧ୍ୟ ଏହାକୁ ତୁଚ୍ଛ ମନେ କରି ସେମାନେ ବିନାଶ ଆଡକୁ ଅଗ୍ରସର ହେଉଛନ୍ତି ।ଏକଛତ୍ର ଭାବେ ନିଜକୁ ସମ୍ରାଟ ମନେକରି ସଭିଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବାର ନିଶା ଏବେ ବହୁଳ ଭାବେ ଦେଖାଗଲାଣି ।ନିଜର ଆତ୍ମସୁଖ ପାଇଁ ଅନ୍ୟାୟର ପ୍ରଶୟ ନେଇ ଅନୀତି,ଅଧର୍ମ କଲେ ମଧ୍ୟ ସେମାନଙ୍କୁ ଏହା ଅବଗତ ହୋଇ ପାରୁନାହିଁ ।ନିଜ ଦ୍ୱାରା କୃତ ସମସ୍ତ କାର୍ଯ୍ୟକୁ ଶ୍ରେଷ୍ଠ

Download Magazine from www.aahwaan.com

ମନେକରି ଫଳସ୍ୱରୂପ ନିଜକୁ ଶ୍ରେଷ୍ଠତମ ମନେକରନ୍ତି ।ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ କେବଳ ମିଥ୍ୟାଭକ୍ତି ରଖି ସମାଜରେ ଦୁର୍ନୀତିକୁ ପରିପୃଷ୍ଟ କରନ୍ତି ।

ଏସବୁର ନିଦାନ ହେଉଛି ସ୍ୱାର୍ଥ ଦ୍ୱାରା ବଶୀଭୂତ ହେଇ କାମାନକୁ ପୁର୍ଣ କରିବା ।କାମନାର କେବେ ଅନ୍ତ ଘଟେ ନାହିଁ ।ଗୋଟେ କାମନା ପୁର୍ଣ ହେଲେ କାମନା ପ୍ରବଳତର ହେଇଉଠେ ।କିନ୍ତୁ ଏହା ସ୍ୱାର୍ଥାନ୍ଧ ମାନଙ୍କୁ କେବେବି ଜଣା ପଡେନାହିଁ ।ନିଜର ସ୍ୱାର୍ଥ ସାଧନ ହେତୁ ଛଳନା, ବଳପ୍ରୟୋଗ,ଏବଂ ଅନ୍ୟାନ୍ୟ ଅପ୍ରୀତିକର ପନ୍ଥାକୁ ଜୀବନର ଶେଷ ଅସ୍ତ୍ର ତଥା ପ୍ରମୁଖ ଅସ୍ତ୍ର ରୂପେ ପରିଚାଳିତ କରନ୍ତି ।

ସେମାନେ ଭୁଲିଯାଆନ୍ତି ଯେ ନିଜର କୃତକର୍ମର ଫଳ ସେମାନଙ୍କୁ ଏହି ଠାରେ ହିଁ ଭୋଗିବାକୁ ହେବ ।ଅଧର୍ମର ଭାର ପ୍ରକୃତି ଯେବେ ସହିନପାରିବ,ଧରଣୀ ମାତା ଯେବେ ଚିତ୍କାର କରିବ ତେବେ ଅଧର୍ମର ବିନାଶ ପାଇଁ ଅବତାରୀ ରୂପେ ଧର୍ମ ରକ୍ଷକଙ୍କୁ ଧରାବତରଣ କରିବାକୁ ହେବ ।

ଆଜି ସମଗ୍ର ସଂସାରରେ ମାତୃପିତୃ ଭକ୍ତି, ଗୁରୁଜନ ପ୍ରତି ସମ୍ମାନ,ଭାଇ ବନ୍ଧୁ ପ୍ରତି ସ୍ନେହ -ଶ୍ରଦ୍ଧା,ଦୁଃଖୀରଙ୍କି ପ୍ରତି ଦୟା କରୁଣା ଏବଂ ସର୍ବଶେଷରେ ମଣିଷତ୍ୱ ହିଁ ଦେଖିବାକୁ ବହୁତ କମ ମିଳୁଛି ।

ସର୍ବତ୍ୟାଗୀ ବଦଳରେ ଏମାନେ ସର୍ବଭୋଗି ହେବାକୁ ଶ୍ରେଷ୍ଠ ମଣୁଛନ୍ତି ।କିନ୍ତୁ ବାସ୍ତବରେ ତ୍ୟାଗ ହିଁ ମୁକ୍ତିର ଶ୍ରେଷ୍ଠ ପଥ ଏକଥା ବୁଝିବାକୁ ପ୍ରୟାଶ କରୁନାହାନ୍ତି ।ମାଙ୍କଡ଼ ହାତେ ମୁକ୍ତା ମାଳର ମୂଲ୍ୟ ସମ ମାତୃପିତୃ ଭକ୍ତି ଏମାନଙ୍କ ପାଇଁ ସମାନ ବୋଧ ହେଉଛି ।ମାତାପିତାଙ୍କ ଆଶୀର୍ବାଦ ହିଁ ସାକ୍ଷାତ ଭଗବାନଙ୍କ ଆଶୀର୍ବାଦ ଏକଥା ଜାଣି ମଧ୍ୟ ଏହାକୁ ତୁଛ ମଣୁଛନ୍ତି ।ଯଥାର୍ଥରେ କୁହା ଯାଇଅଛି---

 Download Magazine from www.aahwaan.com

"ମାତାପିତା ଭାଇବନ୍ଧୁ ଗୁରୁଜନ ଠାରେ
କରୁଣାର ଦୃଷ୍ଟି ଯେହୁ ଦିଏ ନାହିଁ ବାରେ
କିଲାଭ ସହସ୍ର ବର୍ଷ ବଂଚିଲେ ସେ ଲୋକ
ଖାଇ ଖାଇ ଦୀର୍ଘ କାଳ ନବଞ୍ଚେ କି କାକ ?"

ଧର୍ମାତ୍ମାଙ୍କ ବିଚାରରେ ସମ୍ପ୍ରତି ପ୍ରତିଷ୍ଠିତ ସମାଜର ରୀତିନୀତି ସଂସାର ପାଇଁ ବିପଦ ନେଇ ଆସୁଛି ।ତେଣୁ ସମସ୍ତଙ୍କୁ ଅନୁରୋଧ କି ପୁଣ୍ୟଭୂମି ଭାରତବର୍ଷର ଗୁଣ ଗରୀମାକୁ,ଏହାର ଅଖଣ୍ଡ ପ୍ରତିଷ୍ଠାକୁ ଚୂର୍ଣ ନକରି,ଏହାର ଯଥାର୍ଥତାକୁ ହୃଦୟଙ୍ଗମ କରି ,ସଂସାରର ହିତ ସାଧନ କରିବା ଉଚିତ ।ଅଯଥାରେ ନିଜକୁ ଶ୍ରେଷ୍ଠ ତଥା ଅନ୍ୟକୁ ନୀଚ,ଏସବୁ ଭାବନାରୁ ଦୂରରେ ରହି,ଅହଂକାର ସ୍ୱାର୍ଥ ଭାବ ଦୂର କରି,ଏକତ୍ରିତ ହେଇ କାର୍ଯ୍ୟ କଲେ ଯାଇଁ ଆମ ସମାଜରେ ପୁଣି ଥରେ ସେହି ପୁଣ୍ୟଭୂମି ଭାରତବର୍ଷର ଅଖଣ୍ଡପ୍ରେମ,ଭକ୍ତିଭାବ ଉଦ୍ରେକ ହୋଇ ପାରିବ ।ସ୍ୱାର୍ଥକୁ ବଳି ଦେଇ ସମାଜର କଲ୍ୟାଣ ସାଧନ କରିବା ହିଁ ପ୍ରତ୍ୟେକ ହିନ୍ଦୁର କର୍ତବ୍ୟ ଅଟେ ।ତେଣୁ ମହାନ ଦେଶପ୍ରେମୀ ଗୋପବନ୍ଧୁ ଦାସ କହିଛନ୍ତି--

"ନିଜ ହିତ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ"

ଆହୁରି ମଧ୍ୟ କୁହା ଯାଇଅଛି ଯେ---

"ଜାତି ନନ୍ଦିଘୋଷ ଗଡ଼ିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡି ଦାନାର ତୋବଡା

Download Magazine from www.aahwaan.com

ଘୋଡା ମୁହେଁ ବନ୍ଧା ଥିଲେ"

ଭାରତ ଭଳି ପୁଣ୍ୟଭୂମି ଯେଉଁଠାରେ ସ୍ୱୟଂ ଭଗବାନ ଜନ୍ମଗ୍ରହଣ କରିଥିଲେ ଆମେ ଆଜି ସେହି ପବିତ୍ର ମା'ର କୋଳରେ ଜନ୍ମଲାଭ କରିଛେ ।ଏହାଠୁ ବଳି ବଡ଼ ସୌଭାଗ୍ୟ ଆମ ପାଇଁ କ'ଣ ହୋଇପାରେ ? ତେଣୁ ନିଜ ମଧ୍ୟରେ ଲୁକ୍କାୟିତ ଥିବା ଶକ୍ତିକୁ ଜାଗ୍ରତ କରି ଧର୍ମରକ୍ଷାରେ ସହାୟକ ହେବାପାଇଁ ସର୍ବଦା ଧର୍ମ ପଥକୁ ଅନୁସରଣ କରିବା ସର୍ବଦା ଉଚିତ ହେବ ।ପିତାମାତା, ଭାଇବନ୍ଧୁ, ଗୁରୁଜନଙ୍କ ସହ ମିଳିମିଶି ସେମାନଙ୍କ ଉପଦେଶ ମାନି କାର୍ଯ୍ୟ କଲେ ଆମେ ସମାଜରେ ଧର୍ମାନୁଯାୟୀ ପ୍ରତିଷ୍ଠିତ ହୋଇପାରିବା ।

ଭାରତ ଭଳି ପୁଣ୍ୟଭୂମିରେ ଜନ୍ମଗ୍ରହଣ କରିବା ଆମ ପାଇଁ ଲକ୍ଷେ ଜନ୍ମର ପୁଣ୍ୟଫଳ ସହ ସମାନ ।ଭାରତ ଭଳି ପବିତ୍ର ଭୂମି ପୃଥିବୀରେ କେଉଁଠି ବି ନଥିବ ।

ତେଣୁ ହେ, ପୁଣ୍ୟଭୂମି ଭାରତରେ ଜନ୍ମିତ ପ୍ରତିଭାମାନେ ନିଜକୁ ସମାଜ ସେବାରେ ନିୟୋଜିତ କରି କ୍ଷଣଜନ୍ମାରେ ଜନ୍ମିତ ହେବାର ପରିଚୟ ପ୍ରଦାନ କର ।ମାନବ ଜୀବନର ମୂଲ୍ୟବୋଧ କୁ ବୁଝିବାକୁ ଚେଷ୍ଟା କର ।ଭାରତ ମାତା କୋଳରେ ଜନ୍ମ ହେବାର ଗୌରବ ଲାଭ କରିଥିବା ପାଇଁ ତାର ସେବା କର ।ନିଜ ମଧ୍ୟରେ ଥିବା ଲୁକ୍କାୟିତ ଶକ୍ତିକୁ ଜାଗ୍ରତ କରି ଧର୍ମ ଅବସ୍ଥାନରେ ସହାୟକ ହୁଅ ।ପିତାମାତା, ଭାଇବନ୍ଧୁ, ଗୁରୁଜନ ସମସ୍ତଙ୍କ ସହ ମିଶିକରି ମାନବ ସେବା ତଥା ମାଧବ ସେବାରେ ନିଜକୁ ନିୟୋଜନ କର ।ଆଜିର ଭାରତକୁ ପୂର୍ବର ପୁଣ୍ୟଭୂମି ଭାରତ ଭଳି ରହିବାକୁ ଦିଅ ।

"ଧର୍ମର ପ୍ରହାର ଅସହ୍ୟରେ ଭାଇ

ଅଧର୍ମକୁ ଗ୍ରାସ କରେ

ପାପୀ ଅଧର୍ମୀକୁ ନର୍କର ଦ୍ୱାରରେ

 Download Magazine from www.aahwaan.com

ଆଣିକରି ଛିଡାକରେ

ସ୍ୱାର୍ଥ ଅହଂକାର ତ୍ୟାଗ କରିବାକୁ

କରୁ ଅଛୁ କାହିଁ ଭୟ

ଧର୍ମର ବିଜୟ ହୋଇଛି ହୋଇବ

ଦେଖିବୁ ଏହା ନିଶ୍ଚୟ"

"ଯଦା ଯଦା ହିଁ ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ

ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ

ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ"

(ଗୀତା- ଚତୁର୍ଥ ଅଧ୍ୟାୟ ସପ୍ତମ-ଅଷ୍ଟମ ଶ୍ଳୋକ: ଜ୍ଞ୍ୟାନ-କର୍ମ-ସନ୍ୟାସ ଯୋଗ)

Download Magazine from www.aahwaan.com

# ଢେଣ୍ଡା



ଶ୍ରୀ ବୈକୁଣ୍ଠନାଥ ଖଟୁଆ

ଜଳସେଚେନ କରିବା ଅତି ପୁରୁଣା କାଳିଆ କଥା । ଜଳସେଚନ ପ୍ରଥମେ ମିଶରୀୟମାନେ ଆରମ୍ଭ କରିଥିଲେ । ନୀଳ ନଦୀକୁ ବନ୍ଧ କରି ଖାଲ ଅଂଚଳରେ ପାଣି ଭର୍ତି କରି ରଖୁଥିଲେ । ଫଳରେ ଗରମ ଦାଉରୁ ସେମାନେ ରକ୍ଷା ପାଉଥିଲେ । ମିସରିୟମାନେ ଭାର ଉତ୍ତୋଳନ ପାଇଁ ବିଭିନ୍ନ ପଦ୍ଧତି ବାହାର କରିଥିଲେ ନୋହିଲେ ସେମାନେ ଏଡ଼େ ବଡ଼ ମମି ତିଆରି କରିପାରି ନଥାନ୍ତେ । ଏହି ଲିଭର ସିଷ୍ଟମ ମିଶରିୟମାନେ ଜାଣିଥିଲେ, ହେଲେ ଏହାର ଥିଓରି ଜାଣି ନଥିଲେ, ପାରମ୍ପରିକ ଭାବରେ ଏହାକୁ ବ୍ୟବହାର କରୁଥିଲେ । ସେମାନେ ଭାରଦଣ୍ଡ ପ୍ରୟୋଗ କରି ବଡ଼ ବଡ଼ ପଥର ଉପରକୁ ଉଠାଉଥିଲେ । ଏହି ମିସରିୟମାନେ ହଳ ଶଗଡ଼ ଢେଣ୍ଡାର ବ୍ୟବହାର ଜାଣିଥିଲେ । ଏହି ଢେଣ୍ଡା ହେଉଛି ଦ୍ୱିତୀୟ ଶ୍ରେଣୀ ଭାରଦଣ୍ଡ । ଏହି ମିଶରିୟମାନେ ଢେଣ୍ଡାର ବ୍ୟବହାର ଜାଣିଥିଲେ । ମିଶରବାସୀମାନେ ଢେଣ୍ଡାକୁ ସାଡୁଫ କହୁଥିଲେ । ଖ୍ରୀ.ପୂ. ୧୫୦୦ ବେଳକୁ ମିଶରୀୟମାନେ ବୁଦ୍ଧି ଖଟାଇ ସାଡୁଫ ବା ଢେଣ୍ଡା ବାହାର କରିଥିଲେ । ଏହି ଢେଣ୍ଡାର ଚିତ୍ର କାନ୍ଥରେ ଚିତ୍ରତ ହୋଇଥିବାରୁ ଅନୁମାନ ହେଉଛି ଖ୍ରୀ.ପୂ. ୧୫୦୦ ବେଳକୁ ଢେଣ୍ଡା ବାହାରି ସାରିଲାଣି ଜଳସେଚନ କାମରେ ବ୍ୟବହାର ହେଲାଣି । ନୀଳ ନଦୀର ଜଳକୁ ଅଟକାଇ ଯନ୍ତ୍ର ସାହାଯ୍ୟରେ ପାଣି ମଡ଼ାଉଥିଲେ । କିନ୍ତୁ ଲିଭର ସିଷ୍ଟମ ଆର୍କମେଡ଼ିସ୍ ୨୬୦ ବିସିରେ ଏହାର ବୈଜ୍ଞାନିକ କାରଣ ସମସ୍ତଙ୍କୁ ଜଣାଇଦେଲେ । ଏହି ଲିଭର ତିନି ପ୍ରକାର ବୋଲି କହିଲେ । କିନ୍ତୁ ଲିଭର ସିଷ୍ଟମ ପାରମ୍ପରିକ ଭାବରେ ଉଦ୍ଭାବନ ଘଟିଛି । ଲୋକଙ୍କ ଅଜାଣତରେ

Download Magazine from www.aahwaan.com

ପାରମ୍ପରିକ ଭାବରେ ବ୍ୟବହାର ହୋଇଛି ।

ପୃଥିବୀର ପ୍ରଥମ କେନାଲ ୬୦୦୦ ବିସି ପୂର୍ବେ ଚାଇନାରେ ଥିଲା ବୋଲି ନିରୂପଣ କରାଯାଇଛି । ସେତେବେଳେ ଜଳକୁ କେନାଲ ସାହାଯ୍ୟରେ ଅଣାଯାଇ ପାରୁଥିଲା । ପୃଥିବୀର ପ୍ରଥମ ଜଳସେଚନ ପ୍ରଣାଳୀ ସୁମେରିୟମାନେ ଜାଣିଥିଲେ । ଏହା ୩୦୦୦ ବିସି ପୂର୍ବର କଥା । ହାଙ୍ଗିଙ୍ଗ ଗାର୍ଡନରେ ସେମାନେ ପାଣି ଦେଇପାରୁଥିଲେ । କିନ୍ତୁ ଟେଣ୍ଡାର ବ୍ୟବହାର ମିଶରୀୟମାନେ କରିଥିଲେ । ଜେମ୍ସ ୱାଟ୍ ଷ୍ଟିମ୍ ଇଞ୍ଜିନ ୧୭୬୫ରେ ବାହର କରିବାରୁ ପାଣି ପମ୍ପ ବାହାରିଲା, ପରେ ପରେ ଗାଡ଼ି ମଟର ଟ୍ରେନ ବାହାରିଲା । ଏହା ଥିଲା ଲିଭର ସିଷ୍ଟମରୁ ମୋଟର ଯୁଗର ପରିବର୍ତ୍ତନ । ତଥାପି ଟେଣ୍ଡା ସେହିପରି କାମରେ ଲାଗିଥିଲା, ଏହାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବାକୁ ପ୍ରାୟ ୧୭୬୫ ରୁ ୨୦୦୦ ମସିହା ଲାଗିଗଲା । ଟେଣ୍ଡା ବର୍ତ୍ତମାନ ମୃତ ବୋଲି କୁହାଯିବ ।

ବର୍ତ୍ତମାନ ଆମେ ଟେଣ୍ଡାକୁ ଗୋଟିଏ ସାଧାରଣ ଅର୍ଥରେ ଭାବୁଛେ, କିନ୍ତୁ ଯେତେବେଳେ ପ୍ରଥମେ ବାହାରିଲା ଏଇଟା ଗୋଟାଏ ମେସିନ୍ ବୋଲି ଲୋକେ ଭାବୁଥିଲେ । ତାକୁ କିଏ କେମିତି ବାହାର କଲା ଜାଣିବା କଷ୍ଟକର କଥା । ଟେଣ୍ଡା ଗୋଟାଏ ଦ୍ୱିତୀୟ ଶ୍ରେଣୀ ଭାରଦଣ୍ଡ । ଭାରଦଣ୍ଡ ବାହାରିବା ସମୟରେ ଏହି ଟେଣ୍ଡା ବାହାରିଛି ଓ ଲୋକମାନଙ୍କ ଉପକାରରେ ଲାଗିଛି । ଏମିତି ହୋଇ ଥାଇପାରେ ପାଣି କୂଅରୁ ଦଉଡ଼ି ସାହାଯ୍ୟରେ ଉପରକୁ ଉଠାଉଥିଲେ । ପରେ ଦଉଡ଼ି ବ୍ୟବହାର ନକରି ଖଣ୍ଡେ ବାଉଁଶ ବାନ୍ଧି ଉପରକୁ ଉଠାଇଲେ ମଧ୍ୟ ସୁବିଧା ହେଲା । କାଠ ଚକି ଲଗାଇ ପାଣି ଉପରକୁ ଉଠାଇଲେ । ପାଣି ମାଠିଆରେ ମୁଣ୍ଡାଇକି ନେଉଥିଲେ । ଏଇ ମାଠିଆଟା କେମିତି ବିନା ପରିଶ୍ରମରେ ଉଠାଯାଇପାରିବ ଚିନ୍ତା କରି ଟେଣ୍ଡା ବାହାର କଲେ ।

 Download Magazine from www.aahwaan.com

ଏହି ତେଣ୍ଡାରେ ଗୋଟିଏ ଲମ୍ବା ବାଉଁଶ ବା ଡ଼ବା ଯାହାର ଲମ୍ବ ପାଖା ପାଖି ୨୫ ଫୁଟ ଦରକାର । ଏହାକୁ ବାହାଲ କହନ୍ତି । ଏହାକୁ ତିନି ଭାଗ କଲେ ୮ ଫୁଟ ହେଉଛି । ମୂଳରୁ ୮ ଫୁଟରେ ଗୋଟିଏ କଣା କରାଯାଏ । ଏଥିରେ ୨ ଫୁଟର ଗୋଟିଏ ବାଉଁଶ ପକ୍ଷି ଲଗାଯାଏ । ଏହାକୁ ପକ୍ଷି କହିବାର ଅର୍ଥ ହେଉଛି ଏହା ଦେଖିବାକୁ ପକ୍ଷୀମାନଙ୍କର ଡେଣା ଭଳି । ଏହି ପକ୍ଷୀ ବାହାଲ କଣାରେ ଲଗାଯାଏ । ବାହାଲର ମୂଳରେ ଭାର (ପାଳରେ କାଦୁଅ ଲଗାଯାଇ ବନ୍ଧାଯାଏ) । ଶେଷରେ କୂଅର ଗଭୀରତା ଅନୁସାରେ ଗୋଟିଏ ସରୁ ବାଉଁଶ ଅଣାଯାଏ । ଏହାକୁ ହାତ ବାଉଁଶ କହନ୍ତି । ଏହାର ମୂଳଭାଗରେ ଗୋଟିଏ ଛୋଟ କଣା କରାଯାଏ । ଏହି କଣାରେ ଗୋଟିଏ ଛୋଟ ୬ ଇଂଚର  କାଠି ଲଗାଯାଏ । ଏହିଠାରେ ଜଳ ରହିବାର ପାତ୍ର ବା ମାଠିଆ ଲଗାଯାଏ । ଏହି ବାଉଁଶକୁ ବାହାଲର ଶେଷଭାଗରେ ବନ୍ଧାଯାଏ । ଏ ଗଲା ବାହାଲ କଥା । ଏହି ବାହାଲକୁ ଗୋଟିଏ ଖୁମ୍ବ ଉପରେ ରଖାଯାଏ । ଏହି ଖୁମ୍ବର ଲମ୍ବ ପାଖାପାଖି ୧୨ ଫୁଟ । ଏହାର ଅଗ ଫଖରୁ ୪/୫ ଇଂଚ ଛାଡ଼ି ଗୋଟାଏ କଣା କରାଯାଏ । ପ୍ରାୟ ୪ଫୁଟ ପର୍ଯ୍ୟନ୍ତ ଚିରାଯାଏ । ଏହି ଚିରିବା ମଝିରେ ବାହାଲ ରହେ ଓ ବାହାଲର ପକ୍ଷୀ ଏହି ଖୁମ୍ବର ମଝିରେ ଥବା ଦୁଇ କଣା ଭିତରେ ରହେ । ଏହା ଠିକ୍ ଢ଼ିଙ୍କି ଭଳି କାମ କରେ । କୂଅ ଉପରେ ଦୁଇ ଖଣ୍ଡ କାଠ ପଡ଼େ ।ଏହାରି ଉପରେ ଜଣେ ଲୋକ ଛିଡ଼ା ହୋଇ ବାଉଁଶରେ ବନ୍ଧା ହୋଇଥିବା ମାଠିଆକୁ କୂଅଭିତରେ ଭର୍ତିକରି ପଣି ଭରି କରେ ଓ ଉପରକୁ ବଳ ପ୍ରୟୋଗ କଲେ ମାଠିଆ ଉପରକୁ ଆସେ ଓ ମାଠିଆ ପାଣି ଭୂଇଁରେ ଢ଼ାଳିଲେ ପାଣି ବିଲରେ ମାଡ଼େ । ଏଇଟା ଗେଟେ ସାଧାରଣ କଥା । ଏଇ ଧରଣର ଯନ୍ତ୍ରପାତି ପ୍ରଥମେ କିଏ ଜଣେ ବାହାର କରିଛି କିଛି ଜଣାନାହିଁ । ତେଣ୍ଡା ଠିକ୍ ଢ଼ିଙ୍କି ଭଳି କାମ କରେ । ଭାରଦଣ୍ଡ ବାହାରିବା ସମୟରେ ଏହି ସବୁ ଯନ୍ତ୍ରପାତି ବାହାରିଛି । ଏହା ଥିଲା ଭାରଦଣ୍ଡ ଉଦ୍ଭାବନର ଯୁଗ ।

 Download Magazine from www.aahwaan.com

ଯେମିତି ଜେମ୍ସ ୱାଟ ମୋଟର ବାହାରିବା ଦ୍ୱାରା ଆଜି ଅନେକ କାମ ମୋଟରଦ୍ୱାରା କରାଯାଇପାରୁଛି । ଏହା ହେଉଛି ମୋଟର ଯୁଗ । ଏହାପରେ କମ୍ପ୍ୟୁଟର ଆସିବା ଦ୍ୱାରା ଅନେକ କାମ ହୋଇପାରୁଛି । ଏହାକୁ କମ୍ପ୍ୟୁଟର ଯୁଗ କୁହାଯିବ । ସେମିତି ସେତେବେଳେ ଏଇ ଭାରଦଣ୍ଡ କୌଶଳକୁ ବିଭିନ୍ନ କାମରେ ଲଗାଯାଇ ପାରୁଥିଲା । ସେତେବେଳେ ଏହି ଭାରଦଣ୍ଡ ବାହାରିଥିଲା ।

ବାଗଦାଦା ପୁରୁଣା ନାଁ ହେଉଛି ସିଉଲ । ବେବିଲୋନିଆରୁ ଏହା ବାଗଦାଦ ହୋଇଛି । ବେବିଲୋନିଆ ସଭ୍ୟତାର ଏ ଥିଲା ମୂଳ କେନ୍ଦ୍ର । ପ୍ରାଚୀନ ବେବିଲୋନିଆ ଟାଇଗ୍ରିସ୍ ନଦୀର ଉଭୟକୂଳରେ ଗଢ଼ି ଉଠିଥିଲା । ଏହି ବେବିଲୋନିଆ ବା ବର୍ତ୍ତମାନର ବାଗଦାଦା ସହର କେତେ ଉତ୍ଥାନ ପତନର ବେଳାଭୂମିରେ ଠିଆ ହୋଇ ସବୁ ଅନୁଧ୍ୟାନ କରିଛି ମନେ ରଖିଛି କିଏ କଣ ? ଏହାର ଶାସକ ହାମୁରାବୀଙ୍କର ପ୍ରଣୀତ ଆଇନ୍ ଗ୍ରନ୍ଥ ପୃଥିବୀ ସଭ୍ୟତାକୁ ପ୍ରଥମ ଆଇନ୍ ଶାସନର କାହାଣୀକୁ ଗ୍ରହଣ କରିଥାଏ ।

ଏହି ବେବିଲୋନିଆ ସହର ନିକଟରେ ଥିଲା ଝୁଲନ୍ତା ଉଦ୍ୟାନ । ପାହାଡ଼ ଉପରେ ଥିଲା ରାଜାଙ୍କ ଉଦ୍ୟାନ । ଉଦ୍ୟାନ ପାଇଁ ପାଣି ନିହାତି ଦରକାର । ପାଣି ବିନା ଗଛ ଅସମ୍ଭବ । ଏ ଉଦ୍ୟାନଟି ପ୍ରଶାସକଙ୍କର ସହଧର୍ମିଣୀଙ୍କ ସ୍ମୃତି ଉପଲକ୍ଷେ ସୃଷ୍ଟି କରାଯାଇଥିଲା । ରାଣୀ ଥିଲେ ଶସ୍ୟଶ୍ୟାମଳା ପରିବେଶିତ ପକ୍ଷୀ କାକଳୀରେ ନିନାଦିତ ଶୀତଳ ପର୍ବତବାସୀ ଯହିଁରେ ବୋହୁଥିଲା ଝର୍ଝର ଝଙ୍କାରପୂର୍ଣ୍ଣ ନିର୍ଝରିଣୀମାନ । ଶୁଷ୍କ ବନ୍ଧ୍ୟା ମରୁଭୂମି ପରିବେଶିତ ସମତଳ ଭୂମିରେ ବିବାହ ଉର୍ ରାଜାଙ୍କ ସହ ବସବାସ କରି ରାଣୀମାନେ ପାଉଥିଲେ ତାଙ୍କର ପିଲାଦିନର ମଧୁର ସ୍ମୃତିରାଜିକୁ । ଫଳରେ ସେ ହୋଇ ପଡୁଥିଲେ ବିଷର୍ଣ୍ଣ ବଦନା । ରାଜାମାନଙ୍କର ମାନସିକ ଯନ୍ତ୍ରଣାର କାରଣ ଜାଣିପାରି ଆଦେଶ

Download Magazine from www.aahwaan.com

ଦେଲେ ରାଜଧାନୀ ମଧ୍ୟରେ ପର୍ବତ ସ୍ୱରୂପ ଶସ୍ୟ ଶ୍ୟାମଳିମା ଭରା ଉଚ୍ଚା ଆଚଳକୁ ସୃଷ୍ଟି କରିବା ପାଇଁ ତହୁଁ ବହୁତଳ ବିଶିଷ୍ଟ ଅଟ୍ଟାଳିକମାନଙ୍କରେ ପର୍ବତସମ ଉଦ୍ୟାନ ତିଆରି କରାଗଲା । ନଦୀରୁ ଜଳ ଉପରକୁ ଉଠିବା ପାଇଁ କୋଠା ଉପରେ ଚକଦ୍ୱାରା ଚାଳିତ ଉଠାଜଳ ସେଚନର ବ୍ୟବସ୍ଥା କରାଗଲା । ସବୁ ମହଲାର ପାର୍ଶ୍ୱର୍ଦେଶରେ ପୃଥିବୀର ସବୁଠାରୁ ସୁନ୍ଦର ତଥା ମୂଲ୍ୟବାନ ଫୁଲ, ଫଳଭରା ବୃକ୍ଷମାନ ସୁଶୋଭିତ ହୋଇଉଠୁଥିଲା । ଦୂର ପଥିକ ମନରେ ଏହା ଏକ ଝୁଲନ୍ତା ଉଦ୍ୟାନର ଭ୍ରମ ସୃଷ୍ଟି କରୁଥିଲା । ଷଟିରାଣୀଙ୍କ ସ୍ମୃତି ଉଦେଶ୍ୟରେ ରାଜା ପାହାଡ଼ ଉପରେ ଏକ ଉଦ୍ୟାନ ତିଆରି କଲେ । ଉପରକୁ ପାଣିଜାଗା ବାଟରେ ଗଲାବେଳେ ଦେଖିଲେ ଲୋକମାନେ ଡେଣ୍ଡାରେ ପାଣି ବୋହି ଶସ୍ୟ ଉତ୍ପନ୍ନ କରୁଛନ୍ତି । ଏହା ହାନିବାଲଙ୍କ ସମୟରେ ତିଆରି ହୋଇଥିଲା ।ହାନିବାଲଙ୍କ ସମୟ ଖ୍ରୀ.ପୂ. ୧୮୫୦ ହେଲେ ସେତେବେଳେ ଉଠାଜଳସେଚନର ବ୍ୟବସ୍ଥା ଥିଲା ।

ପୃଥିବୀର ପ୍ରାୟ ମରଭୂମି ଅଂଚଳ ସାଉଦୀ ଆରବ, ଆଫ୍ରିକାର ଉତ୍ତରାଂଚଳରେ ଅବସ୍ଥିତ । ମରୁଭୂମି ଅଂଚଳରେ ବେଦୁଇନ୍ ମାନେ ଏକ ଯାଯାବର ଜାତି । ଏମାନଙ୍କ ଘରଦ୍ୱାର କିଛି ନଥାଏ । ତମ୍ବୁ ଓଟ ଘୋଡ଼ା ମେଣ୍ଢା ପଶୁପାଳନ ଏମାନଙ୍କର ମୁଖ୍ୟ ବ୍ୟବସାୟ । ବେଦୁଇନ୍ ମାନେ ଗୋଟିଏ ଜାଗାରେ ତୃଣଭୂମି ସରିଗଲେ ଅନ୍ୟ ଜାଗାକୁ ଚାଲି ଯାଆନ୍ତି । ଏହି ଅଭାବହିଁ ସେମାନେ ନୂଆ ଜିନିଷ ବାହାର କରିବା ପାଇଁ ଖୋରାକ ପାଇଲେ । ଏହି ବେଦୁଇନ୍ ମାନେ ନୂଆ ଜଳସେଚନ ଉପକରଣମାନ ଉଦ୍ଭାବନ କରିଥିଲେ ।

ବୈଦିକ ଯୁଗରେ ଜଳସେଚନ ଥିଲା । ନଦୀଜଳ ଓ କୂପଜଳ ଉଭୟ ଜଳସେଚନରେ ବ୍ୟବହାର ହେଉଥିଲା । ଋଗ୍ ବେଦରେ ଠାଏ ଠାଏ ନଦୀ ଓ କୂପ ଜଳକୁ ସ୍ୱୟଜା ଓ ଖନିତ୍ରିମା ବୋଲି କୁହାଯାଇଛି ।

Download Magazine from www.aahwaan.com

ଯା ଆପୋ ଦିବ୍ୟା ଉତ ଯାଃ ସ୍ରବନ୍ତି

ଖାନିତ୍ରିମା ଉତ ଯାଃ ସ୍ୱୟଂଜାଃ

ନଦୀ ଜଳକୁ ସ୍ୱୟଂଜାଃ ଅର୍ଥାତ୍ ସ୍ୱତଃପ୍ରବୃତ ହୋଇ ଝରିବାକୁ ସ୍ୱୟଜାଃ କୁହାଯାଏ । ଖନନ ଦ୍ୱାରା ଜଳ ବାହାରୁଥିବାରୁ ଖାନିତ୍ରିମା କୁହାଯାଉଥିଲା । କୃତ୍ରିମ ଉପାୟରେ ସୃଷ୍ଟି ହୋଇଥିବା ପାଣି ନାଳକୁ କୂଲ୍ୟା କହୁଥିଲେ । ବଡ଼ ବଡ଼ କୂଅକୁ ବାମ୍ପି କହୁଥଲେ ଛୋଟ କୂଅ (ଚୂଆ)କୁ ଅବଟ କହୁଥିଲେ । ଏହି ଚୂଆଗୁଡ଼ିକ ଶୁଖୁ ନଥିବାରୁ ଏହକୁ ଅକ୍ଷତଂ କହୁଥିଲେ ଋଗ୍ ବେଦ (୧୦/୧୦୧/୬) ପଥରରେ ବନ୍ଧାହୋଇଥିବା ଚକି ଦ୍ୱାରା କୂଅରୁ ପାଣି କଢ଼ାଯାଉଥିଲା । ଏହା ଡେଣ୍ଡାର ପୂର୍ବବସ୍ଥା । ପାଣିକୁ ବଡ଼ ବଡ଼ ନାଳୀ ଦ୍ୱାରା ବହୁତ ଦୂରକୁ ନିଆଯାଉଥିଲା । ଏହାକୁ ଭୂମିଃ ସୁଷିରା କହୁଥିଲେ । ଏଥିରୁ ଅନୁମାନ ହେଉଛି ବୈଦିକ ଯୁଗରେ ଡେଣ୍ଡା ବ୍ୟବହାର ହେଉଥିଲା । କୂଅରୁ ପାଣି ଉତ୍ତୋଳନ କରିବାର ଆଉ ଗୋଟିଏ ପଦ୍ଧତି ଅଛି ଏହା ହେଲା – ଗୋଟିଏ ଛେଳି ଚମଡ଼ାରେ ପାଇପ୍ ଲାଗିଥାଏ । ଏହାକୁ ବଳଦ ବା ଘୋଡ଼ ଖାଇରେ ବୁଲିଲା ଭଳି ବୁଲିଲେ ପାଣି ବାହାରିବ ଏହା ପଞ୍ଜାବ ଓ ଉତ୍ତର ପ୍ରଦେଶରେ ପ୍ରଚଳନ ଥିଲା । ଏହା ଡେଣ୍ଡାର ଅନ୍ୟ ଏକ ରୂପ । ଏବେ ପମ୍ପ ବାହାରିବା ଦ୍ୱାରା ଏହାର ପ୍ରଚଳନ ଆସ୍ତେ ଆସ୍ତେ କମିଗଲାଣି ।

ବୈଦିକ ଯୁଗରେ ବୃଷ୍ଟିର ଦେବତା ଇନ୍ଦ୍ରଙ୍କୁ ପୂଜା କରାଯାଉଥିଲା । ଋଗବେଦ କୁହେ ଯେ ବୃତ୍ର ତା'ର ଶକ୍ତି ବଳରେ ମେଘ ଗର୍ଭରେ ଥିବା ଜଳକୁ ଅଟକାଇ ରଖୁଥିଲା ଇନ୍ଦ୍ର ବଜ୍ରାଘାତରେ ତା'ର ବୁକୁ ବିଦୀର୍ଣ୍ଣ କରି ଜଳାଧାରକୁ ମୁକ୍ତ କରିଥିଲେ । ଏହାର ଅର୍ଥ ହେଲା ଖରାଦିନେ ବର୍ଷା ହୁଏ ନାହିଁ ବର୍ଷା ଦିନେ ବର୍ଷା ହୁଏ । ଏହି ପ୍ରାକୃତିକ ଦୃଶ୍ୟଟିକୁ ଇନ୍ଦ୍ର-ବୃତ୍ର ସମର ବୋଲି ଦର୍ଶା ଯାଇଛି ।

Download Magazine from www.aahwaan.com

୧୭୬୦ କୋଲବ୍ରୁକ୍ସ ଆହ୍ଲାବାଦରୁ ବାହାରି ବିହାର ଭିତର ଦେଇ ନାଗପୁର ଯାଇଥିଲେ । ପୁଣି ନାଗପୁରରୁ ବୁନ୍ଦେଲଖଣ୍ଡ ରେଵା ଦେଇ ବନାରସରେ ପହଂଚିଥିଲେ । ରେଵାଦେଇ ଗଲା ବେଳେ ସେ ଦେଖିଲେ ଲୋକମାନେ ତେଣ୍ଡାଦ୍ୱାରା ପାଣି ଜମିରେ ମଡ଼ାଉଛନ୍ତି । ଏହା ହେଉଛି ୧୭୬୦ମସିହାର କଥା । ଏହି ତେଣ୍ଡା ୧୭୬୦ ମସିହା ପର୍ଯନ୍ତ ସେମିତି କାମରେ ଲାଗୁଥିଲା ।

୧୮୯୦ରେ ମାଡ଼ାକ୍ସ ସାହେବ ପ୍ରଥମେ ଜମି ଜମା ବନ୍ଦୋବସ୍ତ କରିଥିଲେ । ସେଥିରେ ସେ ଓଡ଼ିଶାରେ ପ୍ରଚଳିତ ଜଳସେଚନ ବ୍ୟବସ୍ଥାର ଏକ ଚିତ୍ର ପ୍ରଦାନ କରିଛନ୍ତି । ଏହା ତାଙ୍କର ସେଟେଲମେଂଟ ରିପୋର୍ଟରେ ଲେଖାଯାଇଛି । ପାଠକଙ୍କ ଅବଗତି ନିମନ୍ତେ ତାହାର କିଛି ଅଂଶ ତଳେ ଦିଆଗଲା ।

Irrigation from wells I have not come across, and the tanks which at one time abounded in certain Paraganas have to a great extent silted up, but water is taken from the nallas or jores in the low-lying tracts near the coast by means of the tenda or bamboo water-lift. Where the water had only to be raised a few feet it may be scooped up in a sena, a sort of basket made of split bamboo which two men use. Holding by the ropes attached to either side, they swing it backwards and bringing it down sharp into the water carry the forward motion of the swing through until the sena, now full of water is raised to the level of the water channel when the contents are poured out.

Download Magazine from www.aahwaan.com

Another way of lifting water a short distance is with a janta (the Karin of Bihar) made of a single piece of wood about six feet long, hallowed out and shaped like one-half of a canoe; the broad open end resting on the head of the water channel while the pointed closed end dips into the water. When this is raised the water pours naturally into the channel. It may be worked by one man either directly or with the help of a bamboo crane and counter-poise as in the tenda, but cannot lift more than a couple of feed. It is not uncommon for two of these methods to be combined, the water being lifted by the ends into a reservoir, and from that into the water-channel by a sena or janta.

I have seen tobacco being watered from earthen pots (mathia) carried a considerable distance by coolies, but this can only be done for very valuable crops, and where I saw it tried, it would have been such simpler to have made a channel from the river. Mr. Banerjei estimates the cost per acre of irrigating a field once with hired labour at from Rs. 1 with the janta to Rs. 3 with earthen pots.8

Along the foot of the hills fields are often irrigated from the small streams, and, the lift being small, the expense is less.

ଏହି ତେଣ୍ଡାର ବ୍ୟବହାର ଖ୍ରୀ.ପୂ. ୨୭୫୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଚାଲି ଆସିଲା ।

Download Magazine from www.aahwaan.com

ବର୍ତମାନ ଆଉ ବିଲରେ ତେଣ୍ଡା ଦିଶୁନି କି କେଁ..କଟର ଶବ୍ଦ ଶୁଭୁନି । ତେଣ୍ଡା ଉପରେ କାଉ ବସିବାର ଦିଶୁନି । ଦିନ ଥିଲା ଗହିର ମଧ୍ୟ ତେଣ୍ଡାରେ ପରିପୂର୍ଣ୍ଣ ଥିଲା । ତେଣ୍ଡାରେ ପାଣି ବୋହିବା ପାଉଁ ଉତ୍କୃଷ୍ଟ ସମୟ ହେଉଛି ପାହାନ୍ତ ପହର, ଅର୍ଥାତ୍ ରାତି ୪.୦୦ଟା ପରେ ଲୋକେ ବିଲକୁ ଯାଇ ପାଣି ମଡ଼ାଉଥିଲେ କାରଣ ପାଣି ବୁହାଇଲେ ଶାରୀରିକ ପରିଶ୍ରମ ଦରକାର । ଖରାବେଳେ ପାଣି ବୁହାଇଲେ କଷ୍ଟ ଲାଗେ । ସେଥିରୁ ରକ୍ଷାପାଇବା ପଇଁ ସନ୍ଧ୍ୟା ସମୟରେ ବା ପାହାନ୍ତା ପହରରେ ପାଣି ମଡ଼ାଉଥିଲେ । ଆଉ ମଧ୍ୟ ଗଛକୁ ପାଣି ସକାଳ ବା ସନ୍ଧ୍ୟାରେ ଦରକାର । ଦିନ ଆସିବ ତେଣ୍ଡା କ'ଣ ବୋଲି ପର-ଜେନେରେସନ ଜାଣି ପାରିବେ ନି ? ଏ ଯୁଗର ପରିବର୍ତନ । ଦିତ୍ୱୀୟ ଶ୍ରେଣୀ ଭାରଦଣ୍ଡରୁ ମୋଟର ଯୁଗର ପରିବର୍ତନ । ଆଜି ତ ଯୁଗ ଆସିଲାଣି, ପମ୍ପରେ ପାଣି ଉଠାଯାଉଛି । ଏଥିରେ କମ୍ପୁଟର ଖଞ୍ଜା ଯାଉଛି । କମ୍ପୁଟରକୁ ଶସ୍ୟ ଉତ୍ପାଦନର ପ୍ରୋଗ୍ରାମ ଦିଆଯାଉଛି । କ୍ଷେତରେ କି ପ୍ରକାର ଚାଷକୁ କି ପ୍ରକାର ପାଣି ଦରକାର କମ୍ପୁଟର ପ୍ରୋଗ୍ରାମ ଅନୁସାରେ ପାଣି ପମ୍ପ ଯୋଗାଉଛି । ଧାନକୁ କେତେ ପାଣି ମକାକୁ କେତେ ପାଣି  ଦରକାର ତାହା କମ୍ପୁଟର ସ୍ଥିର କରି ଯୋଗାଇବ । ଯୁଗ ବଦଳିଯାଇଛି । ଆହୁରି ମଧ୍ୟ ବଦଳିବ । ଖୁସିର ଖବର ସରକାର ହୀରାକୁଦର ତଳମୁଣ୍ଡରେ ମହାନଦୀ ଉପରେ ୭ଟି ବ୍ୟାରେଜ ନିର୍ମାଣ କରିବେ । ଏଗୁଡ଼ିକ ବ୍ୟାରେଜ୍–କମ୍-ବ୍ରଜ୍ ହେଲେ ଭଲ ହୁଅନ୍ତା କାରଣ ବ୍ୟାରେଜ୍ ହେଲେ ପାଣି ଅଟକାଯାଇ ପାରିବ ଓ ଗମନାଗମନର ସୁବିଧା ହେବ ।

ଏଲ୍-୨୪୨/ଫେଜ-୧,ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯

(ମୋ-୯୭୭୭୧ ୪୩୪୮୫)

Download Magazine from www.aahwaan.com

# ଅପରେସନ୍ କାକ୍ଟସ୍



ଅଶୋକ କୁମାର ସେଠୀ

୧୯୮୮ ମସିହାର କଥା ସେତେବେଳ ସମଗ୍ର ମାଳଦ୍ଵୀପ ମିଲିଟାଣ୍ଟ ମାନଙ୍କ ଅକ୍ତିଆରରେ ଥାଏ । ଭାରତ ନିଜର ସାହସିକ ଓ ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି ସମଗ୍ର ମାଳଦ୍ଵୀପକୁ ମିଲିଟାଣ୍ଟମାନଙ୍କ କବଳରୁ ମୁକ୍ତ କରିବାରେ ସଫଳ ହୋଇଥିଲା । ସେ ଅପରେସନ ନାଁ ଥିଲା ଅପରେସନ କାକଟସ । ନିଜର ବୀରତ୍ଵ ଓ ଦୁଃସାହସିକ ପଦକ୍ଷେପ ସମଗ୍ର ବିଶ୍ଵକୁ ଚକିତ କରାଇ ପାରିଥିଲା । ସମଗ୍ର ରାଷ୍ଟ୍ର ସମୁଦାୟକୁ ଜଣେଇଦେଲା ଯେ ବନ୍ଧୁତ୍ଵର ପରିଭାଷା କଣ ? କେମିତି ଥିଲା ସେ ଅପରେସନ ଚାଲନ୍ତୁ ଟିକେ ନଜର ପକେଇବା।

ମାଳଦ୍ଵୀପ ଆମର ଏକ ପଡୋଶୀ ରାଷ୍ଟ୍ର । ଭାରତର ଦକ୍ଷିଣ ପଶ୍ଚିମଦିଗରେ ଏହା ଅବସ୍ତିତ । ଭାରତ ମହାସାଗର କିଛି ଦ୍ଵୀପପୁଞ୍ଜ ସମୂହ ହେଉଛି ମାଳଦ୍ଵୀପ । ମାଲେ, ଏହାର ରାଜଧାନୀ । ୭୦୦ ବର୍ଗ ଫୁଟରୁ କମ ହେବ ଏ ମାଲେ ସହର । ସବୁଠାରୁ ଛୋଟ ଏବଂ ଖୁବ ସାନ୍ଦ୍ରତାରେ ବସବାସ କରୁଥିବା ସହର ମାନଙ୍କୁ ମଧ୍ୟରୁ ମାଲେ ସହର ଅନ୍ୟତମ । ଯେଉଁ ଦ୍ଵୀପପୁଞ୍ଜରେ ପ୍ରବଳ ମାତ୍ରାରେ ପ୍ରବାଳ ଦେଖିବାକୁ ମିଳେ । ଛୋଟ ମୋଟ ହୋଇ ୨୦୦ରୁ ଅଧିକ ଦ୍ଵୀପ ହେବ । ଏମିତ ଦେଖିବାକୁ ଗଲେ ସେଠାରେ ୧୦୦୦ ରୁ ଅଧିକ ଦୀପ ଅଛି କିନ୍ତୁ ସବୁ ଦୀପରେ ମନୁଷ୍ୟ ବସବାସ କରିନଥାନ୍ତି । ମାଳଦ୍ଵୀପ ସମୁଦ୍ର ପତନ ଠାରୁ ଖୁବ କମ, କେବଳ ଦେଢ଼ (୧.୫) ମିଟର ଉଚ୍ଚତାରେ ଅବସ୍ଥିତ । ଯଦି କେବେ ବିଶ୍ଵତାପନ (ଗ୍ଲୋବାଲ ୱାର୍ମିଙ୍ଗ)ଯୋଗୁଁ ସମୁଦ୍ରର ଜଳପତନ ବଢେ, ପ୍ରଥମ ଦେଶ ଭାବେ ମାଳଦ୍ଵୀପ ମହାସାଗରରେ

Download Magazine from www.aahwaan.com

ଲୀନ ହୋଇ ଯିବାର ଢେର ଆଶଙ୍କା । ଏହା ହିଁ ମାଳଦ୍ୱୀପ ମୁଖ୍ୟ ସମସ୍ୟା । ମାଳଦ୍ୱୀପ ଏସିଆ ମହାଦେଶର ସବୁଠାରୁ କ୍ଷୁଦ୍ରତମ ଦେଶ ଅଟେ । ଏହା ଏକ ଲମ୍ବାଳିଆ ଦ୍ୱୀପପୁଞ୍ଜ । ଏହାର ସମୁଦାୟ ଟେରିଟୋରିଅଲ ଅଞ୍ଚଳ ୯୦,୦୦୦ ବର୍ଗଫୁଟ ହେବ ।

୧୯୬୫ ମସିହା ପର୍ଯ୍ୟନ୍ତ ମାଳଦ୍ୱୀପ ଇଂରେଜ ମାନଙ୍କ ଅଧୀନରେ ଥିଲା । ୧୯୬୫ ମସିହାରେ ଦେଶ ସ୍ୱାଧୀନ ହେଲା ପରେ ୧୯୬୮ରେ ପ୍ରଥମ ନିର୍ବାଚନ ହୋଇଥିଲା । ୧୯୭୮ରେ ଅବଦୁଲ ଗାୟୁମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ଏବଂ ୧୯୭୮ ରୁ ୨୦୦୮ ପର୍ଯ୍ୟନ୍ତ ଲଗାତାର ୩୦ ବର୍ଷ କାଳ ଅବଦୁଲ ଗାୟୁମ ରାଷ୍ଟ୍ରପତି ହୋଇ ପାରିଥିଲେ । ଏମିତ ନୁହେଁ କି ଗାୟୁମଙ୍କୁ ଗାଦିଚ୍ୟୁତ କରିବା ପାଇଁ ପ୍ରୟାସ ହୋଇନଥିଲା । ବିନା ବାଧା ବିଘ୍ନରେ ତିନି ଦଶନ୍ଧି ଧରି ରାଷ୍ଟ୍ରପତି ରହି ପାରିଥିଲେ । ୧୯୮୦, ୧୯୮୩ ଓ ୧୯୮୮ ରେ ବହୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ପ୍ରଥମ ଦୁଇ ଥର ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । କିନ୍ତୁ ତୃତୀୟ ଥର ଯାହାକି ୧୯୮୮ରେ ହୋଇଥିଲା । ଏଥିରେ ସେ ଘୋର ଷଡ଼ଯନ୍ତ୍ରର ସମ୍ମୁଖୀନ ହୋଇଥିଲେ । ଏହି ଷଡଯନ୍ତ୍ରରୁ ଭାରତ ଗାୟୁମକୁ ମୁକ୍ତ କରିଥିଲା । ଏହା ଅପରେସନ କାକଟସର ବିଷୟ ବସ୍ତୁ ।

ଏହା ପୂର୍ବରୁ ଟିକେ ନଜର ପକାଇବା ମାଳଦ୍ୱୀପ ସହ ଅନ୍ୟ ଦେଶ ମାନଙ୍କ କିପରି ସମ୍ପର୍କ ଥିଲା ଓ ଭାରତ ସହ କି ଭଳି ସମ୍ପର୍କ ଥିଲା । ମାଳଦ୍ୱୀପ ଭାରତ ମହାସାଗରର ଏକ ଦ୍ୱୀପପୁଞ୍ଜ । ମାଳଦ୍ୱୀପର ଅବସ୍ଥିତି ଭାରତ ପାଇଁ ବହୁତ ଗୁରତ୍ୱ ବହନ କରିଥାଏ । ଭାରତର ଯେତେ ସବୁ ବେପାର ବାଣିଜ୍ୟ ମୁଖ୍ୟତଃ ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ସହ ହୋଇଥାଏ । ତେଣୁ ଜଳପଥ ଦେଇ ଯିବା ଆସିବା ମୁଖ୍ୟପଥ ହୋଇଥାଏ । ସବୁ ଜାହାଜ ମାଳଦ୍ୱୀପ ପାର୍ଶ୍ୱ ଦେଇ ଯାତାୟତ କରିଥାଏ । ଭାରତ ମାନଚିତ୍ରକୁ ଅନୁଧ୍ୟାନ କଲେ ସହଜେ ବୁଝିହେବ ।

Download Magazine from www.aahwaan.com

ଗୁଜରାଟ, ମୁମ୍ବାଇ ବନ୍ଦରରୁ ସବୁ ଜାହାଜ ଭାରତ, ମାଲ୍‌ଦ୍ୱୀପ ଓ ଶ୍ରୀଲଙ୍କା ଦେଇ ଯାତାୟାତ କରିଥାଏ । ତେଣୁ ଭାରତ ଏ ଦେଶ ମାନଙ୍କ ସହ ସବୁବେଳେ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରୁଥାଏ । ଭାରତର ସୁରକ୍ଷା ଓ ବାଣିଜ୍ୟ ଦୃଷ୍ଟିରୁ ମଧ୍ୟ ଏ ସବୁ ଦେଶ ସହ ସୁସମ୍ପର୍କ ନିହାତି ଆବଶ୍ୟକ ।

ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ମାଳଦ୍ୱୀପ ସହ ଭାରତର ସେତେଟା ଭଲ ସମ୍ପର୍କ ନଥିଲା । ମାଳଦ୍ୱୀପ ମୁଖ୍ୟତଃ ପାକିସ୍ତାନ ଆଡକୁ ଢଳି ରହୁଥାଏ । ହୁଏତ ମାଳଦ୍ୱୀପରେ ବହୁ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟ ବହୁଳ ଭାବରେ ବସବାସ କରୁଥିବାରୁ ପାକିସ୍ତାନ ସହ ଭଲ ସମ୍ପର୍କ ଥିଲା । କିନ୍ତୁ ଭାରତ ତା ଚେଷ୍ଟା ଜାରି ରଖିଥାଏ ମାଳଦ୍ୱୀପ ସହ ବନ୍ଧୁତ୍ୱକୁ ଦୃଢ କରିବା ପାଇଁ । ଏମିତ ଏକ ସୁଯୋଗ ଆସିଲା ଭାରତ ତାର ବନ୍ଧୁତ୍ୱର ପରିଚୟ ଦେଇ ପାରିଲା ।

ହଁ, ୧୯୮୦ ଓ ୧୯୮୩ ରେ ରାଷ୍ଟ୍ରପତି ଗାଦିଚ୍ୟୁତ କରିବାରେ ବିଫଳ ହେବାପରେ ୧୯୮୮ ବେଳକୁ ସେ ଯୋଜନାବଦ୍ଧ ଭାବେ  ଗାୟୁମ ଏକ ଷଡଯନ୍ତ୍ରର ସମ୍ମୁଖୀନ ହେଲେ ।  ଏ ଷଡଯନ୍ତ୍ରରେ ଦୁଇଟି ସଂଗଠନ ସାମିଲ ଥିଲେ । ଏ ଷଡଯନ୍ତ୍ରେ ପଛରେ ଯାହାର ପ୍ରଚ୍ଛନ୍ନ ହାତ ଥିଲା ସେ ହେଉଛି, ମାଳଦ୍ୱୀପର ସବୁଠାରୁ ଜଣେ ଧନୀ ବ୍ୟବସାୟୀ ସେ ହେଉଛନ୍ତି ଅବଦୁଲ୍ଲା ଲୁତୁଫି । ସେତେବେଳକୁ ଶ୍ରୀଲଙ୍କାରେ ତାର ବହୁଳ ବାଣିଜ୍ୟ ବ୍ୟବସାୟ ଯୋଗୁଁ ଶ୍ରୀଲଙ୍କାରେ ରହୁଥାଏ । ଲୁତୁଫି ଶ୍ରୀଲଙ୍କାରେ ସକ୍ରିୟ ଥିବା PLOTE (The People's Liberation Organisation of Tamil Eelam ) ଓ LTTE  (The Liberation Tigers of Tamil Eelam ) ସହ ମିଶି ଏହି ଷଡଯନ୍ତ୍ର ରଚିଥିଲା । ଯଦିଓ PLOTE ସେତେବେଳକୁ LTTE ର ପ୍ରବଳ ପ୍ରତିଦ୍ୱନ୍ଦୀ ।

Download Magazine from www.aahwaan.com

PLOTE ମନେ ମନେ ଏହି ବିଚାର କଲା କି ଯଦି ଲୁତୁଫି ରାଷ୍ଟ୍ରପତି ହୁଏ ତେବେ ଆମେ ସହଜରେ ଚୋରା ବ୍ୟବସାୟ କରିପାରିବା । ଏବଂ ସେଠାରେ ଏକ ପ୍ରକାର ଆମର ଆଧିପତ୍ୟ ଆସିଯାଇଥିବ ଯାହା ଫଳରେ ଆମେ ଶ୍ରୀଲଙ୍କା, ଭାରତ ଯାହାକୁ ଚାହିଁବୁ ଆକ୍ରମଣ କରିପାରିବୁ । ତାଙ୍କର ଗୋଟେ ଦ୍ୱୀପ ଉପରେ ଅଖଣ୍ଡ ଆଧିପତ୍ୟ ଜାହିର କରି ପାରିବେ । ଲୁତୁଫି ଏମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନ ଦେବ, ଯାହା ଚାହିଁବେ ତାହା ଅନାୟାସେ କରିପାରିବେ ।

ସେଦିନ ଥାଏ ୦୩/ନଭେମ୍ବର/୧୯୮୮ ଭୋର ସମୟ ଅନ୍ଧାର ହଟି ନଥାଏ । ଶ୍ରୀଲଙ୍କା ପଟୁ ପାଖା ପାଖି ୮୦ ଜଣ PLOTE ସଶସ୍ତ୍ର ମିଲିଟାଣ୍ଟ ମାଲେ ସହରରେ ପହଞ୍ଚିଲେ । ମାଲେ ସହରର ସବୁ ସରକାରୀ ମୁଖ୍ୟ କାର୍ଯ୍ୟାଳୟକୁ ଅକ୍ତିଆର କରିନେଲେ । ରାଷ୍ଟ୍ରପତିଙ୍କ ବାସଗୃହକୁ ବି କବଜା କରିନେଇଥିଲେ ସୌଭାଗ୍ୟ ବଶତଃ ରାଷ୍ଟ୍ରପତି ଗାୟୁମ ଗୁଳି ବନ୍ଧୁକ ଶବ୍ଦ ଶୁଣି ପଛ ଦୁଆର ଦେଇ ଆଉ ଏକ ଅଟ୍ଟାଳିକାରେ ସୁରକ୍ଷିତ ଭାବେ ଲୁଚିଗଲେ । କିନ୍ତୁ ତାଙ୍କର ପରିବାର ଲୋକଙ୍କୁ ଏବଂ ଅନ୍ୟ ମନ୍ତ୍ରୀମାନେ ପଣବନ୍ଦୀ ହୋଇ ରହିଲେ । ଧୀରେ ଧୀରେ ଏୟାରପୋର୍ଟ, ପୋର୍ଟ ଅଫ ଅଥୋରିଟି, ଟିଭି, ରେଡ଼ିଓ ଷ୍ଟେସନ ଏମିତି କି ସମ୍ପୂର୍ଣ୍ଣ ମାଲେ ସହରକୁ PLOTE ମାନେ କବଜା କରିନେଇଥିଲେ ।

ରାଷ୍ଟ୍ରପତି ଗାୟୁମଙ୍କ ବୈଦେଶିକ ସଚିବ ଫୋନ କରି ସବୁ ଦେଶକୁ ସାହାଯ୍ୟ ମାଗିଲେ । ପାକିସ୍ତାନ, ଶ୍ରୀଲଙ୍କା, ସିଙ୍ଗାପୁର, UK, USA, ସଭିଙ୍କୁ ସାହାଯ୍ୟ ମଗାଗଲା ମିଲିଟାଣ୍ଟ ମାନଙ୍କ କବଳରୁ ଆମକୁ ରକ୍ଷା କରାଯାଉ । ସରକାରଙ୍କ ଗାଦିଚ୍ୟୁତ କରିବାର ଷଡଯନ୍ତ୍ରରେ ଆମେ ଫସି ଯାଇଛୁ । ସବୁ ପଡୋଶୀ ରାଷ୍ଟ୍ର ମାନଙ୍କୁ ସାର୍ବଜନୀନ ସାହାଯ୍ୟ (SOS) ପଠାଗଲା । sos ହେଉଛି universal help (Save our Souls) ବୋଲି କୁହାଯାଏ ।

ପାକିସ୍ତାନ ବହୁତ ଦୂର କହି ମୁହଁ ଫେରାଇ ନେଲା । ଶ୍ରୀଲଙ୍କା ସାହାଯ୍ୟ କରିପାରିବନି

Download Magazine from www.aahwaan.com

ବୋଲି ହାତ ଟେକିଦେଲା । ଯଦିଓ ସେମାନଙ୍କର ଡର ଥିଲା LTTE ମାନଙ୍କର ଆଉ ଗୋଟିଏ ବେସ ସେଠି ଗଢି ନ ଉଠୁ । USA କହିଲା ଆମେ ତ ବହୁତ ଦୂରରେ ଅଛୁ ଆମେ ପହଁଚିଲା ବେଳକୁ ବହୁତ କିଛି ଘଟି ସାରିଥିବ । USA, UK ମତ ଦେଲେ ତମେ ଭାରତ ଉପରେ ଚାପ ପକାଉନ କାହିଁକି ? ସେ ତ ତୁମର ପଡୋଶୀ ଦେଶ ।

ଭାରତର ସାହାଯ୍ୟ ଲୋଡ଼ିବା କ୍ଷଣି ଭାରତ କଥା ରଖିଲା । ଏବଂ ଅବିଳମ୍ବେ କିଛି ସୈନ୍ୟ ସେ ଦିଗକୁ ପ୍ରେରିତ କଲା । ସେତେବେଳକୁ ରାଜୀବ ଗାନ୍ଧୀ ଥା'ନ୍ତି ଭାରତର ପ୍ରଧାନ ମନ୍ତ୍ରୀ । ତୁରନ୍ତ କ୍ୟାବିନେଟ ମିଟିଙ୍ଗ ଡକାଗଲା ଏବଂ ଏହା ନିଷ୍ପତି ନିଆଗଲା ଯେ ସେମାନଙ୍କୁ ସାହାଯ୍ୟ କରାଯାଉ । ତେଣୁ ଭାରତ ଅବିଳମ୍ବେ 1600 ସୈନ ମାଳଦ୍ୱୀପ ଅଭିମୁଖେ ପ୍ରେରଣ କଲା । ଆକାଶ ବାହିନୀ ଓ ଜଳବାହିନୀ ମିଶି ୧୬୦୦ ସୈନ୍ୟ ସେଥିରେ ସାମିଲ ହୋଇଥିଲେ । ମୁଖ୍ୟତଃ ୩୦୦ରୁ ୪୦୦ ପରାଟ୍ରୁପ ଆଗ୍ରାବେସରୁ ଦିନ ଗୋଟାଏରୁ ଉଡ଼ାଣ ଭରିଲା । ବିମାନ ସେଠି ପହଞ୍ଚିଲା ବେଳକୁ ସନ୍ଧ୍ୟା ୬ । କହିବାକୁ ଗଲେ ସନ୍ଧ୍ୟା ସୁଦ୍ଧା ଭାରତୀୟ ସୈନ୍ୟ ସେଠି ପହଞ୍ଚି ସାରିଥିଲେ । ବିମାନ ଯାଇ କେବଳ ହୁଲ ହୁଲ ବିମାନ ବନ୍ଦରରେ ଅବତରଣ କରିବାର ସୁବିଧା ଥାଏ । ଭାରତୀୟ ସୈନ୍ୟମାନଙ୍କ ପାଇଁ ଗୋଟେ ବଡ ଚାଲେଞ୍ଜ କହିଲେ ଚଳେ । ଆଗ୍ରାଠାରୁ ହୁଲ ହୁଲ ୨୭୦୦ କି.ମି ଦୂରତା । ଏତେ କମ ସମୟ ମଧ୍ୟରେ ନିଜ ସାଜ ସରଞ୍ଜାମ ପ୍ରସ୍ତୁତ କରିବା ଗୁଳି ବନ୍ଧୁକ ଯୋଗାଡ଼ କରିବା ସହଜ କଥା ନଥିଲା । ବର୍ତମାନ ବିମାନ ମାଳଦ୍ୱୀପରେ ପହଞ୍ଚି ସାରିଥାଏ । ମାଲେର ଭୌଗଳିକ ଅବସ୍ଥିତି ଓ ବାୟୁର ଗତି ବିପଦ ସଂକୁଳ ଘେରା । ପବନ ଯେଉଁ ବେଗରେ ବହୁଥାଏ ପାରାଚୁଟରେ ଅବତରଣ କଲେ, ପବନ ନେଇ ସେମାନଙ୍କୁ ସମୁଦ୍ରରେ ପକେଇବ । ଯେଉଁମାନେ ପାରାଚୁଟ ଓହ୍ଲାଇଥାନ୍ତି ସେମାନଙ୍କୁ ପାରାକମାଣ୍ଡୋ କୁହାଯାଏ । ସେମାନେ

Download Magazine from www.aahwaan.com

ମେରୁନ ରଙ୍ଗର କ୍ୟାପ(ବେରେ) ପିନ୍ଧିଥାନ୍ତି । ହଁ, ସେମାନେ ଯଦି ପାରାଚୁଟରେ ଓହ୍ଲେଇବେ ସିଧା ଯାଇ ସମୁଦ୍ରରେ ପଡିବେ ମିଶନ ବିଫଳ ହୋଇଯିବ । ତେଣୁ ବିମାନକୁ ଯେମିତ ହେଲେ ହୁଲହୁଲ ବିମାନ ବନ୍ଦରରେ ଅବତରଣ କରିବାକୁ ପଡିବ । ବିମାନ ବନ୍ଦର ଯେ ବିପଦ ସଂକୁଳ ନଥିବା ଏହା ଭାବିବା ବି ଭୁଲ । ଯଦି ମିଲିଟାଣ୍ଟ ମାନେ ସାମ୍ନା ପଟୁ ଗୁଳି ବର୍ଷଣ କରିବେ ସେଠି ଅପରେସନ ଶେଷ । ଭାଗ୍ୟ ବଶତଃ ମିଲିଟାଣ୍ଟ ମାନେ ବିମାନ ବନ୍ଦର କବଜା କରିନଥିଲେ । ସେମାଙ୍କ ଧାରଣା ଯେ ବିମାନ ବନ୍ଦରକୁ କିଏ କାହିଁକି ଆସିବ ଏତେ ଦୂରରୁ ? ସେମାନେ କେବେ ବି କଳ୍ପନା କରିନଥିଲେ କିଏ ବିମାନ ନେଇ ଆସିବ ବୋଲି । ସେମାନେ ସବୁ ଘାଟ, ବନ୍ଦରକୁ କବଜା କରି ରଖିଥିଲେ କିନ୍ତୁ ବିମାନ ବନ୍ଦରକୁ ଛାଡି ଦେଇଥିଲେ ।ତଥାପି ବିପଦ ଶଙ୍କୁଳ ଓ ପ୍ରତିକୂଳ ପରିସ୍ଥିତି ସହ ଗତି କରିବାକୁ ପଡିଥିଲା । ହୁଲହୁଲ ବିମାନ ବନ୍ଦରରେ ଅବତରଣ କରିବା ବି ଏକ ପ୍ରକାରର ବିପଦ ଶଙ୍କୁଳ ଥିଲା ଲ୍ୟାଣ୍ଡିଙ୍ଗ ଲେନ ପୁରା ଅନ୍ଧକାର ଦେଖା ଯାଉଥିବା ସତ୍ତ୍ୱେ ଖୁବ ସତର୍କତାର ସହ ପାଇଲଟଙ୍କୁ ଅବତରଣ କରେଇବାକୁ ପଡିଲା । ଯେଉଁ ବିମାନରେ ପାରାଟ୍ରୁପ ଆସିଥିଲେ ସେ ବିମାନ ନାଁ ଥିଲା Ilyushin Il-76 । ତା ପରେ ପାରାଟ୍ରୁପ ଡଙ୍ଗା ସାହାଯ୍ୟରେ ମାଲେ ସହରରେ ପହଞ୍ଚି ଅପରେସନ ଆରମ୍ଭ କଲେ । ଘରକୁ ଘର ବୁଲି ତନ ତନ କରି ତନଖି କରାଗଲା । ଖୋଜି ଖୋଜି ମାଲେ ସହରରୁ ସବୁ ମିଲିଟାଣ୍ଟକୁ ସଫା କରାଗଲା । ରାଷ୍ଟ୍ରପତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଗଲା ।

ଯଦିଓ କିଛି ସମୟ ଗୁଳି ଗୋଳା କିଛି ସମୟ ଚାଲିଥିଲା କିନ୍ତୁ ଭାରତୀୟ ସୈନ୍ୟ କିଏ ସହିଦ ହୋଇ ନଥିଲେ । କିନ୍ତୁ ରାଷ୍ଟ୍ରପତି ଗାୟୁମଙ୍କର କିଛି ସୁରକ୍ଷା କର୍ମୀ ସହିଦ ହୋଇଥିଲେ । କିଛି ମିଲିଟାଣ୍ଟ ପାଖାପାଖି ୨୭ କି ୨୮ ଜଣ ହେବେ ବୋଟ ଦ୍ୱାରା ଖସି

Download Magazine from www.aahwaan.com

ପଳେଇବାକୁ ଚେଷ୍ଟା କରୁଥିଲା ବେଳେ କିଛି ଗୁଳି ବୋଟରେ ବାଜି ଭାଙ୍ଗି ରୁଜି ଯାଇଥାଏ । ତଥାପି ସେମାନେ ଖୋଲା ସମୁଦ୍ର ମଧ୍ୟକୁ ପଳେଇ ଯିବାରେ ସକ୍ଷମ ହୋଇଥିଲେ । ସେମାନଙ୍କ ସହିତ ତାଙ୍କ ଲିଡର ଲୁତୁଫି ମଧ୍ୟ ସେ ବୋଟରେ ଥିଲା । ଭାରତୀୟ ସୈନ୍ୟଙ୍କୁ ଗୁରୁ ଦାୟିତ୍ୱ ଦିଆଗଲା ଯେ ସେ ବୋଟକୁ ଯେମିତ ହେଲେ ଧରିବା ପାଇଁ । ସେମାନଙ୍କୁ ସମୁଦ୍ର ମଝିରେ ଖୋଜିବାରେ INS GODABARI ଓ INS BETWA ନିୟୋଜିତ କରାଗଲା । ସେ ବୋଟକୁ ଧରାଗଲା ଓ ଲୁତୁଫି ସହ ଅନ୍ୟ ୨୭ ମରସିନାରୀ ମଧ୍ୟ ଧରାପଡ଼ିଲେ । ପ୍ରାୟ ମିଲିଟାଣ୍ଟକୁ ଜୀବିତ ଧାରାହୋଇଥିଲା ।

ଏହି କାକଟସ ଅପେରସନର ନେତୃତ୍ୱ ନେଇଥିଲେ ବ୍ରିଗଡିଆର F C BULUSARA । ଦୁନିଆ ସାରା ଏ ସଫଳତା ପାଇଁ ଭାରତକୁ ବାଃ ବାଃ କରିଥିଲେ । ଏମିତି କି ସେତେବେଳେ ଆମେରିକା ସହ ଭାରତର ଭଲ ସମ୍ପର୍କ ନଥାଏ , ଆମେରିକା ମଧ୍ୟ ଖୁବ ପ୍ରଂଶସା କରିଥିଲା ।

ଏହି ଅପେରସନର ନାମ  କାକଟସ ଦେବାର କାରଣଟା ହେଲା । ମାଳଦ୍ୱୀପରେ ବହୁଳ ମାତ୍ରାରେ ପ୍ରବାଳ ଦେଖିବାକୁ ମିଳେ । ଯାହାକି ନାଗଫେଣୀ ଭଳି ଦେଖିବାକୁ ଓ ସେଥିରେ ବି ସେମିତି କଣ୍ଟାଥାଏ । ସେ ପ୍ରବାଳ ସବୁ ନାଗଫେଣୀ ପରି ଦେଖା ଯାଉଥିବାରୁ ନାଗଫେଣୀ ଗଛକୁ ଇଂରାଜୀରେ କାକଟସ କହନ୍ତି ସେଥିପାଇଁ ସେ ଅପରେସନ ନାମ ଦିଆଯାଇଥିଲା କାକଟସ । ଅପରେସନ କାକଟସ ।

କଲ୍ୟାଣପୁର, ନୟାଗଡ

ମୋ- ୯୮୬୧୦୬୦୧୫୨

Download Magazine from www.aahwaan.com

# ଚନ୍ଦ୍ରଶେଖର ରଥଙ୍କ ଉପନ୍ୟାସ



ପୁଷ୍ପଲତା ସେଠୀ

ଚନ୍ଦ୍ରଶେଖର ରଥଙ୍କ ଉପନ୍ୟାସରେ ମାନବବାଦ'ର ସ୍ୱରୂପ

ବେଦ, ଉପନିଷଦଠାରୁ ଆରମ୍ଭ କରି ରାମାୟଣ, ମହାଭାରତ ପର୍ଯ୍ୟନ୍ତ ପ୍ରତ୍ୟେକ ସାହିତ୍ୟ ସୃଷ୍ଟିରେ ଏହି ମାନବିକ ଚିନ୍ତା ଓ ଆବେଦନ ହିଁ ପ୍ରତିଫଳିତ । ରାମାୟଣ ପ୍ରଣେତା ବାଲ୍ମୀକିଙ୍କର ଆଦ୍ୟ ଶ୍ଳୋକ ମଧ୍ୟ ଏହି ଶାଶ୍ୱତ, ମାନବିକ ସହାନୁଭୂତିର ପ୍ରଥମ ସ୍ପନ୍ଦନ ଜାତ କରିଥିଲା । ଶରବିଦ୍ଧ ବିହଙ୍ଗର କରୁଣ ଲୋତକ ହିଁ କବି ପ୍ରାଣରେ ସୃଷ୍ଟିକରିଥିଲା ମାନବିକତାର ମନ୍ଦାକିନୀ ଧାରା । ଭଗବତ ଗୀତାରେ ମଧ୍ୟ ବ୍ୟକ୍ତି ଓ ସମାଜରେ ଏହି ମାନବିକତା ଉଦାରତାର ଗୁରୁତ୍ୱ ଓ ମହତ୍ୱ ସ୍ୱୀକାର୍ଯ୍ୟ ।

ସାହିତ୍ୟର ସମସ୍ତ ବିଭାଗରେ ଏହା ପରିଦୃଷ୍ଟ ହୋଇଥାଏ । ଉପନ୍ୟାସ ମଧ୍ୟ ଏହାର ମୂଲ୍ୟବୋଧ ପରିଲିକ୍ଷିତ । ମାତ୍ର ସାମ୍ପ୍ରତିକ ସମୟରେ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଘଟିଛି । ଏହାର ଅର୍ଥ ନୁହେଁ ଯେ ମଣିଷର ମଣିଷ ପଣିଆ ନାହିଁ । ମାନବିକତା ନରହିଲେ ସମାଜରେ ସ୍ଥିତି ବଦଳି ଯିବ । ବ୍ୟକ୍ତି ଚେତନାରେ ଏବେ ବି ଏହି ମୂଲ୍ୟବୋଧ ରହିଛି ଏବଂ ରହିବ । ମନ୍ଦିରର ଶିଳା ରେ ଶିଉଳି ଲାଗି ମନ୍ଦିରର ସୌନ୍ଦର୍ଯ୍ୟ ହାନି କରିପାରେ ମାତ୍ର ମନ୍ଦିର ଧ୍ୱଂସ କରିପାରିବ ନାହିଁ । ଠିକ ସେହିପରି ମାନବୀୟ ମୂଲ୍ୟବୋଧରେ ହାନି ଘଟିଥିଲେ ହେଁ ତାହାର ସ୍ଥିତିକୁ ଅସ୍ୱୀକାର କରାଯାଇ ନପାରେ ।

ଯନ୍ତ୍ରାରୂଢ଼, ଅସୂର୍ଯ୍ୟ ଉପନିବେଶ, ନବଜାତକ ତିନୋଟି ଯାକ ଉପନ୍ୟାସରେ ମାନବୀୟ ମୂଲ୍ୟବୋଧ ଚିତ୍ର ସ୍ପଷ୍ଟ ପ୍ରତୀତ ହୋଇଥାଏ । କେଉଁଠାରେ ମାନବୀୟତାର ବନ୍ଦନା

Download Magazine from www.aahwaan.com

କରାଯାଇଥିବା ବେଳେ ଆଉ କେଉଁଠି ତାହାର ବ୍ୟତିକ୍ରମ ଦେଖାଯାଇଛି ତାହା ଏଠାରେ ଆଲୋଚ୍ୟର ବିଷୟ ।

"ଯନ୍ତ୍ରାରୂଢ" ଉପନ୍ୟାସରେ ସନାତନ ଦାସ ଏକ ବଳିଷ୍ଠ ଚରିତ୍ର । ସେ ଲକ୍ଷ୍ମୀନାରାୟଣ ମନ୍ଦିରର ପୂଜାରୀ । ତାଙ୍କର ଚିନ୍ତା ଚେତନାରେ ସେ ପରମାତ୍ମାଙ୍କ ସହିତ ମିଳିତ ହେବାର ବାସନା ତୀବ୍ର ହୋଇଥିବା ବେଳେ ସେ ସଂସାରର ନିୟମରେ ବ୍ୟତିକ୍ରମ କରିନାହାନ୍ତି । ସ୍ତ୍ରୀ , ପିଲାଛୁଆଙ୍କର କଥା ବୁଝିବା ସହିତ ବନ୍ଧୁବାନ୍ଧବଙ୍କୁ ନିଜର କରିଚାଲିଛନ୍ତି । ତାଙ୍କର ଅନ୍ତର ମଧ୍ୟରେ ଥିବା ସେହି ମାନବିକତାର ଚିତ୍ର ପ୍ରତିକ୍ଷେତ୍ରରେ ପରିଦୃଷ୍ଟ ହୋଇଛି । ସେ ଯେତେବେଳେ ପୁରାଣ ପାଠ କରନ୍ତି ସେତେବେଳେ ପୁରାଣର ବ୍ୟକ୍ତିଚେତନା ଫୁଟି ଉଠେ ତାଙ୍କର ମୁହଁରେ । ସେ ସେହି ଚରିତ୍ରର ସତ୍ତା ସହିତ ନିଜକୁ ସମାନ କରିଦିଅନ୍ତି । କାହା ସହିତ ଝଗଡା କରିବା, ପାରନିନ୍ଦା କରିବା ଆଦି ତାଙ୍କ ଠାରେ ଦେଖାଯାଏ ନାହିଁ ।

କହିବା ଯଥାର୍ଥ ହୋଇନଥାଏ । ଅନେକାଂଶରେ ମାନବୀୟ ମୂଲ୍ୟବୋଧର ବିନାଶ ଘଟିଛି ମାତ୍ର ଯେତେ ଦିନ ଯାଏ ମଣିଷପଣିଆ ରହିଥିବ ସେତେଦିନ ପର୍ଯ୍ୟନ୍ତ ସମାଜ ତିଷ୍ଠି ରହିପାରିବ । ଯେତେବେଳେ ମାନବୀୟ ମୂଲ୍ୟବୋଧର ସମ୍ପୂର୍ଣ୍ଣ ଅବକ୍ଷୟ ଘଟିବ ଏ ସୃଷ୍ଟିରେ ହାହାକାର ସୃଷ୍ଟି ହେବ । ସ୍ନେହ, ମମତା, ଭଲପାଇବା, ବିଶ୍ୱାସବୋଧ ସବୁକିଛି ଦୂର ହୋଇଯିବ ।

"ଅସୂର୍ଯ୍ୟ ନିବେଶ" ଉପନ୍ୟାସରେ ଜୟରାମ ମାନବିକତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଅନ୍ୟ ର ବିପଦ ଆପଦରେ ସ୍ୱର ଉଠେଇବାକୁ ପଛେଇ ନାହାନ୍ତି । ପ୍ରତିକ୍ଷେତ୍ରରେ ସେ ନିଜର ମଣିଷ ପଣିଆକୁ ନ ଭୁଲି ନିଜେ ଅନ୍ତର୍ଦହନ ଆନ୍ଦୋଳିତ ହୋଇଥିଲେ ହେଁ କାହାର କ୍ଷତି କରିନାହାନ୍ତି । ଏହି ସମୟରେ ସମାଜରେ ପରିବର୍ତ୍ତନ ଆସିଛି । ଯାହାଦ୍ୱାରା ମଣିଷ ନିଜର

Download Magazine from www.aahwaan.com

ମଣିଷ ପଣିଆ କୁ ଭୁଲି ଯାଇଛି । ନିଜ ସ୍ୱାର୍ଥକୁ ପୂରଣ କରିବା ପାଇଁ ସେ କିଛି ବି କରିବାକୁ ପ୍ରସ୍ତୁତ ଅଛି । ଅନ୍ୟର ହିତ ସାଧନ କରିବା ପରିବର୍ତ୍ତେ ଅନିଷ୍ଟ କରିବାର ଉପାୟ ବାହାର କରୁଛି । ଯାହା ଜୟନ୍ତ ପରି ଚରିତ୍ରରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ ।

ଜୟନ୍ତ ନିଜର ମଣିଷ ପଣିଆକୁ ଭୁଲିଯାଇ ସୁଜାତା ସହିତ ଅନୈତିକ ସମ୍ପର୍କ ସ୍ଥାପନ କରିଛି । ଜୟରାମ ବାବୁଙ୍କୁ ଅଫିସରୁ ବାହାର କରିବା ପାଇଁ ମିଛ ଲଛନା ଲଗାଇଛି । ମଣିଷ ମଣିଷ ପ୍ରତି ଯେଉଁ ଭଲପାଇବା ବିଶ୍ୱାସବୋଧ ରହିଥାଏ ତାହାର ଏକ ବ୍ୟତିକ୍ରମ ଜୟନ୍ତ ଠାରେ ଦେଖା ଦେଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଣିଷର ଚିନ୍ତାଚେତନା ରେ ଏହିପରି ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଯାହାଦ୍ୱାରା ମଣିଷର ମଣିଷ ପ୍ରତି ବିଶ୍ୱାସବୋଧ କମିଯାଇଛି । ମାନବୀୟ ମୂଲ୍ୟବୋଧ ଅବକ୍ଷୟ ଘଟୁଛି ।

"ନବଜାତକ" ଉପନ୍ୟାସରେ ଆଦିଭୌତିକ ଚେତନାକୁ ବ୍ୟକ୍ତ କରୁଥିଲେ ହେଁ ମଣିଷ ଜନ୍ମକୁ ଶ୍ରେଷ୍ଠ କୁହାଯାଇଛି । ସମସ୍ତ ଇତର ଜନ୍ତୁଙ୍କ ଠାରୁ ମଣିଷ ଶ୍ରେଷ୍ଠ । ବିଶିଷ୍ଟ ମୁନି ଋଷିମାନେ ଯୋଗ ନିମନ୍ତେ ଆଉ ଥରେ ମଣିଷ ଶରୀର ଧାରଣ କରିବାକୁ ଇଛା କରିଥାନ୍ତି । ଯାହା ଏହି ଉପନ୍ୟାସରେ ମଧ୍ୟ ଦେଖାଯାଇଥାଏ । ମଣିଷକୁ ଭଲପାଇବାର ପ୍ରେରଣା ଦେଇଛନ୍ତି ଦୀକ୍ଷିତ । ମଣିଷ ମଣିଷ କୁ ସେତିକି ଗଭୀର ଭାବରେ ଭଲ ପାଇପାରିଲେ ସବୁକିଛି ପରିବର୍ତ୍ତନ ହୋଇପାରିବ । ଦୁଃଖ କଷ୍ଟରୁ ସେ ମୁକ୍ତି ପାଇପାରିବ । ମାନବର ଜୟଗାନ ହୋଇଛି ଏହି ଉପନ୍ୟାସରେ ।

ସ୍ୱାଧୀନ ପରବର୍ତ୍ତୀ ସମୟରେ ସମାଜ ପରିବର୍ତ୍ତନ ଘଟିଛି । ମଣିଷର ଚିନ୍ତା ଚେତନାରେ ପରିବର୍ତ୍ତନ ଆସିଛି । ମଣିଷ ଯେତେ ପରିବର୍ତ୍ତନ ହୋଇଥିଲେ ହେଁ ତାହାର ମାନବିକତା ଯେ ସମୂଳେ ଧ୍ୱଂସ ହୋଇଛି କହିବା ଯଥାର୍ଥ ମନେ ହୋଇନଥାଏ । ଅନେକାଂଶରେ ମାନବୀୟ

Download Magazine from www.aahwaan.com

ମୂଲ୍ୟବୋଧରେ ବିକାଶ ଘଟିଛି ମାତ୍ର ଯେତେ ଦିନଯାଏ ମଣିଷ ର ମଣିଷ ପଣିଆ ରହିଥିବ ସେତେଦିନ ପର୍ଯ୍ୟନ୍ତ ସମାଜ ତିଷ୍ଠି ରହିପାରିବ । ଯେତେବେଳେ ମାନବୀୟ ମୂଲ୍ୟବୋଧର ସମ୍ପୂର୍ଣ୍ଣ ଅବକ୍ଷୟ ଘଟିବ ଏ ସୃଷ୍ଟିରେ ହାହାକାର ସୃଷ୍ଟି ହେବା ସ୍ନେହ, ମମତା, ଭଲପାଇବା, ବିଶ୍ୱାସବୋଧ ସବୁକିଛି ଦୂର ହୋଇଯିବ ।

ଗବେଷିକା, ବାଣୀବିହାର

ଉତ୍କଳ ୟୁନିଭରସିଟି

Download Magazine from www.aahwaan.com

# ପରିବେଶ ଦିବସ



ଶ୍ରୀ ରମା କାନ୍ତ ମିଶ୍ର

ଜୁନ ୫ ପରିବେଶ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ପ୍ରବନ୍ଧ

## ପରିବେଶ ପ୍ରସଙ୍ଗ

ଶ୍ରୀ ରମା କାନ୍ତ ମିଶ୍ର ପ୍ରାକ୍ତନ ସୁରକ୍ଷା ମୁଖ୍ୟ ଏବଂ ଚିଫ୍ ମ୍ୟାନେଜର ଟାଟା ରିଫ୍ରାକଟୋରିଜ୍ । ବର୍ତ୍ତମାନ ମଲ୍ଟି ଡ଼ିସିପ୍ଲିନାରୀ ସେଣ୍ଟର ଅଫ୍ ସେଫଟି, ହେଲ୍ଥ ଏଣ୍ଡ ଏନ୍‌ଭିରନ୍ମେଣ୍ଟ, ଭୁବନେଶ୍ୱର ରେ ପି.ଏସ ଆଇ.ଡି ୍ .ର ଅଧ୍ୟାପକ. ଓଡ଼ିଆ । ଏବଂ ଇଂରାଜୀରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ନିୟମିତ ଲେଖା ଲେଖି । ଇଂରାଜୀରେ ସୁରକ୍ଷା, ସ୍ୱାସ୍ଥ୍ୟ, ଏବଂ ପରିବେଶ ଉପରେ ୬ ଖଣ୍ଡ ପୁସ୍ତକ ପ୍ରକାଶିତ ଏବଂ ଉଚ୍ଚ ପ୍ରସଂଶିତ ।

[ପରିବେଶ ଚିନ୍ତା ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ଚିନ୍ତା । ଏବେ ପରିବେଶ ଯେଉଁ ଭଳି ଭାବରେ ଦୂଷିତ ହେଲାଣି ତାହା ଯଦି ସମସ୍ତେ ଅନୁଭବ ନ କରିବେ ଏବଂ ତାର ଉନ୍ନତି କଳ୍ପେ ସମସ୍ତେ ଯଦି ସହଯୋଗର ହାତ ନ ବଢ଼ାଇବେ ତେବେ ହୁଏତ ପୃଥିବୀ ଧ୍ୱଂସ ହେବାକୁ ବେଶୀ ସମୟ ଲାଗିବ ନାହିଁ । ତେଣୁ ପରିସ୍ଥିତି ର ଗାମ୍ଭିର୍ଯ୍ୟକୁ ବୁଝି ପରିବେଶ ର ଉନ୍ନତି ପାଇଁ ସମସ୍ତେ ନିଜ ନିଜ କର୍ତ୍ତବ୍ୟ କରିବା ଉଚିତ ।]

## ପରିବେଶ ସୁରକ୍ଷା

ମାଟି, ପାଣି, ପବନ ଏବଂ ୧୫ ଲକ୍ଷ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀ ମାନଙ୍କର ପାରସ୍ପରିକ ସମ୍ପର୍କକୁ ଆଧାର କରି ଗଠିତ ହୋଇଛି ଆମ ପରିବେଶ । ପରିବେଶ ଓ

Download Magazine from www.aahwaan.com

ଜୀବମଣ୍ଡଳ ପରସ୍ପର ଦ୍ୱାରା ପ୍ରଭାବିତ ଏବଂ ସେମାନଙ୍କ ମଧ୍ୟରେ ପାରସ୍ପରିକ ଆଦାନ ପ୍ରଦାନ ଫଳରେ ପରିବେଶରେ ଏକ ସୁସ୍ଥ ଭାରସାମ୍ୟ ରହିଥାଏ । ବେଳେ ବେଳେ ମଣିଷମାନେ ପରିବେଶ ନିୟମ ନ ମାନିବା ଦ୍ୱାରା ଏବଂ ଏହାକୁ ନିୟନ୍ତ୍ରଣାଧୀନ କରିବା ଫଳରେ ଉଭୟଙ୍କ ମଧ୍ୟରେ ଥିବା ଭାରସାମ୍ୟ ନଷ୍ଟ ହୋଇଥାଏ । ଜନସଂଖ୍ୟା ବୃଦ୍ଧି ଓ ମାନବ ସଭ୍ୟତାର କ୍ରମ ବିକାଶ ଫଳରେ ମଧ୍ୟ ପରିବେଶ ତାର ଭାରସାମ୍ୟ ହରାଉଛି । ଚିନ୍ତାଶୂନ୍ୟ ଭାବରେ ମଣିଷ ପ୍ରକୃତିକୁ ଲୁଣ୍ଠନ କରି ଚାଲିଛି । ଏ ସବୁର ଶୋଚନୀୟ ପରିଣତି ଏବେ ବ୍ୟାପକ ଭାବରେ ଅନୁଭୂତ ହେଲାଣି । ପାଣିପାଗରେ ପରିବର୍ତ୍ତନ ଏହାର ଏକ ଜ୍ୱଳନ୍ତ ଉଦାହରଣ ।

କୌଣସି କାରଣରୁ ଯଦି ମାଟି, ପାଣି, ଆଉ ପବନ ର ମାନରେ ପତନ ଘଟି ଥାଏ ଏବଂ ଏହା ବ୍ୟବହାର ଅନୁପଯୋଗୀ ହୋଇ ସ୍ୱାସ୍ଥ୍ୟ ହାନି କିମ୍ବା ପ୍ରତିକୂଳ ପରିବେଶ ସୃଷ୍ଟି କରିଥାଏ, ତେବେ ତାହାକୁ ପ୍ରଦୂଷଣ କୁହାଯାଏ ।

ଆମର ଉଦାସୀନତା ଆମ ଅଲକ୍ଷରେ ଆମକୁ ଧ୍ୱଂସ ଆଡକୁ ଟାଣି ନେଉଛି । ଏତିକି ବେଳୁ ସଂକଳ୍ପବଦ୍ଧ ହୋଇ ସଂଘବଦ୍ଧ ଭାବରେ ଉଦ୍ୟମ କଲେ ଆମେ ଆମର ଭାବି ବଂଶଧର ମାନଙ୍କ ପାଇଁ ଏକ ସୁନ୍ଦର ପରିବେଶ ଛାଡି ଯାଇ ପାରିବ । ବ୍ୟକ୍ତିଗତ ଏବଂ ସାମୁହିକ ଚେଷ୍ଟା ଫଳରେ ଆମେ ଅନେକ କିଛି କରି ପାରିବା ଯେପରି :

୧. ବାଡ଼ି ବଗିଚା ଓ ରାସ୍ତାଘାଟରେ ଗଛ ଲଗାଇବା ଏବଂ କୌଣସି ଜମିକୁ ଖାଲି ନ ଛାଡିବା ।

୨. ଆମେ ରହୁଥିବା ଜାଗାରେ ନିଜ ପାଇଁ କୃତ୍ରିମ ଜଙ୍ଗଲ ସୃଷ୍ଟି କରିବା ।

୩. ଗଛ କଟାକୁ ଦୃଢ଼ ହସ୍ତରେ ଦମନ କରିବା ।

୪. ଅଳିଆ ଆବର୍ଜନାକୁ ଏଠି ସେଠି ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଜମା କରିବା ।

୫. ନାଳ ନର୍ଦ୍ଦମାକୁ ସଫା ରଖିବା ।

Download Magazine from www.aahwaan.com

୬. ପ୍ଲାଷ୍ଟିକର ବ୍ୟବହାରକୁ ବନ୍ଦ କରିବା ।

୭. କଳ କାରଖାନାରୁ ନିର୍ଗତ ବାଷ୍ପ ଓ ନିଷ୍କାସିତ ଜଳକୁ ବିଶୋଧନ କରି ଛାଡିବା ।

୮. ସମସ୍ତଙ୍କୁ ପରିବେଶ ବିଷୟରେ ସଚେତନ କରିବା ।

## ବାୟୁ ପ୍ରଦୂଷଣ ନେଉଛି ଜୀବନ (ଏସିଆରେ ୪.୫ ନିୟୁତ ଟପିବ)

ଭାରତ ସମେତ ଏସିଆର ବିକାଶଶୀଳ ଦେଶ ଗୁଡିକ ରେ ବାୟୁ ପ୍ରଦୂଷଣ ଉଗ୍ରରୂପ ଧାରଣ କରିଛି । ଏଥିଯୋଗୁ ଶକ୍ତି କ୍ଷେତ୍ରରେ ଉତ୍ସର୍ଜନ ରୋକିବାରେ ସଫଳ ନ ହେଲେ ୨୦୪୦ ସୁଦ୍ଧା ଏସିଆ ର ୪.୫ ନିୟୁତ ଲୋକ ଅସମୟ ରେ ପ୍ରାଣ ହରାଇବେ ବୋଲି ଏକ ଅଧ୍ୟୟନ ରୁ ଜଣା ପଡିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇ.ଇ ଏ) ପକ୍ଷରୁ ପ୍ରକାଶିତ ରିପୋର୍ଟ ୱାର୍ଲଡ ଏନର୍ଜି ଆଉଟଲୁକ (ଡବ୍ଲ୍ୟୁ.ଇ.ଓ) ରେ କୁହାଯାଇଛିଯେ , ବାୟୁ ପ୍ରଦୂଷଣ ଯୋଗୁ ଏସିଆର ବାର୍ଷିକ ୩ ନିୟୁତ ଲୋକ ଅସମୟରେ ପ୍ରାଣ ହରାଉଛନ୍ତି । ଭାରତ ଓ ଚାଇନା ଭଳି ଦେଶରେ ଆଗାମୀ ଦିନରେ ଶକ୍ତି ଉତ୍ସର୍ଜନକୁ ନିୟନ୍ତ୍ରଣ ନ କରା ଗଲେ ଏସିଆ ର ଅଧିକ ୪.୫ ନିୟୁତ ଲୋକ ପ୍ରାଣ ହରାଇବେ ବୋଲି ସତର୍କ କରି ଦିଆ ଯାଇଛି ।

## ଆଶାତୀତ ବୃଦ୍ଧି ପାଇବ ପୃଥିବୀ ତାପମାତ୍ରା

ଭବିଷ୍ୟତରେ ପୃଥିବୀର ତାପମାତ୍ରା ଆଶାତୀତଭାବେ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକ ମାନେ କହିଛନ୍ତି । ଏକ ଅତ୍ୟାଧୁନିକ ପଦ୍ଧତିରେ ୫୬ ନିୟୁତ ବର୍ଷ ପୂର୍ବର ବିଶ୍ୱତାପନ ଓ ଅଙ୍ଗାରକାମ୍ଳ ଚକ୍ର ମାପି ବୈଜ୍ଞାନିକ ମାନେ ଏହି ସୂଚନା ଦେଇଛନ୍ତି । ସବୁଜ ଗୃହର ବାଷ୍ପ ବିକିରଣ ପ୍ରଭାବ ଯୋଗୁ ସୃଷ୍ଟି ହେଉଥିବା ପୃଥିବୀର ତାପମାତ୍ରା କେବଳ ବିକିରଣର ଆକୃତି ଉପରେ ନିର୍ଭର କରେ ନାହିଁ ବରଂ ପରିବେଶରେ ଥିବା ଅତିରିକ୍ତ ଗ୍ୟାସର ଉତ୍ସର୍ମୀକରଣ ପ୍ରଭାବ ଉପରେ ନିର୍ଭର କରିଥାଏ । ଏହି ପ୍ରଭାବ କୁ ଜଳବାୟୁ ସମ୍ବେଦନଶୀଳତା ଅସଂଖ୍ୟ କରଣ ଉପରେ ନିର୍ଭର କରେ । ତନ୍ମଧ୍ୟରୁ ବାଦଲ ର ଗଠନ ପଦ୍ଧତି ଏବଂ ଢାଙ୍କିବା ପଦ୍ଧତି

 Download Magazine from www.aahwaan.com

ଅନ୍ୟତମ । ବର୍ତ୍ତମାନ ଅପେକ୍ଷା ଅତୀତ ରେ ପୃଥିବୀ ର ଜଳବାୟୁ ଅଧିକ ସମ୍ବେଦନଶୀଳ ଥିଲା । ଏହା ମାନବ ଜଗତ ପାଇଁ ଏକ ଦୁଃସମ୍ବାଦ କାରଣ ଜଳବାୟୁ ସମ୍ବେଦନଶୀଳତାର ଆଧିକ୍ୟ ପୃଥିବୀର ତାପମାତ୍ରାକୁ ଆହୁରି ବଢ଼ାଇ ଦେବ ।

ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଳବାୟୁ ସମ୍ବେଦନଶୀଳତା ବୃଦ୍ଧି ପାଏ । ସେହି ଦୃଷ୍ଟିରୁ ମାନବକୃତ ସବୁଜ ଗୃହର ବିକିରଣ ହ୍ରାସ କରି ବାୟୁ ମଣ୍ଡଳର ଉଷ୍ଣତା କମାଇବା ଅଧିକ ହୋଇ ପଡିଛି ।

## ବାୟୁ ମଣ୍ଡଳରେ ଓଜୋନ ବାଷ୍ପ

ଆମ ବାୟୁ ମଣ୍ଡଳକୁ ସାଧାରଣତଃ ଚାରି ଭାଗରେ ବିଭକ୍ତ କରା ଯାଇଥାଏ : ୧. ଭୂ ପୃଷ୍ଠ ଠାରୁ ୧୧ କି.ମି. ଉଚ୍ଚତା ମଧ୍ୟରେ ଟ୍ରପୋସ୍ଫିଅର । ୨. ୧୧-୫୦ କି.ମି. ଉଚ୍ଚତା ପର୍ଯ୍ୟନ୍ତ ସ୍ଟ୍ରାଟୋସ୍ଫିୟର । ୩. ୫୦-୮୫ କି.ମି. ଉଚ୍ଚତା ପର୍ଯ୍ୟନ୍ତ ମେସୋସ୍ଫିୟର । ୪ ଏବଂ ଏହାଠାରୁ ଉପରକୁ ଥର୍ମୋସ୍ଫିୟର କୁହାଯାଏ । ଷ୍ଟ୍ରାଟୋସ୍ଫିୟରରେ ଓଜୋନ ବାଷ୍ପର ସ୍ତର ଥିବାରୁ ଏହାର ତାପମାତ୍ରା ଅଧିକ ହୋଇଥାଏ । ଏହି ଓଜନ ବାଷ୍ପର ସ୍ତରକୁ ପୃଥିବୀର ରକ୍ଷାକବଚ ଭାବରେ ଗ୍ରହଣ କରାଯାଏ । ସୂର୍ଯ୍ୟକିରଣରେ ବିଭିନ୍ନ ରଶ୍ମି ଯଥା: ୧. ଇନ୍‌ଫ୍ରାରେଡ ୨. ଅଲ୍ଟ୍ରାଭାଇଓଲେଟ ୩. ଭିଜିବଲ୍ ଆଦି ଥାଏ । ଅଲ୍ଟ୍ରାଭାଇଓଲେଟ ବା ଅତିବାଇଗଣୀ ରଶ୍ମି ଯାହାକି ମନୁଷ୍ୟ ପାଇଁ ଅତି କ୍ଷତିକାରକ, ପୃଥିବୀ ପୃଷ୍ଠରେ ପହଂଚି ପାରି ନ ଥାଏ । ଏହାକୁ ସ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ ସ୍ତର ଏକ ଛାତଭଳି କାମ କରି ଅଟକାଇଦେଇଥାଏ । ଏଥିପାଇଁ ଏହି ଓଜୋନ ସ୍ତର ମନୁଷ୍ୟ ହିତପକ୍ଷେ ଅତ୍ୟନ୍ତ ଜରୁରୀ । କିନ୍ତୁ ଚିନ୍ତାର ବିଷୟ ଯେ ବିଭିନ୍ନ ରାସାୟନିକ ଦ୍ରବ୍ୟ ର ପ୍ରଭାବରେ ଏହି ଓଜନର ସ୍ତର ଦ୍ରୁତ ଗତିରେ ନଷ୍ଟ ହେବାରେ ଲାଗିଛି ।

ମୁଖ୍ୟତଃ କ୍ଲୋରୋଫ୍ଲୋରୋକାର୍ବନ (ସି.ଏଫ.ସି) ହିଁ ଏହି ରାସାୟନିକ ଦ୍ରବ୍ୟ, ଯାହାକି

Download Magazine from www.aahwaan.com

ବିକାଶଶୀଳ ରାଷ୍ଟ୍ର ଗୁଡିକରେ ବହୁଳ ଭାବରେ ବ୍ୟବହୃତ ହେଉଛି । ଏହା ସାଧାରଣତଃ ରେଫରୀଜରେଟର, ଏଆରକଣ୍ଡିସନର, ୱାଟର କୁଲର ଇତ୍ୟାଦିରେ କୁଲାଣ୍ଟ ଭାବରେ ବ୍ୟବହାର କରାଯାଇଥାଏ । ଅନ୍ୟ କେତେକ ରାସାୟନିକ ଦ୍ରବ୍ୟ ଯଥା କାର୍ବନ-ଟେଟ୍ରାକ୍ଲୋରାଇଡ, ମିଥାଇଲ କ୍ଲୋରୋଫର୍ମ ଯାହାକି କପଡା ତଥା ଧାତୁ ସଫା କରିବା ନିମନ୍ତେ ବ୍ୟବହାର ହୋଇଥାଏ । ଏ ସବୁ ମଧ୍ୟ ଓଜୋନ ସ୍ତରରେ କ୍ଷତି କରିବାରେ ସହାୟକ ହୋଇଥାନ୍ତି । ଏହି ରାସାୟନିକ ଦ୍ରବ୍ୟ ଆଦି ବ୍ୟବହୃତ ହେବା ସମୟ ରେ ଧୀରେ ଧୀରେ ବାୟୁମଣ୍ଡଳ ଦେଇ କ୍ରମଶଃ ଉପରକୁ ଗତି କରିଥାନ୍ତି । ଏ ଗୁଡିକ ବାୟୁମଣ୍ଡଳ ରେ ଥିବା ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ସହିତ ପ୍ରତିକ୍ରିୟା କରି ନ ଥାନ୍ତି । ପ୍ରାୟତଃ ୧୦ - ୧୨ ବର୍ଷ ମଧ୍ୟରେ ଏହି ରସାୟନ ଦ୍ରବ୍ୟ ଗୁଡିକ ସ୍ଟ୍ରାଟୋସ୍ଫିୟର ରେ ପହଂଚି ଯାଇ ଥାନ୍ତି । ସେଠାରେ ପହଂଚିବା ପରେ ଅତିବାଇଗଣୀ ରଶ୍ମି ଦ୍ୱାରା ପ୍ରଭାବିତ ହୋଇ ଏଗୁଡିକ ବିଖଣ୍ଡିତ ହୋଇଯାନ୍ତି ଏବଂ ଯାହାଦ୍ୱାରା  କୋଲୋରିଂ ପରମାଣୁ ଅତିରେ ଓଜୋନ ଅଣୁକୁ ଭାଙ୍ଗି ଦେଇଥାଏ । ଏଭଳି ଓଜୋନ ଅଣୁକୁ ଭାଙ୍ଗିବା ଦ୍ୱାରା ଓଜୋନ ସ୍ତରରେ କ୍ଷତି ଘଟି ଥାଏ । ଗୁରୁତ୍ୱପୂର୍ଣ କଥା ହେଉଛି କ୍ଲୋରୋଫ୍ଲୋରୋକାର୍ବନ ଅଣୁ ସ୍ଟ୍ରାଟୋସ୍ଫିୟର ରେ ୭୫ - ୧୧୦ ବର୍ଷ ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇ ରହିଥାଏ ଏବଂ ଏହି ସମୟ ମଧ୍ୟରେ ଗୋଟିଏ କୋଲୋରିଂ ପରମାଣୁ ପ୍ରାଏ ଏକ ଲକ୍ଷ ଓଜୋନ ଅଣୁକୁ ଭାଙ୍ଗି ଦେଇଥାଏ । ଗବେଷଣା ରୁ ଏହା ଜଣାଯାଇଛି ଯେ ଶତକଡା ଏକଭାଗ ଓଜୋନ କମିବା ଫଳରେ ଶତକଡା ଦୁଇଭାଗ ଅତିବାଇଗଣୀ ରଶ୍ମି ପୃଥିବୀ ପୃଷ୍ଠରେ ପହଂଚି ଥାଏ । ଏହି ରଶ୍ମି ପ୍ରଭାବରେ ବିଭିନ୍ନ ରୋଗ ଯଥା - ଚର୍ମ, କର୍କଟ, ମୋତିଆବିନ୍ଦୁ ଇତ୍ୟାଦି ହୋଇଥାଏ । ଏହା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ । ଫଳରେ ଏଡ୍ସ ହେବାର ଆଶଙ୍କା ଅଧିକ ଥାଏ । ପରିସଂଖ୍ୟାନ ରୁ ଜଣାଯାଏଯେ, କେବଳ ଆମେରିକାରେ ଦୁଇ ଲକ୍ଷ ଲୋକ ଚର୍ମ କର୍କଟ ରୋଗରେ ଆକ୍ରାନ୍ତ

Download Magazine from www.aahwaan.com

ହୋଇ ମୃତ୍ୟୁବରଣ କରିବାର ଦୃଷ୍ଟାନ୍ତ ଅଛି ।

ଏହି ଅତିବାଇଗଣୀ - ବି ରଶ୍ମି ପୃଥିବୀପୃଷ୍ଠକୁ ଆସିବା ଦ୍ୱାରା ଟ୍ରପୋସ୍ଫିୟରରେ ଥିବା ଅମ୍ଳଜାନ ବାଷ୍ପ ଓଜୋନରେ ପରିଣତ ହୋଇଥାଏ ଏବଂ ଟ୍ରପୋସ୍ଫିୟରିକ ଓଜୋନ ପରିମାଣ ବୃଦ୍ଧି ଘଟିଥାଏ । ସାଧାରଣତଃ ଟ୍ରପୋସ୍ଫିୟରରେ ଅମ୍ଳଜାନ, ଅଙ୍ଗାରକାମ୍ଳ, ଯବକ୍ଷାରଜାନ ଇତ୍ୟାଦି ବ୍ୟତୀତ ୦.୨ ପି.ପି.ଏମ. ଓଜୋନ ବାଷ୍ପ ଥାଏ । ତେଣୁ ଟ୍ରପୋସ୍ଫିୟରରେ ଓଜୋନ ବାଷ୍ପରେ ବୃଦ୍ଧି ମନୁଷ୍ୟ ତଥା ପରିବେଶ ପାଇଁ କ୍ଷତିକାରକ । ଏହାଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ଥାଏ । କାରଣ ପରିବେଶ କହିଲେ ଟ୍ରପୋସ୍ଫିୟାରକୁହିଁ ବୁଝାଇ ଥାଏ । ଟ୍ରପୋସ୍ଫିୟରରେ ଓଜୋନ ମାତ୍ରା ବୃଦ୍ଧି ମନୁଷ୍ୟ ପାଇଁ ବିଭିନ୍ନ ରୋଗର କାରଣ ହୋଇଥାଏ । ଯଥା ଆଜ୍ମା, କର୍କଟ, ଚର୍ମ ରୋଗ, ମୋତିଆବିନ୍ଦୁ ଇତ୍ୟାଦି । ବିଶେଷ ଭାବରେ ରବର ଓ ପ୍ଲାଷ୍ଟିକ ତିଆରି ପଦାର୍ଥ ଓଜୋନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ ।ଏପରିକି ଉଦ୍ଭିଦ ଜଗତ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଅଧିକ ମାତ୍ରାରେ ଓଜୋନ ଉଦ୍ଭିଦର ସ୍ୱାଭାବିକ ବୃଦ୍ଧି କରାଇ ନ ଥାଏ ଏବଂ ପତ୍ରଝଡ଼ା ରୋଗ ମଧ୍ୟ ଦେଖାଦେଇଥାଏ । ପୃଥିବୀ ପୃଷ୍ଠ ର ତାପମାତ୍ରାରେ ବୃଦ୍ଧି ଏହାର ଏକ କାରଣ । ତାପମାତ୍ରାରେ ଯଥେଷ୍ଟ ବୃଦ୍ଧି ଯୋଗୁ ଅଂଶୁଘାତ ରେ ବହୁଲୋକ ପ୍ରାଣ ହରାଇଥାନ୍ତି । ତାପମାତ୍ରାରେ ବୃଦ୍ଧି ଫଳରେ ବରଫ ଶୃଙ୍ଗ ତରଳି ନଦୀ ଗୁଡିକ ରେ ବନ୍ୟା ସୃଷ୍ଟି ହୋଇଥାଏ । ସହରାଞ୍ଚଳ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ଫୋଟୋକେମିକାଲ ସ୍ମୋଗ ଓଜୋନ ଦ୍ୱାରା ହୋଇଥାଏ । ତେଣୁ ବାୟୁମଣ୍ଡଳରେ ଓଜୋନ ବାଷ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଟ୍ରପୋସ୍ଫିୟରରେ ଏହା ଅତ୍ୟନ୍ତ ଜରୁରୀ । ସ୍ଟ୍ରାଟୋସ୍ଫିୟର ରେ ଥିବା ଓଜୋନ ସ୍ତରରେ ଗର୍ତ୍ତ ଟ୍ରପୋସ୍ଫିୟରିକ ଓଜୋନ ବୃଦ୍ଧି ର କାରଣ । ତେଣୁ ଷ୍ଟ୍ରେଟସ୍ଫିୟରରେ ଥିବା ଓଜୋନ ସ୍ତରର ସୁରକ୍ଷା ସଙ୍ଗେ ସଙ୍ଗେ ଟ୍ରପୋସ୍ଫିୟରରେ ଓଜୋନ ବାଷ୍ପ ର ମାତ୍ରା ହ୍ରାସ ହେବା ଆବଶ୍ୟକ ।

Download Magazine from www.aahwaan.com

## ପ୍ରକୃତିର ଆଣ୍ଟିବାଇଓଟିକ୍

ମନୁଷ୍ୟକୁ ପ୍ରକୃତି ସହ ସହଭାଗୀ ହୋଇ ଚାଲିବାକୁ ହେବ କାରଣ ଏ ବିଶାଳ ପ୍ରକୃତିରେ ଆମେ ହେଉଛୁ କ୍ଷୁଦ୍ର ଅଣୁଜୀବ ପରି । ଆମେ ରୋଗକାରକ ଜୀବାଣୁ ପରି ପ୍ରକୃତିର କ୍ଷତି କଲେ ପ୍ରକୃତି ଟରନାଡୋ, ସୁନାମି, ବାତ୍ୟା, ମହାବାତ୍ୟା, ଭୂମିକମ୍ପ, ବିଶ୍ୱତାପନ, ଭଳି ଆଣ୍ଟିବାଇଓଟିକ ପ୍ରୟୋଗକାରୀ ଆମକୁ ଭୁପୃଷ୍ଠରୁ ନିଶ୍ଚିନ୍ହ୍ନ କରିଦେବ ଏବଂ ଭବିଷ୍ୟତରେ ଆହୁରି ଅନେକ ଅଜଣା ତାଣ୍ଡବ ମଧ୍ୟ ହୋଇପାରେ । ଆମେ ଜଙ୍ଗଲ ଧ୍ୱଂସ କଲେ ପ୍ରକୃତି ଆମପାଇଁ ଅନାବୃଷ୍ଟି ଓ ମରୁଭୂମି ସୃଷ୍ଟି କରେ, ଯାହାପାଇଁ ଗ୍ରୀଷ୍ମ ଋତୁ ରେ ଅତ୍ୟଧିକ ଗରମ ଓ ଶୀତ ରାତିରେ ଅତ୍ୟଧିକ ଥଣ୍ଡା ହୁଏ । ଏହା ବିଶ୍ୱ ତାପନ ବଢ଼ାଏ ଓ ଅମ୍ଳଜାନ ପରିମାଣ କମାଏ, ଯେଉଁ ଅମ୍ଳଜାନ ବଂଚିବା ପାଇଁ ଆମେ ଗ୍ରହଣ କରି ଥାଉ । ଭୂତଳ ଜଳସ୍ତର କମିବା ଫଳରେ ଆମେ ଠିକ ଭାବରେ ପିଇବା ପାଣି ପାଇପାରୁ ନାହିଁ ।

ଶିଳ୍ପ କାରଖାନଜନିତ ଧୂଳିକଣାରେ ଆମେ ଆମ ପରିବେଶକୁ ପ୍ରଦୂଷଣ କରୁ । ପ୍ରଶ୍ୱାସ ମାଧ୍ୟମରେ ପ୍ରକୃତି ଏହାକୁ ଆମ ଫୁସଫୁସରେ ପହଞ୍ଚେ ଏବଂ , 'ନିୟୁମୋକୋନିୟୋସିସ' ନାମକ ଫୁସଫୁସ ଜନିତ ରୋଗ ସୃଷ୍ଟି କରେ । ଅମ୍ଳଜାନ ଅଭାବହେତୁ ଆୟୁସୀମା କମିଥାଏ । ମାତ୍ରାଧିକ ଶିଳ୍ପ କାରଖାନା ହେବା ଦ୍ୱାରା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ସବୁଜ ଘର ବାଷ୍ପ ପରିମାଣ ବୃଦ୍ଧି ପାଏ । ଏହା ବାୟୁମଣ୍ଡଳର ଉପରିସ୍ଥ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି କରେ, ଯାହା ଫଳରେ ଅଧିକ ଅତିବାଇଗଣୀ ରଶ୍ମି ସୂର୍ଯ୍ୟାଲୋକରୁ ଆସି ଆମ ଶରୀରର ବାହ୍ୟ ଅଙ୍ଗ ରେ ପଡି ଚର୍ମ କର୍କଟ ସୃଷ୍ଟି କରେ । ଆମେ ଯେତେବେଳେ ନଦୀଶଯ୍ୟାରେ ବଡ଼ ବଡ଼ ଡ୍ୟାମ ସବୁ ନିର୍ମାଣ କରି ଜଳର ପ୍ରାକୃତିକ ଗତିପଥକୁ ଅତି ମାତ୍ରାରେ ଅବରୋଧ କରିଥାଉ ସେତେବେଳେ ପ୍ରକୃତି ବନ୍ଧକୁ ଭାଙ୍ଗି ଦେଇ ପାରେ । ସେହିଭଳି ମନୁଷ୍ୟ ଯେତେବେଳେ ବାତ୍ୟା, ଅତ୍ୟଧିକ ବନ୍ୟା, ଭୂକମ୍ପ ଭଳି ପ୍ରାକୃତିକ

Download Magazine from www.aahwaan.com

ବିପର୍ଯ୍ୟୟ ବିରୁଦ୍ଧରେ ବଂଚିବା ପାଇଁ ଚେଷ୍ଟାକରେ, ସେତିକିବେଳେ ପ୍ରକୃତି ମହାବାତ୍ୟା, ଟର୍ଣ୍ଣାଡୋ, ସୁନାମି, ଭୂସ୍ଖଳନ ଭଳି ଅଧିକ କ୍ଷମତା ସମ୍ପର୍ଣ୍ଣ ଆଣ୍ଟିବାଇୟୋଟିକ ପ୍ରୟୋଗ କରେ ।

ପ୍ରକୃତିସହ ସହଭାଗିତା ଭିତ୍ତିରେ ମନୁଷ୍ୟ ସମାଜ ଦୀର୍ଘଦିନ ଧରି ଏହି ଭୂପୃଷ୍ଠରେ ବଂଚିବାକୁ ହେଲେ ନିମ୍ନଲିଖିତ ବିଷୟ ଗ୍ରହଣ କରିବାକୁ ହେବ ଯଥା:

୧. ସୂର୍ଯ୍ୟରଶ୍ମୀକୁ ଶକ୍ତିର ମୁଖ୍ୟ ଉତ୍ସହ ଭାବରେ ବ୍ୟବହାର କରିବା ପାଇଁ ଆରମ୍ଭ ହୋଇଥିବା ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରାଇବା ।

୨. ପବନ କଳରୁ ଉପୂର୍ଣ୍ଣ ଶକ୍ତି ବ୍ୟବହାର କରିବା ।

୩. ଜଳ ସ୍ରୋତ  କୁ ପ୍ରତିରୋଧ ନ କରି ଜଳର ପ୍ରାକୃତିକ ସ୍ରୋତକୁ ବ୍ୟବହାର କରି ଅଟା କଳ ଚଳାଇବା ।

୪. କୋଇଲା, ପେଟ୍ରୋଲିୟମରୁ ଜାତ ଶକ୍ତିକୁ ନିୟନ୍ତ୍ରଣ କରିବା ।

୫. ଗୋବର ଓ ଅନ୍ୟାନ୍ୟ ଜୈବ ଉତ୍ସରୁ ଉପୂର୍ଣ୍ଣ ଶକ୍ତି ବ୍ୟବହାର କରିବା ।

୬. ପଶୁ ଓ ମନୁଷ୍ୟ ମଳ  ପୂରାମାତ୍ରାରେ ବ୍ୟବହାର କରିବା ବ୍ୟବସ୍ଥା କରିବା ।

୭. ବଡ଼ ବଡ଼ ନଦୀଯୋଜନା କାର୍ଯ୍ୟରୁ ଦୁରେଇ ରହିବା ।

୮. ନଦୀ, ପୁଷ୍କରିଣୀ, ହ୍ରଦ ତଥା ଭୂତଳ ଜଳ ପ୍ରଦୂଷଣକୁ ରୋକିବା ।

୯.କ୍ଷୁଦ୍ର ଗ୍ରାମୀଣ ଉଦ୍ୟୋଗ ଉପରେ ଗୁରୁତ୍ୱ ଦେବା ।

୧୦. ଜଙ୍ଗଲ କ୍ଷୟ ରୋକିବା ଓ ବହୁଳ ଭାବରେ ବୃକ୍ଷରୋପଣ କୁ ଆପଣାଇବା ।

୧୧. ବନ୍ୟ ଜନ୍ତୁଙ୍କ ପାଇଁ ଜଙ୍ଗଲ ସୃଷ୍ଟି କରିବା ।

୧୨. ଆଣବିକ ଅସ୍ତ୍ରର ପରୀକ୍ଷଣ ରୋକିବା ।

୧୩. ଆଣବିକ ତଥା ଯାନ୍ତ୍ରିକ ବର୍ଜ୍ୟ ବସ୍ତୁ ର ନିକାଶ କରିବା ।

 Download Magazine from www.aahwaan.com

୧୪. ଶବ୍ଦ ପ୍ରଦୂଷଣ ରୋକିବା ।

୧୫. ରାସାୟନିକ ସାର ପରିବର୍ତ୍ତେ କେବଳ ଜୈବ ସାର ପ୍ରୟୋଗ ଉପରେ ନିର୍ଭର କରିବା ।

୧୬. ମହାକାଶ ଯାନ ପ୍ରେରଣ କ୍ଷେତ୍ରରେ ନିୟନ୍ତ୍ରିତ ନୀତି ଆପଣାଇବା ଇତ୍ୟାଦି ।

### ସଂକୁଚିତ ହେଉଛି ଓଜୋନ ସ୍ତର ଗର୍ତ୍ତ

ଦକ୍ଷିଣ ମେରୁ ଅଂଚଳ ଉପରେ ଓଜୋନ ସ୍ତରରେ ଦେଖାଦେଇଥିବା ଗର୍ତ୍ତ କ୍ରମେ ସଂକୁଚିତ ହେବାର ଜଣାପଡିବା ପରେ ଗବେଷକ ମାନେ ଉତ୍ସାହିତ ହୋଇ ପଡିଛନ୍ତି । କାରଣ ଏହା ପରିବେଶ ପାଇଁ ଭଲ ଖବର ବୋଲି ସେମାନେ ସୂଚନା ଦେଇଛନ୍ତି । ଗବେଷକମାନେ ଏକ ଅଧ୍ୟୟନ ରୁ ଜାଣି ପାରିଛନ୍ତି ଯେ, ୨000 ମସିହା ପରଠାରୁ ଓଜୋନ ରେ ହୋଇଥିବା ଗର୍ତ୍ତ ୧.୫ ମିଲିୟନ ବର୍ଗ ମାଇଲ (୪ ନିୟୁତ ବର୍ଗ କିଲୋମିଟର ) ସଂକୁଚିତ ହୋଇ ଯାଇଛି ଯାହାକି ଭାରତର କ୍ଷେତ୍ରଫଳ ସହିତ ପ୍ରାଏ ସମାନ ।

ସୂଚନାଯୋଗ୍ୟ ଯେ, ଓଜୋନ ସ୍ତରରେ ଗର୍ତ୍ତ ହୋଇଥିବା ପ୍ରଥମ କରି ୧୯୫0 ରେ ଜଣା ପଡିଥିଲା । ୨0୧୫ ଅକ୍ଟୋବରରେ ଏହାର ଆକୃତି ରେକର୍ଡ ପରିମାଣରେ ବୃଦ୍ଧି ପାଇଥିଲା । ଚିଲି ସ୍ଥିତ କାଲବୁଗୋ ଆଗ୍ନେୟଗିରିରୁ ଅଗ୍ନି ଉଦ୍ଗିରଣ କୁ ଏଥିପାଇଁ ଦାୟୀ କରାଯାଇଥିଲା । ବୈଜ୍ଞାନିକ ମାନେ ଉପଗ୍ରହ, ଭୁପୃଷ୍ଠ ଭିତ୍ତିକ ଯନ୍ତ୍ରାଂଶ ଏବଂ ପାଗ ସୂଚକ ବେଲୁନ ବ୍ୟବହାର କରି ଏହା ଜାଣି ପାରିଛନ୍ତି । ଓଜୋନ ସ୍ତର ଧୀରେ ଧୀରେ ତାର ପୂର୍ବାବସ୍ଥାକୁ ଫେରି ଆସିବାର କାରଣ ସମ୍ପର୍କ ରେ ଗବେଷକ ମାନେ କହନ୍ତି ଯେ, କ୍ଲୋରୋଫ୍ଲୋରୋକାର୍ବନ (ସି.ଏଫ.ସି) ରୁ ସୃଷ୍ଟି ହେଉଥିବା ଆଟମୋଷଫେରିକ କଲୋରିଂ କ୍ରମାଗତ ହ୍ରାସ ଏଥିପାଇଁ ଦାୟୀ । ସୂଚନା ଯୋଗ୍ୟ ଯେ, ସି.ଏଫ.ସି. ବ୍ୟବହାର ନିଷିଦ୍ଧ କରିବା ଲାଗି ୧୯୮୭ ରେ ମଣ୍ଟ୍ରିଲ ପ୍ରଟୋକଲରେ ବିଶ୍ୱର ଅଧିକାଂଶ ଦେଶ ସ୍ୱାକ୍ଷର କରିଥିଲେ ।

Download Magazine from www.aahwaan.com

## କାର୍ବନ ମନୋକ୍ସାଇଡ଼ରୁ ଜୈବ ଇନ୍ଧନ

ଶିଳ୍ପାଂଚଳରୁ ନିର୍ଗତ ହେଉଥିବା ମନୋକ୍ସାଇଡ କୁ କେତେକ ଜୀବାଣୁ ଖାଇ ବଂଚି ଥାନ୍ତି । ଏହି ଜୀବାଣୁକୁ ବ୍ୟବହାର କରି ଜୈବ ଇନ୍ଧନ ଇଥାନାଲ ପ୍ରସ୍ତୁତି ପାଇଁ ବୈଜ୍ଞାନିକ ମାନେ ଏକ ନୂଆ ଉପାୟ ଖୋଜି ପାଇଛନ୍ତି । ଅଜୈବ ପଦାର୍ଥ ଏବଂ ଶିଳ୍ପ ସଂସ୍ଥାରୁ ଅପ ଦ୍ରବ୍ଯ ଭାବରେ ନିର୍ଗତ ହେଉଥିବା ମନୋକ୍ସାଇଡ଼ରୁ ଜୈବ ଇନ୍ଧନ ସୃଷ୍ଟି କରିବା ଲାଗି ବୈଜ୍ଞାନିକ ମାନେ ଚେଷ୍ଟା ଚଳାଇ ଛନ୍ତି । ଜୀବାଣୁକୁ ଆମ କାର୍ଯ୍ୟରେ ଲଗାଇବା ନିମନ୍ତେ ପ୍ରଥମେ ଆମକୁ ଜାଣିବାକୁ ହେବ ଯେ, ସେମାନଙ୍କର କିପରି ଖାଦ୍ୟ ହଜମ ପ୍ରକ୍ରିୟା ସମ୍ପାଦିତ ହୁଏ ଏବଂ ସେମାନେ କିଭଳି କାର୍ଯ୍ୟ ସମ୍ପାଦନ କରନ୍ତି । ଶିଳ୍ପ ସଂସ୍ଥାରୁ ନିର୍ଗତ ଅପଦ୍ରବ୍ଯ ରୁ ଇଥାନାଲ ପ୍ରସ୍ତୁତ କରିବା ବର୍ତ୍ତମାନ ସମୟର ଆବଶ୍ୟକତା । ତେଣୁ ସିନ୍ଥେଟିକ ଗ୍ୟାସ୍ ବା ସିନଗ୍ୟାସ୍ ପ୍ରସ୍ତୁତି ଏକ ମୁଖ୍ୟ ଜୈବ ପ୍ରଯୁକ୍ତି ଭିତ୍ତିକ ସମାଧାନ । ବୈଜ୍ଞାନିକ ମାନେ ଏହି ପ୍ରକ୍ରିୟାର ସ୍ୱାଭାବିକ ପ୍ରକୃତି ଜାଣିବାକୁ ଆଗ୍ରହୀ ଅଛନ୍ତି ।

ଇସ୍ପାତ କାରଖାନାରେ ଷ୍ଟିଲ ଉତ୍ପାଦନ ବେଳେ କୋକିଙ୍ଗ କୋଲ ବାହାରିବା ପରି ଗୁରୁ ଶିଳ୍ପ କାରଖାନାରୁ ଏକ ବାଇ ପ୍ରୋଡକ୍ଟ ଭାବେ କାର୍ବନ ମନୋକ୍ସାଇଡ ଗ୍ୟାସ ନିର୍ଗତ ହୋଇଥାଏ । ଏହି କାରବନ ମନୋକ୍ସାଇଡ କୁ ଜୀବାଣୁ କୋଷିକା ଥିବା ବାକ୍ଟେରିଆ କୁ ଛାଡିଦେଲେ ଜୀବାଣୁ ଗୁଡିକ କାର୍ବନ ମନୋକ୍ସାଇଡ ଇଥାନାଲରେ ପରିଣତ କରି ପାରିବେ । ଯାହା ଏକ ଜୈବ ଅଣୁ ଭାବରେ ପରିଚିତ । କାର୍ବନ ମନୋକ୍ସାଇଡ ହେଉଛି ଏକ ଅଣ ଜୈବିକ ଅଣୁ । ଏଥିରୁ ସୃଷ୍ଟ ଉପାଦାନକୁ ଆମେ ଆମର ମୂଲ୍ୟବାନ କାମରେ ଲଗାଇ ପାରିବା ।

## ଓଜୋନ ପ୍ରଦୂଷଣର ପ୍ରଭାବ

ଓଜୋନ ସ୍ୱଳ୍ପ ପରିମାଣରେ ଭୂ ସଂଲଗ୍ନ ବାୟୁ ମଣ୍ଡଳ ରେ ରହିଛି । ଭୂ ପୃଷ୍ଠରୁ ପ୍ରାୟ

Download Magazine from www.aahwaan.com

୧୬ -୪୦ କିଲୋମିଟର ଉଚ୍ଚା ସ୍ତ୍ରାଟୋ ମଣ୍ଡଳରେ ଓଜୋନ ଗ୍ୟାସ ଅଧିକ ସାନ୍ଦ୍ରତାରେ ବିଦ୍ୟମାନ । ଓଜୋନ ଗ୍ୟାସ ଅମ୍ଳଜାନର ହିଁ ଏକ ରୂପ । ଅମ୍ଳଜାନ ଅଣୁ ୨ଟି ପରମାଣୁରେ ଗଠିତ ହୋଇଥିବାବେଳେ ଓଜୋନ ଅଣୁ ୩ଟି ପରମାଣୁରେ ଗଠିତ । ଅମ୍ଳଜାନ ବଂଚିବାରେ ସହାୟତା କରୁଥିବାବେଳେ ଓଜୋନ କିନ୍ତୁ ବିଷାକ୍ତ । ଓଜୋନ ବାୟୁରେ ସ୍ୱଳ୍ପ ପରିମାଣରେ ଅଛି କିନ୍ତୁ ଯଦି ସାମାନ୍ୟ ଅଧିକ ପରିମାଣର ଏହି ଗ୍ୟାସ କୁ ମଣିଷ ଗ୍ରହଣ କରିବ ତେବେ ତାର ମୃତ୍ୟୁ ନିଶ୍ଚିତ । ଏହାହିଁ ପ୍ରକୃତିର ବିସ୍ମୟ । ସହସ୍ର ହଜାର ବର୍ଷ ଧରି ଏହି ବିଷାକ୍ତ ଗ୍ୟାସ ବାୟୁ ମଣ୍ଡଳରେ ଥିଲେ ମଧ୍ୟ , ଜୈବ ମଣ୍ଡଳରୁ ଊର୍ଦ୍ଧ୍ୱରେ ରହି ଜୀବ ଜଗତର ସୁରକ୍ଷା କରି ଆସୁଛି । ବାୟୁ ମଣ୍ଡଳର ଊର୍ଦ୍ଧ୍ୱ ସ୍ତରରେ ଏହି ଗ୍ୟାସ ସୃଷ୍ଟି ହୋଇ ନ ଥିଲେ ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି - 'ଖ' ପୃଥିବୀ ପୃଷ୍ଠରୁ ଜୀବନ ମୂଳପୋଛ କରି ସାରନ୍ତାଣି । ପ୍ରକୃତିରେ ବାୟୁ ମଣ୍ଡଳୀୟ ପ୍ରକ୍ରିୟା ଦ୍ୱାରା ଅମ୍ଳଜାନରୁ ଓଜୋନ ତିଆରି ହେଉଛି ଏବଂ ବିଲୟ ମଧ୍ୟ ହେଉଛି । ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣୀ ରଶ୍ମି ଅମ୍ଳଜାନ ଅଣୁକୁ ଭାଙ୍ଗି ପରମାଣୁ ସୃଷ୍ଟି କରେ । ଅଣୁ ଅମ୍ଳଜାନ ସହିତ ପରମାଣୁ ଅମ୍ଳଜାନ ମିଶି ଓଜୋନ ଅଣୁ ସୃଷ୍ଟି ହୁଏ । ଆଲୋକ  ପ୍ରକ୍ରିୟାରେ ଓଜୋନ ମଧ୍ୟ ଭାଙ୍ଗି ଅମ୍ଳଜାନରେ ପରିଣତ ହୁଏ । ମାତ୍ର ଏହି ପରିବର୍ତ୍ତନରେ ସନ୍ତୁଳନ ରହିଥାଏ । ଓଜୋନ ନୀଳ ରଙ୍ଗର ଏକ ଦୁର୍ଗନ୍ଧିୟା ଗ୍ୟାସ । ନିକଟରେ ଥିବା ବେଳେ ଏହା ପ୍ରାଣନାଶକ ଶତ୍ରୁ ଭାବରେ କାର୍ଯ୍ୟ କରୁଥିବାବେଳେ ଦୂରରେ ରହି ଜୀବଜଗତ ସୁରକ୍ଷାରେ ବ୍ରତୀ ହୋଇ ରହିଛି ।

ସୂର୍ଯ୍ୟାଲୋକରେ ଥିବା ୨୦୦ - ୪୦୦ ନାନୋମିଟର ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ରଶ୍ମି ଗୁଡିକୁ ଅତିବାଇଗଣୀ ବା ଅଲ୍ଟ୍ରାଭାଇଓଲେଟ ରଶ୍ମି କୁହାଯାଏ । ଏହି ଅତିବାଇଗଣୀ ରଶ୍ମୀକୁ ୩ ଭାଗ କରା ଯାଇଛି . ଯଥା :-

* ୨୦୦ - ୨୮୦ ନାନୋମିଟର ଅତିବାଇଗଣୀ ରଶ୍ମି - 'ଗ'

Download Magazine from www.aahwaan.com

* ୨୮୦ - ୩୨୦ ନାନୋମିଟର ଅତିବାଇଗଣୀ ରଶ୍ମି 'ଖ' ଏବଂ

* ୩୨୦ - ୪୦୦ ନାନୋମିଟର ଅତିବାଇଗଣୀ ରଶ୍ମି 'କ' .

ମହା କ୍ଷତିକାରକ ଅତିବାଇଗଣୀ ରଶ୍ମି 'ଖ' କୁ ଓଜୋନ ସ୍ତର ପୂର୍ଣ୍ଣ ରୂପେ ଶୋଷଣ କରିଥାଏ । ପ୍ରକୃତିରେ ଗଚ୍ଛିତ ହୋଇଥିବା ଏବଂ ମନୁଷ୍ୟ କୃତ ସୃଷ୍ଟି ହୋଇ ଥିବା ଯବକ୍ଷାରଯାନ, ଉଦ୍ଜାନ, ଓ  କଲୋରିଂ ରେ ଥିବା ଜୈବିକ ମାନଙ୍କ ଦ୍ୱାରା ଓଜୋନ ସ୍ତର ସହଜରେ କ୍ଷୟ ହେଉଛି । କ୍ଷଣ ଭଙ୍ଗୁର ବାୟୁର ଏହି ପତଳା ଆସ୍ତରଣ ସଫଳତାର ସହ ଘାତକ ଅତିବାଇଗଣୀ ରଶ୍ମି - 'ଖ' ଏବଂ 'ଗ' କୁ ଛାଣି ରଖିଥାଏ ଏବଂ ଅପେକ୍ଷାକୃତ କମ କ୍ଷତିକାରକ ଅତିବାଇଗଣୀ ରଶ୍ମି - 'କ' ଏହି ସ୍ତରକୁ ଅତିକ୍ରମ କରି ଯାଏ ।

ଜୀବମଣ୍ଡଳରେ ଓଜୋନ ଏକ କ୍ଷତିକାରକ ଗ୍ୟାସ ଓ ଏହାର ପ୍ରଦୂଷଣ ବିଭିନ୍ନ ଫସଲ ଉତ୍ପାଦନକୁ ଅତି ପ୍ରଭାବିତ କରିଥାଏ । ଜୀବାଂସ୍ମ ଇନ୍ଧନ ର ଦହନ ଫଳରେ , ଗାଡି ମଟର ଓ କଳ କାରଖାନାରୁ ନିର୍ଗତ ଧୂଆଁରୁ ପ୍ରଚୁର ନାଇଟ୍ରୋଜେନ୍ ଡାଇଅକ୍ସାଇଡ ବାୟୁ ମଣ୍ଡଳରେ ପ୍ରବେଶ କରୁଛି । ଏହା ଜୀବମଣ୍ଡଳରେ ଓଜୋନ ସୃଷ୍ଟିକାରକ ମାନଙ୍କ ମଧ୍ୟରେ ମୁଖ୍ୟ । ଓଜୋନ ଗ୍ୟାସ ଉଦ୍ଭିଦ ମାନଙ୍କ ପାଇଁ ବିଷ । ସୋୟାବିନ, ଗହମ, ବାଜରା, ଓଟ୍ , ମକା ଇତ୍ୟାଦି ଫସଲ ଉପରେ ଓଜୋନ ପ୍ରଦୂଷଣର  ପ୍ରଭାବକୁ ବିଭିନ୍ନ ଜଳବାୟୁ ଓ ଭୌଗଳିକ ଅଂଚଳରେ ପରୀକ୍ଷା କରା ଯାଇଛି । ଓଜୋନ ପ୍ରଦୂଷଣ ପ୍ରଭାବରେ ପାତ୍ରରେ ନାଲିଆ ଗାର ସୃଷ୍ଟି ହୁଏ,  ଅତ୍ୟଧିକ ଓ କ୍ରମାନ୍ୱୟ  ଭାବରେ ଓଜୋନ ଗ୍ୟାସ  ସଂସ୍ପର୍ଶରେ ଆସିବା ଦ୍ୱାରା ପତ୍ର ଗୁଡିକ ଆଘାତ ପ୍ରାପ୍ତ ହୁଅନ୍ତି । ଆଲୋକ ଶ୍ଳେସନ  ପ୍ରକ୍ରିୟାରେ ହ୍ରାସ ପରିଲକ୍ଷିତ ହେବା ଦ୍ୱାରା ଅମଳ କମ ହୁଏ । ଗଛର ବୃଦ୍ଧି ବାଧା ପ୍ରାପ୍ତ ହୁଏ । ଖାଦ୍ୟ ଶସ୍ୟର ପରିମାଣ ହ୍ରାସ ହେଲେ ମଧ୍ୟ ସେଥିରେ ଥିବା ଶ୍ୱେତସାର, ପୃଷ୍ଟିସାର, ଓ ସ୍ନେହସାର ପରିମାଣ ପ୍ରଭାବିତ ହୋଇ ନ ଥାଏ । ଆଳୁର ସଂଖ୍ୟା ଓ ଓଜନ ଖୁବ ପ୍ରଭାବିତ ହୋଇଥାଏ । ଆଳୁ ଗଛ ଏକ

Download Magazine from www.aahwaan.com

ମାସ ପର୍ଯ୍ୟନ୍ତ ଓଜୋନ ସଂସ୍ପର୍ଶରେ ଆସିଲେ ପତ୍ରର ଆଲୋକ ଶ୍ଲେଷଣ ପ୍ରକ୍ରିୟା ୫୦% ବାଧାପ୍ରାପ୍ତ ହୋଇ ଅମଳ ହ୍ରାସ ଘଟାଏ । ଆହୁରି ମଧ୍ୟ ଦେଖା ଯାଇଛି ଆବଶ୍ୟକୀୟ ବା ଆବଶ୍ୟକତାଠାରୁ ଅଧିକ ଜଳ ଉପଲବ୍ଧ ସ୍ଥାନରେ ଓଜୋନ ପ୍ରଦୂଷଣର ପ୍ରଭାବ ଉଲ୍ଲେଖନୀୟ ଓ ଜଳ କଷ୍ଟ ଅଂଚଳରେ ଓଜୋନ ପ୍ରଦୂଷଣର ପ୍ରଭାବ କମ୍ ।

କୋଷର ପ୍ଲାଜ୍ମା ଝିଲ୍ଲୀ ଓଜୋନ ଗ୍ୟାସ ଦ୍ୱାରା ପ୍ରଥମେ ଆଘାତପ୍ରାପ୍ତ ହୁଏ । ଏହାପରେ କୋଷ ଝିଲ୍ଲୀର ପୁଷ୍ଟିସାର ଓ ସ୍ନେହସାର ଅଂଶ ସହ ପ୍ରତିକ୍ରିୟା ଆରମ୍ଭ କରେ । ଓଜୋନ ପ୍ରଦୂଷଣ ଗଛ ମାନଙ୍କର ଶୀତ ସହନ ଶୀଳତା କମାଇ ଦେଉଥିବାରୁ ଅତ୍ୟଧିକ ଥଣ୍ଡା ବା କାଠୁଆ ଜାଡ ସମୟରେ ଗଛମାନେ ବଂଚିବା ପାଇଁ କଠୋର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି । ଓଜୋନ ପ୍ରଭାବରୁ ମୁକ୍ତ ହେବା ପରେ ୨ -୩ ସପ୍ତାହ ପରେ ଗଛମାନେ ସେମାନଙ୍କର ପୂର୍ବ ଅବସ୍ଥା କୁ ଫେରିଥାନ୍ତି । ସମ୍ବେଦନଶୀଳ ଓ କମ ସହନଶୀଳତା ଥିବା ଗଛମାନେ ପ୍ରାକୃତିକ ପରିବେଶରୁ ନିଶ୍ଚିହ୍ନ ହୋଇଯାନ୍ତି । ପୁରୁଣା ପତ୍ର ଗୁଡିକ ସହଜରେ ଆକ୍ରାନ୍ତ ହୁଅନ୍ତି ଫସଲ ଉତ୍ପାଦନ କମିବା ସହ ଖାଦ୍ୟ ଶସ୍ୟର ମାନ ମଧ୍ୟ ପ୍ରଭାବିତ ହୁଏ ।

ଷ୍ଟ୍ରେଟମଣ୍ଡଳରେ ଓଜୋନ ସ୍ତର କ୍ରମଶଃ ପତଳା ହେଉ ଥିବାରୁ ଅତିବାଇଗଣିରଶ୍ମି - 'ଖ' ପୃଥିବୀ ପୃଷ୍ଠରେ ପହଂଚିବାର ସମ୍ଭାବନା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ରଶ୍ମି କୋଷ ଡି.ଏନ. ଏ. କୁ ପ୍ରଭାବିତ କରି ନବୋଦ୍ଭାବନ କରିଥାଏ । ଫଳରେ ଜିନ୍‌ଗତ ତ୍ରୁଟି ଏବଂ କାନ୍‌ସର ସମ୍ଭାବନା ବୃଦ୍ଧି ପାଇଛି । ଅନିୟମିତ ଜନସଂଖ୍ୟାରେ ବୃଦ୍ଧି, ଜଙ୍ଗଲ ଜମି ଓ ଚାଷ ଜମି କୋଠାବାଡିରେ ପରିଣତ ହେବା ର ହାର ବଢି ଚାଲିଛି । ପ୍ରକୃତି ଓ ପରିବେଶ ସାଧାରଣ କ୍ଷମତା ଧାରଣ ର ସୀମା ଲଙ୍ଘନ କରି ଚାଲିଛି । ଜଳବାୟୁ ପରିବର୍ତ୍ତନ ଦ୍ରୁତଗତିରେ ହେଉଛି । ପ୍ରାକୃତିକ ବିପଦ ପ୍ରଳୟର ରୂପ ନେଉଛି । ପୃଥିବୀ ଏବଂ ଜୀବଜଗତ ଦ୍ରୁତ ଗତିରେ ଧ୍ୱଂସ ଦିଗକୁ ଗତି କରୁଛନ୍ତି ।

Download Magazine from www.aahwaan.com

# ବୃକ୍ଷ ହିଁ ମାନବଜାତିର ଶ୍ରେଷ୍ଠ ବନ୍ଧୁ

ପଚାଶ ବର୍ଷ ବଂଚୁଥିବା ଏକ ବୃକ୍ଷ ନିଜ ଜୀବନ କାଳ ମଧ୍ୟରେ ୨୫ ଲକ୍ଷ ଟଙ୍କାର ଅମ୍ଳଜାନ ନିର୍ଗତ କରେ, ୫୦ ଲକ୍ଷ ଟଙ୍କାର ବାୟୁ ବିଶୁଦ୍ଧ କରେ, ୨୫ ଲକ୍ଷ ଟଙ୍କାର ମୃତ୍ତିକା ସଂରକ୍ଷଣ କରେ, ୩୦ ଲକ୍ଷ ଟଙ୍କାର ଜଳଚକ୍ର ନିୟନ୍ତ୍ରଣ କରେ, ୨୫ ଲକ୍ଷ ଟଙ୍କାର ବାସସ୍ଥଳୀ ପ୍ରଦାନ କରେ ପକ୍ଷୀ-ପଶୁମାନଙ୍କୁ, ଏବଂ ୨ ଲକ୍ଷ ଟଙ୍କାର ପୃଷ୍ଟିସାର ପ୍ରସ୍ତୁତ କରେ ସମୁଦାୟ ଦେଢ଼ କୋଟି ରୁ ଅଧିକ ଅବଦାନ ରଖୁଥିବା ତଥା ପ୍ରକୃତି କୋଳରେ ଜୀବନ ଯାପନ କରୁଥିବା ଏକ ବୃକ୍ଷ ପ୍ରତିଦାନରେ ଆମଠାରୁ ଗୋଟିଏ ଟଙ୍କାର ସାହାଯ୍ୟ ମଧ୍ୟ ଗ୍ରହଣ କରି ନ ଥାଏ । ତେଣୁ ବୃକ୍ଷହିଁ ଆମର ପ୍ରକୃତ ବନ୍ଧୁ । ଏବଂ ବୃକ୍ଷ କୁ ରକ୍ଷା କରିବା ସମସ୍ତଙ୍କର ପରମ କର୍ତ୍ତବ୍ୟ ।

Download Magazine from www.aahwaan.com

# ପ୍ରାୟଶ୍ଚିତ



ପ୍ରଶାନ୍ତ କୁମାର ନାଥ

ବାହାଘର ଦୁଇଟି ମନର ମିଳନ । ଅଗ୍ନିକୁ ସାକ୍ଷୀ ରଖି ବେଦୀ ଚାରିପଟେ ସାତଘେରା ବୁଲିଗଲେ ଦୁନିଆଟା ସିନା ତାକୁ ବାହାଘର କହିଥାଏ । ହେଲେ ପ୍ରକୃତରେ କଣ ବାହାଘରର ମାନେ କଣ ସେୟା ? କେତେବେଳେ ସେହି ବାହାଘର କାହାର ଅନିଚ୍ଛା ସତ୍ତ୍ୱେ ହୋଇଥାଏ ତ କେତେବେଳେ କାହାକୁ ଜୋରଜବରଦସ୍ତି କାହା ବେକରେ ଛନ୍ଦି ଦିଆ ଯାଇଥାଏ । ପରବର୍ତ୍ତୀ ସମୟରେ ସେମାନଙ୍କ ବୈବାହିକ ଜୀବନରେ ମତପାର୍ଥକ୍ୟ ଦେଖା ଦେଇଥାଏ ଓ ପରିବାରରେ ଅଶାନ୍ତି ଲାଗି ରହିଥାଏ ।

ସମୟଥିଲା ପୁଅଝିଅମାନେ ପରିବାରର ସ୍ୱୀକୃତିକୁ ସମ୍ମାନ ଦେଇ ବାହାହୋଇ ଯାଇଥିଲେ । ଆଉ ନିଜର ଭାଗ୍ୟକୁ ଆଦରି ଜଣେ ଅନ୍ୟକୁ ଆଦରି ନେଉଥିଲେ । ଆଉ ନିଜର ବୈବାହିକ ଜୀବନ ହସଖୁସିରେ କାଟି ଦେଉଥିଲେ । ଧୀରେ ଧୀରେ ସେହି ପରମ୍ପରା ବଦଳିବାକୁ ଲାଗିଲା । ବିବାହ ପୂର୍ବରୁ ପୁଅଝିଅ ମାନଙ୍କୁ ସାମ୍ନାସାମ୍ନି ଦେଖିବାର ସୁଯୋଗ ମିଳିଲା । ଆଉ ପରିବାର ଲୋକମାନେ ସେମାନଙ୍କ ଠାରୁ ଅନୁମତି ନେଇ ଏହି ବିବାହ କାର୍ଯ୍ୟ ସମ୍ପାଦନ କଲେ । ପୁଣି କିଛି ପରିବର୍ତ୍ତନ ଆସିଲା ପୁଅଝିଅ ମାନଙ୍କୁ ଖୋଲାଖୋଲି ଭାବେ ମିଶିବାର ସୁଯୋଗ ଦିଆଗଲା । ଜଣେ ଅନ୍ୟଜଣଙ୍କର ପସନ୍ଦ ନାପସନ୍ଦ ଭଲମନ୍ଦ ଇତ୍ୟାଦି ବିଷୟରେ ଅବଗତ ହେଲା ପରେ ଯଦି ସେମାନେ ଅନୁଭବ କଲେ ଦୁହେଁ ଦୁହିଁଙ୍କ ସହିତ ସୁଖଶାନ୍ତିରେ ରହିପାରିବେ ତା ହେଲେ ବିବାହ ସ୍ଥିର କରଗଲା । ଅବଶ୍ୟ ଏ କ୍ଷେତ୍ରରେ ପ୍ରେମବିବାହର କଥା ଅଲଗା । ଆଉ ଯୌତୁକ ପ୍ରଥାଟି ପ୍ରଥମରୁ ଆଜି ଯାଏ ମଧ୍ୟ

Download Magazine from www.aahwaan.com

ରହିଆସିଛି । କିନ୍ତୁ ଧୀରେ ଧୀରେ ତାହା ବଦଳିବାରେ ଲାଗିଛି । ଯୌତୁକର ଅର୍ଥ ହେଲା କିଛି ଦାବି କରିବା । ଆଗରୁ ପୁଅମାନଙ୍କ ଯୋଗ୍ୟତାକୁ ମାପି କେତେବେଳେ ଝିଅଘର ସ୍ୱଇଚ୍ଛାରେ ଏହି ଯୌତୁକ ପ୍ରଦାନ କରୁଥିଲେ ତ କେତେବେଳେ ବରଘର ତରଫରୁ ଦାବି କରା ଯାଉଥିଲା । ଏବେ କିନ୍ତୁ ସମୟ ବଦଳି ଯାଇଛି ଏବେ ବରପାତ୍ର ପାଇଁ କନ୍ୟା ମିଳିବା ମଧ୍ୟ କଷ୍ଟ ହୋଇ ପଡ଼ିଲାଣି । ଯୌତୁକ କଥା ଦୁରେଥାଉ ଏବେ କନ୍ୟା ଘର ତରଫରୁ ଦାବି କରିବା ଆରମ୍ଭ ହୋଇଗଲାଣି ।

ସେଦିନ ରାଧକାନ୍ତ ସାହୁ ଆଉ ତାଙ୍କ ସ୍ତ୍ରୀ ମାଳତୀଦେବୀ ଯାଇଥିଲେ କନ୍ୟାଘରକୁ ନିଜର ପୁଅପାଇଁ କନ୍ୟାପାତ୍ରୀ ଦେଖିବାକୁ । ଆଉ ସେମାନେ କିଛି ପଚାରିବା ଆଗରୁ ଦୁହେଁ କହି ପକାଉଥିଲେ "ଆଜ୍ଞା ଆମର ଗୋଟିଏ ବୋଲି ପୁଅ । ଆମେ ବୁଢାବୁଢ଼ୀ ଅନ୍ତେ ସବୁ ସମ୍ପତି ସେ ହିଁ ଉପଭୋଗ କରିବ । କେଉଁଥିକୁ ଅଭାବ ନାହିଁ । ଆପଣ ଖାଲି ହଁ କହିଦେଲେ, ବିବାହ ସାଙ୍ଗେ ସାଙ୍ଗେ କରିଦେବା । ଆପଣଙ୍କ ଝିଅ ମାଲିକାଣୀ ହୋଇରହିବ । କୋଉଠିକି ଅଭାବ କରିବୁନି । "

"କ୍ଷମାକରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକେ କମ, ତେଣୁ ମୋ ଝିଅ ନାପସନ୍ଦ କରୁଛି । ସିଏ ଚାହୁଁଛି ଅନ୍ତତଃ ଛଅ ଫୁଟ ଉଚ୍ଚତା ଥିବା ଭଳିଆ ବର ଗୋଟେ । ନଥିଲେ ବି ଚଳିବ ଅନ୍ତତଃ ପକ୍ଷେ ଘରେ ବଡ଼ କାରଟିଏ ଥିବ । ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ । "

ସେସବୁ ବ୍ୟବସ୍ଥା ବିବାହ ପୂର୍ବରୁ କରିଦେବୁ । ଆପଣ ଖାଲି ହଁ କୁହନ୍ତୁ । ଦେଖନ୍ତୁ ବହୁ ଆଶା କରିଆସିଛୁ । ବାରଦୁଆର ଶୁଣ୍ଠି ପିଣ୍ଡା ହେଲୁଣି, କୋଉଠି ବି ପ୍ରସ୍ତାବଟେ ହେଉନି । ଆପଣ ଯଦି ଚାହାନ୍ତି ଆମେ ଅଗ୍ରୀମ କିଛି ଅର୍ଥଦେବାର ବ୍ୟବସ୍ଥା ବି କରିଦେବୁ । ଆପଣ

Download Magazine from www.aahwaan.com

ଖାଲି ହଁ କୁହନ୍ତୁ ।

ଦେଖନ୍ତୁ ଦୁନିଆରେ ଝିଅଙ୍କ ସଂଖ୍ୟା କମି କମିଯାଉଛି । ଆମର ବହୁତ ଜାଗାରୁ ପ୍ରସ୍ତାବ ଆସୁଛି । ସମସ୍ତେ ଥିଲାବାଲା ଘର । ଆଉ ସେମାନେ ଆମର ସବୁ ପ୍ରସ୍ତାବ ଆଉ ସର୍ତ୍ତରେ ମଧ୍ୟ ରାଜି ହେଉଛନ୍ତି, ତେଣୁ ଆମେ ଏତେ ଭଲ ଭଲ ପ୍ରସ୍ତାବ ଛାଡି ତୁମ ପୁଅ ସାଙ୍ଗେ ବାହାଘର କରେଇବୁ କାହିଁକି । ଏମିତି ତ ଆମ ଝିଅ ତୁମ ପୁଅକୁ ପସନ୍ଦ କରୁନି । ତାପରେ ବି ସିଏ କିଛି କାମଦାମ ଶିଖିନି । ଫେସବୁକ ହ୍ୱାଟ୍ସଆପରେ ତାର ଦିନ ବିତୁଛି । ମାସକୁ ମାସ ତାର ଇଣ୍ଟରନେଟ ପ୍ୟାକ ମଧ୍ୟ ଦରକାର । ତୁମଘରେ ଚାକର ବାକର ମଧ୍ୟ ନାହାନ୍ତି । ତେଣୁ ଆମେ ତାକୁ ତୁମ ପୁଅ ସହିତ ବାହାଦେଇ ପାରିବୁନି ତୁମେ ଅନ୍ୟଆଡ଼େ ଦେଖ ।

ମନଦୁଃଖରେ ଘରକୁ ଫେରି ଆସିଲେ । ସନ୍ଧ୍ୟା ଗଢି ରାତିହେଲା ସେମିତି ବିଛଣାରେ ପଡ଼ିଥାନ୍ତି କିନ୍ତୁ ଆଖିକୁ ନିଦ ଆସୁ ନଥାଏ । ପୁଅକୁ ଆସି ୩୨ବର୍ଷ ହେଲାଣି । ଏଯାଏଁ ତା ପାଇଁ କନ୍ୟା ପାତ୍ରିଟେ ଯୋଗାଡ଼ କରି ପାରିଲେନି । ମାଳତୀଦେବୀଙ୍କ ଆଖିରେ ନାଚି ଯାଉଥାଏ ପୂର୍ବର ସେହି ସବୁ କାହାଣୀ । ପୁଅ ଆଶା କରି କରି ୪ ଥର ସେ କନ୍ୟାଭ୍ରୁଣ ହତ୍ୟା କରାଇଛନ୍ତି । ଯାହାର ଫଳ ସ୍ୱରୂପ ଆଜି ତାଙ୍କୁ ଏତେ ହୀନସ୍ତା ହେବାକୁ ପଡୁଛି । ଖାଲି ମାଳତୀଦେବୀ ନୁହେଁ ଦୁନିଆରେ ଅନେକ ପିତାମାତା ପୁଅ ଆଶାରେ କନ୍ୟା ଭ୍ରୁଣହତ୍ୟା କରୁଛନ୍ତି । ଯାହାଫଳରେ ଝିଅଙ୍କ ସଂଖ୍ୟା କମିକମି ଯାଉଛି । ପୁଅମାନଙ୍କୁ ଝିଅ ମିଳୁନି ବିବାହ କରିବାପାଇଁ । ବାକି ଯେତେ ଝିଅ ରହିଲେ ସେମାନଙ୍କ ସବୁ ଦାବିପୂରଣ କରିବାକୁ ପୁଅମାନେ ସକ୍ଷମ ହେଇ ପାରୁନାହାନ୍ତି ।

କିନ୍ତୁ ଯଦି କନ୍ୟା ଭ୍ରୁଣହତ୍ୟା ନ ହୁଅନ୍ତା ତ ହେଲେ କଣ ଏତେ ଅସୁବିଧା ହୁଅନ୍ତା ।

Download Magazine from www.aahwaan.com

ଆଜିକାଲି ଝିଅମାନେ କୌଣସି ଗୁଣରେ କମ ନୁହନ୍ତି । ଆଉ ଯଦି ଏମିତି ଚାଲୁ ରୁହେ ତାହେଲେ ଦିନ ଆସିବ କୋଟି କୋଟି ଟଙ୍କା ଖର୍ଚ୍ଚକରି ମଧ୍ୟ ନିଜର ପୁଅପାଇଁ ଝିଅଟିଏ ଯୋଗାଡ଼ କରିବା ଅସମ୍ଭବ ହୋଇପଡିବ ।

ମାଳତୀଦେବୀ ଭାବୁଥାନ୍ତି ନିଶ୍ଚିତ ଏହା ମୋର କଳାକର୍ମର ଫଳ । ଯାହାର ପ୍ରାୟଶ୍ଚିତ କରିବାପାଇଁ ମଧ୍ୟ ଉପାୟ ନାହିଁ ।

ସୁନ୍ଦରପୁର, ଉତ୍ତର କୂଳହାଟ, ପ୍ରୀତିପୁର, ଯାଜପୁର ୭୫୫୦୧୩

ମୋ- ୮୩୨୦୩୨୮୩୪୫

Download Magazine from www.aahwaan.com

# ବୋହୁଚୋରୀ



ପରମିତା ମିଶ୍ର

ବାଃ ବାଃ, କି ପ୍ରସ୍ତାବ ଖଣ୍ଡେ ମିଳିଛି ଆଜ୍ଞା, ପାନ ଛେପ ଥୁକି କହି ହେଉଥିଲା ରାଧେ ଆଚାର୍ଯ୍ୟ । ଯେମିତି ଆପଣେ ଖୋଜୁଥିଲେ ହୋ ଠିକ୍ ହେମିତି । ବୁଝିଲେ ହୋ ଆଜ୍ଞା ଝିଅ ବମ୍ବେରେ ଚାକିରି କରୁଛି । ବାପା ତାର ଚାକିରି ଅବସର ହୋଇ ଘରେ ରହିବି ମାସକୁ ମାସ ପଚାଶ ପାଉଚି । ଆରେ ସରକାରୀରେ କି ଅଫିସର ଥେଲା ବୁଝିଲ ଆଉ ଝିଅ ମ, ପୁରା ଲକ୍ଷ୍ମୀ ମାଆ ତ ଆଉ ମାସକୁ ୨ଲକ୍ଷ ରୋଜଗାର କରୁଛି । ବିଶ୍ୱମ୍ବର ସିଂଦେଓ ପିଇ ଯାଉଥିଲା ରାଧେର କଥା ସବୁ । ଛେପ ଢୁକି କହିଲା ଆଚାର୍ଯେ ଏମିତି ପ୍ରସ୍ତାବଟେ ତମେ ପାଇଲ କୋଉଠୁ । କାହିଁ ଆଗରୁ ତ କହି ନଥିଲ । ରାଧେ ଆଚାର୍ଯ୍ୟ ଯୋଗସୂତ୍ର.କମ୍ ପାଖରେ ସବୁ ପ୍ରକାର ପ୍ରସ୍ତାବ ମିଳିବ । ଆପଣ ଯେମିତି ଖୋଜୁଥିଲେ ସେମିତି ଆପଣଙ୍କୁ  ଫିଟ କରେଇ ଦେଇଛି । ପୁରା ଭୁବନେଶୋରରେ କାହାକୁ ଏଯାଏଁ ଜଣେଇନି ବୁଝିଲ । ଆହେ ଝିଅର ବାପାର ଇଛା ପୁଅ ଆମ ଓଡିଆ ହେବାର ଅଛି ସେମାନେ ତ ମାଟ୍ରିମୋନି ସାଇଟରେ ପକଉଥିଲା ହେଲେ ଫୁସୁଲେଇ କି ରୋକିନେଲି ବୁଝିଲ ।  ଆଉ ତମ ପୁଅର ଫୋଟ ଆଉ ବାଇଓ ତାଙ୍କର ପସନ୍ଦ ହୋଇଛି ବୁଝିଲ । ଆଜିକାଲି ଏମିତି ସର୍ବଗୁଣ ସଂମ୍ପୁର୍ଣ୍ଣ ଝିଅ ମିଳିବା ଯେ କେତେ ଯେ କଷ୍ଟ ଆପଣଙ୍କ ଠୁ ବେଶି କିଏ ଜାଣେ କହିଲେ ।

ଏବେ କମିସନ ଟା...

ଆହେ ଶୁଣୁଚ ମିଠା ଆଣ ଟି ଆମ ଶିବୁନର ପ୍ରସ୍ତାବ ଠିକ୍ ହୋଇଗଲା ।  ଖୁସିରେ କହି ଉଠିଲା ବିଶ୍ୱ ଭିତରୁ ମାଳତୀ ହାତରେ ମିଠା ଧରି ବଡ ଉତ୍ସାହର ସହ ଆସିଲେ ।  କହିଲେ

Download Magazine from www.aahwaan.com

ଶିବୁନର ବାହାଘର ହୋଇଗଲା ମାନେ ମୁଁ ଗଂଗା ଗୋଧୋଇଲି ଜାଣ । ତା'ହେଲେ କେବେ ଯିବା ଝିଅ ଦେଖି ।

ଆରେ ଭାଉଜ ଏଇ ପରା ଝିଅର ଫୋଟ । ସେମାନେ ଖାଲି ବାହାଘର ପାଇଁ ଏଇଠିକି ଆସିଛନ୍ତି ।  ମାସେ ପନ୍ଦର ଦିନରେ ସବୁ କାମ ଛିଣ୍ଡେଇ ପୁଣି ଫେରିବେ ।  ତମେମାନେ ଆଉ ଦେଖାଦେଖିରେ ସମୟ ବରବାଦ କରନି । ତମର ହଁ କହିଲେ ମୁଁ ସେପଟେ କଥା ଆଗକୁ ବଢେଇବି ।  ଏମିତି ଝିଅ ଆଉ ମିଳିବନି ଯେ ।  କହିଲା ରାଧେ ।

ଆରେ ଇଏ କେମିତି କଥା ଯେ କିଛି ନଜାଣି, ମାଳତୀ ଅଭିଯୋଗ କରୁଥିଲା, ଆରେ ରୁହ ମ ଆମର ହଁ ବୋଲି କହିଦିଅ ରାଧେ ମଝିରେ ପଶି ବିଶ୍ୱ ବାବୁ କହିଦେଲେ । ଆଉ ହଁ ଆମର ଯୌତୁକରେ କୌଣସି ଜିନିଷର ଆବଶ୍ୟକତା ନାହିଁ ବୋଲି କହିଦେବ । ବାକି ଆମ ଘର ବାବଦରେ ତ ସବୁ କହିବ ।  ଆମ ଖାନଦାନ, ଆମ ପ୍ରତିପତ୍ତି ଆଉ ଗୋଟେ ଦେଖାସାକ୍ଷାତ ଠିକ୍ କରାଓ ।  ତୁମ ଟଙ୍କା ମିଳିଯିବ ହେଲା ।

ଆଜ୍ଞା କହି ବିଦାୟ ନେଲେ ଖଣ୍ଡି ।

ମାଳତୀ ଚିନ୍ତା ଦେଖି ବିଶ୍ୱ ବାବୁ ତାଙ୍କୁ କହିଲେ ଆରେ ଥରେ ବାହାଘର ହୋଇଯାଉ ଦେଖିବ ବୋହୂ ଆସିଗଲେ ସବୁ ଠିକ୍ ହୋଇଯିବ । ଏଇତ ରାଧେର ଫୋନ ଆସିଲାଣି, ହଁ କୁହ ରାଧେ କହି କହି ବାହାରକୁ ଚାଲିଗଲେ ବିଦ୍ୟା ବାବୁ । କିଛି ସମୟେ ପରେ ହସ ହସ ମୁହଁ ରେ ଫେରିଆସି କହିଲେ ବୁଝିଲ କାଲିକି ମିଟିଙ୍ଗ ଛିଡିଲା କୋଉଠି ଜାଣିଛ ହୋଟେଲ ସି ଭିଉ ।

ମାଳତୀ ତାଟକା ହୋଇ କହିଲେ ହଁ ଏତେ ବଡ଼ ହୋଟେଲରେ ।

ଚାଲ ଆଉ କିଛି ଚିନ୍ତା କରନି । ସବୁ ଭଲ ହେବ । ଶିବୁ ଆସିଲେ ତାକୁ ଏଇ ଶୁଭ

 Download Magazine from www.aahwaan.com

ଖବରଟା ଦେଇଦେବ ଆଉ ଝିଅର ଫଟୋଟା ଦେଖେଇ ଦେବ । ଝିଅର ନାଆଁ ଟା ହେଲା, ବନ୍ୟା... କହିଦେଇ ଗଲେ ବିଶ୍ୱମ୍ବର ।

ଶିବ ପ୍ରସାଦ ସିଂହଦେଓ । ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି. ଆଗରୁ ସେ ବିଶାଖାପାଟଣାରେ ଆଛାଖାସା ଚାକିରିଟିଏ କରୁଥିଲେ ବର୍ତମାନ ତାକୁ ଛାଡି ସେ ଏଠି ବାପା, ମାଆ ପାଖରେ ରୁହନ୍ତି । ବାପାର ତ ଅକଳନ୍ତରି ସମ୍ପତ୍ତି ଅଛି ତାକୁ କିଏ ଖାଇବ । ବାହାଘର ପାଇଁ ସେ ବି ଭାରି ଉତ୍ସୁକ । ଫୋଟ ଦେଖି ସେ ବି ହଁ ମାରିଲା । ଏବେ ବାକି ରହିଲା ମୁହାଁ ମୁହିଁ ଦେଖା ହେବା ଯାହା ।

ଠିକ୍ ସମୟରେ ହୋଟେଲରେ ସଭିଏଁ ଉପସ୍ଥିତ ରହିଲେ । ଝିଅ ମାନେ ବନ୍ୟା ଓ ତାର ବାପା ମଧୁସୂଦନ ଦେବରାୟ ହୋଟେଲ ପୂର୍ବରୁ ଅପେକ୍ଷା କରିଥିଲେ । ବନ୍ୟା ଏକା ଧାରାରେ ସୁନ୍ଦର୍ ପାଠୋଇ ଓ ସଂସ୍କାରୀ ଦେଖି ବିଦ୍ୟାଧର ଓ ପରିବାର ସମସ୍ତେ ଭାରି ଖୁସି । ଶିବ ବନ୍ୟାର ରୁପରେ ଏକଦମ୍ ପାଗଳ ।

କାର୍ତ୍ତିକର ପହିଲି ଗୁରୁବାରେ ନିର୍ବନ୍ଧ ଆଉ ଠିକ୍ ଦଶ ଦିନରେ ବାହାଘର । ସବୁ ଦିନ ବାର ଠିକ୍ କରାଗଲା ।

ସବୁ ଠିକ୍ ଠାକ୍ ଚାଲିଥିଲା ବେଳେ ହଠାତ୍ ତା ଦିନେ ପରେ ଫୋନ ଆସିଲା ମଧୁ ବାବୁଙ୍କର ଯେ ସେ ଏ ପ୍ରସ୍ତାବ ବାବଦରେ ପୁଣି ଭାବିବାକୁ ଚାହୁଁଛନ୍ତି । ବିଶ୍ୱମ୍ବର ବିଚଳିତ ହୋଇ ଉଠିଲେ ଏତେ କଷ୍ଟରେ ଏତେ ଭଲ ପ୍ରସ୍ତାବଟା ହାତରୁ ଚାଲିଯିବ । ମାଳତୀ ତ ଘର ପରିବାର ସାହି ପଡ଼ିଶା ସମସ୍ତଙ୍କୁ କହି ବୁଲୁଚି । ଲୋକ କଣ କହିବେ । ନାକରେ ଆଙ୍ଗୁଠି ଦେଇ ହସିବେ ସବୁ । ନା ନା ସେମିତି କେମିତି ହେବ । ସାଂଗେସାଂଗେ ବସିବା ଜାଗାରୁ ଉଠିଗଲେ ବିଶ୍ୱ ବାବୁ । ମାଳତୀ ଜଲଦି ଚାଲ କହି ମୁହାଁଇଲେ ମଧୁବାବୁ ଙ୍କ ପାଖକୁ ।

Download Magazine from www.aahwaan.com

ଝରକା ଫାଙ୍କରେ ମଧୁ ବାବୁ ଝାଙ୍କି ରହିଥିଲେ । ଫଟାଫଟ୍ ସେମାନଙ୍କୁ ଆସିବା ଦେଖି ଆସି ନିଜ ସ୍ଥାନ ବସିଗଲେ । ବନ୍ୟା ବୈଠକର ସାମ୍ନା ଘର କବାଟ ପଛରେ ନିଜକୁ ଲୁଚାଇ ନେଇଥିଲା । ଘରେ ଆଉ ଜଣେ ସଦସ୍ୟ ଦିଶୁଥିଲେ । ମୋହିନୀ ଖୁଡୀ । ଏକଦମ୍ ଅତ୍ୟାଧୁନିକ ସ୍ତ୍ରୀ । ଜନ୍ତ୍ର ଚାଳିତ ପରି ସମସ୍ତେ ନିଜ ନିଜ ଜାଗା ନେଇ ଯାଇଥିଲେ । ବିଶ୍ୱ ଓ ମାଳତୀ ଆସିବା ଦେଖି ମଧୁ କିଛି ନ ଜାଣିଲା ପରି ଆଶ୍ଚର୍ଯ୍ୟର ଭାବ ଦେଖାଇ ପଚାରିଲେ ଆରେ ଆପଣ ମାନେ ! କିଛି ଖବର ନାହିଁ ଏମିତି ହଠାତ୍ । ବସନ୍ତୁ ନା ।

ବିଶ୍ୱ ଓ ମାଳତୀ ଦେବୀ ସୋଫା ଉପରେ ବସୁ ବସୁ ହିଁ ଆରମ୍ଭ କରିଦେଲେ, “ଆଜ୍ଞା ଆମର ଗୋଟିଏ ବୋଲି ପୁଅ ଆମେ ବୁଢ଼ାବୁଢ଼ୀ ଅନ୍ତେ ସବୁ ସେ ହିଁ ଉପେଭାଗ  କରିବ । କେଉଁଥିକି ଅଭାବ ନାହିଁ । ଆପଣ ଖାଲି ପ୍ରସ୍ତାବରେ ହଁ କହିଦେଲ, ବିବାହ ସାଂଗେସାଂଗେ କରିଦବା । ଆପଣଙ୍କ ଝିଅ ଘରର ମାଲିକାଣୀ ହୋଇ ରହିବ । କୋଉଠିକି ଅଭାବ କରିବୁନି ।

ମଧୁ ବାବୁ କହିଲେ, “କ୍ଷମା କରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକେ କମ, ତେଣୁ ମୋ ଝିଅ ନାପସନ୍ଦ କରୁଛି । ସେ ଚାହୁଁଚି ଅନ୍ତଃତ ଛଅ ଫୁଟ୍ ଉଚ୍ଚତା ଥିବା ଭଳିଆ ବର ଗୋଟେ । ନଥିଲେ ବି ଚଳିବ ହେଲେ ଅନ୍ତତଃ ପକ୍ଷେ ଘରେ ବଡ଼ କାର୍ ଟିଏ ଥିବ । ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ ।”

ସେ ସବୁ ବ୍ୟବସ୍ଥା ବିବାହ ପୂର୍ବରୁ କରିଦେବୁ । ଆପଣ ଖାଲି ହଁ କୁହନ୍ତୁ ଦେଖନ୍ତୁ ବହୁ ଆଶା କରି ଆସିଛୁ । ବାର ଦୁଆର ଶୁଣ୍ଠିପିଣ୍ଡା ହେଲୁଣି, କୋଉଠି ବି ପ୍ରସ୍ତାବଟେ ହେଉନି ଆପଣ ଯଦି ଚାହାନ୍ତି ଆମେ ଅଗ୍ରୀମ କିଛି ଅର୍ଥ ଦେବା ବ୍ୟବସ୍ଥା ବି କରିଦେବୁ । ଆପଣ ଖାଲି ହଁ କୁହନ୍ତୁ ।”

 Download Magazine from www.aahwaan.com

ଆରେ ନାନା ସେ ଟଙ୍କାର କିଛି ଆବଶ୍ୟକ ନାହିଁ ।

ମଧୂ ବାବୁ ପୁଣି କହିଉଠିଲେ ଆରେ ଏସବୁ କଥା ତ ଚାଲିଥିବ ଆପଣ ପ୍ରଥମ ଥର ଆମ ଘରକୁ ଆସିଛନ୍ତି । ଏଇଟା ଆମ ଖାନଦାନି ଘର । ସହରରୁ ଟିକେ ଦୁରରେ ଅଛି । ମୋହିନି ଖୁଡି ହାତରେ କିଛି ପାଣି ଆଉ ଖାଇବା ନେଇ ଆସିଲେ । ତ ମଧୁ ବାବୁ ପରିଚୟ କରାଇ କହିଲେ ଏ ହେଉଛନ୍ତି ମୋ ଭାଇଙ୍କ ସ୍ତ୍ରୀ ମୋହିନୀ । ଭାଇର ଦେହାନ୍ତ ପରେ ସେ ଆମ ସହ ରୁହନ୍ତି । ବନ୍ୟା ବାହାରକୁ ଯାଇଛି । ଆପଣ ବସନ୍ତୁ ମୁଁ ଟିକେ ଆସୁଛି ଏତକ କହି ମଧୁବାବୁ ଉଠିକି ବନ୍ୟା ଲୁଚିଥିବା ରୁମ ଆଡକୁ ପାଦ ବଢାଇଲେ । କବାଟ ଫାଙ୍କରେ ଏବେ ବି ବନ୍ୟା ଲୁଚି ରହିଚି । ମୁହଁରେ ଏକ୍ ଛଳନାର ହସ ଆବୃତ ହୋଇ ରହିଥିଲା । ଆଖିରେ କିଛି ଗୋଟେ ଇସାରା ଆସିଲ ଆଉ ମଧୁ ବାବୁ ବାହାରକୁ ଆସି ବିଶ୍ୱ ଆଉ ମାଳତୀକୁ ସାନ୍ତ୍ୱନା ଦେଇ କହିଲେ ଆପଣ ସତରେ ଅତ୍ୟନ୍ତ ସଜ୍ଜନ ଲୋକ ଆଜ୍ଞା ମୋ ଝିଅର ବଡ ଭାଗ୍ୟ ସେ ଆପଣଙ୍କ ଘରକୁ ବୋହୂ ହୋଇଯିବ । ମୁଁ ପ୍ରତିଶୃତି ଦେଉଛି ଆପଣ ଚିନ୍ତା ମୁକ୍ତ ହୋଇ ଯାଆନ୍ତୁ ।

ଆଚ୍ଛା ଯଦି କିଛି ଅସୁବିଧା ନଥାଏ ତେବେ ପୁଅ ଓ ଝିଅଙ୍କୁ ପରସ୍ପରକୁ ମିଶିବାର ସୁଯୋଗ ଦେଲେ କେମିତି ହୁଅନ୍ତା କହିଲେ ବିଦ୍ୟାଧର, କଥା ନ ସରୁଣୁ ମଧୁ ବିଚଳିତ ହୋଇ କହି ଉଠିଲେ ନା ନା ସେ କେମିତି ସମ୍ଭବ । କଥା ସମ୍ଭାଳିବାକୁ ଯାଇ ଖୁଡି ମୋହିନି କହି ଉଠିଲେ ଭାଇ ଆମର ଟିକେ ସଂସ୍କାରି ତ । ଦେଖନ୍ତୁ ବନ୍ୟାର ଫୋନ ନମ୍ବର ଟା ନିଅନ୍ତୁ ଶିବଙ୍କୁ କହିବେ  ଯାହା କଥା ହେବାର ଫୋନରେ ହୋଇଯିବେ ।

ଆଚ୍ଛା କହି ବିଶ୍ୱ ଓ ମାଳତୀ ପ୍ରସ୍ଥାନ ହେଲେ । ଗାଡିରେ ବସୁବସୁ ମାଳତୀ ଟିକେ ଚିନ୍ତିତ ହୋଇ ପଚାରିଲେ, ହେଇଟି ଶୁଣୁଚ ଆଜି ମଧୁ ବାବୁଙ୍କ ମୁହଁ ଟିକେ ଅଲଗା

Download Magazine from www.aahwaan.com

ଲାଗୁଥିଲା । ତ୍ରୁଟି ସବୁ ଟିକେ ବେଶି କଳା ଲାଗୁ ନଥିଲା । ବିଦ୍ୟା ଆଖି ଦେଖେଇ କହିଲା ଦେଖୁଚି ତୁମ ନିୟତ କିଛି ଠିକ୍ ଲାଗୁନି । ତୁମ ସମୁଦି ସେ ବୁଝିଲ ।

ଏ ଦୃଶ୍ୟରୁ ଆଉ କିଛି ବୁଝିବାକୁ ବାକି ରହିଲାନି ଯେ ମଧୁ, ବନ୍ୟା ଆଉ ମୋହିନୀ ଚରିତ୍ର ସବୁ ସମ୍ପୁର୍ଣ୍ଣ ଜାଲି. ଏକ ବହୁତ୍ ବଡ ଷଡଯନ୍ତ୍ରର ଯୋଜନା ଚାଲିଛି ଏଇଠି କିନ୍ତୁ କାହିଁକି ? ?

ଏଠି ସମସ୍ତେ ଥିଲେ ଛଦ୍ମବେଶରେ ।

ଶ୍ବାସର ତୀବ୍ରତାକୁ ଚାପି ଧରିଥିବା ବନ୍ୟା କବାଟ ଫାଙ୍କରୁ ବାହାରି ଆସି ରୋକି ରଖିଥିବା ଶ୍ବାସ ସବୁ ବାୟୁମଣ୍ଡଳ ରୁ ଆହରଣ କରୁଥିଲା । ମୋହିନୀ ଜିନ୍ସ ଉପରେ ପିନ୍ଧି ଥିବା ଶାଢୀଟିକୁ କାଢି ନିଜ ଅସଲ ରୁପରୁ ଆସି ଯାଇଥିଲା ଓ ବାପା ରୁପି ମଧୁ ଓରଫ ମାଧବ ମୁଣ୍ଡର ଧଳା ରଙ୍ଗ ଗୁଡିକ୍ ହଟାଇ ବାରେ ଲାଗିଥିଲା ।  ମୋହିନୀ କହିଲା ଆଜି ତୁମ ତ୍ରୁଟି ପାଇଁ ଆମେ ଧରା ପଡିଥାନ୍ତେ ସେ ବୁଢୀ ତୁମ ତ୍ରୁଟି ଗୁଡିକୁ ବଡ ନିରିଖେଇ କି ଦେଖୁଥିଲା ।  ଆଉ ସମସ୍ତେ ମିଶି ଏକ ସଫଳତା ହସ ହସି ଉଠିଲେ ।

ବିଦ୍ୟା, ମାଳତୀ ଓ ଶିବା, ବାହାଘରକୁ ନେଇ ଆଖିରୁ ସବୁ ନିଦ ହଜି ଯାଇଥିଲା ସେମାନଙ୍କର କିନ୍ତୁ ଏଇ ଦଶ, ପନ୍ଦରଟି ଦିନରେ ତାଙ୍କର ଯେ ଆହୁରି ବହୁତ କିଛି ହଜିବାର ଥିଲା ତାଙ୍କୁ ବା କି ଖବର !

ବନ୍ୟା ବେଶ୍ ଜାଣିଥିଲା ଆଜି ଶିବୁ ନିଶ୍ଚୟ ଫୋନ କରିବ ।  ସେମାନେ ଆଗରୁ ପ୍ରସ୍ତୁତ ଥିଲେ । ମୋହିନୀ ଓ ବନ୍ୟା ବେଶ୍ ଚପଳତାର ସହ ତା ସହ କଥା ହେଉଥିଲେ ।  ଯେମିତି ତାକୁ ଟିକେ ବି ସଂଦେହ ନହେଉ । କିଛି ସମୟ ପରେ ମାଧବ ବନାମ ମଧୁ ଜାଣିଶୁଣି ପାଟି କରି କହିଲା, ଶୋଇଲଣି କି ନାହିଁ । ଓ ବନ୍ୟା ସେ ବାହାନାରେ ଫୋନକୁ ରଖିଦେଲା ।

Download Magazine from www.aahwaan.com

ଶିବା କିନ୍ତୁ ବନ୍ୟାର ସ୍ୱପ୍ନରେ ହଜିଗଲା ।

ମାଧବ ବନ୍ୟା ଉପରେ ଟିକେ ବିରକ୍ତ ହୋଇ କହିଲା, ଆମର ଏତେ କଥା ହେବା କିଛି ଆବଶ୍ୟକ ନାହିଁ ଆଉ ଗଣି ଗଣି ପନ୍ଦର ଦିନ ରହିଲା । ଯେତେ ଶୀଘ୍ର ହେବ ଆମର ଲକ୍ଷ୍ୟ ପୂରଣ କରି ଆମକୁ ଏଠୁ ବାହାରି ବାକୁ ପଡିବ । ତାଠୁ ଅଧିକ ଆଉ କିଛି ନାହିଁ । ମୋହିନି ଟିକେ ମଜାକିଆ ଅନ୍ଦାଜରେ କହିଲା କୋଉଠି କିଛି ଜଳୁଛି । ଆଉ ବନ୍ୟାର ମୁହଁରେ ଟିକେ ଗୋଲାପି ହୋଇ ଉଠିଲା ।

ବନ୍ୟା କହିଲା, ମୌସୁମୀରୁ ବନ୍ୟା ହେବା ମୋର ଆବଶ୍ୟକତା ନୁହଁ ମୋର ବିବଷତା । ତୁମେ ତ ଜାଣିଛ ମୋହିନୀ ଦି, ମୋହିନୀ କହିଲା ଦେଖ ସେସବୁ କଥା ଛାଡ଼ ଏବେ ଆଗକୁ କଣ ଯୋଜନା ତା ଉପରେ ଧ୍ୟାନ ଦିଅ । ହାତରେ ସମୟ କମ ଆଉ ଲକ୍ଷ୍ୟ ବହୁତ୍ ବଡ । କାଲି କଣ କରିବା ସେକଥା କୁହ । ମାଧବ ଚେତନାକୁ ଆସି କହି ଉଠିଲା, ଶୁଣ ତାହେଲେ ଓ ପରସ୍ପର ମଧ୍ୟରେ ନିଜର ଯୋଜନା ଉପରେ କଥା ହେବା ଆରମ୍ଭ କଲେ । ରାଧେ ଯାଇ ଶିବା ଘରେ ବାହାଘରର ଦିନ ଓ କିଣାକିଣି ବିଷୟରେ କହିଦେଇ ଆସିଲା । ମଧୁ ବାବୁ ଝିଅ ବନ୍ୟା ବାହାଘର କିଣାକିଣି ପାଇଁ ବାହାରିଲେ ସହରର ସବୁଠୁ ବଡ଼ ଅଳଙ୍କାର ଦୋକାନରେ ଥାଇ ଶିବୁ ପାଖକୁ ଫୋନ କଲେ ଯେ ସେ ଶିବ ପାଇଁ ତଥା ତା ମାଆ ଆଉ ବନ୍ୟା ପାଇଁ ସୁନା ଗହଣା କିଣିବେ ତେଣୁ ଶିବା ବି ସେଠିକୁ ଆସିବ । ଅଳଙ୍କାରର ନାଆଁ ଶୁଣି ଶିବୁ ସାଙ୍ଗେ ସାଙ୍ଗେ ସେଠି ହାଜିର ହେବାକୁ ପ୍ରସ୍ତୁତ ହୋଇଗଲା କିନ୍ତୁ ଶିବ ରାସ୍ତାରେ କିଛି କାରଣରୁ ଫଶି ଯିବାରୁ ବହୁତ୍ ଡେରି ହୋଇଗଲା ସେ ପହଞ୍ଚିଲା ବେଳକୁ କିଣା ସରିଯାଇଛି । ସେଠୁ ସମସ୍ତେ ଫେରିଯାଇଥିଲେ ।

ତାପରେ ଲୁଗାପଟା କିଣା ହେଲା ସେଠି ବି ବିଶ୍ୱକୁ ଡକାଗଲା । ମୋହିନୀ ଓ ବନ୍ୟାର

Download Magazine from www.aahwaan.com

କ୍ରେଡିଟ୍ କାର୍ଡଟା କାମ କରୁ ନଥିଲା ଓ ମଧୁ ଆସି ପାରିଲାନି । ବୋହୂ କଣ ସବୁ କପଡ଼ା କିଣିଛି ସେସବୁ ନଦେଖି ଶ୍ୱଶୁର ଏଇଟା ଦେଖୁଥିଲେ ଯେ ପାଖାପାଖି ଲକ୍ଷେ ଟଙ୍କାର ଲୁଗାପଟା ଆଉ ସମୁଦି ପଇସା ବାଲା ବଳେ ଟଙ୍କା ଫେରି ଆସିବ ପୁଣି ସୁଧ ସଙ୍ଗେ ବୋଲି ଭାବି ଆଗୁଆ ହୋଇ ସବୁ ତକ ଟଙ୍କା ହାତାହାତି ପୈଠ କରିଦେଲା ବିଶ୍ୱମ୍ଭର । କଥା ସେତିକିରେ ସରିନି ବନ୍ୟାର ବରାଦ ଅନୁସାରେ ବିଦ୍ୟାଧର ଘରେ ଦୁଇଦଇଟା ଚାକର ଲଗେଇ ଦେଲା ଘରେ । ପୁଣି ବୋହୂ ପସନ୍ଦର ଗାଡି ପାଇଁ ଆଗୁଆ ଟଙ୍କା ବି ଦେଇ ଦେଲା । ଏମିତିକି କୋଉ ଗାଡି ଆସିବ କାହାକୁ ଜଣା ନଥିଲା । ମାଳତୀକୁ ଏସବୁ ଟିକେ ଅଡୁଆ ଲାଗୁଥିଲେ ବି ସେ ପୁଅର ଖୁସିରେ ବାଧା ହେବାକୁ ଚାହୁଁ ନଥିଲା ସବୁ ଯୋଜନା ଅନୁସାରେ ଚାଲିଥିଲା କିନ୍ତୁ ଗୋଟିଏ ବଡ଼ ଯୋଜନା ଏବେବି ବାକି ଥିଲା । ବନ୍ୟା ଯେମିତି ରାଣ ଖାଇଚି ବିଶ୍ୱମ୍ଭରର ପରିବାରକୁ ତଳିତଳାନ୍ତ କରି ଦେବାକୁ ।

ଶିବକୁ ନିଜ କିଛି କଥା ବାହାନାରେ ଘରକୁ ଡାକି ଆଣିଥିଲେ ବନ୍ୟା କିନ୍ତୁ ସେ ନିଜେ ହିଁ ଘରେ ନଥିଲା । ଘରେ ମୋହିନୀ ଏକା ଥିଲା ବେଳେ ଶିବ ନଜାଣି ମୋହିନୀ ପଛ ପଟୁ ବନ୍ୟା ଭାବି ଧରି ନେଇଥିଲା । ଏବଂ ଠିକ୍ ସମୟରେ ବାପା ମଧୁ ଆସି ଖୁବ୍ ଗର୍ଜନ କଲା । ବାହାଘର ଭାଙ୍ଗିଲା ବୋଲି ନିଷ୍ପତ୍ତି ଶୁଣାଇ ଦେଲେ । ବନ୍ୟାର କାନ୍ଦି କାନ୍ଦି ଅବସ୍ଥା ଖରାପ । ପୁଣି ବିଦ୍ୟାଧର ଆସି ପୁଅର ଭୁଲ ପାଇଁ କ୍ଷମା ମାଗିଲେ । ବନ୍ୟା ବି କେତେ ନେହୁରା ହେଲା କିନ୍ତୁ ମଧୁବାବୁ ମାନିବାକୁ ନାରାଜ୍ । ଶେଷ୍ କୁ ଗୋଟିଏ ସର୍ତରେ ସେ ରାଜି ହେଲେ । କବାଟ ବନ୍ଦ କରି ବିଶ୍ୱ ଓ ମଧୁ ଏକାନ୍ତରେ କଥା ହେଲେ । ବାହାଘର ପୂର୍ବରୁ ବିଶ୍ୱମ୍ଭର ତାର ସମସ୍ତ ସମ୍ପତ୍ତି ବନ୍ୟା ନାଆଁରେ ଲେଖିଦେବ । ଏବଂ ବାହାଘର ଆଗ ଦିନ ନିଜେ ଯାଇ କୋର୍ଟରେ ଗୋଟିଏ କାଗଜ ଜମା କରେଇ ଦେବେ । ଏସବୁ କଥା କେବଳ ମଧୁ ଓ ବିଶ୍ୱ ମଝିରେ କଥା ।

Download Magazine from www.aahwaan.com

ମଧୁ କହିଲା ଦେଖ ସମୁଦି ତୁମର ଗୋଟିଏ ବୋଲି ବୋହୂ ତୁମ ପରେ ସବୁ ସମ୍ପତ୍ତି ତ ତାର ତ ଏବେ କରିବାରେ ଅସୁବିଧା କଣ । ମୁଁ କୋଉ ଭରସାରେ ମୋ ସୁନା ଝିଅର ହାତ ତୁମର ଏମିତି ପୁଅ ହାତରେ ଟେକିଦେବି କୁହନ୍ତୁ । ଆପଣ ଯଦି ମୋ ସର୍ତରେ ରାଜି ତେବେ କଥା ଆଗକୁ ବଢିବ ନହେଲେ... ବିଶ୍ୱ କଣ ଟିକେ ବିଚାର୍ କଲା ପରେ କହିଲା ନା ଆଜ୍ଞା ଆପଣ ଠିକ୍ କହୁଛନ୍ତି ମୁଁ ଆପଣଙ୍କ ପ୍ରସ୍ତାବରେ ରାଜି । ମୋ ପୁଅର ଏତଦ୍ ବ୍ୟବହାର ପାଇଁ ମୁଁ କ୍ଷମା ମାଗୁଛି । ଆପଣ ବାହାଘର ପାଇଁ ପ୍ରସ୍ତୁତ ହୁଅନ୍ତୁ । ମୁଁ ଆଜି ଆମ ଓକିଲକୁ ଡାକି ସବୁ ସମ୍ପତ୍ତି ବନ୍ୟା ନାଆରେ ପକଉଛି । ଏତକ କହି ବାପପୁଅ ଦୁହେଁ ସେଠୁ ବିଦା ହେଲେ । ମୋହିନୀ ସଫଳତା ପାଇ ଖୁବ୍ ଖୁସି ହୋଇ କହିଉଠିଲା ଆମେ ତାହେଲେ ଜିତିଗଲୁ । ବୋହୂଚୋରି ସଫଳତାର ସହ ପୁରା ହେଲା । କିନ୍ତୁ ବନ୍ୟା କହିଲା ନା ଯେ ପର୍ଯ୍ୟନ୍ତ କାଗଜ ଆମ ହାତକୁ ଆସିନି ସେ ପର୍ଯ୍ୟନ୍ତ କିଛି ନିର୍ଣ୍ଣୟ ନେବା ଠିକ୍ ହେବନି ।

ପୁଣି ଆଉ ଏକ ସଫଳ ପାଦ ଆଗକୁ ବଢାଇଲେ ଏ ତିନିଜଣ । ଅଳ୍ପ ଦିନରେ ମୌସୁମୀ ଯେ ବନ୍ୟା ହୋଇ ତାକୁ ସର୍ବସ୍ୱାନ୍ତ କରିଦେବ ଏ କଥା ବିଦ୍ୟାଧର ଓ ତା ପରିବାର ସମ୍ପୂର୍ଣ୍ଣ ଅଗୋଚର ।

ଯୋଜନା ପୁଣି ଆଗକୁ ବଢିଲା । ଏଥର ରହିଲା ସବୁଠୁ ବଡ଼ କାମ । ବିଶ୍ୱମ୍ବରର ନାକ ତଳୁ ତା ନିଶକୁ ଉପାଡି ନେଲା ଭଳି କାମ । ଏବେବି ବିଦ୍ୟାଧର ପାଖରେ ଏତିକି ସାହସ ଅଛି ଯେ ସେ ସମ୍ପତ୍ତି ସବୁ ପୁଣି କମେଇ ପାରିବ । କିନ୍ତୁ ବନ୍ୟା ବନାମ୍ ମୌସୁମୀ ଚାହେଁନି ଶିବ, ବିଶ୍ୱମ୍ବର ଓ ମାଳତୀ ପୁଣି ଏହି ସାମାଜରେ ଆଖି ଉଠେଇ ବଞ୍ଚନ୍ତୁ । ତେଣୁ ଆଉ ବାକି ରହିଲା ସେହି ଶେଷ ଅସ୍ତ୍ର । ବନ୍ୟାର କହିବା ଅନୁସାରେ ବିଶ୍ୱମ୍ବରର ଓକିଲ ସମ୍ପତ୍ତି କାଗଜ ଖଣ୍ଡେ କୋର୍ଟରେ ଜମା କରିନେଲେ । ଏପଟେ ରାତିରେ ବନ୍ୟା ଓ ଅନ୍ୟମାନେ ନିଜର ବ୍ୟାଗ୍

Download Magazine from www.aahwaan.com

ପ୍ରସ୍ତୁତ କଲେ ଭୁବନେଶ୍ୱରରୁ ସିଧା ମୁମ୍ବାଇ ପାଇଁ । ବୋହୁଚୋରୀ କାର୍ଯ୍ୟର ପରିସମାପ୍ତି ଘଟାଇଲା ।

ରାତି ପାହିଲେ ବାହାଘର । ଶିବ ଘରେ ଖୁବ୍ ଜୋରସୋରରେ ପ୍ରସ୍ତୁତି ଚାଲିଛି । ସକାଳ ହେଲା ବର ଯାଇ ବାହାରେ ଠିଆ ହୋଇଛି । ବରଯାତ୍ରୀ ଯାଇ ମଣ୍ଡପରେ ପହଁଚି ଗଲେଣି କିନ୍ତୁ କନ୍ୟା ଆଉ ଆସିଲାନି । ବହୁତ ବେଳ ଅପେକ୍ଷା ପରେ କେହି ଯାଇ ତାଙ୍କ ଘର ଆଡ଼େ ଦେଖି ଆସିଲେ । ସେଠି ତାଲା । ଆଉ ବୁଝିବାକୁ ବାକି ରହିଲାନି ଯେ କନ୍ୟା ଆଉ ନାହିଁ । ଠକେଇ ହୋଇଛି ଖୁବ ବଡ଼ । ମାଳତୀ ଆଉ କାହାକୁ କଣ କହିବ ମୁଣ୍ଡରେ ହାତ ଦେଇ କଣେ ବସି ଯାଇଚି । ବିଦ୍ୟାଧରକୁ ହୃଦଘାତ ମାରିଛି କାରଣ କେବଳ ସେ ହିଁ ଜାଣିଛି ଯେ ତାର ସବୁ ସମ୍ପତ୍ତି ଯାଇଛି । ଆଉ ଶିବର ସବୁ ସ୍ୱପ୍ନ ଭାଙ୍ଗି ଯାଇଚି । କିନ୍ତୁ ଏତିକିରେ ସରି ନଥିଲା ଅଫିସରୁ ଫୋନ୍ ଆସିଲା ତା ଚାକିରି ଗଲା । ତା ଲାପଟପରୁ ଅଫିସର କିଛି ଗୁରୁତ୍ୱପୂର୍ଣ୍ଣ ଡକୁମେଣ୍ଟ ଚୋରି ହୋଇଛି । ଆଉ ସେସବୁ ସେ କାହାକୁ ବିକି ଥିବାର ତଥ୍ୟ ବି ମିଳିଛି ସେଥିପାଇଁ ତାକୁ ଜେଲ ଦଣ୍ଡ ବି ମିଳିପାରେ । ଏପଟେ ବାପା ମେଡିକାଲରେ ସେପଟେ ପୁଅ ଜେଲରେ ।

ବନ୍ୟା ନାଆଁରେ ପୋଲିସରେ ଏତଲା ଦିଆ ଯାଇଚି । ପୋଲିସ କହୁଚି ସେ ଏ ବିଷୟରେ ତଦନ୍ତ କରିବ । ମାଳତୀ ମୁଣ୍ଡ ପିଟି ପିଟି କାନ୍ଦୁଚି । କେତେକଣ କାଟ ବାଛ କରି ଗାଳି କରୁଛି ବନ୍ୟା ଓରଫ ମୌସୁମୀ କୁ...

କିନ୍ତୁ ବନ୍ୟା ଓଃ କ୍ଷମା କରିବେ ମୌସୁମୀ

ତାର କଣ ହେଲା...

ମୌସୁମୀ ଓ ତାର ସାଥୀ ମାନେ ସଫଳତାର ସହ ନିଜର କାର୍ଯ୍ୟ କରି ସାରିଥିଲେ ।

Download Magazine from www.aahwaan.com

ଏବଂ ନିଜ କ୍ଷେତ୍ର ମୁମ୍ବାଇରେ ଥିଲେ ବର୍ତମାନ । ତେବେ ପ୍ରଶ୍ନ ଉଠୁଛି ଏମାନେ କିଏ ?କଣ ଏମାନେ ଚୋର ? ନା ଏମାନଙ୍କ ଅଭିପ୍ରାୟ ଆଉ କିଛି ?

ଅସଲରେ ମୌସୁମୀ, ମାଧବ ଓ ମୋହିନୀ ଅଲଗା ଅଲଗା ଜାଗାରୁ କାମ କରୁଥିବା ବେସରକାରୀ କର୍ମଚାରୀ. ତେବେ ଏମାନେ ଏକାଠି କେମିତି ହେଲେ ? ଏକ ସ୍ୱ ସେବା ସଂସ୍ଥାରେ ତିନିହେଁ ଏକାଠି ହୋଇଥିଲେ । ଚାକିରି ଛଡ଼ା ଏମାନେ ସମାଜ ସେବା କରନ୍ତି । ତେବେ ଭାବିବାର କଥା ହେଉଛି ଯେ ଏ କି ସାମାଜ ସେବା । କଣ ଚୋରି କରି ! ଏଠି କଥା କିଛି ଅଲଗା ।

ଏବେବି ମୌସୁମୀର ମନ ଟିକେ ଉଦାସ ଥିଲା । ସାଇ କରୁଣା ସେବା ସଂସ୍ଥାନ ଯୋଉଠି ସେମାନେ କାମ କରନ୍ତି ସେଇଠି ସେହି ଅନାଥ ପିଲା ମାନଙ୍କ ଭିତରେ କିଛି ସମୟ ବିତାଇ ବାକୁ ଭାରି ଭଲ ଲାଗେ ତାକୁ । ମନର ବୋଝକୁ ହାଲକା କରିବାକୁ ସାଇ ବାବାଙ୍କ ଚରଣରେ ବସି ଯାଇଛି ସେ । ମାଧବ ବେଶ୍ ବୁଝେ ତାକୁ । ମାଧବ ପଚାରିଲା କଣ ହୋଇଛି କାହିଁକି ଏତେ ଉଦାସ ଅଛ । ମୌସୁମୀ କହିଲା ପୋଲିସକୁ ଆମ ବିରୋଧରେ ତଥ୍ୟ ମିଳି ଯିବ, ଦିନେ ନା ଦିନେ ଆମ ପାଖେ ପହଞ୍ଚିଯିବ । ମାଧବ ଭରସା ଦେଇ କହିଲା ନା ମୌସୁମୀ ମୁଁ ଆଗରୁ ସବୁ ବ୍ୟବସ୍ଥା କରିଦେଇଚି । ରାଧେ ଯୋଗସୂତ୍ରର ଧୋକା ଧାଡ଼ି ପାଇଁ ଗିରଫ ହୋଇଛି । ଆମ ନାଆକୁ କେହି ଚିହ୍ନି ପାରିନାହାନ୍ତି । ଆମ ଛଦ୍ମବେଶ ଓ ଛଦ୍ମନାମ ବେଶ୍ କାମ କରିଛି ।

ବିଦ୍ୟାଧର ଯୋଉ ଗାଡି କିଣିଥିଲା ତମ ପାଇଁ, ସେ ତ ଜାଣି ବି ନାହିଁ ଯେ ସେଥିରେ ଆମ୍ବୁଲାନ୍ସ କିଣା ହୋଇଛି । ତାର କିଛି ପ୍ରମାଣ ନାହିଁ । କାଗଜରେ ନିଜେ ବିଦ୍ୟାଧର ସାଇନ୍ କରି ତାକୁ ପାଖର ଜରାଶ୍ରମକୁ ଦାନ କରିଛି ବୋଲି ଜଣାପଡିଛି ।

Download Magazine from www.aahwaan.com

ସୁନା ଦୋକାନକୁ ଶିବାକୁ ଡକେଇ ତା ପଛରେ ମୋହିନୀ ତା ଲାପଟପରୁ ସବୁ ତଥ୍ୟ ବାହାର କରିଥିଲା । ଆଉ ସେଦିନ ମୋହିନୀ ହିଁ ବେଶ ବଦଲେଇ ତା ସହ ଜାଣିଶୁଣି ସମୟ ଅତିବାହିତ କରି ବିଳମ୍ବ କରିଥିଲା । ସେଦିନ ହିଁ ସେ ସମୟ ପୁର୍ବରୁ ଅଫିସରୁ ବାହାରି ଆସିଥିଲା । କାହିଁକି, ତାର କୌଣସି ପ୍ରମାଣ ନାହିଁ । ପୋଲିସ୍ ତା କଥାକୁ ସତ ମାନୁନି । କାରଣ ସେ ଆସିବା ଆଗରୁ ଆମେ ସେ ଜାଗାରୁ ଚାଲିଆସିଥିଲେ ।

ଲୁଗା ଦୋକାନର ଯୋଉ କପଡା କିଣା ହୋଇଛି ସେସବୁ ତ ଅନାଥ ଆଶ୍ରମରେ ନିଜେ ଦାନବିର ବିଦ୍ୟାଧର ହିଁ ଦାନ କରିଛନ୍ତି । ପୁରା ଲକ୍ଷେ ଟଙ୍କାର ଲୁଗାପଟା ।

ଆଉ ସବୁଠୁ ବଡ ଓ ମୂଳ କଥା ହେଲା ବିଶ୍ୱମ୍ବରର ସମ୍ପତ୍ତି, ତ ସେ ସବୁ ତାର ଠିକ୍ ସ୍ଥାନରେ ପହଂଚି ଯାଇଛି । ଯେମିତି ତୁମେ ଚାହିଁଥିଲ ବନ୍ୟାକୁ ନ୍ୟାୟ ମିଳିଲା ।

ମିଶନ ବୋହୁଚୋରି ସଫଳ ହେଲା ।

ଆଶ୍ଚର୍ଯ୍ୟ ହୋଇ ଚାହିଁଲା ମୌସୁମୀ, ମାଧବ ଆଡକୁ, ଆଉ ପଚାରିଲା ତୁମେ ତାହେଲେ ?

ହଁ ମୌସୁମୀ ସବୁ ଜାଣେ ମୁଁ କିନ୍ତୁ ସତରେ ତୁମ ମୁହଁ ରୁ ଥରେ ଶୁଣିବାକୁ ଚାହେଁ. ଏମିତି କଣ ହୋଇଥିଲା ଯେ ମୌସୁମି ରୂପୀ ଶାନ୍ତ ସରଳ ପାଣି ର ଧାରା ଏତେ ଭୟଙ୍କର ବନ୍ୟା ରୂପ କାହିଁକି ?

ମୌସୁମୀ ଦିର୍ଘ ଶ୍ୱାସ ନେଇ କହିଲା ମୋ ଜୀବନର ଲକ୍ଷ୍ୟ ଏଇଆ ଯେ ମୁଁ ଶେଷ ଯାଏଁ ସାମାଜ ସେବାରେ ନିଜକୁ ଲଗାଇ ରଖିବି । କଲେଜରେ ବି ଆମେ ବହୁତ୍ କ୍ୟାମ୍ପରେ ଯାଉ । ଗରିବ, ଅଭାବୀ ଲୋକ ମାନଙ୍କ କାମରେ ଲାଗିଲେ ବହୁତ୍ ଶାନ୍ତି ଲାଗେ । ଏ ବି ସେମିତି ଗୋଟେ ପ୍ରୋଜେକ୍ଟ ଥିଲା ମୋ ପାଇଁ । ତୁମକୁ ବହୁତ୍ ଧନ୍ୟବାଦ ମାଧବ ବିନା କୌଣସି

Download Magazine from www.aahwaan.com

ପ୍ରଶ୍ନରେ ତୁମେ ମୋର ସାଥ ଦେଲ । ଆଉ ମୋହିନୀ ଦି'ର ମଧ୍ୟ ମୁଁ ଆଭାର ।

ଅସଲରେ ବନ୍ୟା ହେଉଛି ବିଦ୍ୟାଧର ଓ ମାଳତୀର ନାତୁଣୀ । ଯାହାକୁ କି ସେମାନେ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ନାରାଜ୍ । ଶିବା ହାଇଦ୍ରାବାଦରେ ଇଞ୍ଜିନିୟରିଂରେ ପାଠ ପଢୁଥିଲା । ସେତେବେଳେ ସେଠି ଆଉ ଗୋଟେ ଝିଅ ବି ପଢୁଥିଲା ଶାନ୍ତି । ମୁଁ ଗୋଟିଏ ସମାଜ ସେବା ଉପରେ ଗୋଟିଏ କୋର୍ସ କରୁଥିଲି । ମୁଁ ଓ ଶାନ୍ତି ଗୋଟିଏ ରୁମ୍ ରେ ରହୁଥିଲୁ । ଭାରି ଭଲ ଝିଅଟେ ଶାନ୍ତି । ବହୁତ୍ ଗରିବ ଘରୁ ଥିଲେ ବି ବହୁତ୍ ବଡ ସ୍ୱପ୍ନ ଥିଲା ତାର । ଶିବୁ ଆଉ ଶାନ୍ତି ପରସ୍ପରକୁ ଭଲ ପାଉଥିଲେ । ଏବଂ ଶାନ୍ତି ଏଇ ସମ୍ପର୍କକୁ ନେଇ ବହୁତ ଖୁସି ଥିଲା । କିନ୍ତୁ ଶିବ ମନରେ ଭଲପାଇବାର ମାନେ କିଛି ଅଲଗା ଥିଲା । ମୋର କୋର୍ସ କିଛିଦିନ ପରେ ସରିଗଲା । କିନ୍ତୁ ଶାନ୍ତି ଓ ମୋର ବନ୍ଧୁତା ବହୁତ୍ ଭଲ ହୋଇ ଯାଇଥିଲା । ଆମେ ସବୁ କଥା ହେଉ ପରସ୍ପର ସହ । ସେଠୁ ଆସିବା ଆଗରୁ ମୁଁ ଶାନ୍ତିକୁ ଶିବର ମନ୍ଦ ଉଦ୍ଦେଶ୍ୟ ବିଷୟରେ କହି ଆସିଥିଲି । କିନ୍ତୁ ବୋଧେ ପ୍ରେମ ଅନ୍ଧ ହୋଇଥାଏ ତେଣୁ ସେ ମୋ କଥାକୁ ଗୁରୁତ୍ୱ ଦେଇ ନଥିଲା । କିଛି ଦିନ ପରେ ମୁଁ ମୁମ୍ବାଇ ଆସିଗଲି କିନ୍ତୁ ଆମେ ଫୋନରେ ସବୁ ଦିନ କଥା ହେଉଥିଲୁ । ସେଦିନ ସେ ବହୁତ୍ ଖୁସି ଥିଲା । କହୁଥିଲା ଆଜି ଶିବ ତା ଘରେ ତାଙ୍କ ବିଷୟରେ କହିବ ।  ଟିକେ ଭାବୁକ ହୋଇ କହିଲା ଯେ ସେ ଅନ୍ତଃସତ୍ତ୍ୱା । ଆଉ ତା ଘର ଲୋକ ଏ କଥା ଜାଣିବା ପୁର୍ବରୁ ଶିବର ବାପା ପ୍ରସ୍ତାବ ଧରି ତାଙ୍କ ଘରକୁ ଯିବେ । ମୁଁ ଭାବିଲି ସତରେ ମୋ ଆଖି ହିଁ ଚିହ୍ନିବା ଭୁଲ କରିଛି ଯାହା ହେଉ ଶାନ୍ତିକୁ ତା ପ୍ରେମ ମିଳିଯିବ । ସେଇଟା ଶାନ୍ତି ସହ ମୋର ଶେଷ କଥା ବାର୍ତ୍ତା ଥିଲା । ସେଦିନ ରାତିରେ ଶିବ ମିଛ କହି ଶାନ୍ତିକୁ କୌଣସି ଜାଗାକୁ ଡାକି ନେଇଥିଲା । ସେଠି ସେ ଯାହା କରିବାର କରିଥିଲା ଆଉ ତା ପରେ କିଛି ଅସାମାଜିକ ଲୋକଙ୍କ ପାଖରେ ତାକୁ ଛାଡି

Download Magazine from www.aahwaan.com

ଚାଲିଗଲା । ସେମାନେ ମିଶି ତା ସହ ଯାହା ଦୁଷ୍କର୍ମ କଲେ ତା ମୁହଁରେ କହିଲା ବେଳକୁ ମତେ ବହୁତ୍ କଷ୍ଟ ହେଉଛି ମାଧବ । କାନ୍ଦି ଉଠିଲା ମୌସୁମି ।

ଅଳ୍ପ କିଛି ସମୟ ପରେ ପୁଣି କହିଲା, ଖାଲି ସେତିକି ନୁହଁ ଦିନେ ନା ଓଳିଏ ପୁରା ସାତ ଦିନ ସାତ ରାତି ସେଇ ବୈଶୀ ମାନେ ଚିଲ ଶାଗୁଣା ପରି ତାକୁ ଖାଇଥିଲେ । ମୁଁ ବହୁତ ଥର ଚେଷ୍ଟା କରିଥିଲି ତାକୁ ଫୋନ କରିବାକୁ ଚେଷ୍ଟା କରିଥିଲି । କିନ୍ତୁ ଲାଗିଲାନି ।  ମୁଁ ଭାବିଲି ବୋଧେ ଶାନ୍ତିକୁ ତା ଜୀବନର ସବୁ ସୁଖ ମିଳିଗଲା । ବାହାସାହା ହୋଇ ଶାନ୍ତିରେ ଥିବ । ମୁଁ କେବେ ଭାବି ନଥିଲି ଏମିତି କିଛି ହୋଇ ପାରିଥିବା ।

ଶେଷରେ ଦିନେ କେମିତି ଟିକେ ସୁଯୋଗ ପାଇ ଶାନ୍ତି ସେମାନଙ୍କ ହାତରୁ ଖସି ଆସି୍ଲା । ବଡ ବିଡ଼ମ୍ବନାର କଥା ମାଧବ ସମାଜରେ ତାକୁ ସବୁ ଦୋଚାରୁଣୀର ଆକ୍ଷେପ ଦେଲେ । ପୋଲିସ ଆସି୍ଲା । ଖବର ହେଲା । କିନ୍ତୁ ଶିବୁ ଆଉ ଆସିଲାନି । ଶିବୁର ବାପା ପୋଲିସକୁ ମୋଟା ଟଙ୍କା ଖୁଆଇ ଶିବ ସେଠି ନଥିବାର ପ୍ରମାଣ ଦେଇଦେଲେ । ଆଉ ଶାନ୍ତିକୁ ତା ନିଜ ଲୋକମାନେ ହିଁ ଅଗ୍ରାହ୍ୟ କରିଦେଲେ ।

ମୁଁ ବହୁତ ଦିନ ପରେ ହାଇଦ୍ରାବାଦ କିଛି କାମରେ ଯାଇଥିଲି । ସେଠି ଆମ ସଂସ୍ଥାର ସ୍ତ୍ରୀ ସହାୟତା କକ୍ଷରେ ବୁଲୁ ବୁଲୁ ମୋ ନଜର ଶାନ୍ତି ଉପରେ ପଡିଥିଲା । ଭାରି ଖରାପ ଅବସ୍ଥା ଥିଲା ତାର । ସେ ତ ମତେ ବି ଚିହ୍ନି ପାରୁନଥିଲା । ଆଉ ଚିହ୍ନିଲା ପରେ ମତେ ଭିଡି ଧରି ଶିହରି ଶିହରି କାନ୍ଦି ଉଠିଲା । ତାର ସେ ଚିତ୍କାର ମୋର ଆଜିବି ମନେଅଛି । ସେଠିକା ଟ୍ରଷ୍ଟିଙ୍କ ସହ ବହୁତ୍ କଥା ହେଲା ପରେ ମୁଁ ଶାନ୍ତିକୁ ମୁମ୍ବାଇ ନେଇକି ଆସିଲି । ବଞ୍ଚିବାର ଇଚ୍ଛା ସବୁ ଯେମିତି ମରି ସାରିଥିଲା ତାର  । କିନ୍ତୁ ତା ପେଟରେ ଛୁଆଟା ଯେ ନିର୍ଦୋଷ । ମୁଁ ତାକୁ ବହୁତ୍ ବୁଝାଏ କିନ୍ତୁ ସେ ଗୋଟିଏ କଥା କହୁଥିଲା ବଞ୍ଚିବାକୁ ତ ଭାରି ଇଚ୍ଛା ଥିଲା

Download Magazine from www.aahwaan.com

ମୌସୁମୀ କିନ୍ତୁ କାଲିକୁ ତା ଛୁଆର ପ୍ରଶ୍ନର ଉତ୍ତର ସେ କଣ ଦେବ । କେହି ମାନିବେ ଯେ ସେ ଛୁଆ ଶିବର । ଆଉ ଜମା ଇଛା ଲାଗୁନି ଜୀଇଁବାକୁ । ମୋର ମନ ଅଛି କଅଁଳିଆ ଛୁଆ ବନ୍ୟାକୁ ମୋ ହାତରେ ଟେକିଦେଇ ଶାନ୍ତି ମତେ ନ୍ୟାୟ୍ୟ ମାଗିଥିଲା ତା ପାଇଁ ।

ତା ଦେହର ଅବସ୍ଥା ବହୁତ୍ ଖରାପ ଥିଲା ମାଧବ । ଛୁଆ ଜନ୍ମ ଦେଲା ପରେ ରକ୍ତ ସ୍ରାବ ବନ୍ଦ ହେଲାନି । ବହୁତ ଚେଷ୍ଟା ପରେ ବି ସେ ବଞ୍ଚିଲାନି ।

ଭାବିଥିଲି ବନ୍ୟାକୁ ନେଇ ତା ଘରେ ଛାଡି ଆସିବି । କିନ୍ତୁ ବିଶ୍ୱମ୍ବର ଓ ଶିବ ଯେ ତାକୁ କଣ କେବେ ଗ୍ରହଣ କରିବେ ଓଲଟା ତାକୁ ମାରିଦେବେ । ତେଣୁ ବାଧ୍ୟ ହୋଇ ମତେ ଏ ରାସ୍ତା ଧରିବାକୁ ପଡିଲା । ଏବେ ସେମାନେ ନିଶ୍ଚିତ ସାରା ଜୀବନ ଭାବୁଥିବେ କାହାକୁ ସେମାନେ ତାଙ୍କର ସମସ୍ତ ସମ୍ପତ୍ତି ଦେଇଦେଲେ ।  ପୁଣି ଭାବୁଛି ମୋ ଶାନ୍ତିର ଆତ୍ମାକୁ ଟିକେ ଶାନ୍ତି ନିଶ୍ଚୟ ମିଳିଥିବ । ତମେ କଣ କହୁଛ ମାଧବ ମୁଁ ମୋ କଥା ରଖିପାରିଛି ।

ମାଧବ ଏକ ଶାନ୍ତ ହସ ଖେଳାଇ କହିଲା ଏଥିରେ ଭୁଲ ବା କଣ ? ଯଦି ଗ୍ରୀଷ୍ମର କଠିଣ ଖରାରୁ ରକ୍ଷା କରିବା ପାଇଁ ତୁମେ ମୌସୁମୀ ହୋଇପାରେ ତେବେ କାହାର ମଂଗଳ ପାଇଁ, କାହାକୁ ବଞ୍ଚାଇବାକୁ ଯାଇ ତୁମେ ବନ୍ୟା ବି ସାଜିପାର ।

ବିବେକ ବିହାର, ବ୍ରହ୍ମପୁର

Download Magazine from www.aahwaan.com

# ଝିଅପରି ଝିଅଟିଏ



ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ

ପଥିରେ ପଢିବା ଓ ଆଖିରେ ଦେଖିବା, ଅନୁଭବ କରିବା,ନିଜକୁ ସେଥିରେ ତଲ୍ଲୀନ କରି ରୋମାଞ୍ଚିତ ହେବା ସମ୍ପୁର୍ଣ୍ଣ ଭିନ୍ନ । ମୁଁ ବହୁବାର ଭୂଗୋଳ, ଇତିହାସ ଏବଂ ଅନ୍ୟାନ୍ୟ ବହିରେ ଓଡ଼ିଶାର ପୁର ପଲ୍ଲୀରେ ଅବସ୍ଥିତ ଐତିହାସିକ ଓ ପର୍ଯ୍ୟଟନ ସ୍ଥଳୀ ବିଷୟରେ ପଢ଼ିଥିଲି । ବେଳେବେଳେ ଟେଲିଭିଜନରେ ଦେଖିଥିଲି । ସମସ୍ତଙ୍କ ପରି ମୋର ବି ଅନେକଥର ଇଚ୍ଛା ହେଇଛି, ସେ ସୁନ୍ଦର ସ୍ଥାନ ସବୁ ବୁଲନ୍ତି, ଦେଖନ୍ତି, କିନ୍ତୁ ମନର କଥା ମନରେ ରଖିବାର ଅପୁର୍ବ ଶକ୍ତିଟିଏ ଭଗବାନ ମୋ ଦେହରେ ଭରି ଦେଇଥିଲେ । ମା ଗର୍ଭରୁ ହିଁ ମୋ ଦେହ, ରଙ୍ଗ, ରୂପ, ଆକାର ଗଢିଲା ବେଳୁ । ତେଣୁ ଇଚ୍ଛା ପୂର୍ଣ୍ଣ ନହେଲେ ବି ବିଶେଷ ଦୁଃଖ ଲାଗୁ ନ ଥିଲା । ବେଳେବେଳେ ବାପା ମା ଇଶ୍ୱରଙ୍କ ସ୍ୱରୂପ ପରି ଲାଗନ୍ତି । ଗହୀର ମନ କଥା କେମିତି ଜାଣିଯା'ନ୍ତି ଯେ, କେମିତି ପଢି ଦିଅନ୍ତି ଅଲେଖା ହୃଦୟର କଥା ?

ମୁଁ ସେତେବେଳେ ଅଷ୍ଟମ ଶ୍ରେଣୀରେ ପଢୁଥାଏ । ବାଧ୍ୟବାଧକତାରେ ହେଉ ପଛେ ବାପା ମା'ଙ୍କ ସହ ପ୍ରଥମ ଥର ଜଗଦଳପୁର ଯାଇଥିଲି । ଆତାଙ୍କ ଅନ୍ତେଷ୍ଟି କ୍ରିୟାରେ ଯୋଗଦେବା ପାଇଁ, ତା'ପରଠୁ ଆଉ କୌଣସି ଜାଗା ଯିବାର ସୁଯୋଗ ପାଇ ନଥିଲି । ପରୀକ୍ଷା ଉପନୀତ ହେଲେ ବାପା କୁହନ୍ତି ଭଲ ନମ୍ବର ରଖିଲେ କଟକ, ପୁରୀ, ଭୁବନେଶ୍ୱର ବୁଲେଇ ନେବି । ହେଲେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ହେତୁ କୋଉଠିକି ନେଇ ପାରନ୍ତିନି । ମୁଁ ଯେଉଁ ବର୍ଷ ମେଟ୍ରିକ ପାସକଲି, ଜିଲ୍ଲାରେ ପ୍ରଥମ ହେଇଥିଲି ବୋଲି ଜିଲ୍ଲାର ବହୁ ସ୍ଥାନରେ ମୋତେ ସମ୍ମାନିତ କରାଗଲା । ଏତେ ବଡ଼ ସମ୍ମାନ ବାପା ମାଆର ପେଟ

Download Magazine from www.aahwaan.com

ପୁରେଇ ଦେଉଥିଲା । ଖବରକାଗଜରେ ମୋ ଫୋଟ ସହ ବାପା ମା'ଙ୍କ ଫୋଟ ଚିତ୍ର ବାହାରି ଥିଲା । ହେଲେ ପୂର୍ବ ପରି ସେଥରକ ମଧ୍ୟ ବାପା ବୋଉ କୌଣସି ଜାଗା ବୁଲେଇ ପାରି ନ ଥିଲେ ।

( ୨)

ଅଧିକା ନମ୍ବର ରଖିଥିବା ସତ୍ତ୍ୱେ, ଘର ପାଖ କଲେଜରେ ପ୍ଲସ ଟୁ କଳା ବିଭାଗରେ ନାମ ଲେଖେଇଲି ।ମୋର ଇଚ୍ଛା ଅପେକ୍ଷା ଆବଶ୍ୟକତା ଓ ସାମର୍ଥ୍ୟକୁ ଗୁରୁତ୍ୱ ଦିଆଯାଇଥିଲା ।ମୁଁ ଖୁସି ଥିଲି ଯେ, ମୁଁ ଆଗକୁ ପଢି ପାରିବି ।

କେତେଥର ଜେଜେମାଙ୍କ କଥାରେ ଆସି, ବାପା ପାଠ ଛଡ଼େଇବାକୁ ବାହାରି ଥିଲେ ।ଜେଜେମାଙ୍କ ଭାଷାରେ 'ଝିଅ ଜନମ ପର ଘରକୁ, ଝିଅ ଜନମ ଚୁଲି ମୁଣ୍ଡକୁ' ଇତ୍ୟାଦି ।କିନ୍ତୁ ପୂଜ୍ୟ ଗୁରୁଜୀ ଘରକୁ ଆସି ଜେଜେମାଙ୍କୁ, ବାପାଙ୍କୁ ବୁଝାନ୍ତି, କିନ୍ତୁ ଜେଜେମା ସଞ୍ଜ ସକାଳ ମୋ ବିବାହ କଥା କୁହନ୍ତି, ବାପାମାଆଙ୍କୁ ମଧ୍ୟ ଭାବିବାକୁ ମଜବୁର କରି ଦିଅନ୍ତି ।

କଲେଜ ଆରମ୍ଭ ହେଇଗଲା, ହେଲେ ବହି କିଣିବାକୁ ଅସମର୍ଥ ।ବାପାଙ୍କୁ କହିବାକୁ ବି ଭୟ, କାଳେ ନାଁ କାଟି ଦେବେ ।ତେବେ 'ଇଚ୍ଛା ଥିଲେ ଉପାୟ ଆସେ' ଏ କଥା ଆମେ ଅଙ୍ଗେ ନିଭାଇଛୁ ।ଟଙ୍କା ଅଭାବରୁ ଦୁଇ, ତିନି ଜଣ ସାଙ୍ଗ ମିଶି ବହି କିଣୁ ଅଦଳ ବଦଳ କରି ପଢୁ ।ଆଜିକାଲିକା ପିଲାଙ୍କ ପରି ଘଡିଘଡିକୁ ବହି, ବେଗ, ଡ୍ରେସ, କୁଲଫି, ପିଜା, ଚିକେନ୍ ବିରିୟାନି, ମଟର୍ନ ବିରିୟାନିଠୁ ଆରମ୍ଭ କରି ନାନା ପ୍ରକାର ୱେଷ୍ଟର୍ଣ୍ଣ ଫୁଡ଼, ସେତେବେଳେ ଆମ ପାଖରେ ସାତ ସପନ ।ମୋର ଏବେ ବି ମନେ ଅଛି, ଆମ କଲେଜ ସକାଳୁ ରେ ଆରମ୍ଭ ହୁଏ ।ତା ସାଥେ ଦି'ମୁଠା ମୁଢ଼ି ଖାଇ ମୁଁ କଲେଜକୁ ଯାଏ । ସାଙ୍ଗସାଥୀ କେଣ୍ଟିନରେ ଖାଇବାକୁ ଡାକିଲେ, କେତେ ବାହାନା ମୁଁ କରେ ।ଅବଶ୍ୟ ଦୁଃଖ ଲାଗେନା, ପିଲାଦିନୁ

 Download Magazine from www.aahwaan.com

ମହାପୁରୁଷଙ୍କ ଜୀବନୀ ପଢ଼ିଛି ।ମହାତ୍ମା ଗାନ୍ଧୀ, ମଦର ଟେରେସା, ଗୋପବନ୍ଧୁ ଦାସ, ବିବେକାନନ୍ଦ ସଭିଙ୍କ ଜୀବନୀ ପଢି ଜୀବନର କାନଭାସରେ ସଂଘର୍ଷର ଚିତ୍ରଟିଏ ଆଙ୍କି ସାରିଥିଲି ।

ମୁଁ ଆମ ଘରକୁ ଗୋଟେ ଝିଅ, ବାପା କିନ୍ତୁ ଘରକୁ ବଡ଼ ପୁଅ ।ବଡ଼ ପୁଅ ହିସାବରେ ଦାୟିତ୍ୱ ଅଧିକା ।ବାପାଙ୍କ ଭାଇଭଉଣୀମାନେ ବେଶ ଚାଲାକ, ନିଜ ନିଜ ସୁବିଧା ଅନୁସାରେ ଯେ ଯେଉଁଠି ରହୁଥିଲେ ।ବାପା ଚାକିରୀ କରନ୍ତି ବୋଲି, ବାପାଙ୍କ ଠାରୁ ଆବଶ୍ୟକ ଆର୍ଥିକ ସାହାଯ୍ୟ, ସହଯୋଗ ପାଉଥିଲେ ।କିନ୍ତୁ ଆମର ଆବଶ୍ୟକ ବେଳେ, କିଏ ସାହାଯ୍ୟ କରି ପାରୁ ନଥିଲେ ।ସମସ୍ତେ ବେଶ ସୁବିଧାବାଦୀ ଥିଲେ ।ବାପାଙ୍କ ସରଳତାର ଫାଇଦା ଉଠେଇ ପାରିଥିଲେ ।ବାପା ଜାଣି ପାରନ୍ତି କଷ୍ଟ ହୁଏ, ତେବେ କିଛି କହନ୍ତି ନାହିଁ ।ଏକଥା ଆମେ ହୃଦୟଙ୍ଗମ କରୁଥିଲୁ ।

(୩)

ବାପାଙ୍କ ଉପରେ ଅଧିକ ଚାପ ନ ପଡୁ ସେ ଦିଗରେ ମାଆ ଖୁବ ସଚେତନ ଥିଲେ ।ମା ମୋର ଖୁବ ପରିଶ୍ରମୀ ।ସକାଳୁ ଉଠିଲା ଠାରୁ ରାତି ଶୋଇଲା ଯାଏଁ କାମ କରନ୍ତି ।ରୋଷେଇ, ସିଲେଇ, ବୁଣାବୁଣି, ବଗିଚାର ଯତ୍ନ ଘରର ଯାବତୀୟ କାମ, ଏତକ ବାଦେ ମା ମୁହଁରେ ସଦା ସର୍ବଦା ନିର୍ଲିପ୍ତ ହସଟିଏ ଝରୁଥିଲା ।

ଦିନେ ଅଧରାତିରେ ମୋ ନିଦ ଭାଙ୍ଗିଗଲା, ଉଠି ଦେଖିଲି ମା ବାରିପଟେ ଗୋବର ଘଷି ପାରୁଛନ୍ତି ।ବୁଝିଲି ଦୁଇ, ତିନିମାସ ହେଲା ବାପାଙ୍କ ଦରମା ହେଇନି । ଅଭାବରେ ଅଭିନବ ଚିନ୍ତା, ଗୋବରକୁ ଜାଳେଣି ରୂପେ ପ୍ରସ୍ତୁତ କରିବା ।ତା'ପରଦିନଠୁ ମୁଁ ମଧ୍ୟ ମାଆ ସାଥିରେ ଉଠିଥିଲି ।ଆମ ସାହିରେ ଥିବା କେଲା ପାରିଆ(କେରଳରୁ ଆସିଥିବା ଏକ ପରିବାର ଯାହାକୁ ସାହିରେ ଏଇ ନାମରେ ଚିହ୍ନନ୍ତି) ଘର ଗୁହାଳରୁ ହାଣ୍ଡି ହାଣ୍ଡି ଗୋବର ବହିଥିଲି ।ଦାଣ୍ଡ ଲୋକ

Download Magazine from www.aahwaan.com

କେହି ଜାଣିଯିବେ କାଳେ, ସକାଳ ହେବା ପୂର୍ବରୁ ଗୋବର ବହିବା, ନଳକୂପରୁ ପାଣି ବହିବା କାମ ସାରିଦିଏ ।କାରଣ ବାପାଙ୍କର ବି ଗୋଟିଏ ଆଭିଜାତ୍ୟ ଥିଲା ।'ସାମନ୍ତରାୟ ବାବୁ ଘର' କହିଲେ ଆଖ ପାଖ ସାତ ପଡାର ଲୋକ ଜାଣନ୍ତି ।ଜେଜେମାଠୁ ଶୁଣିଛି, ତାଙ୍କ ଶାଶୁ ଓ ଶାଶୁର ଶାଶୂ ସଭିଏଁ ସୁନା ଖଚିତ ପାଟ ପିନ୍ଧୁଥିଲେ, କୁଲାରେ ସୁନା ଶୁଖଉ ଥିଲେ ।କାନରେ, ନାକରେ ହୀରା ଲାଗୁଥିଲା ।ସମୟ ସ୍ରୋତରେ ସୁଦିନ ସବୁ କୁଆଡେ ହଜି ଯାଇଥିଲା ହେଲେ କର୍ପୂର ଉଡି ଯାଇଛି, ବାନା ରହି ଯାଇଛି ।ମୁଁ ଭାବେ କାହା ଶାଢୀରେ ଲାଗିଲେ ଆମର କଣ, ଆମ ବେଳକୁ ତ କାନରେ କି ବେକରେ ଖଣ୍ଡିଏ ସୁନା ଲାଗିନି ।

ସମୟ ଚାଲୁ ଥାଏ ତା ବାଟରେ, ନିରନ୍ତର ନିର୍ଦ୍ଧାରିତ ପ୍ରକ୍ରିୟାରେ ।ଦିନରାତି ପରି ଦୁଃଖ ସୁଖ, କଡ଼ ଲେଉଟାଉ ଥାଏ ।ଆମର ଦୁଃଖ ବି ଘୁଞ୍ଚୁଥିଲା । ବାପାଙ୍କୁ କେତେ ମାସର ଦରମା ଏରିୟର ମିଳିଲା, ଦରମା ବି ବଢ଼ିଲା ।ମୋର ପ୍ଲସ ଟୁ ଦ୍ୱିତୀୟ ବାର୍ଷିକ ପରୀକ୍ଷା ସରିଥାଏ ।ବାପା ଅଫିସରୁ ଫେରି ମାଆ ହାତରେ ସବୁଜ କାଗଜ ଖଣ୍ଡିଏ ବଢ଼େଇ ଦେଲେ... ସେଇ କାଗଜ ଖଣ୍ଡିକ ଆଉ କିଛି ନୁହଁ, କଟକ ଯିବାପାଇଁ ଟିକେଟ ଥିଲା । କଟକ ଯିବୁ, କଟକ ବାଲିଯାତ୍ରା ଦେଖିବୁ ମୋ ଖୁସି କହିଲେ ନ ସରେ ।ପାଦ ଆଉ ତଳେ ପଡୁ ନ ଥାଏ ।

(୪)

ବସର ଝରକା ପାଖ ସିଟରେ ବସିବା ମଜା ଟିକିଏ ଅଲଗା ।ଝରକା ସେ ପାଖରେ ଦୂର ଦୂର ଯାଏଁ ଆଖି ବୁଲେଇ ଆଣୁଥିଲି ।ରାସ୍ତା ଦୁଇ ପାଖରେ ଧାଡି ଧାଡି ଗଛ ସବୁ ହାତ ହଲେଇ ହଲେଇ ଆମ ସାଙ୍ଗରେ ଯାଉଛନ୍ତି ଯେମିତି, ଦୂର ପାହାଡ଼ି ଝରଣା, ବଣ ଜଙ୍ଗଲ, ରଙ୍ଗ ବେରଙ୍ଗ ଫୁଲକୁ ମନ ମଇନା ଛୁଇଁ ଛୁଇଁ ଯାଉଛି ।ଶୁଣି ଥିବା କିଛି ସ୍ଥାନ ଆଖି ଆଗରେ ନାଚି ଉଠୁଛି ।କୋଉଠିକି ଯିବୁ, କ'ଣ କ'ଣ ଦେଖିବୁ ଭାବୁ ଭାବୁ, ଗାଡି କଟକ ପହଞ୍ଚି ସାରିଥିଲା ।ରାତିସାରା ମୁଁ ଏକା ବୋଧେ ଯାହା ଆଖିକୁ ନିଦ ଛୁଇଁ ନ ଥିଲା, ଛୁଇଁଥିଲା ଛୋଟ

Download Magazine from www.aahwaan.com

ଛୋଟ କେତେ ସ୍ୱପ୍ନ ।

କାର୍ତ୍ତିକ ମାସ ପୂର୍ଣ୍ଣିମା ତିଥି ପ୍ରକୃତରେ କେତେ ପବିତ୍ର, କେତେ ଅନନ୍ୟ ଗଡ଼ଗଡ଼ିଆ ଘାଟରେ ପାଦ ଦେଇ ଜାଣିଲି ।ମାଛି ଅନ୍ଧାରୁ କେତେ ଭିଡ଼ କାହା କାହା ଓଠରୁ ଝରି ପଡୁଥିଲା ଗୀତର ପଦ ।ପାଣିରେ ଭାସୁଥିବା ଧୁପ, ଦୀପ ଓ ଫୁଲରେ ସଜା ବୋଇତ ମାନ ହୀରା, ନୀଳା ଖଞ୍ଜା ମିଞ୍ଜି ମିଞ୍ଜି ନକ୍ଷତ୍ର ସାଜିଥିଲେ ।ଅପୂର୍ବ ସେ ମନଲୋଭା ଦୃଶ୍ୟ ।ଅନ୍ଧାର ଓ ଭିଡ଼ ଭିତରେ ବି ଲୋକଙ୍କ ଖୁସି ଅନୁଭବ କରି ହେଉଥିଲା ।ଦୂର ଦୂରରୁ ଲୋକ ଆସିଥିଲେ ।

ସେଦିନ ସକାଳେ କଟକସ୍ଥିତ ମନ୍ଦିର ସବୁ ଦେଖିଲୁ ।ଗଡ଼ଚଣ୍ଡୀ ମନ୍ଦିର, ମଙ୍ଗଳା ମନ୍ଦିର, ସର୍ପଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର ଦର୍ଶନ କଲୁ ।ମୁଁ ନୌକାରେ ପ୍ରଥମ ଥର ବସିଥିଲି ଭୟ ଯେତିକି ଖୁସି ବି ସେତିକି ଥିଲା ।ମନ୍ଦିର ବୁଲିବା ଭିତରେ କେତେ ନୂଆ ଲୋକ ବାପାଙ୍କ ସାଙ୍ଗ ହେଇଗଲେ, ଦୂରରୁ ଆସିଥିବା ମହାନ୍ତି ଆଙ୍କା ଏବଂ ତାଙ୍କ ପରିବାର ମାଆ ବାପାଙ୍କ ସହ ଏମିତି ମିଶିଗଲେ ଯେ, ଆମେ ଫେରିବା ଯାଏଁ ସାଥିରେ ସାଥିରେ ହିଁ ରହିଥିଲେ ।ସେଦିନ ସଞ୍ଜରେ ବାଲିଯାତ୍ରା ପ୍ରାଙ୍ଗଣରେ ଭଳିକି ଭଳିକି ଉଜ୍ୱଳ ବିଜୁଳି ଆଲୁଅରେ ଆଖି ଝଲସି ଉଠୁଥିଲା ।ମଞ୍ଚ ଉପରେ ସୁନ୍ଦରୀ ବାଳିକାଟିଏ ଓଡିଶୀ ନୃତ୍ୟକଳା ପ୍ରଦର୍ଶନ କରୁଥିଲେ ।ଦର୍ଶକମାନେ ମନ୍ତ୍ର ମୁଗ୍ଧ ହେଇ ଅପଲକ ନୟନରେ ଦେଖୁଥିଲେ ।ଏମିତି ପଲ୍ଲିଶ୍ରୀ ମେଳା, ବିଭିନ୍ନ ଅନୁଷ୍ଠାନ ତରଫରୁ ଆସିଥିବା ପ୍ରଦର୍ଶନୀ ଦେଖି ଦେଖି ଗଲୁ ।ଭଳିକି ଭଳି ଦୋକାନ ସବୁ ଧାଡି ଧାଡିରେ ଦେଖି ଦେଖି କିଛି କିଣିଲୁ ।ଖାଇବା ରେସ୍ତୁରେଣ୍ଟ ଗୁଡିକ ବି ବହୁତ ।ଯାହା ଇଚ୍ଛା ତାହା ଖାଇ ପାରିବ ।ମଝିରେ ମଝିରେ ଆଇସକ୍ରିମ, ଗୁପଚୂପ ଖାଉଥିଲୁ, ଆଶ୍ଚର୍ଯ୍ୟ ସେ ବଡ ଠୋଲା ପୁରି, ଗୋଟେ ଖାଇ ପାରି ନ ଥିଲୁ ।ଯେତିକି ଦେଖିବୁ ଭାବିଥିଲୁ ତା'ଠୁ ଅଧିକ ଦେଖିଥିଲୁ ।

Download Magazine from www.aahwaan.com

କିଛିଦିନ ପରେ ଏମିତି ଏକ ଅପରାହ୍ଣରେ ମହାନ୍ତିଆଜ୍ଞା ସପରିବାର ସହ ବୁଲି ଆସିଲେ ।ବାପା ପାଛୋଟି ଆଣିଲେ, ମାଆ ଗୋଡ଼ ଧୋଇବାକୁ ପାଣି ଥୋଇଲେ ।ମୋତେ ଠାରରେ ଗାମୁଛା ଆଣିବାକୁ କହିଥିଲେ ମାଆ ।ସେତେବେଳେ ଆଖିର ଠାରରେ, ଗୋଟିଏ ଶବ୍ଦରେ କେତେ ନିର୍ଦ୍ଦେଶ କେତେ ଆଦେଶ ଆମେ ବୁଝିଯାଉଥିଲୁ ।ଗୋଟିଏ ଶବ୍ଦରେ କେତେ ଅର୍ଥ କେତେ ଅନୁଶାସନ ଭରିରହୁଥିଲା ।କୌଣସି କଥାକୁ ବୁଝେଇବା ପାଇଁ ଶବ୍ଦର ବଜାର ବସେଇବାକୁ ପଡୁ ନଥିଲା ।ଆଜି ଆଖିର ଠାରରେ ବୁଝିବା ଭଳି ପିଲା ଏ ଆଖି ଦେଖୁନି ।ତେବେ, ସେଦିନ ଚା' ଜଳଖିଆ ଖାଉ ଖାଉ ମହାନ୍ତି ଆଜ୍ଞା ତାଙ୍କ ଆସିବା ଅସଲ ଅଭିପ୍ରାୟ ଜଣାଇଥିଲେ ।ଆଶା ମୋତେ ବୋହୂ କରି ନେବେ, ପ୍ରତ୍ୟେକ କଥାରେ ଅନୁରୋଧ ଭରି ରହିଥିଲା ।

ଆଜ୍ଞା ଆମର ଗୋଟିଏ ବୋଲି ପୁଅ ।ଆମେ ବୁଢା ବୁଢ଼ୀ ଅନ୍ତେ ସବୁ ସମ୍ପତ୍ତି ସେ ହିଁ ଉପଭୋଗ କରିବ ।କେଉଁଥିକୁ ଅଭାବ ନାହିଁ ।ଆପଣ ଖାଲି ପ୍ରସ୍ତାବରେ ହଁ କହିଦେଲେ ବିବାହ ସାଙ୍ଗେ ସାଙ୍ଗେ କରିଦେବା ।ଆପଣଙ୍କ ଝିଅ ଘରର ମାଲିକାଣୀ ହେଇ ରହିବ ।କୋଉଠିକି ଅଭାବ କରିବୁନି ।

ଆପଣ ଏତେ ଦୂରରୁ ଆସିଛନ୍ତି ।ଭଦ୍ରକ କାହିଁ ଆଉ ଜୟପୁର କାହିଁ, 'ଆମେ ସବୁ ଖୁସି, ତେବେ ଏ ସମ୍ପର୍କରେ ବିଚାର କରିବାକୁ ସମୟ ଦେଲେ ମୁଁ ଖୁସି ହୁଅନ୍ତି ଆଜ୍ଞା ।

ଆପଣ ବିଚାର କରନ୍ତୁ କିନ୍ତୁ ମୋତେ ନିରାଶ କରନ୍ତୁନି କହି, ମନରେ ବିରାଟ ଆଶାକୁ ସଞ୍ଚୟ କରି ବିଦାୟ ନେଇଥିଲେ ।ବିଦାୟ ନେବା ସମୟରେ ବାପାମା' ସହ କେତେ ଦୂର କଥା ହେଇ ହେଇ ଯାଇଥିଲେ ।କଣ କଥାହେଲେ ମୁଁ ଜାଣିନି କାରଣ ସବୁ କଥାରେ ମୁଣ୍ଡ ଲାଡିବା ଏକ ପ୍ରକାର ଅଭଦ୍ରାମୀ, ଅଶିଷ୍ଟାଚାର କୁହାଯାଉଥିଲା ।ତେଣୁ ବାପାମା' ଯେତିକି କହୁଥିଲେ ସେତିକି ଆମ ପାଇଁ ଯଥେଷ୍ଟ ତା'ଠୁ ଅଧିକ ପଚାରି ବିରକ୍ତି କରିବା ଦୃଷ୍ଟତା ମୁଁ

Download Magazine from www.aahwaan.com

କେବେ କରି ନଥିଲି ।

କିଛିଦିନ ପରେ ମହାନ୍ତି ଆଜ୍ଞା ପୁଅର ଜାତକ ନେଇ ଆସିଲେ ।ବିବାହ ପ୍ରସ୍ତାବ କେମିତି ଆଗେଇବ ସେ ଚିନ୍ତା ତାକୁ ଖାଇଯାଉଥିଲା ଯେମିତି ।କେମିତି ବାପାଙ୍କଠୁ ହଁ ଶୁଣିବେ, ସେଥିପାଇଁ ଏକ ପ୍ରକାର ଚାତକ ସାଜିଥିଲେ ।ବାପା ଖୁବ ସରଳ ଓ ସଚ୍ଚୋଟ ବ୍ୟକ୍ତି ଥିଲେ ।ତେବେ ସେଦିନ ଚା ଦେଉ ଦେଉ ବାପାଙ୍କ କିଛି କଥା ମୋ କାନରେ ବାଜିଲା ।ବାପା କହୁଥିଲେ ..

କ୍ଷମା କରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକିଏ କମ, ତେଣୁ ମୋ ଝିଅ ନାପସନ୍ଦ କରୁଛି ।ସେ ଚାହୁଁଛି ଅନ୍ତତଃ ପୁଅ ଛଅ ଫୁଟ ଉଚ୍ଚତା ଥିବା ଭଳିଆ ବର ଗୋଟେ ।ନ ଥିଲେ ବି ଚଳିବ, ହେଲେ ଅନ୍ତତଃ ପକ୍ଷେ ଘରେ ବଡ଼ କାରଟିଏ ଥିବ ।ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ ।

ସେସବୁ ବ୍ୟବସ୍ଥା ବିବାହ ପୂର୍ବରୁ କରିଦେବୁ ।ଆପଣ ଖାଲି ହଁ କୁହନ୍ତୁ ।ଦେଖନ୍ତୁ ବହୁ ଆଶା କରି ଆସିଛୁ, ବାରଦ୍ୱାର ଶୁଣ୍ଠି ପିଣ୍ଡା ହେଲୁଣି ।କୋଉଠି ବି ପ୍ରସ୍ତାବଟେ ହେଉନି ।ଆପଣ ଯଦି କୁହନ୍ତି ଅଗ୍ରୀମ କିଛି ଅର୍ଥ ବ୍ୟବସ୍ଥା ବି କରିଦେବୁ ।ଆପଣ ଖାଲି ହଁ କୁହନ୍ତୁ ।

ବାପା ଏ ଭିତରେ ମହାନ୍ତି ଆଜ୍ଞାଙ୍କ ରହଣି ଚଳଣି, ପୁଅ ସମ୍ପର୍କରେ ଆବଶ୍ୟକ ତଥ୍ୟ ଯୋଗାଡ଼ କରି ସାରିଥିଲେ ।ତେଣୁ ମାଆ ଆଉ ଜେଜେମାଙ୍କ ଉପସ୍ଥିତିରେ ପ୍ରସ୍ତାବ ସ୍ୱୀକାର କରିଥିଲେ ।ତେବେ ମହାନ୍ତି ଆଜ୍ଞାଙ୍କ ଆର୍ଥିକ ସହାୟତାକୁ ଅସ୍ୱୀକାର କରିଥିଲେ ।ମହାନ୍ତି ଆଜ୍ଞାଙ୍କ ଖୁସିର ଠିକଣା ନ ଥିଲା ସେ ବାପାଙ୍କ ହାତକୁ ଯୋଡି ଧରି ହୃଦୟରୁ କୃତ କୃତ ଭଙ୍ଗୀରେ ମୁଣ୍ଡକୁ ଛୁଆଉଁଥିଲେ ।ତାଙ୍କ ମନର ଭାବକୁ ହୃଦୟର ଆବେଗକୁ ଶବ୍ଦରେ ପ୍ରକାଶ କରି ପାରୁ ନଥିଲେ ବି ବାପାମାଆ ବେଶ ବୁଝି ପାରୁଥିଲେ ।ପଢି ପାରୁଥିଲେ ଆଖିର ଭାଷା, ହୃଦୟର ଭାବକୁ । ମହାନ୍ତି ଆଜ୍ଞାଙ୍କ ଛାତି ଶ୍ରଦ୍ଧାରେ, ଏକ ଅପୂର୍ବ ଅନନ୍ୟ ପ୍ରାପ୍ତିରେ ଫୁଲି

 Download Magazine from www.aahwaan.com

ଉଠୁଥିଲା ମାସ ମାସ ଧରି ଅପେକ୍ଷାରତ ଧରଣୀରାଣୀ ପାଣିର ସ୍ପର୍ଶରେ ଯେମିତି ଫୁଲି ଉଠେ, ଭୁରି ଭୁରି ବାସରେ ଚହଟାଇ ଦିଏ ଦୂର ଦିଗନ୍ତ ।ଠିକ ସେପରି ମହାନ୍ତି ଆଜ୍ଞା ଖୁସିରେ, ଆନନ୍ଦରେ ବିହ୍ୱଳିତ ହେଇଗଲେ ।ନିଜ ପକେଟରୁ ସେଲ ଫୋନ ବାହାର କରି, ନିଜ ବନ୍ଧୁ ବାନ୍ଧବଙ୍କୁ ଜଣାଉଥିଲେ ।ଆମ ଘରୁ ଖୁସି ଖୁସି ବିଦାୟ ନେଲେ ।

ସେଦିନ ଡେରିରେ ରାତ୍ରିଭୋଜନ ହେଲା ।ଅଗଣାରେ ବସି ବାପାମା ଗପୁଥାନ୍ତି, ପାଖରେ ବସିବାକୁ ଇଚ୍ଛା ଥିଲେ ବି ଲାଜରେ ଦୂରରେ ଠିଆ ହେଇଥିଲି ।ବାପା କହୁଥିଲେ...

ମହାନ୍ତି ବାବୁଙ୍କ ପରିବାର ଖୁବ ଭଲ, ପୁଅ ବ୍ୟାଙ୍କରେ କ୍ୟାସିୟର ହେଇଛି ।ପିଲାଟି ଉତ୍ତମ ସ୍ୱଭାବ, ହଁ ଉଚ୍ଚତା ଟିକେ କମ ହେଇପାରେ କିନ୍ତୁ Weight ରେ କମ ନୁହେଁ ।

ଠିକ କଥା ଯେ, ଆମେ ଝିଅ ଘର ପରା ।ତମେ ଯେମିତି ସବୁ କହିଲ, ମୋତେ ଲାଗିଲା ଆମେ ତାଙ୍କୁ ଡିମାଣ୍ଡ କରୁଛୁ ।କିନ୍ତୁ ଆଶ୍ଚର୍ଯ୍ୟ, ମହାନ୍ତି ବାବୁ ସବୁକଥା ହସି ହସି ମାନିନେଲେ ।

ସରଳ, ସୁନ୍ଦର, ଶିକ୍ଷିତ, କାମ ଧାମ ସବୁଥିରେ ନିପୁଣ .. ଆମ ଝିଅପରି ଝିଅଟିଏ କିଏ ଅଛି ଭଲା ।

ଠିକ କଥା ଯେ, ତଥାପି...

ସବୁ ଠିକ ହେଉଛି ଆଗକୁ ବି ଠିକ ହେବ ।ତମେ ଚିନ୍ତା କରନି ।ତମେ ନ କହିଲେ ମୁଁ କଣ ଜାଣି ପାରୁନି ? ତମେ ମାଆ, ଝିଅ ରାତି ଅଧରୁ ଉଠି କେତେ କାମ କରୁଛ ।ଆଉ ନୁହେଁ ଝିଅ ମାନେ ଶାଶୁ ଘରେ କଷ୍ଟ ପଡନ୍ତି, ଆମ ଝିଅ ତ ମାଆ ଘରୁ କଷ୍ଟ ପଡ଼ିଲାଣି ।ଆଉ ନୁହେଁ ।ଏଥର କୌଣସି ଦିନେ କୌଣସି ଦୁଃଖ, କଷ୍ଟ ତା ଜୀବନେ ନ ଆସୁ ।ସୁଖରେ ରହୁ ସେଥିପାଇଁ କହିଲି .... ବାପାଙ୍କ କଣ୍ଠ ରୁଦ୍ଧ ହେଇ ଆସୁଥିଲା ।

ହଁ ଆମ ଝିଅର କୌଣସି ଅସୁବିଧା ହେବନି, ସେ ସୁଖରେ ରହିବ ।ଝିଅ ଯିବ ଶାଶୁ

Download Magazine from www.aahwaan.com

ଘର, ଏତକ କହୁ କହୁ ମାଆ ପଣତ ଓଦା ହେଇଯାଉଥିଲା ।

ନିଶବ୍ଦରେ ଆଖିରୁ ଲୁହ ଧାର ଧାର ହୋଇ ଝରିଗଲା ।ସତରେ ବାପାମାଆଙ୍କ ଭଳି କିଏ ଅଛି ଶୁଭ ଚିନ୍ତା କରିବେ ? ସେଥିପାଇଁ ଗଣେଶ ଶିବପାର୍ବତୀଙ୍କ ଚାରି ପାଖରେ ତିନିଥର ପରିକ୍ରମା କରି ବାପାମା' କେତେ ବଡ଼ କେତେ ଶ୍ରେଷ୍ଠ କାର୍ତ୍ତିକଙ୍କ ସାଥେ ସାଥେ ସାରା ସଂସାରକୁ ଜଣାଇଥିଲେ ।

ଶାଶୁଘର ଯିବି, ସ୍ୱାମୀ, ଶାଶୁ, ଶଶୁର, ଚାକର ବାକର ଥିବେ, ସବୁ ଏୟାସ, ଆରାମ ଥିବ ।ବାପା ମା'ଙ୍କ ଆଶୀଷ ସୁଖରେ ରହିବି ।ହେଲେ ବାପାମାଆ ?

ମନ କହୁଥାଏ ବାପାଙ୍କୁ କହିବି ଏତକ ମାଗନ୍ତ  ବାପା-

ମୋତେ ସେ ଅଧିକାର ଦିଅନ୍ତ ..

ଝିଅ ହେଲେ ବି ମୁଁ ଯେମିତି ତୁମ ଦାୟିତ୍ୱ ନିଅନ୍ତି ।

ତୁମ ଦୁଃଖ ସୁଖ ବୁଝିବା ମୋର ପ୍ରଥମ କର୍ତ୍ତବ୍ୟ ହୁଅନ୍ତା ।

"ଝିଅ ଜନମ ପର ଘରକୁ"ଏ ପଦଟିର ଆକ୍ଷରିକ ଅର୍ଥକୁ ମାନସିକ ସ୍ତରରେ ପରିବର୍ତ୍ତନ କରନ୍ତେ ।

ଏମିତି ହୁଅନ୍ତା ନା ବାପା ..

ଝିଅଟିଏ ଦାନର ପାତ୍ର ନୁହଁ, ଅଭିମାନର ପାତ୍ର ହୁଅନ୍ତା ?

ଶିକ୍ଷୟତ୍ରୀ, ଡାବୁଗାଁ,ବ୍ଲକ
ଗ୍ରା/ପୋ ନବରଙ୍ଗପୁର
ଜିଲ୍ଲା-ନବରଙ୍ଗପୁର
୭୬୪୦୫୯

Download Magazine from www.aahwaan.com

# ପ୍ରତିଶ୍ରୁତି



ପ୍ରିୟଙ୍କା ସାହୁ

ଆଜ୍ଞା ଆମର ଗୋଟିଏ ବୋଲି ପୁଅ । ଆମେ ବୁଢାବୁଢୀ ଅନ୍ତେ ସବୁ ସମ୍ପତି ସେ ହିଁ ଉପଭୋଗ କରିବ । କେଉଁଠିକୁ ଅଭାବ ନାହିଁ । ଆପଣ ଖାଲି ପ୍ରସ୍ତାବ ରେ ହଁ କରିଦେଲେ ବିବାହ ସାଂଗେ ସାଂଗେ କରିଦେବା । ଆପଣ ଙ୍କ ଝିଅ ଘର ର ମାଲିକାଣୀ ହୋଇ ରହିବ ।କେଉଁଠିକୁ ଅଭାବ କରିବୁନି ।

'କ୍ଷମା କରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକେ କମ୍ ।ତେଣୁ ମୋ ଝିଅ ନାପସନ୍ଦ କରୁଛି ।ସେ ଚାହୁଁଛି ଅନ୍ତତଃ ୬ ଫୁଟ ଉଚ୍ଚତା ଥିବା ଭଳିଆ ବର ଗୋଟେ ।ନ ଥିଲେ ବି ଚଳିବ ଅନ୍ତତଃ ଘରେ ବଡ କାର ଗୋଟେ ଥିବା ଦରକାର ।ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ଥିବେ' ।

ସେ ସବୁ ବ୍ୟବସ୍ଥା ବିବାହ ପୂର୍ବରୁ କରିଦେବୁ । ଆପଣ ଖାଲି ହଁ କୁହନ୍ତୁ । ଦେଖନ୍ତୁ ବହୁ ଆଶା କରି ଆସିଛୁ ବାର ଦୁଆର ଶୁଣ୍ଡିପିଣ୍ଡା ହେଲୁଣି, କେଉଁଠି ପ୍ରସ୍ତାବଟେ ହେଉନି । ଆପଣ ଯଦି ଚାହାଁନ୍ତି ଆମେ ଅଗ୍ରୀମ କିଛି ଅର୍ଥ ଦେବା ବ୍ୟବସ୍ଥା କରିଦେବୁ । ଆପଣ ଖାଲି ହଁ କୁହନ୍ତୁ ।

ଆଜି ସକାଳେ ବାପା ବୋଉ ବହୁତ ବାଧ୍ୟ କରିବାରୁ ତାଙ୍କ ସହିତ ସମୀର ହରିପୁର ଗାଁ କୁ ଝିଅ ଦେଖିବାକୁ ଯାଇଥିଲେ । ଝିଅ ଘର ନିମ୍ନ ମଧ୍ୟବିତ ପରିବାରର । ଝିଅଟି ଅସୁନ୍ଦର ନ ହେଲେ ବି ସୁନ୍ଦର ନୁହେଁ । ସେମାନଙ୍କର ବ୍ୟବହାର ସମୀରଙ୍କୁ ଆଘାତ ଦେଲା । ଦୁଇ କଉଡିର ଝିଅଟି ରୋକ୍‌ଠୋକ୍ ଭାବେ ସମୀର ବାବୁଙ୍କୁ ନାପସନ୍ଦ କରିଦେଲା । ଝିଅ ଘର

Download Magazine from www.aahwaan.com

ଅପେକ୍ଷା ସମୀର ଙ୍କ ର ଚଳଣୀ ଢେର ଅଧିକା ।ବାପା ଜଣେ ଅବସର ପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ।ବିଳାସମୟ ପାସାଦ କେଉଁଥିରେ ଅଭାବ ନାହିଁ ।ଘରେ ଚାକର ରଖିବା ପାଇଁ ବୋଉ କମଳା ଦେବୀ ଆଦୌ ରାଜି ନ ଥିଲେ ।ମୋ ସାତ ପୁରୁଷ ଅମଳ ର ଭିଟା ମାଟିରେ ବାହାର ଲୋକଙ୍କ ୁ କାହିଁକି ରଖିବି ।ମୋ ଭିତର ଘରେ ପଶିବେ , ଜମା ନୁହେଁ ।ମୋ ଅନ୍ତେ ମୋ ବୋହୂ ଦେଇପିଣ୍ଡି ରେ ପାଣି ଦେବ ।ସେଇ ନିଷ୍ପତି କୁ ଆଜି କ୍ଷଣକ ମଧ୍ୟ ରେ ଭାଂଗି ଦେଇ ଝିଅ ଘର ଲୋକ ଙ୍କୁ ପ୍ରତିଶ୍ରୁତି ଦେଇ ଆସିଲେ ।ନିଜର ଗୋଟିଏ ଭୁଲ ପାଇଁ ଆଜି ବାପା ବୋଉ ଙ୍କୁ ଏମିତି ଅନୁନୟ ବିନୟ ଭାବେ କନ୍ୟା ଭିକ୍ଷା ମାଗିବାର ଦେଖି ନିଜକୁ ଲଜ୍ଜିତ ମନେ କରୁଥାନ୍ତି ସମୀର ।

ଘରର ଅଗଣାରେ ଥିବା କାକର ଭିଜା ଚଉକିରେ ବସି ସମୀର ପଶ୍ଚାତାପ କରୁଥାନ୍ତି । ଫେରି ଯାଇଛନ୍ତି ଅନେକ ପଛକୁ ।କେତେ ସୁନ୍ଦର ଦିନ ଥିଲା ସେଦିନ ।ମଦନ ବାବୁ ଆଉ କମଳା ଦେବୀଙ୍କର ଗୋଟିଏ ବୋଲି ପୁଅ ସମୀର । ଦେଖିବାକୁ ଡଉଲ ଡାଉଲ ସୁଧାର ପିଲାଟିଏ । ଉଚ୍ଚତା ୫ ଫୁଟ ୫ ଇଞ୍ଚ ହେବ । ଗୌର ବର୍ଣ୍ଣ, ସ୍ୱାସ୍ଥ୍ୟବାନ ଗୁଣରେ ନମ୍ର, ଭଦ୍ର ପିଲାଟି ବୋଲି ଗାଁରେ ସବୁ ଲୋକଙ୍କର ପ୍ରଶଂସା ।ବାପା ମଦନବାବୁ ମଧ୍ୟ ପୁଅକୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି ।

ଜଣେ ମେଧାବୀଛାତ୍ର ଭାବେ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ରେଭେନ୍ସା କେଲଜରେ ଯୁକ୍ତ ଦୁଇ ବିଜ୍ଞାନରେ ନାମ ଲେଖାଇଲେ । ତା'ପରେ ହଷ୍ଟେଲରେ ରହିବାର ବନ୍ଦୋବସ୍ତ ହୋଇଗଲା ।ନୂଆ କଲେଜ ନୂଆ ପାଠ ପଢିବାରେ ମନରେ ଯେତିକି ଭୟ ଥାଏ ତା'ଠୁ ବେଶି ଆଗ୍ରହ ମଧ୍ୟ ଥାଏ ।ଘର ଛାଡିକି ଆସିବା ପରେ ବାପା ବୋଉଙ୍କ ସ୍ନେହକୁ ମନେ ପକାଉଥିଲେ । କିଛି ଦିନ ଭଲ ଲାଗିଲାନି, ତା ପରେ ନୂଆ ସାଂଗଙ୍କ ସହ ମିଶିଲା ପରେ ମନ ଟିକେ ପରିବର୍ତନ ହୋଇଥିଲା ।

Download Magazine from www.aahwaan.com

ପାଠପଢ଼ା ଠିକଠାକ୍ ଚାଲିଥାଏ । ଦୋଳ ଛୁଟିରେ ଗାଁକୁ ଆସିଲେ ସମୀର । ବାପା ବୋଉଙ୍କ ସହ ମେଳା ଦେଖିବାକୁ ଯାଇଥାନ୍ତି । କିଛି ସାଂଗ ମାନଙ୍କ ସହ ଦେଖା ହେବାରୁ ବାପା ବୋଉଙ୍କ ଠାରୁ ଟିକେ ଦୂରରେ ରହିଯାଇଥାନ୍ତି । ସମୀରଙ୍କର ନଜର ହଠାତ୍ ଅଟକିଗଲା, ଦେଖିଲେ ସୁନ୍ଦର ଝିଅଟିଏ କଣ ସବୁ କଥାହେଉଛି ବାପା ବୋଉଙ୍କ ସହ । ଝିଅ ନୁହେଁ ସତେ ଯେମିତି କଥା କୁହା କଣ୍ଢେଇଟିଏ । ସେଇ କେତୋଟି ମୁହୂର୍ତ୍ତ ମଧ୍ୟରେ ସମୀରଙ୍କର ମନ ହଜିଗଲା ଘରକୁ ଫେରିବା ବାଟରେ ବୋଉ କହିଲେ ମେଳାରେ ସୁଜିତ ମଉସାଙ୍କ ଝିଅ ଦେଖା ହୋଇଥିଲା । ଭାରି ଭଲ ଝିଅଟି । ସମୀର କହିଲେ ସୁଜିତ ମଉସା କିଏ କାଇଁ ମୁଁ ଜାଣିନିତ । ବାପାଙ୍କ ଉତ୍ତର ଆସିଲା ମୋ ଜୁନିଅର ଷ୍ଟାଫ୍ । ମନେ ମନେ ଭାବୁଥାନ୍ତି ଧୀରେ  କି ପଚାରିଦେବି କି ବୋଉ ସେ ଝିଅର ନାଁ କଣ । କାଳେ ବୋଉ କଣ ଭାବିବ ତେଣୁ ଚୁପ୍‌ଚାପ୍ ଘରକୁ ଆସିଲେ । ସମୟ ସହ ପାଦ ରଖି ଚାଲୁ ଚାଲୁ ଛୁଟି ସରି ହଷ୍ଟେଲ ଜୀବନ ପୁଣି ଆରମ୍ଭ ହେଲା ।

ପାଠରେ ଜମା ବି ମନ ଲାଗୁନଥାଏ । ଝିଅଟିର ସରଳ ନୀରିହ ମୁହଁ, କଥା କୁହା ଆଖି ଯୋଡିକ ବାରମ୍ବାର ସମୀରଙ୍କ ମନ ମଧ୍ୟକୁ ଧସେଇ ପଶୁଥାଏ । ଅନେକ ସମୟ ତା କଥା ଭାବନ୍ତି । ହୃଦୟର ସଫେଦ କାଗଜ ଉପରେ ତା ଛବି ଆଙ୍କନ୍ତି । ତା ନାଁ କଣ ହେଇଥିବ ? ପ୍ରୀତିଛନ୍ଦା ନା ଅଳକାନନ୍ଦା ? ଏମିତି କେତେ କଣ ଭାବନ୍ତି ସମୀର । ଏମିତି ଭାବି ଭାବି ତା ନାଁ ରଖନ୍ତି ଅନାମିକା । ଅନେକ ସମୟ ରେ ଗୁଣୁ ଗୁଣାନ୍ତି ଅନାମିକା ନାୟିକା ସାଜିଲା ମୋ ପ୍ରେମିକା  ।ସାଂଗ ମାନେ ଥଟ୍ଟାମଜ୍ଜା କରନ୍ତି ।

ଏମିତି ଖିଆଲରେ ବେଳେ ବେଳେ ହଜି ଯାଆନ୍ତି ସମୀର । ସେଇ ଝିଅଟି ପ୍ରତି ମନରେ କାହିଁକି ଏତେ ଦୁର୍ବଳତା । କାହିଁକି ତାକୁ ପାଶୋରି ପାରୁନାହାଁନ୍ତି ? କାହିଁକି ତା'ର ଛବି ମନ ଭିତରେ ସବୁବେଳେ ପ୍ରତିବିମ୍ବିତ ହେଉଛି ? ଅନାମିକାକୁ ନେଇ ଅନେକ ପ୍ରଶ୍ନ ମନ ମଧ୍ୟକୁ

Download Magazine from www.aahwaan.com

ଆସେ । ଇଚ୍ଛା ହୁଏ ତାକୁ ଦେଖା କରନ୍ତେ, ହେଲେ ସେ ସବୁ ସମ୍ଭବ ନୁହେଁ ।

କିଛି ବର୍ଷର ନୀରବତା ଭିତରେ ସମୀରଙ୍କ ପାଠପଢା ସରି ଯାଇଛି । କଳାହାଣ୍ଡିର ଏକ ନିପଟ ମଫସଲର ଶିକ୍ଷାକେନ୍ଦ୍ରରେ ଶିକ୍ଷକତା ଜୀବନର ଆରମ୍ଭ କରିଲେ । ଆଦିବାସୀ ଅଧ୍ୟୁଷିତ ଇଲାକା ଜଂଗଲୀ ପରିବେଶରେ ରହିଲେ ମଧ୍ୟ ସମୀର କେବେ ବି ଅସହଜ ମନେ କରିନାହାନ୍ତି ।

ସରଳ . ନୀରିହ ଆଦିବାସୀଙ୍କ ନାଚ ଗୀତ, ପ୍ରାକୃତିକ ପରିବେଶ ମଧ୍ୟରେ ଅନାମିକାର ଛବି ବେଶ ସଜଳ ହୋଇଉଠେ । ବେଳେ ବେଳେ ସ୍ୱପ୍ନରେ ଅନାମିକା ସହ କଥା ହୁଅନ୍ତି ।

ଦିନେ ସମୀର ଛୁଟିରେ ଗାଁକୁ ବସ୍ ରେ ଯାଉଥାନ୍ତି । ତାଙ୍କ ପାଖ ସିଟ୍ ରେ ଝିଅଟିଏ ବସିଥାଏ । ସମୀରଙ୍କୁ ଲାଗୁଥାଏ ସତେ ଯେମିତି ଝିଅଟି ତାଙ୍କର ଅତି ପରିଚିତା । ଅନେକ ସମୟ ଭାବିଲା ପରେ ଜାଣି ପାରିଲେ ଯେ ବୟସର ଅଭିବୃଦ୍ଧି ହେତୁ ସେଇ ଚିହ୍ନା ମୁହଁଟିରେ କିଛିଟା ପରିବର୍ତ୍ତନ ଘଟିଛି । କିନ୍ତୁ ସେଇ ଅଳସ ଆଖି ଯୋଡିକ ଆଜି ବି ଠିକ୍ ସେମିତି ନିଦରୁ ଉଠିଲା ପରି ଦିଶୁଛି । ସେଇ ଆଖି ଯୋଡିକରୁ ସମୀର ଚିହ୍ନି ପାରିଲେ ତାଙ୍କ ଅନାମିକା ନାୟିକାକୁ । ତଥାପି ମନରେ ସନ୍ଦେହ ଥାଏ । ପଚାରିଦେଲେ ଏବେ ସୁଜିତ ମଉସା କେମିତି ଅଛନ୍ତି ? ଝିଅଟି ଆଶ୍ଚର୍ଯ୍ୟ ଚକିତ ଭାବେ ପଚାରିଲା, ଆପଣ କଣ ମୋ ବାପାଙ୍କୁ ଜାଣନ୍ତି ?

ହଁ ମୁଁ କଲ୍ୟାଣପୁର ଗାଁର ମଦନ ବାବୁଙ୍କ ପୁଅ ସମୀର । ସେଦିନ ତୁମକୁ ମେଳାରେ ଦେଖିଥିଲି । ସେହି ବର୍ଷ ପରଠୁ ମୁଁ ସବୁ ବର୍ଷ ମେଳାକୁ ଯାଏ, ମେଳା ଦେଖିବାକୁ ନୁହଁ କାଳେ ତୁମ ସହ ଦେଖା ହୋଇଯିବ ବୋଲି । ନା ସେହି ବର୍ଷ ପରଠୁ ଆଉ କେବେ ବି ଦେଖା ହୋଇନି ତୁମ ସହ ।

ଅନାମିକା କହିଲେ ସେଇ ବର୍ଷ ବାପାଙ୍କର ଚାକିରୀ ବଦଳି ହୋଇଗଲା । ଆମେ ସେଠୁ

Download Magazine from www.aahwaan.com

ପରିବାର ସହ ପଳେଇ ଆସିଲୁ ।

ଆଚ୍ଛା ଏବେ ତୁମେ କଣ କରୁଚ? ମୁଁ ସରକାରୀ ଚାକିରୀ ପାଇଁ ପ୍ରସ୍ତୁତି କରୁଛି ଏଇ କଟକରେ ରହୁଛି । ଆଜି ଛୁଟିରେ ଗାଁକୁ ଯାଉଥିଲି । ଆରେ ତୁମ ନାଁ କଣ ମୁଁ ଅଜିଯାଏ ଜାଣିନି ? ମୋ ନାଁ ସୁନନ୍ଦା । ତୁମେ ସୁନନ୍ଦା ହୋଇପାର କିନ୍ତୁ ମୋ ପାଇଁ ତୁମେ ଅନାମିକା । ଏମିତି ଅନେକ କଥାବାର୍ତା ଭିତରେ ସୁନନ୍ଦାଙ୍କର ଷ୍ଟପେଜ୍ ଆସିଗଲା । ନିଜର ଫୋନ୍ ନମ୍ବରଟିକୁ ବଢାଇ ଦେଲେ ସମୀର, ବାସ୍ ସୁନନ୍ଦା ଚାଲିଗଲେ ।

ଏମିତି ଭାବପ୍ରବଣତାରେ ମଜ୍ଜି ଯାଇଥିଲେ ସମୀର ସେଦିନ ଖାଇବା ପିଇବା ଭୁଲି ଯାଇଥିଲେ । ଯେମିତି ଏକ ହଜିଲା ଜିନିଷକୁ ବହୁତ ଖୋଜିଲା ପରେ ପାଇଛନ୍ତି । ତା ପରେ ସମୀର ଅନେକ ଥର ବିଭିନ୍ନ ପ୍ରକାର ଆଳ ଦେଖାଇ ସୁନନ୍ଦାଙ୍କୁ ଭେଟିଛନ୍ତି । ଧୀରେ ଧୀରେ ଦୁହିଁଙ୍କ ଭିତରେ ପ୍ରେମର ବନ୍ଧନ ନିବିଡରୁ ନିବିଡତର ହୋଇଛି । ବିବାହ ବୟସ ହୋଇଯିବାରୁ ସମୀରଙ୍କ ଘରକୁ ଅନେକ ବିବାହ ପ୍ରସ୍ତାବ ଆସୁଥାଏ । ପରନ୍ତୁ ସୁନନ୍ଦା ସମୀରଙ୍କୁ ବିବାହ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥାନ୍ତି । ସୁନନ୍ଦା କେବଳ ଚାକିରୀକୁ ଅପେକ୍ଷା କରିଥାନ୍ତି । ତେଣୁ ସମୀର ବିଭିନ୍ନ ଆଳ ଦେଖାଇ ବିବାହ ପାଇଁ ଘର ଲୋକଙ୍କୁ ମନା କରନ୍ତି ।

ଅନେକ ପ୍ରସ୍ତୁତି ପରେ ସୁନନ୍ଦା ଭଲ ସରକାରୀ ଚାକିରୀଟିଏ ପାଇଲେ । କଟକ ଛାଡି ଦିଲ୍ଲୀରେ ରହିଲେ । ସମୀର ମଧ୍ୟ ବହୁତ ଖୁସିଥାନ୍ତି । ବାପା ଆଉ ବୋଉଙ୍କୁ ସୁନନ୍ଦା ସହ ଥିବା ପ୍ରେମ ସମ୍ପର୍କ ବିଷୟରେ ଜଣେଇବେ ବୋଲି ଭାବନ୍ତି ।

ସେଦିନ ଆଶ୍ୱୀନ ମାସିଆ ରାତି । ମେଘ ଢଙ୍କା ଆକାଶ, ବଉଦ ଚାନ୍ଦ ଭିତରେ ଲୁଚକାଳି ଖେଳ । ଛପି ଛପିକା ଜହ୍ନ ଆଲୁଅ ଭିତରେ ମନକୁ ହଜେଇ ଦେଇଥାନ୍ତି ସମୀର । ହଠାତ୍ ଫୋନ୍ ଟି ରିଂଗ୍ ହେଲା । ରିସିଭ୍ କରିବାରୁ ସୁନନ୍ଦାଙ୍କ ସ୍ୱର ଭାସି ଆସିଲା ।

Download Magazine from www.aahwaan.com

ମୋତେ କ୍ଷମା କରିବ ସମୀର । ତୁମକୁ ଦେଇଥିବା ପ୍ରତିଶ୍ରୁତି ମୁଁ ରଖି ପାରିଲିନି । ଦିଲ୍ଲୀରେ ଚାକିରୀ କରୁଥିବା ଜଣେ ଉଚ୍ଚପଦସ୍ଥ ଅଫିସରଙ୍କ ସହ ମୋର ବିବାହ ସ୍ଥିର ହୋଇଛି । ତା'ଛଡା ତୁମେ ତ ଆଦିବାସୀ ଅଧ୍ୟୁଷିତ ଅଂଚଳ କଳାହାଣ୍ଡିରେ ରହିଲ, ଭବିଷ୍ୟତରେ ଆମ ପାଇଁ ଅସୁବିଧା ହେବ । ତେଣୁ ମୁଁ ମଧ୍ୟ ସେଇ ପ୍ରସ୍ତାବରେ ରାଜି ହୋଇଛି । ସମୀରଙ୍କ ଉତ୍ତରକୁ ଅପେକ୍ଷା ନ କରି ସୁନନ୍ଦା କହିଚାଲିଥାନ୍ତି । ଆଗକୁ ବିବାହ ପାଇଁ ଅନେକ ପ୍ରସ୍ତୁତି, ଏଣେ ଚାକିରୀର ବ୍ୟସ୍ତତା ଭିତରେ ମୋତେ ଏବେ ସମୟର ଘୋର ଅଭାବ । ମୁଁ ରହୁଛି ସମୀର ।

ନିଜର ଅସ୍ତିତ୍ୱ ହରାଇ ବସିଲେ ସମୀର । ଭାବର ସମୁଦ୍ରରେ ଅସ୍ମିତା ଟିକକ ହଜିଗଲା । ବେଦନାରେ ଫାଟି ପଡୁଥାଏ ଛାତି । ମରିଚିକା ପଛରେ ଧାଇଁ ଧାଇଁ ଅଜି ନିଶ୍ୱ ହୋଇଗଲେ । ସୁନନ୍ଦାଙ୍କର ପ୍ରତିଶ୍ରୁତିକୁ ଭରସା କରି ବିବାହ ବୟସ ମଧ୍ୟ ଗଡିଗଲାଣି । ଆଗଭଳି ଆଉ ବିବାହ ପ୍ରସ୍ତାବ ଆସୁନାହିଁ ।

ହଠାତ୍ ମଥା ଉପରେ ବୋଉ ହାତର ସ୍ପର୍ଶ ପାଇ ସମୀର ଫେରିଆସିଲେ ସେଇ ବେଦରଦୀ ସ୍ମୃତି ରାଇଜରୁ । ବୋଉ କହିଲେ ବାବାରେ ମୋର କଣ ବଳବୟସ ଅଛି ଖାଇବା ଟେବୁଲ ପାଖରେ ତତେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ । ଦିନ ସାରା କାମ କରି କରି ଅଣ୍ଟା ଭିତରୁ କଟ ମଟ ଡାକ ଶୁଭିଲାଣି । କେତେ ବେଳେ କୋଉ କଥା । ତୋ ମୁଣ୍ଡରେ ଦୋଳ ମୁକୁଟ ନ ଦେଖିବା ଯାଏଁ ମୁଁ ଶାନ୍ତିରେ ମରି ପାରିବିନି । କାଲି ସକାଳୁ ସଅଳ ଉଠିଲେ ଝିଅ ଘରର କଥା ମୁତାବକ ପ୍ରସ୍ତୁତ ହେବାକୁ ପଡିବ । ସମୀର କହିଲେ ବୋଉ ତୁ ଜମା ବ୍ୟସ୍ତ ହୁଅନା । ମତେ ମିଳିଥିବା ପ୍ରତିଶ୍ରୁତି ସିନା ରହିଲାନି କିନ୍ତୁ ବାପା ଆଉ ତୁମେ ଦେଇ ଆସିଥିବା ସେଇ ପ୍ରତିଶ୍ରୁତି ମୁଁ ନିଶ୍ଚୟ ପୂରା କରିବି ।

ସାହାନିୟାଜ ପୁର, କଟକ

Download Magazine from www.aahwaan.com

# ଆତ୍ମାର ଆର୍ତ୍ତନାଦ



ଅଶୋକ କୁମାର ସେଠୀ

ତମେ କେଉଁ ମୋହକୁ ଆଦରି ନେଲା ଯେ; ଏ ବନ୍ଧନକୁ ତୁଚ୍ଛ ମନେ କରି ଚାଲିଗଲ ଏକା ମୁହାଁ ହୋଇ ? ଆମ ସମସ୍ତଙ୍କୁ ପରକରି ..। ତମେ ଏକା ଛାଡି କେମିତି ଯାଇ ପାରିଲ, ମାଆଛେଉଣ୍ଡ ଛୁଆଟା କଥା ମନକୁ ଥରେ ଆସିଲାନି ? ? ତମେ ଯେଉଁ ବାଟ ଧରିଲ ନିବେଦିତା.. ! ସେ ବାଟର କୌଣସି ନିର୍ଦ୍ଦିଷ୍ଟ ଠିକଣା ନାହିଁ । ପଛକୁ ଫେରି ଚାହିଁଲା ବେଳକୁ ବାଟ ସବୁ ବନ୍ଦ ହୋଇଯାଇଥିବ .. ! ଲିଭିଯାଇଥିବ ଅତିକ୍ରମ କରିଥିବା ପ୍ରିୟ ଘାଟ, ବାଟ ସବୁ.. କେଜାଣି କାହିଁକି ପ୍ରଶାନ୍ତ ମନେ ମନେ କେତେ କଣ ଏମିତ ଭାବି ଚାଲିଥାଏ ..ଚାହିଁ ବସିଥାଏ ନିବେଦିତାର ଫେରିବା ବାଟକୁ ..ଫେରିଲା କି ନାହିଁ ସେ ଜାଣି ପୂର୍ବରୁ ସେ ଏ ବାଟ ଦେଇ ଚାଲିଗଲା ଯେ ଆଉ ଫେରିଲାନି...

ନିବେଦିତା ଆଜି ନିରୁତ୍ତର; ଯଦିଓ ତା ଆଗେ ପ୍ରଶ୍ନର ପାହାଡ । ସମୁଦ୍ର କୂଳେ ଥାଇ ମଧ୍ୟ ସେ ଆଜି ପାଣି ଟୋପେ ପାଇଁ ଡହଳ ବିକଳ ! ସେ ଆଜି ଖୁବ ତୃଷାର୍ତ୍ତ, ମହା ସାଗର ତା ତୃଷା ମେଣ୍ଟାଇ ପାରୁନି । ସବୁଆଡେ ଚଳଚଞ୍ଚଳ । ଯିଏ ଯା କାମରେ ବ୍ୟସ୍ତ ଥିଲାଭଳି ଲାଗନ୍ତି । କାରଣ  ଆଜି ନିବେଦିତାର ଝିଅ, ମନିଷାର ବାହାଘର । ରୋଷଣୀମାଳାରେ ସବୁ ଆଡେ ଆଲୋକିତ, ହେଲେ ନିବେଦିତା ଏତେ ଅନ୍ଧାରରେ ଯେ ସେ ନିଜକୁ ହିଁ ଖୋଜି ପାଇବାକୁ ଅସମର୍ଥ, ଅସହାୟ । କୋଳାହଳ ମଧ୍ୟରେ ନିବେଦିତା ଖୁବ ନିଃସଙ୍ଗ ଶେଷହୀନ ଖାଁ ଖାଁ ନିର୍ଜନତାରେ ବନ୍ଦୀ, ମୁକୁଳିବାକୁ ନାଚାର । ତା ଅସହାୟତାପଣ ସଚରାଚର ହେଲେ ନିବେଦିତା ଉହାଡ଼େ ରହିବ ଛଡ଼ା ଅନ୍ୟୋପାୟ ନାହିଁ ! ଏଣେତେଣେ ତା ଆକୁଳ ଆଖି

Download Magazine from www.aahwaan.com

ଘୁରିବୁଲୁଥାଏ ଆଶଙ୍କାରେ ଅସହାୟତାରେ । ତା ଆକୁଳ ଗୁହାରି କାହା ପାଖରେ ବି ପହଂଚି ପାରୁନି ଏମିତ କି ଈଶ୍ୱରଙ୍କୁ କେତେ ଥର ଡାକି ସାରିଲାଣି.. ସବୁ ଚେଷ୍ଟା ନିଷ୍ଫଳ ! ନିବେଦିତା ଆଜି ଅବଶୋଷ ଘେରା ନିଦାଘ ନିଆଁରେ ଦଗ୍ଧୀଭୂତ । ନିବେଦିତା ଆଜି ଘୁରି ବୁଲେ ମମତାର ନଦୀତୀରେ, କେତେ ଚେଷ୍ଟା ସତ୍ୱେ ତା ଆଖି ପହଞ୍ଚି ପାରୁନି ନିଜ ଝିଅ ମନୀଷା ପାଖରେ ତା ମାତୃତ୍ୱର ଅନ୍ତର ଆତ୍ମା ଆଜି ବ୍ୟଥିତ ଥରେ ତା ଝିଅକୁ ଦୂରରୁ ଥାଇ ମନଭରି ଦେଖିବା ପାଇଁ । ତା ଛାତି ଭିତରର କୋହ ବେଳୁ ବେଳ ରୁନ୍ଧି ହୋଇଯାଉଛି ତା ଆତ୍ମା ଛାଟିପିଟି କେମିତି ମୋ ଛୁଆକୁ ଦେଖିବି । କେତେ ବଡ ହେଇଯିବଣି ସତେ .. ! କାହାଭଳି  ସେ ଦେଖା ଯାଉଥିବ .. ? ତୁ ମୋ ରକ୍ତର; ଦେଖେ,  ତୁ ମୋର ବୋଲି ଜାହିର କରିପାରୁନି ।ମା ତା ନିଜ ଛୁଆକୁ ବି ମୋର କହିବାକୁ ଅସହାୟ ..ମୁଁ ଅନୁତପ୍ତର ଘନ ଅନ୍ଧକାର ଗୁମ୍ଫାରେ ଏଣେ ତେଣେ ଧାଉଁଛି ଅବିରାମ ଗତିରେ ଟିକେ ଆଲୋକ ପାଇଁ । କିନ୍ତୁ ବେଳୁ ବେଳ ଅନ୍ଧକାର ଗଭୀର ହୋଇ ଯାଉଛି ।

ହଠାତ, ନିବେଦିତା ଲକ୍ଷ୍ୟ କଲା କେହି ଜଣେ ତା ଆଡକୁ ଆସୁଛି ।ଅଶୀତିପର ବୃଦ୍ଧ ଜଣେ ଏମିତ ବ୍ୟସ୍ତତାରେ ତା ଆଡକୁ ମାଡି ଆସୁଛନ୍ତି । ନିବେଦିତା ନିଜକୁ ଲୁଚେଇ ନେଇଛି ତାଙ୍କ ଘର ଆଗରେ ଥିବା ଗଙ୍ଗଶିଉଳି ଲତା ଆରପାଖେ । ସେ ବୃଦ୍ଧ ଜଣକୁ ନିକଟରୁ ଦେଖି ନିବେଦିତା ଚିହ୍ନି ପାରୁଛି ଏ ପ୍ରଶାନ୍ତର ବାପା, ମୋ ଶଶୁର । ସେ ଗଙ୍ଗଶିଉଳି ଲତା ଅତିକ୍ରମ କରିସାରିଲେଣି କେତେବେଳୁ । ନିବେଦିତା କିନ୍ତୁ ସେମିତି ଲୁଚି ରହିଛି । ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ । ସେ ଚେଷ୍ଟା କରୁଛି ଅତୀତକୁ ଥରେ ଫେରି ଯିବା ପାଇଁ । ସବୁ କଳ୍ପନା ଅନ୍ଧାରରେ କୁଆଡେ ମିଳେଇଗଲା ।

ସେ ଚେଷ୍ଟା କରୁଛି ଅତୀତକୁ ଥରେ ଫେରି ଯିବା ପାଇଁ,  କିନ୍ତୁ କେଉଁଠୁ ଆରମ୍ଭ ତା ଅତୀତ.. ସେ ତ ଅତୀତ ଲିଭେଇ ସାରିଛି ତା ସ୍ମୃତିରୁ ... ତଥାପି କିଛି ମୁହୂର୍ତ୍ତକୁ ସାଉଁଟିବାକୁ

Download Magazine from www.aahwaan.com

ଚେଷ୍ଟା କରୁଛି ନିବେଦିତା ।

ନିବେଦିତା ତା ରୂପ ସୌନ୍ଦର୍ଯ୍ୟରେ ଅଦ୍ୱିତୀୟ ଓ ଆକର୍ଷଣୀୟ ଆଖପାଖ ଗାଁରେ ବୋଧ ହୁଏ ଏତେ ସୁନ୍ଦର କେହି ନଥିବେ । ଅନୁରୂପ ଭାବେ ପଢୁଥିବା କଲେଜରେ ଭିଡ ତା ପଛରେ । ସେଥିପାଇଁ ଫୁଲେଇ ହେବା ସ୍ୱାଭାବିକ କଥା । ଏ ଭିତରେ ତାଙ୍କ ଘରକୁ ନିବେଦିତା ପାଇଁ ପ୍ରସ୍ତାବ ଆସିଲାଣି । ସବୁ ପ୍ରସ୍ତାବକୁ ମନା କରିଦେଉଥାଏ, କିଛି ବାହାନା ଦେଖାଇ । ସେ ନିଜ ଲାଇଫ କୁ ଏନଜୟ କରିବାକୁ ଚାହେଁ ।କୌଣସି ବାଧା ବନ୍ଧନରେ ବାନ୍ଧିହୋଇ ରହିବାକୁ ଚାହେଁନା ।

ପାଖ ଗାଁକୁ ଲାଗି ପ୍ରଶାନ୍ତର ଗାଁ । ସେ ଗାଁ ଦେଇ ନିବେଦିତା କଲେଜ ଯାଏ । ପ୍ରଶାନ୍ତ ର ବାପା ଥରେ ଦି ଥର ନିବେଦିତା କୁ ଦେଖିଲା ପରେ ମନେ ମନେ ନିଷ୍ପତି ନେଇଛନ୍ତି, ନିବେଦିତା କୁ ବୋହୁ କରି ଘରକୁ ଆଣିବା ପାଇଁ । ପ୍ରଶାନ୍ତ ଏବେ ଭାରତ ସରକାରଙ୍କ ଅଧୀନରେ ଏକ ଉଚ୍ଚ ପଦସ୍ଥ ଅଧିକାରୀ ଏବେ ସେ ମୁମ୍ବାଇ ରେ ରୁହେ । ଖୁବ ଭଦ୍ର ଓ ବିଚାରବନ୍ତ ମୁଖ୍ୟତଃ ଧୀର ସ୍ୱଭାବ । ପ୍ରଶାନ୍ତ ର ବାପା ବ୍ୟଗ୍ର ହୋଇ ଉଠିଛନ୍ତି ନିବେଦିତାକୁ ବୋହୁ କରିବା ପାଇଁ । ଏ ପ୍ରସ୍ତାବ ନେଇ ନିବେଦିତା ଘରକୁ ଯାଇଛନ୍ତି ପ୍ରଶାନ୍ତ ର ବାପା ।ମୁରବି ହିସାବରେ ସେ ନିବେଦିତା ର ବାପାଙ୍କୁ ଏ ପ୍ରସ୍ତାବ ବିଷୟରେ ଅବଗତ କଲେ । କିଛି ମୁହୂର୍ତ୍ତ ନୀରବ ରହିଲା ପରେ ନିବେଦିତା ର ବାପା କହିଲେ," ଦେଖନ୍ତୁ , ମୁଁ କିଛି ନିଷ୍ପତି ନେବା ପୂର୍ବରୁ ଏ ବାବଦରେ ମୋ ଝିଅ ର ନିଷ୍ପତି ନେବା ଅନିବାର୍ଯ୍ୟ ।"

ପ୍ରଶାନ୍ତ ର ବାପା କିଛି ଅନୁମାନ କରିପାରି କହିଲେ, "ଆଜ୍ଞା ଆମର ଗୋଟିଏ ବୋଲି ପୁଅ । ଆମେ ବୁଢ଼ାବୁଢ଼ୀ ଅନ୍ତେ ସବୁ ସମ୍ପତି ସେ ହିଁ ଉପଭୋଗ କରିବ । କେଉଁଥିକୁ ଅଭାବ ନାହିଁ । ଆପଣ ଖାଲି ପ୍ରସ୍ତାବ ରେ ହଁ କହିଦେଲେ, ବିବାହ ସାଙ୍ଗେ ସାଙ୍ଗେ କରିଦେବା । ଆପଣଙ୍କ ଝିଅ ଘରର ମାଲିକାଣୀ ହେଇ ରହିବ । କେଉଁଠିକୁ ଅଭାବ କରିବୁନି ।

Download Magazine from www.aahwaan.com

କ୍ଷମା କରିବେ ଆଜ୍ଞା ଆପଣଙ୍କ ପୁଅର ଉଚ୍ଚତା ଟିକେ କମ ତେଣୁ ମୋ ଝିଅ ନାପସନ୍ଦ କରୁଛି । ସେ ଚାହୁଁଛି ଅନ୍ତତଃ ଛଅ ଫୁଟ ଉଚ୍ଚତା ଥିବା ଭଳିଆ ବାର ଗୋଟେ । ନଥିଲେ ବି ଚଳିବ ଅନ୍ତତଃ ପକ୍ଷେ ଘରେ ବଡ କାରଟିଏ ଥିବ । ସକାଳୁ ସଞ୍ଜ ଘରେ ଖଟିବା ପାଇଁ ଚାକର ବାକର ଥିବେ ।

ସେ ସବୁ ବ୍ୟବସ୍ତା ବିବାହ କରିଦେବୁ । ଆପଣ ଖାଲି ହଁ କହନ୍ତୁ । ଦେଖନ୍ତୁ ବହୁ ଆଶା କରି ଆସିଛୁ । ବାରଦୁଆର ଶୁଣ୍ଠିପିଣ୍ଡା ହେଲୁଣି, କୋଉଠି ବି ପ୍ରସ୍ତାବଟେ ହେଉନି । ଆପଣ ଯଦି ଚାହିଁବେ ଆମେ ଅଗ୍ରୀମ କିଛି ଅର୍ଥ ଦେବା ବ୍ୟବସ୍ଥା ବି କରିଦେବୁ । ଆପଣ ଖାଲି ହଁ କହନ୍ତୁ ।"

ବାପା, ସେମାନେ ଯଦି ଏ ପ୍ରସ୍ତାବ ରେ ରାଜି ନୁହନ୍ତି ସେମାନଙ୍କୁ ବାଧ୍ୟ କରନ୍ତୁନି । ପ୍ରଶାନ୍ତ ବାପାଙ୍କୁ ଏ କଥା ଜଣେଇବା ସତ୍ୱେ ବାପା ସେଠି ବିଭାହ କରିବା ପାଇଁ ସବୁ ସର୍ତ୍ତରେ ଏକମତ ବୋଲି ସିଧା ସିଧା ନିବେଦିତା ବାପାଙ୍କୁ ଜଣେଇଦେଲେ ।

ନିବେଦିତା ମନେ ମନେ ସ୍ଥିର କରିସାରିଲାଣି ପ୍ରଶାନ୍ତକୁ ବିବାହ କରିବାକୁ । ଅନେକ ସ୍ୱପ୍ନ ମଧ୍ୟରୁ ଏମିତ କିଛି ରଙ୍ଗୀନ  କଳ୍ପନା ସେ କରିସାରିଥାଏ । ପ୍ରଶାନ୍ତ ଉଚ୍ଚ ପଦସ୍ଥ ଅଧିକାରୀ, ମୁମ୍ବାଇ ଭଳି ସହରରେ ଅବସ୍ଥାନ । ସୁଉଚ୍ଚ ଅଟ୍ଟାଳିକା ରେ ରହଣି । ଗାଡି, ବଙ୍ଗଳା, ଚାକରବାକର ଏମିତ କେତେ କଥା ତା ମନ ସାଗରରେ  ଲହଡି ଭାଙ୍ଗୁଥାନ୍ତି । ଶେଷରେ ସେମାଙ୍କର ବିବାହ ସମ୍ପର୍ଣ୍ଣ ହୋଇଛି । ବାହାଘର ର ପନ୍ଦରଦିନ ଶାଶୂଘରେ ରହିଛି କି ନାହିଁ ପ୍ରଶାନ୍ତ ସହିତ ମୁମ୍ବାଇ ରେ ରହିବାକୁ ଅଡ଼ି ବସିଲା । ଅନ୍ୟୋପାୟ ନ ପାଇଁ ପ୍ରଶାନ୍ତ, ନିବେଦିତା କୁ ମୁମ୍ବାଇ ନେଇ ଆସିଲା । ସବୁ କିଛି ଠିକ ଠାକ ଚାଲିଥାଏ କିଛି ଦିନ । ସାହି ପଡିଶା ଚିହ୍ନା ଜଣାରୁ ଆରମ୍ଭ ସମ୍ପର୍କ । ସହର ବୁଲା ବୁଲି ମୁଭି ରେସ୍ତୋରାଁ ଧୀରେ ଧୀରେ ସବୁ ସ୍ୱାଦ ପ୍ରତି ଅସମ୍ଭବ ଆକର୍ଷଣ ବଢିବାକୁ ଲାଗିଲା । ନାଇଟ୍ କ୍ଲବ, ଡିସ୍କୋ ଥେକ,

 Download Magazine from www.aahwaan.com

ପାର୍ଲର, ସ୍ପା ନିତିଦିନିଆ ପାଲଟି ଗଲାଣି । ମାୟା ନଗରୀର ମାୟା ନିବେଦିତାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିସାରିଲାଣି । ଯା ଭିତରେ ନିବେଦିତାର ଝିଅ ମନୀଷାକୁ ଦୁଇ ବର୍ଷ ପୁରିଲାଣି । କହିବାକୁ ଗଲେ ଝିଅର ସମସ୍ତ ଦାୟିତ୍ୱ ପ୍ରଶାନ୍ତ ହିଁ ବୁଝୁଥାଏ । ଆଉ ବାକି ସମୟ ଚାକର ବାକରମାନେ ଦାଇତ୍ୱ ନିଅନ୍ତି । ଏ ସମୟରେ ମନୀଷା ମାଆ ସ୍ନେହ ସମ୍ପୂର୍ଣ୍ଣ ଲୋଡୁଥିଲା ବେଳେ ସେ ସବୁ ସ୍ନେହରୁ ବଞ୍ଚିତ । ନାଇଟ କ୍ଲବରେ ପରିଚିତ ହେଇଥିବା ବନ୍ଧୁଟିର ମନୀଷା ଘରକୁ ଯିବା ଆସିବା ଲାଗିଥାଏ । ଶେଷରେ ତାର ଅବାଧ ପ୍ରବେଶ । ପ୍ରଶାନ୍ତ ଏ ସବୁ ଭିତରେ ଅଣନିଶ୍ୱାସୀ ଓ ପ୍ରାୟ ସମୟ ବିଷାଦରେ ବିତୁଥାଏ ଦିନ । ସହିବାର ସୀମା ଟପି ସରିଥାଏ । ବହୁଥର ଆକଟ କରିଛି ପ୍ରଶାନ୍ତ, ନିବେଦିତାକୁ ଏଥିରୁ ନିବୃତ ହେବାକୁ । ତମର ସ୍ୱାମୀ ପ୍ରତି କଣ କର୍ତ୍ତବ୍ୟ ସେ କଥା ଦୂରେ ଥାଉ ଛୁଆ ପ୍ରତି ଅନ୍ୟୁନ ଯତ୍ନବାନ ହେବାକୁ ଅନୁରୋଧ । ପ୍ରଶାନ୍ତର ଏଭଳି ବିବୃତିରେ ଅତିଷ୍ଠ ହୋଇ ପଡିଛି ସତେ ଯେମିତି ନିବେଦିତା । ରୋକ ଠୋକ ମୁହେଁ ମୁହେଁ ଝାଡିଦେଲା ..

କିଏ କହୁଥିଲା ଏ ଛୁଆ ଜଞ୍ଜାଳ ମୁଣ୍ଡେଇବାକୁ । ମୁଁ ତ ତମକୁ ପୂର୍ବରୁ ସତର୍କ କରିଥିଲି । ସବୁ ପୁରୁଷ କାମନାରେ ଅନ୍ଧ ତମେ ବା କେଉଁ ବାଦ ଯିବ ? ରାତି ହେଲେ ତ ଭାରି ତତ୍ପର ହୋଇପଡୁଥିଲ.. ! ତା ବାଦେ ମୁଁ ତ ଆବରସନ କରିବାକୁ କହିଥିଲି, ତମେ ଆକୁଳ ହୋଇ ଅନୁରୋଧ କାହିଁକି କରୁଥିଲ ? ମୁଁ କୌଣସି ବାଧା ବନ୍ଧନରେ ରହିବାକୁ ଚାହୁଁନି ଏ କଥା ଆଉ ଥରେ ଜଣେଇବା ମୁଁ ଉଚିତ ମନେ କରୁନି । ଏମିତ କେତେ କଣ ଅନର୍ଗଳ ଗପି ଚାଲୁଥିଲା ନିବେଦିତା ...

ବୈବାହିକ ସମ୍ପର୍କର ସଂଜ୍ଞା କଣ ? ସମାଜରେ ତୁମର ସ୍ଥିତି କଣ ? ପରିବାରରିକ ସମ୍ପର୍କର ଉଦେଶ୍ୟ କଣ ? ବିବାହ ର ମାନେ ତମେ ଯାହା ବୁଝିଛ ତାହା ଅଳୀକ, ସମୟ ଆସିଲେ ବାସ୍ତବତା ସହ ନିଶ୍ଚିତ ତୁମେ ସମ୍ମୁଖୀନ ହେବ । ପ୍ରଶାନ୍ତ ର ମନ ଟୁକୁଡା ଟୁକୁଡା

Download Magazine from www.aahwaan.com

ହୋଇ ଭାଙ୍ଗି ଯାଉଥାଏ ।

ପ୍ରଶାନ୍ତର ସ୍ତ୍ରୀ, ନିବେଦିତାର ଗତକାଲି ରାତିରେ ମୃତ୍ୟୁ ହୋଇଛି ବୋଲି ଗାଁକୁ ଖବର ଆସିଛି, ନିବେଦିତା ମୃତ... ! ! ପ୍ରଶାନ୍ତର ବାପା ବିଚଳିତ ହୋଇପଡିଲେ । ସଙ୍ଗେ ସଙ୍ଗେ ସେ ପ୍ରଶାନ୍ତ ପାଖକୁ ମୁମ୍ବାଇ ବାହାରି ପଡିଲେ । ସମସ୍ତଙ୍କର ମନ ଆହତ ଓ ଗଭୀର କ୍ଷତରେ ବ୍ୟଥିତ । ବାପା, ନାତୁଣୀ ମନୀଷାକୁ ନେଇ ଗାଁକୁ ଚାଲି ଆସିଲେ । କିଛିଦିନ ପରେ ପ୍ରଶାନ୍ତ ନିଜ କାର୍ଯ୍ୟ କ୍ଷେତ୍ରକୁ ଚାଲିଗଲା । ଗାଁ ଲୋକ ସବୁ ପଚାରି ବୁଝିଲେ କଣ କେମିତ ନିବେଦିତାର ମୃତ୍ୟୁ ହେଲା ?

ବାପା ନିରବ ଓ ମର୍ମାହତ । ଦୀର୍ଘ ନିଶ୍ୱାସଟେ ମାରି କହିଲେ, "ସବୁଦିନ ପରି ସେଦିନ ନିବେଦିତା ଘରେଥାଏ କିଛି ଦୁର୍ବୃତ୍ତ ପ୍ରଶାନ୍ତର ବନ୍ଧୁ କହି ପରିଚୟ ଦେଲେ । ସେଥିପାଇଁ ନିବେଦିତା ସେମାନଙ୍କୁ ଘର ଭିତରକୁ ଆସିବାକୁ ଅନୁମତି ଦେଲା । ପ୍ରକୃତରେ ସେମାନେ ପ୍ରଶାନ୍ତର ବନ୍ଧୁ ନଥିଲେ । ନିବେଦିତାକୁ ଘରେ ଏକ ପାଇ ତା'ସହ ଅତ୍ୟାଚାର କରି ତଣ୍ଟି ଚିପି ହତ୍ୟା କଲେ । ଏ ସବୁ ଘଟଣା ଏକ ମାତ୍ର ସାକ୍ଷୀ ନାତୁଣୀ ମନୀଷା । ତେଣୁ ସେଠି ଶବ ସତ୍କାର କରିଦେଲୁ ।"

ମୃତ୍ୟୁର ପ୍ରକୃତ ରହସ୍ୟ ଜାଣି ସୁଦ୍ଧା ପ୍ରଶାନ୍ତ ନିରବ ରହୁଥାଏ । ପ୍ରଶାନ୍ତର ଆତ୍ମା କେଉଁ ଦିନଠୁ ମରି ସାରିଥାଏ ପାର୍ଥିବ ଶରୀରଟା ଖାଲି ନାଁ'କୁ ମାତ୍ର ଚଳପ୍ରଚଳ ହେଉଥାଏ । ମନରେ ତା ଗଭୀର କ୍ଷତ । ନିଜ ଭିତରେ ଭିତରେ ଗୁମୁରି ଗୁମୁରି କାନ୍ଦୁଛି ପ୍ରଶାନ୍ତ । ଏପଟେ ଅପବାଦର ଗଭୀର ଅନ୍ଧାର ସେପଟେ ହା ହୁତାଶନର ପ୍ରବଞ୍ଚନା । ଆଉ କେତେ ଦିନ ବା ଆତ୍ମା ରହିତ ଶରୀରଟାକୁ ବଞ୍ଚେଇ ରଖି ପାରିଥାନ୍ତା । ନିବେଦିତା ମୃତ୍ୟୁର ୩୦ ଦିନ, ଦିନ ପ୍ରଶାନ୍ତ ବି ସବୁଦିନ ପାଇଁ ଆଖି ବୁଜିଦେଲା ।

ମନୀଷା ମାଆ ବାପା ଛେଉଣ୍ଡ ପିଲାଟା, ଏବେ ଜେଜେବାପା ତାର ସବୁକିଛି । ସମୟ

 Download Magazine from www.aahwaan.com

ଅତିବାହିତ ହେବ ସହିତ ସବୁ  କ୍ଷତାକ୍ତ ସ୍ମୃତି  ଧୀରେ ଧୀରେ ଅପସରି ଯାଉଥାଏ । ମନୀଷା ଏବେ ଜୀବନ ଜିଇଂବା ଶିଖିଗଲାଣି । ଜେଜେ ବାପା ତା ପାଇଁ ସବୁକିଛି । ମନୀଷା ଏ ଭିତରେ ବହୁତ ବଡ ହୋଇସାରିଲାଣି । ଏବେ ସେ କଲେଜ ଗଲାଣି । ଜେଜେ ବାପା ଏବେ ଅଶୀତିପର ବୃଦ୍ଧ । ତାଳ ବରଡ଼ା  ପରି ଜୀବନ ଆଜି ଅଛି କଲି କଥା କୁ ଭରସା ପାଉନି । ସେ ମନୀଷା କୁ ହାତ କୁ ଦିହାତ କରିଦେଲେ, ନିସ୍ତାର ପାଇବେ  ।

ଏବେ ଦି,ଚାରିଦିନ ହେବ ଏକ ଦାମୀ କାର  ଗାଁ ଭିତର ଦେଇ ଚକର କାଟୁଛି । ତା' ପରେ  ଗାଁ ମୁଣ୍ଡ ସ୍କୁଲ ଆଗରେ କିଛି ସମୟ ରହି ପୁଣି ଫେରି ଯାଉଛି । ସନ୍ଧ୍ୟା ହେଲେ ମନୀଷା ଘର ଆଗରେ ଥିବା ଗଙ୍ଗଶିଉଳି ଲତା ପାଖରେ କିଛି ସମୟ ସେମିତ ସେ କାରଟି ରହେ ପୁଣି ଫେରି ଯାଏ ।  ମନୀଷା ର ଜେଜେ ଏବେ ଟିକେ ଚିନ୍ତାଗ୍ରସ୍ତ ଲାଗୁଛନ୍ତି । ଯେତେ ଶୀଘ୍ର ମନୀଷା ର ବାହାଘର କରିବାକୁ ତତ୍ପର ହୋଇପଡିଛନ୍ତି ।

ଏବେ ଗୁଜବ ଜୋର ଧରିଛି ଯେ ନିବେଦିତା କୁଆଡେ ଜୀବିତ । ପାଖ ଗାଁ ର ସେ ଲୋକଟି ନିବେଦିତା କୁ ମୁମ୍ବାଇ ରେ  ଦେଖିଛି  । ମୁମ୍ବାଇ ସହରର ଜଣେ ବିଶିଷ୍ଟ ଶିଳ୍ପପତି ସେ । ମୁମ୍ବାଇ ସହରରେ ଖୁବ ଖାତିର ତାର । କିନ୍ତୁ ନିବେଦିତା ଆଜି  ଘୁରିବୁଲେ ମମତା ନଦୀତୀରେ, ଅବଶୋଷ ଘେରା ନିଦାଘ ନିଆଁରେ ସେ ଆଜି ଦଗ୍ଧୀଭୂତ । କାଲି ପରି ଆଜି ବି ସେ ଅପୂର୍ଣ୍ଣତାରୁ ମୁକୁଳି ପାରୁନି । ସମୁଦ୍ର କୂଳେ ଥାଇ ବି ସେ ତୃଷାର୍ତ୍ତ .. ! ଯୋ ସୁଖ ର ମୋହରେ ସେ ସବୁ ବନ୍ଧନ କୁ ତୁଚ୍ଛ ମନେକରି ଚାଲି ଆସିଥିଲା ସେ ସୁଖଟିକକ ବି ତା ପାଇଁ ସେ କେତେ ଉହଳ ବିକଳ ହେଉଛି, ନିବେଦିତା ନିଜେ ଜାଣିଛି । ସେ ସେଦିନ ଯେଉଁ ଶିଳ୍ପପତି ଙ୍କ ସହିତ ନିଜ ଛୁଆ ଓ  ସ୍ୱାମୀ କୁ ପରକରି ଚାଲି ଆସିଥିଲା । ସେ ନିଜେ ନିଜକୁ ବାରମ୍ବାର ପ୍ରଶ୍ନ କରିଛି । ବୈବାହିକ ସମ୍ପର୍କ ର ଅର୍ଥ କଣ ସେ ଏବେ ବୁଝି ପାରୁଛି । ନିରୁତା ନିବିଡ଼ତା କେତେ ମହନୀୟ ଓ ତା ସୁଖ କେତେ ଉର୍ଦ୍ଧରେ ସେ ଭାବିବା ଛଡା ତା ପାଇଁ ସବୁ

Download Magazine from www.aahwaan.com

ବାଟ ବନ୍ଦ । ନିବେଦିତା ବୟସ୍କ ହେବା ସହିତ ତା ରୂପ ସୌନ୍ଦର୍ଯ୍ୟ ର ଚମକ ମଳିନ ହୋଇ ଆସିଛି । ତେଣୁ ସେ ଏବେ ଅଲୋଡ଼ା ହୋଇ ଯାଇଛି । ଜନୈକ ଶିଳ୍ପପତି ଆଉ ଏକ ସୁନ୍ଦର ତରୁଣୀ ସହ ବ୍ୟସ୍ତ ।

ନିବେଦିତା ନିଜ ଛୁଆକୁ ଥରେ ଦେଖିବା ଲାଗି କେତେ ଥର ନିଜ ଗାଁକୁ ଆସିଛି ସବୁଥର ନିରାଶ ହୋଇ ଫେରିଛି । କାଳେ ସେ ସ୍କୁଲକୁ ଯାଇଥିବ ସ୍କୁଲ ଆଗରେ ସ୍କୁଲ ଛୁଟି ହେବ ଯାଏଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିରହୁଥାଏ । କେବେ ତା ଇପ୍ସିତ କାମନା ଫଳବତୀ ହୋଇ ନାହିଁ । ସେ ନିଷ୍ଠୁର ଭାବେ ହତାଶ ହୋଇ ଫେରିଛି ସବୁଥର । ସେ ହଠାତ ଯୁଝି ପାରିଛି । ମନୀଷା ଆଉ ଛୋଟ ଛୁଆ ହୋଇ ନାହିଁ ସେ ତ ଏବେ ବହୁତ ବଡ ହୋଇ ଯିବଣି.. ! !

ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି ଆଜି ମନୀଷା ର ବାହାଘର । ନିବେଦିତା ପାଗଳ ପ୍ରାୟେ ଦଉଡ଼ି ଆସିଛି । ଦିନର ଆଲୋକ ରେ ସେ ଯାଇ ପାରୁନି ଦୂରରେ ରହି ଅନ୍ଧାରକୁ ଅପେକ୍ଷା କରିଛି । ଅନ୍ଧାର ବି ଆଜି ଲୁଚେଇ ପାରୁନି ତା କୋହ । ନିଜ ନିଜ ଭିତରେ ଛାଟି ପିଟି ହେଉଛି । ତା ଅନ୍ତର କିଏ ବିଦାରି ପକାଉଛି । ତା ସମଗ୍ର ଦେହ ଅଜଣା କାରୁଣ୍ୟ ଗୋଟାପଣ ଥରୁଛି । ସେ ବାରମ୍ବାର ଚେଷ୍ଟା କରୁଛି ମନୀଷା କୁ ଥରେ ଆଖି ପୁରେଇ ଦେଖିବାକୁ । ସତ ଚେଷ୍ଟା ସତ୍ୱେ ପାରୁନି ...

କେହି ଜଣେ ତା ଆଡକୁ ମାଡି ଆସୁଛି । ମନୀଷା ନିଜେ ନିଜକୁ ପ୍ରକୃତିସ୍ଥ ହୋଇଛି । ନିଜକୁ ଗଙ୍ଗଶିଉଳି ଲତା ଆଢୁଆଳେ ଲୁଚାଇ ଦେଇଛି । ସେ ଲୋକ ନିବେଦିତାକୁ ଅତିକ୍ରମ କରି ଚାଲିଯାଉଛି, ସେ ତ ନିବେଦିତା ତ ଶଶୁର, ପ୍ରଶାନ୍ତ ର ବାପା .. ! ବାହାଘରେ ସଭିଏଁ ବ୍ୟସ୍ତ ଓ ଗହଳ ଚହଳ ରାତିଯାକ ଲାଗିରହିଥାଏ । ଏଣେ ନିବେଦିତା ଖୁବ ନିଃସଙ୍ଗ , ଦୀର୍ଘ ଓ ଗଭୀର ଶୂନ୍ୟତା । ମାତୃତ୍ଵ ର ବୁକୁଫଟା ଆକୁଳ ଚିତ୍କାର ସେ ଅସହାୟ ଭେଦ କରି

Download Magazine from www.aahwaan.com

ବାହାରି ପାରୁନି । ତା ଅନୁରଣିତ କରୁଣତା ଭିତରେ ଗୁଂଜରିତ ହୋଇ ମିଳେଇଯାଏ । ସେ ଗହଳି ଚହଳି ଭିତରେ ନିଜର ସ୍ଥିତି କୁ କଳ୍ପନା କରିବାକୁ ନିବେଦିତା ସମ୍ପୂର୍ଣ୍ଣ ବିଫଳ ।

ନିବେଦିତାର ଇଚ୍ଛା ହେଉଛି ଅତି ଜୋର ରେ କାନ୍ଦିବାକୁ ଥରେ ଆକୁଳ ଚିତ୍କାର କରି । କୋହତକ ଲୁହ ହୋଇ ବହି ଯାଆନ୍ତା ... ! ନାଁ, ତା ଲୁହ ବି ତା ସାଥ ଦେବାକୁ ମୁହଁ ଫେରେଇ ନେଇଛି ଆଜି ।

ନିବେଦିତା ନୀରବରେ ଦେଖୁଛି ଝିଅ ବିଦା ହେଉଛି । ସଭିଏଁ ତାକୁ ଘେରି ରହି କାନ୍ଦ ବୋବାଳି କରୁଛନ୍ତି । ମନୀଷା ତା କାନ୍ଦ କାନ୍ଦ ମୁହଁ ଏପଟକୁ ବୁଲାଉଛି, ନିବେଦିତା ମନରେ ଏକ ଅଜଣା ଶିହରଣ ଖେଳି ଯାଉଛି .. ! ନାଁ, କେହି ଜଣେ ମନୀଷା କୁ କୁଣ୍ଢେଇ ଧରିଛି । ନିବେଦିତା ଶେଷ ଥର ବି ବଞ୍ଚିତ ହୋଇଛି ନିବେଦିତାକୁ ଦେଖିବାରୁ ... !

ନିବେଦିତାର ଚିବୁକକୁ ଦୁଇ ଟୋପା ଉତପ୍ତ ଲୁହ କି ଲହୁ ଛୁଇଁଲାଣି । ବାରମ୍ବାର ଚେଷ୍ଟା କରୁଛି ପ୍ରଶାନ୍ତ ର ମୁହଁ ଥରେ ମନେ ପେକେଇବାକୁ । ନା, ପ୍ରଶାନ୍ତ ର ମୁହଁ ମନେପକେଇ ପାରୁନି । ମନୀଷା ର ମୁହଁ ବି ମନେ ପକେଇ ପାରୁନି । ସେ ନିଜେ ନିଜର ସ୍ଥିତି ବାରିପାରୁନି ..

ନିବେଦିତା ର ପ୍ରାଣ ଆତ୍ମା ଛଟପଟ, ଅତୃପ୍ତ ଜ୍ୱାଳା ସେ ଦଗଦୀଭୁତ ..

ସକାଳକୁ ଗାଁ ମୁଣ୍ଡରେ ପ୍ରବଳ ଗହଳି । ଗାଁ ମୁଣ୍ଡରେ ଥିବା ଆମ୍ବଗଛରେ ଏକ ଦାମୀ କାର ଧକାଖାଇ ଦୁର୍ଘଟଣାଗସ୍ତ । ସେଥିରେ ଥିବା ଜନୈକ ମହିଳା ଜଣକ ମୃତ ...

କଲ୍ୟାଣ ପୁର, ନୟାଗଡ

ମୋ 9861060152

Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁଲାଇ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ଜୁଲାଇ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for JULY 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Download Magazine from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।


ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Download Magazine from www.aahwaan.com




ଯେଉଁ ବନ୍ଧୁମାନଙ୍କର ଲେଖା ଚଳିତ ସଂସ୍କରଣରେ ସ୍ଥାନ ପାଇପାରିନାହିଁ, ସେମାନେ ହତୋତ୍ସାହିତ ହୁଅନ୍ତୁ ନାହିଁ । ପୁଣିଥରେ ନିଜ ଲେଖାକୁ ଇମେଲ୍ ଦ୍ୱାରା ଆମ ନିକଟକୁ ପଠାନ୍ତୁ । ଆହ୍ୱାନ ପ୍ରତିମାସରେ ପ୍ରକାଶିତ ହୁଏ । ଯଦି ଆପଣଙ୍କ ଲେଖାକୁ ବିନା ଅପେକ୍ଷାରେ ପ୍ରକାଶିତ କରିବାକୁ ଚାହୁଁଛନ୍ତି ତେବେ ଗୁଗୁଲ୍ ପ୍ଲେ ଷ୍ଟୋରରୁ 'Odia Sahitya' ଆପ୍ ଡାଉନଲୋଡ୍ କରି ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ ଏବଂ ଯେ କୌଣସି ସମୟରେ ଲେଖା ପ୍ରକାଶିତ କରନ୍ତୁ ।

